# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୧୩/୨୦୧୮ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, October 13/ 2018 | ★★

୧୪ଶ ଭାଗ ୨୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






*ସର୍ତ୍ତ ଓ ନିୟମାବଳୀ ଲାଗିବ। ବିଶଦ ବିବରଣୀ ପାଇଁ ଦେଖନ୍ତୁ: www.bajajauto.com/555offer। ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ ବଦଳାଇବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି। ଥର୍ଡ ପାର୍ଟୀ ଇନ୍‌ସ୍ୟୋରାନ୍‌ସ ଓ କମ୍ପଲସରୀ ପର୍ସନାଲ୍ ଆକ୍ସିଡେଣ୍ଟ କଭର୍ ମାଗଣା ବୀମା ଅଫର୍'ର ଅଂଶ ନୁହେଁ। କେବଳ ପ୍ଲାଟିନା, ଡିସ୍କଭର୍, V15, ପଲସର୍ 150 ଓ ପଲସର୍ 160 ସକାଶେ 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍‌ସ ମାଗଣା ମିଳୁଛି। ସବୁ ବାଇକ୍ ପାଇଁ ବଜାଜ ଅଟୋ 3 ମାଗଣା ସର୍ଭିସ୍ (କେବଳ ଲେବର୍, କିଣିବାର ପ୍ରଥମ ବର୍ଷରେ) ଅଫର୍ କରୁଛି। 2 ଅତିରିକ୍ତ ମାଗଣା ସର୍ଭିସ୍ CT100, ପ୍ଲାଟିନା, ଡିସ୍କଭର୍, V15 ଓ ସବୁ ପଲସର୍ ସକାଶେ ମିଳୁଛି। ସବୁ ବଜାଜ ବାଇକ୍ ଉପରେ 5 ବର୍ଷର ୱାରେଣ୍ଟୀ ମିଳୁଛି। ଇନ୍‌ସ୍ୟୋରର୍ ମାନଙ୍କ ସୂଚୀ ନିର୍ଦ୍ଦେଶକ ଅଟେ, ଯାହା ପ୍ରତି ବିକ୍ରେତା ଡୀଲର୍‌ଙ୍କ ଠାରେ ଭିନ୍ନ ହୋଇପାରେ। ନିର୍ଦ୍ଦେଶକ ବୀମା ସଞ୍ଚୟ ବିଭିନ୍ନ ଇନ୍‌ସ୍ୟୋରର୍ ଙ୍କ ମଧ୍ୟରେ ଅଲଗା ହୋଇପାରେ। ଫାଇନାନ୍‌ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍‌ସ ନିର୍ଭର କରେ।

**Authorised Dealers for Bajaj Auto Ltd.:** Sambalpur: UJJWAL BAJAJ 9853155550 • Rourkela: RM BAJAJ 90780 83803 • Baragrh CHANDAN BAJAJ 7381415555 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 7205535008.
**Authorised Service Centre:** Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Titilagarh 9437322996, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018 , Barpali 9861368656, Junagarh 9437092196, Muniguda 9437458426, Rajkhariar 8249940196, Udyanbandh 9337683275, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989,Kuchinda 9437392099, Deogarh 9437020444, Sundargarh 9437203163, Rajgangpur 8908908901, Ujjwalpur 9178463828, Diptipur- 7750039856, Godbhaga 9937514987.




CRIMSOUNE CLUB

**FASHION WEAR: ODISHA: BHUBANESWAR: BHAWANI MALL:** (Ph: 0674-6002132), **FORUM MART:** (Ph: 0674-2380834), **KESHRI MALL:** (Ph: 0674-2532877), **PAL HEIGHT:** (Ph: 0674-6055700), **BALAGIR:** (Ph: 06652-232801), **BHAWANIPATNA:** (Ph: 06670-231500), **CUTTAK:** (Ph: 0671-2418625), **JAJPUR ROAD:** (Ph: +91 9776525254), **TALCHER:** (Ph: 0676-0242888), **ANGUL:** (Ph: +91 9437015719), **RAYAGADA:** (Ph: +91 9437055033) | **SIS:** Tulsi Showroom **(Kantabanji)**, Planet Harjeet **(Sambalpur)**, Indira Plaza **(Rourkela)**, Kaluram Durgaprasad Megashop **(BARIPADA)**, SRI DURGA RETAIL PVT LTD, **(BERHAMPUR)**, The Fashion Planet **(Dhenkanal)**, Modi Collection **(ANGUL)**, PLAZA FASHION WORLD **(BARIPADA)**, S.G Fashion **(Rajkhariar)**, Kanak Garment **(KEONJHAR)**, Triveni Royal **(JAJPUR ROAD)**, Fashion House **(Semiliguda)**, Shree Ashoka Fashions Shop **(Bhadrak)** | **JRS FASHION. NEW STORE:** Radhagobinda Market Complex **Baripada, Odisha** (Ph: +91-9861271830) | Sai Garments Plot No- 4763/4764, Khatano-3470/3277, Dhenkanal Mauza, Meena Bazar **Dhenkanal, Odisha** (Ph: +91-9853130307) | **Also available at all leading stores & Reliance Trends** | Mail us: mail@crimsouneclub.com

Now available at: **www.crimsouneclub.com** |

Mahindra Rise.




ପ୍ରତ୍ୟେକ କ୍ରୟ ଉପରେ ପାଆନ୍ତୁ ଟ୧୦୦୦ ଠାରୁ ୧୦୦୦୦ ଟଙ୍କା ପର୍ଯ୍ୟନ୍ତ ସୁନିଶ୍ଚିତ ଉପହାର*

| BOLERO POWER PLUS | SCORPIO | XUV500 | TUV300 | KUV100 NXT |
|---|---|---|---|---|
| ₹ 33,000* ପର୍ଯ୍ୟନ୍ତ ର ଲାଭ | ₹ 38,000* ପର୍ଯ୍ୟନ୍ତ ର ଲାଭ | ₹ 35,000* ପର୍ଯ୍ୟନ୍ତ ର ଲାଭ | ₹ 38,000* ପର୍ଯ୍ୟନ୍ତ ର ଲାଭ | ₹ 72,000* ପର୍ଯ୍ୟନ୍ତ ର ଲାଭ |

Special benefits to the Employees of Corporates, Govt, CSD/CPC & SMEs (Company name) For Fleet & Bulk enquiries contact sales.corporate@mahindra.com

Privilege CORPORATE & FLEET

*Terms & Conditions apply. Offer valid on select models till stocks last. Insurance is a subject matter of solicitation and is at the discretion of the Insurance Company. This offer cannot be clubbed with any other offer. Offer mentioned is the maximum benefit available, subject to insurance and finance availed through dealership only. It includes exchange bonus (through Mahindra X Mart/First Choice counters only) and corporate bonus as applicable. Extent of discount will vary if vehicle is purchased against cash, extent of funding exposure, insurance options available with dealership. Offer will vary depending on the brand and model purchased and may vary from city to city. Contact your nearest Mahindra dealer for exact details. Terms of the offer may be altered/amended/withdrawn without prior notice. Accessories shown are not part of standard equipment. For more information please visit: www.mahindraauto/nearestdealership. T&C apply. For Corporate/Fleet/CSD & CPC enquiries writes to us as sales.corporate@mahindra.com

with you hamesha 1800-209-6006 | XMart EXCHANGE OR BUY. WITH TRUST.

**KRISHNA AUTOMOBILES: ROURKELA, SUNDERGARH, SAMBALPUR, JHARSUGUDA, BARGARH, DEOGARH: 7574891581, MINERVA AUTOMOBILES: BOLANGIR, SONEPUR, KALAHANDI, NUAPADA: 7574891579, 7574891577, BHAWANIPATNA: 8114378322, MIDWAY MOTORS: BOUDH: 7574808731**

The prize money mentioned is the total amount of money to be own by all customers during this scheme period *Conditions Apply, Scheme includes consumer offer, exchange bonus & corporate benefits.

ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୧୩/୨୦୧୮ Sambalpur, Saturday, October 13/ 2018



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ପିନୁ
ପରିବାରବର୍ଗ



ବୁଢ୍ଢୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

## automobile

### SALE

Dushera Dhamaka sales for preowned car. Renault Koleous 4X4MT 2014, Audi Q7 2013, Figo Titanium 2015, Figo Titanium 2010, Eco Sport Titanium 2013, Etios 2013, Ritz 2010. Contact: 8750472269. D-8885

## real estate

### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ସୁନ୍ଦରପଦା କୁହା ମୌଜାରେ ଘରବାରି ପ୍ଲଟ ବିକ୍ରିହେବ। 9861964818, 9439364818, 9337766961. D-8670

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 9348253463, 8908292617.** D-8889

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Booking simplex 2BHK 1200 sqft. land Tankapaniroad Saitemple 26,19,000/- 7735738102. D-8741

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8869

Gharabari plot with 30' wide revenue road and electricity near Patia station, Bhubaneswar. 9437827966. D-8875

New ready to move bungalow sale at DPS School Nakhara, Bhubaneswar. Price 90 lakhs. 9437260818. D-65023

**3BHK ready to move premium duplex at DHPL Sahoo Residency near Manchestwar Railway Station. Contact: 9937059891, 9348253463, 8908292617.** D-8890

Gharabari plot with boundary near Utkal Height Pahala, Nakhara OMFED, East College Bazarsahi, NIT Chandaka, Arugul near IIT: 9439889903, 9861158141. D-65024

## construction

**Construct your dream home @450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-8891

## astrology

All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828



**Happy Birthday Wish**

(ବୁଢ୍ଢୀ)

### ମଧୁସ୍ମିତା ମହାରଣା

ଜୀବନ ତୋହର ସରସ ସୁନ୍ଦର
ରଖିଥାନ୍ତୁ ଭଗବାନ।
ଆମ ସ୍ମୃତିପଟେ ତୋର
ପ୍ରତିଛବି ରହିଥାଉ ସବୁଦିନ।

ଜଗତରନାଥ ଜଗନ୍ନାଥ ତୋର ଚଲାପଥକୁ କୁସୁମିତ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ବଡ଼ବାବା, ମାମା, ବାବା, ବୋଉ, ତିନିମାମୁ, ତିନିମାଇଁ, ମଉସା, ମାଉସୀ, ଭାଉଜ, ବାବୁନନା, ବବିନନା, ଲିପୁନନା, ବାପୁନନା, କାଳିଆନନା, ପପୁନନା, ତପୁନନା, ଚୁଇଁନା, ଗୁଗୁ, ଚିକିପୁଅ, ଗୁଡି, ରାନୀ, ପ୍ରିୟଙ୍କା ଓ ପରିବାରବର୍ଗ। ଧ-୬୫୦୨୨



**ଜନ୍ମଦିନ ଶୁଭେଚ୍ଛା**

(ପିନୁ)

### ଭାଗ୍ୟ ଦାଶ

ପିତା- ଶ୍ରୀବିବେକାନନ୍ଦ ଦାଶ (ପିଣ୍ଟୁ), ମାତା- ଶିପ୍ରା ଦାଶ (କୁନ୍ଦୁ)

ଜନ୍ମ ତାରିଖ: ୧୩।୧୦।୨୦୧୩ (ମହାନବମୀ, ଦଶହରା)

ଗ୍ରାମ/ ପୋ- ପଳସା, ଜିଲ୍ଲା- ଜଗତସିଂହପୁର

ତୋର ପଞ୍ଚମ ଜନ୍ମବାର୍ଷିକ ଉତ୍ସବ ଅବସରରେ ଶ୍ରୀଗଣେଶ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ, ନିରାମୟ ଜୀବନ ପ୍ରଦାନ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ବାବା, ମାଆ, ବୋଉମା(ଜେଜେମା), ମାମୁ, ଅଜା, ବୋଉ(ଆଇ), ସାନଅଜା, ମାଉସୀମାନେ ଓ ପରିବାରବର୍ଗ। ଧ-୮୮୧୫

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷ ଜାନୁୟାରୀ-ଅଗଷ୍ଟରେ ଭାରତ ଏବଂ ଆଜାରବେଜାନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୬୫୭.୯ ନିୟୁତ ଡଲାର ରହିଛି-ବାଣିଜ୍ୟ ମନ୍ତ୍ରଣାଳୟ




■ସ୍ୱାମୀ ସମ୍ମୁଖରେ ସ୍ତ୍ରୀଙ୍କୁ ଗଣବଳାତ୍କାର ଉଦ୍ୟମ ଘଟଣା

# ଶେଷରେ ଆଖି ବୁଜିଲେ ପୀଡ଼ିତା

■ପୀଡ଼ିତା ଥିଲେ ସାଢ଼େ ୮ ମାସର ଗର୍ଭବତୀ

■ବ୍ୟବଚ୍ଛେଦରେ ବାହାରିଲା ଶିଶୁପୁତ୍ରର ମୃତଦେହ

■କଟାପାଲି ଗ୍ରାମରେ ପୁଣି ଚାପା ଉତ୍ତେଜନା

**ବରଗଡ଼ ଅଫିସ,୧୨।୧୦**

ବରଗଡ଼ ଟାଉନ ଥାନା ଅନ୍ତର୍ଗତ କଟାପାଲି ଗ୍ରାମ ନିକଟ ଏକ ଫାର୍ମ ହାଉସରେ ଗତ ଜୁନ ୨୨ତାରିଖ ରାତିରେ ଦୁର୍ବୃତ୍ତଙ୍କ ଗଣବଳାତ୍କାର ଉଦ୍ୟମର ସମ୍ମୁଖୀନ ହୋଇଥିବା ଜଣେ ଗର୍ଭବତୀଙ୍କ ମୃତ୍ୟୁ ହୋଇଛି । ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଗୁରୁବାର ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଛି । ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମକୁ ଫେରିବା ପରେ ଘଟଣାଟି ଏଠାରେ ଆଲୋଡ଼ନ ଖେଳାଇ ଦେଇଛି। ଗଣବଳାତ୍କାରର ସମ୍ମୁଖୀନ ହେବା ପରେ ନାନା ଧମକଚମକ ମିଳିଥିଲା ଏବଂ ଏଥିପାଇଁ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ । ଡାକ୍ତରଖାନାରେ ମଧ୍ୟ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ନ ମିଳିବାରୁ ତାଙ୍କ ମୃତ୍ୟୁ ହେଲା ବୋଲି ପୀଡ଼ିତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି ।

କଟାପାଲିର ଏକ ଫାର୍ମ ହାଉସରେ ଏକ ଦମ୍ପତି କାମ କରୁଥିଲେ । ସ୍ୱାମୀ କଟାପାଲି ବାସିନ୍ଦା ଓ ସ୍ତ୍ରୀ ସୁନ୍ଦରଗଡ଼ ଅଞ୍ଚଳର । ଉଭୟେ ପ୍ରେମବିବାହ କରିଥିଲେ। ତେବେ ଗତ ଜୁନ ୨୨ତାରିଖ ରାତ୍ରିରେ ଏହି ଦମ୍ପତି ଫାର୍ମ ହାଉସରେ ଏକାକୀ ଥିବା ସୁଯୋଗ ନେଇ ୩ଜଣ ଯୁବକ ସେଠାକୁ ପହଞ୍ଚିଥିଲେ । ସ୍ୱାମୀଙ୍କୁ ମାରପିଟ୍ କରି ତାଙ୍କ ସମ୍ମୁଖରେ ପୀଡ଼ିତାଙ୍କୁ ସେମାନେ ଗଣବଳାତ୍କାର ଉଦ୍ୟମ କରିଥିଲେ । ସୌଭାଗ୍ୟକ୍ରମେ ଫାର୍ମ ହାଉସ ମାଲିକ ସେଠାକୁ ପହଞ୍ଚିଥିଲେ ଏବଂ ଜଣେ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ଏହି ଦମ୍ପତିଙ୍କୁ ଉଦ୍ଧାର କରିଥିଲେ । ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଅନ୍ୟ ୨ଅଭିଯୁକ୍ତ ଖସିଯାଇ ଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୀଡ଼ିତା, ତାଙ୍କ ସ୍ୱାମୀ ଏବଂ ଗ୍ରାମବାସୀ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ପରେ ପୋଲିସ ଫେରାର ଦୁଇ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଥିଲା । ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତ ଏବେ ବରଗଡ଼ ସବଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି।

ତେବେ ଅଭିଯୁକ୍ତମାନେ କୁଆଡେ ଜେଲରୁ ମୁକୁଳିଲେ ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକଚମକ ଦେଇ ଆସୁଥିଲେ ବୋଲି ପୀଡ଼ିତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି । ଏହାପରେ ଏହି ଦମ୍ପତି ନିଜକୁ ଆଉ ସୁରକ୍ଷିତ ମଣି ନ ଥିଲେ ଏବଂ ଫାର୍ମ ହାଉସ୍‌ରେ ନ ରହି ଗ୍ରାମକୁ ଚାଲିଆସିଥିଲେ। ଗଣବଳାତ୍କାର ଉଦ୍ୟମ ଘଟଣା ଏବଂ ସେଭଳି ଧମକଚମକକୁ ନେଇ ପୀଡ଼ିତା ସବୁବେଳେ ଚିନ୍ତିତ ରହି ଖିଆପିଆ କରୁ ନ ଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଠିକ୍ ନ ଥିଲା । ଫଳରେ ଗତ ୫ଦିନ ତଳେ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ରକ୍ତହୀନତା ଦେଖାଯିବାରୁ ତାଙ୍କୁ ୩ୟୁନିଟ୍ ରକ୍ତ ମଧ୍ୟ ଦିଆଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ ହୋଇଥିଲା ।

ପ୍ରକାଶଥାଉକି, ଗଣବଳାତ୍କାର ଉଦ୍ୟମବେଳେ ପୀଡ଼ିତା ୫ମାସର ଗର୍ଭବତୀ ଥିଲେ । ଆସନ୍ତା ନଭେମ୍ବର ୪ତାରିଖ ପ୍ରସବ ଦିବସ ବୋଲି ଡାକ୍ତର ଧାର୍ଯ୍ୟ କରିଥିଲେ। ଗଣବଳାତ୍କାର ଉଦ୍ୟମ ଘଟଣାକୁ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୨୯୩/୧୮) ରୁଜୁ କରିଥିବାବେଳେ ପୀଡ଼ିତାଙ୍କ ମୃତ୍ୟୁ ପରେ ଗ୍ରାମରେ ଚାପା ଉତ୍ତେଜନା ଦେଖାଯାଇଛି । ଏହାକୁ ନେଇ ଖବର ଲେଖାହେବା ସୁଦ୍ଧା (ରାତ୍ରି ୮ଟା ) ଗ୍ରାମରେ ବୈଠକ ଚାଲିଥିବା ସୂଚନା ମିଳିଛି ।

# ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସ୍ତରରେ ଶୁକ୍ରବାର ସାମାନ୍ୟ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ଅଗସ୍ତିଙ୍କୁ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ୍ ଶକ୍ତି ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ଅଶୋକ କୁମାର ଦାଶଙ୍କୁ ରେଭେନ୍ସାର ନୂତନ ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ମିଳିଛି।

ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ସଚିବ ଥିବା ଚିତ୍ତରଞ୍ଜନ ପାତ୍ରଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ମୟୂରଭଞ୍ଜ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ତୁଷାରକାନ୍ତ ମହାନ୍ତିଙ୍କୁ କଟକସ୍ଥିତ ଜମି ରେକର୍ଡ ଏବଂ ସର୍ଭେ କାର୍ଯ୍ୟାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। କେନ୍ଦୁଝରର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଥିବା ସମ୍ବିତ କୁମାର ନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମ ସଚିବ, ଓପିଏସ୍‌ସିର ଅତିରିକ୍ତ ସଚିବ ଥିବା ସିଓନା ମିଶ୍ରଙ୍କୁ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ଫୁଡ୍ କମିଶନରଙ୍କ ସଦସ୍ୟ ସଚିବା ଥିବା ରାଜଶ୍ରୀ ମହାନ୍ତିଙ୍କୁ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ, ସିଏଚ୍ଏସ୍‌ଇର ପ୍ରଶାସନିକ ଅଧିକାରୀ ଥିବା ଶିବାନୀ ମହାନ୍ତିଙ୍କୁ ଫୁଡ୍ କମିଶନରଙ୍କ ସଦସ୍ୟ ସଚିବ ଭାବେ ନିଯୁକ୍ତି ମିଳିଛି।

ସେହିପରି ଶିଶୁ ଅଧିକାର ସୁରକ୍ଷା କମିଶନ ସଚିବ ଥିବା ଦେବଯାନୀ ଧଳଙ୍କୁ ସିଏଚ୍ଏସ୍‌ଇ ପ୍ରଶାସନିକ ଅଧିକାରୀ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଉପସଚିବ ଥିବା ମାନସୀ ମାନ୍ଧତାଙ୍କୁ ସମାନ ପଦରେ ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ ବଦଳି କରାଯାଇଛି। ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସୋସାଇଟି ପ୍ରଶାସନିକ ଅଧିକାରୀ ଥିବା ସୋନିଆ ବେହେରାଙ୍କୁ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ସଚିବ ଭାବେ ଦାୟିତ୍ୱ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଉପଜିଲାପାଳ ଥିବା ସଙ୍ଗୀତା ବେହେରାଙ୍କୁ ଜିଲା ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦାୟିତ୍ୱ, ମହେନ୍ଦ୍ର ମହାପାତ୍ରଙ୍କୁ ସମ୍ବଲପୁର ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ନୀଳଗିରି ତହସିଲଦାର ମନୋରମା ଭୂୟାଁଙ୍କୁ ଭଦ୍ରକ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି।

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଶରତ ଚନ୍ଦ୍ର ପଣ୍ଡା**

ଆବିର୍ଭାବ: ୦୧।୦୩।୧୯୩୩

ତିରୋଧାନ: ୨୫।୦୯।୨୦୧୭

ଚାହୁଁ ଚାହୁଁ ବର୍ଷେ ପୂରିଗଲା ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହ ଆଦର ବାନ୍ଧି ରଖିବାର କ୍ଷମତା ସବୁବେଳେ ମନେପଡୁଥିବ। ତୁମ ଆଶୀର୍ବାଦ ଆମ ଉପରେ ଥାଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ, ଭାଇ, ଭାଇବୋହୂ, ପୁଅ, ବୋହୂ, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୬୫୧୧୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବିରଞ୍ଚି ନାରାୟଣ ପ୍ରଧାନ**

ଶିକ୍ଷକପଡ଼ା, ଅନୁଗୋଳ

ଜନ୍ମ: ୨୦।୧୨।୧୯୩୨

ତିରୋଧାନ: ୦୩।୧୦।୨୦୧୮

ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପତ୍ନୀ- ପୁଷ୍ପରାନି ପ୍ରଧାନ, ପୁଅ- ରାଜେନ୍ଦ୍ର କୁମାର ପ୍ରଧାନ, ଧୀରେନ୍ଦ୍ର କୁମାର ପ୍ରଧାନ, ଝିଅ- ଶାନ୍ତିରାଣୀ ପ୍ରଧାନ, ବୋହୂ, ନାତୁଣୀ, ନାତି ଓ ପ୍ରଧାନ ପରିବାରବର୍ଗ। ଧ-୮୮୯୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଫକୀର ମିଶ୍ର**

ଆବିର୍ଭାବ: ୧୯୨୮

ତିରୋଧାନ: ୨୦୧୭

ବିଶ୍ୱନାଥପୁର, ସାକ୍ଷୀଗୋପାଳ

ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି କରାନ୍ତୁ କେବଳ ଏତିକି ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁବାନ୍ଧବ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୮୮୯୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦଶାହ ଉପଲକ୍ଷେ



**ସ୍ୱର୍ଗତ ପରେଶ ଚନ୍ଦ୍ର ଦାଶ**

ପୂର୍ବତନ ମୁଖ୍ୟଯନ୍ତ୍ରୀ ଜଳସମ୍ପଦ ବିଭାଗ

ଆବିର୍ଭାବ: ୨୬।୦୯।୧୯୪୭

ତିରୋଧାନ: ୦୪।୧୦।୨୦୧୮

ବିଧିର ବିଧାନ ବିଚିତ୍ର- ସେଦିନ ଥିଲା ଶ୍ରାଦ୍ଧୋତ୍ସବର ପବିତ୍ର ପରିବେଶ, ଏକତ୍ର ହୋଇଥିଲେ ସମସ୍ତ ବନ୍ଧୁ, ପରିଜନ ଓ ସହୋଦରମାନେ। ଆନନ୍ଦର ଆତିଶଯ୍ୟରେ ଆପଣ ଗପିଚାଲିଲେ.. ହଠାତ୍ କଥା ଅଟକି ଗଲା ଓଠରେ.. ନିର୍ବାକ୍, ନିସ୍ପନ୍ଦ ଶରୀର, ସବୁଚେଷ୍ଟା ବିଫଳ ହେଲା, ଆଖିଖୋଲି କାହାକୁ ଚାହିଁଲେନି ଆପଣ, ଅସମୟରେ କେଉଁ ଅଜଣା ରାଜ୍ୟକୁ ଚାଲିଗଲେ, ରହିଗଲା ଖାଲି ଅସରନ୍ତି ସ୍ମୃତି ଆଉ ପ୍ରଶ୍ନବାଚୀ। ହେ ଦେବାତ୍ମା ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୮୮୯୮

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅମ୍ବିକା ଚରଣ ପଟ୍ଟନାୟକ**

ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର

ଆବିର୍ଭାବ: ୩୧।୦୩।୧୯୩୭

ତିରୋଧାନ: ୦୩।୧୦।୨୦୧୮

ଚାହୁଁ ଚାହୁଁ ବିତିଗଲା ଦଶଦିନ, ଅଫେରା ରାଇଜେ ତୁମେ,
ବିଶ୍ୱାସ ହେଉନି ତୁମେ ନାହଁ ବୋଲି, ଝୁରି ହେଉଅଛୁ ଆମେ।
ପୁଅ ଝିଅ ପତ୍ନୀ ବ୍ଲାଇଁ ଓ ନାତୁଣୀ, ପୁତୁରା ଝିଆରି ଯେତେ,
ସଭିଏଁ କାନ୍ଦନ୍ତି ମୁଣ୍ଡବାଡେଇ, ଫେରିବନି ତୁମେ ସତେ।
ଆତ୍ମାର ତୁମ ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା ଆମ,
ପରମାତ୍ମା ସଙ୍ଗେ ମିଶୁ ତବ ଆତ୍ମା, ପୂର୍ଣ୍ଣ ହେଉ ମନସ୍କାମ।

ଇତି ତୁମର: ସ୍ତ୍ରୀ- ରୁନି, ପୁଅ-ମୁନା, କୁନା, ବୋହୂ- ପୁଷ୍ପ, ଗୁଲି, ପୁତୁରା- ଟୁଟୁ, ମିଠୁ, ଗିଟୁ, ବ୍ଲାଇଁ- ବାବୁଲି, ଝିଆରୀ- ଗୀତି, ଟିକିଲି, ନାତି ଓ ନାତୁଣୀ- ସିଲ୍‌କି ଓ ଶୁଭମ। ଧ-୮୮୮୪

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶ୍ୟାଧିପତିଙ୍କ ସୁପ୍ରଭାବରେ ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହେବେ। ପ୍ରତ୍ୟେକ କାମ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ହେବ, କିନ୍ତୁ ଯଦି ତରବରିଆ ପଦକ୍ଷେପ ନେବେ ତେବେ ବେଶି ହଇରାଣ ହେବେ। ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବୃଷ** ସ୍ୱସ୍ଥାନସ୍ଥ ଶୁକ୍ର ହେତୁ ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା, ପ୍ରଶାସନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ସମ୍ଭାବନା ରହିଛି।

**ମିଥୁନ** ସୁବିଧା ସୁଯୋଗ ରହିଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ। କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ** ବାକି ପଡିଥିବା କାମକୁ ସମ୍ପୂର୍ଣ୍ଣ କରିବା ସକାଶେ କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। ପ୍ରତ୍ୟେକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ସଭାସମିତିରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ ।

**କନ୍ୟା** ସହକର୍ମୀଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇବେ। ଯାତ୍ରା କାଳରେ କୌଣସି ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବାକୁ ପଡିପାରେ। ମାଲିମକଦ୍ଦମା, ତର୍କବିତର୍କ, ସଭାସମିତି, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। କଚେରି ମାମଲାରେ ବିଳମ୍ବ ଜନିତ ଅଶାନ୍ତି ଅନୁଭବ କରିପାରନ୍ତି।

**ତୁଳା** ଅଯଥାରେ ବିରକ୍ତି ପ୍ରକାଶ କରି ବିଭିନ୍ନ ପ୍ରକାର କଥା କହିବା କାରଣରୁ ବିବାଦ ବଢ଼ିପାରେ। ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା,ସାହିତ୍ୟ, ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଯେତେ ଚେଷ୍ଟା କଲେ ମଧ୍ୟ ହଠାତ୍ କୌଣସି ଆଶାନୁରୂପ ସଫଳତା ମିଳି ନ ପାରେ।

**ବିଛା** ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନାକାଳରେ ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ଶତ୍ରୁତା କରିପାରନ୍ତି। ଆଜି ଦିନଟିରେ ଯାନବାହନରେ ସତର୍କତା ରକ୍ଷା କରନ୍ତୁ, ଆଲୋଚନା ମାଧ୍ୟମରେ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବାଣିଜ୍ୟ,ବ୍ୟବସାୟରେ ଉନ୍ନତି କରିବେ।

**ମକର** ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କୁମ୍ଭ** ଦୀର୍ଘଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବି ଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ** ବହୁପୂର୍ବରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ, କିନ୍ତୁ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ । ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଆଶ୍ୱିନ ଶୁକ୍ଳ ପଞ୍ଚମୀ, ଶନିବାର, ଅକ୍ଟୋବର ୧୩ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୨।୦୮ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୩୦ମି. ଗତେ ଘ୧।୦୦ମି. ମଧ୍ୟେ, ଘ୨।୨୫ମି. ଗତେ ଘ୩।୫୨ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୧୧ମି. ଗତେ ଘ୮।୩୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୬ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୧୩/୨୦୧୮ | Sambalpur, Saturday, October 13/ 2018 | ପୃଷ୍ଠା-୧




**ଏସିଆନ ପାରା ଗେମ୍ସ: ଡବଲ୍ସରେ ପ୍ରମୋଦଙ୍କୁ ବ୍ରୋଞ୍ଜ**
ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ଏସଏଲ୩ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ୧୫

୧୦ **ଅଭିନୟ ବନ୍ଦ କରିନାହିଁ: ନେହା ଧୁପିଆ**
କିଛିଦିନ ମଧ୍ୟରେ ମା’ ହେବାକୁ ଯାଉଥିବା ନେହା କହନ୍ତି, ସେ ଏଥିପାଇଁ ଅଭିନୟ ବନ୍ଦ କରୁନାହାନ୍ତି।




ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଯୋଗ ଦେବେ ୫୦ କମ୍ପାନୀ | ନଭେମ୍ବର ୫ରୁ ବରଗଡ଼ରେ ଧାନକିଣା | ୫ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ କଲେଜିୟମ୍ ସୁପାରିସ | ଆଜିଠୁ ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ଆରମ୍ଭ | ପୃଷ୍ଠା ୩


# ଉଜାଡ଼ିଦେଲା ‘ତିତ୍‌ଲି’ ବର୍ଷା

- ଦକ୍ଷିଣ ଓଡ଼ିଶା ସ୍ଥିତି ସଙ୍ଗିନ
- କାନ୍ଥ ପଡ଼ି ୬ ମୃତ
- ଗଞ୍ଜାମ, ଗଜପତି, ରାୟଗଡ଼ା ଜିଲା ଜଳାର୍ଣ୍ଣବ
- ବଂଶଧାରା, ଋଷିକୁଲ୍ୟା, ଜଳକାରେ ବନ୍ୟା ପରିସ୍ଥିତି
- ୭ ଦିନରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ନୌସେନାର ସହାୟତା ଲୋଡ଼ିଲେ ରାଜ୍ୟ ସରକାର
- କେନ୍ଦ୍ରରୁ ମଗାଗଲା ୨ ହେଲିକପ୍ଟର
- ୬ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୨।୧୦ (ବ୍ୟୁରୋ)

ସାମୁଦ୍ରିକ ଝଡ଼ ‘ତିତ୍‌ଲି’ ଉପକୂଳ ଅତିକ୍ରମ କରି ଯାଇଥିଲେ ମଧ୍ୟ ଏହାର ପ୍ରଭାବରେ ଦକ୍ଷିଣ ଓଡିଶା ଛାରଖାର ହୋଇଯାଇଛି। ଝଡ଼ ଏହାର ପରବର୍ତ୍ତୀ ବର୍ଷା ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାକୁ ଉଜାଡି ଦେଇଛି । ପୁରୀ, କନ୍ଧମାଳ ଓ କେନ୍ଦ୍ରାପଡା ଜିଲା ମଧ୍ୟ ପ୍ରଭାବିତ ହୋଇଛି। ଘରଦ୍ୱାର, ରାସ୍ତାଘାଟ, ବିଲବାଡି ଚାରିଆଡ ଜଳାର୍ଣ୍ଣବ। ବିଭିନ୍ନ ସ୍ଥାନରେ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ବିଦ୍ୟୁତ ଓ ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଭିନ୍ନ ଅଞ୍ଚଳରେ ଲୋକମାନେ ପାଣି ଘେରରେ ରହିଛନ୍ତି। ବର୍ଷା ପାଣିରେ ବଂଶଧାରା ଓ ଋଷିକୁଲ୍ୟା ନଦୀ ଫୁଲି ବିପଦ ସଙ୍କେତ ଉପରକୁ ଚାଲି ଯାଇଛି। ଗତ ଦୁଇଦିନ ଧରି ପ୍ରବଳରୁ ଅତି ☞ପୃଷ୍ଠା–୧୦

# ପାହାଡ଼ ଧସି ୧୨ ମୃତ୍ୟୁ ଆଶଙ୍କା

- ତିତ୍‌ଲି ପାଇଁ ଗୁମ୍ଫାରେ ଆଶ୍ରୟ ନେଇଥିଲେ

ପାରଳାଖେମୁଣ୍ଡି(ସ୍ୱ.ପ୍ର.)/ଭୁବନେଶ୍ୱର(ବ୍ୟୁରୋ),୧୨।୧୦

ଆନ୍ଧ୍ର ସୀମାନ୍ତ ତଥା ଗଜପତି ଜିଲା ରାୟଗଡ଼ ବ୍ଲକର ଗଙ୍ଗାବାଡ଼ ପଞ୍ଚାୟତ ଅନ୍ତର୍ଗତ ବାରଘର ଗାଁରେ ପାହାଡ଼ ଧସି ୧୨ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗତ ବୁଧବାର ତିତ୍‌ଲି ପ୍ରଭାବରେ ଗାଁରେ ବନ୍ୟାପାଣି ପଶିବା ପରେ କେତେଜଣ ଲୋକ ନିକଟସ୍ଥ ପାହାଡ଼ରେ ଥିବା ଗୁମ୍ଫାରେ ଆଶ୍ରୟ ନେଇଥିଲେ। ପାଣି ଛାଡ଼ି ନ ଥିବାରୁ ସେମାନେ ଶୁକ୍ରବାର ସୁଦ୍ଧା ଫେରି ନ ଥିଲେ। ହେଲେ ଲଗାଣ ବର୍ଷା ଯୋଗୁ ପାହାଡ଼ ଧସିଯାଇ ଆଶ୍ରୟ ନେଇଥିବା ଗ୍ରାମବାସୀଙ୍କ ମଧ୍ୟରୁ ୧୨ ଜଣ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଏହାସହ ଅନ୍ୟ ୪ ଜଣ ଫସିରହିଥିବା ମଧ୍ୟ ଅନୁମାନ କରାଯାଉଛି। ମୃତକଙ୍କ ମଧ୍ୟରେ ୫ ଜଣ ଶିଶୁ ଥିବା କୁହାଯାଉଛି। ☞ପୃଷ୍ଠା–୧୦




# ବିଚାରପତିଙ୍କୁ ଛୁଟି ମନା

**କଟକଣା ଜାରିକଲେ ସିଜେଆଇ**

ନୂଆଦିଲ୍ଲୀ,୧୨।୧୦

ଅତି ଜରୁରୀ ନ ହେଲେ ବିଚାରପତିମାନେ କାର୍ଯ୍ୟଦିବସରେ ଛୁଟି ନେଇପାରିବେ ନାହିଁ। କୋର୍ଟଗୁଡ଼ିକରେ ବର୍ଷ ବର୍ଷ ଧରି ବହୁସଂଖ୍ୟକ ମାମଲା ଗଡୁଥିବାରୁ ଉଚିତ ସମୟରେ ସେଗୁଡ଼ିକର ବିଚାର ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଶୁକ୍ରବାର ବିଚାରପତିମାନଙ୍କ ଛୁଟି ଉପରେ କଟକଣା ଜାରି କରିଛନ୍ତି। ଜଷ୍ଟିସ୍ ଗୋଗୋଇ ଅକ୍ଟୋବର ୩ରେ ୪୬ତମ


ସିଜେଆଇ ରଞ୍ଜନ ଗୋଗୋଇ

ସିଜେଆଇ ଭାବେ ଶପଥ ନେଇଥିଲେ। ଏହାର ଦୁଇଦିନ ପରେ ସେ ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତି ଓ ଅନ୍ୟୂନ ୨ ବରିଷ୍ଠ ବିଚାରପତିଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଥିଲେ। ସମୟବଦ୍ଧ ଭାବେ ମାମଲାଗୁଡ଼ିକର ଶୁଣାଣି ଓ ନ୍ୟାୟପାଳିକାରେ ଦୁର୍ନୀତି ରୋକିବା ଉପରେ ସେ ସେମାନଙ୍କଠାରୁ ପରାମର୍ଶ ଲୋଡିଥିଲେ। ବିଚାରପତିମାନେ ମଧ୍ୟ ଅନୁରୂପ ଭାବେ ଏହାର ସମାଧାନ ପାଇଁ ତାଙ୍କୁ କେତେକ ପ୍ରସ୍ତାବ ଦେଇଥିଲେ। ନ୍ୟାଶନାଲ୍ ଜୁଡିସିଆଲ୍ ଡାଟା ଗ୍ରୀଡ୍ ☞ପୃଷ୍ଠା–୧୦

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

**ସୁରକ୍ଷା ରଣନୀତି**

**ଆଜିର ମନ୍ତବ୍ୟ**

“ନୈତିକତାର ବିପରୀତ ଦିଗରେ ଯାତ୍ରା କରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।
–ଶକ୍ତିସିନ୍ ଗୋହିଲ୍, କଂଗ୍ରେସ ମୁଖପାତ୍ର

ବିଜେଡି ଜାରିକଲା ୧୪ ଜଣିଆ ମୁଖପାତ୍ର ତାଲିକା ........୧୦.........


NECC NATIONAL EGG CO-ORDINATION COMMITTEE 12.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 61 | 107 | 117 |
| DKL | 61 | 107 | 117 |
| BDK | 62 | 109 | 119 |
| BLS | 64 | 111 | 121 |
| ANG | 62 | 109 | 119 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers







# ସୁରକ୍ଷା ରଣନୀତି



ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଜାତୀୟ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଚେଷ୍ଟା କରିଛନ୍ତି। ଗତ କିଛିମାସ ଭିତରେ ସରକାର ପ୍ରତିରକ୍ଷା ଯୋଜନା କମିଟି (ଡିପିସି) ଗଠନ କରିଛନ୍ତି, ଜାତୀୟ ସୁରକ୍ଷା କାଉନ୍‌ସିଲ ସେକ୍ରେଟାରିଏଟ୍ ପାଇଁ ବଜେଟ୍ ବୃଦ୍ଧି କରିଛନ୍ତି ଏବଂ ଜାତୀୟ ସୁରକ୍ଷା ପରିଷଦକୁ ସହାୟତା କରିବା ପାଇଁ ଷ୍ଟ୍ରାଟେଜିକ୍ ପଲିସି ଗ୍ରୁପ୍ (ଏସ୍‌ପିଜି)ର ପୁନର୍ଗଠନ କରିଛନ୍ତି। ଏଥିସହ ସରକାର ଭାରତର ବର୍ତ୍ତମାନ ଓ ଭବିଷ୍ୟତ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ତିନିଜଣ ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା, ଜଣେ ସାମରିକ ପରାମର୍ଶଦାତା ନିଯୁକ୍ତି ସହ ଚାଇନା ଉପରେ ଅନୁଧ୍ୟାନ ନିମନ୍ତେ ଏକ ଉତ୍ସର୍ଗୀକୃତ ଥିଙ୍କ୍ ଟ୍ୟାଙ୍କ୍ ଗଠନ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ନିର୍ଦ୍ଦେଶମତେ ଜାତୀୟ ସୁରକ୍ଷା ଢାଞ୍ଚାର ଯେଉଁ ସମୀକ୍ଷା କରାଯାଇଥିଲା, ଏହିସବୁ ପରିବର୍ତ୍ତନ ହେଉଛି ତାହାର ଫଳଶ୍ରୁତି। ଏହିସବୁ ପରିବର୍ତ୍ତନ ଉପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏସବୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ଉତ୍ଥାନକୁ ଇଙ୍ଗିତ କରୁଛି, ଯିଏ କି ସରକାର ଷ୍ଟ୍ରାଟେଜିକ୍ ପଲିସି ଗ୍ରୁପ୍‌ର ପୁନର୍ଗଠନ କରିବା ଓ ସେଥିରେ ଡୋଭାଲଙ୍କୁ ଅଧ୍ୟକ୍ଷ କରିବା ଲାଗି ନିଷ୍ପତ୍ତି ନେବା ପରେ ଅଧିକ ଶକ୍ତିଶାଳୀ ହୋଇଯାଇଛନ୍ତି। ପୂର୍ବରୁ କ୍ୟାବିନେଟ୍ ସଚିବ ଥିଲେ ଗ୍ରୁପ୍‌ର ଅଧ୍ୟକ୍ଷ। କିନ୍ତୁ ବର୍ତ୍ତମାନ କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ସ୍ଥାନରେ ଡୋଭାଲ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏଣିକି ସିହ୍ନା ଏ ସମ୍ପର୍କିତ କୌଣସି ପ୍ରସଙ୍ଗରେ ଡୋଭାଲଙ୍କୁ ରିପୋର୍ଟ କରିବେ। ସମ୍ଭବତଃ ଦେଶରେ ଏହା ପ୍ରଥମ ଥର ପାଇଁ ଘଟୁଛି। ୧୯୯୮ରେ ଜାତୀୟ ସୁରକ୍ଷା ପରାମର୍ଶଦାତା ପଦବୀ ସୃଷ୍ଟି ହେବା ପରଠାରୁ ପ୍ରଥମ ଥର ପାଇଁ ବରିଷ୍ଠତମ ଅମଲାତନ୍ତ୍ରୀ ଓ ତିନି ବାହିନୀର ସେନା ମୁଖ୍ୟ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର (ଡୋଭାଲ)ଙ୍କୁ ରିପୋର୍ଟ କରିବାକୁ ଯାଉଛନ୍ତି। ପୂର୍ବରୁ ଜଣେ ମାତ୍ର ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା ରହୁଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ତିନିକୁ ବୃଦ୍ଧି କରାଯିବା ଯୋଗୁ ଡୋଭାଲଙ୍କ ଭୂମିକା ଆହୁରି ଶକ୍ତିଶାଳୀ ହୋଇଯାଇଛି।

କେତେକେ ଯୁକ୍ତି କରିପାରନ୍ତି ଯେ, ଯେହେତୁ ଏନ୍‌ଏସ୍‌ଏ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ଅଧିକାରୀ, ତେଣୁ ତାଙ୍କର ସ୍ଥାନ କ୍ୟାବିନେଟ୍ ସଚିବଙ୍କ ଉପରେ। ତଥାପି ଜାତୀୟ ପ୍ରଶାସନିକ ସେବାର ମୁଖ୍ୟ ଏନ୍‌ଏସ୍‌ଏଙ୍କୁ ରିପୋର୍ଟ କରିବା କଥାଟାକୁ ଅନେକେ ଗ୍ରହଣ କରିପାରୁ ନାହାନ୍ତି। ଯଦି ଏନ୍‌ଏସ୍‌ଏ ମୋଦି ସରକାର ପାଇଁ ଏତେ ଅପରିହାର୍ଯ୍ୟ, ତା'ହେଲେ ତାଙ୍କୁ କେନ୍ଦ୍ର କ୍ୟାବିନେଟ୍‌ର ସଦସ୍ୟ କରିଦେଲେ ଭଲ ହୁଅନ୍ତା ବୋଲି ଅନେକେ ମତ ଦିଅନ୍ତି। ଆଉ କେତେକେ ଆଶଙ୍କା କରୁଛନ୍ତି ଯେ, ଷ୍ଟ୍ରାଟେଜିକ୍ ପଲିସି ଗ୍ରୁପ୍‌ର ହଠାତ୍ ନବୀକରଣ ଫଳରେ ଏନ୍‌ଏସ୍‌ଏ ଡୋଭାଲଙ୍କର ଯେଉଁ କ୍ଷମତା ବୃଦ୍ଧି ପାଇଛି, ତାହା ଉପର ସ୍ତରରେ ଅସନ୍ତୁଳନ ସୃଷ୍ଟି କରିପାରେ। ତେବେ ଏସବୁ ବିତର୍କର ବିଷୟ। କିନ୍ତୁ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରତିରକ୍ଷା ଯୋଜନା କମିଟି କ'ଣ କିଛି ସଫଳତା ପ୍ରଦର୍ଶନ କରିପାରିବ ? ସେପରି କିଛି ଜଣାପଡୁନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, ମୋଦି ସରକାର ଭାବିଛନ୍ତି ଦେଶର ସୁରକ୍ଷା ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ତାଙ୍କ ଇଚ୍ଛାକୁ ଡୋଭାଲ ହିଁ କେବଳ ସାକାର କରିପାରିବେ।

## ଡିଜିପି ନିଯୁକ୍ତି

ଥରକ ପାଇଁ ହେଉ ପଛେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏବଂ ତାଙ୍କର ହରିୟାଣା ପ୍ରତିପକ୍ଷ ମନୋହର ଲାଲ ଖଟ୍ଟାର ଏକା ପୃଷ୍ଠାରେ ସ୍ଥାନ ପାଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏକ ଆଦେଶନାମାର ପୁନଃସମୀକ୍ଷା କରିବା ପାଇଁ ଉଭୟେ ଚାହୁଁଛନ୍ତି। ସୁପ୍ରିମ୍‌କୋର୍ଟ ରାୟ ଦେଇଥିଲେ ଯେ, ଦିଲ୍ଲୀ, ଅରୁଣାଚଳପ୍ରଦେଶ ଓ ପଣ୍ଡିଚେରୀ ବ୍ୟତୀତ ଅନ୍ୟ ରାଜ୍ୟଗୁଡ଼ିକର ପୋଲିସ ମହାନିର୍ଦ୍ଦେଶକ ନିଯୁକ୍ତିରେ ୟୁପିଏସ୍‌ସିର ସବୁଠାରୁ ଅଧିକ ଭୂମିକା ରହିବ। କିନ୍ତୁ ଦିଲ୍ଲୀ, ଅରୁଣାଚଳପ୍ରଦେଶ ଓ ପଣ୍ଡିଚେରୀରେ କେନ୍ଦ୍ର ସରକାର ହିଁ ପୋଲିସ ଡିଜି ନିଯୁକ୍ତ କରିବେ। ୟୁପିଏସ୍‌ସି ତିନିଜଣ ବରିଷ୍ଠ ଅଧିକାରୀଙ୍କର ଏକ ପ୍ୟାନେଲ ତିଆରି କରିବେ, ଯେଉଁଥିରୁ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣଙ୍କୁ ବାଛିବେ। ସୁପ୍ରିମ୍‌କୋର୍ଟଙ୍କ ଏହି ଆଦେଶନାମା କାର୍ଯ୍ୟକାରୀ ହେଲେ ସଂଘୀୟ ଢାଞ୍ଚା ବିପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀଦ୍ୱୟ ଅନୁଭବ କରି ଏହାର ପୁନଃସମୀକ୍ଷା ପାଇଁ ଅନୁରୋଧ କରିଛନ୍ତି। ଯେହେତୁ ଆଇନଶୃଙ୍ଖଳା ରାଜ୍ୟର ବିଷୟ, ତେଣୁ ଆଇନଶୃଙ୍ଖଳା କଥା ବୁଝୁଥିବା ପୋଲିସ ମୁଖ୍ୟଙ୍କ ନିଯୁକ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ହେବା ଉଚିତ ବୋଲି ସେମାନେ ମତ ଦେଇଛନ୍ତି। ସିଂହଙ୍କ ଯୁକ୍ତି ହେଲା, ଗୋଟିଏ ରାଜ୍ୟ ପାଇଁ ଯେଉଁ ଆଇଏଏସ୍ ଓ ଆଇପିଏସ୍ ଅଫିସରମାନଙ୍କୁ ଦିଆଯାଇଥାଏ, ସେମାନେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ହିଁ ନିଯୁକ୍ତି ପାଇଥାନ୍ତି। ଯେହେତୁ ରାଜ୍ୟ ସରକାର ଜନସାଧାରଣ ଓ ରାଜ୍ୟ ଆଇନ ସଭା ଆଗରେ ଉତ୍ତରଦାୟୀ, ତେଣୁ ଏପରି ଲୋକଙ୍କୁ ଡିଜିପି ଭାବେ ନିଯୁକ୍ତି ଦିଆଯିବା ଉଚିତ, ଯାହାଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କର ପୂର୍ଣ୍ଣ ଆସ୍ଥା ରହିପାରୁଥିବ। ଅବଶ୍ୟ ଏଭଳି ପରମ୍ପରା ଯୋଗୁ ଅତୀତରେ ନିଜର ପ୍ରିୟ ଲୋକମାନଙ୍କୁ ହିଁ ନିଯୁକ୍ତି ଦିଆଯାଇ ଆସୁଥିଲା ଏବଂ ବାରମ୍ବାର ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇ ଆସୁଥିଲା। ଏହା ଅନ୍ୟ ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଥିଲା। ପୋଲିସ ବିଭାଗର ସର୍ବୋଚ୍ଚ ପଦ ପାଇବାରୁ ଅନେକ ଯୋଗ୍ୟ ଅଫିସର ବଞ୍ଚିତ ହେଉଥିଲେ।

Email: dilipcherian@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | D | | 5 | | 8 | 0 | 9 | | | B | |
| | C | 8 | | | | | | 1 | D | | | 3 | | 0 |
| | | | | | | D | | | | C | | | | E |
| | | | 5 | | | | 3 | | | | | | | |
| | A | | | | 7 | | 4 | | 2 | | 8 | | | 1 |
| | | | 4 | | | | | | 8 | 1 | 9 | A | | 7 |
| 6 | 0 | | | | | | | 2 | 5 | | D | | 3 | C |
| | E | | | | 8 | | 1 | | | | | | 0 | 9 |
| | 3 | D | C | | 2 | | A | 7 | | 0 | B | | | |
| | 9 | | | | | | | D | | 7 | | 6 | | 2 |
| B | | 2 | A | | | | | | | | | | 6 | 8 |
| | | 3 | 8 | | E | 9 | | | 4 | | | | 1 | 5 |
| | 7 | | 2 | | C | | B | A | | | | | 9 | |
| | | | | 1 | | 6 | | | B | | | | | |
| | | C | | 5 | | E | 2 | | 1 | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 0 | 3 | D | 4 | E | 9 | 1 | 5 | 6 | 7 | B | C | 8 | 2 |
| 4 | D | 6 | 2 | 3 | C | 0 | 7 | B | 8 | 5 | A | E | 1 | 9 |
| 2 | E | 9 | 5 | B | 6 | D | 4 | 8 | C | 0 | 1 | A | 3 | 7 |
| B | 1 | 7 | 9 | A | 8 | 6 | C | 3 | D | 2 | E | 0 | 5 | 4 |
| 8 | C | 5 | 0 | 7 | 1 | A | 2 | E | 9 | 3 | 4 | B | D | 6 |
| 1 | 8 | E | 6 | 5 | 3 | C | A | 7 | 0 | D | 2 | 9 | 4 | B |
| 9 | 2 | A | 1 | 8 | 4 | 5 | 6 | 0 | E | B | 3 | D | 7 | C |
| 3 | 5 | B | 7 | E | 9 | 4 | D | 1 | A | 8 | C | 6 | 2 | 0 |
| 7 | 4 | 0 | B | C | D | E | 8 | 2 | 5 | 6 | 9 | 1 | A | 3 |
| D | 6 | C | A | 2 | 0 | B | 3 | 9 | 4 | 1 | 7 | 5 | E | 8 |
| 0 | A | 8 | C | D | 7 | 1 | B | 6 | 2 | 4 | 5 | 3 | 9 | E |
| 5 | 9 | 2 | 3 | 6 | B | 7 | 0 | 4 | 1 | E | D | 8 | C | A |
| 6 | 3 | 1 | E | 9 | 2 | 8 | 5 | C | 7 | A | 0 | 4 | B | D |
| E | 7 | D | 4 | 0 | 5 | 3 | 9 | A | B | C | 8 | 2 | 6 | 1 |
| C | B | 4 | 8 | 1 | A | 2 | E | D | 3 | 9 | 6 | 7 | 0 | 5 |

ଗତକାଲିର ଉତ୍ତର

# ସର୍ବୋଚ୍ଚ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



ମନ–ମାନଚିତ୍ର
ଡ. ନରହରି ବେହେରା

ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ସ୍ଥାନ କୌଣସି ପବିତ୍ର ଦେବାଳୟଠାରୁ କମ୍ ନୁହେଁ। ଯେକୌଣସି ବିବଦମାନ ବିଷୟରେ ନ୍ୟାୟାଳୟର ନିର୍ଣ୍ଣାୟକ ମନ୍ତବ୍ୟକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାନ୍ତି ଜନସାଧାରଣ। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ କେତୋଟି ରାୟ ଶୁଣାଇଛନ୍ତି, ସେଗୁଡ଼ିକ ରାଜନୀତିକ, ସାମାଜିକ ଏବଂ ପାରମ୍ପରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ରାୟ ଉପରେ ବିତର୍କ ହେବା ସ୍ୱାଭାବିକ।

ନିର୍ବାଚନ ହେଉଛି ଗଣତନ୍ତ୍ରର ମଙ୍ଗଳ ଆଳତି। ଏହାକୁ ସ୍ୱଚ୍ଛ, ନିରପେକ୍ଷ କରିବା ପାଇଁ ଏକ ନିଷ୍କଳଙ୍କ ଦରଦୀ ନେତା ସର୍ବାଦୌ ବାଞ୍ଛନୀୟ। ତେଣୁ ବିଭିନ୍ନ ଅପରାଧରେ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ନିର୍ବାଚନଠାରୁ ଦୂରେଇ ରଖିବାକୁ ପ୍ରତ୍ୟେକ ସଚେତନ ନାଗରିକ ଚାହିଁଥାନ୍ତି। ଏ ସମ୍ପର୍କରେ ମାନ୍ୟବର ସର୍ବୋଚ୍ଚ ଅଦାଲତ କହିଛନ୍ତି, ଦାଗୀ ନେତାମାନଙ୍କୁ ନିର୍ବାଚନ ଲଢ଼ିବାରୁ ରୋକାଯିବ କି ନାହିଁ, ତାହା ଚିନ୍ତା କରିବା ଅଦାଲତଙ୍କ କାମ ନୁହେଁ। ରାଜନୀତିରେ ଅପରାଧୀକରଣ ଓ ଦୁର୍ନୀତିର ବୃଦ୍ଧି ଗଣତନ୍ତ୍ର ପାଇଁ କ୍ଷତିକାରକ ହୋଇଥିବାରୁ ବ୍ୟବସ୍ଥାପିକା ଏ ସଂକ୍ରାନ୍ତରେ ଆଇନ କରିବା ଆବଶ୍ୟକ। କିନ୍ତୁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ତୁରନ୍ତ ଆଇନ ଆଣିବାକୁ ନିର୍ଦ୍ଦେଶ ଦେଇନାହାନ୍ତି। ସମ୍ଭବତଃ ଏହା ପୂର୍ବରୁ ସର୍ବୋଚ୍ଚ ଅଦାଲତ ଜାତିଆଣ ସମ୍ପର୍କରେ ଯେଉଁ ମତ ଦେଇଥିଲେ ସେଥିରେ କ୍ଷୁବ୍ଧ ହୋଇ ସରକାର ଅଦାଲତଙ୍କୁ କହିଥିଲେ, ଅଦାଲତ ତାଙ୍କ କ୍ଷମତାର ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ। ତେଣୁ ଅଦାଲତ ଏ ପରିପ୍ରେକ୍ଷୀରେ କୌଣସି ସିଧାସଳଖ ରାୟ ନ ଶୁଣାଇ ବ୍ୟବସ୍ଥାପିକାକୁ ତା'ର କର୍ତ୍ତବ୍ୟ ମନେପକାଇ ଦେଇ ନୀରବ ରହିଛନ୍ତି। ବାସ୍ତବରେ ଯେଉଁମାନଙ୍କ ନାଁରେ କୌଣସି ଆପରାଧିକ ମାମଲା ଅଛି, ମାତ୍ର ସେମାନଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିନାହାନ୍ତି ତାଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରିବା ଅସାମ୍ବିଧାନିକ ବ୍ୟାପାର ହେବ। କାରଣ କାହା ନାମରେ ଗୋଟିଏ ଅଭିଯୋଗ ଆସିଲେ ସେ ସ୍ୱତଃ ଅପରାଧୀ ହୋଇଯାଏ ନାହିଁ। ସେହି ଆଳରେ ଜଣେ ନେତାଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ଏ କ୍ଷେତ୍ରରେ ସବୁଠାରୁ ବଡ଼ ଅସୁବିଧା ହେଉଛି ବିଳମ୍ବିତ ନ୍ୟାୟ। ବିଳମ୍ବିତ ନ୍ୟାୟ ଯୋଗୁ ବହୁ ଗୁରୁତର ମାମଲାରେ ଜଡ଼ିତ ଥିବା ନେତାମାନେ ଅପରାଧୀ ଭାବରେ ଗଣା ହୋଇପାରନ୍ତି ନାହିଁ। ତେଣୁ ତ୍ୱରିତ ଫଇସଲା ହିଁ ଏହାର ସର୍ବଶ୍ରେଷ୍ଠ ନିରାକରଣ ହୋଇପାରିବ।

ଆଧାର ବୈଧତା ଉପରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହାର ପ୍ରଚଳନକୁ ସଙ୍କୁଚିତ କରିଛନ୍ତି ମାନ୍ୟବର ଅଦାଲତ। ସମୟ ଥିଲା ଭାରତର ଲୋକମାନେ ଭୋଟର ପରିଚୟପତ୍ରଟିଏ ପାଇବା ପାଇଁ ଦୌଡ଼ୁଥିଲେ। ଏବେ ପ୍ରତ୍ୟେକ କାର୍ଯ୍ୟରେ ଆଧାରକୁ ଏକ ଭିତ୍ତି ଭାବରେ ଗ୍ରହଣ କରାଯାଉଥିବାରୁ ସମସ୍ତେ ଆଧାର କାର୍ଡ ଖଣ୍ଡିଏ ପାଇବା ପାଇଁ ଧାଡ଼ି ବାନ୍ଧୁଛନ୍ତି। କାରଣ ଏଥିରେ ବ୍ୟକ୍ତିଙ୍କର ଆଖି, ଟିପଚିହ୍ନ ପ୍ରଭୃତି ଥିବାରୁ ଏହାକୁ ନକଲ କରାଯାଇପାରିବ ନାହିଁ। ତେଣୁ ଏହା ସବୁଠାରୁ ସୁରକ୍ଷିତ। ସର୍ବୋଚ୍ଚ ଅଦାଲତ ଏହାକୁ ସାମ୍ବିଧାନିକ ଭାବେ ବୈଧ ଏବଂ ସୁରକ୍ଷିତ ବୋଲି ଘୋଷଣା କରିଥିଲେ ମଧ୍ୟ ଏହାର ଯଥେଚ୍ଛାଚାର ବ୍ୟବହାରକୁ ସଙ୍କୁଚିତ କରିଛନ୍ତି। ଟେଲିକମ୍ କମ୍ପାନୀ ସହିତ ଘରୋଇ କମ୍ପାନୀ, ବ୍ୟାଙ୍କ, ସ୍କୁଲ ଏବଂ ବିମାନଯାତ୍ରା କ୍ଷେତ୍ରରେ ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ଅଦାଲତ ରାୟ ଦେଇଛନ୍ତି। ଆଧାର ସୁରକ୍ଷିତ ହେଲେ ମଧ୍ୟ ସବୁକ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯିବାରୁ ଜନସାଧାରଣ ଅନେକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିଲେ, ତେଣୁ ଅଦାଲତଙ୍କ ଏହି ରାୟ ସେମାନଙ୍କ ମନରେ ଖୁସି ଆଣିଛି। ମାତ୍ର ଏହି ପାଞ୍ଚଜଣିଆ ଖଣ୍ଡପୀଠଙ୍କ ମଧ୍ୟରୁ ଅନ୍ୟତମ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଆଧାର ସମ୍ପର୍କରେ ଭିନ୍ନମତ ଦେଇ କହିଛନ୍ତି, ଆଧାର ସଂକ୍ରାନ୍ତ ବିଲ୍ ରାଜ୍ୟ ସଭାରେ ଗୃହୀତ ହୋଇ ନ ଥିବାବେଳେ ସର୍ବୋଚ୍ଚ ଅଦାଲତ ଆଧାର ଆଇନକୁ କାର୍ଯ୍ୟକାରୀ କରାଇବା ବ୍ୟବସ୍ଥାପିକା ସଭା ପ୍ରତି ଉପେକ୍ଷା।

ସରକାରୀ ପଦୋନ୍ନତିରେ ସଂରକ୍ଷଣ ଉପରେ ଅଦାଲତଙ୍କ ରାୟ ମଧ୍ୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଫଇସଲା। ୨୦୦୬ ମସିହାରେ ସର୍ବୋଚ୍ଚ ଅଦାଲତର ପାଞ୍ଚଜଣିଆ ଖଣ୍ଡପୀଠ ବିଚାରବିମର୍ଶ କରିବା ପରେ ତତ୍କାଳୀନ ମୁଖ୍ୟ ବିଚାରପତି ଏଚ୍.ଏସ୍. କାପାଡ଼ିଆ ସଂରକ୍ଷଣ କ୍ଷେତ୍ରରେ କେତୋଟି ସର୍ତ୍ତ ରଖିଥିଲେ। ଏହି ସର୍ତ୍ତ ଅନୁଯାୟୀ ସଂରକ୍ଷିତ ବର୍ଗର କର୍ମଚାରୀଙ୍କ ଅବସ୍ଥାକୁ ବିଚାରକରି ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ଦିଆଯିବ କି ନାହିଁ ବିଚାର କରାଯିବ। ମାତ୍ର କୌଣସି ସରକାର ସେ ସମ୍ପର୍କରେ ତଥ୍ୟ ଦେଲେ ନାହିଁ। ତେଣୁ ଏହି ସର୍ତ୍ତକୁ ଚାଲେଞ୍ଜ କରି କେନ୍ଦ୍ର ସରକାର ଅପିଲ କରିଥିଲେ। ସର୍ବୋଚ୍ଚ ଅଦାଲତ ପୂର୍ବ ସର୍ତ୍ତଗୁଡ଼ିକ ସହିତ ଆଉ ଦୁଇଟି ସର୍ତ୍ତ ଯୋଡ଼ିଛନ୍ତି– ସଂରକ୍ଷିତ ବର୍ଗ କର୍ମଚାରୀଙ୍କର ଉପଯୁକ୍ତ ସଂଖ୍ୟା ପ୍ରତିନିଧିତ୍ୱ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରି ଏବଂ ସଂରକ୍ଷଣଭିତ୍ତିକ ପଦୋନ୍ନତି ସମୟରେ ପ୍ରଶାସନିକ ବ୍ୟବସ୍ଥା କିପରି ପ୍ରଭାବିତ ନ ହେବ ସେଥିପ୍ରତି ଧ୍ୟାନ ଦେଇ ସଂରକ୍ଷଣ ଲାଗୁ କରିବାକୁ କହିଛନ୍ତି।

ପରକୀୟା ପ୍ରୀତିକୁ ଅପରାଧମୁକ୍ତ କରିବା ହେଉଛି ସବୁଠାରୁ ବିତର୍କିତ ରାୟ। ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୭ ଅନୁଯାୟୀ ଜଣେ ବିବାହିତ ମହିଳାଙ୍କ ସହିତ ତାଙ୍କ ସ୍ୱାମୀଙ୍କ ସହମତି ବିନା କୌଣସି ବିବାହିତ ପୁରୁଷ ଶାରୀରିକ ସମ୍ପର୍କ ରଖିଲେ ତା'କୁ ପରକୀୟା ପ୍ରୀତି କୁହାଯାଏ। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ପରକୀୟା ପ୍ରୀତିରେ ଲିପ୍ତ ଥିବା ପୁରୁଷଙ୍କ ବିରୋଧରେ ଫୌଜଦାରି ଦଣ୍ଡବିଧି ଆଇନର ଦଫା ୧୯୮ ଅନୁସାରେ ମାମଲା ଦାୟର କରିପାରୁଥିଲେ। ସମ୍ପୃକ୍ତ ପୁରୁଷ ଦୋଷୀ ସାବ୍ୟସ୍ତ ହେଲେ ସର୍ବାଧିକ ପାଞ୍ଚବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗୁଥିଲେ। ଏ କ୍ଷେତ୍ରରେ ପରକୀୟା ପ୍ରୀତିରେ ଲିପ୍ତ ସ୍ତ୍ରୀଙ୍କ ବିରୋଧରେ ସ୍ୱାମୀ କୌଣସି ମାମଲା ଦାୟର କରିପାରୁ ନ ଥିଲେ। ଅପରପକ୍ଷରେ ପରକୀୟା ପ୍ରୀତିରେ ସମ୍ପୃକ୍ତ ଥିବା ପୁରୁଷର ସ୍ତ୍ରୀ ମଧ୍ୟ କୌଣସି ପଦକ୍ଷେପ ନେଇପାରୁ ନ ଥିଲେ। ନାରୀଙ୍କ ସ୍ୱାଧୀନତା କ୍ଷୁଣ୍ଣ କରୁଥିବା ଏହି ଆଇନର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରିଥିଲେ କେରଳର ଜଣେ ପ୍ରବାସୀ ଭାରତୀୟ ଯୋଶେଫ୍ ସାଇନି। ସରକାର ଏହି ଚାଲେଞ୍ଜକୁ ଖାରଜ କରିବା ପାଇଁ ଯୁକ୍ତି କରିଥିଲେ ଯେ, ପରକୀୟା ପ୍ରୀତିକୁ ଦଣ୍ଡମୁକ୍ତ କରାଗଲେ ଏହା ସାମାଜିକ ଏବଂ ପାରିବାରିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିବ। ଆମ ସମାଜର ପରମ୍ପରା ଏବଂ ଭାବନାକୁ ସମ୍ମାନ ଦିଆଯିବା ଉଚିତ। ମାତ୍ର ଖଣ୍ଡପୀଠ ଏ ଯୁକ୍ତିକୁ ଗ୍ରହଣ କରି ନ ଥିଲେ। ପରକୀୟା ପ୍ରୀତିରେ ଉଭୟ ପୁରୁଷ ଓ ନାରୀ ସହମତି ଭିତ୍ତିରେ ଯୌନ ସମ୍ପର୍କ ରଖୁଥିବାରୁ କେବଳ ପୁରୁଷ କାହିଁକି ଦଣ୍ଡିତ ହେବେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏହି ଭେଦଭାବ ସମ୍ବିଧାନର ଧାରା ୧୪, ୧୫ ଓ ୨୧କୁ ଉଲ୍ଲଂଘନ କରୁଛି। ଅନ୍ୟପକ୍ଷରେ ନାରୀର ଯୌନ ସ୍ୱାଧୀନତା ରହିଛି, ଅନ୍ୟ ପୁରୁଷ ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ସ୍ୱାମୀଙ୍କର ଅନୁମତି ନେବା ଅନାବଶ୍ୟକ। କାରଣ ସ୍ତ୍ରୀ ସ୍ୱାମୀଙ୍କର ସମ୍ପତ୍ତି ନୁହେଁ। ତେଣୁ ଏହି ଧାରା ଅସାମ୍ବିଧାନିକ। ସର୍ବୋଚ୍ଚ ନ୍ୟାୟାଳୟ ଏହି ରାୟ ସହ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୭ ଓ ଫୌଜଦାରି ଦଣ୍ଡବିଧି ଆଇନର ଧାରା ୧୯୮କୁ ରଦ୍ଦ କରିବା ସହିତ ପରକୀୟା ପ୍ରୀତିକୁ ଆଧାର କରି ଛାଡ଼ପତ୍ର ଆବେଦନ କରାଯାଇପାରିବ ଓ ଏହାକୁ ଅଦାଲତ ତଥ୍ୟ ଭାବରେ ଗ୍ରହଣ କରିବେ ବୋଲି କହିଛନ୍ତି। ମାତ୍ର ରକ୍ଷଣଶୀଳ ଭାରତୀୟ ସମାଜରେ ଏହାଦ୍ୱାରା ପାରିବାରିକ ଜୀବନ ଅଧିକ ବିପନ୍ନ ହେବ ଏବଂ ବ୍ୟଭିଚାର ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି। ସର୍ବୋଚ୍ଚ ଅଦାଲତଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟଗୁଡ଼ିକ ଭବିଷ୍ୟତରେ ଆମ ସାମାଜିକ ଜୀବନରେ କି ପ୍ରଭାବ ପକାଉଛି, ତାହା ସମୟ କହିବ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ, ଭଦ୍ରକ, ମୋ– ୭୯୭୮୯୦୩୫୦୯

# ସରଳତାର ସଂଜ୍ଞା



ସୁଧିରାଜ ରାଉତ

ବନ୍ଧୁ ଆଉ ମୁଁ ଫେରୁଥାଉ ମାଲକାନଗିରିରୁ। ସର୍ପିଳ ରାସ୍ତା, ଅଙ୍କାବଙ୍କା ନଈ, ଶାଳ, ପିଆଶାଳର ମାଇଲ ମାଇଲ ସାମ୍ରାଜ୍ୟ। ବନ୍ଧୁ କହିଲେ– ଏହି ଘଞ୍ଚ ବନାନୀ, ଦୁର୍ଗମ ପାହାଡ଼ ଓ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ କିଛି ଧୂର୍ତ୍ତ ସେମାନଙ୍କୁ ଧରାଇ ଦେଇଛନ୍ତି ବନ୍ଧୁକ, ସଜାଇ ଦେଇଛନ୍ତି ମାଓବାଦୀ। ମୁଁ ଝରକା ଆଉ ଝରଣା ଆଡୁ ମୁହଁ ଫେରାଇ ବନ୍ଧୁଙ୍କୁ କହିଲି– ସରଳତା ଶବ୍ଦଟିକୁ ଆମେ ଯତ୍ରତତ୍ର ବ୍ୟବହାର କରୁଛୁ। ଆଦିବାସୀଙ୍କ ଶିକ୍ଷାର ଅଭାବ, ଅଜ୍ଞାନତା, ମାନସିକ ଅନଗ୍ରସରତାର ସୁଯୋଗ ନେଉଛନ୍ତି ଅନ୍ୟମାନେ। ଅଜ୍ଞାନତା କ'ଣ ସରଳତା ? ଜଣେ ମାଓ କିଏ ଚିହ୍ନିନାହିଁ, ଅଥଚ ମାଓବାଦୀ ହୋଇଯାଉଛି– ଏହା ଅଜ୍ଞାନତା, ମୋଟେ ସରଳତା ନୁହେଁ। ବସ୍‌ର ଝରକା ଦେଇ ଶାଳର ସବୁଜ ସାମ୍ରାଜ୍ୟ ଆଡ଼େ ଚାହିଁଲି। ସରଳତାର ସ୍ୱରୂପ, ତା' ପବିତ୍ରତାର ପୁଲକ କିଭଳି ହୋଇପାରେ ? ଏମିତି ନିଘଞ୍ଚ ଥିଲା ପଞ୍ଚବଟୀ, ମାନସପଟରେ ଦେବୀଙ୍କର ସରଳ ହସ ଦିଶିଲା।

ଆଜି ଟିକେ ବିଳମ୍ବ ହେଲାଣି, ତରତର ହେଉଥିଲା ଶବରୀ ବୁଢ଼ୀ। କୋଳି ପାଚିଆଟି ଧରି ଟିକେ ବ୍ୟସ୍ତରେ ଫେରୁଥାଏ, ସକାଳ ସ୍ନାନ ସାରି ପବିତ୍ର ଯଜ୍ଞ ପ୍ରସ୍ତୁତି ପାଇଁ ଫେରୁଥାନ୍ତି ଋଷି ପୁଷ୍କରିଣୀରୁ। ବ୍ୟସ୍ତ ଶବରୀର କୋଳି ପାଚିଆଟି ଟିକେ ବାଜିଗଲା ଋଷିଙ୍କ ଦେହରେ, ବାସ୍ ଏତିକି... ସତେ ଅବା ସମୟ ଅଟକିଗଲା, ପବନ ଥମିଗଲା, ଗତିମାନ୍ ସୂର୍ଯ୍ୟ ସ୍ଥିର ହୋଇଗଲେ ଋଷିଙ୍କ କ୍ରୋଧରେ। ପବିତ୍ର ଯଜ୍ଞକୁ ଯାଉଥିବା ଋଷିର ଶୁଦ୍ଧତାକୁ ନଷ୍ଟ କଲୁ ତୁ ଅପବିତ୍ରା, ଅଭିଶାପ ଦେଉଛି– ଯାହାଙ୍କ ଦର୍ଶନ ପାଇଁ ତୁ ଏତେ ପାଗଳୀ, ଚାତକୀ ପରି ଚାହିଁଛୁ ସେହି ଶ୍ରୀରାମଙ୍କ ସହ ତୋର କଦାପି ସାକ୍ଷାତ୍ ହେବନାହିଁ। ଋଷି ପୁଣି ଶୁଦ୍ଧ ହେବାକୁ ପୁଷ୍କରିଣୀ ଆଡ଼େ ଫେରିଲେ, ବୁଢ଼ୀ ଋଷିଙ୍କ ଅଭିଶାପ ଶୁଣି, ପାଚିଲା ପତ୍ରଟିଏ ଗଛରୁ ଝଡ଼ିପଡ଼ିବା ଭଳି ସରଳ ହସଟିଏ ହସି ତା' କାମରେ ଲାଗିଗଲା। ଋଷି ପୁଷ୍କରିଣୀରେ ପହଞ୍ଚି ଦେଖିଲେ ଜଳ ରୂପ ନେଇଛି ରକ୍ତର। ପ୍ରକୃତିସ୍ଥ ହେଲେ ଋଷି, ବୁଢ଼ୀର ସରଳ ସାମର୍ଥ୍ୟର ପବିତ୍ରତାରେ ସ୍ତବ୍ଧ ହେଲେ, ତା' ଚେତନାର ଉଚ୍ଚତାରେ ଅଭିଭୂତ ହେଲେ, କ୍ଷମା ମାଗିଲେ ଈଶ୍ୱରଙ୍କୁ, ବୁଢ଼ୀ ନିକଟକୁ ଆସି କ୍ଷମା ଯାଚନା କଲେ। ବୁଢ଼ୀ ତା' ପାକୁଆ ପାଟିରେ ହସ ଖେଳାଇ କହିଲା– ଋଷି ଠାକୁର ! ଆପଣଙ୍କୁ କ୍ଷମା ଦେବାକୁ ମୁଁ କିଏ ?

'ସରଳତା' ଋଷିଙ୍କ ଅଭିଶାପରେ ବିଚଳିତ ହୁଏନି, ରାଜା, ମହାରାଜା ପୂଜା କରୁଥିବା ଋଷି, ତାକୁ କ୍ଷମା ମାଗୁଛି ଦେଖି ଅହଂକାରରେ ମୋଟେ ସ୍ଫୀତ ହୁଏନି। ସରଳତା– ବହୁଥିବା ପବନ ଭଳି, ଫୁଟୁଥିବା ଫୁଲଭଳି, ଉଁଥିବା ସୂର୍ଯ୍ୟଭଳି ଈଶ୍ୱରୀୟ।

ଶବ୍ଦଟା ଯେତେ ସହଜ ଲାଗୁଛି ବାସ୍ତବ ଜୀବନରେ ଏପରି ହୋଇ ଉଠିବା, ସେତେ ସହଜ ନୁହେଁ। ୟୁନାନର ସନ୍ଥ ଶୁକ୍ରାତ୍‌ଙ୍କ ଜୀବନରୁ ଏମିତି ଘଟଣାଟିଏ– ରାଜା ଘୋଷଣା କଲେ ମୋ ରାଜ୍ୟର ଶ୍ରେଷ୍ଠ ଜ୍ଞାନୀଙ୍କୁ ନିର୍ଦ୍ଧାରିତ ଦିନ ପୁରସ୍କୃତ କରାଯିବ ଏବଂ ମନ୍ତ୍ରିମଣ୍ଡଳରେ ଶ୍ରେଷ୍ଠସ୍ଥାନ ଦିଆଯିବ। ଜ୍ଞାନୀ ବ୍ୟକ୍ତିଙ୍କର ଲମ୍ବା ପଙ୍‌କ୍ତିଆର ଏବଂ ପରୀକ୍ଷା ପରେ କେହି ରାଜାଙ୍କୁ ଯଥାର୍ଥ ଜ୍ଞାନୀ ମନେ ହେଲେ ନାହିଁ। ନିର୍ଦ୍ଧାରିତ ଦିନଟି ନିକଟ ହୋଇ ଆସୁଥାଏ, ରାଜା ଉପାୟଶୂନ୍ୟ ହୋଇ ନିଜ ଆରାଧ୍ୟଙ୍କ ସାହାଯ୍ୟ ପ୍ରାର୍ଥନା କଲେ, ସ୍ୱପ୍ନାଦେଶ ହେଲା ଶୁକ୍ରାତ୍ ସବୁଠୁ ଜ୍ଞାନୀ। ରାଜ୍ୟର ଜ୍ଞାନୀଙ୍କ ତାଲିକାରେ ଶୁକ୍ରାତ୍‌ଙ୍କ ନାମ ହିଁ ନ ଥିଲା। ରାଜା ଖୋଜାଖୋଜି କରି ଶୁକ୍ରାତ୍‌ଙ୍କ ନିକଟରେ ପହଞ୍ଚିଲେ। ନିଜ ଜମିରେ କାମ କରୁଥାନ୍ତି ଶୁକ୍ରାତ୍, ରାଜା କହିଲେ ମହାଶୟ ଆପଣ ଶ୍ରେଷ୍ଠଜ୍ଞାନୀ, ଆପଣଙ୍କୁ ପୁରସ୍କୃତ କରିବାକୁ ସିଦ୍ଧାନ୍ତ ନେଇଛୁ। ଛୋଟ ହସଟିଏ ହସି ରାଜାଙ୍କୁ ଚାହିଁ ଶୁକ୍ରାତ୍ କହିଲେ– ମହାରାଜ ! ଆପଣ ଛ' ମାସ ପୂର୍ବରୁ ଏହା କହିଥିଲେ ମୁଁ ହଁ କହିଥାନ୍ତି। କିନ୍ତୁ ସେଇ କରୁଣାମୟ ଈଶ୍ୱର ମୋତେ ଏ ମଧ୍ୟରେ ଦେଖାଇ ଦେଇଛନ୍ତି ମୁଁ କେତେ ଅଜ୍ଞାନ।

ଶୁକ୍ରାତ୍ ଛ' ମାସ ତଳେ ଜ୍ଞାନୀ ଥିଲେ, ଆଜି ନିଜକୁ ଅଜ୍ଞାନ ମନେକରୁଛନ୍ତି। ଏହା ହିଁ ସରଳତା। ଆମେ ଆଜି ସମସ୍ତେ ଏହି ସରଳତାଠାରୁ ଅନେକ ଦୂରରେ। ଯଦି ରାସ୍ତାରେ କେହି ଚାହିଁ ହସିଦେଲା, ଭାବୁଛୁ– ଏହି ହସ ପଛରେ ନିଶ୍ଚୟ କିଛି କାରଣ ଥିବ। କେହି ଯଦି ଆତ୍ମୀୟ ଫୋନ କରି ଭଲମନ୍ଦ ପଚାରିଲା, ଆମେ ଏହା ପଛରେ ମତଲବଟିଏ ଥିବ ଭାବୁଛୁ। କେହି ଯଦି ହାତ ବଢ଼ାଇ ବସ୍‌ରେ ଓଜନିଆ ବ୍ୟାଗଟିକୁ ଉଠାଇବାକୁ ସାହାଯ୍ୟ କଲା, ମନରେ କେତେ ସନ୍ଦେହ ଆଉ ପ୍ରଶ୍ନ ଆସୁଛି। ଏହାର ଏକମାତ୍ର କାରଣ ଆମେ ଆଜି ସରଳତାଠାରୁ ବହୁ ଦୂରରେ। କେତେ ଦୂରରେ ସହଜରେ କହିହେବନି, ଘଟଣାଟିଏ ସେହି ଦୂରତାର କିଛି ଆକଳନ ଦେବ– ଲିଫ୍ଟ ତଳକୁ ଖସୁଥାଏ, ଦୁଇ ତରୁଣୀ ବାନ୍ଧବୀ ଜେଆର୍‌ଡି ଟାଟାଙ୍କୁ ଚାହିଁ ଛୁପିଛୁପି କିଛି କଥା ହେଉଥାନ୍ତି। ଲିଫ୍ଟ ଅଟକିଲା, ତରୁଣୀ ଦୁଇ ଜଣ ଲିଫ୍ଟରୁ ବାହାରୁ ବାହାରୁ ହସି ହସି କହିଲେ ଅଙ୍କଲ ! ଆପଣ ଏକଦମ୍ ଜେଆର୍‌ଡି ଟାଟାଙ୍କ ଭଳି ଦିଶୁଛନ୍ତି। ଶିଳ୍ପ ମହାନାୟକ ଉତ୍ତର ଦେଲେ– ହଁ, ମୁଁ ତ ଜେଆର୍‌ଡି ଟାଟା। ତରୁଣୀ ଦୁଇଜଣ ଆଖି ନଚାଇ ହସରେ ଦୁଷ୍ଟାମି ଖେଳାଇ କହିଲେ– ହଁ ନିଶ୍ଚୟ, ନିଶ୍ଚୟ... ଆପଣଙ୍କୁ ଯିଏ ଦେଖିବ ତାହାହିଁ ଭାବିବ। ତରୁଣୀ ଦୁହେଁ ଶେଷ ଯାଏ ବିଶ୍ୱାସ କଲେନାହିଁ– ଇଏ, ସତରେ ଜେଆର୍‌ଡି ଟାଟା। ଆଜି ଆମେ ସମସ୍ତେ ଏହି ଘଟଣା ଭଳି, ସରଳତାଠାରୁ ଠିକ୍ ଏତିକି ଦୂରରେ। ଆଜି ଆମ ଦୃଷ୍ଟିକୋଣରେ ଅସାଧାରଣ ଦେଖିବା, ଦେଖେଇ ହେବାର ଭୋକ, ପ୍ରତି କଥାକୁ ଜଟିଳ କରି ବୁଝିବାର ଆଧୁନିକତା ଆମଠାରୁ ଛଡ଼ାଇ ନେଇଛି ଆନନ୍ଦର ମୂଳ ଭିତ୍ତି ସରଳତା।

ଇନ୍ଦ୍ରାବତୀ, ନବରଙ୍ଗପୁର, ମୋ–୯୮୬୧୯୬୯୬୭୮

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନତାର ବାର୍ତ୍ତା

ମହାଶୟ,

'ଧରିତ୍ରୀ'ର ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶିତ 'କେରଳରେ ଜଳ ପ୍ରଳୟ' ଲେଖାରେ ମାନବ ସମାଜ ପାଇଁ ଥିଲା ଏକ ସତର୍କବାଣୀ। ପ୍ରକୃତି କ୍ରୋଧର ଭୟାବହତା ବ୍ୟାପକ ଧନଜୀବନ ହାନିର କାରଣ। ମନୁଷ୍ୟ ଅବିଚାରିତ ଭାବରେ ପ୍ରକୃତି ଉପରେ କରୁଥିବା ଅତ୍ୟାଚାର ଯୋଗୁ ପ୍ରକୃତି ଆଜି ଦାଉ ସାଧୁଛି। କିଛିବର୍ଷ ପୂର୍ବେ ଓଡ଼ିଶାରେ ହୋଇଥିବା ବନ୍ୟାଜନିତ ଖଣ୍ଡପ୍ରଳୟ, ଉତ୍ତରାଖଣ୍ଡର ବାଦଲଫଟା ବର୍ଷା ଏହାର ଦୃଷ୍ଟାନ୍ତ।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଓଡ଼ଗାଁ, ନୟାଗଡ଼

### ବୟସ୍କମାନେ ଅଲୋଡ଼ା ନୁହନ୍ତି

ଧରିତ୍ରୀ (୧।୧୦)ରେ ପ୍ରକାଶିତ ବୈକୁଣ୍ଠନାଥ ମିଶ୍ରଙ୍କ 'ବୟସ୍କମାନେ ଅଲୋଡା ନୁହନ୍ତି' ଲେଖାଟି ବରିଷ୍ଠ ନାଗରିକମାନଙ୍କ ପ୍ରତି ସକରାତ୍ମକ ଚିନ୍ତାଧାରାର ଏକ ମାର୍ମିକ ପରିପ୍ରକାଶ। ସମ୍ପ୍ରତି ବୃଦ୍ଧ ପିତାମାତାମାନେ ସନ୍ତାନମାନଙ୍କ ଦ୍ୱାରା ଯେପରି ଅବହେଳିତ ଓ ଅଦରକାରୀ ମନେହେଉଛନ୍ତି ଏହା ତାହାର ନୀରବ ପ୍ରତିବାଦ। ରୋମାନିଆର ଶାସକଙ୍କର ନିର୍ଦ୍ଦେଶକୁ ଅବଜ୍ଞା କରି ଯୁବକଟି ଯେଉଁ ମହନୀୟତା ପ୍ରଦର୍ଶନ କରିଥିଲା ତାହା ଆଜିର ଯୁବଗୋଷ୍ଠୀର ଧ୍ୟେୟ ହେବା ଉଚିତ। ଏପରି ଉପାଦେୟ ଓ ଶିକ୍ଷଣୀୟ ଲେଖା ପାଇଁ ଶ୍ରୀ ମିଶ୍ରଙ୍କୁ ସାଧୁବାଦ ଜଣାଉଛି।

ବାମଦେବ ସ୍ୱାଇଁ, କମାଶାସନ, ହାଜିପୁର, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

କୋଲକାତା ଦୁର୍ଗାପୂଜାର ପ୍ରସିଦ୍ଧି ବିଷୟରେ ସମସ୍ତେ ଅବଗତ। କିନ୍ତୁ ଉତ୍ତର କୋଲକାତାରେ ରାସ୍ତାକଡର ପିଲାଙ୍କ ଦ୍ୱାରା ନୂଆକରି ଏକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହାକୁ 'ଫୁଟ୍‌ପାଥ୍ ଦୁର୍ଗାପୂଜା' କୁହାଯାଉଛି। ରାସ୍ତାକଡ ଝୁମ୍ପୁଡ଼ିରେ ବାସ କରୁଥିବା ପିଲାମାନେ ପ୍ରତିବର୍ଷ ଜନଗହଳିପୂର୍ଣ୍ଣ ଦୁର୍ଗାପୂଜା ଦେଖିବାକୁ ଯାଆନ୍ତି। କିନ୍ତୁ କେବେ ମା' ଦୁର୍ଗାଙ୍କୁ ପୂଜା କରିବାର ଅବସର ପାଇ ନ ଥିଲେ। ଅପରିଚ୍ଛନ୍ନ ପୋଷା ପିନ୍ଧିଥିବାରୁ ସେମାନଙ୍କୁ ପୂଜା ମଣ୍ଡପ ପାଖକୁ ଯିବାକୁ ଦିଆଯାଉ ନ ଥିଲା। ତେଣୁ ଫୁଟ୍‌ପାଥ ଦୁର୍ଗାପୂଜା ସେମାନଙ୍କ ପାଇଁ ଏକ ଅବସର ସୃଷ୍ଟି କରିଛି ; ଯେଉଁଠାରେ ସେମାନେ ଏକତ୍ର ପୂଜା କରିବାର ସୁଯୋଗ ପାଇବେ। ଏହି ପିଲାମାନେ ସମାଜରେ ଅବହେଳିତ। ମା' ଦୁର୍ଗାଙ୍କ ପୂଜା ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି କରିଛି। ଏ ସମ୍ପର୍କରେ ସେମାନେ କହନ୍ତି, ଆମେ ମା'ଙ୍କୁ ପୂଜା କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ କରିବୁ। ମା' ଆମର ମନସ୍କାମନା ପୂରଣ କରିବେ। ଆମକୁ ଛୋଟ ନଜରରେ ଦେଖି ପୂଜାସ୍ଥଳୀକୁ ଯିବାକୁ ସମସ୍ତେ ବାରଣ କରୁଥିଲେ। ତେଣୁ ଆମେ ପାଖାପାଖି ୨୦ ପିଲା ମିଶି ବାଗ୍‌ବଜାରସ୍ଥିତ ମେୟର ବାରି ନିକଟ ଏକ ପ୍ରାଥମିକ ସ୍କୁଲ୍‌ରେ ପୂଜା ଆରମ୍ଭ କରିଛୁ। ରାସ୍ତାରୁ ସଂଗୃହୀତ ମାଟିର ଚା କପ୍, କତା ଦଉଡିରେ ପ୍ରସ୍ତୁତ ଛୋଟ ଛୋଟ ଫୁଲ, ରିବନ୍ ଏବଂ ସୁନ୍ଦର ଚିତ୍ର ଦ୍ୱାରା ଦେବୀଙ୍କ ମଣ୍ଡପ ସଜାଯାଇଛି। ଆମକୁ ଅନ୍ୟ ପୂଜାମଣ୍ଡପକୁ ଅନୁମତି ମିଳୁ ନ ଥିଲେ ବି ଆମ ପୂଜା ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ପୂର୍ବରୁ ଯେଉଁମାନେ ଆମକୁ ପୂଜାସ୍ଥଳୀକୁ ଯିବାକୁ ଅନୁମତି ଦେଉ ନ ଥିଲେ ସେମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପିଲାମାନେ କହିଛନ୍ତି। ଏଥିପାଇଁ ଦେବଜିତ ଦାସ ନାମକ ଜଣେ ପିଲା ଗଙ୍ଗା ନଦୀକୂଳରୁ ମାଟି ସଂଗ୍ରହ କରି ୧ ଫୁଟ ଉଚ୍ଚତାର ଦୁର୍ଗାମୂର୍ତ୍ତି ତିଆରି କରିଛନ୍ତି। ମା'ଙ୍କ ଆଶୀର୍ବାଦ ପାଇଲେ ଆହୁରି ଭଲ ମୂର୍ତ୍ତି ତିଆରି କରିବେ ବୋଲି ସେ ଆଶା ରଖିଛନ୍ତି। ଏଥର ପୂଜା ଅବସରରେ ସେମାନେ ନୂଆ ପୋଷାକ ପିନ୍ଧିବେ, ସୁସ୍ୱାଦୁ ଖାଦ୍ୟ ଖାଇବେ ଏବଂ ମନଖୁସିରେ ମା'ଙ୍କ ପୂଜା ଉତ୍ସବ ପାଳନ କରିବେ। ପିଲାମାନଙ୍କର ଏହି ଉଦ୍ୟମରେ ସେମାନଙ୍କ ମାତାପିତା ବେଶ୍ ଖୁସି ଥିବା ଜଣାଯାଇଛି।

## ଚିରନ୍ତନୀ

ବରଷା ଜଳେ ବସନ ତବ ତିନ୍ତଇ
ବସନହୀନ କି ଦେବି ମୁଁ ଗୋ ଚିନ୍ତଇ।
ଅଙ୍ଗେ ତବ କପୂର ବାସ,
ଅଧରେ ତବ ମଧୁର ହାସ,
କର୍ଣ୍ଣେ ତବ କେୟୂର ଝୁଲେ ଚଞ୍ଚଳେ
ବିଜୁଳି ହସେ ସ୍ୱର୍ଣ୍ଣ–ଜରି ଅଞ୍ଚଳେ।
(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଅକ୍ଟୋବର ୧୯୯୩

- ଆମେରିକାର ରବର୍ଟ ଡବ୍ଲ୍ୟୁ ଫୋଜେଲ ଓ ଡୌଗ୍ଲାସ ସି. ନର୍ଥଙ୍କୁ ଯୁଗ୍ମ ଭାବେ ୧୯୯୩ ବର୍ଷର ଅର୍ଥନୀତି ପାଇଁ ନୋବେଲ ପୁରସ୍କାର।
- ଗାଜାଷ୍ଟ୍ରିପ ଏବଂ ୱେଷ୍ଟବ୍ୟାଙ୍କର ଜେରିକୋ ସହରକୁ ସ୍ୱୟଂଶାସନ କ୍ଷମତା ପ୍ରଦାନ ନେଇ ପିଏଲଓ ଏବଂ ଇସ୍ରାଏଲ ମଧ୍ୟରେ ହୋଇଥିବା ଚୁକ୍ତି ପାର୍ଲାମେଣ୍ଟରେ ଅନୁମୋଦନ।



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର। - ଚାଣକ୍ୟ



# ନଭେମ୍ବର ୫ରୁ ବରଗଡ଼ରେ ଧାନକିଣା

■ଜିଲାରେ ଏଥର ଖୋଲିବ ୧୬୬ ମଣ୍ଡି
■୨୪ରୁ ୭୨ଘଣ୍ଟା ମଧ୍ୟରେ ମିଳିବ ପ୍ରାପ୍ୟ
■ଏକର ପ୍ରତି ବିକ୍ରି ଧାନ ନିଷ୍ପତ୍ତି ନୋହିଲା
■ବାହାରେ ଧାନ କିଣି ପାରିବେନି ମିଲର୍ସ



ବୈଠକରେ ମଞ୍ଚାସୀନ ଜିଲାପାଳ ଓ ଜନ ପ୍ରତିନିଧିମାନେ ।

ବରଗଡ଼ ଅଫିସ,୧୨।୧୦

ବରଗଡ଼ ଜିଲାରେ ଆସନ୍ତା ନଭେମ୍ବର ୫ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ । ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଖୋଲାଯିବାକୁ ଥିବା ୧୬୬ଟି ମଣ୍ଡିରେ ଏହି ଧାନ ସଂଗ୍ରହ ହେବ । ସଂଗୃହୀତ ଧାନକୁ ସରକାରୀ ସହାୟକ ମୂଲ୍ୟରେ ଅର୍ଥାତ୍ ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ୧୭୫୦ ଟଙ୍କା ଏବଂ ଗ୍ରେଡ୍-ଏ ଧାନକୁ ୧୭୭୦ ଟଙ୍କାରେ କିଣାଯିବ । ଏଥର ମଧ୍ୟ ଧାନକିଣାରୁ ମାର୍କଫେଡ୍‌କୁ ବାଦ୍ ଦିଆଯାଇଛି । ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଯୋଗାଣ ନିଗମ ଧାନ କିଣିବ । କ୍ରୟଧାନର ପ୍ରାପ୍ୟରାଶି ଚାଷୀଙ୍କୁ ପି-ପାସ୍ ମାଧ୍ୟମରେ ୨୪ରୁ ୭୨ଘଣ୍ଟା ମଧ୍ୟରେ ସେମାନଙ୍କ ଆକାଉଣ୍ଟରେ ଜମା ହେବ ବୋଲି ଶୁକ୍ରବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ନିଷ୍ପତ୍ତି ହୋଇଛି ।

ବୈଠକରେ ଜିଲାପାଳ କହିଥିଲେ, ସପ୍ତାହରେ ୬ଦିନ ମଣ୍ଡି ଖୋଲା ରହିବ ଏବଂ ଚାଷୀମାନେ ଦୈନିକ ସର୍ବାଧିକ ୭୫ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ମଣ୍ଡିକୁ ଆଣିପାରିବେ । ସେହିପରି ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମଣ୍ଡି ଗୁଡ଼ିକରେ ଧାନ ଗ୍ରହଣ କରାଯିବ ଏବଂ ସଂଗୃହୀତ ଧାନକୁ ଅପରାହ୍ନ ୧ଟା ପରେ ମିଲର୍ସମାନେ ଉଠାଇବେ । ଚାଷୀମାନେ ଏଥର ଏକର ପ୍ରତି କେତେ ପରିମାଣର ଧାନ ବିକ୍ରି କରିପାରିବେ, ସେ ନେଇ ସରକାରୀସ୍ତରରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ କହିଥିଲେ । ଏଥର ଅତାବିରା ଆରଏମ୍‌ସି ଅଧୀନରେ ଗତବର୍ଷ ଭଳି ୫୦ଟି ମଣ୍ଡି ରହିଥିବାବେଳେ ବରଗଡ଼ ଆରଏମ୍‌ସିରେ ମଣ୍ଡିସଂଖ୍ୟା ୫୭ ଏବଂ ପଦ୍ମପୁର ଆରଏମ୍‌ସିରେ ଏହା ୫୯କୁ ବୃଦ୍ଧି ପାଇଥିବା ସୂଚନା ଦିଆଯାଇଥିଲା ।

ବିଧାୟକ ପ୍ରଦୀପ ପୁରୋହିତ ଓ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ବୈଠକରେ ଅଂଶଗ୍ରହଣ କରି ମଣ୍ଡିରେ ଧାନବିକ୍ରି ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ ଏବଂ ଅଭାବୀ ବିକ୍ରି ପରିସ୍ଥିତି ନ ଉପୁଜେ, ସେଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ କହିଥିଲେ । ଏହାସହିତ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଅଣ୍ଡରରେଟ୍‌ରେ କିଣାଯାଇଥିବା ଧାନ କେତେକ ମିଲର୍ସ ନିଜ ମିଲ୍‌ରେ ଗଚ୍ଛିତ ରଖୁଥିବାରୁ ସେ ନେଇ ଛାନ୍‌ଭିନ୍ କରାଯିବାକୁ ଦାବି ହୋଇଥିଲା । ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିବା ମିଲର୍ସମାନେ କୌଣସିକ୍ରମେ ମଣ୍ଡି ବ୍ୟତୀତ ବାହାରେ ଧାନ କିଣିପାରିବେ ନାହିଁ ବୋଲି ଉପସ୍ଥିତ ଅଧିକାରୀମାନେ ଚେତାଇ ଦେଇଥିଲେ । ଧାନ ସଂଗ୍ରହରେ ମିଲର୍ସଙ୍କ ପରିବର୍ତ୍ତେ ଚାଷୀଙ୍କ ବସ୍ତା ବ୍ୟବହାର କରାଯାଉଛି । ଏହାର ଫାଇଦା କେବଳ ମିଲର୍ସଙ୍କୁ ଦିଆଯାଉଛି ବୋଲି ଚାଷୀମାନେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ନିଆଯାଉଥିବା ପ୍ରସ୍ତାବ କେବଳ ପ୍ରସ୍ତାବରେ ସୀମିତ ରହିଯାଉଛି ବୋଲି ଚାଷୀନେତା କିଶୋର ଦେବତା, ଜୟକୃଷ୍ଣ ସାହୁ, ସଦାନନ୍ଦ ପୂଜାହାରୀ, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଅଭିଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି, ସହକାରୀ ସମବାୟ ନିବନ୍ଧକ ଦିବାକର ଭୋଇଙ୍କ ସମେତ ଚାଷୀ ଓ ମିଲର୍ସ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୨୬ ଯାଏ ଚାଲିବ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ ଅଫିସ, ୧୨।୧୦:** କଟକରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ବାଟ ଫିଟୁନାହିଁ। ଶୁକ୍ରବାର ଥିଲା ପୂଜାଛୁଟି ପୂର୍ବରେ ଶେଷ କାର୍ଯ୍ୟଦିବସ। ସେଣୁ ଛୁଟି ପୂର୍ବରୁ ଏହି ବିବାଦର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ଫଳପ୍ରଦ ହୋଇନାହିଁ। ଘଟଣାକୁ ନେଇ ଆଇନଜୀବୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଶୁକ୍ରବାର ୪୪ ଦିନ ପୂରିଛି। ପୁନଶ୍ଚ ଏହି ଆନ୍ଦୋଳନ ଅକ୍ଟୋବର ୨୬ ଯାଏ ଜାରି ରହିବ। ଶୁକ୍ରବାର ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଏହି ବିବାଦକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ କୁମାର ବୋଥ୍ରା ଶୁକ୍ରବାର ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା। ତେବେ ମାମଲାର ତଦନ୍ତ ଶେଷ ହୋଇଛି। ଘଟଣାର ଆଉ କେତେକ ଦିଗ ଉପରେ ଅଧିକ ତଦନ୍ତ କରିବା ପାଇଁ ଆଇଜି ବୋଥ୍ରା ଖଣ୍ଡପୀଠଙ୍କୁ ଆଉ କିଛିଦିନ ସମୟ ମାଗିଥିଲେ। ଅକ୍ଟୋବର ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଉକ୍ତଦିନ ଆଇଜି ବୋଥ୍ରା ତଦନ୍ତ ସମ୍ପର୍କିତ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ୩ ଜିଲା ଗସ୍ତ ଆଜି

ଭୁବନେଶ୍ୱର(ବ୍ୟୁରୋ)/ ବ୍ରହ୍ମପୁର ଅଫିସ,୧୨।୧୦: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ, ଗଜପତି ଓ ରାୟଗଡ଼ା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଆକାଶମାର୍ଗରୁ ଆସିକା ଓ ପୁରୁଷୋତ୍ତମପୁର ଅଞ୍ଚଳର ଉଦ୍‌ବେଗଜନକ ଅବସ୍ଥା ଅନୁଧ୍ୟାନ କରିବେ। ସୂଚନାଯୋଗ୍ୟ, ଋଷିକୁଲ୍ୟା ନଦୀ ବନ୍ୟାରେ ମୁଖ୍ୟତଃ ଆସିକା ଓ ପୁରୁଷୋତ୍ତମପୁର ଅଞ୍ଚଳ ଅବସ୍ଥା ସଙ୍ଗିନ ହୋଇଯାଇଛି । ପାଣି ଘେରରେ ହଜାର ହଜାର ଲୋକ ଅଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଦୁଇଟି ହେଲିକପ୍ଟର ଶୁକ୍ରବାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ପହଞ୍ଚିଥିଲା। ସନ୍ଧ୍ୟା ହୋଇଯିବାରୁ ହେଲିକପ୍ଟର ଉଦ୍ଧାର କାର୍ଯ୍ୟକୁ ନ ଯାଇ ଗୋଳାବନ୍ଧସ୍ଥିତ ମିଲିଟାରୀ କ୍ୟାଣ୍ଟନମେଣ୍ଟରେ ଥିବା ଖବର ମିଳିଛି । ଋଷିକୁଲ୍ୟା ଅବବାହିକାର ଶେରଗଡ଼ ବ୍ଲକ ଅନ୍ତର୍ଗତ ତହଁର ଓ ଆଖପାଖ ଅଞ୍ଚଳ ମଧ ବନ୍ୟାରେ ପ୍ରଭାବିତ ହୋଇଛି । ଏହି ଅଞ୍ଚଳ ହେଉଛି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଯୁବ ବିଜେଡିର ଶତାଧିକ କର୍ମୀ ଏବଂ ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ନେତୃତ୍ୱରେ କେତେକ କର୍ମୀ ଆସିକା ଓ ଶେରଗଡ଼ ବ୍ଲକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

### ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଯୋଗ ଦେବେ ୫୦ କମ୍ପାନୀ

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ):** ରାଜ୍ୟର ଚାଷୀମାନେ ପାଇବେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ। ହେବ ନାହିଁ ଅଭାବୀ ବିକ୍ରି। ରାଜ୍ୟ ସରକାର କଣ୍ଟ୍ରାକ୍ଟ ଫାର୍ମିଂ ବା ଠିକା ଚାଷ କରିବା ପାଇଁ କମ୍ପାନୀଗୁଡ଼ିକ ସହିତ ବୁଝାମଣା କରିବେ। ସେହି କମ୍ପାନୀଗୁଡ଼ିକ ଚାଷୀଙ୍କୁ ବୈଷୟିକ ସହାୟତା ଯୋଗାଇବା ସହ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ପାଇଁ ବଜାର ସୁବିଧା ସୃଷ୍ଟି କରିବେ। ଚାଷୀଙ୍କୁ ଆଉ ସେମାନଙ୍କ ଧାନ, ଚାଉଳ, ପନିପରିବା, ଡାଲି, ତୈଳବୀଜ ଫସଲ ବିକ୍ରି ନେଇ ସମସ୍ୟା ରହିବ ନାହିଁ। ଏଭଳି ଚିନ୍ତା କରି ସରକାର ଗୁରୁଗାଓଁଠାରେ ଏକ ରୋଡ ଶୋ କରିଥିଲେ। ପ୍ରାୟ ୫୦ କମ୍ପାନୀ ଏଥିପାଇଁ ଆଗ୍ରହ ପ୍ରକାଶ କରିଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଆସନ୍ତା ନଭେମ୍ବର ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ଏହି କମ୍ପାନୀଗୁଡ଼ିକ ଯୋଗ ଦେବେ ବୋଲି ସେ କହିଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ଭାଜପା ମୁଖପାତ୍ର ଗୋଲକ ନାୟକ କହିଛନ୍ତି ଯେ ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ଚିନ୍ତିତ ନୁହନ୍ତି। ନିର୍ବାଚନ ଆସିବା ବେଳକୁ ସରକାର ଜୁମୁଲା କରନ୍ତି। ପ୍ରକୃତରେ ଆନ୍ତରିକତା ନାହିଁ ବୋଲି ସେ କହିଛନ୍ତି। ପିସିସି କିଷାନ ସେଲ୍‌ର ଅଧକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି ଯେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ରାଜ୍ୟ ସରକାର ଚାଷୀଙ୍କୁ ଭଣ୍ଡିବାକୁ ଯେଉଁ ପନ୍ଥା ଧରିଛନ୍ତି ତାହାକୁ ଆମେ ନିନ୍ଦା କରୁଛୁ।

# କର୍ମଚାରୀଙ୍କ ପୂଜା ଛୁଟି ବାତିଲ

## ୩ ଜଣିଆ ମନ୍ତ୍ରୀସ୍ତରୀୟ କମିଟି ଗଠିତ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ସାମୁଦ୍ରିକ ଝଡ 'ତିତ୍‌ଲି' ପ୍ରଭାବରେ ବର୍ଷା ଏବଂ ଏଥିଯୋଗୁ ସୃଷ୍ଟି ହୋଇଥିବା ବନ୍ୟାର ମୁକାବିଲା ପାଇଁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ୩ ଜଣିଆ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି। ଏହି ଟିମ୍‌ରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ସଦସ୍ୟ ରହିଛନ୍ତି। ଏହି ଟିମ୍ ତୁରନ୍ତ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲା ଗସ୍ତ କରି ବାତ୍ୟା ତିତ୍‌ଲି ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଥଇଥାନ କାର୍ଯ୍ୟ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ ରମେଶ ମାଝି କନ୍ଧମାଳ ଜିଲା ଗସ୍ତ କରିବେ। ଏଥିସହିତ ଦୁର୍ଗାପୂଜା ସମୟରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କୌଣସି ଅଧିକାରୀ କିମ୍ବା କର୍ମଚାରୀ ଛୁଟି ନେଇପାରିବେ ନାହିଁ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ଜାରି କରାଯାଇଥିବା ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ସାମୁଦ୍ରିକ ଝଡ 'ତିତ୍‌ଲି' ପ୍ରଭାବରେ ରାଜ୍ୟରେ ଜାରି ରହିଥିବା ବର୍ଷା ଓ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କ ଦୁର୍ଗାପୂଜା ଛୁଟିକୁ ବାତିଲ କରି ଦେଇଛନ୍ତି। ଏ ନେଇ ସମସ୍ତ ବିଭାଗ ଓ ବିଭାଗୀୟ ମୁଖ୍ୟ ଦପ୍ତର ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ପୂଜାଛୁଟି କଟାଇବାକୁ ପୂର୍ବରୁ ନେଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କର ଛୁଟିକୁ ମଧ ବାତିଲ କରିବାକୁ କୁହାଯାଇଛି। ଏହାଛଡା କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳର ସମସ୍ତ ଜିଲାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କର ଦୁର୍ଗାପୂଜା ଛୁଟି ସହିତ ଅନ୍ୟାନ୍ୟ ସରକାରୀ ଛୁଟିକୁ ମଧ ଅକ୍ଟୋବର ୨୪ ତାରିଖ ଯାଏ ବାତିଲ କରାଯାଇଛି। ଯଦି ପୂର୍ବରୁ କେହି ଛୁଟି ନେଇଥିବେ ତେବେ ସେମାନଙ୍କର ଛୁଟିକୁ ମଧ ବାତିଲ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ସମସ୍ତ ଜିଲାର ଜିଲାପାଳମାନଙ୍କୁ ସାଧାରଣ ପ୍ରଶାସନ(ଜିଏ) ବିଭାଗ ପକ୍ଷରୁ ଶୁକ୍ରବାର ଚିଠି ମାଧମରେ ଜଣାଇ ଦିଆଯାଇଛି।

# ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଗିରଫ

କଟକ ଅଫିସ, ୧୨।୧୦

ଯାଜପୁର ଜିଲା କଳିଙ୍ଗନଗରଠାରେ ଥିବା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀଙ୍କୁ ଭିଜିଲାନ୍ସ ଶୁକ୍ରବାର ଗିରଫ କରିଛି। ଗୁରୁବାର ସନ୍ଧ୍ୟାରେ ପାଣିଗ୍ରାହୀ ଏକ ବୋଲେରୋ(ଓଆର୍୦୯ଏନ୍-୭୫୪୨)ରେ ଘରକୁ ଯାଉଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ ଖଣ୍ଡଗିରି ନିକଟରେ ଅଟକାଇଥିଲେ। କାରଣ ପାଣିଗ୍ରାହୀ ବିପୁଳ ପରିମାଣର ଲାଞ୍ଚ ନେଇ ଯାଉଥିବା ଖବର ଭିଜିଲାନ୍ସକୁ ମିଳିଥିଲା। ତେବେ ଭିଜିଲାନ୍ସ ଅଧିକାରୀମାନେ ପାଣିଗ୍ରାହୀଙ୍କ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ିରୁ ନଗଦ ୯୬ହଜାର ୫୦୦ ଟଙ୍କା ଓ ୧୦ ଗ୍ରାମ ଓଜନର ଏକ ସୁନା କଏନ ମିଳିଥିଲା। ପାଣିଗ୍ରାହୀ ଉକ୍ତ ଟଙ୍କା ଓ ସୁନା କଏନ ହିସାବ ଭିଜିଲାନ୍ସ ଅଧିକାରୀମାନଙ୍କୁ ଦେଇପାରି ନ ଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ପାଣିଗ୍ରାହୀଙ୍କ ଭୁବନେଶ୍ୱର ଘରକୁ ଯାଞ୍ଚ କରାଯାଇଥିଲା। ଏହାପରେ ପାଣିଗ୍ରାହୀଙ୍କ ଦଖଲରେ ଥିବା ଅନ୍ୟାନ୍ୟ ସମ୍ପତ୍ତିର ସୁରାକ ଭିଜିଲାନ୍ସ ପାଇଥିଲା। ଏହାକୁ ଭିତ୍ତିକରି ଭିଜିଲାନ୍ସ ଅଧିକ ତଦନ୍ତ ଚଳାଇଥିଲା। ତଦନ୍ତ ଅନୁଯାୟୀ ପାଣିଗ୍ରାହୀଙ୍କ ଅନୁଗୋଳଠାରେ ଗୋଟିଏ ପ୍ଲଟ ଥିବାବେଳେ ଭୁବନେଶ୍ୱରର ଖଣ୍ଡଗିରି ନିକଟରେ ଗୋଟିଏ ଦୁଇ ମହଲା କୋଠା, ୪୪୨ ଗ୍ରାମ ସୁନା (ସୁନା କଏନ ସହିତ), ୧କେଜି ୧୬୮ ଗ୍ରାମ ରୁପା, ଗୋଟିଏ ଟ୍ରାଭେରା କାର୍, ଗୋଟିଏ ମାରୁତି ରିଟ୍‌ଜ କାର୍, ଗୋଟିଏ ମାରୁତି ୮୦୦ କାର୍, ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟର, କ୍ରଶର ୟୁନିଟ୍, ଏଲ୍‌ଆଇସି ଜମା, ବ୍ୟାଙ୍କ ଜମା, ଶେୟାର ବଣ୍ଡ, ବିଦେଶ ଗସ୍ତ ସମ୍ପର୍କିତ ଏୟାର ଟିକେଟ ରହିଥିବା ସମ୍ପର୍କରେ ଜଣାପଡ଼ିଥିଲା। ପାଣିଗ୍ରାହୀଙ୍କ ପ୍ରାୟ ୧ କୋଟି ୩୬ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି, ଯାହାର ସେ କୌଣସି ହିସାବ ଦେଇପାରି ନ ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୪୬/୨୦୧୮ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ପାଣିଗ୍ରାହୀଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା। ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପୁରୀ ହିଂସା, ପୁଣି ୬ ଗିରଫ

■ଗିରଫଦାରି ସଂଖ୍ୟା ୬୬ରେ ପହଞ୍ଚିଲା

**ପୁରୀ ଅଫିସ, ୧୨।୧୦:** ପୁରୀ ହିଂସା ଘଟଣାରେ ଅଭିଯୁକ୍ତଙ୍କ ତାଲିକା ବଢ଼ିବାରେ ଲାଗିଛି। ପୋଲିସର ଗିରଫଦାରି ମଧ ବଢୁଛି। ପୂର୍ବରୁ ପୋଲିସ ୬୦ ଜଣଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ଆଉ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ବଡ଼ଦାଣ୍ଡରେ ଟ୍ରାଫିକ ପୋଷ୍ଟ ପୋଡ଼ାଜଳା ଓ ଢେଲାମାଡ଼ ଘଟଣାରେ ଟାଉନ ଥାନା ପୋଲିସ ରୁଜୁ କରିଥିବା କେସ୍ (ନଂ.୧୬୮/୧୮) ବଳରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତିଆଡ଼ି ସାହିର ଚିତ୍ତରଞ୍ଜନ ଦୀକ୍ଷିତ ଓ କୁମ୍ଭାରପଡ଼ାର ବାପି ମୁଦୁଲି। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନା ପୋଲିସ କେସ୍ (ନଂ.୧୮୫/୧୮)ରେ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୋଳମଣ୍ଡପ ସାହିର ରଘୁନାଥ ଦାସ, ସଦର ଥାନା ଅନ୍ତର୍ଗତ ଦାଗିଣିଆ ଗ୍ରାମର ଗଦାଧର ପାଲଟାସିଂ, ପୁରୀ ଧମନକୋଟି ସାହିର ସୁରେନ୍ଦ୍ର ପରିଡ଼ା ଏବଂ ବାସେଳି ସାହି ପାଣିକାତ ଲେନ୍‌ର ଦୁଷ୍ମନ୍ତ ଖଟେଇ।

ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧକରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ହୋଇଥିଲା। ସହରରେ ବ୍ୟାପକ ହିଂସା ଘଟିଥିଲା।

## ପୂଜା ଅବକାଶ: ୨୫ରେ ଖୋଲିବ ହାଇକୋର୍ଟ

କଟକ ଅଫିସ, ୧୨।୧୦

ଅକ୍ଟୋବର ୧୫ରୁ ହାଇକୋର୍ଟରେ ଦଶହରା ପୂଜା ଅବକାଶ ଆରମ୍ଭ ହେଉଛି। ଏଥିପାଇଁ ଅକ୍ଟୋବର ୨୪ ପର୍ଯ୍ୟନ୍ତ ଅଦାଲତ କାର୍ଯ୍ୟ ବନ୍ଦ ରହିବ। ୨୫ ତାରିଖରୁ ଅଦାଲତ କାର୍ଯ୍ୟ ଆରମ୍ଭ ହେବ। ଏହି ସମୟ ମଧ୍ୟରେ ଅବକାଶକାଳୀନ ବିଚାରପତି ଭାବେ ଜଷ୍ଟିସ ସଞ୍ଜୁ ପଣ୍ଡା, ଜଷ୍ଟିସ ଏସ୍.କେ. ମିଶ୍ର, ଜଷ୍ଟିସ କେ.ଆର୍. ମହାପାତ୍ର କାର୍ଯ୍ୟନିର୍ବାହ କରିବେ। ଶୁକ୍ରବାର ଥିଲା ହାଇକୋର୍ଟର ଶେଷ କାର୍ଯ୍ୟଦିବସ। କାରଣ ଶନିବାର ହେଉଛି ଦ୍ୱିତୀୟ ଶନିବାର।

## ■ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପ୍ରସଙ୍ଗ
## ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

କଟକ ଅଫିସ, ୧୨।୧୦

ଟ୍ରାଫିକ୍ ନିୟମ ପାଳନ କରୁ ନ ଥିବା ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ନିୟମ ରହିଛି। ସୁପ୍ରିମ୍‌କୋର୍ଟଙ୍କ ରୋଡ୍ ସୁରକ୍ଷା କମିଟିର ନିୟମ ଅନୁଯାୟୀ ଏଭଳି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ୩ ମାସ ମଧ୍ୟରେ ରଦ୍ଦ କରିବା ବ୍ୟବସ୍ଥା ରହିଛି। ଏହି କ୍ଷମତା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)କୁ ଦିଆଯାଇଛି। କିନ୍ତୁ ୩ ମାସ ପରେ ଟ୍ରାଫିକ୍ ନିୟମ ଖିଲାପକାରୀଙ୍କ ଲାଇସେନ୍ସ ରଦ୍ଦ କରାଯାଇପାରିବ ନାହିଁ। ହେଲେ ଓଡ଼ିଶାରେ ପ୍ରାୟ ସବୁଠି ପୋଲିସ ନିର୍ଦ୍ଧାରିତ ସମୟ ମଧ୍ୟରେ ଖିଲାପକାରୀଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ନିମନ୍ତେ ଆର୍‌ଟିଓକୁ ପଠାଉନାହିଁ। ଫଳରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ଓଡ଼ିଶା ପୋଲିସର ଏଭଳି ଅବହେଳା ଯୋଗୁ ସୁପ୍ରିମ୍‌କୋର୍ଟଙ୍କ ନିୟମ ପାଳନ ହୋଇପାରୁ ନାହିଁ। ଏହାଛଡ଼ା ଲୋକମାନଙ୍କ ଟ୍ରାଫିକ୍ କଟକଣା ପ୍ରତି ଭୟ ରହୁନାହିଁ। ଏନେଇ ଶୁକ୍ରବାର କ୍ରାଇମ୍‌ବ୍ରାଞ୍ଚକୁ ଚିଠି ଲେଖିଛନ୍ତି ଓଡ଼ିଶା ପରିବହନ ବିଭାଗ କମିଶନର ସଞ୍ଜୀବ ପଣ୍ଡା। ଦୁଇ ମାସ ମଧ୍ୟରେ ରଦ୍ଦ ହେବାକୁ ଥିବା ଲାଇସେନ୍ସ ଆରଟିଓକୁ ପଠାଇବା ନିମନ୍ତେ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶନାମା ଜାରି କରିବାକୁ କ୍ରାଇମ୍‌ବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟଙ୍କୁ ପରିବହନ କମିଶନର ପଣ୍ଡା ଅନୁରୋଧ କରିଛନ୍ତି।

# ରାଜ୍ୟ ସରକାର ବାତ୍ୟା ମୁକାବିଲା କରିବାରେ ବିଫଳ: ବିରୋଧୀ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ପ୍ରଭାବରେ ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରିଥିବା କହୁଥିଲେ ସୁଦ୍ଧା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଫଳତାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଅନ୍ୟପଟେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଚିନ୍ତା କରି ନ ଥିବା କହିଛନ୍ତି। ଏଥିରୁ ସରକାରଙ୍କ ଅପାରଗତା ପ୍ରତିଫଳିତ ହେଉଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ କହିଛନ୍ତି ଯେ, ବାତ୍ୟା ''ତିତ୍‌ଲି'' ସ୍ଥଳଭାଗକୁ ଛୁଇଁବା ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା, ପବନ ଓ ବନ୍ୟାଜନିତ କ୍ଷୟକ୍ଷତିର ମୁକାବିଲା କରିବା ଏବଂ ଜନସାଧାରଣଙ୍କୁ ଉଦ୍ଧାର କରିବାରେ ରାଜ୍ୟ ସରକାର ଶୋଚନୀୟଭାବେ ବିଫଳ ହୋଇଛନ୍ତି। ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ସରକାର ପରବର୍ତ୍ତୀ ସ୍ଥିତି ପ୍ରତି ସଜାଗ ରହିଲେନାହିଁ। ସେଥିପାଇଁ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ଆଦି ଜିଲାରେ ବର୍ଷା ଓ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିଛି । ବାତ୍ୟା ସ୍ଥଳଭାଗ ଛୁଇଁବା ପରେ କିଛି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲା। ସେହି ସବୁ ଜିଲାରେ ଏକାଧିକ ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯିବା ଜରୁରୀ ଥିଲା। କିନ୍ତୁ ତାହା କରାଗଲା ନାହିଁ। ଏଥିପାଇଁ ଶତାଧିକ ପଞ୍ଚାୟତର ଅଧିବାସୀ ପାଣି ଘେରରେ ରହିଛନ୍ତି। ସେହିସବୁ ଲୋକଙ୍କୁ ତୁରନ୍ତ ଉଦ୍ଧାର କରି ଖାଦ୍ୟ, ଔଷଧ, ପାନୀୟ ଜଳ ଯୋଗାଇବା ସହିତ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ଯୋଗାଇବା ଏବଂ ସେମାନଙ୍କୁ ନିରାପଦ ସ୍ଥାନକୁ ଆଣିବା ଲାଗି ନିରଞ୍ଜନ ଦାବି କରିଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ମଧ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ମଧ ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ ଶାସକ ଦଳ ନେତାଙ୍କୁ ଟାର୍ଗେଟ କରିଛି। ତିତ୍‌ଲି ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷାଜନିତ ଦୁର୍ଦ୍ଦଶାର ମୁକାବିଲା ଲାଗି ଯୁବବର୍ଗ ଆଗେଇ ଆସି ସହଯୋଗର ହାତ ବଢାଇବା ପାଇଁ ଭାଜପା ଅନୁରୋଧ କରିଛି । ବାତ୍ୟା ଓ ଲଗାଣ ବର୍ଷା ନେଇ ପାଣିପାଗ ବିଭାଗ ସ୍ପଷ୍ଟ ପୂର୍ବାନୁମାନ କରିଥିଲା। ମାତ୍ର ରାଜ୍ୟ ସରକାରଙ୍କ ପ୍ରସ୍ତୁତିର ବିଫଳତା ଯୋଗୁ ଅଧିକାଂଶ ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ବୋଲି ଘୋଷଣା କରିଦେଲେ। କିନ୍ତୁ ଭୁଲ୍ କାରଣରୁ ସମସ୍ୟାକୁ ସାମ୍ନା କରିବାରେ ପ୍ରଶାସନ ବିଫଳ ହୋଇଥିବା ମୁଖ୍ୟ ଶାସନ ସଚିବ ପାଢୀ ସ୍ୱୀକାର କରିଛନ୍ତି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ସରକାର ସଚିବାଳୟରେ ଘନଘନ ସମୀକ୍ଷା ବୈଠକ କରି କେବଳ ବାହାବା ନେବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ତୃଣମୂଳସ୍ତରରେ ସମ୍ଭାବ୍ୟ ଦୁର୍ବିପାକର ମୁକାବିଲା ପାଇଁ ସରକାରଙ୍କ କୌଣସି ପ୍ରସ୍ତୁତି ନ ଥିଲା । ବାତ୍ୟାକୁ ଦୃଷ୍ଟିରେ ରଖି ୩ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ନେଇ ସରକାର କହିଥିବା ମିଛର ପର୍ଦ୍ଦାଫାଶ ହୋଇଛି । ସରକାରଙ୍କ ଜିରୋ କାଜୁଆଲିଟିର ବଡ ଘୋଷଣା ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଓଡିଶାର ଏହି ବିପର୍ଯ୍ୟୟ ସମୟରେ କେନ୍ଦ୍ର ସରକାର ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେବେ। ଏନେଇ ଗୁରୁବାର ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହଙ୍କୁ ସାକ୍ଷାତ କରି ସବୁ ପ୍ରକାର ସହଯୋଗ ପାଇଁ ଦୃଢ ପ୍ରତିଶ୍ରୁତି ପାଇଥିବା ସମୀର କହିଛନ୍ତି।

## ଆଜିଠୁ ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ଆରମ୍ଭ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଓଡ଼ିଶା-ଛତିଶଗଡ ମଧ୍ୟରେ ମହାନଦୀ ଜଳବିବାଦ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଶନିବାରଠାରୁ ଶୁଣାଣି ଆରମ୍ଭ କରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏବଂ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା ଟ୍ରିବ୍ୟୁନାଲରେ ପକ୍ଷ ରଖିବେ। ଦିଲ୍ଲୀ ଗସ୍ତ ପୂର୍ବରୁ ଏ ସମ୍ପର୍କରେ ଗଣମାଧମକୁ ସୂଚନା ଦେଇ ପ୍ରଦୀପ କହିଛନ୍ତି ଯେ, ଛତିଶଗଡ ମହାନଦୀ ଜଳ ଅଟକାଇଥିବା ସମ୍ପର୍କିତ ସମସ୍ତ ତଥ୍ୟ ଟ୍ରିବ୍ୟୁନାଲଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ପକ୍ଷରୁ ମହାନଦୀ ଜଳ ବିବାଦ ସମ୍ପର୍କିତ ଅନ୍ତରୀଣ ରିପୋର୍ଟ ମଧ ପ୍ରଦାନ କରାଯାଇଥିବା ପ୍ରଦୀପ କହିଛନ୍ତି।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପାଇଁ ପିସିସିର ୫ଜଣିଆ ଟିମ୍ ଗଠିତ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲୀ ଓ ବନ୍ୟା କ୍ଷତିଗ୍ରସ୍ତ ଗଜପତି, ରାୟଗଡା ଓ ଗଞ୍ଜାମ ଜିଲାର ପ୍ରଭାବିତ ଜନସାଧାରଣଙ୍କୁ ଭେଟିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଆସନ୍ତା ଅକ୍ଟୋବର ୧୪ ଓ ୧୫ରେ(ରବିବାର ଓ ସୋମବାର) ୨ଦିନିଆ ଗସ୍ତ କରିବେ। ବାତ୍ୟା ଓ ବନ୍ୟାରେ ପ୍ରଭାବିତ ଲୋକମାନଙ୍କ ସମସ୍ୟା ଓ ଆଶୁ ସମାଧାନ ନିମନ୍ତେ ନିରଞ୍ଜନ ୫ଜଣିଆ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଏହି କମିଟିରେ ବିଧାୟକ କେ.ସୁରିଆ ରାଓ, ପୂର୍ବତନ ବିଧାୟକ ରମେଶ ଜେନା, ସାନଖେମୁଣ୍ଡି, ରାୟଗଡା ଜିଲା ସଭାପତି ଦୁର୍ଗାଚରଣ ପଣ୍ଡା, ରାୟଗଡା ଜିଲା ପରିଷଦ ସଭାପତି ପୁରୁଷୋତ୍ତମ ଗମାଙ୍ଗୋ ଓ କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ ସଦସ୍ୟ ଥିବା ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ୫ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ କଲେଜିୟମ୍ ସୁପାରିସ

ନୂଆଦିଲ୍ଲୀ,୧୨।୧୦(ପି.ଟି.)

ସୁପ୍ରିମକୋର୍ଟ କଲେଜିୟମ୍ ଶୁକ୍ରବାର ୫ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଅତିରିକ୍ତ ବିଚାରପତି ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧକ୍ଷତା କରୁଥିବା କଲେଜିୟମ୍ ଜଷ୍ଟିସ୍ ଡି.କେ. ଗୁପ୍ତାଙ୍କ ନାମ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ପାଇଁ ସୁପାରିସ କରିଥିବାବେଳେ ଜଷ୍ଟିସ୍ ଏନ୍.ଏଚ୍ ପାଟିଲଙ୍କୁ ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଚୟନ କରିଛନ୍ତି। ସେହିପରି ଜଷ୍ଟିସ୍ ରମେଶ ରଙ୍ଗନାଥନ୍, ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଜଷ୍ଟିସ ବିଜୟୀ କୁମାର ବିସ୍ତଙ୍କ ନାମ ଯଥାକ୍ରମ ଉତ୍ତରାଖଣ୍ଡ, ଗୁଆହାଟୀ ଏବଂ ସିକିମ୍ ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ପାଇଁ ସୁପାରିସ କରାଯାଇଛି। ଜଷ୍ଟିସଖ ପାଟିଲ ବର୍ତ୍ତମାନ ବମ୍ବେ ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରୁଥିବାବେଳେ ଜଷ୍ଟିସଖ ଗୁପ୍ତା କଲିକତା ହାଇକୋର୍ଟର ଅନ୍ତରୀଣ ମୁଖ୍ୟ ବିଚାରପତି ରୂପେ ଅବସ୍ଥାପିତ। ଜଷ୍ଟିସ ପାଟିଲ୍‌ଙ୍କ କାର୍ଯ୍ୟକାଳ ୨୦୧୯ ଏପ୍ରିଲ୍‌ରେ ଶେଷ ହେବାକୁ ଯାଉଛି। ଫଳରେ ବମ୍ବେ ହାଇକୋର୍ଟ ଆଗାମୀ ମୁଖ୍ୟ ବିଚାରପତି ନିଯୁକ୍ତିରେ ସ୍ୱତନ୍ତ୍ର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ କଲେଜିୟମ୍ ପ୍ରସ୍ତାବ ଦେଇଛନ୍ତି। ଅର୍ଥାତ୍ ମୁଖ୍ୟ ବିଚାରପତିଙ୍କ ଅବସର ପରେ ଏକ ବର୍ଷ କିମ୍ବା ତା'ଠାରୁ କମ୍ ସମୟ କାର୍ଯ୍ୟକାଳ ବାକି ରହିଥିବା ସେହି ହାଇକୋର୍ଟର ବରିଷ୍ଠ ବିଚାରପତି ସ୍ୱତଃସ୍ଫୂର୍ତ୍ତ ଭାବେ ମୁଖ୍ୟ ବିଚାରପତି ନିଯୁକ୍ତି ପାଇବା ନିୟମକୁ କାର୍ଯ୍ୟକାରୀ କରିଛନ୍ତି। ଅନ୍ୟପକ୍ଷରେ ଜଷ୍ଟିସ ରଙ୍ଗନାଥନ୍ ବର୍ତ୍ତମାନ ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ବରିଷ୍ଠତମ ବିଚାରପତି ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ବିସ୍ତ ହେଉଛନ୍ତି ଉତ୍ତରାଖଣ୍ଡ ହାଇକୋର୍ଟର



ବରିଷ୍ଠ ବିଚାରପତି। ତିନି ସଦସ୍ୟ ବିଶିଷ୍ଟ କଲେଜିୟମ୍ ମାଡ୍ରାସ ହାଇକୋର୍ଟର ୩ ଅତିରିକ୍ତ ବିଚାରପତି ଜଷ୍ଟିସ୍ ଆର୍.ଏମ୍.ଟି. ଟିକାରାମନ୍, ଏନ୍. ସଥୀସ୍ କୁମାର ଏବଂ ଏନ୍. ସେଶାସାୟୀଙ୍କ ନାମ ସ୍ଥାୟୀ ବିଚାରପତି ପଦ ପାଇଁ ସୁପାରିସ କରିଛନ୍ତି। ସେହିପରି କର୍ଣାଟକ ହାଇକୋର୍ଟର ୭ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ବିଚାରପତି, କେରଳ ହାଇକୋର୍ଟର ୩ ଓକିଲ ଏବଂ ୨ ନ୍ୟାୟିକ ଅଧିକାରୀଙ୍କୁ ବିଚାରପତି ଭାବେ ପଦୋନ୍ନତି ଦେବା ପାଇଁ କଲେଜିୟମ୍ ସୁପାରିସ କରିଛନ୍ତି।

+PILES CLINIC+
Near Budheswari Temple, ମଧ୍ୟ ବିଦ୍ୟୁତ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାରକ୍ଷତ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790




# ପରିଚୟ ମିଳୁନାହିଁ, ୧୧ ମାସ ହେଲା ଭିମ୍‌ସାରରେ ମହିଳା

ସମ୍ବଲପୁର,୧୨।୧୦(ବ୍ୟୁରୋ)– ସମ୍ବଲପୁର ଜିଲା ବୁର୍ଲା ମେଡିକାଲର ମେଡିସିନ ୱାର୍ଡ ତାଙ୍କ ଠିକଣା। ପ୍ରକୃତ ନାଁ, ଗାଁ, ଠିକଣା ଜଣା ପଡୁନି। ଦୀର୍ଘ ୧୧ ମାସ ହେଲା ଭିମ୍‌ସାରରେ ସେ ପଡି ରହିଛନ୍ତି। ଏହି ମହିଳା ଜଣକର ବୟସ ଆନୁମାନିକ ୩୫ରୁ ୪୦ ବର୍ଷ ଭିତରେ ହେବ। ଦେଖାରଖା ପାଇଁ ପାଖରେ ନିଜ ଲୋକ ବୋଲି କେହି ନାହାଁନ୍ତି। ମେଡିକାଲ ତରଫରୁ ଯାହା ଯେତିକି ସୁବିଧା ସୁଯୋଗ ମିଳୁଛି। ମାଗଣା ସରକାରୀ ଔଷଧ, ଇଞ୍ଜେକ୍ସନ ଓ ଖାଇବା ପିଇବା ମିଳୁଛି। ହେଲେ କେତେକ ଦାମୀ ଔଷଧ ପାଇଁ ସମସ୍ୟା ହେଉଛି। ମେଡିକାଲରୁ ମିଳୁଥିବା ଖାଦ୍ୟ ତାଙ୍କ ପକ୍ଷେ ଖାଇବା ଅସମ୍ଭବ। ଏଣୁ କିଛି ସ୍ୱତନ୍ତ୍ର ଖାଦ୍ୟ ଆବଶ୍ୟକ ହେଉଛି। ଏ ସବୁ ପାଇଁ ଟଙ୍କା ବାଧକ ସାଜିଛି। ସବୁଠୁ ବଡ ସମସ୍ୟା ହେଉଛି ତାଙ୍କର ଯତ୍ନ ନେବାକୁ କେହି ନାହାଁନ୍ତି। ବ୍ରେନ୍ ଷ୍ଟ୍ରୋକ୍‌ରେ ଶିକାର ହୋଇ ଏଠାକୁ ଆସିଥିବା ଏହି ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅବଶ୍ୟ ପୂର୍ବାପେକ୍ଷା ସୁଧାର ଆସିଛି। ଏଠାରେ ଅଧିକ ଦିନ ରହିଲେ ସଂକ୍ରମଣ ହେବା ଆଶଙ୍କା ରହିଛି। ଏଣୁ ତାଙ୍କୁ କେଉଁଠାରେ ଥଇଥାନ କରିବା ଜରୁରୀ।




CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Urbasi
Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରିମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ
କି-7୨, ଆଦର୍ଶ ନଗର, କ୍ରୋଲବାଗ
Contact :- 7894865978,7894865768

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ – 55 ଲକ୍ଷ, ଭଡ଼ା – 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା।
(ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି, ଏଗ୍ରିକଲଚର୍, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଧରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ ୫ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336


# ଓଡ଼ିଶା ସରକାର

# ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

File No. 560 Dated 29.09.18

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act. 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ, ସୁବର୍ଣ୍ଣପୁରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି **ମୌଜା– ଶିବତୁଲା, ଥାନା– ତରଭା, ନଂ.୮୨, ତହସିଲ– ତରଭା, ଜିଲ୍ଲା– ସୁବର୍ଣ୍ଣପୁର**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡିଶା ସରକାରଙ୍କୁ ପ୍ରତୀତ ହୋଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା– ଖୋର୍ଦ୍ଧା ରୋଡ, ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ପୂର୍ବତଟ ରେଳପଥଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act. 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୪୨୦, ତା୧୦।୧୦।୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା– ଶିବତୁଲା, ଥାନା– ତରଭା, ନଂ.୮୨, ତହସିଲ– ତରଭା, ଜିଲ୍ଲା– ସୁବର୍ଣ୍ଣପୁର**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇନାହିଁ।

ଏହି ଘୋଷଣାନାମା ସହିତ ପ୍ରକଳ୍ପ କ୍ଷତିଗ୍ରସ୍ତ ଓ ବାସଚ୍ୟୁତ ପରିବାର ଉଦ୍ଦେଶ୍ୟରେ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖ ସମ୍ପର୍କରେ କୌଣସି ତଥ୍ୟ ଆବଶ୍ୟକ ହେଉ ନାହିଁ। ଏଣୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଜିଲ୍ଲା ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲପାଳ, ସୁବର୍ଣ୍ଣପୁର

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା- ସୁବର୍ଣ୍ଣପୁର** **ତହସିଲ- ତରଭା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଶିବତୁଲା** | **ଗ୍ରାମାଞ୍ଚଳ** | ଭୂମି ଅନୁସୂଚୀ ତାଲିକା ଏଥି ସହିତ ସଂଲଗ୍ନ ହୋଇଅଛି। | | | | | |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା- ସୁବର୍ଣ୍ଣପୁର** **ତହସିଲ- ତରଭା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଶିବତୁଲା** | **ଗ୍ରାମାଞ୍ଚଳ** | ଉକ୍ତ ଗ୍ରାମରେ କୌଣସି ବିସ୍ଥାପିତ ପରିବାର ନାହାନ୍ତି। | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ସୁବର୍ଣ୍ଣପୁର

## ଭୂମି ଅନୁସୂଚୀ

**ନିବାସୀ- ଶିବତୁଲା** **ତହସିଲ- ତରଭା**
**ଥାନା- ତରଭା ନଂ.୮୨** **ଜିଲ୍ଲା- ସୋନପୁର**

| କ୍ର. ନଂ. | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିକୃତ ରକବା | କିସମ | ପ୍ରଜାର ନାମ ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୫ | ୧୧୮୩ / ୧୨୮୦ | ୦.୩୪୦ | ୦.୩୪୦ | ଆଟ | ଉପେନ୍ଦ୍ର ନିଆଲି, ପି– ଭାଗବତ ନିଆଲି, ଜା.ଗୌଡ, ବା.ନିଜଗାଁ |
| ୨ | ୩୪ | ୧୧୯୮ | ୦.୫୦୦ | ୦.୫୦୦ | ମାଲ ଅଣଜଳସେଚିତ | କୃଷ୍ଣଚନ୍ଦ୍ର କରନ, ଫକିର କରନ, ଗୋକୁଲ କରନ, ଅଖିଳ କରନ, ପ୍ରି– ଗୋପୀ ଚନ୍ଦ୍ର କରନ, ଜା.ଡୁମାଲ, ବା.ନିଜଗାଁ |
| ୩ | | ୧୧୯୯ | ୧.୪୫୦ | ୦.୬୫୦ | ମାଲ ଅଣଜଳସେଚିତ | |
| ୪ | ୪୨ | ୧୧୪୦ | ୦.୪୧୦ | ୦.୦୩୦ | ଆଟ | ଗିରିଧାରୀ ନାୟକ, ପି– କାହ୍ନୁ ନାୟକ, ଜା. ଓଡିଆ, ବା. ନିଜଗାଁ |
| ୫ | ୫୮ | ୧୧୮୨ | ୦.୩୮୦ | ୦.୩୦୦ | ଆଟ | ଚିନ୍ତାମଣି ପଣ୍ଡା, ପି– ମଦନ ପଣ୍ଡା, ଜା.ବ୍ରାହ୍ମଣ, ବା.ତରଭା |
| ୬ | | ୧୧୮୯ | ୦.୧୫୦ | ୦.୧୫୦ | ବେର୍ଣ୍ଣାଅଣଜଳସେଚିତ | |
| ୭ | | ୧୧୯୦ | ୨.୮୦୦ | ୧.୫୦୦ | ଆଟ | |
| ୮ | ୫୯ | ୧୧୩୩ | ୧.୦୯୦ | ୦.୭୫୦ | ମାଲ ଅଣଜଳସେଚିତ | ଜୟକୃଷ୍ଣ ନାୟକ, ପି– ସ୍ୱପ୍ନ ନାୟକ, ଜା. ଓଡିଆ, ବା.ନିଜଗାଁ |
| ୯ | | ୧୧୩୪ | ୦.୩୯୦ | ୦.୩୯୦ | ଆଟ | |
| ୧୦ | ୭୯ | ୧୧୯୫ | ୦.୫୨୦ | ୦.୨୫୦ | ବେର୍ଣ୍ଣଅଣଜଳସେଚିତ | ତପସ୍ୱିନୀ କର୍ମି ବା– ନାରାୟଣପୁର, ଅହଲ୍ୟା ବସ୍ତିଆ, ବା– ଲୁପୁରାସିଂହା, ପି– ଗୋପିଚନ୍ଦ୍ର କର୍ଣ୍ଣ, ରାଧିକା କର୍ଣ୍ଣ, ସ୍ୱା– ଗୋପିଚନ୍ଦ୍ର କର୍ଣ୍ଣ, ଜା.ଡୁମାଲ, ବା.ନିଜଗାଁ |
| ୧୧ | | ୧୨୦୦ | ୦.୧୮୦ | ୦.୦୫୦ | ଆଟ | |
| ୧୨ | ୧୦୦ | ୧୧୪୪ | ୦.୬୦୦ | ୦.୨୨୦ | ଆଟ | ନିଲମାଧବ ମହାଣା, ପି– ନଟବର ମହାଣା, ଜା.କଂସାରୀ, ବା–ତରଭା |
| ୧୩ | | ୧୧୪୫ | ୫.୨୦୦ | ୨.୬୫୦ | ବେର୍ଣ୍ଣାଅଣଜଳସେଚିତ | |
| ୧୪ | ୧୧୩ | ୧୧୩୮ | ୦.୨୧୫ | ୦.୨୧୫ | ଆଟ | ପୁରନ୍ଦର ନାୟକ, ପି– କାହ୍ନୁ ନାୟକ, ଜା.ଓଡିଆ, ବା.ନିଜଗାଁ |
| ୧୫ | | ୧୧୩୯ | ୦.୨୧୦ | ୦.୨୧୦ | ଆଟ | |
| ୧୬ | ୧୩୮ | ୧୧୪୨ | ୦.୯୮୦ | ୦.୩୫୦ | ଆଟ | ବେଣୁଧର ନାୟକ, ପି– ଦୟାନିଧି ନାୟକ, ଜା. ଓଡିଆ, ବା.ନିଜଗାଁ |
| ୧୭ | ୧୫୫ | ୧୧୮୪ | ୦.୨୩୦ | ୦.୨୦୦ | ବେର୍ଣ୍ଣାଅଣଜଳସେଚିତ | ମନମଥ ନିଆଲି, ବା– ନିଜଗାଁ, ବା– ପୁଇଁନ୍ତଳା, ପି– ଛବିଳ ନିଆଲି, ସେବତି ନିଆଲି, ସ୍ୱା– ଛବିଳ ନିଆଲି, ବା– ନିଜଗାଁ, ଶ୍ରୀମତୀ ଚନ୍ଦନ, ପି– ଭଗବାନ ନିଆଲି, ଜା.ଗଉଡ, ବା.ସାନଭଇଁତରା |
| ୧୮ | | ୧୧୮୫ | ୦.୨୪୦ | ୦.୨୪୦ | ଆଟ | |
| ୧୯ | ୧୫୮ | ୧୧୮୬ | ୦.୧୮୦ | ୦.୧୮୦ | ବେର୍ଣ୍ଣାଅଣଜଳସେଚିତ | ମହାବୀର ସୁନା, ପି– ହଲୁ ସୁନା, ଜା.ଗଣ୍ଡା, ବା.ନିଜଗାଁ |
| ୨୦ | | ୧୧୮୭ | ୧.୯୬୦ | ୦.୬୦୦ | ବେର୍ଣ୍ଣାଅଣଜଳସେଚିତ | |
| ୨୧ | ୧୬୯ | ୧୧୬୯ | ୨.୧୬୦ | ୦.୨୦୦ | ବେର୍ଣ୍ଣାଅଣଜଳସେଚିତ | ମୁରଲୀଧର ଥନାପତି, ପି– ବଂଶୀଧର ଥନାପତି, ଜା.ବଡମାଳି, ବା.ତରଭା |
| ୨୨ | | ୧୧୮୮ | ୦.୨୮୦ | ୦.୨୮୦ | ବେର୍ଣ୍ଣାଅଣଜଳସେଚିତ | |
| ୨୩ | | ୧୧୯୭ | ୦.୫୧୦ | ୦.୫୧୦ | ବେର୍ଣ୍ଣାଅଣଜଳସେଚିତ | |
| ୨୪ | ୨୧୯ | ୧୧୩୭ | ୦.୨୩୫ | ୦.୨୩୫ | ଆଟ | ଶ୍ରୀମତୀ ନାୟକ, ପି– କାହ୍ନୁ ନାୟକ, ଜା.ଓଡିଆ, ବା.ନିଜଗାଁ |
| ୨୫ | ୨୩୩ / ୩୭ | ୧୧୩୫ | ୦.୩୯୦ | ୦.୩୯୦ | ଆଟ | ଶୁଭ୍ରାଂଶୁ ଶେଖର ମେହେର, ପି– ବିଜୟ ମେହେର, ଜା.ଭୁଲିଆ, ବା.ତରଭା (ଗଡଭିତର) |
| ମୋଟ | | | **୨୧.୬୦୦** | **୧୧.୩୯୦** | | |

## ଭୂମି ଅନୁସୂଚୀ

**ମୌଜା- ବାଘପାଲି** **ତହସିଲ- ସୋନପୁର ନ.୧୨୫**
**ଥାନା- ସୋନପୁର ନ.୪୦** **ଜିଲ୍ଲା- ସୋନପୁର**

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିକୃତ ରକବା | କିସମ | ପ୍ରଜାର ନାମ ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫୩ | ୩ ୫ ୬ | ୦.୦୩୦<br>୧.୫୭୦<br>୧.୯୮୦ | ୦.୦୧୦<br>୦.୨୦୦<br>୦.୧୮୦ | ଆଟ<br>ବାହାଲ ଅଣଜଳସେଚିତ<br>ଆଟ | ପ୍ରେମାନନ୍ଦ ମେହେର, କ୍ଷେତ୍ରି ମେହେର, ଦ୍ୱିତୀୟା ମେହେର, ପି.ବେଣୁ ମେହେର, ଜା.ଭୁଲିଆ, ବା.ଖରଝୁରା |
| | **ମୋଟ** | **୩.୫୮୦** | **୦.୩୯୦** | | |



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### ସାଇକେଲ-ବାଇକ୍ ଧକ୍କାରେ ଜଣେ ମୃତ

**ରେଙ୍ଗାଲି, ୧୨।୧୦ (ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପୁରୁଣା ବସ୍ତି ନିକଟରେ ସାଇକେଲ ଏବଂ ବାଇକ୍ ମଧ୍ୟରେ ଶୁକ୍ରବାର ଧକ୍କା ହୋଇଛି। ଫଳରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ବାଇକ ଆରୋହୀ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରେଙ୍ଗାଲି ଗଣେଶନଗର ନିବାସୀ ଶ୍ରୀକୁମାର ସାହୁ (୭୦)। ଦୁଇ ବାଇକ୍ ଆରୋହୀ ରାମଚନ୍ଦ୍ର ନଗର ଅଞ୍ଚଳର ରାଜେଶ ମେହେର (୩୬) ଏବଂ ଘନଶ୍ୟାମ ମେହେର (୨୭) ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ କହିଛି ଯେ, ରାଜେଶ ଓ ଘନଶ୍ୟାମ ଏକ ବାଇକ୍ (ଓଡି ୧୫ ଜେ- ୭୫୦୯)ରେ ଯାଉଥିଲେ। ହେଲେ ସାଇକେଲରେ ଯାଉଥିବା ଶ୍ରୀକୁମାରଙ୍କୁ ଧକ୍କା ଦେଇଥିଲେ। ଫଳରେ ତିନି ଜଣ ଯାକ ଗୁରୁତର ଆହାତ ହୋଇଥିଲେ । ପ୍ରଥମେ ସମସ୍ତଙ୍କୁ ରେଙ୍ଗାଲି ଡାକ୍ତରଖାନା ଅଣାଯାଇଥିଲା। ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଶ୍ରୀକୁମାରଙ୍କ ମୃତ୍ୟୁ ଘଟିଥିଲା । ରେଙ୍ଗାଲି ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### ଜଗନ୍ନାଥ ପ୍ରସାଦ ଶିଶୁ ମନ୍ଦିରର ନୂତନ କର୍ମକର୍ତ୍ତା

**ନାକଟିଦେଉଳ, ୧୨।୧୦ (ଡି.ଏନ.ଏ)-** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। କମିଟିର ପୂର୍ବତନ ସମ୍ପାଦକ ହଳଧର ସାହୁ ଏହି ସଭାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପରିଚାଳନା କମିଟିର ସଭାପତି ଭାବେ ବିରଞ୍ଚିନାରାୟଣ ସାହୁ, ଉପସଭାପତି ଭାବେ ହରେକୃଷ୍ଣ ମେହେର, ସମ୍ପାଦକ ଭାବେ ଅରୁଣ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ମୁନି ସାହୁ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ, ସଦସ୍ୟା ରୋଜାଲିନ ବିଶି, ଜେମାମଣି ଦେହୁରୀ, ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ, ଆଚାର୍ଯ୍ୟ ପ୍ରତିନିଧି ପ୍ରଶାନ୍ତ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି । ନୂତନ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ବିଦ୍ୟାଳୟର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଓ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ପରିଚାଳନା କମିଟି ଗଠନ ପ୍ରକ୍ରିୟାରେ ଶିକ୍ଷା ବିକାଶ ସମିତି ଓଡିଶା ପଶ୍ଚିମ ସମ୍ଭାଗ ସଂଯୋଜକ ସଞ୍ଜୟ କୁମାର ମିଶ୍ର, ରେଢ଼ାଖୋଲ ସରସ୍ୱତୀ ଶିଶୁ ମନ୍ଦିରର ସଞ୍ଜୟ କୁମାର ମିଶ୍ର ଯୋଗ ଦେଇଥିଲେ। ଶେଷରେ ବିରଞ୍ଚି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ବଲପୁର ଜିଲା ଧନକଉଡା ବ୍ଲକ ବେହେରାଟିକ୍ରା ଗ୍ରାମରେ ରାଜ୍ୟପାଳ।

# ଲୋକଙ୍କ ସହ ସିଧାସଳଖ କଥା ହେଲେ ରାଜ୍ୟପାଳ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

- ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ ଦେବାକୁ ନିର୍ଦ୍ଦେଶ
- ୨୦୨୨ସୁଦ୍ଧା ଘର, ଜମି, ରୋଜଗାର ମିଳିବ
- ସିଧାସଳଖ ଅଭିଯୋଗ କଲେ ଲୋକେ

ସମ୍ବଲପୁରକୁ ଦିନିକିଆ ଗସ୍ତରେ ଆସି ରାଜ୍ୟପାଳ ଗଣେଶୀ ଲାଲ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଶୁକ୍ରବାର ବୁର୍ଲା ଅଶୋକ ନିବାସରୁ ବାହାରି ପ୍ରଥମେ ଧନକଉଡା ବ୍ଲକ କଲାମାଟି ପଞ୍ଚାୟତ ବେହେରାଟିକ୍ରାରେ ନିର୍ମାଣ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ବୁଲି ଦେଖିଥିଲେ। ସେଠାରେ ହୀତାଧିକାରୀମାନଙ୍କ ସହିତ ସେ ଆଲୋଚନା କରିଥିଲେ । ପରେ ଗଣମାଧ୍ୟକୁ ସୂଚନା ଦେଇ କହିଥିଲେ ଯେ, ଭୂମିହୀନ ଓ ବାସହୀନ ଲୋକମାନଙ୍କ ପାଇଁ କେନ୍ଦ୍ର ସରକାର ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି। ୨୦୨୨ ସୁଦ୍ଧା ରାଜ୍ୟରେ ସମସ୍ତଙ୍କୁ ରୋଜଗାର, ଜମି, ଘର ଯୋଗଇ ଦିଆଯିବ ବୋଲି କହିଛନ୍ତି। ମୁଦ୍ରା ଯୋଜନାରେ ୧୨ କୋଟି ଲୋକଙ୍କୁ ରୋଜଗାର ପାଇବାର ସୁଯୋଗ ମିଳିଛି । ମହିଳାମାନଙ୍କୁ ମଧ୍ୟ ସ୍ୱାବଲମ୍ବୀ କରାଯାଉଛି । ସେହପରି ରାଜ୍ୟ ସରାକାର ମଧ୍ୟ ସମସ୍ତ ଯୋଜନା କାଯ୍ୟକାରୀ କରିବାରେ ସହଯୋଗ କରୁଛନ୍ତି ବୋଲି ରାଜ୍ୟପାଳ ଗଣେଶୀ ଲାଲ କହିଥିଲେ । ପରେ ସେ ବସନ୍ତପୁର ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ସାଧାରଣ ସଭାରେ ଉଦ୍‌ବୋଧନ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆବାସ ଯୋଜନା, ପେନସନ ଯୋଜନା, ମମତା ଯୋଜନା, ପିଡିଏସ, ଅଙ୍ଗନୱାଡିରେ ମିଳୁଥିବା ସମସ୍ତ ପ୍ରକାରର ସେବା ଉପରେ ପଚାରି ବୁଝିଥିଲେ। ଗ୍ରାମବାସୀ ମଧ୍ୟ ନିଜର ସମସ୍ୟା ସିଧା ସଳଖ ରାଜ୍ୟପାଳଙ୍କୁ ଜଣାଇଥିଲେ। ବସନ୍ତପୁର ଗ୍ରାମର ଦୁଗ୍ଧ ଚାଷୀମାନେ ସରକାରୀ ଯୋଜନାରେ ଗୁହାଳ ନିର୍ମାଣ ଲାଗି ସହାୟତା ମିଳୁ ନ ଥିବା ଅଭିଯୋଗ କରିଥିଲେ। ଦୁଗ୍ଧ ଦର ବୃଦ୍ଧି କରିବାକୁ ଦାବି କରିଥିଲେ। ତେବେ ଗୁହାଳ ନିର୍ମାଣ ଲାଗି ସହାୟତା ଦେବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ଉମେଶ ମିଶ୍ରଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧବ ଦଳ ରାଜ୍ୟପାଳଙ୍କୁ ଜିଲାରେ ହୋଇଥିବା ଫସଲବୀମା ବିଭ୍ରାଟ ଉପରେ ଅବଗତ କରାଇଥିଲେ। ଏହା ଜାଣିବା ପରେ ଜିଲାପାଳ ସମର୍ଥ ବର୍ମାଙ୍କୁ ସେ ଏ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ସୂଚନାଯୋଗ୍ୟ, ସାଥୁପାଲି ଗ୍ରାମକୁ ଯାଇ ବୈଠକରେ ଯୋଗ ଦେବା ସହ କଦଳୀ ବଗିଚା ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଥିଲା । ଗ୍ରାମବାସୀ ମଧ୍ୟ ଅପକ୍ଷୋ କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ରାଜ୍ୟପାଳ ସମ୍ବଲପୁର ଫେରି ଯାଇଥିଲେ।

### ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଝୁମୁମୁରା ଦୁର୍ଗାପୂଜା

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ବେଶ୍ ଧୁମ୍ ଧାମ୍‌ରେ ପାଳନ କରୁଛନ୍ତି । ସେହିପରି ଝୁମୁମୁରାରେ ମଧ୍ୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତ ବର୍ଷ ଏଠାରେ ପୂଜା ୪୪ ବର୍ଷରେ ପଦାର୍ପଣ କରିଛି । ପ୍ରତି ବର୍ଷ ପରି ଚଳିତ ବର୍ଷ ସ୍ୱତନ୍ତ୍ର ପୂଜା ଉପରେ ଗୁରୁତ୍ୱ ଦିଆଯାଉଛି । ଷଷ୍ଠି ଦିନରୁ କଳସ ଯାତ୍ରା କରି ସ୍ଥାପନା କରାଯିବ। ସ୍ଥାନୀୟ କପିଳେଶ୍ୱର ବାବାଙ୍କ ମନ୍ଦିର ପୋଖରୀରୁ ପାଣି ବୁଡାଇ ଗ୍ରାମ ପରିକ୍ରମା ପରେ ମଣ୍ଡପରେ ସ୍ଥାପନା କରାଯିବ । ଚଳିତ ବର୍ଷ ବରୁଣ ଦେହୁରୀ ଓ ରଶ୍ମିତା କର୍ତ୍ତା କାର୍ଯ୍ୟ ତୁଲାଇବେ । ସେହପରି ଚନ୍ଦ୍ରକାନ୍ତ ପାଣିଗ୍ରାହୀ ଓ କ୍ଷେତ୍ରପାଲ ନନ୍ଦ ପୂଜକ ରହିଛନ୍ତି । ବୌଦ୍ଧର ଗୋବିନ୍ଦ ମହାରଣା ମୂର୍ତ୍ତିର ଶେଷ ସ୍ପର୍ଷ ଦେବାରେ ବ୍ୟସ୍ତ ରହିଛନ୍ତି।

### ନବୋଦୟ ସ୍କୁଲରେ ରାଜ୍ୟପାଳ

**ବୁର୍ଲା,୧୨।୧୦ (ଡି.ଏନ.ଏ)**

ଗୋଶାଳାସ୍ଥିତ ସମ୍ବଲପୁର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ବିଦ୍ୟାଳୟର ଅଧ୍ୟକ୍ଷା ନମିତା ତ୍ରିପାଠୀ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ । ରାଜ୍ୟପାଳ ୪୫ ମିନିଟ ଧରି ଛାତ୍ରୀଛାତ୍ରଙ୍କ ଗହଣରେ ସମୟ ବିତାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜକୁ ଜଣେ ଜଣେ ସୁନାଗରିକ ଭାବରେ ଗଢ଼ିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ସହ ତାଙ୍କ ସଚିବ ମଧୁସୂଦନ ପାଢ଼ୀ, ଜିଲାପାଳ ସମର୍ଥ ବର୍ମା, ନବୋଦୟ ଡେପୁଟି କମିଶନର ପି.ଏସ. ସର୍ଦ୍ଦାର, ଆସିଷ୍ଟାଣ୍ଟ କମିଶନର ପାର୍ବତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଶୁକ୍ରବାର ଅପରାହ୍ନରେ ସମ୍ବଲପୁର ଧନକଉଡା ବ୍ଲକ ମୁଖ୍ୟ ଫାଟକରେ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଧରି ରାଜ୍ୟପାଳଙ୍କୁ ଅପେକ୍ଷା କରିଛନ୍ତି ।

## ଆସିଲେନି ରାଜ୍ୟପାଳ: ଅଧିକାରୀ, କର୍ମଚାରୀ ନିରାଶ

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ଧନକଉଡା ବ୍ଲକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକରେ ଯୋଗ ଦେବାର ଥିଲା। ହେଲେ ଏହି କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ବ୍ଲକର ଅଧିକାରୀ, କର୍ମଚାରୀ ଓ ଜନପ୍ରତିନିଧିମାନେ ସକାଳ ୧୦ଟାରୁ ଅପରାହ୍ନ ୧ଟା ୪୫ ପର୍ଯ୍ୟନ୍ତ ଅପେକ୍ଷା କରି ନିରାଶ ହୋଇଥିଲେ। ବିଡିଓ ସରୋଜ ବିଶ୍ୱାଳ, ଏବିଡିଓ ସୁଶାନ୍ତ ପଣ୍ଡା, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷା ସୁଷମା ସାହୁ, ଜିଲା ପରିଷଦ ସଭ୍ୟା, ସମିତି ସଭ୍ୟା, କର୍ମଚାରୀ ଏବଂ ଅଧିକାରୀମାନେ ରାଜ୍ୟପାଳଙ୍କୁ ସ୍ୱାଗତ କରିବାକୁ ପୁଷ୍ପଗୁଚ୍ଛ ଧରି ଛିଡା ହୋଇଥିଲେ ବି ନିରାଶ ହୋଇଥିଲେ।

### ବାଇକ୍-ଟେମ୍ପୋ ଧକ୍କାରେ ୨ ଗୁରୁତର

**ରେଢ଼ାଖୋଲ,୧୨।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଧୀନ ବେଲଡିହି-କଦଳୀଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଚାରବାଟୀ ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନ ୪ଟା ବେଳେ ଏକ ବାଇକ୍ ସହିତ ଗୋଟିଏ ଟାଟା ଟେମ୍ପୋର ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍‌ରେ ଥିବା ୩ଜଣ ଯୁବକ ଆହତ ହୋଇଛନ୍ତି। ଏମାନେ ହେଲେ ରେଢ଼ାଖୋଲ ଥାନା କେନ୍ଦୁଖୁପଲି ଗ୍ରାମର ଅରୁଣ ଧଳ(୩୦), ବିଜୟ ଦେହୁରୀ, (୩୫), କୁନୁ ମୁଣ୍ଡା(୪୦) । ଗ୍ରାମବାସୀ ଏମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଅରୁଣ ଓ କୁନୁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ସମ୍ପର୍କରେ ଥାନାରେ କିନ୍ତୁ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

## ବର୍ଷା ହେଲାନି, ଚାଷୀ ନିରାଶ

**ବାମରା, ୧୨।୧୦ (ସ୍ୱ.ପ୍ର.)**

ବାମରା ବ୍ଲକରେ ଚଳିତ ବର୍ଷ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ଉପୁଜିଛି । ହେଲେ ବର୍ତ୍ତମାନ ଚାଷୀଙ୍କ ଏକମାତ୍ର ଭରସା ଥିଲା ବାତ୍ୟା ତିତଲି ଯୋଗୁ ଅଞ୍ଚଳରେ ହେବାକୁ ଥିବା ବର୍ଷା । କିଛି ପରିମାଣରେ ଧାନ ଚାଷ ବଞ୍ଚି ଯାଇଥାନ୍ତା ବୋଲି ଚାଷୀ ଅନୁମାନ କରୁଥିଲେ । ହେଲେ ତିତଲିର ଗତି ପରିବର୍ତ୍ତନ ଯୋଗୁ ବାମରା ବ୍ଲକ ଅଞ୍ଚଳରେ ଏହାର ପ୍ରଭାବ ଦ୍ୱାରା ଆଦୌ ବର୍ଷା ହୋଇ ନାହିଁ । ଏଣୁ ଚାଷୀ ବର୍ଷାକୁ ଯେଉଁ ଚାହିଁ ରହିଥିଲେ ସେଥିରେ ନିରାଶ ହେବାକୁ ପଡିଛି। ବର୍ଷା ନ ହେବାରୁ ଚାଷ ଜମି ଫାଟି ଆଁ କଲାଣି । ଚାଷୀ ନିକଟସ୍ଥ ନାଳ, ପୋଖରୀ ଓ କୂଅରୁ ମୋଟର ଲଗାଇ ପାଣି ମଡାଇ ଥିଲେ । ବର୍ଷା ଅଭାବରୁ ନାଳ, ପୋଖରୀ, କୂଅ ଓ କେନାଲ ଶୁଖିଲା ପଡିଛି। ବର୍ତ୍ତମାନ ପାଣିପାଗ ବିଭାଗ ଦ୍ୱାରା ବାତ୍ୟା ତିତଲିର ଘୋଷଣା ପରେ ବାମରା ବ୍ଲକ ଅଞ୍ଚଳର ଚାଷୀମାନେ ବର୍ଷାକୁ ଅପେକ୍ଷାରେ ରହିଥିଲେ । କିନ୍ତୁ ତିତଲି ଯୋଗୁ ବାମରା ଅଞ୍ଚଳରେ କେବଳ ପାଗ କୋହଲା ଛଡା ଅନ୍ୟ କିଛି ପ୍ରଭାବ ପଡିନି। ବାମରା ବ୍ଲକ ଜୟ କିସାନ ଆଦିମ କୃଷକ ସଂଗଠନ କହିଛି ଯେ, ବାମରା ବ୍ଲକକୁ ଆଜି ପର୍ଯ୍ୟନ୍ତ ଜଳସେଚନ ବ୍ୟବସ୍ଥା ହୋଇ ପାରିନାହିଁ । ୨୦ ହଜାର ଟଙ୍କା ଜମା କରାଯାଇ ବିଭିନ୍ନ ପଞ୍ଚାୟତରେ ଚାଷୀମାନେ ଭୂତଳ ନଳକୂଅ ଖୋଳାଇଛନ୍ତି। ମାତ୍ର ବ୍ଲକର ପ୍ରାୟ ୯୦ ପ୍ରତିଶତ ଭୂତଳ ନଳକୂଅ ଉପଯୁକ୍ତ ଭାବରେ କାମ କରୁନି । ଅଧିକାଂଶ ଉଠାଜଳ ସେଚନ ପଏଣ୍ଟ ଅଚଳ ହୋଇ ପଡିଛି । ଏଠାରେ କେବଳ ୨୨ଟି ଉଠା ଜଳସେଚନ ପଏଣ୍ଟ ଚାଷୀଙ୍କ ଭରସା ପାଲଟିଛି । ଯଦି ଲହରଙ୍ଗା ଓ ଭେଡେନ ନଦୀରେ ୬ଟି ମେଗା ଜଳ ସେଚନ ପଏଣ୍ଟ ତିଆରି ହୁଏ ତାହା ହେଲେ ୮ଟି ପଞ୍ଚାୟତର ଚାଷୀ ଉପକୃତ ହେବେ। ଏ ବିଷୟରେ ବାମରା ବ୍ଲକ କୃଷି ଅଧିକାରୀ ଦେବାନନ୍ଦ ସାହୁଙ୍କୁ ଯୋଗାଯୋଗ କରିବାରୁ ଅଞ୍ଚଳରେ ମରୁଡି ପରିସ୍ଥିତି ଗୁରୁତର ରହିଛି ବୋଲି ମତ ପ୍ରକାଶ କରିଛନ୍ତି ।





ଖମାର-କୁଡାନାଳୀ ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ, ଏମ୍‌ପିଙ୍କ ସମେତ ଅନ୍ୟମାନେ।

# ଧାରଣା ସତ୍ତ୍ୱେ ପ୍ରଶାସନ ଶୁଣିଲାନି

**ସମ୍ବଲପୁର,୧୨।୧୦(ବ୍ୟୁରୋ)**

ଚାଷୀଙ୍କୁ ସବୁବେଳେ ଉପେକ୍ଷା କରୁଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବେ ଚାଷୀଙ୍କ ଆକ୍ରୋଶର ଶିକାର ହେବାକୁ ଯାଉଛନ୍ତି। ପୂର୍ବରୁ ଚାଷୀ ଅନେକ ଆନ୍ଦୋନଳ କରି ନିଜ ହକ ପାଇଛି । ଏଣୁ ଫସଲ ବୀମା ଆନ୍ଦୋଳନରେ ମଧ୍ୟ ବିଜୟ ହେବ। ୨୦୦୬ ଅକ୍ଟୋବର ୨୬ରେ ଜିଲାର ହଜାର ହଜାର ଚାଷୀ ଆନ୍ଦୋଳନ କରିଥିଲେ। ଏଣୁ ସରକାର ସତର୍କ ରହନ୍ତୁ। ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରଥମ ପର୍ଯ୍ୟାୟର ଆନ୍ଦୋଳନର ଶେଷ ଦିନରେ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ ଏହା କହିଛନ୍ତି ।

ବୀମା କମ୍ପାନୀ ଉପରେ ଉଭୟ ସରକାରଙ୍କ ନିୟନ୍ତ୍ରଣ ରହୁନାହିଁ । ସରକାର ବୈଠକ ଡାକିଲେ ମଧ୍ୟ କମ୍ପାନୀ ପକ୍ଷରୁ କେହି ଆସୁ ନାହାନ୍ତି । ଉଭୟ ସରକାର ଓ ରାଜେନେତାମାନେ ପରସ୍ପର ଉପରେ ଦୋଷ ଲଦି ଚୁପ ବସିଯାଉଛନ୍ତି । ଆସନ୍ତା ୨୧ ତାରିଖ ଜମନକିରା ବ୍ଲକରେ ୪୦ ସଂଗଠନକୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ । ଉକ୍ତ ବୈଠକରେ ଆଗାମୀ ଆନ୍ଦୋଳନର ରୂପ ରେଖ ପ୍ରସ୍ତୁତ ହେବ। ଚାଷୀ ତାତିଲେ ଏହାର ପ୍ରଭାବ ଆଗାମୀ ନିର୍ବାଚନରେ ପଡିବ । ଏହା ସହ କୃଷି ଅଫିସ, ସମବାୟ ଅଫିସକୁ ଅଚଳ କରି ଦିଆଯିବ ବୋଲି ମୁରାରୀ ପୁରୋହିତ, ହରିଶଙ୍କର ପୁରୋହିତ, ଉମେଶ ଠାକୁର, ଚନ୍ଦ୍ରଶେଖର ପଣ୍ଡା, ବିଭୁ ପଟ୍ଟାନାୟକ, ଦେବେନ୍ଦ ପ୍ରଧାନ, ପ୍ରକାଶ ପ୍ରଧାନ, ସୁଦର୍ଶନ ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ ଗତବର୍ଷ ଫସଲବୀମା ଟଙ୍କା ପ୍ରଦାନରେ ବିଭ୍ରାଟ ହୋଇଛି । ଏହାକୁ ନେଇ ଚାଷୀମାନେ ୧୫ ଦିନ ହେବ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି । ହେଲେ ସରକାର କୈଣସି ପଦକ୍ଷେପ ଗ୍ରହଣ କରୁନାହନ୍ତି ।

## ଖମାର-କୁଡାନାଳୀ ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ

**ନାକଟିଦେଉଳ, ୧୨।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଏବଂ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସୀମାନ୍ତ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ଖମାର ଛକଠାରେ କୁଡାନାଳୀ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ଶୁକ୍ରବାର ଶିଳାନ୍ୟାସ କରାଯାଇଛି । ଅନୁଗୋଳ ଜିଲା ଖମାର ଛକଠାରେ କଣଲୋଇ ପର୍ଯ୍ୟନ୍ତ ୧୦ କୋଟି ଏବଂ କଣଲୋଇଠାରୁ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର କୁଡାନାଳୀ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ପାଇଁ ୫ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ହେବ । ଖମାର ଛକଠାରୁ କୁଡାନାଳୀ ପର୍ଯ୍ୟନ୍ତ ୧୦କି.ମି. ରାସ୍ତା ପାଇଁ ସମୁଦାୟ ୧୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ପାତ୍ରପଡା ସରପଞ୍ଚ ଜଗନ୍ନାଥ ସାହୁ ସଭାପତିତ୍ୱ କରିଥିବା ବେଳେ କ୍ଷୁଦ୍ର, ମଧ୍ୟମ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ପୂର୍ତ୍ତବିଭାଗ ସଚିବ ନଳିନୀ କାନ୍ତ ପ୍ରଧାନ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ହେବା ଦ୍ୱାରା ବିଶେଷ କରି ନାକଟିଦେଉଳ ବ୍ଲକର କୁଡାନାଳୀ, ତଳନାଳୀ, ଶଙ୍ଖପୁର, କଇଁଙ୍ଗ, ବଡବିଲ, ରାଉଲ ଆଦି ବହୁ ଗ୍ରାମର ଦୀର୍ଘ ଦିନର ଆଶା ପୂରଣ ହୋଇପାରିବ। ଏହା ଦ୍ୱାରା ଅଞ୍ଚଳରେ ରାସ୍ତା ଯୋଗାଯୋଗ ବ୍ୟବସ୍ଥା ସୁଗମ ହେବ। ନାକଟିଦେଉଳ ଏବଂ ଛେଣ୍ଡିପଦା ବ୍ଲକର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ବିଡିଓ ରୋମାଞ୍ଚଳ ଖମାରୀ, ତହସିଲଦାର ଡାନିଏଲ ଏକ୍କା, ନାକଟିଦେଉଳ ବ୍ଲକ ବିଜେଡି ସଭାପତି ମୂଳିଆ ରାଉଳ, ବ୍ଲକ ପଯର୍ୟବେକ୍ଷକ ଗିରିଶ ରାଉତ, ପ୍ରମୋଦ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ମେରା ଭାରତ ବସ୍‌କୁ ସ୍ୱାଗତ

**ବରପାଲି, ୧୨।୧୦ (ଡି.ଏନ.ଏ):** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥିତ ମାଉଣ୍ଟଆବୁରୁ ଗତ ଅଗଷ୍ଟ ମାସରେ ବାହାରିଥିବା ମେରା ଭାରତ ବସ୍ ଅଭିଯାନକୁ ବରପାଲିଠାରେ ସ୍ୱାଗତ କରାଯାଇଥିଲା। ଏହି ବସ୍ ୭ଟି ରାଜ୍ୟ ଅତିକ୍ରମ କରି ଶୁକ୍ରବାର ସକାଳେ ସ୍ଥାନୀୟ ଗାନ୍ଧୀଛକକୁ ପହଞ୍ଚିବା ପରେ ବ୍ରହ୍ମକୁମାରୀ ପକ୍ଷରୁ ବରଦାନି ଭବନର କେନ୍ଦ୍ର ସଞ୍ଚାଳିକା ବିକେ ମାମିନାଙ୍କ ନେତୃତ୍ୱରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ଏହି ଟିମ୍‌ର ପ୍ରଭାରୀ ବିକେ ଗୀତାଞ୍ଜଳି ଓ କଳ୍ପେନ୍ତ ସାଥିଙ୍କ ତତ୍ତ୍ୱାବଧାନରେ ବିପଥଗାମୀ ସମାଜରୁ ନିଶା ନିବାରଣ ପାଇଁ ସଚେତନ କରାଇଥିଲେ । ଏଥିରେ ବରପାଲି ବ୍ରହ୍ମକୁମାରୀର ରାଜେନ୍ଦ୍ର, ସୁରେନ୍ଦ୍ର, ରବି, ଅମୂଲ୍ୟ, ଆକାଶ, ରାମ ଓ ଶତ୍ରୁଘ୍ନ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ ।

### କଲେଜରେ ରକ୍ତଦାନ ଶିବିର

**ବରଗଡ଼ ଅଫିସ୍,୧୨।୧୦:** ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ଏବଂ ଏଚଡ଼ିଏଫସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ପରିଚାଳନା କମିଟି ସଭାପତି ସଭ୍ୟ ସୁରେଶ୍ୱର ଶତପଥୀ, କିଶୋର ମିଶ୍ର, ଯୁକ୍ତଦୁଇ ଅଧ୍ୟକ୍ଷ ପ୍ରତୁଲ ତ୍ରିପାଠୀ, ଯୁକ୍ତତିନି ଅଧ୍ୟକ୍ଷ ସରୋଜ କୁମାର ଦେବତା, ରେଡ଼କ୍ରସ ସଂଯୋଜକ ସୁନୀଲ କୁମାର ଅଗସ୍ତି, ଅଶୋକ କୁମାର ବେହେରାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

### ଫୁଟବଲ: ଅଇଁଠାପାଲି ବିଜୟୀ

**ସୋହେଲା, ୧୨।୧୦ (ଡି.ଏନ.ଏ):** ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ଜିଲାସ୍ତରୀୟ ନକଆଉଟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଛି । ଦୁର୍ଗାପୂଜା କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ୬ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଜିଲାର ଅଇଁଠାପାଲି, କଦଳୀପାଲି, ବରଡୋଲ, ବରପାଲି, ଘେଁସ, ପଦ୍ମପୁର, କଳାପାଣି ଓ ଆୟୋଜକ ସୋହେଲା ଦଳ ଅଂଶଗ୍ରହଣ କରିବେ । ୧୫ତାରିଖରେ ପ୍ରଥମ ଓ ୧୬ତାରିଖରେ ଦ୍ୱିତୀୟ ସେମିଫାଇନାଲ ଏବଂ ୧୭ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜି ଆୟୋଜକ ସୋହେଲା ଓ ଅଇଁଠାପାଲି ମଧ୍ୟରେ ଉଦଘାଟନୀ ମ୍ୟାଚ୍ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ କରିବାରେ ସଫଳ ହୋଇ ନ ଥିଲେ । ପରେ ଟାଇବ୍ରେକରରେ ଅଇଁଠାପାଲି ୩-୦ ଗୋଲରେ ବିଜୟୀ ହୋଇଥିଲା। ଅଇଁଠାପାଲି ଦଳର ସୁରେନ୍ଦ୍ର ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ଆଜିର ମ୍ୟାଚ୍‌କୁ ରେଫରୀ ରଞ୍ଜୁ ଛତରିଆ ପରିଚାଳନା କରିଥିବା ବେଳେ ରେଫରୀ ପଞ୍ଚାନନ ପାତ୍ର ଓ ଶ୍ରୀନିବାସ ରାଓ ସହାୟତା କରିଥିଲେ। ଶନିବାର ବରଡୋଲ ଓ କଦଳୀପାଲି ମଧ୍ୟରେ ମ୍ୟାଚ ହେବ ।

# ବର୍ଷା ନାହିଁ, ଚିନ୍ତାରେ ଚାଷୀ

**ପଦ୍ମପୁର, ୧୨।୧୦ (ଡି.ଏନ.ଏ)**

ଚଳିତ ବର୍ଷ ଭଲ ବର୍ଷା ହୋଇଥିଲା । ଚାଷୀମାନେ ଠିକ ସମୟରେ ସେମାନଙ୍କ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ । ମାତ୍ର ସେପ୍ଟେମ୍ବର ମାସରେ ଆବଶ୍ୟକତା ଠାରୁ କମ୍ ବର୍ଷା ହୋଇଥିବା ବେଳେ ଅକ୍ଟୋବର ୧୨ ତାରିଖ ସୁଦ୍ଧା ଉପଖଣ୍ଡର ୬ଟି ବ୍ଲକରେ ଆଦୌ ବର୍ଷା ହୋଇନାହିଁ । ସାମୁଦ୍ରିକ ଝଡ ତିତ୍‌ଲି ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବ ଅନୁମାନ କରିଥିଲା । ଭଲ ବର୍ଷା ହେଲେ ଏହା ଚାଷୀଙ୍କୁ ସୁହାଇବା ସହ ମରୁଡି ଆଶଙ୍କାରୁ ରକ୍ଷା ପାଇଯିବେ ବୋଲି ଅଞ୍ଚଳର ଚାଷୀ ମନରେ ଆଶା ସଂଚାର କରିଥିଲା । ହେଲେ ପଦ୍ମପୁର ଉପଖଣ୍ଡରେ ତିତ୍‌ଲିର ମଧ୍ୟ କୌଣସି ପ୍ରଭାବ ପଡିଲା ନାହିଁ କି ଆଦୌ ବର୍ଷା ହେଲା ନାହିଁ ।

ପଦ୍ମପୁର ଉପଖଣ୍ଡର ୬ଟି ଯାକ ବ୍ଲକର ଅବସ୍ଥା ଚିନ୍ତାଜନକ ରହିଛି । ଅକ୍ଟୋବର ମାସରେ ୨୨୨.୬ ମିମି ବର୍ଷା ହେବା କଥା । ମାତ୍ର ବିଜେପୁର ବ୍ଲକରେ ୧୫୭ ମିମି, ଗାଇସିଲେଟ ୧୯୦ ମିମି, ଝାରବନ୍ଧ ୧୨୩.୨୦ ମିମି, ପଦ୍ମପୁର ୧୫୮.୬୦ ମିମି, ପାଇକମାଳ ୨୧୨ ଏବଂ ସୋହେଲା ବ୍ଲକରେ ମାତ୍ର ୯୬.୫୦ ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ହାରାହାରି ବୃଷ୍ଟିପାତ ଠାରୁ କମ୍ । ବର୍ଷା ଅଭାବରୁ ଉପଖଣ୍ଡ ମାଳ ଜମିଗୁଡିକ ବିଶେଷ କ୍ଷତି ହେବନାହିଁ । କିନ୍ତୁ ବାହାଲ ଜମି ଅବସ୍ଥା କହିହେବ ନାହିଁ ବୋଲି ଜିଲା କୃଷିବିଭାଗ ତରଫରୁ କୁହାଯାଇଛି । ବାହାଲ ଜମିଗୁଡିକ ଶୁଖିବାରେ ଲାଗିଛି । ଅନେକ ଚାଷୀ ବିଭିନ୍ନ ବନ୍ଧ, ନଦୀ, କୂଅରୁ ଜମିକୁ ପାଣି ମଡାଉଛନ୍ତି । ମାତ୍ର ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ । ପଦ୍ମପୁର ବ୍ଲକର ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକରୁ ପାଣି ଆସି ପାରୁନାହିଁ । ସେହିପରି ଅନେକ ସ୍ଥାନରେ ଲିଫ୍ଟ ପଏଣ୍ଟ ଗୁଡିକ ଅଚଳ ହୋଇପଡିଛି । ପଦ୍ମପୁର ବ୍ଲକର ଝାନ, ସର୍ଗିବାହାଲ, କନସିଂହା ପଞ୍ଚାୟତର ଚାଷୀମାନେ ଭୂତଳ ନଳକୂପ ଖୋଳାଇଥିଲେ ମଧ୍ୟ ଅଧିକାଂଶ ପଏଣ୍ଟରେ ବିଜୁଳି ସଂଯୋଗ ହୋଇପାରିନାହିଁ । ସେହିପରି ବିଜେପୁର, ଗାଇସିଲେଟ ବ୍ଲକ ଅଞ୍ଚଳରେ ପତ୍ରପୋଡା, ମଇଁଷା, ଚକଡା ରୋଗ ବ୍ୟାପିବାରେ ଲାଗିଛି । ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ଯଦି ଭଲ ବର୍ଷା ନ ହୁଏ ତେବେ ମରୁଡି ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି ।



**ବିଜେପୁର, ୧୨।୧୦ (ଡି.ଏନ.ଏ)**

ତିତ୍‌ଲି ପ୍ରଭାବରେ ବର୍ଷା ହେବ ବୋଲି ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକ ଅଞ୍ଚଳର ଚାଷୀମାନେ ଆଶା ବାନ୍ଧିଥିଲେ । ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଆକାଶରେ କଳାହାଣ୍ଡିଆ ମେଘ ଘୋଟି ରହିଥିଲା । ଦିନ ସାରା କାଲୁଆ ପବନ ବହୁଥିଲା । ମାତ୍ର ଶେଷ ପର୍ଯ୍ୟନ୍ତ ବର୍ଷାର ଦେଖା ଦର୍ଶନ ମିଳିଲାନି । ଫଳରେ ତିତ୍‌ଲି ପ୍ରଭାବରେ ଆକାଶରେ ଘୋଟିଥିବା କଳାହାଣ୍ଡିଆ ମେଘ ଶେଷକୁ ଚାଷୀମାନଙ୍କୁ ନିରାଶ କରି ଦେଇଛି। ଅଣଜଳସେଚିତ ଏହି ବ୍ଲକରେ ଦୀର୍ଘଦିନ ହେଲା ଭଲ ବର୍ଷା ହୋଇନାହିଁ। ତେଣୁ ରୌଦ୍ରତାପ ଯୋଗୁ ଜମିରେ ଯେଉଁ ଅଳ୍ପ ପାଣି ରହିଥିଲା, ତାହା ଶୁଷ୍କ ହୋଇଗଲାଣି। ଏପରିକି ସ୍ଥାନେ ସ୍ଥାନେ ଜମି ଫାଟି ଆଁ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଧାନ ଅମଳ ହେବା ସମୟକୁ ଆଉ ଗୋଟିଏ ବର୍ଷାର ଆବଶ୍ୟକତା ରହିଥିବା ବେଳେ ବର୍ଷାର ଦେଖାନାହିଁ । ଫଳରେ ମାଳ, ବେର୍ଣ୍ଣା ଜମିର ଛୋଟ ଧାନ ପାଣି ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ସୃଷ୍ଟି ହୋଇଛି । ଅଳ୍ପ କେତେକ ସ୍ଥାନରେ ପାଣି ସୁବିଧା ରହିଥିବାରୁ ଚାଷୀମାନେ ଫସଲକୁ ମରୁଡି ମୁହଁରୁ ରକ୍ଷା କରିବାକୁ ପ୍ରାଣପଣେ ଉଦ୍ୟମ କରୁଥିବା ପରିଲକ୍ଷିତ ହେଉଛି । ପାଁକେଲଡିହିର ଚାଷୀ ଦୀନବନ୍ଧୁ ସାହୁ କୁହନ୍ତି, ଦୁଇ ଦିନରେ ଆକାଶରେ କଳାହାଣ୍ଡିଆ ମେଘଦେଖି ବର୍ଷା ହେବ ବୋଲି ଭାବିଥିଲୁ । ଏହା ସବୁ ଫସର ଫାଟି ଯାଇଛି । ପାଣି ସୁବିଧା ନ ଥିବା ମାଳ ଓ ବେର୍ଣ୍ଣା ଜମିର ଧାନ ମରୁଡିର ଶିକାର ହେବା ସମ୍ଭାବନା ଅଧିକ ରହିଛି। ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀ ପ୍ରସାଦ ପଟେଲଙ୍କୁ ପଚାରିବାରୁ ଆମ ବ୍ଲକରେ ୧୯,୯୦୧ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ୬୦ ପ୍ରତିଶତ ମାଳ, ବେର୍ଣ୍ଣା ଜମିରେ ଛୋଟ ଧାନ ହୋଇଛି । ଭଲ ବର୍ଷା ନ ହେଲେ ଏହି ଧାନଚାଷ ମରୁଡିର ଶିକାର ହେବ ବୋଲି ସେ କହିଛନ୍ତି ।

## ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ



ସମଲେଶ୍ୱରୀ ଦେବୀ କୁଷ୍ମାଣ୍ଡା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି ।

**ବରଗଡ଼ ଅଫିସ୍,୧୨।୧୦**

ଶାରଦୀୟ ନବରାତ୍ର ପୂଜାରେ ବରଗଡ଼ ସହରର ଶକ୍ତିପୀଠ ଗୁଡ଼ିକ ଉତ୍ସବ ମୁଖରିତ ହୋଇଛି । ଏହି ଅବସରରେ ଶୁକ୍ରବାର ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମେଲଶ୍ୱରୀ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ । ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ଆୟୁ, ଯଶ, ବଳ, ସ୍ୱାସ୍ଥ୍ୟ ବୃଦ୍ଧି ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଫଳରେ ମାଁ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ସମେତ ସହରର ଅନ୍ୟ ଶକ୍ତିପୀଠ ଗୁଡ଼ିକରେ ମଧ୍ୟ ଭକ୍ତଙ୍କ ସମାଗମ ହୋଇଥିଲା ।

■ ଲୋକ ମହୋତ୍ସବ ପାର୍ବଣର ଦ୍ୱିତୀୟ ସନ୍ଧ୍ୟା

## ପରିବେଷଣ ହେଲା ଓଡ଼ିଶୀ, ଘୁଡୁକା, ଝୁମେର ନୃତ୍ୟ

**ସୋହେଲା,୧୨।୧୦ (ଡି.ଏନ.ଏ)**

ବରଗଡ଼ ଜିଲା ସୋହେଲା ଦୁର୍ଗାପୂଜାର ୭୫ବର୍ଷ ପୂର୍ତ୍ତି ଅବସରରେ ସାର୍ବଜନୀନ ପୂଜା କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅଞ୍ଚଳର ଲୁକ୍କାୟିତ ଲୋକ କଳାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରାଯାଇଛି। ଏହି କ୍ରମରେ ଲୋକ ମହୋତ୍ସବ ପାର୍ବଣ ଆରମ୍ଭ ହୋଇଛି । ଏହି ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହାକୁ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ସୋହେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ଗଡତିଆ, ତହସିଲଦାର ବିଶ୍ୱରଞ୍ଜନ କର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ଲୋକକଳାକୁ ଉଜ୍ଜୀବିତ କରି ରଖିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ସୋହେଲା ହଟଲି ସ୍ଥିତ ପାର୍ବଣ ମଣ୍ଡପ ରେ ୧୦ତାରିରେ ଉଦଘାଟିତ ହୋଇଥିବା ଲୋକମହୋତ୍ସବ ପାର୍ବଣରେ ରାଜ୍ୟ ତଥା ରାଜ୍ୟ ବାହାରୁ ଯୋଗ ଦେଉଥିବା ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟକ୍ରମ ପରିବେଷଣ କରିବେ । ଗୁରୁବାର ପାର୍ବଣରେ କଟକର ନୃତ୍ୟ ମୟୂରୀ ଅନୁଷ୍ଠାନର ଓଡିଶୀ ନୃତ୍ୟ, ମହୁଲପାଲି ଭାରତୀ ନୃତ୍ୟ କଳା ପରିଷଦର ଘୁଡକା ନାଚ ଓ ସୁନ୍ଦରଗଡ ମୟୂରୀ ସାଂସ୍କୃତିକ ଅନୁଷ୍ଠାନର ଝୁମେର ନୃତ୍ୟ ପରିବେଷଣ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଉପସଭାପତି ମହମ୍ମଦ ରଫିକ, ବଳବୀର ସିଂ ଠାକୁର, ଗୋବିନ୍ଦ ସାହୁ, ନଥୁରାମ ଅଗ୍ରୱାଲା, କୃଷ୍ଣଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ପିଙ୍କି ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଟଙ୍କଧର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଚେତନା ମଣ୍ଡପଠାରେ ଚାଲିଥିବା ରାମଲୀଳାର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ସିଦ୍ଧବନ ଯାତ୍ରା, ସୁବାହୁ ବଧ, ଅହଲ୍ୟା ଉଦ୍ଧାର, ଶ୍ରୀରାମ ଲକ୍ଷ୍ମଣଙ୍କ ନୌଯାତ୍ରା, ସୀତା ସ୍ୱୟମ୍ବର ଓ ପର୍ଶୁରାମ ଭେଟ ମଞ୍ଚସ୍ଥ ହୋଇଥିଲା ।

## ୧୩୫୧ ଜଣଙ୍କୁ ମିଳିଲା ମଧୁବାବୁ ଭତ୍ତା

### ପ୍ରତି ବ୍ଲକରେ ରହିବେ ଶ୍ରମ ନିରୀକ୍ଷକ



ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି ।

**ସୋହେଲା,୧୨।୧୦(ଡି.ଏନ.ଏ)**

ସୋହେଲା ନିକଟସ୍ଥ ହଳଦିପାଲିଠାରେ ମଧୁବାବୁ ପେନସନ ଯୋଜନାରେ ୧୩୫୧ଜଣ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ସେମାନଙ୍କ ମଧ୍ୟରେ ୪୮୫ଜଣ ବୃଦ୍ଧାବୃଦ୍ଧ, ୩୫୯ଜଣ ବିଧବା, ୧୨୩ ଜଣ ଭିନ୍ନକ୍ଷମ ଏବଂ ୩୮୪ଜଣ ଅବିବାହିତା ମହିଳା ରହିଛନ୍ତି । ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ । ମଧୁବାବୁ ପେନସନ ଯୋଜନାରେ ବାକି ରହିଯାଇଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ନିର୍ବାଚିତ ପ୍ରତିନିଧିମାନଙ୍କୁ ମନ୍ତ୍ରୀ ସିଂ ପରାମର୍ଶ ଦେଇଥିଲେ । ଶ୍ରମିକ କଲ୍ୟାଣ ଯୋଜନାରେ ଶ୍ରମ ଅଫିସକୁ ନ ଯାଇ ତାଙ୍କ ପାଖକୁ ନିର୍ଦ୍ଧାରିତ ଫର୍ମ ଧରି ଆସିଲେ ଶ୍ରମିକ କାର୍ଡ ଯୋଗାଇ ଦେବା ପାଇଁ ବିହିତ ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ କହିଥିଲେ । ଏଣିକି ପ୍ରତି ବ୍ଲକରେ ଶ୍ରମ ବିଭାଗ ପକ୍ଷରୁ ଜଣେ ଲେଖାଏଁ ଶ୍ରମ ନିରୀକ୍ଷକ (ଲେବର ଇନ୍ସପେକ୍ଟର)ଙ୍କୁ ନିଯୁକ୍ତି କରାଯିବ ବୋଲି ସେ ଘୋଷଣା କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ହିମାଳୟା ସାହୁ, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ଓ ଦୟାନିଧି ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଡିଓ ଅଶୋକ କୁମାର ଗଡତିଆ ସ୍ୱାଗତ ଭାଷଣ ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମଲେଶ୍ୱରୀ ଦୁଗ୍ଧ ସଂଘ ବୈଠକ ବାତିଲ

**ଅତାବିରା, ୧୨।୧୦ (ଡି.ଏନ.ଏ)**

ଗୋଶାଳା ସ୍ଥିତ ଓମଫେଡ ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ରଠାରେ ଶୁକ୍ରବାର ସମଲେଶ୍ୱରୀ ଦୁଗ୍ଧ ସଂଘର ୯୨ତମ ପରିଚାଳନା ପରିଷଦ ବୈଠକ ଆରମ୍ଭରୁ ହୋହଲ୍ଲା, ପାଟିତୁଣ୍ଡ ହେବାରୁ ବୈଠକକୁ ବାତିଲ କରାଯାଇଛି । ବୈଠକ ଆରମ୍ଭ ହେବା ମାତ୍ରେ ମାଲିଡିହି ସମିତି ସଭାନେତ୍ରୀ ପଦ୍ମାବତୀ ପଟେଲ ନିଜର ଲିଖିତ ଅଭିଯୋଗ ପଢ଼ିବା ଆରମ୍ଭ କରିଥିଲେ । ସଂଘ ସଭାପତି ଶତ୍ରୁଘନ ସାହୁ ହସ୍ତକ୍ଷେପ କରି ପରିଷଦର ନିୟମ ଅନୁସାରେ ସଭାକାର୍ଯ୍ୟ ଚାଲିବ ବୋଲି କହିଥିଲେ । କିନ୍ତୁ ଏହାକୁ ବିରୋଧ କରି କେତେକ ଡାଇରେକ୍ଟର ପାଟିତୁଣ୍ଡ ଆରମ୍ଭ କରିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ସଂଘ ସଭାପତି ବୈଠକକୁ ବାତିଲ କରିଦେଇଥିଲେ। ଓମଫେଡ ଡିଜିଏମ ମାର୍କେଟିଂ ଶ୍ରମିତ କର ଭୁବନେଶ୍ୱରୀ, ଅରୁଣ ସିଂ କାରଖାନା ପରିଚାଳକ, ସମ୍ବଲପୁର ଡେରୀ ସାଧାରଣ ପରିଚାଳକ କେ. ନାରାୟଣ ମୂର୍ତ୍ତି, ଦୁଗ୍ଧ ଚାଷୀ ଅମ୍ବିକା ପ୍ରସାଦ ତ୍ରିପାଠୀ, ରବୀନ୍ଦ୍ର ଡୋରା ପ୍ରମୁଖ ଉପସ୍ଥିତ ଥିଲେ । ତେବେ ବୈଠକରେ ହୋହଲ୍ଲା କରିଥିବା ୫ଜଣ ପରିଚାଳନା ପରିଷଦ ସଭ୍ୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡିଛି ।



ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି ।

## ଧାଙ୍ଗେରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବରଗଡ଼ ଅଫିସ୍,୧୨।୧୦**

ବରଗଡ଼ ବ୍ଲକ ଅନ୍ତର୍ଗତ ଧାଙ୍ଗେର ଗ୍ରାମରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶୁକ୍ରବାର ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଦଯାତ୍ରାରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୭୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୫୦୦ରୁ ଊର୍ଦ୍ଧ୍ୱ ମହିଳା ବିଜେଡ଼ିରେ ଯୋଗ ଦେଇଥିଲେ । ବିଜୁ ଯୁବ ବାହିନୀ ସଭାପତି ବିଦ୍ୟାଧର ବନଛୋରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଛୁରିଆ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାରେ ସାମିଲ ହେବା ପାଇଁ ଆଗେଇ ଆସିବାକୁ ଉପସ୍ଥିତ ଜନତାଙ୍କୁ ଆହ୍ୱାନ କରିଥିଲେ। ବିଧାୟକ ଆଚାର୍ଯ୍ୟ ବିଜେଡ଼ିରେ ଯୋଗଦାନ କରିଥିବା ମହିଳା ଗୋଷ୍ଠୀ ଓ ସଭ୍ୟାମାନଙ୍କୁ ସ୍ୱାଗତ କରିବା ସହିତ ବିଜେଡ଼ି ସରକାର ମହିଳାଙ୍କ ବିକାଶ ପାଇଁ ଅଗ୍ରାଧିକାର ଦେଇଛି ବୋଲି କହିବା ସହିତ ବିଭିନ୍ନ ଜନାଭିମୁଖୀ ଯୋଜନା ଉପସ୍ଥାପନ କରିଥିଲେ । ଯୁବନେତା ଆତ୍ମାରାମ ପଣ୍ଡା ଓ ପ୍ରଶାନ୍ତ ଭୋଇ ବିଜେଡ଼ି ତଥା ନବୀନ ସରକାରଙ୍କ ଦ୍ୱାରା ହୋଇଥିବା ବିକାଶମୂଳକ କାର୍ଯ୍ୟ ଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଶ୍ରୀବତ୍ସ ଛତର, ଟାଉନ ସଭାପତି କିଶୋର ମିଶ୍ର, ଉମେଶ ପଣ୍ଡା, ସରପଞ୍ଚ ଭାରତୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଧାଙ୍ଗେର ପଞ୍ଚାୟତର ସମସ୍ତ ବିଜେଡ଼ି ସଭ୍ୟାସଭ୍ୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଫଟୋରେ ଖବର



ସମ୍ବଲପୁର ବୈଦିକ ଇଣ୍ଟର ନ୍ୟାସନାଲ ସ୍କୁଲ ପରିସରରେ ସାହାସିକ କର୍ମଶାଳାରେ ଛାତ୍ରୀଛାତ୍ର, ପ୍ରଶିକ୍ଷିକା ଓ ପ୍ରଶିକ୍ଷକମାନେ ।



ବିଭିନ୍ନ ଦାବିରେ ଇଷ୍ଟକୋଷ୍ଟ ରେଳୱେ ଶ୍ରମିକ ୟୁନିୟନ ପକ୍ଷରୁ ଶୁକ୍ରବାର ଡିଆରଏମ୍‌ଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି ।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଚି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ

# ବର୍ଷାକୁ ଚାହିଁ ବସିଥିଲେ, ଧୋକାଦେଲା ତିତ୍‌ଲି

**ଝାରସୁଗୁଡ଼ା ଅଫିସ,୧୨।୧୦**

ତିତ୍‌ଲି ପ୍ରଭାବରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା। ହେଲେ ଝାରସୁଗୁଡ଼ା ଜିଲାରେ ବୁନ୍ଦାଏ ବି ବର୍ଷିଲାନି। ଜିଲା ମରୁଡ଼ି ଦିଗକୁ ଗତି କରୁଥିବା ବେଳେ ତିତ୍‌ଲିର ପୂର୍ବାନୁମାନରୁ ଜିଲାବାସୀ ଅସରାଏ ଭଲ ବର୍ଷା ଆଶା କରୁଥିଲେ। ତିତ୍‌ଲି ଆସି ଫେରିଯିବାକୁ ବସିଲାଣି, ଅଥଚ ଜିଲାରେ ବୁନ୍ଦାଏ ହେଲେ ବର୍ଷା ନ ହେବା ଚାଷୀଙ୍କୁ ନିରାଶ କରିଛି। ତିତଲି ଧୋକା ଦେଲା ବୋଲି ଚାଷୀମାନେ କହିବା ଆରମ୍ଭ କଲେଣି। ତିତ୍‌ଲି ପ୍ରଭାବରେ ଓଡ଼ିଶାର ଅଧିକାଂଶ ଜିଲାରେ ଉଣା ଅଧିକେ ବର୍ଷା ହୋଇଛି। ଏବେ ଏହା ଦୁର୍ବଳ ହୋଇ ଅବପାତ ରୂପ ନେବା ପରେ ୧୫ ଜିଲାରେ ପ୍ରବଳ ବର୍ଷା ଆକଳନ କରାଯାଇଛି। ହେଲେ ଏଥିରେ ଝାରସୁଗୁଡ଼ାର ନାଁ ନାହିଁ। ଏଭଳି ସ୍ଥିତିରେ ତିତ୍‌ଲି ଆଗମନରେ ବର୍ଷା ପାଇଁ ଆଶା ରଖିଥିବା ଚାଷୀକୁଳ ପୁଣି ମୁଣ୍ଡରେ ହାତ ଦେଲେଣି। କେବଳ ଚାଷୀକୁଳ ନୁହେଁ, ସାଧାରଣ ଲୋକ ଏବଂ ପ୍ରଶାସନ ମଧ୍ୟ ବର୍ଷା ଆଶା ରଖିଥିଲେ। ହେଲେ ତିତଲି ସମସ୍ତଙ୍କୁ ନିରାଶ କରିଛି ବୋଲି କୁହାଯାଉଛି। ସେପ୍ଟେମ୍ବର ମାସରେ

**୧୫ରେ ମରୁଡ଼ି ସ୍ଥିତି ନେଇ ଜରୁରୀ ବୈଠକ**


ବର୍ଷାଭାବରୁ ଧାନ କ୍ଷେତ ସବୁ ଶୁଖିଯାଇଛି।

ସ୍ୱାଭାବିକଠାରୁ କମ୍ ବର୍ଷା ଧାନ ଚାଷ ପାଇଁ ବିପଦ ସାଜିଛି। ସେପ୍ଟେମ୍ବର ମାସର ସ୍ୱାଭାବିକ ବର୍ଷା ୨୧୦.୭ ମି.ମି ରେକର୍ଡ ଥିବାବେଳେ ଚଳିତବର୍ଷ ମାତ୍ର ୧୨୨.୨୬ ମି.ମି ବର୍ଷା ହୋଇଛି, ଯାହା ଧାନ ଫସଲକୁ ପ୍ରଭାବିତ କରିଛି। ବର୍ଷା ଅଭାବ ଏବଂ ଚକଡ଼ା ଭଳି ରୋଗପୋକ ଆକ୍ରମଣରେ ଝାରସୁଗୁଡ଼ା ଜିଲାର ଧାନ ଫସଲ ନଷ୍ଟ ହୋଇଯାଇଛି। ତିତଲି ପାଇଁ ଚାଷୀ ଯାହା ଆଶା ରଖିଥିଲେ ତାହା ବି ଧୂଳିସାତ ହୋଇଯାଇଛି। ଏବେ କେବଳ ମରୁଡ଼ି ଆକଳନ ଏବଂ କ୍ଷତିପୂରଣ ପ୍ରଦାନକୁ ଚାଷୀଙ୍କ ଅପେକ୍ଷା। ଜିଲାରେ ପ୍ରାୟ ୪୦ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥିଲା। ଏବେସୁଦ୍ଧା ଜିଲାର ୧୨ ହଜାରରୁ ଅଧିକ ହେକ୍ଟର ଚାଷଜମି ମରୁଡ଼ି କବଳିତ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାଯାଇଛି। ଆଗକୁ ଏହି ପରିମାଣ ଆହୁରି ବୃଦ୍ଧି ପାଇବ ବୋଲି ମଧ୍ୟ କୃଷି ବିଭାଗ ଅନୁମାନ କରୁଛି।

ଜିଲାର ମରୁଡ଼ି ସ୍ଥିତି ନେଇ ସବୁ ସ୍ତରର ଲୋକ ଚିନ୍ତିତ ହୋଇପଡ଼ିଛନ୍ତି। ଚାଷୀଙ୍କୁ ଉଦ୍ଧାର କରିବା ପାଇଁ କୃଷି ବିଭାଗ ନିଜ ପକ୍ଷରୁ ତତ୍ପରତା ପ୍ରକାଶ କରିଛି। ଜିଲାରେ ସମ୍ଭାବ୍ୟ ମରୁଡ଼ି ସ୍ଥିତି ନେଇ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି, ଗତ ସେପ୍ଟେମ୍ବର ମାସରେ ଆଶାଜନକ ବର୍ଷା ହୋଇନାହିଁ। ସେଥିପାଇଁ ଡିପ ଜମି ପ୍ରଭାବିତ ହୋଇଛି। ସାମୁଦ୍ରିକ ଝଡ଼ ତିତଲି ପ୍ରଭାବରେ ଜିଲାରେ ବର୍ଷା ହେବ ବୋଲି ଆଶା କରାଯାଉଥିଲା। ହେଲେ ବର୍ଷା ହେଲାନାହିଁ। ତେଣୁ କ୍ଷୟକ୍ଷତି ଆକଳନ ପାଇଁ ରାଜସ୍ୱ ଓ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସୋମବାର ମରୁଡ଼ି ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ନବ କିଶୋର ଦାସ କହିଲେ, ଜିଲାରେ ସାଂଘାତିକ ମରୁଡ଼ି ସ୍ଥିତି ଉପୁଜିଥିବା ସୂଚନା ମିଳିଛି। ତୁରନ୍ତ ଏହାର ଆକଳନ ପାଇଁ ସମସ୍ତ ତହସିଲଦାରଙ୍କୁ ଅବଗତ କରାଯିବା ସହ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ମରୁଡ଼ି ସହାୟତା ପ୍ରଦାନ ପାଇଁ ଦାବି କରିବି।

## ସଂକ୍ଷେପରେ

### ଗୋଟିଏ ପରିବାରର ଦୁଇ ମୃତ

**ରିଆମାଳ,୧୨।୧୦(ଡି.ଏନ.ଏ.)-** ରିଆମାଳ ବ୍ଲକ ଅନ୍ତର୍ଗତ ଗୁଣ୍ଡିଆପାଲି ଗ୍ରାମର ବେଳି ଲୁହା(୬୫)ଙ୍କ ଗୁରୁବାର ୧୨ଟା ସମୟରେ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ୱାମୀ ଗିରିଧାରୀ(୭୦)ଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଗିରିଧାରୀଙ୍କର ଘରର ଉପର ଛାଉଣି ଗତ ବର୍ଷ ବର୍ଷାରେ ନଷ୍ଟ ହୋଇଥିବାବେଳେ ସ୍ଥାନୀୟ ଆର୍‌ଆଇ ତାଙ୍କୁ ଏକ ତାରପୋଲିନ୍ ପ୍ରଦାନ କରିଥିଲେ। ଫଳରେ ଗିରିଧାରୀ ସେହି ତାରପୋଲିନ ଘରେ ରହୁଥିଲେ। କିନ୍ତୁ ଗୁରୁବାର ରାତିରେ ପବନ ବର୍ଷାରେ ତାରପୋଲିନ ଉଠାଇ ନେବାରୁ ଥଣ୍ଡାରେ ଗିରିଧାରୀଙ୍କ ମୃତ୍ୟୁ ହୋଇଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଚାନ୍ଦମଣି ଗଡ଼ନାୟକଙ୍କୁ ପଚାରିବାରୁ ଗିରିଧାରୀ ପରିବାରଙ୍କୁ ଏକ ବିଜୁ ପକ୍କା ଘର ପ୍ରଦାନ କରାଯାଇଥିଲା। ଜିଇଓ ଟେକିଂ ହୋଇ ନ ପାରିବାରୁ ଗୃହ ନିର୍ମାଣ ହୋଇପାରିଲା ନାହିଁ। ତେଣୁ ଯଥାଶୀଘ୍ର ଗିରିଧାରୀ ପରିବାରଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଏକ ବାସଗୃହ ପ୍ରଦାନ କରାଯାଉ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

### ରିଆମାଳ ପଞ୍ଚାୟତ ସମିତି ସମୀକ୍ଷା ବୈଠକ

**ରିଆମାଳ,୧୨।୧୦ (ଡି.ଏନ୍.ଏ.)-** ରିଆମାଳ ପଞ୍ଚାୟତସମିତି କାର୍ଯ୍ୟାଳୟର ସଭାଗୃହଠାରେ ଶୁକ୍ରବାର ପଞ୍ଚାୟତ ସମିତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବାବେଳେ ରିଆମାଳ ବିଡିଓ ଶିବ ଟପ୍ପୋ ସଂଯୋଜନା କରିଥିଲେ। ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ ଓ ଏମ୍‌ପିଙ୍କ ପ୍ରତିନିଧି ତପନ ପ୍ରଧାନ, ବ୍ଲକ ଉପାଧକ୍ଷ ବୈକୁଣ୍ଠ, ବ୍ଲକ ଉପାଧକ୍ଷ ବୈକୁଣ୍ଠ ପାଇକରାୟ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ। ରିଆମାଳ ଓ କଣ୍ଟାବାହାଲ ଗ୍ରାମରେ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଯୋଗୁ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚାଷ ଜମିରେ ଚକଡ଼ା ପୋକ ଲାଗିବାରୁ ବିସ୍ତୃତ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ପଞ୍ଚାୟତ ସ୍ତରରେ ପାଞ୍ଚଟି ପଞ୍ଚାୟତସ୍ତରୀୟ ପାଠାଗାର, ଗ୍ରାମ୍ୟ ପାର୍କ ଲାଗି ଆଲୋଚନା ହୋଇଥିଲା। ସେହିପରି ତାଳବାହାଲ ବାଲାଜୀ, ଉପ୍ରା ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ପାଇଁ ବିଧାୟକ ଆଲୋଚନା କରିଥିଲେ।

#### ଖବରଦାତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ

# ନିରପେକ୍ଷ ତଦନ୍ତ ପାଇଁ ଓଜେୟୁ ତରଫରୁ ଦାବିପତ୍ର

**ଦେବଗଡ,୧୨।୧୦ (ସ୍ୱ.ପ୍ର)**

ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଜନୈକ ଖବରଦାତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଥାନାରେ ମିଥ୍ୟା ଅଭିଯୋଗ କରିଥିବା ନେଇ ଶୁକ୍ରବାର ଓଡିଶା ସାମ୍ବାଦିକ ସଂଘ(ଓଜେୟୁ) ତରଫରୁ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ତରଫରୁ ପ୍ରଦାନ କରାଯାଇଥିବା ଦାବିପତ୍ର ମୁତାବକ, ଗତ ଅକ୍ଟୋବର ୫ତାରିଖ କେତେକ ସହରବାସୀ ପୌର କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ବିରୋଧ କରି ଦେବଗଡ ମ୍ୟୁନିସିପାଲଟି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏହି ସମୟରେ ଜନୈକ ଖବରଦାତା ଖବର ସଂଗ୍ରହ କରିବା ପାଇଁ ଯାଇଥିଲେ। ତାଲା ପଡିଥିବା ପୌର କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଉକ୍ତ ଆନ୍ଦୋଳନକାରୀମାନେ ଛିଡା ହୋଇଥିବାର ଫଟୋ ଉତ୍ତୋଳନ କରି ଫେରିଯାଇଥିଲେ । ତେବେ ପରବର୍ତ୍ତୀ ସମୟରେ ପୌର କର୍ତ୍ତୃପକ୍ଷ ଉକ୍ତ ଆନ୍ଦୋଳନକାରୀମାନଙ୍କ ବିରୋଧରେ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିବାସହ ଜାଣିଶୁଣି ଉକ୍ତ ଖବରଦାତାଙ୍କ ନାମ ଉକ୍ତ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଫଳରେ ପୌର କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟକଳାପକୁ ନେଇ ବିଭିନ୍ନ ସଙ୍ଗଠନ ତରଫରୁ ଘୋର ନିନ୍ଦା କରାଯାଇଛି। ଦେବଗଡ ଥାନା ପୋଲିସ ଆଇନ ମୁତାବକ ନୋଟିସ କରିବା ସହ ଥାନାକୁ ଡକାଇଥିଲେ । ଫଳରେ ଜନୈକ ଖବରଦାତା ଆଇନକୁ ସମ୍ମାନ ଜଣାଇବା ସହ ଥାନାକୁ ଯାଇ ନୋଟିସ ଗ୍ରହଣ କରି ଜାମିନରେ ଆସିଥିଲେ । ଜନୈକ ଖବରଦାତା ପୌର କର୍ତ୍ତୃପକ୍ଷଙ୍କୁ ଏଭଳି ଘଟଣା ସମ୍ପର୍କରେ ପଚାରିବାରୁ ଏହାର କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ବରଂ ତାଙ୍କୁ ଆଇନର ଧମକ ଦେଇଥିଲେ ବୋଲି ସଂଘ କର୍ମକର୍ତ୍ତା ଲିଖିତ ଭାବେ ଜଣାଇଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଦେବଗଡ,୧୨।୧୦ (ସ୍ୱ.ପ୍ର)**

ଦେବଗଡ ଜିଲା ରିଆମାଳ ବ୍ଲକ ଆଡସ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଜିଲା ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ସୁଧୀର କପରଦାରଙ୍କ ନେତୃତ୍ୱରେ ଉକ୍ତ ଗ୍ରାମ ମାନଙ୍କରେ ପଦଯାତ୍ରା ସହିତ ପଥପାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ତିଲେଇବଣି ବ୍ଲକ ଉପାଧକ୍ଷ ଭୁପେନ୍ଦ୍ର ପ୍ରସାଦ ନାୟକ, ବ୍ଲକ ସଭାପତି ଜ୍ଞାନେନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ପଦଯାତ୍ରା କାଳରେ ଦଳୀୟ ନେତୃବୃନ୍ଦ ରାଜ୍ୟର ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ ।


ବିଜେଡି ଜନସମ୍ପର୍କ ପଦଯାତ୍ରାରେ ଉପସ୍ଥିତ ଦଳୀୟ ନେତୃବର୍ଗ।

## ବନ୍ୟାଞ୍ଚଳ ଗସ୍ତ କରିବ ଭାଜପାର ୩ ପ୍ରତିନିଧି ଦଳ

**ଭୁବନେଶ୍ୱର, ୧୨।୧୦ (ବ୍ୟୁରୋ)**

ବାତ୍ୟା 'ତିତ୍‌ଲି' ଯୋଗୁ ଦକ୍ଷିଣ ଓଡିଶା ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ଶାସକ ଦଳ ନେତାଙ୍କ ଜମା ବି ଆନ୍ତରିକତା ନ ଥିବା ଭାଜପା ଅଭିଯୋଗ କରିଛି। ଏହାସହ ଭାଜପାର ବିଭିନ୍ନ ପ୍ରତିନିଧି ଦଳ ବନ୍ୟାଞ୍ଚଳ ଗସ୍ତ କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଭାଜପା ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର କହିଛନ୍ତି ଯେ, କେବଳ ଗଣମାଧ୍ୟମରେ ବିଭ୍ରାନ୍ତିକାରୀ ବକ୍ତବ୍ୟ ପ୍ରଦାନ କରି ଶାସକ ଦଳ ଚୁପ୍ ବସିଯାଇଛି। ଏହି ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଭାଜପାର ୩ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ବାତ୍ୟା ଓ ବନ୍ୟାଞ୍ଚଳ ଗସ୍ତକରି ତଥ୍ୟ ସଂଗ୍ରହ କରିବେ।

# ଯାନବାହନ ଯାଞ୍ଚରୁ ମିଳିଛି ୧.୪ଲକ୍ଷର ଜରିମାନା

**ଦେବଗଡ,୧୨।୧୦(ସ୍ୱ.ପ୍ର.)**

ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ଦେବଗଡ ପୋଲିସ ପକ୍ଷରୁ ସେପ୍ଟେମ୍ବର ମାସରେ ମିଳିତଭାବେ ଯାନବାହନଗୁଡିକ ଯାଞ୍ଚ କରାଯାଇ ଚାଳକମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ଏହି କାର୍ଯ୍ୟାନୁଷ୍ଠାନ ସମୟରେ ସମୁଦାୟ ୧,୪୦,୩୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହିତ ୯ଜଣ ମଦ୍ୟପକାରୀ, ୧୨ଜଣ ଦ୍ରୁତଗତିରେ ଗାଡି ଚାଳନା କରୁଥିବା, ମାଲବୁହା ଗାଡିରେ ଯାତ୍ରୀ ପରିବହନ ନିମନ୍ତେ ୬ଜଣ ଏବଂ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ପରିବହନ କରୁଥିବା ୨ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡ୍ରାଇଭିଂଲାଇସେନ୍ସ ରଦ୍ଦ କରାଯାଇଛି । ଏହା ବ୍ୟତୀତ ବିନା ହେଲମେଟରେ ଗାଡି ଚଳାଉଥିବା ୭୭୧ଜଣ, ସିଟବେଲ୍ଟ ନ ପିନ୍ଧି ଗାଡି ଚଳାଉଥିବା ୬୧ଜଣ ଏବଂ ମୋବାଇଲ ବ୍ୟବହାର କରି ଗାଡି ଚଳାଉଥିବା ୫ଜଣଙ୍କୁ ଧରାଯାଇ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା ।

## ତିତ୍‌ଲି ବିଘାତ ଗଞ୍ଜାମ ଗଲା ୩୫ ଜଣିଆ ଉଦ୍ଧାରକାରୀ ଟିମ୍

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)**

'ତିତ୍‌ଲି' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ଜିଲାଗୁଡ଼ିକରେ ପ୍ରାୟ ୩ଶହ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ହଜାର ହଜାର ଲୋକ ପାଣି ଘେରରେ ଫଶି ରହିଛନ୍ତି। ସେମାନଙ୍କ ଉଦ୍ଧାର କାର୍ଯ୍ୟ ଲାଗି ଭୁବନେଶ୍ୱର ବରମୁଣ୍ଡା ଫାୟାର ଷ୍ଟେଶନରୁ ୩୫ ଜଣିଆ ଉଦ୍ଧାରକାରୀ ଟିମ୍ ଗଞ୍ଜାମ ଅଭିମୁଖେ ଯାତ୍ରା କରିଛନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ଏହି ଟିମ୍ ସ୍ୱତନ୍ତ୍ର ଗାଡି ଯୋଗେ ଗଞ୍ଜାମ ଯାଇଛନ୍ତି। ସେମାନେ ସାଙ୍ଗରେ ଲାଇଫ୍ ଜ୍ୟାକେଟ, ଟର୍ଚ୍ଚ, ତିନୋଟି ବୋଟ, କଟର ଓ ଅନ୍ୟ ସାମଗ୍ରୀ ନେଇଛନ୍ତି। ଏହି ଟିମ୍ ସେଠାକୁ ଯାଇ ଜଳବନ୍ଦୀ ଥିବା ବିପନ୍ନମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କ ନିକଟରେ ରିଲିଫ୍ ପହଞ୍ଚାଇବେ। ନିକଟରେ ଏହି ଟିମ୍ ଉଦ୍ଧାର କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଥିଲେ। କିଭଳି ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବେ ଏବଂ ବନ୍ୟାରେ ଯେପରି କାହାର ଜୀବନହାନି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ଟିମ୍‌ର ସଦସ୍ୟମାନେ କହିଛନ୍ତି।

# ହବିଷିଆଳିଙ୍କ ପାଇଁ ଚାରିଦ୍ୱାର ଖୋଲା

**ପୁରୀ ଅଫିସ,୧୨।୧୦**

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ମଧ୍ୟରୁ ହବିଷିଆଳିଙ୍କୁ ମୁକ୍ତି ମିଳିବ। ଅର୍ଥାତ୍ ହବିଷିଆଳିମାନେ ଶ୍ରୀମନ୍ଦିରର ୪ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ବିଶେଷକରି ବ୍ରତଧାରୀ ବୃଦ୍ଧାମାନେ ଯେପରି ହଇରାଣ ନ ହୁଅନ୍ତି ସେଥିପ୍ରତି ଏସ୍‌ପି ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ତ୍ତିକ ମାସରେ ହବିଷିଆଳି ତାଡ଼ ଜାଳିଥାନ୍ତି। ପୂର୍ବରୁ କେତେଜଣ ତାଡ଼ ଜାଳି ଗରୁଡ଼ସ୍ତମ୍ଭ ପାଖକୁ ଆସି ସଂକଳ୍ପ କରୁଥିଲେ। ଏଥର ଏହା ଉପରେ କଟକଣା ରହିବ। ଗୋଟିଏ ସ୍ଥାନରେ ଏବଂ ନିର୍ଦ୍ଦିଷ୍ଟ ସମୟରେ ଏହା ଜଳାଯିବା ଲାଗି ନିଷ୍ପତ୍ତି ହୋଇଛି। ଦ୍ୱିତୀୟ ଭୋଗମଣ୍ଡପ ପରେ ଦେବସଭା ମଣ୍ଡପରେ ତାଡ଼ ଜାଳିବା ଲାଗି ଆଲୋଚନା ହୋଇଥିବା ପରିଚାଳନା କମିଟି ସଦସ୍ୟ ରାମଦାସ ମହାପାତ୍ର ସୂଚନା ଦେଇଛନ୍ତି। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଅକ୍ଟୋବର ୨୦ ତାରିଖଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ନୀତି। ଏହା ନଭେମ୍ବର ୨୩ତାରିଖ ପର୍ଯ୍ୟନ୍ତ ଚାଲିବ। ତେଣୁ କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଅଧିକ ରହିବ। ସେହି ସମୟରେ କିପରି ନୀତି ଶୃଙ୍ଖଳିତ ହେବ ଏବଂ ଭକ୍ତମାନେ ମଧ୍ୟ ଶାନ୍ତିଶୃଙ୍ଖଳାର ସହ ମହାପ୍ରଭୁଙ୍କୁ ଦର୍ଶନ କରିବେ ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ନୀତି ପ୍ରଶାସକ ପ୍ରଦୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ଦେବସଭା ମଣ୍ଡପରେ ଜାଳିବେ ତାଡ଼**

# ପୋଲିସ-ମାଓବାଦୀ ଗୁଳି ବିନିମୟ: ୨ ମାଓବାଦୀ ମୃତ

**ମାଲକାନଗିରି, ୧୨।୧୦ (ଡି.ଏନ.ଏ.)**

ମାଲକାନଗିରି ଜିଲା ପୋଲିସ, ଏସଓଜି, ଡିଭିଏଫ ଓ ଆନ୍ଧ୍ର ଗ୍ରେହାଉଣ୍ଡର ୨ଟି ସ୍ଥାନରେ ମିଳିତ ଅପରେଶନ ବେଳେ ମାଓବାଦୀ ଓ ପୋଲିସ ମଧ୍ୟରେ ଶୁକ୍ରବାର ଗୁଳି ବିନିମୟ ହୋଇଥିଲା। ଏଥିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି।

ମାଲକାନଗିରି ଜିଲା ଅଣ୍ଡାପାଲି ନିକଟସ୍ଥ ଜଙ୍ଗଲରେ ଗୁରୁବାର ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟିର ଏକ ବୈଠକ ଚାଲିଥିବା ପୋଲିସକୁ ଖବର ମିଳିଥିଲା। ଯବାନମାନଙ୍କୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲେ। ପୋଲିସ ପକ୍ଷରୁ ମଧ୍ୟ ପାଲଟା ଗୁଳିଚାଳନା କରାଯାଇଥିଲା । ପ୍ରାୟ ୨ ଘଣ୍ଟା ଧରି ଉଭୟପକ୍ଷ ମଧ୍ୟରେ ଗୁଳି ଚାଳନା ହୋଇଥିଲା। ପରେ ଯବାନଙ୍କ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳ ତଲାସୀ ବେଳେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା। ତାଙ୍କ ନାମ ଆନ୍ଧ୍ର ଡିସିଏମ ମୀନା। ସେ ଓଡ଼ିଶା ବର୍ଡର ଜୋନାଲ କମିଟିର କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ମଧ୍ୟ ସଂପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି। ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି।

#### କାର୍ତ୍ତିକ ନୀତି ଚୂଡ଼ାନ୍ତ

# ଭୋର ୪ଟାରେ ଫିଟିବ ଦ୍ୱାର

**ପୁରୀ ଅଫିସ,୧୨।୧୦**

ଆଶ୍ୱିନ ଶୁକ୍ଳ ଏକାଦଶୀ ଅର୍ଥାତ୍ ଅକ୍ଟୋବର ୨୦ରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ନୀତି। ଏହା ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀ (ଅକ୍ଟୋବର ୨୦)ରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ (ନଭେମ୍ବର ୧୮) ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାପରେ ୫ଦିନ ଧରି ପଞ୍ଚୁକ ଚାଲିବ। ଶୁକ୍ରବାର ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ କାର୍ତ୍ତିକ ମାସର ନୀତି ନିର୍ଘଣ୍ଟ ହୋଇଛି। ଗତବର୍ଷ ଜଗମୋହନ ମରାମତି କାର୍ଯ୍ୟ ଚାଲିଥିବାରୁ ଦିବା ପହୁଡ଼ ପାଇଁ ସୁଯୋଗ ରହୁ ନ ଥିଲା। ହେଲେ ଜଗମୋହନ କାମ ଶେଷ ହୋଇଥିବାରୁ ଚଳିତବର୍ଷ ଦିବା ପହୁଡ଼ ହେବ। ଅର୍ଥାତ୍ ଦିନରେ ଠାକୁର ୨ ଘଣ୍ଟା ଶୋଇବେ ବୋଲି ନୀତି ନିର୍ଘଣ୍ଟ ହୋଇଛି। ଅନ୍ୟପକ୍ଷରେ ଶନିବାର, ରବିବାର ଏବଂ ସ୍ୱତନ୍ତ୍ର ଦିନଗୁଡ଼ିକୁ ବାଦ୍ ଦେଇ ଅନ୍ୟ ସବୁଦିନ ଠାକୁରଙ୍କ ଦିବା ପହୁଡ଼ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ସମସ୍ତ ସେବାୟତ ସହଯୋଗ କରିବାକୁ ବୈଠକରେ ଆଲୋଚନା କରାଯାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ରାତ୍ର ୧୨ଟାରେ ପହୁଡ଼ ନୀତି ସମ୍ପନ୍ନ ହୋଇ ଭୋର ୪ଟାରେ ଦ୍ୱାର ଫିଟିବ। ସାଢେ ୪ଟାରେ ଭିତର ଶୋଧ କରାଯାଇ ଭୋର ୫ଟାରେ ମଙ୍ଗଳ ଆଳତି କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି। ସେହିପରି ଗତ ବର୍ଷ ପରି ଏ ବର୍ଷ ପଞ୍ଚୁକ ୫ ଦିନ ଧରି ଅନୁଷ୍ଠିତ ହେବ। ନଭେମ୍ବର ୧୯ରେ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ, ୨୦ରେ ବାଙ୍କଚୂଡ଼ ବା ବାମନ ବେଶ, ୨୧ରେ ଆଡ଼କିଆ ତଥା ତ୍ରିବିକ୍ରମ ବେଶ, ୨୨ରେ ଡାଳିକିଆ ବା ଲକ୍ଷ୍ମୀନୃସିଂହ ବେଶ ଏବଂ ନଭେମ୍ବର ୨୩ରେ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟାଠାରୁ ପଞ୍ଚୁକ ମଧ୍ୟରେ ସୋମବାର ପଡ଼ିଲେ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ତେଣୁ ନଭେମ୍ବର ୧୨ ତାରିଖ ଅବକାଶ ନୀତି ପରେ ବଡ଼ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହେବ।

**କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ**

ଦ୍ୱାରଫିଟା–ଭୋର ୪ଟା

| | |
|---|---|
| ଭିତର ଶୋଧ– | ୪ଟା ୩୦ |
| ମଙ୍ଗଳ ଆଳତି– | ୫ଟା |
| ମଇଲମ, ତଡପ ଲାଗି– | ୫ଟା ୩୦ |
| ଅବକାଶ– | ପ୍ରାତଃ ୬ଟା ୧୫ |
| ରାଧା ଦାମୋଦର ବେଶ– | ୬ଟା ୩୦ରୁ ୭ଟା ୩୦ |
| ରୋଷହୋମ– | ୭ଟା |
| ସୂର୍ଯ୍ୟପୂଜା– | ୭ଟା ୧୫ |
| ଦ୍ୱାରପାଳ ପୂଜା– | ୭ଟା ୩୦ |
| ଗୋପାଳ ବଲ୍ଲଭ– | ୮ଟା |
| ସକାଳଧୂପ– | ୮ଟା ୩୦ରୁ ୯ଟା ୩୦ |
| ବାଳଧୂପ– | ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ |
| ଭୋଗମଣ୍ଡପ ଉଠିବ– | ୧୦ଟା ୧୦ |
| ମଇଲମ ଓ ବେଶ– | ୧୦ଟା ୪୫ ରୁ ୧୧ଟା ୩୦ |
| ଭୋଗମଣ୍ଡପ ଶେଷ– | ମଧ୍ୟାହ୍ନ ୧୨ଟା |
| ମଧ୍ୟାହ୍ନ ଧୂପ– | ୧୨ଟା ୩୦ ରୁ ୧ଟା ୩୦ |
| ଦ୍ୱିତୀୟ ଭୋଗ ମଣ୍ଡପ– | ୧ଟାରୁ ୨ଟା |
| ଦକ୍ଷିଣୀଘର ଭୋଗ– | ୨ଟା |
| ମଇଲମ ଓ ବେଶ– | ୨ଟା ୩୦ |
| ଦିବା ପହୁଡ଼– | ୩ଟା |
| ଦ୍ୱାରଫିଟା– | ଅପରାହ୍ନ ୫ଟା |
| ସନ୍ଧ୍ୟା ଆଳତି– | ସନ୍ଧ୍ୟା ୬ଟା |
| ମଇଲମ,ବେଶ– | ୬ଟା ୫ରୁ ୬ଟା ୫୦ |
| ସନ୍ଧ୍ୟାଧୂପ– | ୭ଟା ୨୦ରୁ ରାତ୍ର ୯ଟା |
| ଚନ୍ଦନଲାଗି– | ରାତି ୧୦ଟା |
| ବଡ଼ସିଂହାର ବେଶ– | ୧୧ଟା |
| ବଡ଼ସିଂହାର ଭୋଗ– | ୧୧ଟା ୩୦ |
| ରାତ୍ର ପହୁଡ– | ୧୨ଟା |

#### କଟକଣା ମାନୁନାହାନ୍ତି ମତ୍ସ୍ୟଜୀବୀ

# ବାତ୍ୟାବେଳେ ସମୁଦ୍ରରେ ଥିଲା ୧୧୫ ବୋଟ୍

**ପାରାଦୀପ,୧୨।୧୦ (ସ୍ୱ.ପ୍ର.)**

- ୨ ବୋଟ୍, ୧୩ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା କୋଷ୍ଟଗାର୍ଡ
- ବିପଦ ବଳୟରେ ଥିଲେ ୪୫ ବୋଟ୍

ଝଡ଼ ବାତ୍ୟା ଆଶଙ୍କା ସୃଷ୍ଟି ହେଲେ ସାଧାରଣତଃ ପ୍ରଥମେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ଦିଆଯାଏ। ସମୁଦ୍ରକୁ ମାଛ ମାରିବାକୁ ଯିବାକୁ ସେମାନଙ୍କୁ ବାରଣ କରାଯାଏ ଏବଂ ଯେଉଁମାନେ ସମୁଦ୍ର ମଧ୍ୟରେ ଥାନ୍ତି ସେମାନଙ୍କୁ କୂଳକୁ ଫେରିଆସିବାକୁ କୁହାଯାଏ। ଚଳିତଥର ତିତ୍‌ଲି ବାତ୍ୟା ପୂର୍ବରୁ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ଆବଶ୍ୟକ ସତର୍କ ସୂଚନା ଦିଆଯାଇଥିଲା। ଗଣମାଧ୍ୟମରେ ମଧ୍ୟ ଏହାକୁ ନେଇ ଜୋରଦାର ପ୍ରଚାର କରାଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ବାତ୍ୟା ସମୟରେ ଓଡ଼ିଶାର ୪୮୦ କିମି ପୂର୍ବ ଉପକୂଳ ସମୁଦ୍ର ମଧ୍ୟରେ ୧୧୫ଟି ମାଛଧରା ବୋଟ୍ ରହିଥିଲେ। ସେମାନଙ୍କ ମଧ୍ୟରୁ ଗୋପାଳପୁର ସୀମାରେ ୪୫ଟି ବୋଟ୍ ବିପଦ ବଳୟ ମଧ୍ୟରେ ଥିଲେ। ସେଥିମଧ୍ୟରୁ ଅତି ବିପଦଜ୍ଜନକ ଭାବେ ଥିବା ୨ଟି ବୋଟ୍ ଓ ସେଥିରେ ଥିବା ୧୩ ମତ୍ସ୍ୟଜୀବୀଙ୍କୁ କୋଷ୍ଟଗାର୍ଡ ଶୁକ୍ରବାର ଉଦ୍ଧାର କରିଛି। ଉଦ୍ଧାର ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ କଟକଣା ସତ୍ତ୍ୱେ ସମୁଦ୍ରରେ ମାଛଧରା ବୋଟ୍ ରହିବା ଘଟଣାକୁ ନେଇ କୋଷ୍ଟଗାର୍ଡ ଅସନ୍ତୋଷ ପ୍ରକାଶ କରିଛି।

ସୂଚନା ଅନୁଯାୟୀ, ତିତ୍‌ଲି ପାଇଁ ସରକାର ଅକ୍ଟୋବର ୮ରୁ ୧୨ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଲଗାଇଥିଲେ। କିନ୍ତୁ ୯ ତାରିଖରେ ସମୁଦ୍ରରେ ୧୧୫ ବୋଟ୍ ଓଡ଼ିଶା ଉପକୂଳର ବିଭିନ୍ନ ସ୍ଥାନରେ ମାଛ ଧରୁଥିବା କୋଷ୍ଟଗାର୍ଡର ଡୋନିୟର ଏୟାରକ୍ରାଫ୍ଟ ଯୋଗେ ଦେଖିବାକୁ ମିଳିଥିଲା। ୧୦ ତାରିଖରେ କୋଷ୍ଟଗାର୍ଡକୁ ସୂଚନା ମିଳିଥିଲା ଯେ ଗୋପାଳପୁର ସୀମାରେ ଆନ୍ଧ୍ରର ୪୫ ବୋଟ୍ ବିପଦରେ ପଡ଼ିଛନ୍ତି। ସମୁଦ୍ର ଅଶାନ୍ତ ଥିବା ସତ୍ତ୍ୱେ କୋଷ୍ଟଗାର୍ଡ ଅତି ସାହସିକତାର ପରିଚୟ ଦେଇ ୨ଟି ବୋଟ୍‌କୁ ଉଦ୍ଧାର କରିଛି। ଏହି ଉଦ୍ଧାର ସମୟରେ ଓଡ୍ରାଫ୍ ଟିମ୍ ସହଯୋଗ କରିଥିଲା। ବାରମ୍ବାର ସତର୍କ କରାଯିବା ସତ୍ତ୍ୱେ ମତ୍ସ୍ୟଜୀବୀମାନେ ସମୁଦ୍ରରେ ରହିବା ଘଟଣା ଏକାଧିକଥର ଦେଖିବାକୁ ମିଳିଲାଣି, ଯାହାକୁ ନେଇ କୋଷ୍ଟଗାର୍ଡ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି।


କୋଷ୍ଟଗାର୍ଡ ପକ୍ଷରୁ ଏକ ମାଛଧରା ବୋଟକୁ ଉଦ୍ଧାର କରାଯାଉଛି।



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।
- ସେକ୍ସପିୟର



# ସମ୍ବଲପୁରୀ ପୋଷାକ ପିନ୍ଧି ର୍ୟାମ୍ପରେ ଚାଲିଲେ










ସମ୍ବଲପୁର,୧୨।୧୦(ବ୍ୟୁରୋ)

କାଳୀବାଡି ଦୁର୍ଗାପୂଜା ଶତବାର୍ଷିକୀ କମିଟି ପକ୍ଷରୁ ଶୁକ୍ରବାର ରାତିରେ ଫେଶନ ଶୋ, ସମ୍ବଲପୁରୀ ପିନ୍ଧନ ଉଡନ୍ ଓ ସୁକନ୍ୟା ପ୍ରତିଯୋଗିତା ଅଶୋକା ଟକିଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଫେସନ୍ ସୋରେ ପ୍ରାୟ ୩୦ଜଣ ଯୁବତୀ, ଯୁବକ, ବାଳିକା, ବାଳକ ର୍ୟାମ୍ପରେ ଚାଲିଥିଲେ । ସେହିପରି ସମ୍ବଲପୁର ପୋଷାକ ପରିଧାନ କରି ୨୦ଜଣ ଯୁବତୀ ଓ ମହିଳା ପିନ୍ଧନ ଉଡନ ସୋରେ ଭାଗ ନେଇଥିଲେ । ରଙ୍ଗବେରଙ୍ଗର ସମ୍ବଲପୁରୀ ପୋଷାକ ପିନ୍ଧି ସେମାନେ ଦର୍ଶକଙ୍କୁ ବିମୋହିତ କରିଥିଲେ । ଏହାପରେ ଜୁନିୟର ଓ ସିନିୟର ବିଭାଗରେ ସୁକନ୍ୟା ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତା ତିନୋଟି ରାଉଣ୍ଡରେ ହୋଇଥିଲା । ଏଥିରେ ୩୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରଥମ ରାଉଣ୍ଡରେ ପରିଚୟ ପ୍ରଦାନ, ଦ୍ୱିତୀୟ ରାଉଣ୍ଡରେ ର୍ୟାମ୍ପ, ତୃତୀୟ ରାଉଣ୍ଡରେ ପ୍ରତିଯୋଗୀମାନେ ଟ୍ୟାଲେଣ୍ଟ ପ୍ରଦର୍ଶନ କରିଥିଲେ। ସୁକନ୍ୟା ପ୍ରତିଯୋଗିତାରେ ପାରମ୍ପାରିକ ପୋଷାକ ସହ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ବିଚାରକ ଭାବେ ମମତା ସାହୁ, ଅସିମ୍ ପ୍ରଧାନ, ରିଙ୍କୁ ସାହୁ ସାମିଲ ହୋଇଥିଲେ । ସସ୍ମିତା ପଟ୍ଟନାୟକ, ଭବାନୀ ରଣବିଡା, ରାମାଶିଷ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ରେଖା ଦେ, ନମିତା ପଟେଲ, ଅର୍ପିତା ବେହେରା ଓ ମମତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜକ କମିଟି ମୁଖ୍ୟ ସଂଯୋଜକ ଜୟବ୍ରତ ଦେଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଟ୍ରଷ୍ଟ ସଭ୍ୟ ଶୁଭାଶିଷ ସରକାର, ଦେବାଶିଷ ପୁରୋହିତଙ୍କ ସମେତ ଆୟୋଜକ କମିଟି ସଭ୍ୟମାନେ ସହଯୋଗ କରିଥିଲେ ।

# ଏମ୍‌ସିଏଲ, ବିଏଆଇଏଫ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର

ସମ୍ବଲପୁର,୧୨।୧୦(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଓ ଭାରତୀୟ ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ ଫାଉଣ୍ଡେଶନ (ବିଏଆଇଏଫ) ମଧ୍ୟରେ ଓଡିଶାର ଗ୍ରାମିଣ ବିକାଶ ନିମନ୍ତେ ଉତ୍ଥାନ୍ ପ୍ରକଳ୍ପ ସ୍ୱାକ୍ଷରିତ ହୋଇଛି । ଏହା ୨୦ କୋଟି ଟଙ୍କାର ପ୍ରକଳ୍ପ। ଏମସିଏଲ ମୁଖ୍ୟାଳୟରେ କାର୍ମିକ ନିର୍ଦ୍ଦେଶକ ନିଳାନନ୍ଦ ମିଶ୍ର, ମହାପ୍ରବନ୍ଧକ ସାଇରାମ ଓ ବିଏଆଇଏଫ ଉପସଭାପତି ଡ. ଡି.ଏନ. ସିନ୍ଦେ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏମସିଏଲ ଅଧୀନସ୍ଥ ବିଭିନ୍ନ କୋଇଲା ଖଣି ପାର୍ଶ୍ୱବର୍ତ୍ତୀ ଗ୍ରାମର ଜନସାଧାରଣ ଏହା ଦ୍ୱାରା ସ୍ୱାବଲମ୍ବୀ ହୋଇପାରିବେ। ପଛୁଆ ଥିବା ଲୋକଙ୍କର ସାମାଜିକ ଜୀବନ ଶୈଳୀରେ ପରିବର୍ତ୍ତନ ହେବା ସହ ଅଧିକ ବିକାଶ ହୋଇପାରିବ । ତେଣୁ ଏମସିଏଲ ପକ୍ଷରୁ ଉତ୍ଥାନ ପ୍ରକଳ୍ପର ପରିକଳ୍ପନା କରାଯାଇଛି । ଏହି ଅର୍ଥରେ କୃଷି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପାଇଁ ଓଡିଶାର ଝାରସୁଗୁଡା, ଅନୁଗୋଳ, ସୁନ୍ଦରଗଡ ଓ ସମ୍ବଲପୁର ଜିଲାର ୪୦ଟି ଗ୍ରାମକୁ ଚିହ୍ନଟ କରାଯାଇଛି । କମ୍ପାନୀର ନିୟମ ସହିତ ସଂରକ୍ଷଣ କାର୍ଯ୍ୟକ୍ରମର ସୂଚୀ ଅନୁସାରେ ଜୀବନ ଶୈଳୀରେ ପରିବର୍ତ୍ତନ ଓ ବିକାଶ ପାଇଁ ଏହି ପ୍ରକଳ୍ପ ମାଧ୍ୟମରେ ୬ ହଜାର ୧୭୪ଟି ପରିବାର ଉପକୃତ ହୋଇପାରିବେ ।



ଏମସିଏଲ ଓ ବିଏଆଇଏଫ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ଉତ୍ସବରେ କମ୍ପାନୀ କାର୍ମିକ ନିର୍ଦ୍ଦେଶକ ନିଳାନନ୍ଦ ମିଶ୍ର (ମଝି) ଉପସ୍ଥିତ ଅଛନ୍ତି ।

# ଆୟୁର୍ବେଦିକ ପଦ୍ଧତିରେ ବାତ ରୋଗ ଚିକିତ୍ସା ଶିବିର

ପଡିଆବାହାଲ, ୧୨।୧୦ (ଡି.ଏନ.ଏ)

ସ୍ଥାନୀୟ ଆରୋଗ୍ୟ ନିକେତନଠାରେ ଆୟୁର୍ବେଦ ପଦ୍ଧତିରେ ବାତରୋଗ ଉପରେ ଏକ ଚିକିତ୍ସା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଡା. ସତ୍ୟପ୍ରକାଶ ମିଶ୍ର ଏବଂ ଡା. ବିରଞ୍ଚି ନାରାୟଣ କର ରୋଗୀଙ୍କୁ ପରୀକ୍ଷା କରି ଚିକିତ୍ସା ପରାମର୍ଶ ଦେଇଥିଲେ। ପାଥୋଲେଜିଷ୍ଟ ସୁନୀଲ ମିଶ୍ର ରୋଗୀଙ୍କ ରକ୍ତଶର୍କରା ପରୀକ୍ଷା କରିଥିଲେ । ଡା. ଅବିନାଶ ସାହୁ, ଆଶୁତୋଷ ନାୟକ, ହିମାଂଶୁ ଭୂଷଣ ଦାସ, ରଞ୍ଜନ ପଧାନ, ରବିନାରାୟଣ ପଣ୍ଡା, କୃପାସିନ୍ଧୁ ଭୋଇ, ତୋଫାନ ବାଗ, ସୁମନ୍ତ୍ର ସାହୁ, ନିମାଇଁ ମହାକୁର, ରାଧାମୋହନ ଷଡଙ୍ଗୀ, ପ୍ରଦୀପ ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

■କାଳୀବାଡ଼ି ଦୁର୍ଗାପୂଜା ଶତବାର୍ଷିକୀ ଉତ୍ସବ

# ଡାକ ଲଫାପା ଉନ୍ମୋଚନ କଲେ ରାଜ୍ୟପାଳ


ଶୁକ୍ରବାର ସମ୍ବଲପୁର କାଳୀବାଡି ଦୁର୍ଗାପୂଜା ଶତବାର୍ଷିକୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶିଶୁମାନଙ୍କ ଗହଣରେ।

ସମ୍ବଲପୁର,୧୨।୧୦(ବ୍ୟୁରୋ)

ସମ୍ବଲପୁର କାଳୀବାଡ଼ି ଦୁର୍ଗାପୂଜାର ଶତବାର୍ଷିକୀ ଉତ୍ସବରେ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦୁର୍ଗାପୂଜା ଶତବାର୍ଷିକୀ କମିଟି ମୁଖ୍ୟ ସଂଯୋଜକ ତଥା କାଳୀବାଡ଼ି ଟ୍ରଷ୍ଟ ସଭ୍ୟ ଜୟବ୍ରତ ଦେଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ଶତବାର୍ଷିକୀ ଦୁର୍ଗାପୂଜାର ସ୍ମାରକୀ ଡାକ ଲଫାପାର ଉନ୍ମୋଚନ କରିଥିଲେ। ଦୁର୍ଗାପୂଜାର ବିଶେଷତ୍ୱ ବାବଦରେ ଉଲ୍ଲେଖ କରିବା ସହିତ ଭକ୍ତମାନଙ୍କ କଲ୍ୟାଣ ଲାଗି ପ୍ରାର୍ଥନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଲେ ଯେ, ସମ୍ବଲପୁର ବହୁ ଭାଷାଭାଷୀ ଲୋକଙ୍କର ମିଳନ ସ୍ଥଳ। ବିଭିନ୍ନ ସଂସ୍କୃତିର ଏଠି ମିଳନ ଘଟିଛି। ଯେଉଁ ବ୍ୟକ୍ତିମାନେ କର୍ମ ସଂସ୍ଥାନ ପାଇଁ ସମ୍ବଲପୁର ମାଟିକୁ ଆସି ଏହାକୁ ନିଜର କରିଥିଲେ ସେମାନଙ୍କର ପରବର୍ତ୍ତୀ ପିଢ଼ି ଏକ ପରମ୍ପରାକୁ ଉଜ୍ଜିବିତ ରଖିପାରିଲେ। ସେ ସମସ୍ତଙ୍କୁ ଆଜି ଶ୍ରଦ୍ଧାଞ୍ଜଳି ଜଣାଇବାର ଅବକାଶ ଆସିଛି । ସେହିଭଳି ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ କହିଲେ ଯେ, କାଳୀବାଡ଼ିର ଶତବାର୍ଷିକୀ ଦୁର୍ଗାପୂଜା କେବଳ ବଙ୍ଗଳା ଭାଷାଭାଷୀଙ୍କ ପାଇଁ ନୁହେଁ । ଏହା ସମଗ୍ର ସମ୍ବଲପୁର ପାଇଁ ଏକ ସମ୍ମାନର ବିଷୟ । ଆମେ ସଭିଏଁ ମିଳିମିଶି ଏହାକୁ ସ୍ମରଣୀୟ କରିବା। ଏହି ଅବସରରେ ସମ୍ବଲପୁରର ବିଭିନ୍ନ ଭାଷାଭାଷୀ ସମୁଦାୟ ଓ ଅନୁଷ୍ଠାନ ପକ୍ଷରୁ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କାଳୀବାଡ଼ି ଟ୍ରଷ୍ଟର ସମ୍ପାଦକ ଅରୁଣ ମୁଖାର୍ଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶତବାର୍ଷିକୀ କମିଟି ଉପସଭାପତି ପ୍ରମୋଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ । କାଳୀବାଡ଼ି ଟ୍ରଷ୍ଟ କମିଟିର ସଭାପତି ସଞ୍ଜୀବ ସୋମ, ଟ୍ରଷ୍ଟ ସଭ୍ୟ ଶୁଭାଶିଷ ସରକାର, କୋଷାଧକ୍ଷ ଶଙ୍କର ପ୍ରସାଦ ଘୋଷ, ପୂଜା କମିଟି ଉପାଧକ୍ଷ ଯଶବୀର ସିଂ ହୁରା, ଗିରିଶ ପଟେଲ, କେଶବ ଡାଲମିଆଁ, ସମ୍ପାଦକ ଦେବାଶିଷ ପୁରୋହିତ, ସିଦ୍ଧାର୍ଥ ସାହା, କୋଷାଧକ୍ଷ ସୁଧୀର ପଣ୍ଡା ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଉତ୍ସବ ପୂର୍ବରୁ ରାଜ୍ୟପାଳଙ୍କ ସମେତ ଅତିଥିମାନେ ମା' କାଳୀଙ୍କ ଦର୍ଶନ କରିଥିଲେ । ଏହି ସମୟରେ ଢାକି ବାଜାରେ ଉତ୍ସବ ପରିସର ପ୍ରକମ୍ପିତ ହୋଇଥିଲା ।

# ଉଦ୍‌ଘାଟନ ହେଲା ଅତ୍ୟାଧୁନିକ ଆମିଷ ବଜାର


ଶୁକ୍ରବାର ଅତିଥିମାନେ ଓପୋଲୋଫେଡ ଚିକେନ ଫ୍ରେସ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୧୨।୧୦(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ କମଳିଜାରଠାରେ ଶୁକ୍ରବାର ଓପୋଲୋଫେଡ ଚିକେନ ଫ୍ରେସ ଉଦଘାଟନ ହୋଇଛି । କିଶୋର କୁମାର ମହାନ୍ତି, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଏସ୍‌ଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ଏହି ବଜାର ଖୋଲିବା ଫଳରେ ସହରବାସୀଙ୍କୁ ବିଭିନ୍ନ ପ୍ରକାର ସତେଜ ମାଛ ଓ ଚିକେନ ମିଳି ପାରିବ । ବହୁଦିନରୁ ନିର୍ମାଣ ହୋଇଥିଲେ ମଧ୍ୟ ଏହା ଉଦ୍‌ଘାଟନ ହୋଇ ପାରି ନ ଥିଲା।



“ବିଦେଶୀଙ୍କୁ ଭାରତ କେବେ ଖରାପ ବ୍ୟବହାର ଦେଖାଇନାହିଁ। ତେଣୁ ରୋହିଙ୍ଗ୍ୟା ବା ଅନ୍ୟ କୌଣସି ଶରଣାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ମାନବାଧିକାର ଦୃଷ୍ଟିକୋଣରୁ ଦେଖାଯିବା ଅନୁଚିତ।
-ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ଭୂସ୍ଖଳନରେ ୩୪ ମୃତ

**କାମ୍ପାଲା,୧୨।୧୦(ପି.ଟି.):** ପୂର୍ବ ଉଗାଣ୍ଡାର ବୁଦୁଦା ଜିଲା ଅନ୍ତର୍ଗତ ବୁକାଲାସି ସହରରେ ଗୁରୁବାର ଭୂସ୍ଖଳନ ଘଟିବା ଯୋଗୁ ୩୪ ଜଣ ପ୍ରାଣ ହରାଇଥିବାବେଳେ ଅନେକେ ନିଖୋଜ ହୋଇଯାଇଛନ୍ତି। ଏକ ନଦୀର ଅତଡ଼ା ଭୁଶୁଡ଼ିଯିବା ଯୋଗୁ ବନ୍ୟା ଜଳ ଜନବସତି ଆଡ଼କୁ ମାଡ଼ି ଯାଇଥିଲା। ଉକ୍ତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜୋରସୋରରେ ଚାଲିଥିବା ଉଗାଣ୍ଡା ରେଡ୍ କ୍ରସ୍ ମୁଖପାତ୍ର ଇରେନ୍ ନାକାସିତା ସୂଚନା ଦେଇଛନ୍ତି।

### ନଭେମ୍ବର ୧୭ରୁ ଜମ୍ମୁ-କଶ୍ମୀର ପଞ୍ଚାୟତ ନିର୍ବାଚନ

**ଜମ୍ମୁ,୧୨।୧୦(ପି.ଟି.):** ଜମ୍ମୁ-କଶ୍ମୀରରେ ପୌର ନିର୍ବାଚନ ଲାଗି ରହିଥିବାବେଳେ ପଞ୍ଚାୟତ ନିର୍ବାଚନ ପାଇଁ ମଧ ଶୁକ୍ରବାର ବିଗୁଲ ବାଜିଛି। ନଭେମ୍ବର ୧୭ରୁ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ବିଭାଗ ଘୋଷଣା କରିଛି। ଦୀର୍ଘ ୧୦ ବର୍ଷ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ୧୦ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇ ଡିସେମ୍ବର ୧୭ରେ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ। ଏଥିରେ ୩୧୬ ବ୍ଲକ୍‌ର ୫୬.୧୨ ଲକ୍ଷ ଭୋଟର ୩୫,୦୯୬ ପଞ୍ଚାୟତ ସଦସ୍ୟଙ୍କୁ ବାଛିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଅକ୍ଟୋବର ୨୩ରେ ଏବଂ ଶେଷ ପର୍ଯ୍ୟାୟ ଭୋଟଗ୍ରହଣ (ଡିସେମ୍ବର ୧୧) ପାଇଁ ନଭେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ଭର୍ଜିନିଆରେ 'ମାଇକେଲ୍' ତାଣ୍ଡବ

**ୱାଶିଂଟନ୍,୧୨।୧୦(ପି.ଟି.):** ଆମେରିକୀୟ ଷ୍ଟେଟ୍ ଭର୍ଜିନିଆରେ ଶୁକ୍ରବାର ଭୟଙ୍କର ତାଣ୍ଡବ ରଚିଛି ସାମୁଦ୍ରିକ ଝଡ଼ ମାଇକେଲ୍। ଏହାଯୋଗୁ ୧୧ ଜଣ ପ୍ରାଣ ହରାଇଥିବାବେଳେ ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶୁକ୍ରବାର ୫ ଜଣଙ୍କ ମୃତ୍ୟୁ ରିପୋର୍ଟ ସାମ୍ନାକୁ ଆସିଛି। ସାଢ଼େ ୫ ଲକ୍ଷ ଲୋକ ଅନ୍ଧାରରେ ରହିଛନ୍ତି। ରାସ୍ତାଘାଟ ବନ୍ଦ ହେବା ସାଙ୍ଗକୁ ଲୋକେ ଘରେ ବନ୍ଦୀ ହୋଇ ରହିଥିବା ଷ୍ଟେଟ୍‌ର ଏମର୍ଜେନ୍ସି ଡିପାର୍ଟମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

ଇତିହାସର ଆଇନାରେ

### ଅକ୍ଟୋବର ୧୩ର ପ୍ରମୁଖ ଘଟଣା

୧୯୨୩ ଅକ୍ଟୋବର ୧୩ରେ ତୁର୍କୀର ରାଜଧାନୀ ଆଙ୍କାରା ଘୋଷିତ କରାଯାଇଥିଲା। ପୂର୍ବେ ଏହାର ରାଜଧାନୀ ଇସ୍ତାନବୁଲ ଥିଲା। ଇସ୍ତାନବୁଲ ପରେ ଆଙ୍କାରା ଦେଶର ଦ୍ୱିତୀୟ ବୃହତ୍ତମ ସହର। ପୂର୍ବରୁ ଏହା ଅଙ୍ଗୋରା ନାମରେ ଜଣାଥିଲା। ଦେଶର ମୁଖ୍ୟ ବାଣିଜ୍ୟ ଏବଂ ଔଦ୍ୟୋଗିକ କେନ୍ଦ୍ର ସହ ବିଭିନ୍ନ ଦେଶର ଦୂତାବାସ ଏଠାରେ ରହିଛି। ବିଶ୍ୱର ବିଭିନ୍ନ ଦେଶକୁ ଏଠାରୁ ଶୀତପୋଷାକ ଯାଇଥାଏ। ନାସ୍‌ପାତି, ମହୁ ଏବଂ ଅଙ୍ଗୁର ରପ୍ତାନୀ ପାଇଁ ଆଙ୍କାରାର ସ୍ୱତନ୍ତ୍ର ପରିଚୟ ରହିଛି।

୨୦୧୩ ଅକ୍ଟୋବର ୧୩ରେ ମଧ୍ୟପ୍ରଦେଶର ଦାତିଆ ଜିଲା ସ୍ଥିତ ରତନଗଡ ଦେବୀ ମନ୍ଦିର ନିକଟରେ ନବରାତ୍ରିରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ହୋଇଥିଲା। ଏଥିରେ ୧୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧୦ ରୁ ଅଧିକ ଆହତ ହୋଇଥିଲେ। ୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ମନ୍ଦିରରେ ଉପସ୍ଥିତ ଥିଲେ। ଏହା ନିକଟରେ ଥିବା ଏକ ବ୍ରିଜ ଉପର ଦେଇ ଲୋକେ ଯାଉଥିବା ବେଳେ ଶୁଣିବାକୁ ମିଳିଥିଲା ପୋଲ ଭୁଶୁଡି ପଡିଲା।

# #ମିଟୂ: ବିଚାର କରିବ ଲିଗାଲ୍ କମିଟି

- ୪ ଅବସରପ୍ରାପ୍ତ ବିଚାରପତିଙ୍କୁ ଶୁଣାଣି ଦାୟିତ୍ୱ
- ସତକୁ ଚିତ୍କାର କରି କହିବାର ବେଳ ଆସିଛି: ରାହୁଲ

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ମନୋରଞ୍ଜନ ଏବଂ ଗଣମାଧ୍ୟମ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଛି '#ମିଟୂ' ଅଭିଯାନ। ଏହି ଦୁନିଆ ସହ ଜଡ଼ିତ ଅନେକ ଚର୍ଚ୍ଚିତ ବ୍ୟକ୍ତିଙ୍କ ବିରୋଧରେ ମହିଳାମାନେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଦେଶରେ ନାରୀ ସୁରକ୍ଷାକୁ ନେଇ ଆରମ୍ଭ ହୋଇଛି ବିତର୍କ। '#ମିଟୂ' ଅଭିଯାନ ଜରିଆରେ ବ୍ୟଭିଚାର ଅଭିଯୋଗ ଆଣୁଥିବା ପୀଡ଼ିତାଙ୍କ ପାଇଁ ଅଣ୍ଟା ଭିଡ଼ିଛନ୍ତି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ। ସମସ୍ତ ଅଭିଯୋଗକାରିଣୀଙ୍କୁ ସମର୍ଥନ ଜଣାଇ ମାନେକା କହିଛନ୍ତି, ଯୌନ ନିର୍ଯାତନା ମାମଲାଗୁଡ଼ିକର ତଦନ୍ତ ଲାଗି ତାଙ୍କ ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏକ ଆଇନଗତ(ଲିଗାଲ୍) କମିଟି ଗଠନ କରିବ। ସେଥିରେ ୪ ଅବସରପ୍ରାପ୍ତ ବିଚାରପତି ସଦସ୍ୟ ରହିବେ।

କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ଲାଗି ଆଇନଗତ ବ୍ୟବସ୍ଥା ରହିଛି। ସେସବୁ କାର୍ଯ୍ୟକାରୀ ହେଉ ନ ଥିବାରୁ ଦେଶରେ ଅନେକ ମହିଳା ଯୌନ ଶୋଷଣର ଶିକାର ହେଉଛନ୍ତି। ଏନେଇ ଶୋକବ୍ୟକ୍ତ କରି କେନ୍ଦ୍ରମନ୍ତ୍ରୀ ମାନେକା କହିଛନ୍ତି ଯେ,''ପୀଡ଼ିତାଙ୍କ କଥାକୁ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ କରୁଛି। ସେମାନଙ୍କ ଯନ୍ତ୍ରଣା ଓ ଆଘାତକୁ ମର୍ମେ ମର୍ମେ ଅନୁଭବ କରିପାରୁଛି। ତେଣୁ #ମିଟୂ ଅଭିଯାନ ଜରିଆରେ ଆସୁଥିବା ଅଭିଯୋଗଗୁଡ଼ିକର ତଦନ୍ତ ଲାଗି ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଛି।'' ଉକ୍ତ କମିଟି ଆଇନଗତ ଓ ଆନୁଷ୍ଠାନିକ ଢାଞ୍ଚା ଉପରେ ତର୍ଜମା କରି ସେଗୁଡ଼ିକୁ ସୁଦୃଢ଼ କରିବାକୁ ମନ୍ତ୍ରଣାଳୟକୁ ପରାମର୍ଶ ଦେବ। ଦେଶରେ '#ମିଟୂ' ଝଡ଼ ସୃଷ୍ଟି



ହେବା ପରଠାରୁ ଦୁଇ ସପ୍ତାହ ମଧ୍ୟରେ ଅନେକ କର୍ମଜୀବୀ ମହିଳା ନିଜ ସହ ଘଟିଥିବା ଯୌନ ନିର୍ଯାତନା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେମାନଙ୍କୁ ବିଭିନ୍ନ ମହଲରୁ ମଧ୍ୟ ସମର୍ଥନ ମିଳୁଛି।

ଅଭିନେତ୍ରୀ ତନୁଶ୍ରୀ ଦତ୍ତ ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ '#ମିଟୂ' ନିଆଁ ଲାଗିଛି। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତଥା ପୂର୍ବତନ ସମ୍ପାଦକ (ଖବରକାଗଜ) ଏମ୍.ଜେ. ଆକବରଙ୍କ ବିରୋଧରେ ୭ ଜଣ ସାମ୍ବାଦିକା ଯୌନ ଶୋଷଣ ଓ ଅସଦାଚରଣ ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛି। ପରିବର୍ତ୍ତନ ଆଣିବା ସକାଶେ ସତକୁ ଚିତ୍କାର କରି ପ୍ରକାଶ କରିବାର ସମୟ ଉପନୀତ ହୋଇଛି। ଖାଲି ସେତିକି ନୁହେଁ, ମହିଳାଙ୍କୁ ସମ୍ମାନ ଦେବା ଉଚିତ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। '#ମିଟୂ' ଅଭିଯାନ ଏକ ବଡ଼ ପ୍ରସଙ୍ଗ। ଖୁବ୍‌ଶୀଘ୍ର ଏ ପ୍ରସଙ୍ଗରେ ସେ ଖବରଦାତା ସମ୍ମିଳନୀରେ ନିଜ ମତ ଉପସ୍ଥାପନ କରିବେ ବୋଲି କଂଗ୍ରେସ ମୁଖ୍ୟ କହିଛନ୍ତି। ରାହୁଲ ସିଧାସଳଖ ଆକବରଙ୍କୁ ଟାର୍ଗେଟ କରିନାହାନ୍ତି।

#### ପ୍ରଧାନମନ୍ତ୍ରୀ ମୁହଁ ଖୋଲନ୍ତୁ: ସ୍ୱାମୀ

'#ମିଟୂ' ଅଭିଯାନ ଯୋଗୁ କେନ୍ଦ୍ର ସରକାର ଅଡୁଆରେ ପଡ଼ିଥିବାବେଳେ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ ମନ୍ତବ୍ୟ ପ୍ରକାଶ କରି ସମସ୍ୟାକୁ ବଢ଼ାଇଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଆକବରଙ୍କ ନାଁରେ ହୋଇଥିବା ସଙ୍ଗିନ ଅଭିଯୋଗ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲିବା ଉଚିତ ବୋଲି ସେ କହିଛନ୍ତି।

## ପାଲାନିସ୍ୱାମୀଙ୍କ ବିରୋଧରେ ହେବ ସିବିଆଇ ତଦନ୍ତ

**ଚେନ୍ନାଇ,୧୨।୧୦(ପି.ଟି.)**



ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀଙ୍କ ବିରୋଧରେ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ଆଣି ଡିଏମ୍‌କେ ପକ୍ଷରୁ ହୋଇଥିବା ଏକ ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏକ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ଠିକାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିଲା। ମାମଲାର ତଦନ୍ତକରି ଡିରେକ୍ଟୋରେଟ୍ ଅଫ୍ ଭିଜିଲାନ୍ସ ଆଣ୍ଡ ଆଣ୍ଟି କରପ୍ସନ୍ (ଡିଭିଏସି) ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲା। ଉକ୍ତ ରିପୋର୍ଟ ଅନୁଧ୍ୟାନ କରିବା ପରେ ଜଷ୍ଟିସ ଏ.ଡି. ଜଗଦୀଶ ଚାନ୍ଦିରାଙ୍କ ପୀଠ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ପୀଠ କହିଛନ୍ତି, ମାମଲାରେ ଡିଭିଏସ୍ ରିପୋର୍ଟ ଏବଂ ଏହା ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସନ୍ତୋଷଜନକ ନୁହେଁ। ଏଣୁ ଏହାର ତଦନ୍ତ ଭାର ସିବିଆଇକୁ ଦିଆଯିବା ଉଚିତ। ମାମଲା ସମ୍ପର୍କିତ ସମସ୍ତ ନଥିପତ୍ର ଡିଭିଏସି ସପ୍ତାହେ ମଧ୍ୟରେ ସିବିଆଇକୁ ହସ୍ତାନ୍ତର କରୁ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ୩ ମାସ ମଧ୍ୟରେ ଦୁର୍ନୀତିର ପ୍ରାଥମିକ ତଦନ୍ତ ଶେଷ କରିବାକୁ ହେବ ବୋଲି ପୀଠ କହିଛନ୍ତି।

ପାଲାନିସ୍ୱାମୀ ୩୫୦୦ କୋଟି ଟଙ୍କାର ଏକ ରାସ୍ତା ନିର୍ମାଣ ପ୍ରକଳ୍ପ ବେନାମୀ ଏବଂ ନିଜ ସମ୍ପର୍କୀୟଙ୍କୁ ଦେଇଥିବା ଡିଏମ୍‌କେ ପକ୍ଷରୁ ଅଭିଯୋଗ ହୋଇଥିଲା। ଏଥିରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗ ଆଣି ଦଳର ସାଙ୍ଗଠନିକ ସଚିବ ଆର୍.ଏସ୍. ଭାରତୀ ମାମଲା ଦାଏର କରିଥିଲେ। ଡିଭିଏସି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାରୁ ଏହା ଜରିଆରେ ଉଚିତ ତଦନ୍ତ ସମ୍ଭବପର ନୁହେଁ ବୋଲି ଦର୍ଶାଇ ଭାରତୀ ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିକୁ ହସ୍ତାନ୍ତର କରିବା ଲାଗି ଏକ ଅତିରିକ୍ତ ଆବେଦନ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।

## ଫେରିଲେ ନାହିଁ ଆକବର

**ନୂଆଦିଲ୍ଲୀ,୧୨।୧୦:** ସାମ୍ବାଦିକାଙ୍କୁ ଯୌନ ନିର୍ଯାତନା ଦେବା ନେଇ ଅଭିଯୋଗ ଆସିବା ପରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ମୁଣ୍ଡରେ ଝୁଲୁଛି ଖଣ୍ଡା। ବିରୋଧୀ ଦଳ ତାଙ୍କ ବହିଷ୍କାର



କରିବା ଲାଗି ଅଡ଼ିବସିଥିବାବେଳେ ସରକାର ତାଙ୍କୁ ଗାଦି ଛାଡ଼ିବାକୁ କହିବେ ବୋଲି ସୂଚନା ମିଳିଛି। ଏପଟେ ବିବାଦ ତେଜିଥିବାବେଳେ ସେପଟେ ଆଫ୍ରିକା ଗସ୍ତରେ ଅଛନ୍ତି ଆକବର। ଶୁକ୍ରବାର ସୁଦ୍ଧା ସେ ଭାରତ ଫେରି ଇସ୍ତଫା ଦେବେ ବୋଲି ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ସେ ଫେରିଲେ ନାହିଁ। ନାଇଜେରିଆ ପରେ ଏବେ ଇକ୍ୱେଟୋରିଆଲ ଗିନି ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। ତେବେ ଆକବରଙ୍କ ଇସ୍ତଫା ପ୍ରସଙ୍ଗରେ ଭାଜପା ମୌନବ୍ରତ ଅବଲମ୍ବନ କରିଛି। ସେପଟେ କେନ୍ଦ୍ରମନ୍ତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ସମ୍ପର୍କରେ ସ୍ପଷ୍ଟ ଜବାବ ଦେବାକୁ କହିଛି କଂଗ୍ରେସ। ଆକବର ମୁହଁ ଖୋଲନ୍ତୁ, ନଚେତ୍ ପଦରୁ ଓହରିଯାଆନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା କହିଛନ୍ତି।

## ସାଜିଦ, ସୁଭାଷ ଘାଇଙ୍କ ନାଁରେ ଅଭିଯୋଗ

**ମୁମ୍ବାଇ,୧୨।୧୦(ପି.ଟି.):** ଦେଶରେ '#ମିଟୂ' ଅଭିଯାନ ଜୋର୍‌ଦାର ଚାଲିଥିଲାବେଳେ ସିନେମା ଜଗତର ଅନେକ ନାମୀଦାମୀ ବ୍ୟକ୍ତିବିଶେଷଙ୍କ କେଲେଙ୍କାରୀର କାର୍‌ନାମା ପଦାରେ ପଡୁଛି। ଏହି ତାଲିକାରେ ଶୁକ୍ରବାର ଆଉ କେତୋଟି ନୂଆ ନାମ ଯୋଡ଼ିହୋଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ସାଜିଦ ଖାନ, ସୁଭାଷ ଘାଇ ଏବଂ ଲଭ



ରଞ୍ଜନ। ସେହିପରି ଅଭିନେତା ଅକ୍ଷୟ କୁମାର, ଫରହାନ୍ ଅଖତର ଏବଂ ଅଜୟ ଦେବଗନ ପ୍ରମୁଖ '#ମିଟୂ' ଅଭିଯାନକୁ ସମର୍ଥନ ଜଣାଇଛନ୍ତି।

ସାଜିଦ ଖାନ୍‌ଙ୍କ ବିରୋଧରେ ୩ ଅଭିନେତ୍ରୀ ଏବଂ ଜଣେ ସାମ୍ବାଦିକା ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି। ଏହା ପ୍ରଘଟ ହେବା ପରେ ତାଙ୍କ ଭଉଣୀ ଫରାହ ଖାନ୍ ମଧ୍ୟ ନିଜ ଭାଇଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ସାଜିଦଙ୍କ ଭୁଲ୍‌କୁ ଘଣ୍ଟ ଘୋଡ଼ାଇବେ ନାହିଁ। ତାଙ୍କ ଦ୍ୱାରା ନିର୍ଯାତିତା ମହିଳାଙ୍କ ସମର୍ଥନରେ ବାହାରିବେ ବୋଲି ଫରାହ କହିଛନ୍ତି। '#ମିଟୂ' ଝଡ଼ର ଶିକାର ହେବା ପରେ 'ହାଉସ୍‌ଫୁଲ୍-୪'ର ନିର୍ଦ୍ଦେଶନା ଦାୟିତ୍ୱରୁ ଓହରିଯାଇଛନ୍ତି ସାଜିଦ୍। ସେହିପରି ନିର୍ଦ୍ଦେଶକ ସୁଭାଷ ଘାଇ ଏବଂ 'ପ୍ୟାର୍ କା ପଞ୍ଚନାମା' ନିର୍ଦ୍ଦେଶକ ରଞ୍ଜନଙ୍କ ବିରୋଧରେ ମଧ ବଳାତ୍କାର ଓ ଅସଦାଚରଣ ଅଭିଯୋଗ ଆସିଛି।

## ଶିବପାଲଙ୍କୁ ମାୟାବତୀଙ୍କ ବଙ୍ଗଳା

**ଲକ୍ଷ୍ନୌ,୧୨।୧୦(ପି.ଟି.)**

ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ପୁରୁଣା ସରକାରୀ ବାସଭବନ ପାଇଲେ ସମାଜବାଦୀ ସେକ୍ୟୁଲାର୍ ମୋର୍ଚ୍ଚାର ପ୍ରତିଷ୍ଠାତା ଶିବପାଲ ଯାଦବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାର ଏହି ବଙ୍ଗଳା ଶିବପାଲଙ୍କୁ ଶୁକ୍ରବାର ମଞ୍ଜୁର କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ସରକାରୀ ବଙ୍ଗଳା ଛାଡ଼ିବା ନେଇ ସୁପ୍ରିମକୋର୍ଟ ରାୟ ଦେବା ପରେ ମାୟାବତୀ ଉକ୍ତ ବଙ୍ଗଳା ଖାଲି କରିଥିଲେ। ତେବେ ଜୀବନ ପ୍ରତି ବିପଦ ଥିବା ଗୋଇନ୍ଦା ରିପୋର୍ଟ ଆସିବା ପରେ ରାଜ୍ୟ ସରକାର ତାଙ୍କୁ ଏହି ବଙ୍ଗଳା ଯୋଗାଇଥିବା ଶିବପାଲ କହିଛନ୍ତି। ସେ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ବିଧାନସଭାର ପୁରୁଣା ସଦସ୍ୟ ଭାବେ ତାଙ୍କୁ ସରକାରୀ ଘର



ମଞ୍ଜୁର ହୋଇଥିବା ଶିବପାଲ କହିଛନ୍ତି। ବଙ୍ଗଳା ବଣ୍ଟନ ବେଳେ ରାଜ୍ୟ ସରକାର ପ୍ରିୟାପ୍ରୀତି ତୋଷଣ ନୀତି ଆପଣାଇଛନ୍ତି ଏବଂ ଭାଜପା ପାଇଁ କାର୍ଯ୍ୟ କରୁଥିବା ଶିବପାଲଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପ୍ରଦାନ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ ଶିବପାଲ ଏହାକୁ ଖଣ୍ଡନ କରିଛନ୍ତି।

## କାନ୍ଥକୁ ଧକ୍କାଦେଲା ଏୟାର ଇଣ୍ଡିଆ ବିମାନ




**ତିରୁଚିରାପଲ୍ଲୀ,୧୨।୧୦(ପି.ଟି)**

ତାମିଲନାଡୁର ତ୍ରିଚିରୁ ଦୁବାଇ ଅଭିମୁଖେ ଉଡାଣ ଆରମ୍ଭ କରିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଆଇଏକ୍ସ-୬୧୧ ଗୁରୁବାର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ବିମାନଟି ରାତି ସାଢେ ୧ଟା ବେଳେ ଟେକ୍ ଅଫ୍ କରିବା ସମୟରେ ରନୱେ ନିକଟରେ ଥିବା ଏକ ପାଚେରିକୁ ଧକ୍କା ଦେଇଥିଲା। ଏ ସମ୍ପର୍କରେ ଏଟିସି କର୍ମଚାରୀ ବିମାନର ପାଇଲଟଙ୍କୁ ସୂଚନା ଦେଇଥିଲେ। ଧକ୍କା ଯୋଗୁ ବିମାନର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ୬ ବିମାନ କର୍ମଚାରୀ ଓ ୧୩୦ଜଣ ଯାତ୍ରୀ କିନ୍ତୁ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚିଯାଇଛନ୍ତି। ବିମାନଟିର ଦିଗ ପରିବର୍ତ୍ତନ କରାଯାଇ ମୁମ୍ବାଇରେ ଭୋର ୫ଟା ୩୦ ମିନିଟ୍‌ରେ ଜରୁରୀ ଅବତରଣ କରାଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଏବଂ ଏୟାର ଇଣ୍ଡିଆ ଏୟାରଲାଇନ୍ସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି। ବିମାନର ଦୁଇ ପାଇଲଟ୍‌ଙ୍କୁ ଯାଞ୍ଚ ଶେଷ ନହେବା ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି।

## ଆଇଏଏସ୍ ଏକାଡେମୀ ପ୍ରତିଷ୍ଠାତାଙ୍କ ଆତ୍ମହତ୍ୟା

**ଚେନ୍ନାଇ,୧୨।୧୦**

ତାମିଲନାଡୁର ଚେନ୍ନାଇଠାରେ ଥିବା ବହୁଚର୍ଚ୍ଚିତ ସିଭିଲ୍ ସର୍ଭିସ୍ କୋଚିଂ ସେଣ୍ଟର୍ 'ଶଙ୍କର ଆଇଏଏସ୍ ଏକାଡେମୀ'ର ପ୍ରତିଷ୍ଠାତା ଶଙ୍କର ଦେବରାଜନ୍ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଚେନ୍ନାଇର ମେଲାପୋରଠାରେ ଥିବା ନିଜ ବାସଭବନରେ ଶଙ୍କରଙ୍କ ମୃତଦେହ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ବ୍ୟକ୍ତିଗତ କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ଫ୍ୟାନ୍‌ରୁ ମୃତଦେହ ଉଦ୍ଧାର କରାଯିବା ପରେ ତୁରନ୍ତ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ୪୫ ବର୍ଷୀୟ ପ୍ରାଧ୍ୟାପକ ଆଇଏଏସ୍ ଏକାଡେମୀ ଜରିଆରେ ୨୦୦୪ରୁ ଏପର୍ଯ୍ୟନ୍ତ ପ୍ରାୟ ୯୦୦ ଆଇଏଏସ୍ ଅଧିକାରୀ ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଏହି ଧରଣର ପ୍ରଥମ କୋଚିଂ ସେଣ୍ଟର ହେଉଛି ଶଙ୍କର ଆଇଏଏସ୍ ଏକାଡେମୀ।

## ନ୍ୟୁୟର୍କକୁ ଉଡ଼ିଲା ଦୀର୍ଘତମ ବିମାନ



**ସିଙ୍ଗାପୁର, ୧୨।୧୦(ପି.ଟି)**

ବିଶ୍ୱର ସବୁଠୁ ଦୀର୍ଘତମ ବାଣିଜ୍ୟିକ ବିମାନ ଗୁରୁବାର ସିଙ୍ଗାପୁରଠାରୁ ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିଛି। ଏଥିରେ ଆରୋହଣ କରିଥିବା ଯାତ୍ରୀମାନେ ଖୁବ୍ ଉତ୍ସାହିତ ଅଛନ୍ତି, କାରଣ ସେମାନେ ଦୀର୍ଘ ୧୯ଘଣ୍ଟା ମାରାଥନ୍ ଯାତ୍ରା କରି ନ୍ୟୁୟର୍କଠାରେ ପହଞ୍ଚିବେ। ସିଙ୍ଗାପୁର ଏୟାରଲାଇନ୍ସର ଜଣେ ମୁଖପାତ୍ରଙ୍କ କହିବାନୁଯାୟୀ, 'ଫ୍ଲାଇଟ୍ ଏସ୍‌କ୍ୟୁ୨୨' ସ୍ଥାନୀୟ ସମୟ ୧୧:୩୫ ପିଏମ୍(୧୫:୩୫ ଜିଏମ୍‌ଟି)ରେ ୧୫୦ ଜଣ ଯାତ୍ରୀ ଏବଂ ୧୭ ବିମାନ କର୍ମଚାରୀଙ୍କୁ ଧରି ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିଥିଲା। ଦୁଇଜଣିଆ ପାଇଲଟ୍ ବିଶିଷ୍ଟ ଏହି ବିମାନରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିଛି। ୧୬, ୭୦୦ କିଲୋମିଟର (୧୦,୪୦୦ ମାଇଲ୍) ବ୍ୟାପୀ ଯାତ୍ରାକାଳରେ ଯାତ୍ରୀମାନେ ଫିଲ୍ମ ଏବଂ ଟେଲିଭିଜନ୍ ମାଧ୍ୟମରେ ଆମୋଦ ପ୍ରମୋଦ କରିବାର ସୁଯୋଗ ପାଇବେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ ସହ ପ୍ରବଳ ବର୍ଷା ମଧ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା ଓ ସର୍ବାଧିକ ବର୍ଷା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୧ | ୨୨.୧ |
| ଚାନ୍ଦବାଲି | ୨୬.୧ | ୨୪.୬ |
| କଟକ | ୨୭.୨ | ୨୧.୦ |
| ପାରାଦ୍ୱୀପ | ୨୮.୫ | ୨୫.୦ |
| ଭୁବନେଶ୍ୱର | ୨୮.୨ | ୨୩.୦ |
| ଗୋପାଳପୁର | ୩୧.୭ | ୨୫.୯ |
| ପୁରୀ | ୩୦.୦ | ୨୪.୦ |
| ଅନୁଗୋଳ | ୨୫.୭ | ୧୯.୦ |
| ବାରିପଦା | ୨୩.୬ | ୨୨.୫ |
| ଝାରସୁଗୁଡ଼ା | ୨୮.୮ | ୨୩.୫ |
| କେନ୍ଦୁଝର | ୨୧.୩ | ୨୦.୪ |
| ସମ୍ବଲପୁର | ୨୭.୮ | ୨୨.୦ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୨୯.୫ | ୨୪.୧ |
| ତାଲଚେର | --- | ୨୩.୫ |
| ଭବାନୀପାଟଣା | --- | ୨୧.୦ |
| ବଲାଙ୍ଗୀର | ୨୫.୦ | ୨୧.୨ |
| କୋରାପୁଟ | ୨୩.୦ | ୧୮.୨ |
| ଫୁଲବାଣୀ | ୨୨.୪ | ୧୮.୦ |
| ଟିଟିଲାଗଡ଼ | ୨୫.୫ | ୧୯.୦ |
| ମାଲକାନଗିରି | ୨୧.୫ | --- |
| ସୋନପୁର | ୨୫.୦ | ୧୯.୫ |
| ଦାରିଙ୍ଗିବାଡ଼ି | ୨୧.୫ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଚିନ୍ତା ବଢ଼ାଉଛି ବେକାରି ସମସ୍ୟା

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ବେକାର ସମସ୍ୟା, ଆର୍ଥିକ ଓ ରାଜନୈତିକ ଭ୍ରଷ୍ଟାଚାର, ହିଂସା ଓ ଅପରାଧ ଭାରତୀୟମାନଙ୍କ ସର୍ବାଧିକ ଚିନ୍ତାର କାରଣ। ୨୮ ଦେଶକୁ ନେଇ ସଦ୍ୟ ଅନୁଷ୍ଠିତ ଏକ ସର୍ଭେରୁ ଏହା ଜଣାପଡ଼ିଛି। ମାର୍କେଟ ଗବେଷଣା କମ୍ପାନୀ ଇପ୍‌ସୋସ୍ ପକ୍ଷରୁ ଶୁକ୍ରବାର 'ହ୍ୱାଟ୍ ଓରିଜ୍ ଦି ୱାର୍ଲ୍ଡ' ଶୀର୍ଷକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବେକାର ସମସ୍ୟା ଓ ଦୁର୍ନୀତିକୁ ସବୁଠୁ ବଡ଼ ଚିନ୍ତାର କାରଣ ବୋଲି ୪୪% ଭାରତୀୟ ମତ ଦେଇଛନ୍ତି। ୩୩% ଲୋକ ଅପରାଧ ଓ ହିଂସାକୁ, ୩୧% ଦାରିଦ୍ର୍ୟ ଓ ସାମାଜିକ ଅସମାନତାକୁ ଏକ ବଡ଼ ପ୍ରସଙ୍ଗ ଭାବେ ଅଭିହିତ କରିଛନ୍ତି। ସେହିପରି ଆତଙ୍କବାଦକୁ ନେଇ ୨୧% ଭାରତୀୟ ଚିନ୍ତିତ ଥିବା ଏଥିରେ ଦର୍ଶାଯାଇଛି।

ଭାରତୀୟଙ୍କ ଚିନ୍ତା ବଢ଼ାଉଥିବା ଅନ୍ୟ ପ୍ରସଙ୍ଗଗୁଡ଼ିକ ହେଲା, ଶିକ୍ଷା(୧୯%), ପରିବେଶ ପ୍ରତି ବିପଦ(୧୬%), ଟ୍ୟାକ୍ସ (୧୫%), ଜଳବାୟୁ ପରିବର୍ତ୍ତନ(୧୪%), ସ୍ୱାସ୍ଥ୍ୟସେବା(୧୩%), ମୁଦ୍ରାସ୍ଫିତି(୧୧%) ଓ ନୈତିକ ମୂଲ୍ୟବୋଧର ଅବକ୍ଷୟ(୧୦%)। ଅନ୍ୟପକ୍ଷରେ ଭାରତ ଠିକ୍



ରାସ୍ତାରେ ଯାଉଛି ବୋଲି ୬୭% ଦେଶବାସୀ ଭାବୁଛନ୍ତି। ୨୮ଟି ମାର୍କେଟ ଉପରେ ସର୍ବେକ୍ଷଣ କରାଯାଇ ଦେଖାଯାଇଛି ଯେ, ଭାରତ ବିଶ୍ୱର ଧାରାକୁ ଭୁଲ ପ୍ରମାଣିତ କରିଛି। ଅନୂନ୍ୟ ୬୦% ଲୋକ ସେମାନଙ୍କ ଦେଶ ଭୁଲ ରାସ୍ତାରେ ଯାଉଥିବା ମନେକରନ୍ତି। ସର୍ଭେ ଅନୁସାରେ ଶୀର୍ଷ ୪ଟି ମାର୍କେଟ ନିଜ ଦେଶ (ଚାଇନା ୯୨%), ସୌଦି ଆରବ(୭୮%), ଭାରତ(୬୭%) ଓ ମାଲେସିଆ(୬୫%) ଉଚିତ ରାସ୍ତାରେ ଯାଉଥିବା ନେଇ ଆଶାବାଦୀ। ଅନ୍ୟପକ୍ଷରେ ବ୍ରାଜିଲ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ ଓ ପେରୁ ଭଳି ଦେଶଗୁଡ଼ିକ ଠିକ୍ ରାସ୍ତାରେ ଯାଉନାହିଁ ବୋଲି ସେଠାକାର ଲୋକେ ମନେକରନ୍ତି। ଏଥିରେ ଆହୁରି କୁହାଯାଇଛି ଯେ, ବିଶ୍ୱସ୍ତରରେ ନାଗିରକମାନେ ଭ୍ରଷ୍ଟାଚାର(୩୪%), ବେକାର ସମସ୍ୟା (୩୩%), ଦାରିଦ୍ର୍ୟ/ସାମାଜିକ ଅସମାନତା(୩୩%), ଅପରାଧ ଓ ହିଂସା(୩୧%) ଏବଂ ସ୍ୱାସ୍ଥ୍ୟସେବା(୨୪%)କୁ ନେଇ ଚିନ୍ତିତ। କିନ୍ତୁ ଆତଙ୍କବାଦ ଚିନ୍ତାର ବୃଦ୍ଧିର ପ୍ରମୁଖ ୫ କାରଣ ମଧ୍ୟରେ ବିଶ୍ୱସ୍ତରୀୟ ତାଲିକାରେ ସ୍ଥାନ ପାଇନାହିଁ। 'ହ୍ୱାଟ୍ ଓରିଜ୍ ଦି ୱାର୍ଲ୍ଡ' ସର୍ଭେ ହେଉଛି ଏକ ମାସିକ ଅନ୍‌ଲାଇନ୍ ସର୍ବେକ୍ଷଣ। ଏଥିରେ ୨୮ ଦେଶର ୬୫ ବର୍ଷରୁ କମ୍ ବୟସର ଲୋକଙ୍କୁ ନେଇ ଇପ୍‌ସୋସ୍ ଅନ୍‌ଲାଇନ୍ ପ୍ୟାନେଲ ବ୍ୟବସ୍ଥାରେ ପ୍ରଶ୍ନ କରାଯାଇଥାଏ। ସେହି ଦେଶଗୁଡ଼ିକ ହେଲା ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲ୍‌ଜିୟମ୍, ବ୍ରାଜିଲ, କାନାଡା, ଚିଲି, ଚାଇନା, ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ହଙ୍ଗେରୀ, ଭାରତ, ଇସ୍ରାଏଲ୍, ଇଟାଲୀ, ଜାପାନ, ମାଲେସିଆ, ମେକ୍ସିକୋ, ପେରୁ, ପୋଲାଣ୍ଡ, ରୁଷିଆ, ସୌଦି ଆରବ, ସର୍ବିଆ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ସ୍ପେନ, ସ୍ୱିଡେନ, ତୁର୍କି ଓ ଆମେରିକା।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ପଶ୍ଚିମ, ଦକ୍ଷିଣ ଓଡ଼ିଶାରେ ଉତ୍ଖନନ କରିବ ଏଏସ୍ଆଇ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଉପକୂଳ ଓଡ଼ିଶା ପରେ ଏଥର ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ଉତ୍ଖନନ କରିବା ଉପରେ ଗୁରୁତ୍ୱ ଦେବ ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)। ଭୁବନେଶ୍ୱର ଏଏସ୍ଆଇ ଆଞ୍ଚଳିକ କାର୍ଯ୍ୟାଳୟ ଚଳିତ ଆର୍ଥିକ ବର୍ଷରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉତ୍ଖନନ କରିବା ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟ କୁରୁଗାଗଡ଼ରେ ଥିବା ପୁରାତନ ଦୁର୍ଗ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଏଏସ୍ଆଇ ମହାନିର୍ଦ୍ଦେଶାଳୟରୁ ଅନୁମତି ମିଳିଛି। ଏହାସହ କଳାହାଣ୍ଡି ଜିଲା ନର୍ଲା ନିକଟ ଅସୁରଗଡ଼ରେ ପୁରାତନ ସଭ୍ୟତାର ଅନୁସନ୍ଧାନ ପାଇଁ ଏଏସ୍ଆଇ ପକ୍ଷରୁ ପ୍ରଥମ ଥର ଲାଗି ଉତ୍ଖନନ କରାଯିବ। ଆସନ୍ତା ୨୬ତାରିଖରୁ ଏଠାରେ ଏଏସ୍ଆଇ କ୍ୟାମ୍ପ୍ କରି ଉତ୍ଖନନ କାର୍ଯ୍ୟ ଆରମ୍ଭ କରିବ। ୬ ମାସ ପାଇଁ କାର୍ଯ୍ୟ ଚାଲିବାକୁ ଥିବା ବେଳେ ୨୦୧୯ ଏପ୍ରିଲ ସୁଦ୍ଧା ଏଠାରେ କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ରଖିଛି ସଂସ୍ଥା। ପୂର୍ବରୁ ଏଠାରେ ବିଭିନ୍ନ ସଂସ୍ଥା ପକ୍ଷରୁ ଉତ୍ଖନନ ହୋଇଥିବା ବେଳେ ଏଏସ୍ଆଇ ଏଠାରେ ଥିବା ପୁରାତନ ସଭ୍ୟତା ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ସମ୍ପର୍କରେ ଅଧିକ ଗବେଷଣା କରିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଚୁଙ୍କୁଡ଼ିଆ ଦଳ;**
**ଚାହିଁ ଚାହିଁ ଆସି ଦରବୁଢ଼ୀ ହେଲି,**
**ମୁଣ୍ଡରେ ପାଚିଲା ବାଳ।**

ପ୍ରତୀକ୍ଷା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଦ ନ ଜାଣେ କଣ୍ଟାବୁଦା,**
**ଭୋକ ନ ଜାଣେ କଞ୍ଚା ପୋଡ଼ା।**

ଆଖିକୁ ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, କାଳ ବା ପାତ୍ରର କୌଣସି ଜ୍ଞାନ ରହି ନ ଥାଏ। ସେହିପରି କଥାରେ ଅଛି ଭୋକେ ହଜିଯାଏ ବୁଦ୍ଧି। କ୍ଷୁଧାତୁର ପ୍ରାଣୀ ଆହାରେ ଭଲମନ୍ଦ ବିଚାରେ ନାହିଁ, ବାସ୍ ଆକୁଳରେ ଖାଇଯାଏ। ଭୋକିଲା ବ୍ୟକ୍ତିଙ୍କୁ ଯେ କୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରି ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ପାହାଡ଼ ଧସି ...

ତେବେ ଗୁମ୍ଫାରେ ଆଶ୍ରୟ ନେଇଥିବା ବାରଘର ଗ୍ରାମବାସୀଙ୍କ ମଧ୍ୟରେ ଥିଲେ ଦଣ୍ଡପାଣି ଭୂୟାଁ (୪୫), ଦୀନେଶ ଭୂୟାଁ(୭), ଚମ୍ପା ଶବର (୬୫), ଜୟଚନ୍ଦ୍ର ଭୂୟାଁ (୩୦), ସୋମନାଥ ଜାନି (୬୦), ସୁମିତ୍ରା ଭୂୟାଁ (୪୦), ଜିଞ୍ଜି ଶବର (୭), ଶ୍ରୀମତୀ ଜାନି (୨୫), ଲାଲୁ ବେହେରା (୫), ଗଙ୍ଗାଧର ବେହେରା (୪୫), ଗଗନ ଜାନି(୧୮), ମୀନାକ୍ଷୀ ଶବର(୧୫)। ଆଉ କେତେଜଣଙ୍କ ନାମ ଜଣାପଡ଼ିନାହିଁ। ଏନେଇ ଗଜପତି ଜିଲା ଓ ପୋଲିସ ପ୍ରଶାସନ ମୃତ୍ୟୁ ସମ୍ପର୍କରେ କିଛି ସ୍ପଷ୍ଟ କରିନାହିଁ। ଏସ୍ଆରସି ବିଷ୍ଣୁପଦ ସେଠୀ କହିଛନ୍ତି ଯେ, ମୃତ୍ୟୁ ସଂକ୍ରାନ୍ତରେ ସ୍ପଷ୍ଟ ସୂଚନା ନାହିଁ। ଗଜପତି ଏସ୍ପିଙ୍କୁ ଶନିବାର ସକାଳେ ଘଟଣାସ୍ଥଳକୁ ଯାଇ ରିପୋର୍ଟ ଦେବାକୁ କୁହାଯାଇଛି। ଗଜପତି ଜିଲାପାଳ ଅନୁପମ ସାହା କହିଛନ୍ତି ଯେ, ଶନିବାର ଏସ୍ପି ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ଯାହା କିଛି କହିହେବ। ଗଜପତି ଏସ୍ପି ଅମୂଲ୍ୟ କୁମାର ଦାସ କହିଛନ୍ତି ଯେ, ଆମ ପାଖରେ ଏ ସମ୍ପର୍କରେ ଖବର ପହଞ୍ଚିଛି। ଯେଉଁ ଜାଗାରେ ଭୂସ୍ଖଳନ ହୋଇଛି ବୋଲି କୁହାଯାଉଛି ତାହା ମୁଖ୍ୟ ରାସ୍ତାଠାରୁ ୭/୮ କିଲୋମିଟର ଦୂରରେ ରହିଛି। ହେଲେ ରାତି ଓ ଦୁର୍ଗମ ଅଞ୍ଚଳ ଯୋଗୁ ସେଠାକୁ ଯିବା ସମ୍ଭବ ହେଉନାହିଁ। ଶନିବାର ସକାଳେ ସେଠାକୁ ଯିବୁ। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଏନେଇ ବିଳମ୍ବିତ ରାତିରେ ଟୁଇଟ୍ କରି ସୂଚନା ଦେଇଛନ୍ତି, ଯେ ପାହାଡ଼ ଧସିବା ଓ ତିତ୍‌ଲି ପ୍ରଭାବରେ ଗଜପତି ଜିଲାର ମୋଟ ୧୭ ଜଣଙ୍କ ମୃତ୍ୟୁ ହୋଇଛି।

### ଉଜାଡ଼ିଦେଲା...

ପ୍ରବଳ ବର୍ଷା ଯୋଗୁ ଉପକୂଳ ଓଡିଶା ମଧ୍ୟ ବର୍ତ୍ତି ନାହିଁ। ଦିନ ସାରା ଲଗାଣ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗଜପତି ଜିଲାରେ କାନ୍ଥ ଭୁଶୁଡି ୫ ଜଣଙ୍କର ମୃତ୍ୟୁ ହୋଇଛି। ରାୟଗଡ ଓ ଗୋଷାଣି ବ୍ଲକରେ ୪ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ କାଶୀନଗର ବ୍ଲକରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟଙ୍କ ପ୍ରାଥମିକ ରିପୋର୍ଟ ଅନୁଯାୟୀ ପ୍ରବଳ ବର୍ଷା ଓ ପବନ ଯୋଗୁ ଗଜପତି ଜିଲାର ୭ଟି ବ୍ଲକ ପ୍ରଭାବିତ ହୋଇଥିବା ବେଳେ ଗଞ୍ଜାମର ୨୨, ପୁରୀ ୬, କେନ୍ଦ୍ରାପଡା ୯, କନ୍ଧମାଳ ୬ ଏବଂ ରାୟଗଡା ଜିଲାର ୨ଟି ବ୍ଲକ ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ୩୮ଲକ୍ଷ ୭୭ ହଜାର ୪୪ ଲୋକ ପାଣିଘେରରେ ଥିବା ବେଳେ ଗଞ୍ଜାମ, କନ୍ଧମାଳ ଓ ପୁରୀ ଜିଲାରେ ୧୫୧୪ ଘର କ୍ଷତିଗ୍ରସ୍ତ ହୋଇଛି। ଗଞ୍ଜାମ ଜିଲାର ୮୫୬୧୨ ହେକ୍ଟର ଜମିରେ ପାଣି ମାଡି ଯାଇଛି। ଗଜପତି ଜିଲାରେ ବିଦ୍ୟୁତ୍ ଓ ପରିବହନ ଯୋଗାଯୋଗ ବ୍ୟାହତ ହୋଇଛି। ବାହୁଦା ନଦୀ ଉପରେ ଥିବା କଳିଙ୍ଗଡାଳ ପୋଲ ପ୍ରବଳ ବର୍ଷା ଯୋଗୁ ଧୋଇ ଯାଇଛି। ଋଷିକୁଲ୍ୟା ନଦୀ ଜଳ ଆସ୍କା ଜେଲ ଭିତରକୁ ପ୍ରବେଶ କରିବା ଯୋଗୁ ଜେଲର ମୁଖ୍ୟ ଫାଟକ କ୍ଷତିଗ୍ରସ୍ତ ହୋଇଛି। ରାୟଗଡା ଜିଲାର ଅନେକ ସ୍ଥାନରେ ବଡବଡ ଗଛ ଭାଙ୍ଗିପଡିବା ଯୋଗୁ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। କନ୍ଧମାଳ ଜିଲାର ବେଙ୍ଗେଡାଘାଟ ଓ ଦାରିଙ୍ଗିବାଡିରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ହେବା ସହ ୪ଟି ପୋଲ ଭାସିଯାଇଛି। ବର୍ଷା ଓ ପବନ ଯୋଗୁ ୫୦୦୦ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବା ବେଳେ ୧୫୪୩ ମୃତ୍ୟୁ ମୁଖରେ ପଡିଛନ୍ତି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ନୌ ସେନାର ସହାୟତା ଲୋଡିବା ସହ କେନ୍ଦ୍ର ସରକାରଙ୍କଠାରୁ ୨ଟି ହେଲିକପ୍ଟର ମାଗିଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ ୯ ଜିଲାରେ ୧୦୦ରୁ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କନ୍ଧମାଳରେ ସର୍ବାଧିକ ୨୩୦.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଜପତି ୨୦୫.୮, କଟକ ୧୬୬.୧,ନୟାଗଡ ୧୬୧.୫, ଖୋର୍ଦ୍ଧା ୧୫୪.୭, ପୁରୀ ୧୨୮.୯, ବୌଦ୍ଧ ୧୧୮.୩, ଢେଙ୍କାନାଳ ୧୦୫.୬ ଏବଂ ଜଗତ୍‌ସିଂହପୁର ଜିଲାରେ ୧୦୫.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଦୁଇଟି ବ୍ଲକରେ ୩୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ବେଳେ ୨୧ ବ୍ଲକରେ ୨୦୦ରୁ ୩୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କନ୍ଧମାଳ ଜିଲାର ଜି. ଉଦୟଗିରିରେ ସର୍ବାଧିକ ୩୫୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ଜିଲାର କଣ୍ଟାପଡାରେ ୩୧୯ ମିଲିମିଟର ବର୍ଷା ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଚିବାଳୟଠାରେ ସାମୁଦ୍ରିକ ଝଡ ତିତ୍‌ଲିର ପରବର୍ତ୍ତୀ ପରିସ୍ଥିତି ସମ୍ପର୍କରେ ଗଞ୍ଜାମ, ଗଜପତି ଏବଂ ରାୟଗଡା ଜିଲାର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି ଯେ ୩ଟି ଯାକ ଜିଲାରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ପରିସ୍ଥିତି ଉପରେ ନଜର ରଖିବା ସହିତ ବନ୍ୟା ଯୋଗୁ ବିଭିନ୍ନ ନଦୀରେ ହୋଇଥିବା ଘାଇଗୁଡିକୁ ତୁରନ୍ତ ମରମତି କରିବା, କ୍ଷତିଗ୍ରସ୍ତ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇ ରନ୍ଧାଖାଦ୍ୟ ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଓ ଚକ୍ଷୁ ଚିକିତ୍ସା ଶିବିର କରି ମାଗଣାରେ ଚିକିତ୍ସା ସୁବିଧା ଏବଂ ଔଷଧ ଯୋଗାଇ ଦେବାକୁ କୁହାଯାଇଛି। ସଡକ ଯୋଗାଯୋଗ ଓ ବିଦ୍ୟୁତ ସରବରାହ ବ୍ୟବସ୍ଥାକୁ ପୁନଃସ୍ଥାପିତ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ କ୍ଷତିଗ୍ରସ୍ତ ଘର, ପଶୁସମ୍ପଦ ଓ ଅନ୍ୟାନ୍ୟ କ୍ଷୟକ୍ଷତି ସମ୍ପର୍କରେ ଆକଳନ କରି ୭ ଦିନ ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିତ୍‌ଲି ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଜି.ଉଦୟଗିରି ଓ କଣ୍ଟାପଡା ବ୍ଲକରେ ୩୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ଆସ୍କା ଓ ପୁରୁଷୋତ୍ତମପୁର ସହରରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ବର୍ତ୍ତମାନ ସୁଦ୍ଧା ୧୪ଟି ଏନଡିଆରଏଫ ଓ ୧୨ଟି ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ତଥା ରିଲିଫ ବଣ୍ଟନ ପାଇଁ ୨ଟି ହେଲିକପ୍ଟର ମଗାଯାଇଛି। ଆସନ୍ତା ୨/୩ ଦିନ ମଧ୍ୟରେ ସବୁ ସ୍ଥାନରେ ବିଜୁଳି ସରବରାହ ପୁନଃସ୍ଥାପିତ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ଗଛ କଟାଯାଇ ରାସ୍ତା ଅବରୋଧ ଦୂର କରାଯାଉଛି। ଗୋପାଳପୁରରେ ଆନ୍ଧ୍ରପ୍ରଦେଶର ୩୦ଟି ବୋଟ୍‌ରେ ଥିବା ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

### ବିଚାରପତିଙ୍କୁ...

ଅନୁସାରେ ଦେଶର ତଳ କୋର୍ଟଗୁଡ଼ିକରେ ୨.୭୭ ମାମଲା ବିଚାରାଧୀନ ଅଛି। ୨୪ ହାଇକୋର୍ଟରେ ୪.୩ ନିୟୁତ ମାମଲା ଫଇସଲା ନ ହୋଇ ପଡ଼ିରହିଛି। ସେହିପରି ସୁପ୍ରିମକୋର୍ଟରେ ୫୫, ୯୪୬ ମାମଲା ଗଡୁଥିବା ଜଣାପଡ଼ିଛି। ଏସବୁକୁ ନେଇ ସିଜେଆଇ ଗୋଗୋଇ ଏକ କାର୍ଯ୍ୟକ୍ରମରେ ଚିନ୍ତାବ୍ୟକ୍ତ କରିଥିଲେ। ଏଥିସହ ତ୍ରିସ୍ତରୀୟ ବିଚାର ପ୍ରକ୍ରିୟାରେ କୋର୍ଟଗୁଡ଼ିକ ଉପରୁ ମାମଲା ବୋଝ ହଟାଇବା ପାଇଁ ତାଙ୍କ ପାଖରେ ଏକ ଯୋଜନା ରହିଛି ବୋଲି ସେ ସୂଚନା ଦେଇଥିଲେ। ଏବେ ବିଚାରପତିମାନଙ୍କ ଛୁଟି ବାତିଲ କରି ସେ ଅଭିନବ 'ଛୁଟି ବନ୍ଦ' ସୂତ୍ର ବାହାର କରିଥିବା କୁହାଯାଉଛି। ସିଜେଆଇଙ୍କ ନୂଆ ନିର୍ଦ୍ଦେଶ ଅନୁଯାୟୀ, କୌଣସି କାର୍ଯ୍ୟଦିବସରେ କେହି ବିଚାରପତି ଛୁଟି ନେଇପାରିବେ ନାହିଁ। କେବଳ ଅତି ଜରୁରୀ କାମ ଥିଲେ ସେମାନଙ୍କୁ ଛୁଟି ମିଳିବ। ଲିଭ୍ ଟ୍ରାଭେଲ୍ କନ୍‌ସେସନ୍ (ଏଲ୍‌ଟିସି) ପାଇଁ କେହି ବିଚାରପତି ଯୋଜନା କରିଥିଲେ ତାଙ୍କୁ ଆଗୁଆ ଜଣାଇବାକୁ ପଡ଼ିବ। ସେହିପରି କାର୍ଯ୍ୟ ଦିବସଗୁଡ଼ିକରେ ବିଚାରପତିମାନେ କୌଣସି ଆଲୋଚନାଚକ୍ର ଓ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ ନାହିଁ। କାରଣ ଏଥିଯୋଗୁ ଅଯଥା ସମୟ ନଷ୍ଟ ହେବା ସହ ମାମଲା ଶୁଣାଣିରେ ପ୍ରତିବନ୍ଧକ ସୃଷ୍ଟି ହେଉଛି।

ଏହା ତଳ କୋର୍ଟରୁ ସର୍ବୋଚ୍ଚ ଅଦାଲତ ଯାଏ ଲାଗୁ ହେବ। କେହି ବିଚାରପତି ବା ବିଭାଗୀୟ ଅଧିକାରୀ ଏହାକୁ ଅବଜ୍ଞା କଲେ ତାଙ୍କ ହାତରୁ ନ୍ୟାୟିକ କାର୍ଯ୍ୟ ପ୍ରତ୍ୟାହାର କରି ନିଆଯିବ। ଏଭଳି କ୍ଷେତ୍ରରେ ହାଇକୋର୍ଟ ମୁଖ୍ୟ ବିଚାରପତିମାନେ ଅବଗତ କରାଇଲେ ସୁପ୍ରିମକୋର୍ଟ ବ୍ୟକ୍ତିଗତ ଭାବେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ସେହିପରି ମାମଲାର ତ୍ୱରିତ ଶୁଣାଣି ପାଇଁ ତଳକୋର୍ଟଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଉପରେ ମଧ୍ୟ ଜଷ୍ଟିସ୍ ଗୋଗୋଇ ଗୁରୁତ୍ୱାରୋପ କରିଛନ୍ତି। ନିମ୍ନ ଅଦାଲତଗୁଡ଼ିକରେ ଫଇସଲା ଉପରେ ଦୈନନ୍ଦିନ ଭିତ୍ତିରେ ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ୫ ବା ତଦୁର୍ଦ୍ଧ୍ୱ ବର୍ଷ ଧରି କୌଣସି ଆପରାଧିକ ମାମଲା ବିଚାରାଧୀନ ଥିଲେ ଶୀଘ୍ର ଶୁଣାଣି ପାଇଁ ସେଗୁଡ଼ିକୁ ତାଲିକାଭୁକ୍ତ କରିବା ପାଇଁ ମଧ୍ୟ ସିଜେଆଇ ଗୋଗୋଇ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହାୟତା ପାଇଁ ୧୬ ଜିଲାରେ ୧୪ଟି ଏନଡିଆରଏଫ, ୨୬ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମ ଜିଲାରେ ୭ଟି ଏନଡିଆରଏଫ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯାଇଥିବା ବେଳେ ଗଜପତିରେ ୪, ପୁରୀରେ ୨ଟି ଏନଡିଆରଏଫ, କେନ୍ଦ୍ରାପଡାରେ ଗୋଟିଏ ଏନଡିଆରଏଫ, ଭଦ୍ରକରେ ୧, ଜଗତ୍‌ସିଂହପୁରରେ ୪, ଯାଜପୁରରେ ୧, ଖୋର୍ଦ୍ଧାରେ ୩, କଟକ ୧, ବାଲେଶ୍ୱର ୪, ମୟୂରଭଞ୍ଜ ୩, କଳାହାଣ୍ଡି ୨, ବୌଦ୍ଧ ୨, ସମ୍ବଲପୁର ୧ ଓ ରାୟଗଡାରେ ୩ଟି ଏନଡିଆରଏଫ୍ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ପ୍ରଭାବିତ ଜିଲାଗୁଡିକରେ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି।

ସାମୁଦ୍ରିକ ଝଡ ଅବପାତ ରୂପ ନେଇ ପୂର୍ବ ଉତ୍ତର ପୂର୍ବ ଦିଗ ଦେଇ ଆସନ୍ତା ୬ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ। ତେବେ ଏହାର ପ୍ରଭାବରେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡା ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି।

# ବିଜେଡି ଜାରିକଲା ୧୪ ଜଣିଆ ମୁଖପାତ୍ର ତାଲିକା

- ବାଦ୍ ପଡିଲେ ଅମର ଶତପଥୀ, ଅସିତ୍ ଅମିତାଭ
- ସାମିଲ ହେଲେ ଅତନୁ, ପୁଷ୍ପେନ୍ଦ୍ର, ଅମର, ଦେବାଶିଷ
- ତାଲିକାରେ ଏକମାତ୍ର ମହିଳା ସୁଲୋଚନା

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରେ ସାମାନ୍ୟ ସାଂଗଠନିକ ପରିବର୍ତ୍ତନ କରାଯାଇଛି। ଦୀର୍ଘଦିନର ବ୍ୟବଧାନ ପରେ ଦଳର ମୁଖପାତ୍ରମଣ୍ଡଳୀରୁ ୨ ଜଣଙ୍କୁ ବାଦ୍ ଦିଆଯାଇଛି। ସେମାନେ ହେଲେ ବିଧାନସଭାରେ ଦଳର ମୁଖପାତ୍ର ଥିବା ଅମର ପ୍ରସାଦ ଶତପଥୀ, ଅସିତ୍ ଅମିତାଭ ଦାଶ। ସେହିପରି ନୂତନ ଭାବେ ୪ ଜଣଙ୍କୁ ମୁଖପାତ୍ର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ହେଉଛନ୍ତି-ଅତନୁ ସବ୍ୟସାଚୀ ନାୟକ, ପୁଷ୍ପେନ୍ଦ୍ର ସିଂଦେଓ, ଅମର ପଟ୍ଟନାୟକ ଏବଂ ଦେବାଶିଷ ମାର୍ଣ୍ଡି।

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସମ୍ପାଦକ ବିଜୟ ନାୟକ ଉକ୍ତ ତାଲିକା ପ୍ରକାଶ କରିଛନ୍ତି। ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ବ୍ୟତୀତ ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ପ୍ରତାପ କେଶରୀ ଦେବ, ପ୍ରଶାନ୍ତ ନନ୍ଦ, ଦେବାଶିଷ ସାମନ୍ତରାୟ, ଅରୁଣ ସାହୁ, ରବିନାରାୟଣ ନନ୍ଦ, ସମୀର ରଞ୍ଜନ ଦାସ, ସସ୍ମିତ ପାତ୍ର ଏବଂ ସୁଲୋଚନା ଦାସ ପ୍ରମୁଖଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇଛି। ଅଭିଜ୍ଞ ଏବଂ ନବାଗତଙ୍କ ମଧ୍ୟରେ ସମନ୍ୱୟ ରଖି ତାଲିକା ପ୍ରସ୍ତୁତ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ସେହିପରି କେଉଁ କାରଣରୁ ତାଙ୍କୁ ମୁଖପାତ୍ର ପଦରୁ ବାଦ୍ ଦିଆଯାଇଛି, ସେ ନେଇ ତାଙ୍କ ପାଖରେ କୌଣସି ଖବର ନ ଥିବା ଅମର ପ୍ରସାଦ ଶତପଥୀ କହିଛନ୍ତି।

ମୟୂରଭଞ୍ଜରେ ପଞ୍ଚାୟତ ନିର୍ବାଚନରେ ବିପର୍ଯ୍ୟୟ ପରେ ଡାକ୍ତର ଦେବାଶିଷ ମାର୍ଣ୍ଡିଙ୍କୁ ବିଜେଡିରେ ସାମିଲ କରାଯାଇଥିଲା। ଗଣମାଧ୍ୟମ ଏବଂ ସ୍ଥାନୀୟ ଅଞ୍ଚଳରେ ତାଙ୍କ ଗୁରୁତ୍ୱ ବଢାଇବା ପାଇଁ ତାଙ୍କୁ ମୁଖପାତ୍ର କରାଯାଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ମୟୂରଭଞ୍ଜର ବର୍ତ୍ତମାନ ବିଜେଡି ଏମ୍‌ପି ରାମଚନ୍ଦ୍ର ହାଁସଦା ଚିଟ୍‌ଫଣ୍ଡ ଠକେଇରେ ବିବାଦୀୟ ହୋଇ ପଡିଥିବାରୁ ତାଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିବା ସମ୍ଭାବନା କମ୍। ତେଣୁ ତାଙ୍କ ସ୍ଥାନରେ ଦେବାଶିଷଙ୍କୁ ମୟୂରଭଞ୍ଜ ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ସେହିପରି ଦୀର୍ଘଦିନ ଧରି ମନ୍ତ୍ରୀ ପଦରୁ ବିଭିନ୍ନ ଘଟଣାକ୍ରମେ ବାଦ୍ ପଡିଥିବା ଅତନୁ ସବ୍ୟସାଚୀ ନାୟକ ଏବଂ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ତାଲିକାରେ ସ୍ଥାନ ମିଳିଛି। ଉଭୟ ନେତା ଯଥାକ୍ରମେ ବାଲେଶ୍ୱର ଏବଂ ନୂଆପଡାର ଦଳୀୟ ପ୍ରଭାରୀ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ସ୍ୱେଚ୍ଛାକୃତ ଭାବେ ଆଇଏ ଆଣ୍ଡ ଏଏସ୍‌ରୁ ଅବ୍ୟାହତି ନେଇ ବିଜେଡିରେ ଯୋଗ ଦେଇଥିବା ଅମର ପଟ୍ଟନାୟକଙ୍କୁ ମଧ୍ୟ ମୁଖପାତ୍ର ଭାବେ ନିଯୁକ୍ତି ମିଳିଛି। କିଛିମାସ ପୂର୍ବେ ବିଜେଡିରେ ଯୋଗଦେବା ସହ ଦଳର ଆଇଟି ବିଭାଗ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୪ ଜଣିଆ ତାଲିକାରେ ଏକମାତ୍ର ମହିଳା ଭାବେ ସୁଲୋଚନା ଦାସ ପୂର୍ବପରି ନିଜ ପଦ ବଜାୟ ରଖିଛନ୍ତି।

ଦଶହରା ପରେ ପଦଯାତ୍ରାକୁ ଆହୁରି ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଦଳ ପକ୍ଷରୁ ବ୍ୟାପକ ସାଂଗଠନିକ କାର୍ଯ୍ୟ ହାତକୁ ନିଆଯିବ। ଦଳ ଆଗାମୀ ଦିନରେ ଏକ ବିରାଟ ସମାବେଶ କରିବାକୁ ଯୋଜନା କରୁଥିବା ସୂତ୍ରରୁ ଜଣାପଡିଛି।

## ମୁଁ ବର୍ତ୍ତମାନ ଅଭିନୟ ବନ୍ଦ କରିନାହିଁ: ନେହା ଧୁପିଆ

ନୂଆଦିଲ୍ଲୀ

ଅକ୍ଟୋବର ୧୯ରେ ଫକ୍ସ ଲାଇଫ୍ ଶୋ' 'ଷ୍ଟାଇଲ୍ଡ ବାଏ ନେହା'ରେ ଦେଖିବାକୁ ମିଳିବେ ଅଭିନେତ୍ରୀ ନେହା ଧୁପିଆ। କିଛିଦିନ ମଧ୍ୟରେ ମା' ହେବାକୁ ଯାଉଥିବା ନେହା କହନ୍ତି, ସେ ଏଥିପାଇଁ ଅଭିନୟ ବନ୍ଦ କରୁନାହାନ୍ତି। ପ୍ରେମ ସହିତ କିଛି ବି ତୁଳନୀୟ ନୁହେଁ। ସେ ପ୍ରଥମ ପିଲାର 'ମା' ହେବାକୁ ଯାଉଛନ୍ତି। ଏଥିପାଇଁ ତାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେବନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ତାଙ୍କ କହିବାନୁଯାୟୀ, ଗର୍ଭଧାରଣ ସମୟ ମଧ୍ୟରେ ସେ ଅଭିନୟ ଜାରି ରଖିଛନ୍ତି। ଏପରିକି ପୂର୍ବାପେକ୍ଷା ଅଧିକ କାମ କରିବାକୁ ପଡୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗର୍ଭଧାରଣ କାଳରେ ଅଭିନୟ ଜାରି ରହିବ। ତେଣୁ ଏଥିପାଇଁ ସେ ବ୍ୟସ୍ତ ହେବାର ନାହିଁ। ସୂଚନାଯୋଗ୍ୟ ଯେ, ନେହା ଅଭିନେତା ଅଙ୍ଗଦ ବେଦୀଙ୍କୁ ବିବାହ କରିଛନ୍ତି। ନେହା ଏକାଧାରରେ ଜଣେ ଅଭିନେତ୍ରୀ, ଆଙ୍କର, ହୋଷ୍ଟ ଏବଂ ପ୍ରଯୋଜିକା। ତେଣୁ ତାଙ୍କ ସମ୍ମୁଖରେ ଅନେକ କାର୍ଯ୍ୟ କରିବାକୁ ରହିଛି। ପ୍ରସବର କିଛିଦିନ ପରେ ଯେତେବେଳେ କୁନି ସନ୍ତାନକୁ କିଛି ସମୟ ଘରେ ଛାଡି ଆସିପାରିବି ସେତେବେଳେ ଗୋଟିଏ 'ଭଲ ଭୂମିକା'ରେ ଅଭିନୟ କରିବାକୁ ଆଶା ରଖିଛି। ତେବେ ସେସବୁ ସମୟ କହିବ ବୋଲି ସେ ପ୍ରକାଶ କରିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
every Wednesday & Saturday

M/s HIGHLANDs AGRIVENTURE LTD.
An ISO 9001 : 2008 Certified Public Company, requires candidate for the position of Agricultural Project Spervisor at Bhubaneswar.
- MSW/AG or equivalent from a recognized university.
- Willingness to travel extensively & leadership quality.
Annual CTC : 2,00,000/- to 2,50,000/-, Joining Date: Immediately. Apply through CV, within 7 days from the date of advertisement by email : highlands.co.hr@gmail.com, Cont. no.-0674-2579021.

For Tissue Paper Industries, Abu Dhabi, UAE
(FREE RECRUITMENT)
Required the following categories of workers for leading Industrial Group in UAE.
1. TISSUE MACHINE OPERATORS - 05 Nos.
2. TISSUE REWINDER ROLL OPERATORS - 05 Nos.
Candidates must have at least 3-5 years of experience in the Tissue Industry.
Please forward your CV along PP size Photo with testimonials / experience certificates to our mail ID
ccondelhi2017@gmail.com
Salary 1500/2000 AED
CONSTRUCTION CONSULTANTS
Lic. No B- 0130/DEL/PER/1000+/3/48/84 Valid till 25.04.2023

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

ଆବଶ୍ୟକ
Bhubaneswar, Cuttack, Berhampur, Rourkela ଏବଂ Balasore ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ଭୁବନେଶ୍ୱରରେ ଗ୍ରୀଲ୍ ଦୋକାନରେ କାମ କରିବା ପାଇଁ ଗ୍ରୀଲ୍ ମିସ୍ତ୍ରି, ୱେଲ୍‌ଡର ଏବଂ ହେଲ୍‌ପର ଆବଶ୍ୟକ, ରହିବା ସୁବିଧା ଅଛି। ଆକର୍ଷଣୀୟ ବେତନ। ଶୀଘ୍ର ଯୋଗାଯୋଗ–
9861123082, 9178852435

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319634873

ଫ୍ରଣ୍ଟଲାଇନ ସେଲସ ଅଫିସର ଓ କଲେକ୍ସନ ଅଫିସର ଆବଶ୍ୟକ
ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ. ଏଲ&ଟି ଗ୍ରୁପର ଏକ ଅଂଶ. ଓଡ଼ିଶାରେ ଏହାର ଅଣୁ ଋଣ ବ୍ୟବସାୟ ପାଇଁ ଅଭିଜ୍ଞ/ନବୀନ ଫ୍ରଣ୍ଟଲାଇନ ସେଲସ ଅଫିସର ଏବଂ କଲେକ୍ସନ ଅଫିସର ପଦ ପାଇଁ ୱାକ ଇନ ଇଣ୍ଟରଭ୍ୟୁ ଆୟୋଜନ କରୁଛନ୍ତି।
ଯୋଗ୍ୟତା : ସ୍ନାତକ
ବୟସ : 20ରୁ 30 ବର୍ଷ
କାର୍ଯ୍ୟର ପ୍ରକୃତି : ଫିଲଡ ୱାର୍କ
ବେତନ : ଆକର୍ଷଣୀୟ ବେତନ ସହିତ ଶ୍ରେଷ୍ଠ ପାରିତୋଷିକ ଯୋଜନା
କାର୍ଯ୍ୟର ଅବସ୍ଥାନ : ଓଡ଼ିଶା ବ୍ୟାପୀ
ସାକ୍ଷାତକାର ଠିକଣା:
ବରଗଡ଼: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ବରଗଡ ରୋଟାରୀ ପବ୍ଲିକ୍ ସ୍କୁଲ୍ ପଛ, ଭାଟ୍‌ଲି ଚୌକ୍ ନିକଟ, ବରଗଡ -768 028
ଯୋଗାଯୋଗ ପାଇଁ ବ୍ୟକ୍ତି - ଶ୍ରୀଚନ୍ଦନ ମହାରଣା (9937090449)
ବଲାଙ୍ଗିର: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ସାଃ ଟିକରପଡା, ମସ୍‌ଜିଦ ଛକ, ପୋଷ୍ଟ ବଲାଙ୍ଗିର
ଯୋଗାଯୋଗ ପାଇଁ ବ୍ୟକ୍ତି - ରଘୁନାଥ ସ୍ୱାଇଁ (9658082924)
ସୋନପୁର: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ସୁଦାମ ଜଗଦଳ ବିବେକାନନ୍ଦ ନଗର, ଗ୍ରୀଡକୋ କଲୋନି ନିକଟ, ସୋନପୁର, (ମିନର୍ଭା ଟିଭିଏସ ସୋରୁମ ନିକଟରେ) 767 017
ଯୋଗାଯୋଗ ପାଇଁ ବ୍ୟକ୍ତି - ରିପନ ରଥ (9778049999)
ଓଡଗାଁ: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ପ୍ରଥମ ମହଲା, ରବିନ୍ଦ୍ର ମାର୍କେଟ୍ କମ୍ପ୍ଲେକ୍ସ, ସିନେମା ହଲ୍ ଛକ ନିକଟର ଓଡଗାଁ, ନୟାଗଡ଼, ଓଡ଼ିଶା 752 081
ଯୋଗାଯୋଗ ପାଇଁ ବ୍ୟକ୍ତି - ଶମ୍ଭୁ ସାହୁ (9386922041)
ସମ୍ବଲପୁର: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ତୃତୀୟ ମହଲା, ବାଲାଜୀ ବିଜନେସ୍ ସେଣ୍ଟର, ବୁଢ଼ାରାଜା, ସମ୍ବଲପୁର 768 004
ଯୋଗାଯୋଗ ପାଇଁ ବ୍ୟକ୍ତି - ସୌଭାଗ୍ୟ ପାଣି (9178740152)
କୋରାପୁଟ: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ଫରେଷ୍ଟ ଚେକ୍ ଗେଟ୍ ବାଟମଙ୍ଗଳା ଛକ, ଏମଏମ ରେସିଡେନ୍‌ସି ନିକଟବର୍ତ୍ତୀ, କୋରାପୁଟ।
ଯୋଗାଯୋଗ ପାଇଁ ବ୍ୟକ୍ତି - ସୂର୍ଯ୍ୟନାରାୟଣ ସାହୁ - (9078708644)
କଳାହାଣ୍ଡି: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ପ୍ଲଟ ନମ୍ବର 109, ପ୍ରଥମ ମହଲା ନାକଟିଗୁଡା ଚୌକ, ପୁରୁଣା ଆୟକର କାର୍ଯ୍ୟାଳୟ ନିକଟ, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି
ଯୋଗାଯୋଗ ପାଇଁ ବ୍ୟକ୍ତି - ମନୋଜ କୁମାର ବଡତିଆ (9937429185)
ଢେଙ୍କାନାଳ: ଏଲ&ଟି ଫାଇନାନ୍‌ସିଆଲ ସର୍ଭିସେସ ଲିମିଟେଡ, ମାର୍ଫତ ବିଷ୍ଣୁ ପ୍ରସାଦ କର, କୁଞ୍ଜକାନ୍ତ, ରେବେଣ୍ଡ କୋଚିଂ ଲେନ, ଢେଙ୍କାନାଳ, ଓଡ଼ିଶା 759 001
ଯୋଗାଯୋଗ ପାଇଁ ବ୍ୟକ୍ତି - ସତ୍ୟବ୍ରତ ବିଶ୍ୱାଳ (9777457631)
ଆଗ୍ରହୀ ପ୍ରାର୍ଥୀମାନଙ୍କୁ 13, 14 ଏବଂ 15, 16, 17, 18 ଅକଟୋବର, 2018 ରେ ସେମାନଙ୍କର ରିଜ୍ୟୁମ, ଦୁଇଟି ପାସପୋର୍ଟ ସାଇଜ ଫଟୋଗ୍ରାଫ, ପ୍ୟାନ କାର୍ଡ, ଠିକଣା ପ୍ରମାଣ ଏବଂ ଦଶମ, ଦ୍ୱାଦଶ ଓ ସ୍ନାତକ ମାର୍କସିଟ ସାଙ୍ଗରେ ନେଇ ଦିନ 10ଟାରୁ ଅପରାହ୍ନ 4ଟା ମଧ୍ୟରେ ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ଅନୁରୋଧ କରାଯାଇଛି। ଦୁଇ ଚକିଆ ଯାନ, ଡ୍ରାଇଭିଂ ଲାଇସେନସ ଏବଂ ସ୍ମାର୍ଟ ଫୋନ ଥିବା ପୁରୁଷ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
www.ltfs.com
CIN: U65910WB1993FLC060810
L&T Financial Services

କେନ୍ଦ୍ରୀୟ ଭଣ୍ଡାରଣ ନିଗମ
(ଭାରତ ସରକାରଙ୍କ ଅନୁସୂଚୀ 'କ' ମିନି ରତ୍ନ ଉପକ୍ରମ)
କର୍ପୋରେଟ ଅଫିସ : 4/1, ସିରୀ ଇନଷ୍ଟିଚ୍ୟୁସନାଲ୍ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ, ନୂଆ ଦିଲ୍ଲୀ- 110016
ୱେବସାଇଟ: www.cewacor.nic.in
ଜନ-ଜନ ପାଇଁ ଭଣ୍ଡାରଣ
ଅନ୍ତିମ ତାରିଖ: 01 ନଭେମ୍ବର 2018
ବିଜ୍ଞାପନ ସଂ. CWC/ 1- Manpower/ DR/ Mgr & Above Rectt/ 2018/01
କେନ୍ଦ୍ରୀୟ ଭଣ୍ଡାରଣ ନିଗମ ଅନୁସୂଚୀ- (କ) ମିନି ରତ୍ନ, ଶ୍ରେଣୀ- I, କେନ୍ଦ୍ରୀୟ ସାର୍ବଜନିକ କ୍ଷେତ୍ରର ଉପକ୍ରମ ଅଟେ ଯାହା ଉପଭୋକ୍ତା ମାମଲା, ଖାଦ୍ୟ ଓ ସାର୍ବଜନିକ ବିତରଣ ମନ୍ତ୍ରାଳୟର ପ୍ରଶାସନିକ ନିୟନ୍ତ୍ରଣାଧୀନ ଅଟେ ଏବଂ କୃଷି ଆଦାନ, ଉତ୍ପାଦ ଏବଂ ଅନ୍ୟ ଅଧିସୂଚିତ ବସ୍ତୁ ଗୁଡ଼ିକ ପାଇଁ ବୈଜ୍ଞାନିକର ସୁବିଧା ପ୍ରଦାନ କରେ। ଏହା ବ୍ୟତୀତ, ଏହା ନିଗମ ଆମଦାନୀ-ରପ୍ତାନୀ କାର୍ଗୋ ପାଇଁ କଣ୍ଟେନର ଫ୍ରେଟ୍ ଷ୍ଟେସନ୍/ ଅନ୍ତର୍ଦେଶୀୟ କଣ୍ଟେନର ଡିପୋ, ଲ୍ୟାଣ୍ଡ କଷ୍ଟମ୍ ଷ୍ଟେସନ୍, ଏୟର କାର୍ଗୋ କମ୍ପ୍ଲେକ୍ସ ଆଦି ପରି ଆଧାରଭୂତ ଲଜିଷ୍ଟିକ୍ ସୁବିଧା ବି ପ୍ରଦାନ କରେ। ନିଗମ ତଳେ ଦିଆଯାଇଥିବା ପାଦ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି:

| ପଦ କୋଡ୍ | ପଦର ନାମ | ଖାଲି ସଂ. |
|---|---|---|
| 01. | ମହାପ୍ରବନ୍ଧକ (ସାଧାରଣ) | 2 |
| 02. | ମହାପ୍ରବନ୍ଧକ (ଟେକ୍ନିକାଲ୍) | 1 |
| 03. | ସଚିବ | 1 |
| 04. | ଉପ ମହାପ୍ରବନ୍ଧକ (ସାଧାରଣ) | 2 |
| 05. | ଉପ ମହାପ୍ରବନ୍ଧକ (ଟେକ୍ନିକାଲ୍) | 4 |
| 06. | ଉପ ମହାପ୍ରବନ୍ଧକ (ବିତ୍ତ ଓ ଏକାଉଣ୍ଟସ) | 3 |
| 07. | ଅଧୀକ୍ଷକ ଅଭିଯନ୍ତା | 1 |
| 08. | ସହାୟକ ମହାପ୍ରବନ୍ଧକ (ସାଧାରଣ) | 8 |
| 09. | ସହାୟକ ମହାପ୍ରବନ୍ଧକ (ଟେକନିକାଲ) | 4 |
| 10. | ସହାୟକ ମହାପ୍ରବନ୍ଧକ (ଏକାଉଣ୍ଟସ) | 1 |
| 11. | ପ୍ରବନ୍ଧକ (ସାଧାରଣ) | 6 |
| 12. | ପ୍ରବନ୍ଧକ (ଏକାଉଣ୍ଟସ) | 4 |
| 13. | କାର୍ଯ୍ୟକାରୀ ଅଭିଯନ୍ତା | 9 |

ଦୟାକରି ଯୋଗ୍ୟତା ଏବଂ ଅନୁଭବ, ଚୟନ ପ୍ରକ୍ରିୟା, ସାଧାରଣ ସର୍ତ୍ତାବଳୀ ଇତ୍ୟାଦି ସହିତ ଯୋଗ୍ୟତା ମାନଦଣ୍ଡର ବିସ୍ତୃତ ସୂଚନା ପାଇଁ କେନ୍ଦ୍ରୀୟ ଭଣ୍ଡାରଣ ନିଗମର ୱେବସାଇଟ୍ (www.cewacor.nic.in) ଦେଖନ୍ତୁ। କେନ୍ଦ୍ରୀୟ ଭଣ୍ଡାରଣ ନିଗମର ୱେବସାଇଟ୍‌ରେ 'ଖାଲି ଓ ପରିଣାମ' ଭାଗରେ ଉପଲବ୍ଧ ବିସ୍ତୃତ ବିଜ୍ଞାପନରେ ଦିଆଯାଇଥିବା ଅନୁଦେଶ ଅନୁସାରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଆବଶ୍ୟକ ଆବେଦନ ପତ୍ର ପୂର୍ଣ୍ଣରୂପେ ଭରି ପଠାଇବାକୁ ହେବ।

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

KIDZEE PLAY SCHOOL
REQUIRES
Counsellor, Teachers, Care Takers
Minimum 2 years of experience
KALINGA NAGAR, PATRAPADA, BHUBANESWAR, M: 9348539442

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ଖବରଦାତା (ବିଜ୍‌ନେସ୍ ଡେସ୍କ)
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

WANTED
MARKETING EXECUTIVE (5 nos.)
Qual: Matric above (Dynamic person), Age: 18 to 30 yrs having 2 wheelers
M: 9439039390, 9237009890

URGENTLY REQUIRED
ଚନ୍ଦ୍ରଶେଖରପୁର ଭୁବନେଶ୍ୱରର ଏକ Reputed SPA ପାଇଁ Female Therapist ଓ Female Manager ଆବଶ୍ୟକ। ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। Attractive Salary ସହିତ Incentive ସୁବିଧା ମଧ୍ୟ ଅଛି।
Tel: 9937575558

WANTED
TRAFFIC-IN-CHARGE
PBL TRANSPORT PVT. LTD. Graduate needed. Manage loading/ unloading, negotiate with brokers, place vehicles quickly and on time, handle customers. Excellent communication skills (Oriya, English, Hindi). Computer capabilities essential.
Send CV to
hr@pbltransport.co.in

- Operation Exe. (M) : 2 Nos
  Qua.: Matric / Under Matric
- Relationship Mgr. (F): 5 Nos
  Qua.: Graduate and above
- Front Office Exe. (F) : 1 No
  Qua.: Graduate with Computer Knowledge
Salary Negotiable. BBSR based candidates will be given preference
For 1st & 2nd Post 2 Wheeler is a must
Walk-in with CV to :
Jeevan Pradeep
71, Bapuji Nagar, Bhubaneswar
Contact : 0674 - 2598909

See Career Appointment on every Wednesday & Saturday

ପତି କାର୍ଡ୍ସ
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR

ଭୁବନେଶ୍ୱରରୁ ପ୍ରକାଶିତ ହେଉଥିବା ଏକ ପ୍ରମୁଖ ସାପ୍ତାହିକ ରାଜନୈତିକ ପତ୍ରିକା ଓଡ଼ିଶା ଜନମୋର୍ଚ୍ଚା ପାଇଁ ଭୁବନେଶ୍ୱର ସମେତ ସମସ୍ତ ଜିଲ୍ଲା ପାଇଁ ଜିଲ୍ଲା ପ୍ରତିନିଧି ଆବଶ୍ୟକ। ଆଶାୟୀ ପ୍ରାର୍ଥୀ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନଲିଖିତ ଇମେଲ ଠିକଣାରେ ଆବେଦନ ପତ୍ର ପଠାଇବାକୁ ଅନୁରୋଧ।
harishdas79@gmail.com

REQUIRED URGENTLY
M/s West Coast Diesel LLP, Rajkot, Gujarat manufacturer of "ALFA" make diesel generators, alternators etc. Requires Sales Organisers on commission basis in all the block headquarter of Odisha.
Interested Candidates having good contacts with decorators, marriage mandap owners, traders etc. of their area and willing to work may send their complete biodata by Email: The General Manager (East Zone), HIG-II/34, BDA Housing Colony, Kapilaprasad, Bhubaneswar-751002, Email: biswajeet.mohapatra@wcdllp.com,
Mob: 9337003316, 9937528127, 0674-2590511

WANTED
SALES EXECUTIVE : 02 Nos.
COMPUTER OPERATOR : 01 No.
BILLING EXECUTIVE : 01 No.
AC TECHNICIAN : 02 Nos.
SERVICE MANAGER : 01 No.
MIS EXECUTIVE : 01 No.
CTC: From 1.2 to 1.8 Lakhs Per Annum.
M: 9853088811
Email: careersgarggroup@gmail.com

ପୁରୀରେ TASTY MOMO ପାଇଁ Sales Boys, Cook, Helper ଆବଶ୍ୟକ, Good Salary, ରହିବା ଖାଇବା Free.
Contact No:
8596806941/ 7008638009

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ଉତ୍ୟକ୍ତ ଲୋକେ ବସକୁ ରାସ୍ତାରେ ଅଟକାଇଛନ୍ତି ।

# ବସ ଦୁର୍ଘଟଣାରେ ବୃଦ୍ଧ ମୃତ

## ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ନୂଆପଡା ଅଫିସ/ବୋଡେନ, ୧୨।୧୦**

ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ସୋନାପୁର ଗାଁ ନିକଟରେ ଏକ ବସ୍ ଦୁର୍ଘଟଣାରେ ମେଟାସିଂ ମାଝି(୬୦)ନାମକ ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୋଡେନ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟା ସମୟରେ ବୋଡେନ ପଟୁ କୌଣସି କାମ ସାରି ଏକ ସାଇକେଲ ଯୋଗେ ମେଟାସିଂ ଘରକୁ ଯାଉଥିଲେ । ଠିକ୍ ଏହି ସମୟରେ ସୋନାପୁର ଛକ ନିକଟରେ ଖଡିଆଳରୁ ବୋଡେନ ଅଭିମୁଖେ ଆସୁଥିବା ବସ୍ ହଠାତ ଭାରସାମ୍ୟ ହରାଇ ମାଡିଯାଇଥିଲା । ଘଟଣାସ୍ଥଳରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା । ଏହା ପରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ବସକୁ ଅଟକାଇ ରାସ୍ତାରୋକୋ କରିଥିଲେ । ଏହା ପରେ ପ୍ରଶାସନ ତରଫରୁ ତହସିଲଦାର ନବକିଶୋର ସାହୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କାର ସହାୟତାରାଶି ଘୋଷଣା କରିଥିଲେ । ପରେ ବସ୍‌କୁ ଲୋକେ ଛାଡିଦେଇଥିଲେ ।

# ଚାଇଲ୍ଡ ଲାଇନ୍ ଦ୍ୱାରା ଶିଶୁ ଉଦ୍ଧାର

**ଝାରସୁଗୁଡ଼ା ଅଫିସ,୧୨।୧୦**

ଜଣେ ୩ ବର୍ଷର ଶିଶୁ କନ୍ୟା ଝାରସୁଗୁଡ଼ା ରେଲୱେ ଷ୍ଟେଶନରେ ଏକାକୀ ବସି କାନ୍ଦୁଥିବା ଖବର ପାଇ ଶୁକ୍ରବାର ରାତି ସାଢ଼େ ୮ଟାରେ ଚାଇଲ୍ଡ ଲାଇନ୍ ଆର୍‌ପିଏଫ୍ ସହାୟତାରେ ତାକୁ ଉଦ୍ଧାର କରିଛି। ଉଦ୍ଧାର ଶିଶୁକୁ ପ୍ରଥମେ ଶିଶୁ କଲ୍ୟାଣ ସମିତି ନିକଟରେ ଉପସ୍ଥାପନ କରାଯାଇଥିଲା। ଶିଶୁ କଲ୍ୟାଣ ସମିତି ନିଷ୍ପତ୍ତି କ୍ରମେ ତାକୁ ମୁକ୍ତାଶ୍ରୟରେ ରଖାଯାଇଛି। ଶିଶୁଟି ତା'ର ନାମ ଅର୍ଚ୍ଚନା ବୋଲି କହୁଛି। ହେଲେ ମା'ବାପାଙ୍କ ନାମ କିମ୍ବା ଠିକଣା କହିପାରୁ ନ ଥିବା ଚାଇଲ୍ଡ ଲାଇନ୍ କେନ୍ଦ୍ର ସଂଯୋଜକ ଆଶିଷ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଭାରତକୁ ଆଉ ୩ ସ୍ୱର୍ଣ୍ଣ, ଦୀପାଙ୍କୁ ଦ୍ୱିତୀୟ ବ୍ରୋଞ୍ଜ୍

**ଜାକର୍ତ୍ତା, ୧୨।୧୦(ପି.ଟି.)**

ଏଠାରେ ଚାଲିଥିବା ଏସିଆନ୍ ପାରାଅଲିମ୍ପିକ୍ସରେ ଶୁକ୍ରବାର ଭାରତୀୟ ଆଥଲେଟମାନେ ପ୍ରଭାବୀ ପ୍ରଦର୍ଶନ ୫ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଦୀପା ମଲିକ ଦ୍ୱିତୀୟ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ମହିଳା ରାପିଡ ପିସ ଚେସ୍ ଇଭେଣ୍ଟରେ ଭାରତର କେ. ଜେନିଥା ଅଣ୍ଟୋ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି କିଶାନ ଗାଙ୍ଗୋଲି ପୁରୁଷ ବ୍ୟକ୍ତିଗତ ରାପିଡ ଭି୧– ବି୨/ବି୩ ଇଭେଣ୍ଟରେ ମାଜିଦ୍ ବାଘେରିଙ୍କୁ ପଛରେ ପକାଇ ଶୀର୍ଷସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପାରା ବ୍ୟାଡମିଣ୍ଟନରେ ପାରୁଲ ପରମାର ମହିଳା ସିଙ୍ଗଲ୍ସ ଏସ୍ଏଲ ୩ ଇଭେଣ୍ଟ ଫାଇନାଲରେ ଥାଇଲାଣ୍ଡର ୱାଣ୍ଡି କାମ୍‌ତାମ୍‌ଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।


## ZILLA SWASTHYA SAMITI, BOUDH

Office of the Chief District Medical & Public Health Officer, Boudh

Notificatiion No. 2283 Date: 11.10.2018

### ANNOUNCEMENT

No.498-E: In pursuance to the Advt. No. 12391, dtd.12.09.2018 of Mission Director, NHM, Odisha, for selection of NGO for management of **Maa Gruha Project in partnership mode under Sampurna**. The scoring sheet of the selection process for operationalisation of Maa Gruha Projects in Boudh district has been published in the district website (**www.boudh.nic.in**) for inviting objection from the NGOs/ Bidders. In case of any wrong entry the agencies / bidders are requested to send the written compliance of objection on or before dt.25.10.2018 to the CDM & PHO, Boudh through Registered Post / Speed Post / Courier Service only.

10107/11/0020/1819 **Sd./- CDM&PHO-cum-DMD, Boudh**



## ରାଷ୍ଟ୍ରୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା

(ଓଡ଼ିଶା ଆଇନ ୨୦୦୮ର ୪ ଦ୍ୱାରା ପ୍ରତିଷ୍ଠିତ)
କାଠଯୋଡ଼ି କ୍ୟାମ୍ପସ, ସେକ୍ଟର-୧୩, ସିଡିଏ, କଟକ-୭୫୩୦୧୫, ଓଡ଼ିଶା
['ଏ' ଗ୍ରେଡ୍ ସହିତ ନାକ୍ ମାନ୍ୟତାପ୍ରାପ୍ତ]

ବିଜ୍ଞାପନ ସଂ NLUO/ ACAD/B.Voc/ 2018-19/02

### ନ୍ୟାୟପାଳିକା ଅଧୀନ B. Voc Degree Programme ଲାଗି ନାମଲେଖା
### ଶେଷ ତାରିଖ : ୩୧ ଅକ୍ଟୋବର, ୨୦୧୮

ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୦୮ରେ ଆଇନର ୪ ଧାରା ଅନୁଯାୟୀ ପ୍ରତିଷ୍ଠିତ **NLU, Odisha** ହେଉଛି ଭାରତର ଏକ ପ୍ରମୁଖ ଆଇନ ବିଶ୍ୱବିଦ୍ୟାଳୟ।

ଏହି ବିଶ୍ୱବିଦ୍ୟାଳୟରେ **B. Voc** ଡିଗ୍ରୀ ପ୍ରୋଗ୍ରାମରେ ନାମଲେଖା ପାଇଁ ଆବେଦନ ଆହ୍ୱାନ କରାଯାଉଛି, ଯାହା ବିଶ୍ୱବିଦ୍ୟାଳୟ ଅନୁଦାନ କମିସନ, ରାଷ୍ଟ୍ରୀୟ ଦକ୍ଷତା ଶିକ୍ଷା କାର୍ଯ୍ୟଶୃଙ୍ଖଳ ଅଧିନସ୍ଥ ଅଟେ। **B. Voc** ହେଉଛି ଏକ ତିନିବର୍ଷିଆ ନ୍ୟୁନ-ସ୍ନାତକ ପାଠ୍ୟକ୍ରମ ଯେଉଁଥିରୁ ୬ ମାସ ପରେ ଛାତ୍ରଛାତ୍ରୀ ମାନେ ମାନପତ୍ର ସହ ପାଠ ଛାଡ଼ିପାରିବେ। ଏହା ପରେ ସେମାନେ **(NSQF Level 4)** ମାନପତ୍ର ସହିତ ଡିପ୍ଲୋମା **(NSQF Level 5)** କିମ୍ବା ଆଡ୍‌ଭାନ୍ସ ଡିପ୍ଲୋମା କୋର୍ସ **(NSQF Level 6)** କିମ୍ବା ଡିଗ୍ରୀ ପ୍ରୋଗ୍ରାମ **(NSQF Level 7)** ରେ ନାମଲେଖାଇ ପାଠ ପଢ଼ିପାରିବେ। ଏହି ପାଠ୍ୟକ୍ରମ ବିଭିନ୍ନ ଦିଗରୁ ସରଳୀକୃତ ଚୟନ ବ୍ୟବସ୍ଥା ପ୍ରଦାନ କରିଥାଏ। ଏଥିରୁ ଛାତ୍ରଛାତ୍ରୀ ମାନେ ନିଜ ପସନ୍ଦରେ ପ୍ରବେଶ / ପ୍ରସ୍ଥାନ କରିପାରିବେ।

ଯୋଗ୍ୟତା : ୧୦+୨ ପରୀକ୍ଷାରେ ପାସ୍ ବା ତଦୁର୍ଦ୍ଧ
ଆବେଦନ ଦେୟ : ଟଙ୍କା ୧୦୦୦/- ବ୍ୟାଙ୍କ ଡ୍ରାଫ୍ଟ ଆକାରରେ **"The Registrar, National Law University, Odisha"** ଙ୍କ ସପକ୍ଷରେ ଯାହା କଟକଠାରେ ପ୍ରଦେୟ ହେବ।
**ଶେଷ ତାରିଖ** : **୩୧ ଅକ୍ଟୋବର, ୨୦୧୮**, ଅଧିକ ବିବରଣୀ ପାଇଁ : **www.nluo.ac.in**
ଚୟନର ପ୍ରକାର : ସାକ୍ଷାତକାର ଆପାତତଃ ନଭେମ୍ବର ୨୦୧୮ ରେ ହେବ।

ସ୍ୱା/-
ରେଜିଷ୍ଟ୍ରାର



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା- ୧୨୪୪୩ / VISC (LEM) Proj. 96/18-19 ତାରିଖ: ୧୨।୧୦।୨୦୧୮

### ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପର୍ବପର୍ବାଣିରେ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡାକବାଜି ଯନ୍ତ୍ର, ସଙ୍ଗୀତ ଯନ୍ତ୍ରାଦି କିମ୍ବା ଶବ୍ଦ ବର୍ଦ୍ଧକ (Amplifier) ବ୍ୟବହାର ଦ୍ୱାରା ଜନସାଧାରଣଙ୍କ ବିରକ୍ତିର କାରଣ ହେବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ। ଏହା ସହ ଉଚ୍ଚ ଶବ୍ଦ ଉତ୍ପନ୍ନ କରୁଥିବା ଆତସବାଜି ବ୍ୟବହାର ଯୋଗୁଁ ଅଗ୍ନି ଓ ବିସ୍ଫୋରଣ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହେବା ସହ ଏଥିରୁ ନିର୍ଗତ ବିଷାକ୍ତ ଗ୍ୟାସ, ଧୂଳିକଣା ଓ ଶବ୍ଦ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ରିଟ୍ ପିଟିସନ୍ ସଂଖ୍ୟା ୭୨/୧୯୯୮ ଏବଂ ସିଭିଲ୍ ଅପିଲ୍ ସଂଖ୍ୟା ୩୭୩୫/୨୦୦୫ର ଶୁଣାଣି କରି ୧୮ ଜୁଲାଇ, ୨୦୦୫ରେ ଦେଇଥିବା ରାୟରେ ଡାକବାଜି ଯନ୍ତ୍ର ଓ ଉଚ୍ଚ ଶବ୍ଦ ସଷ୍ଟିକାରୀ ଯନ୍ତ୍ରାଂଶର ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ଏଣୁ ବିଶେଷକରି ଶିଶୁ, ବୃଦ୍ଧ, ରୁଗ୍ଣ ତଥା ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ଓ ପରିବେଶକୁ ଦୃଷ୍ଟିରେ ରଖି ଆମକୁ ଆଗାମୀ ପାର୍ବଣ ଋତୁ ଯଥା ଦଶହରା, ଦୀପାବଳି ଉତ୍ସବକୁ ଅତ୍ୟନ୍ତ ଦାୟିତ୍ୱ ସମ୍ପନ୍ନ ଭାବେ ନିମ୍ନୋକ୍ତ ନିୟମଗୁଡ଼ିକୁ ପାଳନ କରିବା ଏକାନ୍ତ କାମ୍ୟ।

- ଡାକବାଜି ଯନ୍ତ୍ର କିମ୍ବା ଉଚ୍ଚଶବ୍ଦ ସୃଷ୍ଟିକରୁଥିବା ସଙ୍ଗୀତ ଯନ୍ତ୍ରାଂଶ କିମ୍ବା ଶବ୍ଦ ବର୍ଦ୍ଧକ (Amplifier)ର ବ୍ୟବହାର ରାତ୍ର ୧୦ ଘଟିକାରୁ ସକାଳ ୬ ଘଟିକା ପର୍ଯ୍ୟନ୍ତ ନିଷିଦ୍ଧ ଅଟେ।
- ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଆତସବାଜିର ବ୍ୟବହାର ମଧ୍ୟ ରାତ୍ର ୧୦ ଘଟିକାରୁ ସକାଳ ୬ ଘଟିକା ପର୍ଯ୍ୟନ୍ତ ନିଷିଦ୍ଧ ଅଟେ।
- ସରକାରଙ୍କ ଦ୍ୱାରା ଘୋଷିତ ନୀରବ ଅଞ୍ଚଳ ଯଥା ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ସ୍ଥଳ ଇତ୍ୟାଦିର ୧୦୦ ମିଟର ପରିସୀମା ମଧ୍ୟରେ ଆପତ୍ତିଜନକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ନିଷିଦ୍ଧ ଅଟେ।
- କେବଳ ଖୋଲାସ୍ଥାନରେ ବାଣ ଫୁଟାଇବା ଉଚିତ୍।
- ୧୨୫ ଡେସିବଲ ସ୍ତରରୁ ଊର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ଅଟେ।
- ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମିସ୍ କେସ୍ ନଂ- ୬୦/୨୦୦୮ରେ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ଶବ୍ଦ ବର୍ଦ୍ଧକ (Amplifier) ବ୍ୟବହାରକାରୀ ଅତିଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସଙ୍ଗୀତ ଯନ୍ତ୍ରାଂଶ ଓ ଶବ୍ଦ ବାକ୍ସ ଓ ଡିଜେ (DJ) ଗୁଡିକରେ ଶବ୍ଦ ନିୟନ୍ତ୍ରକ (Sound Limiter) ଲଗାଇବେ ଯଦ୍ୱାରା Amplifierରୁ ସୃଷ୍ଟି ହେଉଥିବା ଶବ୍ଦର ମାତ୍ରା ୬୫ ଡେସିବଲକୁ ଅତିକ୍ରମ କରିବ ନାହିଁ।
- ଉପରୋକ୍ତ ନିୟମର କୌଣସି ପ୍ରକାର ଖିଲାପ ହେଲେ ଓଡ଼ିଶା (ଆତସବାଜି ଓ ଡାକବାଜି ଯନ୍ତ୍ର ପ୍ରବିଧାନ) ଆଇନ, ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ, ୨୦୦୦ ଅନୁଯାୟୀ ଦଣ୍ଡନୀୟ ଅଟେ।
- ଏ ସମ୍ବନ୍ଧୀୟ ଯେ କୌଣସି ଅଭିଯୋଗ ସଂପୃକ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ନିକଟରେ କରାଯାଇପାରିବ।
- ଦଶହରା ଓ ଦୀପାବଳି ଉତ୍ସବକୁ ପ୍ରଦୂଷଣମୁକ୍ତ ତଥା ସୁରକ୍ଷିତ ଭାବେ ପାଳନ କରିବା।

ସ୍ୱା./- ସଦସ୍ୟ ସଚିବ



## DISTRICT OFFICE, SUBARNAPUR
(SOCIAL WELFARE SECTION)

**No.: 1607** **Dated: 10.10.18**

Sealed quotations in the prescribed format are invited from the Intending Individual / Firm for supply of **"Printed register including materials under MAMATA"** to all the ICDS Projects. The quotations shall be received by the DSWO, Subarnapur till **5.00 P.M. of 29th October, 2018** and will be opened on **Dt.30.10.2018 at 3.00 P.M.** The details of tender papers along with the terms and conditions, earnest money deposit etc. can be downloaded from the website **http://www.subarnapur.nic.in**. The tender received beyond the date and time mentioned above shall not be taken into consideration under any circumstances.

**Sd./- District Social Welfare Officer, Subarnapur**



## SOUTHCO UTILITY

**OFFICE OF THE SUPERINTENDING ENGINEER**
**Electrical Circle, Bhanjanagar, Tel: (06821) 240335 (O), Fax: 242400,**
**EMail ID: circlehead.bhanjanagar@southcoodisha.com**

**Letter No: 1674 (15)** **Date: 12.10.2018**

**E-tender Notice No. 13/2018-19/12.10.2018/BKOGY PROJECTS / KANDHAMAL DISTRICT / SOUTHCO UTILITY/ BHANJANAGAR CIRCLE**

For and on behalf of Southco Utility, sealed Tenders in duplicate on two part bidding systems are invited from bidders having valid HT Electrical License complying with the terms and conditions laid in the tender documents of the following works.
For Supply & Erection of materials for two Nos. of projects under BKOGY Scheme under Kandhamal District on Turnkey Basis. Details given below:
1. Separation of town from rural 11KV feeder at Phulbani.
2. Separation of town from rural 11KV feeder at Balliguda.

The interested bidders would be required to enroll themselves on the tender portal www.tenderwizard.com/SOUTHCO. Complete set of bidding documents will be avilable in www.tenderwizard.com/SOUTHCO portal from Dt. 13.10.2018 from 01.00 P.M. onwards (as per e-tender schedule). Interested bidders may visit Southco's official website www.southcoodisha.com or www.tenderwizard.com/SOUTHCO for detail specification.
Any addendum/corrigendum to this e-tender notice shall be uploaded in the website only.

| | | |
|---|---|---|
| Issue of online tender document (bid sheet) | : | From 13.10.2018 (01.00 P.M.) upto 27.10.2018 (01.00 P.M.) |
| Last date for submission of online tender | : | Up to dt. 27.10.2018 (05.00 P.M.) |
| Submission of Tender (Hard copy) | : | Up to dt. 29.10.2018 (01.00 P.M.) |
| Opening of Techno-commercial Bid (Part-1) | : | On dt. 29.10.2018 on or after 03.00 P.M. |

Southco reserves the right to alter the tendered quantity and reject / accept any or all tenders or split the tender among tenderers without assigning any reason thereof.

**Sd./- Superintending Engineer (Elect), Electrical Circle, Bhanjanagar**



## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, BARIPADA

No.877-O

e_mail = rw_mayurbhanj@yahoo.co.in

**e_Procurement Tender Call Notice No. Online -17/RWD/BPD/2018-19**

1. Name of the work : Building Works
2. Total No.of works : 3 Nos.
3. Estimated Cost : Approx Estimated Cost Rs.73.70 lakhs to Rs.74.70 lakhs
4. Class of Contractor : 'B' Class & 'A' Class
5. Period of completion : 8 (Eight) Calendar months
6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender clarification | Date & Time of Opening of Tender in O/O E.E.R.W.Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Baripada | Online 17 RWD/ BPD/ 2018-19 | 15.10.2018 at 11.00 A.M. | 31.10.2018 upto 5.00 P.M. | 30.10.2018 upto 5.00 P.M. | 01.11.2018 at 11.00 A.M. | 09.11.2018 at 11.00 A.M. |

Further details can be seen from the website **www.tendersorissa.gov.in**.

25057/11/0012/1819 **Executive Engineer, R.W. Division, Baripada**



## ODISHA STATE BEVERAGES CORPORATION LIMITED

**(A GOVERNMENT OF ODISHA UNDERTAKING)**
**2nd FLOOR, FORTUNE TOWER, CHANDRASEKHARPUR,**
**BHUBANESWAR-751023 (ODISHA)**
CIN: U51228OR2000SGC006372

### TENDER CALL NOTICE FOR HIRING OF GO DOWN

No.CAD-931: Sealed Tenders in the prescribed format are invited by Odisha State Beverages Corporation Ltd., Bhubaneswar from intending go down/warehouse owners for leasing out their existing go down / warehouses situated in and around Khurda to Odisha State Beverages Corporation Ltd for storing of India Made Foreign Liquor / Beer/ Country Liquor. The last date and time of submission of sealed tender is **06.11.2018 3.00 P.M**.

The details may please be seen in the official website of the Corporation i.e. **https://osbc.co.in**.

36003/11/0005/1819 **Sd./- General Manager (Admn.)**



## ODISHA STATE AGRICULTURAL MARKETING BOARD

Plot No.1800(P), Baramunda, Post-Khandagiri,
Near Indian Oil Petrol Pump, Bhubaneswar
Ph. No.0674-2351311, Fax : 0674-2351310,
Email : osamboard99@yahoo.com, Website : osamboard.org

### NOTICE INVITING TENDER

Bid Reference No. : OSAMB/2017-18/MKT-I/3050 Date: 12.10.2018

Online Bids through e-Tender portal (https://tendersodisha.gov.in) are invited from eligible bidders (OEM) for supply & delivery of Android Smart Mobile Phones as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 13.10.2018 | |
| 2. | Last Date and time for submission of pre bid queries | 20.10.18 upto 05:00 PM | |
| 3. | Date & time of Pre-bid meeting | Date:- 22.10.18 (at 11:00 AM) Venue : Conference Hall, Odisha State Agricultural Marketing Board Plot No:-1800 (P),Near Ramamani Petrol Pump, Baramunda ,Khandagiri, Bhubaneswar-751030 | |
| 4. | Publication of Corrigendum if any, | 23.10.18 | |
| 5. | Date & time of Online bid submission. | Start Date | End Date & Time |
| | | 25.10.18 | 08.11.18 upto 05:00 PM |
| 6. | Date of online Technical bid opening | 09.11.2018 | |
| 7. | Date of demonstration of Mobile phones. | 15.11.18 | |
| 8. | Date of opening of Price Bid | To be intimated to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and Terms & Conditions are available in the websites: www.osamboard.org and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

**Sd./- General Manager**
**OSAMB., Bhubaneswar**



## ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା . ୩୩୩୮୭ ତା. ୦୬.୧୦.୨୦୧୮

### ବିଜ୍ଞପ୍ତି

ସମୟ କ୍ରମେ ଭୁବନେଶ୍ୱର ମହାନଗର ନିଗମ ନାଗରିକ ସଂଯୋଗ କାର୍ଯ୍ୟକ୍ରମମାନ କରି ଅନେକ ପ୍ରକାରର ପଦକ୍ଷେପ ନେଇଛି । ଏହାଦ୍ୱାରା ବିଏମ୍‌ସି ର ସେବା ପ୍ରଦାନରେ ଉନ୍ନତି ଘଟିଛି । ଏହାର ଏକ ସଂପ୍ରସାରିତ ପଦକ୍ଷେପ ସ୍ୱରୂପ ବର୍ତ୍ତମାନ ବିଏମ୍‌ସି ସୀମା ମଧ୍ୟରେ ଥିବା ରେସିଡେଣ୍ଟ୍ ୱେଲ୍‌ଫେୟାର ଆସୋସିଏସନ୍ ମାନଙ୍କର ଭାଗଦାନରେ ବିଏମ୍‌ସି ହାତକୁ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକାଭୀମୁଖୀ କରାଇ ଏଗୁଡିକୁ ସଫଳ କରାଇବାରେ ଆର୍.ଡବ୍ଲ୍ୟୁ.ଏ ମାନଙ୍କର ଆନୁଷ୍ଠାନିକ ସହଯୋଗ କାମନା କରାଯାଉଛି ।

ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ହେଉଛି,କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ -୨୦୧୬ ଅନୁସାରେ ବର୍ଜ୍ୟ ପରିଚାଳନାରେ ଆର୍.ଡବ୍ଲ୍ୟୁ.ଏ ମାନଙ୍କର ଭାଗଦାନକୁ ଗୁରୁତର ସହକାରେ ନିଆଯାଇଛି । ନିୟମ ଅନୁସାରେ ଏହି ଅନୁଷ୍ଠାନମାନଙ୍କର ଭୂମିକା ଏବଂ ଦାୟିତ୍ୱ ମଧ୍ୟ ଉଲ୍ଲେଖ କରାଯାଇଛି ।

ତେବେ ଏହି ସହଭାଗିତା ରୀତିର ପ୍ରଥମ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱର ମାହାନଗର ନିଗମାଂଚଳରେ ଥିବା ଆର୍.ଡବ୍ଲ୍ୟୁ.ଏ ମାନେ ନିଜ ନିଜର ଅନୁଷ୍ଠାନକୁ ବିଏମ୍‌ସି ରେ ନିବଂଧିତ ହେବାପାଇଁ ଅନ୍ ଲାଇନ୍ ପଞ୍ଜିକରଣ swm.bmc.gov.in/rwa ରେ କରାନ୍ତୁ ।

ସ୍ୱା/
କମିଶନର
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ



## DISTRICT OFFICE, PURI
(Sprots Section)

Letter No. 308/Sports Dated 09.10.2018

### SHORT TENDER / QUOTATION CALL NOTICE

District Sports Officer, Puri invites sealed quotation from authorized dealer / manufacturers / retailer / registered firms for supply of the following sports dress & shoe materials of branded quality for use by the trainees of sports hostel, Puri during the year 2018-19.

i) Track Suit of different sizes
ii) Shorts & Banian of different sizes
iii) Warm-up shoes different sizes with socks
iv) Game shoes of different sizes with socks (Wrestling & Kabaddi)
v) Kit Bag

The details terms and condition of the tender shall be available either in the District Sports Office located at Collectorate, Puri during office hours on all working dayks with effect from the date of publication of this advertisment from **11 AM** to **4.30 PM** or in the website of **www.puri.nic.in**.

Sealed quotation along with required documents and sample shall be received by the office of the undersigned upto **2.00 PM** on **Dt.31.10.2018** and shall be opened on the same day at **4.00 PM** in presence of the quotationer(s) or their authorized representative.

The authority reserves the right to accept or reject any / all quotatioins without assigning any reason thereof.

**Sd./- District Sports Officer, Puri**



## OFFICE OF THE SR. GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA,

DIST: KALAHANDI-766026, Mob. No.7328840483, E-mail: sgmel_uihep@ohpcltd.com

## ODISHA HYDRO POWER CORPORATION LTD.

**(A GOVERNMENT OF ODISHA UNDERTAKING)**
Regd. Office OSPH & W.C Building, Vanivihar Chhak, Janpath
Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102
E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

### TENDER CALL NOTICE NO. 41/2018-19 DTD.04.10.2018

No.CAD-928: The Sr. General Manager (El), UIHEP, Mukhiguda invites sealed tenders in two parts from Manufacturers / Authorized Dealers / reputed suppliers for the following work.

| Name of Work | Estimated Cost in Rs. | EMD in Rs. | Cost of Tender paper in Rs. |
|---|---|---|---|
| Procurement, Erection, Testing & Commissioning of 245 KV Capacitor Voltage Transformers and 245KV Voltage Transformers. | 64,43,902/- | 64,440/- | Rs. 11,800/- inclusive of GST @ 18% |

The sale of tender paper: from **11:00 Hrs. of 22.10.2018 to 13:00 Hrs. of 09.11.2018**
The last date & time of receipt of tenders: **up to 13:00 Hrs of 09.11.2018**
The date & time of opening of Technical Bid : **12:30 Hrs of 14.11.2018**
For details of tender documents, Terms and Conditions, Eligibility Criteria and downloading please visit our website **www.ohpcltd.com**.

32136/11/0061/1819 **Sd./- Sr. General Manager (El.), UIHEP, Mukhiguda**



## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

No. 727-B

### INVITATIONS FOR BIDS (IFB)

E-mail ID: cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523, Fax:- (0674)-2395245
File No.B-I- HE-27/ 2018 No. 44115 Dt. 10th Oct. 2018

**Invitation for Bids**
**Bid Identification No. CE (B) – 34 / 2018-19**

| | | |
|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for building works :- 1)"Construction of Model Degree College Building at Jantaribol, Dhenkanal for the year 2018-19" whose amount put to tender (Appx.) is Rs 8,50,00,000/- . 2) "Construction of Model Degree College Building at Patnagarh, (Jogimunda) for the year 2018-19" whose amount put to tender (Appx.) is Rs 8,10,00,000/- . 3) "Construction of Model Degree College building at Junagarh, Kalahandi for the year 2018-19" whose amount put to tender (Appx.) is Rs 8,00,00,000/- . 4) "Construction of Model Degree College Building at Similiguda, Koraput for the year 2018-19" whose amount put to tender (Appx.) is Rs 8,60,00,000/- . 5)"Construction of Model Degree College Building at Kasinagar (Tameyapeta), Gajapati for the year 2018-19" whose amount put to tender (Appx.) is Rs 7,85,00,000/- . 6) "Construction of Model Degree College Building at Damerikia of K.Nuagam Block, Kandhamal for the year 2018-19 "whose amount put to tender (Appx.) is Rs 8,40,00,000/- .detailed below. | |
| 2. | Nature of work | Building work (Composite work) |
| 3. | No. of work | 6nos. |
| 4. | Bid Cost. | Rs.10,000/- |
| 5. | Class of Contractor | Special class / Super class. |
| 6. | Availability of Bid Documents in the website | From dt.25.10.2018 to 17:00 hours of dt.08.11.2018. |
| 7. | Date of Opening of Bid | Dt.09.11.2018 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

34117/11/0130/1819 **Sd/- Chief Engineer (Buildings), Odisha**



## Tender Call Notice for IEC/BCC

No.487-E: Sealed quotations are invited from interested firms/suppliers/NGOs having adequate experience in taking up work for printing and supply of IEC/ BCC materials and installation of hoardings and other materials for the year 2018-19 to puri District as per specification in tender paper along with terms & condition will be available in the district website **www.puri.nic.in**. The bid document should reach to the O/o the undersigned latest by **01.11.2018** up to **5 PM** through Speed post/Registered post only & it will be opened on **02.11.2018** at **11.00 AM**. The authority reserves every right to accept or reject any / all bids without assigning any reason thereof. The authority will not be held responsible for any postal delay.

**Sd./- CDM&PHO-cum- District Mission Director, Puri**

10021/11/0033/1819



## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS CIRCLE, Bhawanipatna

### N O T I C E

### FOR PRADHAN MANTRI GRAM SADAK YOJANA (PMGSY)

**NATIONAL COMPETITIVE BIDDING THROUGH "e"-Procurement**
**Bid identification No. BPT/Online-05/2018-19**

No.884-O: **The Superintending Engineer, Rural Works Circle, Bhawanipatna on behalf of Odisha State Rural Road Agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the district of Kalahandi for 3 Packages (Three) number of packages with estimated cost totalling to **Rs.10.00 Cr (Approximate)** including their maintenance for five years from the eligible contractors registered with State **PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement. Dtd. **15.10.2018**

**Availability of Bid Documents and mode of submission**: The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB in the O/o the Engineer-In-Chief, Rural Works (PMGSY Branch), Odisha, Bhubaneswar/Superintending Engineer, Rural Works Circle, Bhawanipatna/ Concerned Executive Engineers, R.W.Division (as per Tender Call Notice), on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 31.10.2018 up to 5.00 P.M**

For further details and corrigendum/addendum (if any) please log on to **www.pmgsytenders.gov.in**.

**Sd./- Superintending Engineer**
25102/11/0009/1819 **R.W.Circle, Bhawanipatna**

■ ସୋହେଲା ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବ

# ଭାଇଚାରାର ଅନନ୍ୟ ନିଦର୍ଶନ



ଓଡିଶା ଓ ଛତିଶଗଡ ସୀମାନ୍ତରେ ରହିଛି ବରଗଡ଼ ଜିଲା ସୋହେଲା ସହର । ଏଡି ସହର ଦେଇ ଲମ୍ବି ଯାଇଛି ୬ନମ୍ବର ଜାତୀୟ ରାଜପଥ ଓ ୩ନମ୍ବର ରାଜ୍ୟ ରାଜପଥ। ଏଠାରେ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ସହାବସ୍ଥାନ କରନ୍ତି। ବରଗଡ ଜିଲା ବରପାଲିର ଶୀତଳ ଷଷ୍ଠୀ, କୁଚିପାଲିର କାଳୀପୂଜା, ବରଗଡ ଧନୁଯାତ୍ରା ସହିତ ସୋହେଲା ଦୁର୍ଗାପୂଜା ରାବଣପୋଡି ପାଇଁ ପ୍ରସିଦ୍ଧି ଲାଭ କରିଛି । ସୋହେଲା ଦୁର୍ଗାପୂଜା ହେଉଛି ଭାଇଚାରାର ଅନନ୍ୟ ନିଦର୍ଶନ। ଛୋଟ ସହର ହୋଇଥିଲେ ମଧ୍ୟ ଏଠାରେ ଧୁମ୍‌ଧାମରେ ଦୁର୍ଗାପୂଜା ପାଳନ କରାଯାଇଥାଏ । ଏଠାରେ ସମସ୍ତ ବର୍ଗର ଲୋକ ରହୁଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ମଧ୍ୟରେ କୌଣସି ପ୍ରକାର ବିଦ୍ୱେଷଭାବ ସୃଷ୍ଟି ହୋଇନାହିଁ । ଦଳମତ ନିର୍ବିଶେଷରେ ଏଠାରେ ମାଁଙ୍କ ପୂଜା କରାଯାଇଥାଏ । ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ପୂଜା କମିଟିରେ କର୍ମକର୍ତ୍ତା ରହି ନିଜ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥାନ୍ତି । ଏଥର ଦୁର୍ଗାପୂଜା ୭୫ବର୍ଷରେ ପଦାର୍ପଣ କରିଥିବାରୁ କମିଟି ପ୍ଲାଟିନମ ଜୁବିଲି ପାଳନ କରୁଛି । ପୂଜାକୁ ଆକର୍ଷଣୀୟ ଓ ଉପଭୋଗ୍ୟ କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଦୁର୍ଗାମନ୍ଦିର ପରିସରରେ ସ୍ଥାୟୀ ପୂଜା ମଣ୍ଡପ ରହିଛି । ଦୁର୍ଗାପୂଜା ବେଳେ ମନ୍ଦିର ଓ ମେଢ଼ରେ ଅତ୍ୟନ୍ତ ନିଷ୍ଠାର ସହିତ ଏକା ସାଙ୍ଗରେ ପୂଜା ଓ ହୋମ କରାଯାଇଥାଏ । ପୂଜା ସମୟରେ ପ୍ରବଳ ଜନସମାଗମ ହେଉଥିଲେ ମଧ୍ୟ ପ୍ରତିବର୍ଷ ଶାନ୍ତି ଶୃଙ୍ଖଳାର ସହିତ ଏହା ପାଳିତ ହୋଇ ଆସୁଛି ।

**ରାମଲୀଳା:** କିଛି ବର୍ଷ ହେଲା ଦୁର୍ଗାପୂଜା ସମୟରେ ସ୍ଥାନୀୟ ଚେତନା ମଣ୍ଡପରେ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ସ୍ଥାନୀୟ କଳାକାରମାନେ ଅଭିନୟ କରିଥାନ୍ତି । ମନ୍ଦିର ଓ ମେଢ଼ରେ ସନ୍ଧ୍ୟା ଆଳତୀ ସରିଲା ପରେ ରାମଲୀଳା ପରିବେଷିତ ହୋଇଥାଏ । ପୂଜା ଶେଷ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥାଏ ।

**ପାର୍ବଣ:** ଆଧୁନିକ ଯୁଗରେ ଧୀରେ ଧୀରେ ଲୋକକଳା ଓ ସଂସ୍କୃତି ଲୋପ ପାଇଯାଉଛି । ଏହି ଲୋକକଳାକୁ ଉଜ୍ଜୀବିତ କରି ଲୋକଲୋଚନକୁ ଆଣିବା ପାଇଁ ପୂଜା କମିଟି ପକ୍ଷରୁ ଦୀର୍ଘବର୍ଷ ଧରି ଲୋକ ମହୋତ୍ସବର ଆୟୋଜନ ହୋଇ ଆସୁଛି। ସରକାରଙ୍କ ବିନା ଅନୁଦାନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାହାରୁ କଳାକାରମାନେ ଆସି ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି । ଏଥର ରାଜ୍ୟ ତଥା ରାଜ୍ୟ ବାହାର (ମଧ୍ୟପ୍ରଦେଶ, ଆସାମ ଓ ପଶ୍ଚିମବଙ୍ଗ)ର ସାଂସ୍କୃତିକ ଦଳଗୁଡିକ ଏହି ମହୋତ୍ସବରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି ।

**ପ୍ରତିଯୋଗିତା:** ଦୁର୍ଗାପୂଜା ଅବସରରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥାଏ । ଗ୍ରାମାଞ୍ଚଳ ଫୁଟବଲ ମ୍ୟାଚ୍, ରସିଟଣା ପ୍ରତିଯୋଗିତା, ମହିଳାମାନଙ୍କ ହୁଳହୁଳି ପ୍ରତିଯୋଗିତା ଓ ସାଇକେଲ ରେସ, ନୃତ୍ୟ ପ୍ରତିଯୋଗିତା (ଏକକ ଓ ଦଳଗତ), ଚିତ୍ରାଙ୍କନ, ମ୍ୟୁଜିକାଲ ଚେୟାର, ବେଷ୍ଟ ଡ୍ରାମେବାଜ ଆଦି ପ୍ରତିଯୋଗିତା ହେଉଛି ।

**ମନୋରଞ୍ଜନ:** ଏଥର ଲୋକଙ୍କ ମନୋରଞ୍ଜନ ପାଇଁ ଅପେରା, ମେଲୋଡି, ସାଇ ସଙ୍ଗମ, ଛତିଶଗଡର ମାତା କି ଜଗରାତା, ବେଲପଡାର ଆରକେ ରକଷ୍ଟାର ଅର୍କେଷ୍ଟ୍ରା, ନାଟକ ଓ ଦଣ୍ଡ ନୃତ୍ୟ ଏବଂ କାବ୍ୟ ସନ୍ଧ୍ୟା ଆୟୋଜିତ ହେଉଛି ।

ସାଜସଜ୍ଜା–ଏଥର ପୂଜା ପେଣ୍ଡାଲକୁ କଲିକତାର କାରିଗରମାନେ ପ୍ରାକୃତିକ ଲତାପତ୍ରରେ ସାଜସଜ୍ଜା କରିଛନ୍ତି, ଯାହାକି ଆକର୍ଷଣୀୟ ହୋଇଛି । ସୁରମ୍ୟ ତୋରଣ ଓ ଆଲୋକମାଳାରେ ସହର ଝଲସି ଉଠୁଛି ।

**ରାବଣ ଦରବାର:** ସୋହେଲା ଦୁର୍ଗାପୂଜାରେ ଲଙ୍କାଧିପତି ରାବଣର ମୁଖ୍ୟ ଭୂମିକା ରହିଛି । ଦୀର୍ଘ ବର୍ଷ ଧରି ଦୁର୍ଗାପୂଜାବେଳେ ହାତୀ ପିଠିରେ ରାବଣରାଜ୍ ଚାଲିଥିଲା । କିନ୍ତୁ କିଛି ବର୍ଷ ହେଲା ଲଙ୍କାଧିପତି ରାବଣଙ୍କ ପାଇଁ ଏକ ସ୍ୱତନ୍ତ୍ର ମଞ୍ଚ ନିର୍ମାଣ କରାଯାଉଛି । ଏଥିରେ ରାବଣରାଜ ଚାଲେ । ମଞ୍ଚରେ ରାଜ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଏଥିରେ ଯୋଗ ଦେଇଥାନ୍ତି । ରାବଣ ପୋଡି ପର୍ଯ୍ୟନ୍ତ ସୋହେଲା ସହରରେ ରାବଣର ରାଜୁତି ଚାଲିଥାଏ । ପ୍ରତିଦିନ ସନ୍ଧ୍ୟାରେ ରାବଣ ପାତ୍ରମନ୍ତ୍ରୀଙ୍କ ସହିତ ହାତୀ, ଓଟରେ ଆରୂଢ଼ ହୋଇ ମା'ଙ୍କ ପୂଜାର୍ଚ୍ଚନା କରିବା ପରେ ନଗର ଭ୍ରମଣ କରିଥାନ୍ତି । ପରେ ତାଙ୍କ ଦରବାର ଚାଲିଥାଏ । ରାଜ ନର୍ତ୍ତକୀମାନେ ନୃତ୍ୟ ପରିବେଷଣ କରିଥାନ୍ତି । ସେହିପରି ରାମ ଓ ଲକ୍ଷ୍ମଣ ଏକ ସୁସଜ୍ଜିତ ରଥରେ ଆରୂଢ଼ ହୋଇ ହନୁମାନ ସେନାଙ୍କ ସହିତ ନଗର ଭ୍ରମଣ କରିଥାନ୍ତି ।

**ରାବଣପୋଡି କାର୍ଯ୍ୟକ୍ରମ:** ରାବଣ ପୋଡି ହେଉଛି ସୋହେଲା ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ । ସ୍ଥାନୀୟ ମିନିଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସନ୍ଧ୍ୟାରେ ହାତୀ ପିଠିରେ ଲଙ୍କାଧିପତି ରାବଣ ଓ ପାତ୍ରମନ୍ତ୍ରୀ ଏବଂ ରଥରେ ରାମ ଓ ଲକ୍ଷ୍ମଣ ତଥା ବାନର ସେନା ପହଞ୍ଚିଲା ପରେ ଦୁଇ ଦଳ ମଧ୍ୟରେ ସାଙ୍କେତିକ ଯୁଦ୍ଧ ହୋଇଥାଏ । ପରେ ଏହା ଆତସବାଜି ଓ ବାଣ ପ୍ରତିଯୋଗିତା ହୋଇଥାଏ । ଶେଷରେ ଅଧର୍ମ ଉପରେ ଧର୍ମର ଜୟ ହୋଇଥାଏ । ଅଧର୍ମର ପ୍ରତୀକ ରାବଣର ବିରାଟକାୟ ପୁତଳାକୁ ଦହନ କରାଯାଇଥାଏ । ଏଥର ସାଲେପୁର(କଟକ) ଓ ବରଗଡ(ରିମୋଟ ଦ୍ୱାରା) ମଧ୍ୟରେ ଆତସବାଜି ଓ ବାଣ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୋଲକତାର ଲେଜର ସୋ ମଧ୍ୟ ଅନୁଷ୍ଠିତ ହେବ । ଏହାକୁ ଦେଖିବାକୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥାଏ ।

**ଭସାଣିଯାତ୍ରା:** ଯାତ୍ରାର ଶେଷ ପର୍ଯ୍ୟାୟ ହେଉଛି ଭସାଣି । ଏଥର ଭସାଣି ଶୋଭାଯାତ୍ରାରେ



କରମା ନାଚ, ଓଲିଉଡ ଡ୍ୟାନ୍ସ ଗ୍ରୁପ, ମେଲୋଡି, ଢେଙ୍କାନାଳ ଡ୍ୟାନ୍ସ ଗ୍ରୁପ, ବ୍ୟାଣ୍ଡ ବାଜା, ଦୁଲଦୁଲି ବାଜା, ଘୁଡକା ନାଚ, କସ୍ତାଲ, ଡିଜେ ବାଜା, ପଶ୍ଚିମ ଓଡିଶା ଡ୍ୟାନ୍ସ ଗ୍ରୁପ ଆଦି ସାମିଲ ହେଉଛନ୍ତି। ମାଁଙ୍କ ମୃଣ୍ମୟୀ ପ୍ରତିମା ଓ ପାର୍ଶ୍ୱ ଦେବୀଦେବଙ୍କୁ ଏକ ଗାଡିରେ ନେଇ ବସ୍ତି ପରିକ୍ରମା କରିବା ପରେ ସ୍ଥାନୀୟ ପୂର୍ଣ୍ଣିବନ୍ଧରେ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ରିପୋର୍ଟ: କ୍ଷମାନିଧି ନାୟକ, ସୋହେଲା

## ପୂଜା କମିଟି କର୍ମକର୍ତ୍ତାଙ୍କ ମୁହଁରୁ...



" ଦୀର୍ଘ ପାଞ୍ଚ ଦଶନ୍ଧି ଧରି ପୂଜା କମିଟି ସଭାପତି ଦାୟିତ୍ୱ ତୁଲାଇ ଆସୁଛି । ଛୋଟ ପୂଜାରୁ ଆରମ୍ଭ ହୋଇଥିବା ସୋହେଲା ଦୁର୍ଗାପୂଜା ଆଜି ଓଡିଶାରେ ଏକ ବିରାଟ ମହୋତ୍ସବ ଭାବେ ପ୍ରସିଦ୍ଧି ଲାଭ କରିଛି । ପଡୋଶୀ ଛତିଶଗଡର ଭଉଣୀଭାଇଙ୍କ ପାଇଁ ଦୁର୍ଗାପୂଜା ଏକ ସାଂସ୍କୃତିକ ସେତୁ ଭାବେ କାର୍ଯ୍ୟ କରିଥାଏ ।

**- ପ୍ରକାଶ ଚନ୍ଦ୍ର ଦେବତା, ପୂଜା କମିଟି ସଭାପତି**



" ଛୋଟ ବେଳୁ ଆମେ ସୋହେଲା ଦୁର୍ଗାପୂଜା ଦେଖି ଆସୁଛୁ। ଦିନକୁ ଦିନ ଏହାର ଲୋକ ପ୍ରିୟତା ବୃଦ୍ଧି ପାଇ ଏହା ଏକ ମହୋତ୍ସବରେ ପରିଣତ ହୋଇପାରିଛି । ପୂଜା କମିଟିରେ ରହିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି ।

**- ସୁଶାନ୍ତ ସିଂ, ମନ୍ତ୍ରୀ ତଥା ପୂଜା କମିଟି କାର୍ଯ୍ୟକାରୀ ସଭାପତି**



" ସୋହେଲାରେ ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ସମସ୍ତେ ସମସ୍ତଙ୍କ ପୂଜା ପାର୍ବଣରେ ଅଂଶଗ୍ରହଣ କରିଥାନ୍ତି । ସାର୍ବଜନୀନ ଦୁର୍ଗାପୂଜା ତାର ଜ୍ୱଳନ୍ତ ଏକ ନିଦର୍ଶନ । ସବୁ ସମ୍ପ୍ରଦାୟର ଆବାଳବୃଦ୍ଧବନିତା ନିଜ ନିଜ ଘରର ପୂଜା ଭାବି ଏଥିରେ ସହଯୋଗ କରିଥାନ୍ତି ।

**- ମହମ୍ମଦ ରଫିକ,ପୂଜା କମିଟି ଉପସଭାପତି**



" ୪ହଜାର ଟଙ୍କାରେ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଆଜି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପହଞ୍ଚିଛି । ପଶ୍ଚିମ ଓଡିଶାରେ ପ୍ରଥମେ ଆମ ପୂଜା କମିଟି ପକ୍ଷରୁ ରାବଣ ପୋଡି ଆରମ୍ଭ ହୋଇଥିଲା । ରାଜ୍ୟ ତଥା ପଡୋଶୀ ରାଜ୍ୟର ଲୋକଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମର ଲୋକପ୍ରିୟତା ବୃଦ୍ଧି ପାଇଛି ।- **ରାମ ନିବାସ ଅଗ୍ରୱାଲ, ପୂଜା କମିଟି ସମ୍ପାଦକ**


ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ଲୀନା ପ୍ରଧାନ
ଜିଲ୍ଲା ପରିଷଦ ସଭ୍ୟା, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ସୋହେଲା ପ୍ରାଥମିକ କୃଷି ସମବାୟ ସମିତି ଲିଃର ହାର୍ଦ୍ଦିକ ଶୁଭେଚ୍ଛା।





ମାର୍କଣ୍ଡ ସା — ସଭାପତି
ରାଜେଶ ପ୍ରଧାନ — ସମ୍ପାଦକ

ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ନଥୁରାମ ଅଗ୍ରୱାଲ
ଏ କ୍ଲାସ ଇଞ୍ଜିନିୟର କଣ୍ଟ୍ରାକ୍ଟର, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
କୁଳମଣି ଦେୱାନ
ପାଣିମୋରା, ସୋହେଲା





ଶାରଦୀୟ ଅଭିନନ୍ଦନ
ଗର୍ଭଣା ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।



ଦିଲୀପ କୁମାର ସାହୁ — ସଭାପତି, ଗର୍ଭଣା ଦୁର୍ଗା ପୂଜା କମିଟି
କୁନ୍ତୀ ସାହୁ — ସରପଞ୍ଚ, ଗର୍ଭଣା ପଞ୍ଚାୟତ




ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ସତ୍ୟନାରାୟଣ ପ୍ରଧାନ
ସ୍ୱତନ୍ତ୍ର ଶ୍ରେଣୀ କଣ୍ଟ୍ରାକ୍ଟର, ଖରମୁଣ୍ଡା, ଭଟ୍ଲି, ବରଗଡ଼



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ପ୍ରମୋଦ ଚନ୍ଦ୍ର ଦେବତା
ସଭାପତି, ନାଗରିକ କମିଟି, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ମନ ମାଝୀ
ସମାଜସେବୀ, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ପ୍ରଫୁଲ୍ଲ କୁମାର ପ୍ରଧାନ
ପୂର୍ବତନ ବ୍ଲକ ଉପାଧ୍ୟକ୍ଷ, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ସୁବ୍ରତ ବେହେରା
ଜିଲ୍ଲା ପରିଷଦ ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ଗିରିଜେଶ ଖାଡ଼ଙ୍ଗା
ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ମହମ୍ମଦ ରଫିକ୍
ପୂର୍ବତନ ବିଧାୟକ, ମେଲଛାମୁଣ୍ଡା ତଥା ଉପସଭାପତି, ସୋହେଲା ଦୁର୍ଗାପୂଜା କମିଟି, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ଗାଡ଼ି ମାଲିକ ସଂଘର ହାର୍ଦ୍ଦିକ ଶୁଭେଚ୍ଛା।







ପ୍ରଦୀପ ଚନ୍ଦ୍ର ଦେବତା — ସଭାପତି
ରାମନିବାସ ଅଗ୍ରୱାଲା — ସମ୍ପାଦକ
ଗୋପବନ୍ଧୁ ପାଣ୍ଡେ — କୋଷାଧ୍ୟକ୍ଷ

ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।





ସନ୍ତୋଷ ମେହେର — କଣ୍ଟ୍ରାକ୍ଟର, ବାଟତେର୍ମା
ଗୌର ବରିହା — କଣ୍ଟ୍ରାକ୍ଟର, ଜାମପାଲି, ସୋହେଲା

ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ପ୍ରକାଶ ଚନ୍ଦ୍ର ଦେବତା
ପୂର୍ବତନ ମନ୍ତ୍ରୀ ତଥା ସଭାପତି, ଦୁର୍ଗାପୂଜା କମିଟି, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ସୋହେଲା ବ୍ଲକ ଆଦିବାସୀ କଲ୍ୟାଣ ସଂଘର ହାର୍ଦ୍ଦିକ ଶୁଭେଚ୍ଛା।





ଗୋବିନ୍ଦ ବରିହା — ସଭାପତି
ପରମେଶ୍ୱର ବାଙ୍କା — ସମ୍ପାଦକ

ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ଜିତେନ୍ଦ୍ର କୁମାର ଭୋଇ
ସରପଞ୍ଚ, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ମାର୍କଣ୍ଡ ସା
ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ସୁବ୍ରତ ସିଂ
ଯୁବନେତା, ବିଜୁ ଜନତା ଦଳ, ସୋହେଲା



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ହିମାଳୟା ସାହୁ
ଉପାଧ୍ୟକ୍ଷା, ସୋହେଲା ପଞ୍ଚାୟତ ସମିତି



ଶାରଦୀୟ ଅଭିନନ୍ଦନ
ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ଜୀବର୍ଦ୍ଧନ ବରିହା
ବ୍ଲକ ଅଧ୍ୟକ୍ଷ, ସୋହେଲା



ଶାରଦୀୟ ଅଭିନନ୍ଦନ



ସୋହେଲା ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା।
ସୁଶାନ୍ତ ସିଂ
ଶ୍ରମ ଓ ଶକ୍ତି ମନ୍ତ୍ରୀ, ଓଡ଼ିଶା ସରକାର

| Dollar | Sensex | Nifty | Gold | Silver |
|---|---|---|---|---|
| 73.57 (55) | 34,733.58 (732.43) | 10,472.50 (237.85) | 32,120.00 (140) | 39,500.00 (500) |



"ରେରା ଆଇନ ପରିସରକୁ ବର୍ତ୍ତମାନ ସୁଦ୍ଧା ୩୦ ହଜାର ରିୟଲ ଇଷ୍ଟେଟ ପ୍ରକଳ୍ପ ଏବଂ ୨୫ ହଜାର ଏଜେଣ୍ଟ ଆସିଛନ୍ତି ।
– ହରଦୀପ ସିଂ ପୁରୀ, କେନ୍ଦ୍ର ବାସଗୃହ ଏବଂ ସହରୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ



"କ୍ଷୁଦ୍ରଶିଳ୍ପଗୁଡ଼ିକର ଉନ୍ନତୀକରଣକୁ ଧ୍ୟାନରେ ରଖି ସରକାର ବିଭିନ୍ନ ଯୋଜନା ଉପରେ କାର୍ଯ୍ୟକରିବା ସହ ଏହାକୁ ତ୍ୱରାନ୍ୱିତ କରୁଛନ୍ତି ।
– ରାମ ମୋହନ ମିଶ୍ର, ଅତିରିକ୍ତ ସଚିବ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ

## ସଂକ୍ଷେପରେ

### ମୁଦ୍ରାସ୍ଫୀତି ୩.୭୭%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୨-୧୦:** ଖୁଚୁରା ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ବୃଦ୍ଧି ପାଇ ୩.୭୭%ରେ ପହଞ୍ଚିଛି,ଯାହାକି ଅଗଷ୍ଟରେ ୩.୬୯ ପ୍ରତିଶତ ଥିଲା। ଶୁକ୍ରବାର ପରିସଂଖ୍ୟାନ କାର୍ଯ୍ୟାଳୟରୁ ଜାରି ତଥ୍ୟରୁ ଏହା ଜଣାପଡିଛି। ସେହିପରି ଦେଶର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଅଗଷ୍ଟରେ ୪.୩%କୁ ହ୍ରାସ ପାଇଛି। ତେଲ, ଖାଦ୍ୟପଦାର୍ଥ ଦାମ୍ ବଢ଼ିବା ସହ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ କାରଣରୁ ମୁଦ୍ରାସ୍ଫୀତି ବଢ଼ିଛି ବୋଲି କୁହାଯାଉଛି। ଦେଶର ମୁଦ୍ରାନୀତିକୁ ଅଧିକ କଠୋର କରିବାକୁ ହେବ, ନଚେତ୍ ମୁଦ୍ରାସ୍ଫୀତି ବଢ଼ିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ମଙ୍ଗଳବାର ଚେତାବନୀ ଶୁଣାଇଥିଲା। ଅନ୍ୟପକ୍ଷରେ ଆଇଆଇପି ଚଳିତ ବର୍ଷ ଅଗଷ୍ଟରେ ୪.୩% ରହିଛି, ଯାହାକି ଗତବର୍ଷ ଏହି ସମୟରେ ୪.୮% ରହିଥିଲା। ମେ' ମାସ ପରେ ଔଦ୍ୟୋଗିକ ଉତ୍ପାଦନ ଅଗଷ୍ଟରେ ସବୁଠାରୁ କମ୍ ହୋଇଛି। ମେ'ରେ ଆଇଆଇପି ୩.୯% ଥିଲା। କାରଖାନା ଅଭିବୃଦ୍ଧି ଜୁନ୍‌ରେ ୬.୮ ପ୍ରତିଶତକୁ ବଢ଼ିଥିଲା ବେଳେ ଜୁଲାଇରେ ଏହା ୬.୫%କୁ ହ୍ରାସ ପାଇଥିଲା।

### ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ବୋର୍ଡ ବୈଠକ
### ୮ ସହଯୋଗୀ କମ୍ପାନୀରେ ନିର୍ଦ୍ଦେଶକ ନିଯୁକ୍ତ

**ନୂଆଦିଲ୍ଲୀ,୧୨-୧୦:** ପ୍ରାୟ ୯୧ ହଜାର କୋଟି ଟଙ୍କାର ଋଣବୋଝ ବୋହି ଚାଲିଥିବା ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ୍ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ର ନବନିଯୁକ୍ତ ବୋର୍ଡର ବୈଠକ ଶୁକ୍ରବାର ମୁମ୍ବାଇରେ ବସିଥିଲା। ବରିଷ୍ଠ ବ୍ୟାଙ୍କର ଉଦୟ କୋଟାକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ୮ ସହଯୋଗୀ କମ୍ପାନୀ ପାଇଁ ମନୋନୀତ ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରାଯାଇଛି। ଏହାଛଡା କମ୍ପାନୀର ବ୍ୟକ୍ତିଗତ ତଥା କାର୍ଯ୍ୟକାରୀ ବ୍ୟୟ ହ୍ରାସ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକ ଶେଷରେ କୋଟାକ କହିଛନ୍ତି ଯେ, ନବନିଯୁକ୍ତ ବୋର୍ଡ ଏନ୍‌ସିଏଲ୍‌ଟିଙ୍କ ନିର୍ଦ୍ଦେଶକୁ ପାଳନ କରିବ।

### ଷ୍ଟେଟ୍ ବ୍ୟାଙ୍କ ଅଫ୍ ମରିସସ୍ ଶାଖାରୁ ହ୍ୟାକର ନେଇଗଲେ ୧୪୩ କୋଟି

**ନୂଆଦିଲ୍ଲୀ,୧୨-୧୦:** ଷ୍ଟେଟ୍ ବ୍ୟାଙ୍କ ଅଫ୍ ମରିସସ୍‌ର ମୁମ୍ବାଇ ଶାଖାରେ ସାଇବର ଆକ୍ରମଣ ଘଟଣା ଧରାପଡିଛି। ହ୍ୟାକରମାନେ ଏହି ବ୍ୟାଙ୍କର ନରିମାନ ପଏଣ୍ଟ ଶାଖାରୁ ୧୪୩ କୋଟି ଟଙ୍କା ଚୋରି କରିଛନ୍ତି। ଶାଖା ମ୍ୟାନେଜର ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଦାଏର କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ହ୍ୟାକରମାନେ ବ୍ୟାଙ୍କର ସର୍ଭରକୁ ହ୍ୟାକ୍ କରିନେଇଥିଲେ। ଏହାପରେ ସେମାନେ ଗ୍ରାହକଙ୍କ ଆକାଉଣ୍ଟରୁ ବିଦେଶର ଏକାଧିକ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର କରିଛନ୍ତି। ଏହି ମାମଲାରେ ଅଦ୍ୟାବଧି କାହାରିକୁ ଗିରଫ କରାଯାଇନି। ଷ୍ଟେଟ ବ୍ୟାଙ୍କ ଅଫ୍ ମରିସସ୍ ନରିମାନ ପଏଣ୍ଟ ଶାଖା ରହେଜା ସେଣ୍ଟରର ୧୫ତମ ମହଲାରେ ଅବସ୍ଥିତ।

### ନଭେମ୍ବରରୁ ସ୍ପାଇଶ ଜେଟ୍‌ରେ ୱାଇଫାଇ ସୁବିଧା

**ନୂଆଦିଲ୍ଲୀ,୧୨-୧୦:** ଦେଶର ପ୍ରଥମ ବିମାନ କମ୍ପାନୀ ଭାବେ ସ୍ପାଇଶ ଜେଟ୍ ବିମାନ ଯାତ୍ରୀଙ୍କୁ ନଭେମ୍ବରରୁ ବିମାନ ମଧ୍ୟରେ ୱାଇଫାଇ ସୁବିଧା ଦେବାକୁ ଯାଉଛି। କମ୍ପାନୀ କିଣିଥିବା ନୂଆ ବୋଇଂ ୭୩୭ ମ୍ୟାକ୍ସରେ ଏହି ସୁବିଧା ରହିଛି। କମ୍ପାନୀ ସିଏମ୍‌ଡି ଅଜୟ ସିଂହ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଠାରୁ ଅନୁମତି ମିଳିବା ପରେ ଯାତ୍ରୀଙ୍କୁ ଏହି ସୁବିଧା ଦିଆଯିବ। ଯାତ୍ରୀମାନେ ବିମାନ ମଧ୍ୟରେ ନେଟ୍ ବ୍ୟବହାର ସହ ମୋବାଇଲ ଫୋନରେ କଥାବାର୍ତ୍ତା କରିପାରିବେ। ଏହି ୱାଇଫାଇ ବ୍ୟବସ୍ଥା ବ୍ୟବହାର ପାଇଁ ଅଧିକ ଚାର୍ଜ ନିଆଯିବା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ।

## ■ ଟଙ୍କାର ସୁରକ୍ଷା ଲାଗି ଆମଦାନୀ ଶୁଳ୍କ ବୃଦ୍ଧି
# ମୋବାଇଲ ଫୋନ୍, ଏସି, ଫ୍ରିଜ୍ ଦାମ୍ ବଢ଼ିବ

**ନୂଆଦିଲ୍ଲୀ,୧୨-୧୦**



ସେପ୍ଟେମ୍ବରରେ ୧୯ଟି ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବଢ଼ାଇବା ପରେ କେନ୍ଦ୍ର ସରକାର ଗୁରୁବାର କେତେକ ଟେଲିକମ ଯନ୍ତ୍ରାଂଶ ଉପରେ ମଧ୍ୟ ଶୁଳ୍କ ବଢ଼ାଇଛନ୍ତି। ଏଭଳି ପଦକ୍ଷେପ ନେଇ ସରକାର ଟଙ୍କାର ସୁରକ୍ଷା ଓ ଚଳନ୍ତି ଜମା ନିଅଣ୍ଟ(ସିଏଡି) ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ଘରୋଇ ଉତ୍ପାଦକଙ୍କୁ ଫାଇଦା ମିଳିବା ସହ ସରକାରଙ୍କୁ ପ୍ରାୟ ୪୦୦୦ କୋଟି ଟଙ୍କାର ରାଜସ୍ୱ ମିଳିବ। ତେବେ ଏଥିଯୋଗୁ ଦୈନନ୍ଦିନ କାର୍ଯ୍ୟରେ ଆସୁଥିବା ସାମଗ୍ରୀ ମହଙ୍ଗା ହୋଇଯିବ। ଦାମ୍ ବଢ଼ିବାକୁ ଯାଉଥିବା ସାମଗ୍ରୀଗୁଡିକ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଉଛି।

**ମୋବାଇଲ ଫୋନ୍:** ବେସ୍ ଷ୍ଟେଶନ, ଅପ୍ଟିକାଲ ଟ୍ରାନ୍ସପୋର୍ଟ ଯନ୍ତ୍ରପାତି,ସ୍ୱିଚ୍ ଏବଂ ଆଇପି ରେଡିଓ ଭଳି ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ୧୦ ପ୍ରତିଶତରୁ ୨୦ ପ୍ରତିଶତ ବଢ଼ାଇ ଦିଆଯାଇଛି। ମଦରବୋର୍ଡର ମଧ୍ୟ ଆମଦାନୀ ଶୁଳ୍କ ବଢ଼ିଛି। ଏହି କାରଣରୁ ମୋବାଇଲ ଫୋନ୍ ଦାମ୍ ବଢ଼ିଯିବ।

**ଏୟାର କଣ୍ଡିଶନର, ରେଫ୍ରିଜରେଟର:** ଏହି ଦୁଇ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ୧୦ ପ୍ରତିଶତରୁ ୨୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ତେବେ ଗ୍ରୀଷ୍ମ ଋତୁ ଶେଷ ହୋଇଥିବାରୁ ଦରବୃଦ୍ଧିର ପ୍ରଭାବ ଖାଉଟିଙ୍କୁ ଏବେ ବିଶେଷ ଜଣାପଡିବନି।

**ୱାଶିଂ ମେଶିନ:** ୧୦ କେଜି କ୍ଷମତା ବିଶିଷ୍ଟ ୱାଶିଂ ମେଶିନର ଆମଦାନୀ ଶୁଳ୍କକୁ ୧୦ରୁ ୨୦ ପ୍ରତିଶତକୁ ବଢ଼ାଇ ଦିଆଯାଇଛି। ଶୁଳ୍କ ବୃଦ୍ଧି ଯୋଗୁ ୱାଶିଂ ମେଶିନ ଦାମ୍ ମହଙ୍ଗା ହେବ।

**ବିମାନ ଯାତ୍ରା:** କେନ୍ଦ୍ର ସରକାର ସେପ୍ଟେମ୍ବର ୨୭ରେ ବିମାନ ଇନ୍ଧନ ଉପରେ ୫% ଆମଦାନୀ ଶୁଳ୍କ ବଢ଼ାଇଥିଲେ। ଏହାଦ୍ୱାରା ବିମାନ ଯାତ୍ରା ଏବେ ମହଙ୍ଗା ହୋଇଛି। ତେବେ ସରକାର ନିକଟରେ ବିମାନ ଇନ୍ଧନ ଉପରେ ଉତ୍ପାଦ ଶୁଳ୍କକୁ ୧୪ରୁ ୧୧ ପ୍ରତିଶତକୁ ହ୍ରାସ କରିଛନ୍ତି। ଏହାଦ୍ୱାରା ବିମାନ ଉଦ୍ୟୋଗ ସାମାନ୍ୟ ଆଶ୍ୱସ୍ତ ହେବେ ଓ ଯାତ୍ରୀଙ୍କ ପକେଟରୁ କମ୍ ଖର୍ଚ୍ଚ ହେବ।

**ଜୁଏଲେରୀ:** ମୂଲ୍ୟବାନ ଧାତୁ ଏବଂ ଗହଣା ଉପରେ ସରକାର ଶୁଳ୍କକୁ ୧୫%ରୁ ବଢ଼ାଇ ୨୦% କରିଛନ୍ତି। ଫଳରେ ଜୁଏଲେରୀ ସାମଗ୍ରୀ ମହଙ୍ଗା ହେବାକୁ ଯାଉଛି।

**ସାନିଟାରୀ ୱେର:** ପ୍ଲାଷ୍ଟିକ୍‌ରେ ତିଆରି ସିଙ୍କ, ୱାଶ୍ ବେଶିନ,ସାୱାର ବାଥ୍, ବାଥ୍ ଟବ୍ ଭଳି ସାନିଟାରୀ ୱେର ସାମଗ୍ରୀ ଉପରେ ଶୁଳ୍କକୁ ୧୦ରୁ ୧୫%କୁ ବଢ଼ାଯାଇଛି।

**ପ୍ଲାଷ୍ଟିକ ସାମଗ୍ରୀ:** ପ୍ଲାଷ୍ଟିକ ବାକ୍ସ, କେସ୍, କଣ୍ଟେନର, ବୋତଲ ଉପରେ ଶୁଳ୍କ ୧୦ରୁ ୧୫ ପ୍ରତିଶତକୁ ବୃଦ୍ଧି ପାଇଛି। ଏହାବ୍ୟତୀତ ଅଫିସ ଷ୍ଟେଶନେରୀ, ଡେକୋରେଟିଭ ସିଟ୍‌ସରେ ମଧ୍ୟ ଶୁଳ୍କ ବଢ଼ିଛି। ଏହାଛଡା ଟେବୁଲୱେର, କିଚେନୱେର ଏବଂ ଅନ୍ୟାନ୍ୟ ଘରକରଣା ସାମଗ୍ରୀ,ଅଫିସ ଷ୍ଟେଶନେରୀ, ଫର୍ନିଚର ଫିଟିଂ,ଡେକୋରେଟିଭ ସିଟ୍‌ସ,ଷ୍ଟାଚୁଟେସ୍, ବିଡ୍ସ ଏବଂ ଚୁଡି ଉପରେ ଡ୍ୟୁଟି ବଢ଼ାଯାଇଛି।

**ଟ୍ରାଭେଲ ଗିୟର:** ସୁଟ୍‌କେସ,ବ୍ରିଫକେସ୍ ଓ ଟ୍ରାଭେଲ ବ୍ୟାଗ ଉପରେ ମଧ୍ୟ ଡ୍ୟୁଟି ୧୦ରୁ ୧୫% ବୃଦ୍ଧି କରାଯାଇଛି।

## ପିଜିଏଲ୍ ହୋଣ୍ଡାରେ 'ହୋଣ୍ଡା ଗୋଲ୍ଡ ୱିଙ୍ଗ'ର ଡେଲିଭରି



**ଭୁବନେଶ୍ୱର,୧୨-୧୦**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଏହାର ପ୍ରିମିୟମ ବାଇକ୍ 'ହୋଣ୍ଡା ଗୋଲ୍ଡ ୱିଙ୍ଗ ଜିଏସ୍ ୧୮୦୦'ର ୨୦୧୮ ମଡେଲକୁ ସ୍ଥାନୀୟ ପିଜିଏଲ୍ ହୋଣ୍ଡା ଶୋ'ରୁମଠାରେ ଡେଲିଭରି ପ୍ରଦାନ କରାଯାଇଛି। ଶୋ'ରୁମର ସ୍ୱତ୍ୱାଧିକାରୀ କମଲ ଅଗ୍ରୱାଲ କ୍ୟାପଟେନ ଗୋର୍ଚ୍ଛାଙ୍କୁ ଏହି ମଡେଲ ହସ୍ତାନ୍ତର କରିଛନ୍ତି। ପାର୍ବଣ ଅବସରରେ ଶୋ'ରୁମ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହା ମଧ୍ୟରେ ଆକର୍ଷକ ଫାଇନାନ୍ସ ସ୍କିମ, ହେଲମେଟ୍, ବିଭିନ୍ନ ମଡେଲ ଉପରେ ଆସେସୋରିଜ, ୫ ଗ୍ରାମର ସିଲଭର କଏନ୍, ବଛା ବଛା ମଡେଲ ଉପରେ କ୍ୟାଶ ଡିସକାଉଣ୍ଟ ପ୍ରଦାନ କରାଯାଉଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି। ସେହିଭଳି ହୋଣ୍ଡା ପକ୍ଷରୁ ୱିଙ୍ଗସ ଅଫ୍ ଜଏ ଅଫର ରହିଛି। ଯେକୌଣସି ହୋଣ୍ଡା ବାଇକ୍ କ୍ରୟ ଉପରେ ଏହି ଅଫର ଉପଲବ୍ଧ। ଏଥିରେ ସୁନିଶ୍ଚିତ ଉପହାର ସହ ବମ୍ପର ପୁରସ୍କାର ଗ୍ରାହକମାନେ ପାଇପାରିବେ। ବମ୍ପର ଜଏ ପୁରସ୍କାର ମଧ୍ୟରେ ୫ ହୋଣ୍ଡା ଆମେଜ କାର, ମହା ଜଏ ପୁରସ୍କାର ଭାବେ ୩୧ ହୋଣ୍ଡା ବ୍ରିଓ, ୱିକ୍ଲି ଜଏ ମଧ୍ୟରେ ଏଲଜି ଏଲଇଡି ଟିଭି, ସାମସଙ୍ଗ ସ୍ମାର୍ଟଫୋନ, ସୋନି ଇୟରଫୋନ୍ ସହ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ରହିଛି। ଗ୍ରାହକମାନେ ହୋଣ୍ଡା ଜଏ କ୍ଲବର ଲାଭ ନେଇପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି।

# ତନିଷ୍କ ଆଣିଲା ନୂଆ ଅପରୂପା କଲେକ୍ସନ

**ଭୁବନେଶ୍ୱର,୧୨-୧୦**




ପାର୍ବଣକୁ ନଜରରେ ରଖି ପ୍ରମୁଖ ଜୁଏଲେରି ବ୍ରାଣ୍ଡ ତନିଷ୍କ ନୂଆ ଅପରୂପା କଲେକ୍ସନକୁ ବଜାର ପ୍ରବେଶ କରାଇଛି। ସ୍ଥାନୀୟ ଚନ୍ଦ୍ରଶେଖରପୁର ଶୋ'ରୁମଠାରେ ଏହାକୁ ଉନ୍ମୋଚନ କରାଯାଇଛି। ଶୋ'ରୁମର ଫ୍ରାଞ୍ଚାଇଜି ପାର୍ଟନର ମାନିକ ହଂସ ଏବଂ ତନିଷ୍କର ଏବିଏମ୍ ସୁମିତ ଘୋଷ ଏହାର ବଜାର ପ୍ରବେଶ କରାଇଛନ୍ତି। ଏହା ଏକ ସ୍ୱତନ୍ତ୍ର କଲେକ୍ସନ ହୋଇଥିବା ବେଳେ ଶିଉଳିଫୁଲ, ପରମ୍ପରାଗତ ଅଳ୍ପନା ଏବଂ କମଳର ଭବ୍ୟ ଡିଜାଇନରେ ଏହାକୁ ପ୍ରସ୍ତୁତ କରାଯାଇଛି। ପାର୍ବଣକୁ ଆହୁରି ଆନନ୍ଦମୟ କରିବା ଲାଗି ଏହାକୁ ଉପସ୍ଥାପନ କରାଯାଇଥିବା କମ୍ପାନୀ ପ୍ରକାଶ କରିଛି। ଏଥିରେ ରହିଛି ୫୦ଟି ବିଶେଷ ହୀରା ଖଣ୍ଡ, ହାର ସେଟ୍, ଟାଇହାର୍ସ, ଲୋହାସ, ପୋଲାସ, କାନଫୁଲ ଏବଂ ହାତମୁଦି ଇତ୍ୟାଦି। ପାର୍ବଣ ସମୟରେ ତନିଷ୍କ ସୁନା ଏବଂ ହୀରା ଗହଣା ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ଏହି ଅଫର ୧୨ ଅକ୍ଟୋବରଠାରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ଦୁର୍ଗା ପୂଜାରେ ଏଭଳି ଆକର୍ଷଣୀୟ ଡିଜାଇନ ଗ୍ରାହକଙ୍କ ଲାଗି ଆଣିଥିବାରୁ ଅତ୍ୟନ୍ତ ଖୁସି ବୋଲି ଟାଟା କମ୍ପାନୀ ଲିମିଟେଡର ଜୁଏଲେରୀ ଡିଭିଜନ ଆସୋସିଏଟ ଭାଇସ ପ୍ରେସିଡେଣ୍ଟ ଦୀପିକା ସଭରୱାଲ ତିୱାରୀ ସୂଚନା ଦେଇଛନ୍ତି। ଏହି କଲେକ୍ସନର ମୂଲ୍ୟ ୨୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି।

## ଅଶୋଧିତ ତୈଳ ଉତ୍ପାଦନ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୨-୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦେଶରେ ଅଶୋଧିତ ତୈଳ ଉତ୍ପାଦନର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହୁ ହୁ ହୋଇ ବଢ଼ୁଥିବାରୁ ଦେଶର ତୈଳ ଆମଦାନୀ ୧୦% ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ଚାହାନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ତୈଳ ଓ ପ୍ରାକୃତିକ ବାଷ୍ପ ନିଗମସିଏମ୍‌ଡି ଶଶୀ ଶଙ୍କର ଏବଂ ଅଏଲ ଇଣ୍ଡିଆ ଲିମିଟେଡ ସିଏମ୍‌ଡି ଉତ୍ପଲ ବୋରା ପ୍ରଧାନମନ୍ତ୍ରୀଙ୍କୁ ଆଗାମୀ ୫ ବର୍ଷ ପାଇଁ ଦେଶରେ ହେବାକୁ ଥିବା ଅଶୋଧିତ ତୈଳ ଉତ୍ପାଦନର ସ୍ପଷ୍ଟ ଚିତ୍ର ପ୍ରଦାନ କରିଥିଲେ। ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବ ପେଟ୍ରୋଲିୟମ ସଚିବ ଏମ୍.ଏମ୍.କୁଟ୍ଟି ଉପସ୍ଥିତ ବୈଠକରେ ଥିଲେ। ୨୦୨୨ ସୁଦ୍ଧା ଦେଶର ତୈଳ ଓ ପ୍ରାକୃତିକ ବାଷ୍ପର ଆବଶ୍ୟକତାକୁ ୬୭ ପ୍ରତିଶତକୁ ହ୍ରାସ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦି ୨୦୧୫ ମାର୍ଚ୍ଚରେ ଆହ୍ୱାନ ଦେଇଥିଲେ।


**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/15, ତା.09.10.2018ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।

ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ **www.ireps.gov.in** (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍(Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।

PR-363/J/18-19 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



**ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ, ଅଇଁଠାପାଲି, ସମ୍ବଲପୁର-୭୬୮୦୦୪, ଓଡ଼ିଶା
ଫୋନ୍: ୦୬୬୩-୨୫୪୦୮୧୮, ଇମେଲ୍: crmsbp@unitedbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ ।**

ନିମ୍ନ ସ୍ୱାକ୍ଷରକାରୀ ତଥା ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାଙ୍କ ସମ୍ପତ୍ତିକୁ ଦଖଲ ନେଇଛନ୍ତି । ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସୁରକ୍ଷିତ ଋଣ ରାଶି ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଅନ୍ୟାନ ଦେୟ ଯାହା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ଠାରୁ ଆଦାୟ କରିବା ନିମନ୍ତେ ଦର୍ଶାଯାଇଛି ତାହା ଆଦାୟ କରିବା ନିମନ୍ତେ ବ୍ୟାଙ୍କ ତାହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିମ୍ନଲିଖିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ସେଠାରେ ଅଛି ଭିତ୍ତିରେ"** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସୁରକ୍ଷିତ ସମ୍ପତ୍ତି / ସ୍ଥାବର ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ ।

**ଇ-ନିଲାମର ତାରିଖ / ସମୟ : ୧୬.୧୧.୨୦୧୮ ପୂର୍ବାହ୍ନ ୧୧.୩୦ରୁ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ (୫ ମିନିଟ୍ ଅସୀମିତ ସମୟ ସ୍ୱତଃ ବର୍ଦ୍ଧିତ ହେବ)**

| ଶାଖାର ନାମ, ଠିକଣା ଏବଂ ଟେଲିଫୋନ୍ ନଂ.: ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ସ୍ଥାନ ଏବଂ ସମ୍ପୂର୍ଣ୍ଣ ବିବରଣୀ | କ) ଡିମାଣ୍ଡ ନୋଟିସ୍ ତାରିଖ ଖ) ଦଖଲ ନୋଟିସ୍ ତାରିଖ ଗ) ବକେୟା ପରିମାଣ ଯାହା ପାଇଁ ସମ୍ପତ୍ତି ବିକ୍ରି ହେବାକୁ ଯାଉଛି | କ) ସଂରକ୍ଷିତ ମୂଲ୍ୟ ଖ) ଅମାନତ ରାଶି ଗ) ବିଡ୍ ବୃଦ୍ଧି ଗୁଣିତକ ଘ) ଯୋଗାଯୋଗ ପ୍ରତିନିଧିଙ୍କ ନାମ |
|---|---|---|---|
| **ଢେଙ୍କାନାଳ ଶାଖା, ଢେଙ୍କାନାଳ / ୦୬୭୬୨-୨୨୬୪୨୯ / ୮୮୯୫୯୧୭୭୬୦** ଋଣଗ୍ରହୀତା : ମେସର୍ସ ସାଇ ଅଟୋମୋବାଇଲସ୍, ସତ୍ତ୍ୱାଧିକାରୀ : ଶ୍ରୀମତୀ ଯଶସ୍ୱିନୀ ସାହୁ, ସ୍ୱାମୀ : ଦୁର୍ଗା ପ୍ରସନ୍ନ ସାହୁ, ସା/ପୋ : କ୍ଷେସନ ବଜାର, ଜିଲ୍ଲା : ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୧୩ | ଶ୍ରୀମତୀ ଯଶସ୍ୱିନୀ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା : କୋରିଆଁ, ତହସିଲି/ଥାନା/ଜିଲ୍ଲା : ଢେଙ୍କାନାଳ, ଖାତା ନଂ.: ୩୪୧/୨୪, ପ୍ଲଟ ନଂ.: ୬୭୩/୨୦୯୦, କ୍ଷେତ୍ର: ଏକର ୦.୦୯ ଡିସିମିଲି । | କ) ୧୬.୦୪.୨୦୧୪ ଖ)୧୦.୧୧.୨୦୧୫ ଗ) ୧୨.୦୪.୨୦୧୪ ସୁଦ୍ଧା ଟ.୭,୪୨,୩୫୦/- + ସୁଧ, ଆଇନଗତ ଖର୍ଚ୍ଚ ଏବଂସେବାବଦ ଆନୁସାଙ୍ଗିକ ଖର୍ଚ୍ଚ | କ) ଟ.୯,୫୦,୦୦୦/- ଖ) ଟ.୯୫,୦୦୦/-, ଗ) ଟ.୧୦,୦୦୦/- ଘ) ପ୍ରବନ୍ଧକ, ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ,ଅଇଁଠାପାଲି, ସମ୍ବଲପୁର - ୭୬୮୦୦୪, ଓଡ଼ିଶା, ଫୋନ୍ : ୦୬୬୩-୨୫୪୦୨୮୮ ମୋ.: ୮୧୦୦୬୨୦୦୦୨, ଇମେଲ୍ : recvsbp@unitedbank.co.in |

**ସମ୍ପତ୍ତି ତନଖି ତାରିଖ : ତା.୦୫.୧୧.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା**
**ଶାଖାରେ ଅମାନତ ରାଶି ସହିତ ବିଡ୍ ଫର୍ମ ଦାଖଲ ଆରମ୍ଭ ତାରିଖ : ତା.୧୫.୧୦.୨୦୧୮ରିଖ**
**ଅମାନତ ରାଶି ସହିତ ବିଡ୍ ଫର୍ମ, KYC କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ : ତା.୧୫.୧୧.୨୦୧୮ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା**

**ନିୟମ ଏବଂ ସର୍ତ୍ତାବଳୀ**

୧. ଅନ୍‌ଲାଇନ୍ ନିଲାମ ଉପରଦର୍ଶିତ ତାରିଖ ଏବଂ ସମୟରେ ସ୍ୱତଃ ଆରମ୍ଭ ହେବ । ୨. ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏବଂ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ E-procurement Technologies Ltd., Ahmedabad ୱେବସାଇଟ୍ https://unitedbank.auctiontiger.net ମାଧ୍ୟମରେ ଇ-ନିଲାମ ଦ୍ୱାରା ସମ୍ପତ୍ତି ବିକ୍ରି ହେବ । ୩. ଇ-ନିଲାମ କାଗଜାତ୍ ଯଥା: ଘୋଷଣା ନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୋର୍ଟାଲ : https://unitedbank.auctiontiger.net of (E-procurement Technologies Ltd., Ahmedabad) ରେ ଉପଲବ୍ଧ । ଇଚ୍ଛୁକ ଅଂଶଗ୍ରହଣକାରୀମାନେ ଆବଶ୍ୟକ କାଗଜାତ୍ ଡାଉନ୍‌ଲୋଡ୍ କରିବା ପାଇଁ କିମ୍ବା ସେବାପ୍ରଦାନକାରୀଙ୍କ ସହିତ ଯୋଗାଯୋଗ କରିବା ପାଇଁ ହେଲ୍ପଲାଇନ୍ : 079-41072409/408/407/406, Ram Sharma-08000023297, Rakesh Nayak-9937220319, E Mail. support@auctiontiger.net, orissa@auctiontiger.net ଏବଂ ramprasad@auctiontiger.net. ସହିତ ଯୋଗାଯୋଗ କରନ୍ତୁ । ୪. ଇଚ୍ଛୁକ ନିଲାମଧାରୀ ବୈଧ ଇ-ମେଲ୍ ଆଇଡିଧାରୀ ହୋଇଥିବା ଆବଶ୍ୟକ । ଯେଉଁ ନିଲାମଧାରୀମାନେ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ପୂରଣ କରୁଥିବେ ଏବଂ ଆବଶ୍ୟକୀୟ ଅମାନତ ଜମା ବ୍ୟାଙ୍କରେ ଦାଖଲ କରିଥିବେ କେବଳ ସେହି ନିଲାମଧାରୀମାନଙ୍କୁ E-procurement Technologies Ltd., Ahmedabad ଦ୍ୱାରା ୟୁଜର ଆଇଡି, ପାସୱାର୍ଡ ଏବଂ ତାଲିମ ପ୍ରଦାନ କରାଯିବ । ୫. ବିଡ୍ ଫର୍ମ ସହିତ ଅମାନତ ଜମା ରାଶି କ୍ଷମତାପ୍ରାପ୍ତ ଅଧିକାରୀ, ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ, ଅଇଁଠାପାଲି, ସମ୍ବଲପୁର-୭୬୮୦୦୪, ଓଡ଼ିଶା, ଫୋନ୍ : ୦୬୬୩-୨୫୪୦୮୧୮ଙ୍କ ଠାରେ ଉପରଦର୍ଶିତ ଅନ୍ତିମ ତାରିଖ ସୁଦ୍ଧା ଦାଖଲ କରିବେ । ବିଡ୍ ଫର୍ମ ସହିତ ଅମାନତ ଜମା କୌଣସି କାରଣ ବଶତଃ ବଳମ୍ବ ପ୍ରାପ୍ତିକୁ ପ୍ରଶ୍ରୟ ଦିଆଯିବ ନାହିଁ । ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବ କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ/ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି । ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ବ୍ୟାଙ୍କରୁ ମିଳିପାରିବ । ୬. ଅମାନତ ରାଶି NEFT/RTGS ମାଧ୍ୟମରେ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇ-ନିଲାମ ଆକାଉଣ୍ଟ ନଂ. : 1419050010084, E-Mail ID:recvsbp@unitedbank.co.in, ଠିକଣା: ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଡିଏସ୍, ସମ୍ବଲପୁର ଶାଖା, (IFSC Code UTBI0CDSK24) ରେ ପୈଠ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ , (ଡ୍ର କରାଯାଇଥିବା ଶାଖା (ALPHA Code No. CDSK-24) ସପକ୍ଷରେ DD/PO ମାଧ୍ୟମରେ ପୈଠ କରିପାରିବେ । ୭. ଅମାନତ ରାଶି ଦାଖଲ ବିନା ପ୍ରସ୍ତାବଗୁଡ଼ିକ ବାତିଲ୍ କରାଯିବ । ୮. M/s E-procurement Technologies Ltd., Ahmedabad ପୋର୍ଟାଲ https://unitedbank.auctiontiger.net ମାଧ୍ୟମରେ ଅନଲାଇନ୍ ଦ୍ୱାରା କେବଳ ନିଲାମ କରାଯିବ । ୯. ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ । ସମ୍ପତ୍ତି ସର୍ବୋଚ୍ଚ ନିଲାମଧାରୀଙ୍କୁ ବିକ୍ରୟ କରାଯିବ । ସଫଳ ନିଲାମଧାରୀ ଅମାନତ ରାଶି ବାଦ୍ ଦେଇ ବିକ୍ରୟ ମୂଲ୍ୟର ୨୫% ସଙ୍ଗେ ସଙ୍ଗେ ଦାଖଲ କରିବେ ଏବଂ ବିକ୍ରୟ ମୂଲ୍ୟର ଅବିଶିଷ୍ଟ ରାଶି ନିଲାମ ତାରିଖର ୧୫ ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନୁମୋଦିତ ଲିଖିତ ବର୍ଦ୍ଧିତ ସମୟ ମଧ୍ୟରେ ବିନା ନୋଟିସ୍‌ରେ ପୈଠ କରିବେ । ୧୦. ସଫଳ ନିଲାମଧାରୀ ଅବିଶିଷ୍ଟ ୭୫% ଅର୍ଥ ରାଶି ଉପର ଲିଖିତ ଆକାଉଣ୍ଟରେ EFT/NEFT/RTGS/DD/PO ମାଧ୍ୟମରେ ପୈଠ କରିବେ । ୧୧. ଉପରଦର୍ଶିତ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବିକ୍ରୟ ମୂଲ୍ୟ କିମ୍ବା ଏହାର କୌଣସି ଅଂଶ ପୈଠ କରିବାରେ ବିଫଳ ହେଲେ ପ୍ରାରମ୍ଭିକ ଦାଖଲ ରାଶି କିମ୍ବା ଅମାତନ ରାଶି ବାଜ୍ୟାପ୍ତି କରାଯିବ ଏବଂ ସମ୍ପତ୍ତି ନିଲାମ ମାଧ୍ୟମରେ ପୁନଃ ବିକ୍ରୟ କରାଯିବ । ସର୍ବୋଚ୍ଚ ନିଲାମଧାରୀ ସଫଳ କ୍ରେତାଙ୍କର କଥିତ ସମ୍ପତ୍ତି ଉପରେ କୌଣସି ଅଧିକାର ରହିବ ନାହିଁ । ୧୨. ଅସଫଳ ନିଲାମଧାରୀମାନଙ୍କୁ ଅମାନତ ରାଶି ଉକ୍ତ ଦିନ ଫେରସ୍ତ କରାଯିବ । ଅତିବେଶିରେ ବିକ୍ରୟ ସମାପ୍ତର ସର୍ବାଧିକ ୭ ଦିନ ମଧ୍ୟରେ ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ । ୧୩. ସମସ୍ତ ବିକ୍ରୟ ଅର୍ଥରାଶି ପୈଠ ପରେ ବିକ୍ରୟ ସାର୍ଟିଫିକେଟ୍ କେବଳ କ୍ରେତା (ବିଡ ଫର୍ମ ଅନୁସାରେ)ଙ୍କ ସପକ୍ଷରେ ପ୍ରଦାନ କରାଯିବ । ୧୪. ସମ୍ପତ୍ତି ''ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ଯାହା ଯେପରି ସେଠାରେ ଅଛି ଭିତ୍ତିରେ'' ବିକ୍ରୟ କରାଯିବ । କ୍ରେତା ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ସମ୍ପତ୍ତି ସମ୍ବନ୍ଧୀୟ ଆଇନଗତ ଦେୟ, ବକେୟା ସମ୍ପତ୍ତି କର, ଦାବୀ ଇତ୍ୟାଦି ବିଷୟରେ ନିଜେ ଅନୁସନ୍ଧାନ କରିବା ଉଚିତ୍ । ୧୫. ଋଣଦାତା/ବ୍ୟାଙ୍କକୁ ଜ୍ଞାତ ଥିବା ଏନକମ୍ବ୍ରାନ୍ସ ଯାହାକି ବାଣିଜ୍ୟକର ଅଧିକାରୀଙ୍କ ଠାରୁ ବକେୟା ଟିକସ୍ ଦାବୀ କିମ୍ବା ସର୍ଭିସ୍ ଟିକସ୍‌ର ଉପାୟୁକ୍ତଙ୍କ କାର୍ଯ୍ୟାଳୟର ଦାବୀ ଟିକସ୍ ଯଦିଥାଏ, ତାହା ଆଗ୍ରହୀ ନିଲାମଧାରୀ ନିଲାମ ପୂର୍ବରୁ ସମ୍ପୃକ୍ତ ବିଭାଗରୁ ଅନୁସନ୍ଧାନ କରିପାରିବେ । ୧୬. କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ପ୍ରସ୍ତାବ କିମ୍ବା କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନ ଦର୍ଶାଇ କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କିମ୍ବା ଇ-ନିଲାମକୁ ବାତିଲ, ସ୍ଥଗିତ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି । ୧୭. ସଫଳ କ୍ରେତା ଆଇନ ଅନୁସାରେ ଭାରତ ସରକାର ଏବଂ ଓଡ଼ିଶା ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ସମସ୍ତ ଦେୟ, ଫି, ଆଇନଗତ ଖର୍ଚ୍ଚ ଯଥା: ଷ୍ଟାମ୍ପ ଡ୍ୟୁଟି, ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ ଫି ଇତ୍ୟାଦି ଯାହା ପ୍ରଯୁଜ୍ୟ ତାହା ବହନ କରିବେ । ୧୮. ସମସ୍ତ ଆଇନଗତ ଦେୟ / ଅଣ-ଆଇନଗତ ଦେୟ, ଟ୍ୟାକ୍ସ, କର (ରେଟ୍ସ), ମୂଲ୍ୟାୟନ ଦେୟ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ ତାହା କ୍ରେତା କେବଳ ହି ବହନ କରିବେ । ୧୯. ଇ-ନିଲାମରେ ଅଂଶଗ୍ରହଣକାରୀ ସମସ୍ତ ବ୍ୟକ୍ତି ତାଙ୍କର / ସେମାନଙ୍କର ଗ୍ରହଣ ଯୋଗ୍ୟ ପରିଚୟ ପ୍ରମାଣ ପତ୍ର, ବାସସ୍ଥାନ ପ୍ରମାଣ ପତ୍ର, କ୍ଷମତାପତ୍ର ଏବଂ ପାନ୍ / ଟାନ୍‌ର ନକଲ ଇତ୍ୟାଦି ଇ-ଟେଣ୍ଡର ସହିତ ଦାଖଲ କରିବେ । ନିଲାମଧାରୀମାନେ ଇ-ଟେଣ୍ଡର ଦାଖଲ କରିବା ସମୟରେ ପାନ୍ କାର୍ଡ ଏବଂ ବାସସ୍ଥାନ ପ୍ରମାଣପତ୍ରର ସ୍କାନ କପି ଅପଲୋଡ କରିବେ । ନିଲାମଧାରୀମାନେ ବ୍ୟକ୍ତି ବିଶେଷ ହୋଇନଥିଲେ ଇ-ବିଡିଙ୍ଗ ପାଇଁ ଉପଯୁକ୍ତ ପଦ୍ଧତିରେ ଅପଲୋଡ୍ କରିବେ । ୨୦. ଏହି ନୋଟିସ୍ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଏବଂ ରୁଲ ୬(୨) ଅନୁଯାୟୀ ଉପର ଦର୍ଶିତ ଋଣ ଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଏହା ଏକ ୩୦ଦିନିଆ ନୋଟିସ୍ ଅଟେ । ୨୧. ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କିମ୍ବା ସେବାପ୍ରଦାନକାରୀ ନିଲାମଧାରୀଙ୍କ ପକ୍ଷରୁ କୌଣସି କାରଣରୁ ଅସଫଳତା / ତ୍ରୁଟି ବିଚ୍ୟୁତି ନିମନ୍ତେ ଦାୟୀ ରହିବେ ନାହିଁ । କୌଣସି ଅସୁବିଧା ଜନିତ ସ୍ଥିତି ନିମନ୍ତେ ନିଲାମଧାରୀମାନେ ଆବଶ୍ୟକୀୟ ବ୍ୟବସ୍ଥା ଯଥା: ବିକଳ୍ପ ବ୍ୟାଙ୍କ ଅଫ୍ ପାୱାର ସପ୍ଲାଏ ଇତ୍ୟାଦି ବ୍ୟବସ୍ଥା କରିବେ ।

ସ୍ଥାନ: ସମ୍ବଲପୁର, ତାରିଖ: ୧୨.୧୦.୨୦୧୮ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of **Copper Cable.** The last date and time of submission of the tender is **17.15 Hours** on **Dt.26.10.2018**. For details, log on to website **https://eprocure.gov.in/eprocure/app**
Sr. Dy. Materials Manager
PPT/PR/398/2018-19, Dt.12/10/2018



**नालको NALCO**
**National Aluminium Company Limited**
(A Government of India Enterprise)
Nalco Bhawan, Nayapalli, Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

**GLOBAL TENDER NOTICE**
Online bids are invited for the supply of the following material for our Steam & Power Plant, Damanjodi (Odisha), India from bonafide indigenous as well as overseas suppliers or their accredited agents.

**1.No. NBC/MM/GTN/Coal/2018/01/ DATE: 06/10/2018**
**Item Description** : Non Coking Imported Coal (GCV 5200 Kcal/Kg), **Approx. Qty. reqd (MT)** : 28,000 MT +/-10% (7 rakes) with optional quantity of up to 4 rakes, Earnest Money Deposit : **Rs. 2500000/- or in Equivalent USD,** Last date of tender Submission : **26/10/2018** Up to **1:00 PM**
**GM (Materials)**

**NOTICE INVITING TENDER**
Digitally signed online bids for two part, open tender cum reverse auction **(Reverse auction is only for Sl no-2)** through Central public Procurement Portal are invited for the following works.

**2. RFP No. TNCC-041/2018**
**Name of the work:** Road Transportation of Aluminium Metal Products from NALCO's Smelter Plant at Angul to Stockyard at Kolkata.
**DGM (Elect.),T&C**

**3. Ref No.NBC/MM/LP/ADMN/ SMART IDCARDS/2018, Dtd:04.10.2018**
**Name of the work:** Supply of smart ID cards for all units of Nalco
**DGM (Materials)**

Details of the tender along with tender document is available at **www.nalcoindia.com** and **www.eprocure.gov.in.** Bidders are advised to visit above websites for any modification / addition / bid due date extension.



**ପୂର୍ବ ତଟ ରେଳପଥ**
**ଟ୍ରାକ୍ ଫିଟିଂଗୁଡ଼ିକର 'ଇ' କ୍ରୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ECoRCONTP181905, ତା.08.10.2018ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଦ୍ୱାରା **ଇ-ଟେଣ୍ଡର ବନ୍ଦ ହେବା ତାରିଖ ତା.05.11.2018ରିଖ ସୁଦ୍ଧା ସଦ୍ୟତମ ପରିବର୍ତ୍ତନ ସହିତ (ଯଦି ଥାଏ) RDSO ଡ୍ରଇଂ ନଂ.T-10773** ଅନୁଯାୟୀ ସିଙ୍ଗିଲ୍ କଏଲ (Coil) ସ୍ପ୍ରିଙ୍ଗ୍ ଷ୍ଟିଲ୍ ୱାସର ର ଉତ୍ପାଦନ **ଏବଂ ଯୋଗାଣ** ନିମନ୍ତେ ଇ-ଟେଣ୍ଡର-ସାମଗ୍ରୀ ଏବଂ ସର୍ଭିସ୍ ପୋର୍ଟାଲ ଅଧୀନସ୍ଥ ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ **http://www.ireps.gov.in** ମାଧ୍ୟମରେ ଇ-ବିଡ୍ ଆମନ୍ତ୍ରଣ କରାଯାଉଛି ।

ପରବର୍ତ୍ତୀ ବିସ୍ତୃତ ବିବରଣୀ ଏବଂ ସେମାନଙ୍କ ପ୍ରସ୍ତାବ ଦାଖଲ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ **http://www.ireps.gov.in** ର ଇ-ଟେଣ୍ଡର ବିଜ୍ଞପ୍ତିସଂ.**ECoRCONTP181905**, ତା.**08.10.2018**ରିଖ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି ।

PR-84/CB/18-19 — ଉପ ମୁଖ୍ୟ ଯନ୍ତ୍ରୀ(ନିର୍ମାଣ)/TP, ଭୁବନେଶ୍ୱର



**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

Corrigendum to Tender Notice for "SUPPLY OF TYRE MOUNTED PAY LOADER FOR FM(M)"
Tender No: 042/675/1892000081/81, Dtd. 06.09.2018
Extended Last Date & Time of Tender Submission:2:30 PM on Dtd. 23.10.2018
For details & downloadable tender document log on to our SAIL Website https:// www.sailtenders.co.in(unit RSP, Category'Contracts')

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*



**cmpdi** *A Mini Ratna Company*
**सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड**
**CENTRAL MINE PLANNING AND DESIGN INSTITUTE LIMITED**
(A Subsidiary of Coal India Limited)
Regional Institute-VII, Bhubaneswar – 751013(Odisha)

**e-TENDER NOTICE**
Offers are invited for CMPDI, RI-VII, Plot No. : E-04, Near Gandhi Park, Samantapuri, Post : RRL, Bhubaneswar through e–Tendering (ON-LINE BIDDING) only.
**Tender Notice No. and date :** CMPDI/RI-VII/BBSR/Envt./e-T/2018/ E-221761 Dated : 05-10-2018. **Name of the work :** Collection and testing of soil samples from Overburden (OB) dumps Open Cast Mines of MCL at Talcher and IB Valley Coalfields, Odisha.
The details of the tender are available on following website **https:// coalindiatenders.nic.in** from **17-10-2018 to 01-11-2018.**
Important Note to all prospective bidders : For ON-LINE bidding, the bidders should possess Class II/III Digital Signature Certificate (DSC) and enroll themselves at **https://coalindiatenders.nic.in.** For any query, contact HOD (Eivironment), CMPDI, RI-VII, Bhubaneswar Tel. No.0674–2301271, Mobile No.9438881032, 9438881097 & Fax No.0674-2301762.




## ସଂକ୍ଷେପରେ

### ଭାରତ-ଶ୍ରୀଲଙ୍କା ଫାଇନାଲ ଆଜି

ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି): ଗୋଆରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଟି୨୦ ଦୃଷ୍ଟିହୀନ କ୍ରିକେଟ ସିରିଜରେ ଶନିବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ମୁକାବିଲା ହେବ। ଭାରତ ପୂର୍ବରୁ ଫାଇନାଲରେ ପ୍ରବେଶ କରି ସାରିଥିବାବେଳେ ଶୁକ୍ରବାର ଇଂଲଣ୍ଡକୁ ୧୦ ଉଇକେଟରେ ହରାଇ ଶ୍ରୀଲଙ୍କା ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୯ ରନ କରିଥିଲା। ଦଳ ପକ୍ଷରୁ ପିଟର ବ୍ଲୁଇଟ ସର୍ବାଧିକ ୫୪ ଓ ସୁଗ୍ ୪୯ ରନ କରିଥିଲେ। ଜବାବରେ ଶ୍ରୀଲଙ୍କା କୌଣସି ଉଇକେଟ ନ ହରାଇ ୧୬.୩ ଓଭରରେ ୧୮୧ ରନ କରି ମ୍ୟାଚ ଜିତିଥିଲା। ଶତକ ହାସଲ କରିଥିବା କେ. ସିଲ୍‌ଭା ୧୦୪ ଓ ସି.ଦେଶପ୍ରିୟ ୬୬ ରନରେ ଅପରାଜିତ ରହିଥିଲେ। ଶତକୀୟ ଇନିଂସ ପାଇଁ ସିଲ୍‌ଭାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଚତୁର୍ଥ ଦିନିକିଆ ଖ୍ରାବୋର୍ଣ୍ଣକୁ ସ୍ଥାନାନ୍ତର

ମୁମ୍ବାଇ, ୧୨।୧୦(ପି.ଟି.): ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ଚତୁର୍ଥ ଦିନିକିଆ ୱାଙ୍ଖେଡେ ଷ୍ଟାଡିୟମରୁ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ (ସିସିଆଇ)କୁ ସ୍ଥାନାନ୍ତର ହୋଇଛି। ଆସନ୍ତା ୨୯ ତାରିଖରେ ଖେଳାଯିବାକୁ ଥିବା ଏହି ମ୍ୟାଚ ସିସିଆଇର ବ୍ରାବର୍ନ ଷ୍ଟାଡିୟମରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କ୍ରିକେଟ ପ୍ରଶାସକ କମିଟି (ସିଓଏ) ନିର୍ଦ୍ଦେଶ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଭେଣ୍ଡରମାନଙ୍କୁ ଟେଣ୍ଡର ଦେବା ନେଇ ନିଜର ଅକ୍ଷମତା ପ୍ରକାଶ କରି ଏହି ମ୍ୟାଚ ଆୟୋଜନ କରିବାକୁ ପଛଘୁଞ୍ଚା ଦେଇଛି । ଫଳରେ ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ବୋର୍ଡ ତରଫରୁ କୁହାଯାଇଛି। ଶେଷଥର ପାଇଁ ୨୦୦୯ରେ ସିସିଆଇ ଅଷ୍ଟ୍ରେଲିଆ ବିପକ୍ଷ ଏକ ଟେଷ୍ଟ ମ୍ୟାଚ୍ ଆୟୋଜନ କରିଥିଲା। ପୂର୍ବରୁ ବୋର୍ଡ ଦ୍ୱିତୀୟ ଦିନିକିଆକୁ ଇନ୍ଦୋରରୁ ବିଶାଖାପାଟଣାକୁ ସ୍ଥାନାନ୍ତର କରିଥିଲା। ୨୧ ତାରିଖରେ ଗୌହାଟୀରେ ପ୍ରଥମ ମ୍ୟାଚ୍ ଖେଳାଯିବ।

### ମହିଳା ଟି୨୦ ର୍‌ୟାଙ୍କିଙ୍ଗ୍: ଭାରତ ପଞ୍ଚମ

ଦୁବାଇ, ୧୨।୧୦(ପି.ଟି.): ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଶୁକ୍ରବାର ମହିଳା ଟି୨୦ ଦଳୀୟ ର୍‌ୟାଙ୍କିଙ୍ଗ ଆରମ୍ଭ କରିଛି। ଏଥିରେ ଭାରତ ପଞ୍ଚମ ସ୍ଥାନରେ ରହିଥିବାବେଳେ ୩ଥର ଚାମ୍ପିୟନ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଛି। ଏହି ଦଳୀୟ ତାଲିକାରେ ବିଶ୍ୱର ୪୬ଟି ଦଳକୁ ସାମିଲ କରାଯାଇଛି। ଦେଶମାନଙ୍କ ମଧ୍ୟରେ ଖେଳାଯାଉଥିବା ଟି୨୦ ମ୍ୟାଚ୍‌ଗୁଡିକୁ ଆନ୍ତର୍ଜାତିକ ମାନ୍ୟତା ଦେବା ପରେ ଆଇସିସି ଦଳୀୟ ର୍‌ୟାଙ୍କିଙ୍ଗ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ତାଲିକାରେ ସାମିଲ ହେବାକୁ ହେଲେ ଦଳଗୁଡିକୁ ୬ଟି ଟି୨୦ ମ୍ୟାଚ୍ ଗତ ୩ରୁ ୪ ବର୍ଷ ମଧ୍ୟରେ ଖେଳିବାକୁ ହେବ ବୋଲି କୁହାଯାଇଛି। ତାଲିକାରେ ୨୮୦ ପଏଣ୍ଟ ପାଇଁ ଅଷ୍ଟ୍ରେଲିଆ ୧ ନମ୍ବର ସ୍ଥାନରେ ରହିଥିବା ବେଳେ ୨୭୭ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ ଦ୍ୱିତୀୟ, ୨୭୬ ପଏଣ୍ଟ ପାଇଁ ଇଂଲଣ୍ଡ ତୃତୀୟ, ୨୫୯ ପଏଣ୍ଟ ପାଇଁ ୱେଷ୍ଟଇଣ୍ଡିଜ ଚତୁର୍ଥ ଓ ୨୪୯ ପଏଣ୍ଟ ପାଇ ଭାରତ ପଞ୍ଚମ ସ୍ଥାନରେ ରହିଛି।




# ଚେଜ୍ ୱେଷ୍ଟଇଣ୍ଡିଜ ଇନିଂସ ସମ୍ଭାଳିଲେ

**ହାଇଦ୍ରାବାଦ, ୧୨।୧୦(ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦୁଇ ସେସନରେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରି ୱେଷ୍ଟଇଣ୍ଡିଜକୁ ବିପଦରେ ପକାଇଥିବା ଭାରତୀୟ ବୋଲରମାନେ ତୃତୀୟ ସେସନରେ ମାତ୍ର ଗୋଟିଏ ଉଇକେଟ ନେବାରେ ସକ୍ଷମ ହେବାରୁ ଭ୍ରମଣକାରୀ ଦଳ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଛି। ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିଥିବା ରଷ୍ଟନ ଚେଜ୍ ୱେଷ୍ଟଇଣ୍ଡିଜ ଇନିଂସ ସମ୍ଭାଳିଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଚେଜ୍ ୯୮ ରନ କରି ଅପରାଜିତ ରହିଥିବାବେଳେ ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୨୯୫ ରନ କରିବାକୁ ସକ୍ଷମ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ୱେଷ୍ଟଇଣ୍ଡିଜ ଭଲ ଆରମ୍ଭ କରିଥିଲେ ହେଁ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୩୨ ରନରେ ପ୍ରଥମ ଏବଂ ୫୨ରେ ଦ୍ୱିତୀୟ ଉଇକେଟ ହରାଇଥିବା ୱେଷ୍ଟଇଣ୍ଡିଜ ମଧ୍ୟାହ୍ନଭୋଜନ ବିରତିସୁଦ୍ଧା ୩ ଉଇକେଟ ହରାଇ ୮୬ ରନ କରିଥିଲା। ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ଶାର୍ଦ୍ଦୁଳ ଠାକୁରଙ୍କ ପାଇଁ ଏହି ମ୍ୟାଚ ଶୁଭ ସାବ୍ୟସ୍ତ ହୋଇନାହିଁ। ସେ ମାତ୍ର ୧୦ଟି ବଲ୍ ବୋଲିଂ କରି ଆହତ ସମସ୍ୟା ଯୋଗୁ ପଡ଼ିଆ ଛାଡ଼ିଛନ୍ତି। ଫଳରେ ଭାରତର ବୋଲିଂ ଆକ୍ରମଣ ୪ ବୋଲର ବିଶିଷ୍ଟ ହୋଇ ଯାଇଛି। ଠାକୁରଙ୍କ ଦ୍ୱିତୀୟ ଓଭର କୋଟା ପୂରଣ କରିଥିବା ରବିଚନ୍ଦ୍ରନ ଅଶ୍ୱିନ ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ୧୨ତମ ଓଭରର ପ୍ରଥମ ବଲ୍‌ରେ ସେ କେରନ ପୱେଲ(୨୨ ରନ)ଙ୍କୁ ଆଉଟ କରି ଏହି ସଫଳତା ପାଇଥିଲେ। ଏହାପରେ ଦମ୍ ଦେଖାଇଥିଲେ କୁଲଦୀପ ଯାଦବ ଓ ଉମେଶ। ୧୪ ରନ କରିଥିବା କ୍ରେଗ୍ ବ୍ରାଥୱେଟଙ୍କୁ କୁଲଦୀପ ଏବଂ କ୍ରିଜ୍‌ରେ ଜମି ଆସୁଥିବା ଶାଇ ହୋପ୍‌ଙ୍କୁ ଉମେଶ ଆଉଟ୍ କରି ଭାରତୀୟ ଶିବିରକୁ ଉଲ୍ଲସିତ କରିଥିଲେ। ହୋପ୍ ୬୮ ବଲ୍‌ରୁ ୫ ଚୌକା ସହାୟତାରେ ୩୬ ରନ କରିଥିବାବେଳେ ଉମେଶଙ୍କ ବଲ୍‌ରେ ଏଲବିଡବଲ୍ୟୁ ଆଉଟ ହେବାସହ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା। ଦ୍ୱିତୀୟ ସେସନରେ ମଧ ଭାରତୀୟ ବୋଲର ପ୍ରଭାବୀ ରହିଥିଲେ। ଶିମରନ ହେଟ୍‌ମେର ୧୨ ରନ କରି କୁଲଦୀପ ଯାଦବଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସୁନୀଲ ଆମ୍ବ୍ରିସ(୧୮ ରନ)ଙ୍କୁ ମଧ କୁଲଦୀପ ପ୍ୟାଭିଲିୟନ ପଠାଇଥିଲେ। ରଷ୍ଟନ ଚେଜ୍ ଓ ଶେନ ଡୋରିଚ୍ ୬ଷ୍ଠ ଉଇକେଟରେ ୬୯ ରନର ଭାଗୀଦାରି ଗଢ଼ି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ମାତ୍ର ୬୩ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୩୦ ରନ କରିଥିବା ଡୋରିଚ୍‌ଙ୍କୁ ଉମେଶ ଯାଦବ ଏଲବିଡବଲ୍ୟୁ କରିବାରୁ ଭାରତ ପୁଣି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଚା ବିରତି ସୁଦ୍ଧା ୱେଷ୍ଟଇଣ୍ଡିଜ ସ୍କୋର ୧୯୭/୬ ହୋଇଥିଲା।

ଅନ୍ତିମ ସେସନରେ କିନ୍ତୁ ଚେଜ୍ ଓ ଅଧିନାୟକ ଜାସନ ହୋଲ୍ଡର ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଭାରତୀୟ ବୋଲରଙ୍କୁ ସଫଳତାର ସହ ମୁକାବିଲା କରି ଏ ଦୁହେଁ ୭ମ ଉଇକେଟରେ ଶତକୀୟ(୧୦୪ ରନ) ଭାଗୀଦାରି ଗଢ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ବିପଦର ବଳୟରୁ ବାହାରକୁ ଆସି ପାରିଥିଲା। ତେବେ ୯୦ତମ ଓଭରର ଅନ୍ତିମ ବଲ୍‌ରେ ହୋଲ୍ଡରଙ୍କୁ ଆଉଟ କରି ଉମେଶ ଏହି ଯୋଡ଼ି ଭାଙ୍ଗିଥିଲେ। ୯୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ହୋଲ୍ଡର ୬ ଚୌକା ସହାୟତାରେ ୫୨ ରନ କରିଥିଲେ। ଚେଜ୍ କିନ୍ତୁ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ୪ର୍ଥ ଟେଷ୍ଟ ଶତକର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ୧୭୪ ବଲ୍‌ର ସାମ୍ନା କରିଥିବା ଚେଜ୍ ୭ ଚୌକା ଓ ୧ ଛକା ସହାୟତାରେ ୯୮ ରନ କରି ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଉମେଶ ଓ କୁଲଦୀପ ୩ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୯୫/୭ (ଚେଜ୍-୯୮*, ହୋଲ୍ଡର-୫୨, ହୋପ୍-୩୬, ଡୋରିଚ୍-୩୦, ଉମେଶ-୩/୮୩, କୁଲଦୀପ-୩/୭୪, ଅଶ୍ୱିନ-୧/୪୯)।

## କୋହଲିଙ୍କ ସହ ସେଲ୍‌ଫି: ପ୍ରଶଂସକଙ୍କ ବିରୋଧରେ ମାମଲା

ଚଳିତ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିବସରେ ଜଣେ ପ୍ରଶଂସକ ସୁରକ୍ଷା ବଳୟ ଭାଙ୍ଗି ପଡିଆ ମଧ୍ୟକୁ ପ୍ରବେଶ କରିଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଆନ୍ଧ୍ରପ୍ରଦେଶର କଡାପା ଜିଲାର ୧୯ ବର୍ଷୀୟ ମହମ୍ମଦ ଖାଁ ନାମକ ଜଣେ ପ୍ରଶଂସକ ପଡିଆ ଭିତରେ ପଶି ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟତର ହୋଇ ତାଙ୍କୁ ଆଲିଙ୍ଗନ କରିବା ସହ ସେଲଫି ନେଇଥିଲେ। ଖେଳ ଆରମ୍ଭ ହେବା ପ୍ରଥମ ଘଣ୍ଟାରେ ଏହି ଅଭାବନୀୟ ଘଟଣା ଘଟିଥିଲା। କୋହଲି ଅବଶ୍ୟ ତାଙ୍କୁ ଅଣଦେଖା କରିବାକୁ ଚେଷ୍ଟା କରିଥିଲେ। ପରେ ସୁରକ୍ଷାକର୍ମୀ ତାଙ୍କୁ ସେଠାରୁ ନେଇ ଯାଇଥିଲେ।



# ରାଜ୍ୟସ୍ତରୀୟ ସବ୍‌ଜୁନିୟର ଟାଏକୋଣ୍ଡୋ ଉଦ୍‌ଘାଟିତ

**ଭଦ୍ରକ ଅଫିସ,୧୨।୧୦**

ଭଦ୍ରକ ଜିଲା ଚରମ୍ପାସ୍ଥିତ ମହାୟର ଭବନଠାରେ ୩୩ତମ ରାଜ୍ୟସ୍ତରୀୟ ସବ୍‌ଜୁନିୟର ଏବଂ ୫ମ କ୍ୟାଡେଟ କ୍ୟୁରୋଗୀ ଓ ପୁମ୍‌ସେ ୩ ଦିନିଆ ଟାଏକୋଣ୍ଡୋ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ୧୨ ଓ ୧୪ବର୍ଷରୁ କମ୍ ସବ୍‌ଜୁନିୟର ଓ କ୍ୟାଡେଟ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ୪୫୦ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ମନୋନିବେଶ କରି କ୍ୟାରିୟର କରିବାକୁ ସେ ପ୍ରତିଯୋଗୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ସାହୁ, ବିଶିଷ୍ଟ କ୍ରୀଡ଼ାବିତ୍ ସ୍ୱର୍ଣ୍ଣପଦକ ବିଜେତା ଗୋପାଳ ମହାପାତ୍ର, ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ଉପସଭାପତି ସୁନ୍ଦରମଣି ପଟେଲ, ସହସମ୍ପାଦକ ଓ କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟ ବେହେରା, ଉତ୍ସବ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିଏଟିଭ ଆଣ୍ଡ ଆର୍ଟର ଡାଇରେକ୍ଟର ରିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା କ୍ରୀଡ଼ାବିତ୍‌ମାନେ ଜାତୀୟ ସବ୍‌ଜୁନିୟର ଏବଂ କ୍ୟାଡେଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



ରାଜ୍ୟସ୍ତରୀୟ ସବ୍‌ଜୁନିୟର ଟାଏକୋଣ୍ଡୋରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

# ପରାଜୟ ସତ୍ତ୍ୱେ ଫାଇନାଲରେ ଭାରତ

**ଜୋହର ବାହ୍ରୁ, ୧୨।୧୦ (ପି.ଟି.)**

ଏଠାରେ ଚାଲିଥିବା ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଫାଇନାଲରେ ପ୍ରବେଶ କରି ସାରିଥିବା ଭାରତୀୟ ଜୁନିୟର ଦଳ ତା'ର ପ୍ରଥମ ପରାଜୟବରଣ କରିଛି। ୮ଟି ଦେଶକୁ ନେଇ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଶୁକ୍ରବାର ଭାରତ ତା'ର ଶେଷ ରାଉଣ୍ଡ ରବିନ ମ୍ୟାଚ୍‌ରେ ଗ୍ରେଟ ବ୍ରିଟେନଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ୪ଟି କ୍ରମାଗତ ବିଜୟ ପରେ ଭାରତ ପ୍ରଥମ ପରାଜୟ ବରଣ କରିଛି। ମୋଟ ୧୨ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ଭାରତ ଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପଟେ ଗ୍ରେଟ ବ୍ରିଟେନ ୫ଟି ମ୍ୟାଚ ଖେଳି ୩ଟି ବିଜୟ ସହ ୧୯ ପଏଣ୍ଟ ପାଇଁ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ମନଦୀପ ମୋରଙ୍କ ନେତୃତ୍ୱରେ ଭାରତୀୟ ଜୁନିୟର ଦଳ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବେଶ୍ ଭଲ ଆରମ୍ଭ କରିଥିଲା ଓ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ପଞ୍ଚମ ମିନିଟ୍‌ରେ ଭାରତ ପଛକୁପଛ ଦୁଇଟି ପେନାଲ୍ଟି କର୍ନର ପାଇଥିଲା। ବିଷ୍ଣୁକାନ୍ତ ସିଂ ଦ୍ୱିତୀୟଟିକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ତେବେ ଭାରତର ଏହି ଅଗ୍ରଣୀ ବେଶି ସମୟ ତିଷ୍ଠି ରହିପାରି ନ ଥିଲା। ଗତବର୍ଷର ରନର୍ସଅପ୍ ଦଳ ଗ୍ରେଟ ବ୍ରିଟେନ ତରଫରୁ କାମେରନ ଗୋଲ୍ଡେନ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଗ୍ରେଟ ବ୍ରିଟେନର ଡିଫେନ୍ସକୁ ଭେଦ କରିବାରେ ସକ୍ଷମ ହୋଇଥିଲା। ପୂର୍ବରୁ ଗୋଟିଏ ପେନାଲ୍ଟି କର୍ନରକୁ ଭାରତ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ତେବେ ୨୦ତମ ମିନିଟ୍‌ରେ ଓଡ଼ିଆ ତାରକା ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ।

ତୃତୀୟ କ୍ୱାର୍ଟରରେ କିନ୍ତୁ ଗ୍ରେଟ ବ୍ରିଟେନର ପ୍ରଭାବ ଦେଖିବାକୁ ମିଳିଥିଲା। ଆକ୍ରମଣ କରିବା ସହ ବ୍ରିଟେନ ଖେଳାଳିମାନେ ଭାରତୀୟ ଡିଫେନ୍ସ ପାଇଁ କଡ଼ା ଚ୍ୟାଲେଞ୍ଜ୍ ସୃଷ୍ଟି କରିଥିଲେ। ଏହାପରେ ୩୯ତମ ମିନିଟରେ ବ୍ରିଟେନର ଷ୍ଟୁଆର୍ଟ ରଶମେର ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଫାଇନାଲ କ୍ୱାର୍ଟରରେ କିନ୍ତୁ ଭାରତ ପଛରେ ପଡିଯାଇଥିଲା। ଭାରତୀୟ ଡିଫେନ୍ସ ଉପରେ ଚାପ ପ୍ରୟୋଗ କରି ବ୍ରିଟେନ ଖେଳାଳିମାନେ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ।

# ୫ ଦେଶର ପ୍ରଭାବୀ ପ୍ରଦର୍ଶନ

ଫୁଟବଲ ଭଳି ହକି ମଧ୍ୟ ସାରା ବିଶ୍ୱରେ ଆଦୃତ ହୋଇପାରିଛି। ବିଶେଷ କରି ପୁରୁଷ ହକି ଏବେ ଲୋପପ୍ରିୟତାର ଶୀର୍ଷକୁ ଛୁଇଁଛି। ହକିର ସର୍ବୋଚ୍ଚ ମହାକୁମ୍ଭ କୁହାଯାଉଥିବା ପୁରୁଷ ହକି ବିଶ୍ୱକପ୍ ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଆନୁକୂଲ୍ୟରେ ହକି ବିଶ୍ୱକପ୍ ଆୟୋଜନ ହୋଇଆସୁଛି। ଫୁଟବଲ ବିଶ୍ୱକପ୍ ଭଳି ଏହି ମେଗା ଇଭେଣ୍ଟ ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ। ପୁରୁଷ ଭଳି ମହିଳା ହକି ବିଶ୍ୱକପ୍ ମଧ୍ୟ ୧୯୭୪ ମସିହାରୁ ଆରମ୍ଭ ହୋଇଥିଲା। ସେତେବେଳେ ଏହାକୁ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ଓମେନ୍ସ ହକି ଆସୋସିଏଶନ୍ସ (ଆଇଏଫ୍‌ଡବ୍ଲ୍ୟୁଏଚ୍‌ଏ) ୧୯୮୧ ପର୍ଯ୍ୟନ୍ତ ଆୟୋଜନ କରୁଥିଲା। ତେବେ ୧୯୮୨ରେ ଏହା ଆନ୍ତର୍ଜାତିକ ହକି ଫେଡେରେଶନ ସହିତ ମିଶିଗଲା।

ପୁରୁଷ ହକି ବିଶ୍ୱକପ୍‌ରେ ୫ଟି ଦେଶ ପ୍ରଭାବ ବିସ୍ତାର କରିଛନ୍ତି। ପାକିସ୍ତାନ ସବୁଠାରୁ ସଫଳ ଦଳ ସାବ୍ୟସ୍ତ ହୋଇଛି। ପାକିସ୍ତାନ ୪ଥର ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଅନ୍ୟପଟେ ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ୩ଥର ଲେଖାଏ ବିଶ୍ୱକପ୍ ଟାଇଟଲ ହାସଲ କରିଛନ୍ତି। ସେହିପରି ଜର୍ମାନୀ ଦୁଇଥର ଓ ଭାରତ ଥରେ ବିଶ୍ୱକପ୍ ଚାମ୍ପିୟନ ହେବାର ସୌଭାଗ୍ୟ ହାସଲ କରିଛି। ୧୯୭୧ ମସିହାରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ମୋଟ ଉପରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ବିଶ୍ୱକପ୍‌ର ଗତ ସଂସ୍କରଣ ୨୦୧୪ରେ ନେଦରଲାଣ୍ଡ୍ସର ହଗ୍‌ରେ ଖେଳାଯାଇଥିଲା। ଏହା ଜୁନ୍ ୨ରୁ ୧୪ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଫାଇନାଲ ମୁକାବିଲାରେ ଅଷ୍ଟ୍ରେଲିଆ ୬-୧ ଗୋଲରେ ଆୟୋଜକ ନେଦରଲାଣ୍ଡ୍ସକୁ ହରାଇ ତୃତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ୨୦୧୮ ସଂସ୍କରଣ ଏବେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି। ଏହା ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। ଏଥର ବିଶ୍ୱକପ୍ ଦଳ ସଂଖ୍ୟା ୧୬କୁ ବୃଦ୍ଧି କରାଯାଇଛି। ୨୦୨୨ ସଂସ୍କରଣରେ ଦଳ ସଂଖ୍ୟା ୨୨କୁ ବୃଦ୍ଧି କରିବାକୁ ଏଫ୍‌ଆଇଏଚ୍ ଯୋଜନା କରୁଛି।

ପାକିସ୍ତାନର ଏୟାର ମାର୍ଶାଲ ନୁର ଖାଁ ପ୍ରଥମେ ହକି ବିଶ୍ୱକପ୍‌ର ଯୋଜନା ମନକୁ ଆଣିଥିଲେ। ସେ ୱାର୍ଲ୍ଡ ହକି ମାଗାଜିନର ପ୍ରଥମ ସମ୍ପାଦକ ପାଟ୍ରିକ ରୋଲିଙ୍କୁ ଏ ନେଇ ପ୍ରସ୍ତାବ ଦେଇଥିଲେ। ୧୯୬୯ ଅକ୍ଟୋବର ୨୬ରେ ଏହା ଗୃହୀତ ହୋଇଥିଲା ଓ ୧୯୭୦ ଏପ୍ରିଲ ୨ ତାରିଖରେ ବ୍ରସେଲ୍ସରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କାଉନସିଲ ବୈଠକରେ ଏହାକୁ ଗ୍ରହଣ କରାଯିବା ସହ ମାନ୍ୟତା ପ୍ରଦାନ କରାଯାଇଥିଲା। ଏହାପରେ ଏଫ୍‌ଆଇଏଚ୍ ୧୯୭୧ରେ ପ୍ରଥମ ହକି ବିଶ୍ୱକପ୍ ପାକିସ୍ତାନରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଯୁଦ୍ଧ ତଥା ରାଜନୈତିକ ଅସ୍ଥିରତା କାରଣରୁ ଏହା ପାକିସ୍ତାନରୁ ସ୍ପେନ୍‌ର ବାର୍ସିଲୋନାରେ ଖେଳାଯାଇଥିଲା। ପ୍ରଥମ ସଂସ୍କରଣରେ ୧୦ଟି ଦେଶ ଅଂଶଗ୍ରହଣ କରିଥିଲେ। ପ୍ରଥମ ୩ଟି ଟୁର୍ନାମେଣ୍ଟ ପ୍ରତି ଦୁଇବର୍ଷରେ ଖେଳାଯାଇଥିଲା।




ବିଶ୍ୱକପ୍ ଟ୍ରଫିକୁ ବସିର ମୁଜିଦ୍ ଡିଜାଇନ୍ କରିଥିଲେ ଓ ଏହାକୁ ପାକିସ୍ତାନ ସେନାବାହିନୀ ତିଆରି କରିଥିଲା। ୧୯୭୧ ମାର୍ଚ୍ଚ ୨୭ ତାରିଖରେ ଏହି ଟ୍ରଫିକୁ ବ୍ରସେଲ୍ସରେ ଏଫ୍‌ଆଇଏଚ୍‌କୁ ହସ୍ତାନ୍ତର କରାଯାଇଥିଲା। ହକି ବିଶ୍ୱକପ୍ ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହୋଇଥାଏ। ଯୋଗ୍ୟତା ପର୍ଯ୍ୟାୟ ପରେ ଫାଇନାଲ ପର୍ଯ୍ୟାୟରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡିକ ଖେଳାଯାଇଥାଏ। ୧୯୭୭ରୁ ଯୋଗ୍ୟତା ପର୍ଯ୍ୟାୟ ଖେଳାଯାଇଆସୁଅଛି। ସଫଳତା ଦୃଷ୍ଟିକୋଣରୁ ବିଚାର କଲେ ଏ ପର୍ଯ୍ୟନ୍ତ ବିଶ୍ୱକପ୍ ଖେଳିବାକୁ ୨୪ଟି ଦଳ ଯୋଗ୍ୟତା ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୧ଟି ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୭ଟି ଦଳ ଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନ ସଫଳତମ ଦେଶ ସାବ୍ୟସ୍ତ ହୋଇଛି। ୬ଥର ଫାଇନାଲ ଖେଳି ପାକିସ୍ତାନ ୪ଥର ଟାଇଟଲ ହାସଲ କରିଛି। ସେହିପରି ନେଦରଲାଣ୍ଡ୍ସ ୬ଥର ଫାଇନାଲ ଖେଳି ୩ଥର ଚାମ୍ପିୟନ ହୋଇଛି। ତେବେ ଗତ କେତେବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ସଫଳତମ ଦେଶ ସାବ୍ୟସ୍ତ ହୋଇଛି। ୫ଥର ଫାଇନାଲ ଖେଳି ଅଷ୍ଟ୍ରେଲିଆ ୩ଥର ଚାମ୍ପିୟନ ହୋଇଛି। ଭାରତ ୧୯୭୫ରେ ଥରେ ମାତ୍ର ବିଶ୍ୱକପ୍ ଜିତିବାକୁ ସକ୍ଷମ ହୋଇଥିଲା।

ଏପର୍ଯ୍ୟନ୍ତ ୯ଟି ଦେଶ ବିଶ୍ୱକପ୍ ଆୟୋଜନ କରିଛନ୍ତି। ଆୟୋଜକ ଭାବେ ନେଦରଲାଣ୍ଡ୍ସ ୧୯୭୩ ଓ ୧୯୯୮ରେ, ଜର୍ମାନୀ ୨୦୦୬ରେ ଚାମ୍ପିୟନ ହୋଇଥିଲା। ଆୟୋଜକ ଭାବେ ସ୍ପେନ, ଇଂଲଣ୍ଡ ଓ ପାକିସ୍ତାନ ୧୯୭୧, ୧୯୮୬ ଓ ୧୯୯୦ରେ ରନର୍ସଅପ ହୋଇଥିଲା। ଆୟୋଜକ ଭାବେ ଅଷ୍ଟ୍ରେଲିଆ ୧୯୯୪ରେ ତୃତୀୟ ସ୍ଥାନରେ ରହିଥିଲା। ଏସିଆ ଓ ୟୁରୋପ ମହାଦେଶର ଦଳଗୁଡିକ ୫ଥର ଲେଖାଏ ଟାଇଟଲ ଜିତିଛନ୍ତି। ଓସେନିଆ ତରଫରୁ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଛି। ଉତ୍ତର ଓ ଦକ୍ଷିଣ ଆମେରିକା ଏବଂ ଆଫ୍ରିକାର କୌଣସି ଦେଶ ବିଶ୍ୱକପ୍ ଟାଇଟଲ ହାସଲ କରିପାରି ନାହାନ୍ତି।









# ପ୍ରମୋଦ ସିଙ୍ଗଲ୍ସ ଫାଇନାଲରେ, ଡବଲ୍ସରେ ବ୍ରୋଞ୍ଜ

**ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି)**

ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ପୁରୁଷ ସିଙ୍ଗଲ୍ସ ଏସଏଲ୩ ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ୩ ସେଟ୍ ବିଶିଷ୍ଟ ସେମିଫାଇନାଲରେ ପ୍ରମୋଦ ଭିଏତନାମର ତ୍ରିନ୍ ଆନ୍ ଟୁଆନଙ୍କୁ ୨୧-୧୭, ୧୮-୨୧, ୨୧-୯ ପଏଣ୍ଟରେ ପରାସ୍ତ କରିଥିଲେ। ପ୍ରମୋଦ ପ୍ରଥମ ସେଟ୍‌କୁ ଜିତିବାବେଳେ ଟୁଆନ ଦ୍ୱିତୀୟ ସେଟ୍‌ରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ପ୍ରମୋଦ ତୃତୀୟ ସେଟ୍‌କୁ ସହଜରେ ଜିତିବା ସହ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଶନିବାର ହେବାକୁଥିବା ଫାଇନାଲରେ ପ୍ରମୋଦ ଇଣ୍ଡୋନେସିଆର ଉକୁନ ରୁକାଣ୍ଡିଙ୍କ ସହିତ ମୁକାବିଲା କରିବେ। ଡବଲ୍ସରେ କିନ୍ତୁ ପ୍ରମୋଦଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ସେମିଫାଇନାଲରେ ଇଣ୍ଡୋନେସିଆ ଯୋଡ଼ିଙ୍କଠାରୁ ୧୩-୨୧, ୧୯-୨୧ ପଏଣ୍ଟରେ ହାରି ଯାଇଥିବା ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଂଯୋଜକ ସୁନୀଲ ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ।


ପ୍ରମୋଦ ଭଗତ

# ସେମିଫାଇନାଲରେ ଜୋକୋଭିଚ୍-ଜେଭରେଭ

**ସାଙ୍ଘାଇ, ୧୨।୧୦(ଏଏଫ୍‌ପି)**

ନୋଭାକ ଜୋକୋଭିଚ୍ ଚଳିତ ସାଙ୍ଘାଇ ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲରେ ଆଲେକଜାଣ୍ଡର ଜେଭରେଭଙ୍କୁ ଭେଟିବେ। ଜୋକୋଭିଚ୍ ଶୁକ୍ରବାର କେଭିନ ଆଣ୍ଡରସନଙ୍କୁ ୭-୬(୭/୧) ଓ ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟାର ଜେଭରେଭ ୬-୪, ୬-୪ ସେଟ୍‌ରେ କାଇଲ ଇଡ୍‌ମୁଣ୍ଡଙ୍କୁ ପରାସ୍ତ କରିଛନ୍ତି। ୧୧ତମ ସିଡ୍ ବ୍ରିଟେନ ଖେଳାଳି ସିଜନର ଶେଷ ହେବାକୁ ଥିବା ଏଟିପି ଫାଇନାଲ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

# କ୍ୱାର୍ଟରରେ ମହିଳା ହକି ଦଳ

**ବୁଏନ୍ସ ଏରିଜ, ୧୨।୧୦(ପି.ଟି.)**

ଭାରତୀୟ ମହିଳା ହକି ୫-ଏ ଦଳ ଚଳିତ ୟୁଥ ଅଲିମ୍ପିକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ମଧ୍ୟରାତ୍ରିରେ ଖେଳାଯାଇଥିବା ଦ. ଆଫ୍ରିକା ବିପକ୍ଷ ମ୍ୟାଚ୍‌କୁ ଭାରତୀୟ ଦଳ ୫-୨ ବ୍ୟବଧାନରେ ଜିତି ନେଇଛି। ବିଜୟୀ ଦଳ ପକ୍ଷରୁ ମୁମତାଜ ୨ଟି ଗୋଲ କରିଥିବାବେଳେ ରିତ, ଲାଲରେସିଆମି ଓ ଇଶିକା ଚୌଧାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।










# ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ: ଦିନକ ପାଇଁ ରାଷ୍ଟ୍ରଦୂତ ହେଲେ ୧୭ ଝିଅ

**ନୂଆଦିଲ୍ଲୀ,୧୨।୧୦(ପିଟି.)**–ଆଠ ବର୍ଷ ଯାଏ ସ୍କୁଲ୍‌ର ମୁହଁ ଦେଖି ନ ଥିଲେ ସୁଶୀଲା। ବର୍ତ୍ତମାନ ତାଙ୍କର ବୟସ ୨୨ ବର୍ଷ ଏବଂ ବର୍ତ୍ତମାନ ସେ ସୋସିଓଲୋଜିରେ ଏମ୍.ଏ. କରୁଛନ୍ତି। ରାଜସ୍ଥାନର ବିକାନେର ଅଞ୍ଚଳର ସୁଶୀଳା ହେଉଛନ୍ତି ନିଜ ଗ୍ରାମର ପ୍ରଥମ ଉଚ୍ଚ ଶିକ୍ଷିତା। କେବଳ ଏହା ତାଙ୍କର ପରିଚୟ ନୁହେଁ। ସୁଇଜରଲାଣ୍ଡ ଦୂତାବାସର ଉପମୁଖ୍ୟ ଆସନରେ ଦିନକ ପାଇଁ ବସି ନିଜ ଗ୍ରାମ ଏବଂ ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି ସେ। ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ଗୁରୁବାର ସୁଶୀଳାଙ୍କ ସମେତ ୧୦ଟି ରାଜ୍ୟର ୧୭ ଜଣ ଝିଅ ବିଭିନ୍ନ ଦେଶର ଦୂତାବାସ ଏବଂ ହାଇ କମିଶନ୍‌ରେ ଉଚ୍ଚ ଆସନରେ ଦିନକ ପାଇଁ ବସି ବାଳିକା ଏବଂ ଯୁବତୀଙ୍କ ସମାନତା, ସ୍ୱାଧୀନତା ଶକ୍ତିର ବାର୍ତ୍ତା ପ୍ରସାର କରିଛନ୍ତି। ଝିଅଙ୍କ ଶକ୍ତି ଏବଂ ସେମାନଙ୍କ ସମାନତା ଅଧିକାର ପାଇଁ ପ୍ଲାନ୍ ଇଣ୍ଡିଆ ପକ୍ଷରୁ 'ଗାର୍ଲସ୍ କେଟ୍ ଇକ୍ୱାଲ୍' ନାମକ ଏକ ଅଭିଯାନ ଆରମ୍ଭ ହୋଇଛି। ଏହାଯୋଗୁ ଆଜି ସୁଇଜରଲାଣ୍ଡରେ ସମ୍ମାନିତ ହୋଇଛନ୍ତି ସୁଶୀଳା ଏବଂ ତାଙ୍କ ସହ ଅନ୍ୟ ଝିଅମାନେ।




## ଛାତ୍ରୀଙ୍କୁ ଅପହରଣ ଘଟଣା: ଗିରଫ ଶିକ୍ଷକ ନିଲମ୍ବିତ

**ଝାରସୁଗୁଡ଼ା ଅଫିସ,୧୨।୧୦**

ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ଗିରଫ ହୋଇଥିବା ତଲିଭଟା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୀବନ କୁମାର ବୁଡ଼ାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀ ଉଜାଗର ପଧାନ ଶୁକ୍ରବାର ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ଦେଇଛନ୍ତି। ରବିବାର ସକାଳେ ଛାତ୍ରୀ ଜଣକ ଘରୁ ବାହାରି ଟ୍ୟୁଶନ ଯାଇଥିଲେ। ସେଠାରୁ ତାଙ୍କୁ ନେଇ ଜୀବନ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଜୀବନଙ୍କୁ ଗିରଫ କରିଥିଲା।

## ଅମଲା କ୍ୟାଡର ପୁନର୍ଗଠନ ନେଇ ବିଜ୍ଞପ୍ତି

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ରାଜ୍ୟ ସରକାର ବିଭାଗୀୟ ମୁଖ୍ୟ ସେକ୍ସନ ଅଫିସର ଏବଂ ଅମଲାମାନଙ୍କ କ୍ୟାଡର ପୁନର୍ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। କନିଷ୍ଠ ଏବଂ ବରିଷ୍ଠ ସହାୟକ ପଦବୀ ମିଶ୍ରଣକୁ ବାଦ୍ ଦେଇ କର୍ମଚାରୀ ସଂଘର ଥିବା ଅନ୍ୟ ସମସ୍ତ ପ୍ରମୁଖ ଦାବି ପ୍ରତି ସରକାର ସକାରାତ୍ମକ ମନୋଭାବ ପୋଷଣ କରିଛନ୍ତି। ସେକ୍ସନ ଅଫିସରଙ୍କ ମୂଳ ପଦବୀ ସଂଖ୍ୟା ୫୫୦ରୁ ୬୩୫କୁ ବୃଦ୍ଧିପାଇଛି। ସେହିପରି ଏଷ୍ଟାବ୍ଲିଶମେଣ୍ଟ ଅଫିସର ସଂଖ୍ୟା ୧୧୦ରୁ ୨୩୫, ସିନିୟର ଏଷ୍ଟାବ୍ଲିଶ୍ ଅଫିସର ସଂଖ୍ୟା ୫ରୁ ୧୦୧କୁ ବୃଦ୍ଧି କରାଯିବା ସହ ଏହାକୁ ପ୍ରଶାସନିକ ଅଧିକାରୀ ଭାବେ ନୂତନ ନାମକରଣ କରାଯାଇଛି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଲୋକ ଉତ୍କୋଚ ବଳରେ ସବୁକିଛି କିଣିବାକୁ ଚେଷ୍ଟା କରେ, ଦିନେ ସେ ଦେଖିବ ଯେ ତା' ବିବେକଟି ମଧ୍ୟ ବିକ୍ରି ହୋଇଯାଇଛି।
-ମାର୍କୋ ପୋଲୋ

## ସଂକ୍ଷେପରେ



### ତିତ୍ଲି ପ୍ରଭାବ, ଚାଷ ପ୍ରଭାବିତ

**କର୍ଲାମୁଣ୍ଡା,୧୨।୧୦(ଡି.ଏନ.ଏ.)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗୁରୁବାର ତିତ୍ଲିର ପ୍ରଭାବରେ ପ୍ରବଳ ବର୍ଷା ହୋଇଛି । ଫଳରେ ଚାଷୀଙ୍କ ଚାଷ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବ୍ଲକର ରିଞ୍ଜା, ସ.ମାଲପଡା, କର୍ଲାମୁଣ୍ଡା, ତେରେସିଂହା, ରେଗେଡା, ଯୋରାଡବ୍ରା, ସାପଲହରା, ରିଷିଡା, ବୋରପଦର, ପୌରକେଲା, ଗଜବାହାଲ ପଞ୍ଚାୟତ ଚାଷୀମାନେ କରିଥିବା ଧାନଚାଷକୁ ତିତ୍ଲି ପ୍ରଭାବରେ ପ୍ରବଳ ପବନ ଯୋଗୁ ପାଚିବା ଅବସ୍ଥାରେ ଥିବା ଧାନ ଗୁଡିକ ଭାଙ୍ଗି ପଡି ମାଟିରେ ମିଶିଯାଇଛି। ଅନ୍ୟପଟେ ଗୁରୁବାର ସକାଳଠାରୁ ଶୁକ୍ରବାର ଅପରାହ୍ନ ୧ଟା ସୁଦ୍ଧା ବିଦ୍ୟୁତ୍ ସେବା ଠପ୍ ହୋଇଯାଇଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି।

### ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା ପାଇବେ ମହୁରି ସମ୍ମାନ-୨୦୧୮

**ଭବାନୀପାଟଣା,୧୨।୧୦(ଡି.ଏନ.ଏ.)** ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା ପାଇବେ ଚଳିତ ୨୦୧୮ ବର୍ଷର ସମ୍ମାନଜନକ ମହୁରି ସମ୍ମାନ ଏହି ଘୋଷଣା କରିଛନ୍ତି ମହୁରିର ମୁଖ୍ୟ ସମ୍ପାଦକ ଭବାନୀ ଶଙ୍କର ନିଆଲ। ୨୦୦୮ରୁ ନିୟମିତ ପ୍ରକାଶ ପାଉଥିବା ଷାଣ୍ମାସିକ ଓଡ଼ିଆ ସାହିତ୍ୟ ପତ୍ରିକା ମହୁରିର ବାର୍ଷିକ ଉତ୍ସବ ଅବସରରେ ମହୁରିରେ ଲେଖାଲେଖି କରୁଥିବା ଜଣେ ଲେଖକଙ୍କୁ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଏଥି ପୂର୍ବରୁ ଲେଖକ ବିଷ୍ଣୁପଦ ସେଠୀ, ଗାଳ୍ପିକ ଓ ଔପନ୍ୟାସିକ ସତ୍ୟପ୍ରିୟ ମହାଲିକ, କବି ସୁଚେତା ମିଶ୍ର, ଗଦ୍ୟ ସାହିତ୍ୟର ବିଶିଷ୍ଟ ବିଦ୍ଧାଣୀ ପ୍ରଫେସର ଆଦିକନ୍ଦ ସାହୁ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତାଙ୍କ ଅନେକ ଅନେକ ପ୍ରବନ୍ଧ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ତାଙ୍କର ପ୍ରବନ୍ଧ ସଂକଳନ୍ 'କଳ୍ପନା, ଅନୁଭବ ଓ ସାହିତ୍ୟ' ୨୦୧୭ରେ ପ୍ରକାଶ ପାଇ ବହୁ ପାଠକୀୟ ଆଦୃତି ଲାଭ କରିଛି। ହୋତା ଜବାହାର ଲାଲ ନେହେରୁ ବିଶ୍ୱ ବିଦ୍ୟାଳୟରୁ ରାଜନୈତିକ ଦର୍ଶନରେ ଏମ୍.ଫିଲ୍. ଡ଼ିଗ୍ରୀ ହାସଲ କରିଛନ୍ତି। ସମ୍ପ୍ରତି ସେ ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭାବେ ଅବସ୍ଥାପିତ। ସେ ବଲାଙ୍ଗୀର ଜିଲା ଗୁର୍ଜୀଭଟ୍ଟାଠାରେ ୧୯୮୫ରେ ଜନ୍ମଗ୍ରହଣ କରିଛନ୍ତି। ପ୍ରବନ୍ଧ ରଚନା ବ୍ୟତୀତ ସେ ଜଣେ ରୁଚିଶୀଳ ପାଠକ ଅଟନ୍ତି। ପ୍ରବନ୍ଧରେ ତାଙ୍କର ଦୃଷ୍ଟିଭଙ୍ଗୀ ବ୍ୟାପକ ଓ ନିଆରା। ବିଶ୍ୱସ୍ତରୀୟ ବହୁ ପୁସ୍ତକର ସେ ସଂଗ୍ରାହକ ଅଟନ୍ତି।



ବଘିଆପଡ଼ା ହାଟପଦା ପୋଲ ଉପରେ ପାଣି ।



ବୌଦ୍ଧ ଜିଲା ସାଲୁଙ୍କୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି ।

### ତିତ୍ଲିର ପ୍ରଭାବରେ ସାଲୁଙ୍କୀ ନଦୀରେ ବନ୍ୟା

# ଟିକରପଡ଼ାକୁ ଯୋଗାଯୋଗ ବିଚ୍ଛିନ୍ନ

**ବୌଦ୍ଧ/ବଘିଆପଡା,୧୨।୧୦(ସ୍ୱ.ପ୍ର.)**

ତିତ୍ଲି ପ୍ରଭାବରେ ସାରା ବୌଦ୍ଧ ଜିଲାରେ ଦୁଇ ଦିନ ହେବ ବର୍ଷା ଲାଗି ରହିଛି। ଗୁରୁବାର ରାତିରେ ପ୍ରବଳ ବର୍ଷା ହେବା ଯୋଗୁ ସାଲୁଙ୍କୀ ନଦୀରେ ବନ୍ୟା ଆସିବା ସହ ଅନେକ ସ୍ଥାନରେ ଗଛ ଗୁଡିକ ଭାଙ୍ଗି ପଡିଛି। ଫଳରେ ବିଦ୍ୟୁତ ଖୁଣ୍ଟ ଗୁଡିକ ଭାଙ୍ଗି ବିଦ୍ୟୁତ ସରବରାହ ଦୀର୍ଘ ସମୟ ଧରି ବନ୍ଦ ହୋଇପଡିଥିଲା । ଏହାର ପ୍ରଭାବରେ ଜିଲା ବାସୀ ଅନ୍ଧାରରେ କଟାଇବାକୁ ପଡିଥିଲା । କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ଯୋଗୁ ସାଲୁଙ୍କୀ ନଦୀରେ ବର୍ଷା ପାଣି ପ୍ରବାହିତ ହେବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୌଦ୍ଧ ଜିଲାର ବଘିଆପଡା ହାଟପଦା ନିକଟସ୍ଥ ପୋଲ ଉପରେ ୪ ଫୁଟ ପାଣି ଥିବାରୁ ଟିକରପଡା ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏହା ସହ ପୋଲାମ ଗ୍ରାମର କିଛି ଧାନ ଜମିରେ ଏହି ନଦୀର ପାଣି ପଶି ଧାନ ଫସଲ ନଷ୍ଟ ହୋଇଥିବା ମଧ୍ୟ ଜଣାପଡିଛି । ସାଲୁଙ୍କୀ ନଦୀରେ ବନ୍ୟା ପରିସ୍ଥିତି ଥିବା ବେଳେ କିନ୍ତୁ ମହାନଦୀ ସ୍ୱାଭାବିକ ଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଦିନ ତମାମ ପାଗ ମେଘୁଆ ଥିବା ସହ ଝିପି ଝିପି ବର୍ଷା ଲାଗି ରହିଛି । ଦମକଳ କର୍ମଚାରୀ ଓ ବିଦ୍ୟୁତ ବିଭାଗ କର୍ମଚାରୀମାନେ ରାସ୍ତା ଉପରୁ ଗଛ ଗୁଡିକ କାଟି ସଫା କରିବା ପରେ ଅପରାହ୍ନରେ ବିଦ୍ୟୁତ୍ ସର ବରାହ ମଧ୍ୟ ଠିକ୍ ହୋଇଥିଲା । ।

## ପ୍ରବଳ ବର୍ଷାରେ ଭାଙ୍ଗିଲା ଘର

**ପୁରୁଣାକଟକ,୧୨।୧୦ (ଡି.ଏନ.ଏ.)**

ତିତ୍ଲି ପ୍ରଭାବରେ ଗତ ଦୁଇ ଦିନ ଧରି ପୁରୁଣାକଟକ ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ବର୍ଷା ହେବା ଫଳରେ ଧନ ଜୀବନ ପ୍ରଭାବିତ ହେବା ସହ ଧାନ ଓ ପନିପରିବା ଚାଷ ବ୍ୟାପକ ଭାବେ କ୍ଷତି ହୋଇଛି । ସେହିପରି ବହୁ ସଂଖ୍ୟାରେ ଚାଳ ଛପର ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ସରଧାପୁର ଗ୍ରାମର ବିମଳା କର୍ଣ୍ଣ, କମଳପୁର ଗ୍ରାମର ସୁଧିର ହଂସ, ସାଲକଟା ଗ୍ରାମର ପରଜନ ମହାକୁଡ, କାହ୍ନୁ ବେହେରା, ନୁଆପଡା ଗ୍ରାମର ବସନ୍ତ ମହାକୁଡଙ୍କ ୨ ବଖରା ଲେଖାଏଁ ଘର କାନ୍ଥ ଭାଙ୍ଗି ଯାଇଛି । ସେହିଭଳି ପୁରୁଣାକଟକ, ପିତାମ୍ବରପୁର ଲୁଣିବାହାଲ, ତିଲେଶ୍ୱର ଆଦି ପଞ୍ଚାୟତରେ ମଧ୍ୟ ବର୍ଷା ହେବା ଫଳରେ ବହୁ ସଂଖ୍ୟାରେ ଘର ଭାଙ୍ଗିଥିବା ଜଣାପଡିଛି । ତୁରନ୍ତ କ୍ଷୟକ୍ଷତି ଆକଳନ କରି ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।



ବିମଳା କର୍ଣ୍ଣଙ୍କ ଘର ଭାଙ୍ଗି ଯାଇଛି।

## ମୁଁ ହିରୋ ମୁଁ ଓଡିଆ କାର୍ଯ୍ୟକ୍ରମ

**ପୁରୁଣାକଟକ,୧୨।୧୦(ଡି.ଏନ.ଏ.)**

ହରଭଙ୍ଗା ବ୍ଲକ ପୁରୁଣାକଟକସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ହରଭଙ୍ଗା ବିଡିଓ ରବୀନ୍ଦ୍ର ଶତପଥୀ, ବିଜେଡି ଜିଲା ଜୋର୍ଣ୍ଣାଲ ସଭାପତି ଅଶୋକ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ଯୁବ ବାହିନୀର ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମେହେର, ବିଜୁ ଯୁବବାହିନୀର ଜିଲା ସଂଯୋଜକ ସଚ୍ଚିଦାନନ୍ଦ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଭୈରବୀ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ କିଶୋର ଦେହୁରୀ ଓ ବିଜୁ ଯୁବବାହିନୀ ସଭାପତି ବିକ୍ରମ ଭୋକ୍ରା କାର୍ଯ୍ୟକ୍ରମ ସହଯୋଗ କରିଥିଲେ।



ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ମୁଁ ହିରୋ ମୁଁ ଓଡ଼ିଆ କାର୍ଯ୍ୟକ୍ରମ ।

## ନୂଆଁଖାଇ ଭେଟ୍‌ଘାଟ୍

**ନର୍ଲା,୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ସରପଞ୍ଚ ସଂଘ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଶୁକ୍ରବାର ବଡଧାରପୁର ପଞ୍ଚାୟତ ଅଧୀନ କୁଚେଇପୋର୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ବରିଷ୍ଠ ସଦସ୍ୟ ନିଶାଣପୁର ସରପଞ୍ଚ କ୍ଷମାରାଜ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ୍ ଅଧ୍ୟକ୍ଷା ମନୋରମା ମହାନ୍ତି, ସମ୍ମାନିତ ଅତିଥି ନର୍ଲା ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ନର୍ଲା ବ୍ଲକ୍ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ନର୍ଲା ସରପଞ୍ଚ ସଂଘ ଭେଟ୍‌ଘାଟ୍ କାର୍ଯ୍ୟକ୍ରମକୁ ସଂଘ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରଣା ପରିଚାଳନା କରିଥିବା ବେଳେ ବଡଧାରପୁର ସରପଞ୍ଚ ମିଲି ସାହୁ, ସର୍ଗିଗୁଡା ସରପଞ୍ଚ ନରସିଂହ କୁମାର, ମାଣ୍ଡେଲ ସହଯୋଗ କରିଥିଲେ।

# ନିଏ ଆଶ୍‌ରେ ନାବାଲିକ୍ କୁଆଁରି ମା'

**ଗଣ୍ଡତୁରୁମ, ୧୨।୧୦ (ଡି.ଏନ.ଏ)**

ବରଗଡ ଜିଲା ଭେଡ଼େନ ଥାନା ଅଂଚଲରେ ଝନେ ନାବାଲିକ୍ ଗରଭ୍‌ବତୀ ହେବାର ସଂଗେ ଛୁଆ ଜନମ୍ କରବାର ଘଟ୍‌ନା ଅଂଚଲରେ ଗୁଟେ ଚର୍‌ଚାର ବିଷେ ହେଇଛେ। ଇ ବାବ୍‌ଦେ ପିଡିତାକଁର ବାପା ପୁଲିସରେ ଅଭିଯୋଗ୍ କରି ଝି'ର ଲାଗି ନିଏ ଭିକ୍ଷା କରିଛନ୍। ହେଲେ ଆଏଜ୍‌କେ ୧୭ ଦିନ୍ ହେଲା ପୁଲିସ୍ ଅଭିଯୁକ୍ତକେ ଗିରଫ୍ କରବାରେ ବିଫଲ ହେଇଛେ। ଯେନ୍‌ଥିରଲାଗି ନାବାଲିକା ଝନ୍‌କ ଉଚିତ୍ ନିଏ ପାଏବାରୁ ବଁଚିତ୍ ହେଉଛନ୍। ଘଟ୍‌ନାରୁ ଜନାଯାଇଛେ ଯେ, ଅଭିଯୁକ୍ତ ବିଦ୍ୟାଧର ପଧାନ(୨୪) ୨ ବଛର ହେଲା ପିଡିତାକର ଗାଁରେ ନିଜର ଝନେ ଲାଗେଲେସର ଘରେ ଆସି ରହୁଥିଲେ, ସେଠାନେ ପିଡିତାର ସଂଗେ ଦେଖା ହେବାର ସଂଗେ ତାକର ଭାବ୍‌ପେମ ବଢ଼ିଥିଲା। ବିଦ୍ୟାଧର ପିଡିତାକୁଁ ବିହା ହେବାର ଲୋଭ୍ ଦେଖେଇ ଶାରିରୀକ୍ ସଂମ୍ପର୍କ ରଖିଥିଲେ। ଯେତେ ବେଳେ ପିଡିତା ୮ ମାସ୍‌ର ଗରଭ୍‌ବତୀ ଥିବାର ଜନାପଡ଼ଲା ଅଭିଯୁକ୍ତ ଗାଁ ଛାଡି ଫେରାର ମାଏଲେ। ଏନ୍‌ତାଥି ପିଡିତାକଁର ମା'ବାପ୍ ମୁଡେ ଚଡକ୍ ପଡିଥିଲା। ସେମାନେ ଲୋକ୍‌ଲଜା ଆର୍ ଭଏରେ ଝି'କେ କେନ୍ ଆଶ୍ରମରେ ଛାଡିଦେବାକେ ଚିନ୍‌ତା କରି ଗୁଟେ ଆଶ୍ରମରେ ପୁହୁଁଚିଲେ। ହେଲେ ଆଶ୍ରମ କତ୍ତୁରପକ୍ଷ ଜିଲାପାଳ କି ପୁଲିସ୍‌ରେ ଅଭିଯୋଗ୍ ନାଇଁ ହେଲେ ଆମେ ଝି'କେ ନାଇଁରଖୁଁ ବଲି ମନା କଲେ। ଶେଷେ ପିଡିତାକଁର ବାପା ସମ୍ବଲପୁର ଜିଲା କ୍ଷେତରାଜପୁର ଥାନାରେ ଗୁଟେ ମାମଲା ଦାଏର କଲେ। ଅଭିଯୋଗ୍ ଆଧାରରେ ଥାନା ଅଧିକାରୀ ଯୋଗେଶ ପଣ୍ଡା ଅଭିଯୁକ୍ତ ବିଦ୍ୟାଧର ପଧାନ ନାଁରେ ଗଲା ସେପ୍ଟେମ୍ବର ୨୫ ତାରିଖରେ ମାମଲା ନଂ.୨୪୫/୧୮ ରୁଜୁ କରିଥିଲେ। ତା'ପରେ ପିଡିତାକୁଁ ସମ୍ବଲପୁର ଗୁଟେ ମହିଳା ସୁଧାର ଗୃହରେ ରଖିବାର ଅନୁମତି ମିଳିଥିଲା। ଗଲା ୧ ତାରିଖ୍ ପିଡିତାକଁର ଗରଭ୍‌ବେଦନା ଆରମ୍ ହେଲାରୁ ସୁଧାର ଗୃହ କତ୍ତୁରପକ୍ଷ ସମ୍ବଲପୁର ମୁଖିଆ ଡାକ୍‌ତରଖାନାରେ ଚିକିତ୍ସା ଲାଗି ଭରତି କରିଥିଲେ। ସେଠାନେ ପିଡିତା ଝନ୍‌କ ଗୁଟେ ପୁଓ ଜନମ୍ କରିଥିଲେ। ଇ ବାବ୍‌ଦେ ଥାନା ଆଇଆଇସି ଯୋଗେଶ ପଣ୍ଡାକୁଁ ଯୋଗାଯୋଗ କଲାରୁ ପିଡିତା କେହେନ୍‌ସି ବି ଥାନାରେ ଅଭିଯୋଗ୍ କରିପାରବେ। ଆମେ ଆମର ଥାନାରେ ଗୁଟେ ମାମଲା ରୁଜୁକରି ଭେଡ଼େନ ଥାନାକେ ପଦକ୍ଷେପ ଲାଗି ପଠେଇ ଦେଇଛୁଁ ବଲି କହିଥିଲେ। ଭେଡ଼େନ ପୁଲିସ ପିଡିତା ଘରକେ ଆସି ତଦଁତ କରିଥିବାର ଜନାଯାଇଛେ। ହେଲେ ଆଏଜ୍‌ତକ୍ ଭେଡ଼େନ୍ ପୁଲିସ୍ ଅଭିଯୁକ୍‌ତକେ ଗିରଫ କରି ନୁହେପାରେ। ଯେନ୍‌ଥିରଲାଗି ପିଡିତାକୁ ଜଲ୍‌ଦି ନିଏ ଦେବାରେ ଭେଡ଼େନ ପୁଲିସ ବିଫଲ ହେଉଛେ ବଲି ଚରଚା ହେଉଛେ।

### ଶିଁକଲାରେ ବଁଧା ଜୀବନ ଘଟନା...

# ଲିଲିମାର ପାସେ ପୁହୁଁଚିଲା ସ୍ୱାସ୍ଥ୍ୟ ବିଭାଗ୍

**ଅତାବିରା, ୧୨।୧୦ (ଡି.ଏନ.ଏ)**

ଗଲା ଅକ୍ଟୋବର ୮ ତାରିଖ୍ ସୋମବାର ଧରିତ୍ରୀ ସମ୍ବଲପୁର ସଁସ୍‌କରନ୍‌ରେ ବରଗଡ ଜିଲା ଅତାବିରା ବ୍ଲକ୍ ରେଙ୍ଗାଲିପାଲି ଝୁମ୍ପୁଡିପଡାରେ ଗୁଟେ ବଂଦ୍ ଘରେ ଲିଲିମା ଶିଁକ୍‌ଲା ବଁଧା ଜୀବନ୍ ବିତଉଥିବାର ବାବ୍‌ଦେ ଟିକିନିକିନୁ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ସମ୍ବଲପୁରର ଗୁଟେ ସ୍ୱେଚ୍ଛାସେବୀ ସଂଗଠନ୍, ମାନସିକ ରୋଗ୍ ବିଭାଗର ଡାକ୍‌ତରମାନକର ଗୁଟେ ପର୍‌ତିନିଧି ଟିମ୍, ଅତାବିରା ସରକାରୀ ଡାକ୍‌ତରଖାନାର ଚିକିତ୍ସକମାନେ ଲିଲିମାକଁର ଘରେ ପୁହୁଁଚି ଥିଲେ। ସେମାନେ ପରିବାର ଲୁକ୍‌କର ସଂଗେ ଆଲୋଚନା କରବାର ସଂଗେ ଲିଲିମା କେନ୍‌ଥେଇ ଠିକ୍ ହେଇପାରବେ ସେ ବାବ୍‌ଦେ ବୁଝେଇଥିଲେ। ଘଟ୍‌ନା ହିସାବେ ରେଙ୍ଗାଲପାଲି ଝୁମ୍ପୁଡିପଡାର ଅର୍ଜୁନ ବାଗ(୬୧)। ତାକର ପରିବାର କହେଲେ ମାଏକିନା ବୃନ୍ଦାବତୀ ଆର୍ ଝି'କେ ନେଇ ସଁସାର। ଝି ଚନ୍ଦ୍ରକାନ୍ତିକେ ସେ ବରଗଡ଼ ଜିଲା କମଗାଁର ବିକ୍ରମକୁ ବିହା କରେଇଥିଲେ। ସବୁ ଠିକ୍‌ଠାକ୍ ଥିଲା। ଚନ୍ଦ୍ରକାନ୍ତିକଁର ଦୁଇ ଝି ଲିଲିମା ଆର କମଳିନୀ ବି ହେଲେ। ହେଲେ ବଛର କେତେଟା ଭିତ୍‌ରେ ଚନ୍ଦ୍ରକାନ୍ତିକଁର ଆପ୍‌ନେ ବିକ୍ରମ ମାନ୍‌ସିକ ରୋଗ୍‌ରେ ପଡି ମୁର୍‌ତୁବରନ୍ କଲେ। ଶେଷେ ଚନ୍ଦ୍ରକାନ୍ତି ଦୁଇ ଝି'କେ ଧରି ବାପ୍‌ଘରେ ଆସି ଆଶ୍‌ରେ ନେଲେ। ହେଲେ ଚନ୍ଦ୍ରକାନ୍ତିକଁର ବଡଖା ଝି ଲିଲିମା(୧୬) ବି ଏହେଦେ ଗୁରୁତର ଭାବେ ମାନ୍‌ସିକ ରୋଗ୍‌ରେ ପିଡିତ ଅଛନ୍। ଯେନ୍‌ଥିରଲାଗି ପରିବାର ଲୋକ୍ ତାକର ହାତ୍‌ଗୋଡକେ ଲୁହାର ଶିଁକ୍‌ଲାରେ ବାଁଧି ଘରେ ରଖିଛନ୍। ଇ ଖବର ଧରିତ୍ରୀରେ ବାହାରଲା ଉତାରୁ ଡା.ଭିଷ୍ମଦେବ ଭୋଇ, ଡା. ରୀତା ବିଶ୍ୱାଳ, ଆଇସିଡିଏ କ୍ଷେତ୍ର ପରିଦର୍ଶିକା ପଙ୍କଜିନୀ ବିଶ୍ୱାଳ, ଫାର୍ମାସିଷ୍ଟ ସଞ୍ଜିବ ଦାଶ, ନର୍ସ ଅଞ୍ଜଳି ବାଙ୍କା, ଜି. ଶତପଥି, ସ୍ନେହଲତା ମିଶ୍ର ପର୍‌ମୁଖ ସମ୍ବଲପୁର ମାନସିକ ରୋଗ୍ ବିଭାଗ୍‌ର ଗୁଟେ ଡାକ୍‌ତରି ଟିମ୍ ପୁହୁଁଚିଥିଲେ। ତାଁକର ସଂଗେ ବୁଗବୁଗା ଆର କୁଲୁଣ୍ଡାର ମହିଳା ସୁଆସ୍‌ତିଅ କର୍‌ମୀ ବି ସହଯୋଗ କରିଥିଲେ। ହେଲେ ଏବେ ବି ଲିଲିମାକଁର ହାତ୍‌ଗୋଡ୍‌ରୁ ଶିଁକ୍‌ଲା ନାଇଁ ଖୁଲାଯାଇ।



ଡାକ୍‌ତରି ଟିମ୍ ଲିଲିମାକଁର ପରିବାର ସଂଗେ ଆଲୋଚନା କରୁଛନ୍।

**ଧରିତ୍ରୀ ପ୍ରଭାବ**

## ବୌଦ୍ଧ କୃଷକ ସାଥୀ ସଂଘ ବୈଠକ

**କନ୍ଧାପଙ୍କ,୧୨।୧୦(ଡି.ଏନ.ଏ.)**

ବୌଦ୍ଧ ଜିଲା କୃଷକ ସାଥି ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ଆଶ୍ରୟସ୍ଥଳଠାରେ ମନୋରଞ୍ଜନ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ । ଏଥିରେ ଅତିଥି ଭାବେ କୃଷି ଉପନିର୍ଦ୍ଦେଶକ ମନୋରଞ୍ଜନ ମଲିକ ଯୋଗଦେଇ କୃଷକ ସାଥିମାନଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ସହ ସରକାରଙ୍କ ବିଭିନ୍ନ ଯୋଜନା ଯେପରି କୃଷକମାନଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ କୃଷକ ସାଥିମାନଙ୍କୁ ପରାମର୍ଶ ଦେଇଥିଲେ । ଭଲ କାମ କରିଥିବା କୃଷକ ସାଥି ବୌଦ୍ଧ ବ୍ଲକର ପ୍ରମୋଦ ଖଟୁଆ, ହରଭଙ୍ଗା ବ୍ଲକର ଭଗବାନ ପ୍ରଧାନ ଓ କଣ୍ଟମାଳ ବ୍ଲକର ରଞ୍ଜନ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବୈଠକ ପରେ ଜିଲାସ୍ତରୀୟ କୃଷକ ସାଥି କମିଟି ଗଠନ କରି କର୍ମକର୍ତ୍ତା ଚୟନ କରିଥିଲେ । ସଂଘର ସଭାପତି ଭାବେ ମନୋରଞ୍ଜନ ପୁରୋହିତ, ଉପସଭାପତି ରଞ୍ଜନ ପାତ୍ର, ସମ୍ପାଦକ ଆଦିତ୍ୟ ଦାସ, ସହ ସମ୍ପାଦକ ଭାବେ ମୋତିଲାଲ ଡାଙ୍ଗ, କାର୍ଯ୍ୟକାରୀ ସଭ୍ୟ ରବୀନ୍ଦ୍ର ମଲିକ, ଶରତ ମହାକୁଡ ଓ ଉପଦେଷ୍ଟା ଭାବେ ସୀମାଞ୍ଚଳ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା । ଶେଷରେ ନିରଞ୍ଜନ ବିଶି ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ବୈଠକରେ ସମସ୍ତ କୃଷକ ସାଥି ଯୋଗଦେଇଥିଲେ ।

### ଛୁଟି ଘୋଷଣା ସତ୍ତ୍ୱେ ବିଦ୍ୟାଳୟରେ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ

# ସରକାରୀ ନିର୍ଦ୍ଦେଶକୁ ବେଖାତିର

**ବଘିଆପଡା,୧୨।୧୦(ଡି.ଏନ.ଏ.)**

ତିତିଲିର ପ୍ରଭାବରେ ରାଜ୍ୟ ସାରା ଭିଷଣ ବର୍ଷା ଆଶଙ୍କାରେ ସମସ୍ତ ସ୍କୁଲ କଲେଜକୁ ସରକାର ୧୧ ଓ ୧୨ତାରିଖ ଦୁଇ ଦିନ ପାଇଁ ଛୁଟି ଘୋଷଣା କରିଥିବାବେଳେ ବୌଦ୍ଧ ଜିଲା ଶିକ୍ଷା ବିଭାଗରେ କିନ୍ତୁ ବ୍ୟତିକ୍ରମ ଦେଖା ଦେଇଛି। ସରକାରୀ ନର୍ଦ୍ଦେଶକୁ ବେଖାତିର କରି ବଘିଆପଡା ପଞ୍ଚାୟତ ଅନ୍ତର୍ଗତ ଆଞ୍ଚଳିକ ସାଧନକେନ୍ଦ୍ରଠାରେ ସମସ୍ତ ବିଦ୍ୟାଳୟକୁ ନେଇ କ୍ଲଷ୍ଟରସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହୋଇଛି। ଗୁରୁବାର ଏହି କାର୍ଯ୍ୟକ୍ରମ କରାଯିବା ସହ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ ବାଧ୍ୟ କରାଯାଇଥିଲା। ଫଳରେ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବର୍ଷାରେ ଭିଜି ପହଞ୍ଚିଥିବା ଦେଖିବାକୁ ମିଳିଛି। ତେବେ ଏହି କ୍ଲଷ୍ଟର ଅଧୀନରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ମଧ୍ୟ ଏହି ସୁରଭି କାର୍ଯ୍ୟକ୍ରମରେ ମାତ୍ର ୪୦ ରୁ ୫୦ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ସିଆରସିଙ୍କୁ ପଚାରିବାରୁ ଆସନ୍ତା ୧୩ତାରିଖରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଥିବାରୁ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରୁ ଅନୁମତି ଆଣି ଏହି କାର୍ଯ୍ୟକ୍ରମ କରାଯାଉଥିବା ପ୍ରକାଶ କରିଥିଲେ। ତେବେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ପାଇଁ ବହୁ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ୍ୟ କାହିଁକି କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମ ପୂର୍ବରୁ କରାଗଲା ତାକୁ ନେଇ ଅଭିଭାବକଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଳ୍ପ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନେଇ ସରକାରୀ ଛୁଟି ଦିନରେ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଇଥିବାରୁ ନିଜ ଇଛାରେ ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମନୋନୀତ କରାଯାଇଥିବା ଅଭିଯୋଗ କରି କିଛି ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି।



କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିମାନେ ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ମେରା ଭାରତ ବସ୍‌କୁ ସ୍ୱାଗତ

**ବରପାଲି, ୧୨।୧୦ (ଡି.ଏନ.ଏ):** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥିତ ମାଉଣ୍ଟଆବୁରୁ ଗତ ଅଗଷ୍ଟ ମାସରେ ବାହାରିଥିବା ମେରା ଭାରତ ବସ୍ ଅଭିଯାନକୁ ବରପାଲିଠାରେ ସ୍ୱାଗତ କରାଯାଇଥିଲା। ଏହି ବସ୍ ୭ଟି ରାଜ୍ୟ ଅତିକ୍ରମ କରି ଶୁକ୍ରବାର ସକାଳେ ସ୍ଥାନୀୟ ଗାନ୍ଧୀଛକକୁ ପହଞ୍ଚିବା ପରେ ବ୍ରହ୍ମକୁମାରୀ ପକ୍ଷରୁ ବରଦାନି ଭବନର କେନ୍ଦ୍ର ସଞ୍ଚାଳିକା ବିକେ ମାମିନାଙ୍କ ନେତୃତ୍ୱରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ଏହି ଟିମ୍‌ର ପ୍ରଭାରୀ ବିକେ ଗୀତାଞ୍ଜଳି ଓ କଲ୍ପେତ ସାଥିଙ୍କ ତତ୍ତ୍ୱାବଧାନରେ ବିପଥଗାମୀ ସମାଜରୁ ନିଶା ନିବାରଣ ପାଇଁ ସଚେତନ କରାଇଥିଲେ । ଏଥିରେ ବରପାଲି ବ୍ରହ୍ମକୁମାରୀର ରାଜେନ୍ଦ୍ର, ସୁରେନ୍ଦ୍ର, ରବି, ଅମୂଲ୍ୟ, ଆକାଶ, ରାମ ଓ ଶତ୍ରୁଘ୍ନ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ ।

### କଲେଜରେ ରକ୍ତଦାନ ଶିବିର

**ବରଗଡ଼ ଅଫିସ୍,୧୨।୧୦:** ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ଏବଂ ଏଚଡ଼ିଏଫସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ପରିଚାଳନା କମିଟି ସଭାପତି ସଭ୍ୟ ସୁରେଶ୍ୱର ଶତପଥୀ, କିଶୋର ମିଶ୍ର, ଯୁକ୍ତଦୁଇ ଅଧ୍ୟକ୍ଷ ପ୍ରତୁଲ ତ୍ରିପାଠୀ, ଯୁକ୍ତତିନି ଅଧ୍ୟକ୍ଷ ସରୋଜ କୁମାର ଦେବତା, ରେଡ଼କ୍ରସ ସଂଯୋଜକ ସୁନୀଲ କୁମାର ଅଗସ୍ତି, ଅଶୋକ କୁମାର ବେହେରାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

### ଫୁଟବଲ: ଅଇଁଠାପାଲି ବିଜୟୀ

**ସୋହେଲା, ୧୨।୧୦ (ଡି.ଏନ.ଏ):** ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ଜିଲାସ୍ତରୀୟ ନକଆଉଟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଅପରାହ୍ଣରେ ଉଦ୍‌ଘାଟିତ ହୋଇଛି । ଦୁର୍ଗାପୂଜା କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ୬ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଜିଲାର ଅଇଁଠାପାଲି, କଦଳୀପାଲି, ବରଡୋଲ, ବରପାଲି, ଘେଁସ, ପଦ୍ମପୁର, କଳାପାଣି ଓ ଆୟୋଜକ ସୋହେଲା ଦଳ ଅଂଶଗ୍ରହଣ କରିବେ । ୧୫ତାରିଖରେ ପ୍ରଥମ ଓ ୧୬ତାରିଖରେ ଦ୍ୱିତୀୟ ସେମିଫାଇନାଲ ଏବଂ ୧୭ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜି ଆୟୋଜକ ସୋହେଲା ଓ ଅଇଁଠାପାଲି ମଧ୍ୟରେ ଉଦଘାଟନୀ ମ୍ୟାଚ୍ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ କରିବାରେ ସଫଳ ହୋଇ ନ ଥିଲେ । ପରେ ଟାଇବ୍ରେକରରେ ଅଇଁଠାପାଲି ୩-୦ ଗୋଲରେ ବିଜୟୀ ହୋଇଥିଲା। ଅଇଁଠାପାଲି ଦଳର ସୁରେନ୍ଦ୍ର ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ଆଜିର ମ୍ୟାଚ୍‌କୁ ରେଫରୀ ରଞ୍ଜୁ ଛତରିଆ ପରିଚାଳନା କରିଥିବା ବେଳେ ରେଫରୀ ପଞ୍ଚାନନ ପାତ୍ର ଓ ଶ୍ରୀନିବାସ ରାଓ ସହାୟତା କରିଥିଲେ। ଶନିବାର ବରଡୋଲ ଓ କଦଳୀପାଲି ମଧ୍ୟରେ ମ୍ୟାଚ ହେବ ।

# ବର୍ଷା ନାହିଁ, ଚିନ୍ତାରେ ଚାଷୀ

**ପଦ୍ମପୁର, ୧୨।୧୦ (ଡି.ଏନ.ଏ)**

ଚଳିତ ବର୍ଷ ଭଲ ବର୍ଷା ହୋଇଥିଲା । ଚାଷୀମାନେ ଠିକ ସମୟରେ ସେମାନଙ୍କ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ । ମାତ୍ର ସେପ୍ଟେମ୍ବର ମାସରେ ଆବଶ୍ୟକତା ଠାରୁ କମ୍ ବର୍ଷା ହୋଇଥିବା ବେଳେ ଅକ୍ଟୋବର ୧୨ ତାରିଖ ସୁଦ୍ଧା ଉପଖଣ୍ଡର ୬ଟି ବ୍ଲକରେ ଆଦୌ ବର୍ଷା ହୋଇନାହିଁ । ସାମୁଦ୍ରିକ ଝଡ ତିତ୍‌ଲି ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବ ଅନୁମାନ କରିଥିଲା । ଭଲ ବର୍ଷା ହେଲେ ଏହା ଚାଷୀଙ୍କୁ ସୁହାଇବା ସହ ମରୁଡି ଆଶଙ୍କାରୁ ରକ୍ଷା ପାଇଯିବେ ବୋଲି ଅଞ୍ଚଳର ଚାଷୀ ମନରେ ଆଶା ସଂଚାର କରିଥିଲା । ହେଲେ ପଦ୍ମପୁର ଉପଖଣ୍ଡରେ ତିତ୍‌ଲିର ମଧ୍ୟ କୌଣସି ପ୍ରଭାବ ପଡିଲା ନାହିଁ କି ଆଦୌ ବର୍ଷା ହେଲା ନାହିଁ ।

ପଦ୍ମପୁର ଉପଖଣ୍ଡର ୬ଟି ଯାକ ବ୍ଲକର ଅବସ୍ଥା ଚିନ୍ତାଜନକ ରହିଛି । ଅକ୍ଟୋବର ମାସରେ ୨୨୨.୬ ମିମି ବର୍ଷା ହେବା କଥା । ମାତ୍ର ବିଜେପୁର ବ୍ଲକରେ ୧୫୭ ମିମି, ଗାଇସିଲେଟ ୧୯୦ ମିମି, ଝାରବନ୍ଧ ୧୨୩.୨୦ ମିମି, ପଦ୍ମପୁର ୧୫୮.୬୦ ମିମି, ପାଇକମାଳ ୨୧୨ ଏବଂ ସୋହେଲା ବ୍ଲକରେ ମାତ୍ର ୯୬.୫୦ ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ହାରାହାରି ବୃଷ୍ଟିପାତ ଠାରୁ କମ୍ । ବର୍ଷା ଅଭାବରୁ ଉପଖଣ୍ଡ ମାଳ ଜମିଗୁଡିକ ବିଶେଷ କ୍ଷତି ହେବନାହିଁ । କିନ୍ତୁ ବାହାଲ ଜମି ଅବସ୍ଥା କହିହେବ ନାହିଁ ବୋଲି ଜିଲା କୃଷିବିଭାଗ ତରଫରୁ କୁହାଯାଇଛି । ବାହାଲ ଜମିଗୁଡିକ ଶୁଖିବାରେ ଲାଗିଛି । ଅନେକ ଚାଷୀ ବିଭିନ୍ନ ବନ୍ଧ, ନଦୀ, କୂଅରୁ ଜମିକୁ ପାଣି ମଡାଉଛନ୍ତି । ମାତ୍ର ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ । ପଦ୍ମପୁର ବ୍ଲକର ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକରୁ ପାଣି ଆସି ପାରୁନାହିଁ । ସେହିପରି ଅନେକ ସ୍ଥାନରେ ଲିଫ୍ଟ ପଏଣ୍ଟ ଗୁଡିକ ଅଚଳ ହୋଇପଡିଛି । ପଦ୍ମପୁର ବ୍ଲକର ଝଙ୍କାନ, ସର୍ଗିବାହାଲ, କନସିଂହା ପଞ୍ଚାୟତର ଚାଷୀମାନେ ଭୂତଳ ନଳକୂପ ଖୋଳାଇଥିଲେ ମଧ୍ୟ ଅଧିକାଂଶ ପଏଣ୍ଟରେ ବିଜୁଳି ସଂଯୋଗ ହୋଇପାରିନାହିଁ । ସେହିପରି ବିଜେପୁର, ଗାଇସିଲେଟ ବ୍ଲକ ଅଞ୍ଚଳରେ ପତ୍ରପୋଡା, ମଇଁଷା, ଚକଡା ରୋଗ ବ୍ୟାପିବାରେ ଲାଗିଛି । ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ଯଦି ଭଲ ବର୍ଷା ନ ହୁଏ ତେବେ ମରୁଡି ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି ।



**ବିଜେପୁର, ୧୨।୧୦ (ଡି.ଏନ.ଏ)**

ତିତ୍‌ଲି ପ୍ରଭାବରେ ବର୍ଷା ହେବ ବୋଲି ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକ ଅଞ୍ଚଳର ଚାଷୀମାନେ ଆଶା ବାନ୍ଧିଥିଲେ । ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଆକାଶରେ କଳାହାଣ୍ଡିଆ ମେଘ ଘୋଟି ରହିଥିଲା । ଦିନ ସାରା କାଲୁଆ ପବନ ବହୁଥିଲା । ମାତ୍ର ଶେଷ ପର୍ଯ୍ୟନ୍ତ ବର୍ଷାର ଦେଖା ଦର୍ଶନ ମିଳିଲାନି । ଫଳରେ ତିତ୍‌ଲି ପ୍ରଭାବରେ ଆକାଶରେ ଘୋଟିଥିବା କଳାହାଣ୍ଡିଆ ମେଘ ଶେଷକୁ ଚାଷୀମାନଙ୍କୁ ନିରାଶ କରି ଦେଇଛି। ଅଣଜଳସେଚିତ ଏହି ବ୍ଲକରେ ଦୀର୍ଘଦିନ ହେଲା ଭଲ ବର୍ଷା ହୋଇନାହିଁ। ତେଣୁ ରୌଦ୍ରତାପ ଯୋଗୁ ଜମିରେ ଯେଉଁ ଅଳ୍ପ ପାଣି ରହିଥିଲା, ତାହା ଶୁଷ୍କ ହୋଇଗଲାଣି। ଏପରିକି ସ୍ଥାନେ ସ୍ଥାନେ ଜମି ଫାଟି ଆଁ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଧାନ ଅମଳ ହେବା ସମୟକୁ ଆଉ ଗୋଟିଏ ବର୍ଷାର ଆବଶ୍ୟକତା ରହିଥିବା ବେଳେ ବର୍ଷାର ଦେଖାନାହିଁ । ଫଳରେ ମାଳ, ବେର୍ଣ୍ଣା ଜମିର ଛୋଟ ଧାନ ପାଣି ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ସୃଷ୍ଟି ହୋଇଛି । ଅଳ୍ପ କେତେକ ସ୍ଥାନରେ ପାଣି ସୁବିଧା ରହିଥିବାରୁ ଚାଷୀମାନେ ଫସଲକୁ ମରୁଡି ମୁହଁରୁ ରକ୍ଷା କରିବାକୁ ପ୍ରାଣପଣେ ଉଦ୍ୟମ କରୁଥିବା ପରିଲକ୍ଷିତ ହେଉଛି । ପାଁକେଲଡିହିର ଚାଷୀ ଦୀନବନ୍ଧୁ ସାହୁ କୁହନ୍ତି, ଦୁଇ ଦିନରେ ଆକାଶରେ କଳାହାଣ୍ଡିଆ ମେଘଦେଖି ବର୍ଷା ହେବ ବୋଲି ଭାବିଥିଲୁ । ଏହା ସବୁ ଫସର ଫାଟି ଯାଇଛି । ପାଣି ସୁବିଧା ନ ଥିବା ମାଳ ଓ ବେର୍ଣ୍ଣା ଜମିର ଧାନ ମରୁଡିର ଶିକାର ହେବା ସମ୍ଭାବନା ଅଧିକ ରହିଛି। ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀ ପ୍ରସାଦ ପଟେଲଙ୍କୁ ପଚାରିବାରୁ ଆମ ବ୍ଲକରେ ୧୯,୯୦୧ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ୬୦ ପ୍ରତିଶତ ମାଳ, ବେର୍ଣ୍ଣା ଜମିରେ ଛୋଟ ଧାନ ହୋଇଛି । ଭଲ ବର୍ଷା ନ ହେଲେ ଏହି ଧାନଚାଷ ମରୁଡିର ଶିକାର ହେବ ବୋଲି ସେ କହିଛନ୍ତି ।

## ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ



ସମଲେଶ୍ୱରୀ ଦେବୀ କୁଷ୍ମାଣ୍ଡା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି ।

**ବରଗଡ଼ ଅଫିସ୍,୧୨।୧୦**

ଶାରଦୀୟ ନବରାତ୍ର ପୂଜାରେ ବରଗଡ଼ ସହରର ଶକ୍ତିପୀଠ ଗୁଡ଼ିକ ଉତ୍ସବ ମୁଖରିତ ହୋଇଛି । ଏହି ଅବସରରେ ଶୁକ୍ରବାର ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମେଲଶ୍ୱରୀ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ । ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ଆୟୁ, ଯଶ, ବଳ, ସ୍ୱାସ୍ଥ୍ୟ ବୃଦ୍ଧି ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଫଳରେ ମାଁ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ସମେତ ସହରର ଅନ୍ୟ ଶକ୍ତିପୀଠ ଗୁଡ଼ିକରେ ମଧ୍ୟ ଭକ୍ତଙ୍କ ସମାଗମ ହୋଇଥିଲା ।

■ ଲୋକ ମହୋତ୍ସବ ପାର୍ବଣର ଦ୍ୱିତୀୟ ସନ୍ଧ୍ୟା

## ପରିବେଷଣ ହେଲା ଓଡ଼ିଶୀ, ଘୁଡୁକା, ଝୁମେର ନୃତ୍ୟ

**ସୋହେଲା,୧୨।୧୦ (ଡି.ଏନ.ଏ)**

ବରଗଡ଼ ଜିଲା ସୋହେଲା ଦୁର୍ଗାପୂଜାର ୭୫ବର୍ଷ ପୂର୍ତ୍ତି ଅବସରରେ ସାର୍ବଜନୀନ ପୂଜା କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅଞ୍ଚଳର ଲୁକ୍କାୟିତ ଲୋକ କଳାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରାଯାଇଛି। ଏହି କ୍ରମରେ ଲୋକ ମହୋତ୍ସବ ପାର୍ବଣ ଆରମ୍ଭ ହୋଇଛି । ଏହି ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହାକୁ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ସୋହେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ଗଡତିଆ, ତହସିଲଦାର ବିଶ୍ୱରଞ୍ଜନ କର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ଲୋକକଳାକୁ ଉଜ୍ଜୀବିତ କରି ରଖିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ସୋହେଲା ହଟଲି ସ୍ଥିତ ପାର୍ବଣ ମଣ୍ଡପରେ ୧୦ତାରିରେ ଉଦଘାଟିତ ହୋଇଥିବା ଲୋକମହୋତ୍ସବ ପାର୍ବଣରେ ରାଜ୍ୟ ତଥା ରାଜ୍ୟ ବାହାରୁ ଯୋଗ ଦେଉଥିବା ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟକ୍ରମ ପରିବେଷଣ କରିବେ । ଗୁରୁବାର ପାର୍ବଣରେ କଟକର ନୃତ୍ୟ ମୟୂରୀ ଅନୁଷ୍ଠାନର ଓଡିଶୀ ନୃତ୍ୟ, ମହୁଲପାଲି ଭାରତୀ ନୃତ୍ୟ କଳା ପରିଷଦର ଘୁଡକା ନାଚ ଓ ସୁନ୍ଦରଗଡ ମୟୁରୀ ସାଂସ୍କୃତିକ ଅନୁଷ୍ଠାନର ଝୁମେର ନୃତ୍ୟ ପରିବେଷଣ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଉପସଭାପତି ମହମ୍ମଦ ରଫିକ, ବଳବୀର ସିଂ ଠାକୁର, ଗୋବିନ୍ଦ ସାହୁ, ନଥୁରାମ ଅଗ୍ରୱାଲା, କୃଷ୍ଣଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ପିଙ୍କି ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଟଙ୍କଧର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଚେତନା ମଣ୍ଡପଠାରେ ଚାଲିଥିବା ରାମଲୀଳାର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ସିଦ୍ଧବନ ଯାତ୍ରା, ସୁବାହୁ ବଧ, ଅହଲ୍ୟା ଉଦ୍ଧାର, ଶ୍ରୀରାମ ଲକ୍ଷ୍ମଣଙ୍କ ନୌଯାତ୍ରା, ସୀତା ସ୍ୱୟମ୍ବର ଓ ପର୍ଶୁରାମ ଭେଟ ମଞ୍ଚସ୍ଥ ହୋଇଥିଲା ।

## ୧୩୫୧ ଜଣଙ୍କୁ ମିଳିଲା ମଧୁବାବୁ ଭତ୍ତା

**ପ୍ରତି ବ୍ଲକରେ ରହିବେ ଶ୍ରମ ନିରୀକ୍ଷକ**



ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି ।

**ସୋହେଲା,୧୨।୧୦(ଡି.ଏନ.ଏ)**

ସୋହେଲା ନିକଟସ୍ଥ ହଳଦିପାଲିଠାରେ ମଧୁବାବୁ ପେନସନ ଯୋଜନାରେ ୧୩୫୧ଜଣ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ସେମାନଙ୍କ ମଧ୍ୟରେ ୪୮୫ଜଣ ବୃଦ୍ଧାବୃଦ୍ଧ, ୩୫୯ଜଣ ବିଧବା, ୧୨୩ ଜଣ ଭିନ୍ନକ୍ଷମ ଏବଂ ୩୮୪ଜଣ ଅବିବାହିତା ମହିଳା ରହିଛନ୍ତି । ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ । ମଧୁବାବୁ ପେନସନ ଯୋଜନାରେ ବାକି ରହିଯାଇଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ନିର୍ବାଚିତ ପ୍ରତିନିଧିମାନଙ୍କୁ ମନ୍ତ୍ରୀ ସିଂ ପରାମର୍ଶ ଦେଇଥିଲେ । ଶ୍ରମିକ କଲ୍ୟାଣ ଯୋଜନାରେ ଶ୍ରମ ଅଫିସକୁ ନ ଯାଇ ତାଙ୍କ ପାଖକୁ ନିର୍ଦ୍ଧାରିତ ଫର୍ମ ଧରି ଆସିଲେ ଶ୍ରମିକ କାର୍ଡ ଯୋଗାଇ ଦେବା ପାଇଁ ବିହିତ ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ କହିଥିଲେ । ଏଣିକି ପ୍ରତି ବ୍ଲକରେ ଶ୍ରମ ବିଭାଗ ପକ୍ଷରୁ ଜଣେ ଲେଖାଏଁ ଶ୍ରମ ନିରୀକ୍ଷକ (ଲେବର ଇନ୍ସପେକ୍ଟର)ଙ୍କୁ ନିଯୁକ୍ତି କରାଯିବ ବୋଲି ସେ ଘୋଷଣା କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ହିମାଳୟା ସାହୁ, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ଓ ଦୟାନିଧି ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଡିଓ ଅଶୋକ କୁମାର ଗଡତିଆ ସ୍ୱାଗତ ଭାଷଣ ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମଲେଶ୍ୱରୀ ଦୁଗ୍ଧ ସଂଘ ବୈଠକ ବାତିଲ

**ଅତାବିରା, ୧୨।୧୦ (ଡି.ଏନ.ଏ)**

ଗୋଶାଳା ସ୍ଥିତ ଓମଫେଡ ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ରଠାରେ ଶୁକ୍ରବାର ସମଲେଶ୍ୱରୀ ଦୁଗ୍ଧ ସଂଘର ୯୨ତମ ପରିଚାଳନା ପରିଷଦ ବୈଠକ ଆରମ୍ଭରୁ ହୋହଲ୍ଲା, ପାଟିତୁଣ୍ଡ ହେବାରୁ ବୈଠକକୁ ବାତିଲ କରାଯାଇଛି । ବୈଠକ ଆରମ୍ଭ ହେବା ମାତ୍ରେ ମାଲିଡିହି ସମିତି ସଭାନେତ୍ରୀ ପଦ୍ମାବତୀ ପଟେଲ ନିଜର ଲିଖିତ ଅଭିଯୋଗ ପଢ଼ିବା ଆରମ୍ଭ କରିଥିଲେ । ସଂଘ ସଭାପତି ଶତ୍ରୁଘନ ସାହୁ ହସ୍ତକ୍ଷେପ କରି ପରିଷଦର ନିୟମ ଅନୁସାରେ ସଭାକାର୍ଯ୍ୟ ଚାଲିବ ବୋଲି କହିଥିଲେ । କିନ୍ତୁ ଏହାକୁ ବିରୋଧ କରି କେତେକ ଡାଇରେକ୍ଟର ପାଟିତୁଣ୍ଡ ଆରମ୍ଭ କରିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ସଂଘ ସଭାପତି ବୈଠକକୁ ବାତିଲ କରିଦେଇଥିଲେ। ଓମଫେଡ ଡିଜିଏମ ମାର୍କେଟିଂ ଶ୍ରମିତ କର ଭୁବନେଶ୍ୱରୀ, ଅରୁଣ ସିଂ କାରଖାନା ପରିଚାଳକ, ସମ୍ବଲପୁର ଡେରୀ ସାଧାରଣ ପରିଚାଳକ କେ. ନାରାୟଣ ମୂର୍ତ୍ତି, ଦୁଗ୍ଧ ଚାଷୀ ଅମ୍ବିକା ପ୍ରସାଦ ତ୍ରିପାଠୀ, ରବୀନ୍ଦ୍ର ଡୋରା ପ୍ରମୁଖ ଉପସ୍ଥିତ ଥିଲେ । ତେବେ ବୈଠକରେ ହୋହଲ୍ଲା କରିଥିବା ୫ଜଣ ପରିଚାଳନା ପରିଷଦ ସଭ୍ୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡିଛି ।



ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି ।

## ଧାଙ୍ଗେରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବରଗଡ଼ ଅଫିସ୍,୧୨।୧୦**

ବରଗଡ଼ ବ୍ଲକ ଅନ୍ତର୍ଗତ ଧାଙ୍ଗେର ଗ୍ରାମରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶୁକ୍ରବାର ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଦଯାତ୍ରାରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୭୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୫୦୦ରୁ ଊର୍ଦ୍ଧ୍ୱ ମହିଳା ବିଜେଡ଼ିରେ ଯୋଗ ଦେଇଥିଲେ । ବିଜୁ ଯୁବ ବାହିନୀ ସଭାପତି ବିଦ୍ୟାଧର ବନଛୋରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଛୁରିଆ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାରେ ସାମିଲ ହେବା ପାଇଁ ଆଗେଇ ଆସିବାକୁ ଉପସ୍ଥିତ ଜନତାଙ୍କୁ ଆହ୍ୱାନ କରିଥିଲେ। ବିଧାୟକ ଆଚାର୍ଯ୍ୟ ବିଜେଡ଼ିରେ ଯୋଗଦାନ କରିଥିବା ମହିଳା ଗୋଷ୍ଠୀ ଓ ସଭ୍ୟାମାନଙ୍କୁ ସ୍ୱାଗତ କରିବା ସହିତ ବିଜେଡ଼ି ସରକାର ମହିଳାଙ୍କ ବିକାଶ ପାଇଁ ଅଗ୍ରାଧିକାର ଦେଇଛି ବୋଲି କହିବା ସହିତ ବିଭିନ୍ନ ଜନାଭିମୁଖୀ ଯୋଜନା ଉପସ୍ଥାପନ କରିଥିଲେ । ଯୁବନେତା ଆତ୍ମାରାମ ପଣ୍ଡା ଓ ପ୍ରଶାନ୍ତ ଭୋଇ ବିଜେଡ଼ି ତଥା ନବୀନ ସରକାରଙ୍କ ଦ୍ୱାରା ହୋଇଥିବା ବିକାଶମୂଳକ କାର୍ଯ୍ୟ ଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଶ୍ରୀବସ୍ତ ଛତର, ଟାଉନ ସଭାପତି କିଶୋର ମିଶ୍ର, ଉମେଶ ପଣ୍ଡା, ସରପଞ୍ଚ ଭାରତୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଧାଙ୍ଗେର ପଞ୍ଚାୟତର ସମସ୍ତ ବିଜେଡ଼ି ସଭ୍ୟାସଭ୍ୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବ୍ୟାଙ୍କ, ସୋସାଇଟିରେ ତାଲା ପକାଇଲେ ଚାଷୀ

**ବିଜେପୁର, ୧୨।୧୦ (ଡି.ଏନ.ଏ)**

ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ବିବାଦ ତୁଟିବା ନାଁ ଧରୁନି । ବର୍ତ୍ତମାନ ସୁଦ୍ଧା କେତେକ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥିବାରୁ ସେମାନଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଦାନା ବାନ୍ଧୁଛି । ଏହି କ୍ରମରେ ବରଗଡ ଜିଲା ବିଜେପୁର ବ୍ଲକ ଲାଉମୁଣ୍ଡାର ଅସନ୍ତୁଷ୍ଟ ଚାଷୀମାନେ ସ୍ଥାନୀୟ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ଶୁକ୍ରବାର ତାଲା ପକାଇ ଧାରଣା ଦେଇଥିଲେ । ୨୦୧୭ ଖରିଫ ଫସଲର ଶସ୍ୟବୀମା କ୍ଷତିପୂରଣରୁ ଲାଉମୁଣ୍ଡା ଅଞ୍ଚଳର କିଛି ଚାଷୀ ବଞ୍ଚିତ ହୋଇଛନ୍ତି । ତେଣୁ ଦୁଇ ଦିନ ମଧ୍ୟରେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ବୁଧବାର ବିଜେପୁର କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଲିଖିତ ଭାବେ ଜଣାଇଥିଲେ । ମାତ୍ର ଏହାର କୌଣସି ସୁଫଳ ନ ମିଳିବାରୁ ଅସନ୍ତୁଷ୍ଟ ଚାଷୀମାନେ ପ୍ରଥମେ ଲାଉମୁଣ୍ଡା ସମବାୟ ସମିତିର କର୍ମଚାରୀମାନଙ୍କୁ ବାହାରିବାକୁ ଅନୁରୋଧ କରି ତାଲା ପକାଇ ଦେଇଥିଲେ । ପରେ ଆନ୍ଦୋଳନରତ ଚାଷୀମାନେ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ତାଲା ଦେଇ ଧାରଣାରେ ବସି ରହିଥିଲେ । ବ୍ୟାଙ୍କ ଶାଖା ପରିଚାଳକ ରୋହିତ କୁମାର ମେହେର, ପଦ୍ମପୁର ଏଆର ଅଫିସର କର୍ମଚାରୀ ଧର୍ମେନ୍ଦ୍ର ଭୋଇ, ଥାନା ଆଇଆଇସି ରାଜେନ୍ଦ୍ର ଶିଆଳ ଆନ୍ଦୋଳିତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । କ୍ଷତିପୂରଣ ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସେମାନେ ଅଡି ବସିଥିଲେ । ଅରକ୍ଷିତ ସାହୁ ଓ ରାଜ କିଶୋର ପାଣିଗ୍ରାହୀଙ୍କ ନେତୃତ୍ୱରେ ହୃଷିକେଶ ମେହେର, ବିନୋଦ ମେହେର, କାର୍ତ୍ତିକ ସାହୁ, ଡୋଳାମଣି ସାହୁ, ସହଦେବ ସାହୁ, ନାରାୟଣ ମହାନନ୍ଦ, ପ୍ରଫୁଲ୍ଲ ଘଡତିଆ, ସୀତାରାମ ସାହୁ, ଟେଭାକର ବାଗ, ସୁଶାନ୍ତ ଦାଶ ପ୍ରମୁଖ ଚାଷୀ ଧାରଣାରେ ସାମିଲ ହୋଇଛନ୍ତି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଫସଲ ବୀମାର କ୍ଷତିପୂରଣ ପାଇଁ ୧୨, ୯୪୬ ଚାଷୀଙ୍କ ମଧ୍ୟରୁ ୧୨, ୭୯୧ ଜଣ ଚାଷୀଙ୍କ ସହାୟତା ରାଶି ପହଞ୍ଚି ଯାଇଥିବା ବେଳେ ତାହା ଚାଷୀମାନଙ୍କୁ ବ୍ୟାଙ୍କରେ ପ୍ରଦାନ କରାଯାଉଛି। ଅବଶିଷ୍ଟ ୧୫୫ ଜଣ ଚାଷୀଙ୍କ କ୍ଷତିପୂରଣ ରାଶି ପହଞ୍ଚି ନାହିଁ। ବିଜେପୁର ସମବାୟ ସମିତି ୬ଜଣ, ବଡବାଉଁଶେନର ୧୩ଜଣ, ଏମଶ୍ରୀଗିଡାର ୧୪ଜଣ, ସାଇପାଲିର ୨୫ଜଣ ଏବଂ ଲାଉମୁଣ୍ଡା ସମବାୟ ସମିତିର ୯୭ଜଣ ଚାଷୀଙ୍କ ବୀମା କ୍ଷତିପୂରଣ ରାଶି ପହଞ୍ଚି ନ ଥିବା ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ସୂତ୍ରରୁ ଜଣାପଡିଛି ।



ବ୍ୟାଙ୍କକୁ ତାଲା ପକାଇବାକୁ ଆସୁଛନ୍ତି ଲାଉମୁଣ୍ଡାର ଚାଷୀ ।

## କୁମୁଡିନାଳାରେ ବ୍ରିଜ୍ ପାଇଁ ଦାବିପତ୍ର

**ପଦ୍ମପୁର, ୧୨।୧୦ (ଡି.ଏନ.ଏ)**

ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ସିଂହନପୁରଠାରେ ବାଜେନମୁଣ୍ଡାକୁ ଯିବା ରାସ୍ତାରେ କୁମୁଡିନାଳା ପଡୁଥିବାରୁ ବର୍ଷା ସମୟରେ ସେହି ରାସ୍ତାରେ ଯିବା ଆସିବା ସମୟରେ ଘୋର ଅସୁବିଧା ହେଉଛି । ଖରିଆପାଲି ଗ୍ରାମପଞ୍ଚାୟତ ଅଞ୍ଚଳରେ ଥିବା ବାଜେନମୁଣ୍ଡା, ପୁଟୁଡେରା ତଥା ଅନ୍ୟାନ୍ୟ ଗ୍ରାମ ସହ ସିଂହନପୁର ଅଞ୍ଚଳବାସୀ ଏଥିପାଇଁ ଏହି ନାଳାରେ ଏକ ବ୍ରିଜ୍ ନିର୍ମାଣ ଦାବି କରି ଆସୁଛନ୍ତି । ବିଭିନ୍ନ ଗ୍ରାମରୁ ସିଂହନପୁର ସ୍କୁଲକୁ ପାଠ ପଢ଼ିବାକୁ ଆସୁଥିବା ଛାତ୍ରୀଛାତ୍ର ପାଣିରେ ନାଳାକୁ ପାରି ହେବାକୁ ପଡୁଛି। ଫଳରେ ସେମାନଙ୍କ ଯାତାୟାତରେ ଘୋର ଅସୁବିଧା ଦେଖାଦେଉଛି । ନାଳାରେ ଅଧିକ ପାଣି ଆସିଲେ ପିଲାମାନେ ସ୍କୁଲକୁ ଯିବାଆସିବା କରିପାରୁନାହାନ୍ତି। ଏଥିପାଇଁ କୁମୁଡିନାଳା ଉପରେ ଏକ ବ୍ରିଜ୍ ନିର୍ମାଣ କରିବାକୁ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଗୁରୁବାର ରାଜବୋଡାସମ୍ବର ବ୍ଲକ ଅଧକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ୱାର୍ଡ ସଭ୍ୟ ଜଇ ସାହା, ସମିତି ସଭ୍ୟ ଫକିର ସାହା, ଧର୍ମାନନ୍ଦ ସାହା, ରାଜୁ ସାହା, ମକୁନ୍ଦ ସାହା, ସଞ୍ଜୀବ ସାହା, କୁମୁଦିନୀ ମହାନନ୍ଦ, ଲକ୍ଷ୍ମୀ ସାହା, ଲାଇବାନା ସାହା, ଶାନ୍ତି ବାନୀ, ଈଶ୍ୱରୀ ବାରିକଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୩ ଅକ୍ଟୋବର, ୨୦୧୮



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ପୋକରା ଚାଉଳ ଫେରାଇଲେ ହିତାଧିକାରୀ

**ଅତାବିରା/ଜାମଟିକ୍ରା, ୧୨।୧୦ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତରେ ରାଶନ କାର୍ଡ ହିତାଧିକାରୀମାନଙ୍କୁ ପୋକରା ଚାଉଳ ବଣ୍ଟାଯାଉଥିବା ଅଭିଯୋଗ ହୋଇଛି। ବଣ୍ଟନ ବେଳେ ଚାଉଳ ପୋକରା ବାହାରିବାରୁ ହିତାଧିକାରୀମାନେ ନ ନେଇ ଫେରିଯାଇଥିଲେ । ଏ ନେଇ ବୁଗବୁଗା ଯୋଗାଣ ସହାୟକ ସୁରେନ୍ଦ୍ର କରଙ୍କୁ ପଚରାଯିବାରୁ ଯୋଗାଣ ନିରୀକ୍ଷକଙ୍କୁ ଅବଗତ କଲାପରେ ସମସ୍ତ ପୋକରା ଚାଉଳ ଫେରସ୍ତ କରାଯାଇଛି ବୋଲି କହିଥିଲେ । ବୁଗବୁଗା ପଞ୍ଚାୟତରେ ୧୬ ଶହ ହିତାଧିକାରୀ ଥିବାବେଳେ ୩୫ ଶହ କୁଇଣ୍ଟାଲ ଚାଉଳ ଆସୁଥିବା ଯୋଗାଣ ସହାୟକ କହିଥିଲେ। ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଟଙ୍କୁ ପଚରାଯିବାରୁ ଚାଉଳ ଫେରାଯାଇଥିବା ମତ ଦେଇଥିଲେ ।

### ନବରାତ୍ର ପୂଜାରେ କଳସ ଯାତ୍ରା

**ବରଗଡ଼ ଅଫିସ୍,୧୨।୧୦:** ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା କେନାଲ ଛକରେ ଶାରଦୀୟ ନବରାତ୍ର ପୂଜା ଅବସରରେ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ବରାହଗୋଡ଼ା ଶିବ ମନ୍ଦିରରୁ ମହିଳାମାନେ ୧୦୮ କଳସ ଯାତ୍ରାରେ ବାହାରିଥିଲେ । ଗ୍ରାମ ପରିକ୍ରମା କରି ଜଳପୂର୍ଣ୍ଣ କଳସ ସହିତ ସେମାନେ ନବରାତ୍ର ଦୁର୍ଗାପୂଜା ମଣ୍ଡପକୁ ଆସିଥିଲେ । ଆଶିଷ ପ୍ରଧାନ, ସ୍ତ୍ରୀ ଦୀପାଳି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ସଂକୀର୍ତ୍ତନ ଦାଶ, ପ୍ରଫୁଲ୍ଲ କୁମାର ଦାଶ, ବବ୍ରୁବାହନ ମହାପାତ୍ର ମନ୍ତ୍ରପାଠ କରିଥିଲେ । ମହେଶ ଦାଶ ପ୍ରମୁଖ ଭୂମିକା ନିର୍ବାହ କରୁଥିବାବେଳେ ସୂରଜ କୁମାର ସାହୁ, ଘନଶ୍ୟାମ ସାହୁ, ସନ୍ତୋଷ ସାହୁ, ମନୋଜ ମେହେର ପ୍ରମୁଖ ସହଯୋଗ କରୁଛନ୍ତି । ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଏହି ସମାରୋହ ଚାଲିବ ଏବଂ ଉଦ୍‌ଯାପନୀ ଦିବସରେ ଛପନ ଭୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

### ସଂକୀର୍ତ୍ତନ ଗାୟକ, ବାଦକ ସମାରୋହ

**ବରଗଡ଼ ଅଫିସ୍,୧୨।୧୦:** ବରଗଡ଼ ବ୍ଲକ ଅନ୍ତର୍ଗତ ବୁଦେଲପାଲି ନିକଟ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସମ୍ମୁଖରେ ସଂକୀର୍ତ୍ତନ ଗାୟକ ବାଦକ କଳା ପରିବେଷଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର ତଥା ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ସମୁଦାୟ ୧୭୦ଟି ସଂକୀର୍ତ୍ତନ ଦଳ ଯୋଗଦେଇ ବାଦ୍ୟ ପରିବେଷଣ କରିଥିଲେ । ଆବାହକ ବାବା ମହାଦେବ ପ୍ରଧାନ, ସାଧୁ ମହନ୍ତ ପରମାନନ୍ଦ ଦାସ, ସାଧୁ ପ୍ରାଣବନ୍ଧୁ ଦାସ ଗାୟକ, ବାଦକ ପରିବେଷଣକୁ ପରିଚାଳନା କରିଥିଲେ। ଉଦଘାଟନୀ ସମାରୋହରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଜେଡ଼ିର ବରଗଡ଼ ଟାଉନ ସଭାପତି କିଶୋର ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଉଦଯାପନୀ ସମାରୋହରେ ବରଗଡ଼ ଲୋକସଭା ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନପତ୍ର ପ୍ରଦାନ କରିବା ସହିତ କଳାକାର ଭବନ ପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦେବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ଅମିଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

**ସମ୍ପୂର୍ଣ୍ଣ ବୀମା କ୍ଷତିପୂରଣ ପାଇଁ ଚାଲିଥିଲା ତାଲାବନ୍ଦ ଆନ୍ଦୋଳନ**

ଭେଡ଼େନ,୧୨।୧୦(ଡ଼ି.ଏନ.ଏ)

କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଧାରିତ ବୀମା ରାଶି ପ୍ରଦାନ ଦାବି ନେଇ ବରଗଡ଼ ଜିଲା ଭେଡ଼େନରେ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ଚାଷୀ ଆନ୍ଦୋଳନର ଶୁକ୍ରବାର ଦ୍ୱାଦଶ ଦିବସରେ ପହଞ୍ଚିଛି । ତେବେ ବରଗଡ଼ ସହକାରୀ ସମବାୟ ନିବନ୍ଧକ ଦିବାକର ଭୋଇ, ଭେଡ଼େନ ତହସିଲଦାର ସୀମା ସୁନୀତା କୁଲୁ ସମବାୟ ବ୍ୟାଙ୍କ ସମ୍ମୁଖସ୍ଥ ଚାଷୀଙ୍କ ଧାରଣାସ୍ଥଳକୁ ଗୁରୁବାର ଆସି ଆଲୋଚନା କରିଥିଲେ। ସମ୍ପୂର୍ଣ୍ଣ ବୀମା ରାଶି ପ୍ରଦାନ ନେଇ ରାଜ୍ୟ ସରକାର ଓ ବୀମା କମ୍ପାନୀ ଅଧିକାରୀଙ୍କ ମଧ୍ୟରେ କଲିକତାରେ ଆଲୋଚନା ହୋଇଛି । ଚାଷୀଙ୍କ ଦାବି ପ୍ରତି ବିଚାର କରାଯାଉଛି। ଦିନେ ଅଧେ ମଧ୍ୟରେ ସକରାତ୍ମକ ଫଳାଫଳ ମିଳିବ। ସୋମବାର ସୁଦ୍ଧା ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ ନିର୍ଦ୍ଧାରିତ ସମ୍ପୂର୍ଣ୍ଣ ବୀମା ରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମାହେବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ । ଏହାକୁ ବିଚାର କରି ତଥା ଆଗାମୀ ଦଶହରା ପର୍ବ ପରମ୍ପରାକୁ ସମ୍ମାନ ଦେଇ ଏହି ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ଶୁକ୍ରବାର ଚାଷୀମାନେ ନିଷ୍ପତ୍ତି ନେଇଥିଲେ । ପରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ଶତାଧିକ ଚାଷୀ ଶୋଭାଯାତ୍ରାରେ ଭେଡ଼େନ ବସ୍ତି ପରିକ୍ରମା କରି ବନ୍ଦ ଥିବା ସମସ୍ତ ସରକାରୀ ଅଫିସ ଓ ବ୍ୟାଙ୍କକୁ ଯାଇ ଏହି ନିଷ୍ପତ୍ତି ସମ୍ପର୍କରେ ଜଣାଇବା ସହ ତାଲା ଖୋଲିଥିଲେ। ପ୍ରଶାସନ ନିଜର ପ୍ରତିଶ୍ରୁତି ମୁତାବକ କାମ ନ କରି ଚାଷୀମାନଙ୍କୁ ପ୍ରତାରଣା କଲେ ଆଗାମୀ ୨୫ ତାରିଖରୁ ବ୍ୟାପକ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଶୁକ୍ରବାର ଶୋଭାଯାତ୍ରାରେ ଚାଷୀ ଉପେନ୍ଦ୍ର ଭୋଇ, ଅନିରୁଦ୍ଧ ସାହୁ, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ଶରତ ମହାପାତ୍ର, ଉମାକାନ୍ତ ନାଇକ, ବାବୁଲାଲ, ଜୟ କିଶାନ ଆନ୍ଦୋଳନର ରମେଶ ମହାପାତ୍ର, ଆପ୍ ଦଳର ଅମିତାଭ ପାତ୍ର, ଭବାନୀ ସାହୁଙ୍କ ସମେତ ଶତାଧିକ ଚାଷୀ ଭାଗ ନେଇଥିଲେ ।



ଭେଡ଼େନରେ ଚାଷୀମାନେ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରୁଛନ୍ତି ।

### ସାଂସ୍କୃତିକ ବିଚିତ୍ରା, କଳାକାର ସମ୍ବର୍ଦ୍ଧିତ

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲିରେ ନୂଆଁଖାଇ ଭେଟଘାଟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ତଥା ସଙ୍ଗୀତ ନିର୍ଦ୍ଦେଶକ ଚୈତନ୍ୟ ପାଇକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ । ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ସମାଜସେବୀ ଚନ୍ଦ୍ରଶେଖର ବାଗ, ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ର, ଯୁବନେତା ଉମେଶ ପଣ୍ଡା, ଗୌନ୍ତିଆ ପ୍ରମୋଦ ଦୋରା, ଦୁଃଖିଶ୍ୟାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ସମାଜସେବୀ ଚନ୍ଦ୍ରଶେଖର ବାଗଙ୍କୁ ଜିଲାପାଳ ଓ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ । ଲଳିତ ଭୋଇ, ଅନିରୁଦ୍ଧ ପାଇକ, ଖଗେଶ୍ୱର ସାହୁ, କଂସ କଳାକାର ଭୁବନେଶ୍ୱର ପ୍ରଧାନ, ତୁଲାରାମ ମହାନନ୍ଦ, ଖଲିଆପାଲି ହାଇସ୍କୁଲର କୀର୍ତ୍ତିଚନ୍ଦ୍ର ପ୍ରଧାନ, ହୃଦାନନ୍ଦ ଗଡ଼ୁଆ, ଯାଜ୍ଞସିନୀ ତରିଆ, ଅନିରୁଦ୍ଧ ପାଇକ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ୧୦ଟି ସଂକୀର୍ତ୍ତନ ଦଳ ଏବଂ ୧୫ଟି କରମା ନାଚକୁ ନେଇ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ହୋଇଥିଲା। ଦିଲୀପ ସୁନାଙ୍କ ସାଂସ୍କୃତିକ ଦଳ ଲୋକ ସଂସ୍କୃତି ଉପରେ ଲୋକନୃତ୍ୟ ପରିବେଷଣ କରିଥିଲେ । ସମ୍ପାଦକ ପ୍ରଭାସ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୪ଶହ ଖାଉଟି ପାଇଲେ ଏଲ୍ଇଡି ବଲ୍ବ



ବୁଡାପାଲି ସରପଞ୍ଚ ଖାଉଟିଙ୍କୁ ବଲ୍ବ ବଣ୍ଟନ କରୁଛନ୍ତି ।

ବିଜେପୁର, ୧୨।୧୦ (ଡି.ଏନ.ଏ)

ବିଜେପୁର ବ୍ଲକ ବୁଡାପାଲି ଗ୍ରାମପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାର ଖାଉଟିମାନଙ୍କୁ ମାଗଣାରେ ଏଲଇଡି ବଲ୍ବ ବିତରଣ କରାଯାଇଛି। ସରପଞ୍ଚ ଜୟକୃଷ୍ଣ ଡନସନା ପ୍ରତି ପରିବାର ପିଛା ଦୁଇଟି ଲେଖାଏଁ କରି ୪୦୦ ହିତାଧିକାରୀଙ୍କୁ ବଲ୍ବ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମମୋହନ ଯୋଶୀ, ନାଏବ ସରପଞ୍ଚ ଉର୍ମିଳା ବରିହା, ୱାର୍ଡ ସଭ୍ୟ ରବୀନ୍ଦ୍ର ବରିହା, ବଳରାମ ସାହୁ, ପ୍ରମିଳା କୁମାର, ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ଅବଶିଷ୍ଟ ହିତାଧିକାରୀଙ୍କୁ ଏଲଇଡି ବଲ୍ବ ଯୋଗାଣ କରାଯିବା ଯୋଜନା ରହିଥିବା ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଛି । ଚାମନ ଡନସନା, ଭୁବନ ସାହୁ ବଣ୍ଟନ ସହଯୋଗ କରିଥିଲେ ।

### ପଦ୍ମପୁରରେ ମୁଁ ହିରୋ

ପଦ୍ମପୁର, ୧୨।୧୦ (ଡି.ଏନ.ଏ)

ପଦ୍ମପୁର ରିକ୍ରେଶନ୍ ସେଣ୍ଟରଠାରେ ମୁଁ ହିରୋ କାର୍ଯ୍ୟକ୍ରମ ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ବିଜୁ ଯୁବ ବାହିନୀ ଗଠନର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଏବିଡିଓ ସୋନୁ ବାଗ ଏବଂ ଏନଏସି ନିର୍ବାହୀ ଅଧିକାରୀ ଅଶୋକ କୁମାର ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ସ୍ଥାନୀୟ ବିଭିନ୍ନ ଅନୁଷ୍ଠାନର କଳାକାର ତଥା ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରାଜେନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଏସ୍ଇଓ ରଜନିକାନ୍ତ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

## ଡିପ୍ଲୋମା ପାଠ୍ୟକ୍ରମରେ ବିକାଶର ସଫଳତା

ବରଗଡ଼ ଅଫିସ୍,୧୨।୧୦


ରୁକ୍ସାର୍ ବାନୋ


ଇଲା ସାହୁ


ମନ୍ଦାକିନୀ ଦେହୁରୀ


ପାମିନୀ ଦୀପ


ରାଜେଶ୍ୱରୀ ଦୀପ

ଷ୍ଟେଟ କାଉନସିଲ ଅଫ ଟେକ୍ନିକାଲ ଏଜୁକେଶନ ଆଣ୍ଡ ଭୋକେସନାଲ ଟ୍ରେନିଂ ଦ୍ୱାରା ପରିଚାଳିତ ଡିପ୍ଲୋମା ପାଠ୍ୟକ୍ରମର ୨୦୧୭-୧୮(ସମର) ପରୀକ୍ଷାର ସଦ୍ୟ ପ୍ରକାଶିତ ର୍ୟାଙ୍କରେ ବିକାଶ ପଲିଟେକ୍ନିକ୍ ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଛି । ଷଷ୍ଠ ସେମିଷ୍ଟାର ପରୀକ୍ଷାରେ ରୁକ୍ସାର ବାନୋ ୬୫୮ ମାର୍କ ରଖି କମ୍ପ୍ୟୁଟର ସାଇନ୍ସରେ ରାଜ୍ୟସ୍ତରରେ ର୍ୟାଙ୍କ-୧୦ରେ ରହିଛନ୍ତି । ଚତୁର୍ଥ ସେମିଷ୍ଟାର ପରୀକ୍ଷାରେ ପ୍ରଭାତ କୁମାର ବୋଷ ୬୫୯ ମାର୍କ ସହିତ କମ୍ପ୍ୟୁଟର ସାଇନ୍ସ ବିଭାଗରେ ରାଜ୍ୟସ୍ତରରେ ର୍ୟାଙ୍କ-୩, ଇଲା ସାହୁ ୬୪୮ ମାର୍କ ସହ ର୍ୟାଙ୍କ-୪, ଅନିମେଶ ବେହେରା ୬୩୦ ମାର୍କ ସହ ର୍ୟାଙ୍କ-୭, ହିମାଂଶୁ ଶେଖର ନାଏକ ୬୦୩ ମାର୍କ ସହ ର୍ୟାଙ୍କ-୨୪ରେ ଅଛନ୍ତି । ସେହିପରି ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାରେ ମେକାନିକାଲ ବିଭାଗର ଜର୍ମାନ ମାଡ଼ି ୬୨୨ ମାର୍କ ସହ ର୍ୟାଙ୍କ-୨୧, କମ୍ପ୍ୟୁଟର ସାଇନ୍ସ ବିଭାଗରେ ପାମିନି ଦୀପ ୬୦୪ ମାର୍କ ରଖି ର୍ୟାଙ୍କ-୩୯, ଇଲେକ୍ଟ୍ରିକାଲ ବିଭାଗର ଚୈତନ ସୋରେନ ୫୯୪ ମାର୍କ ରଖି ର୍ୟାଙ୍କ-୪୯, ମେକାନିକାଲ ବିଭାଗରେ ଜିତେନ୍ଦ୍ର କୁମାର ୫୯୩ ମାର୍କ ରଖି ର୍ୟାଙ୍କ-୫୦, କମ୍ପ୍ୟୁଟର ସାଇନ୍ସ ବିଭାଗର ଆକାଶ ଛତ୍ରିଆ ୫୮୯ ମାର୍କ ରଖି ର୍ୟାଙ୍କ-୫୪ରେ ରହିଛନ୍ତି । ଅନୁରୂପ ଭାବେ ସିଭିଲ ବିଭାଗରେ ରାଜେଶ୍ୱରୀ ଦୀପ ୫୮୦ ମାର୍କ ରଖି ର୍ୟାଙ୍କ-୬୩, ଇଲେକ୍ଟ୍ରିକାଲ ବିଭାଗର ଜଗତ ସୋରେନ ୫୭୭ ମାର୍କ ରଖି ର୍ୟାଙ୍କ-୬୬, କମ୍ପ୍ୟୁଟର ସାଇନ୍ସ ବିଭାଗର ମନ୍ଦାକିନୀ ଦେହୁରୀ ୫୭୩ ମାର୍କ ରଖି ରାଜ୍ୟସ୍ତରରେ ର୍ୟାଙ୍କ-୭୦ରେ ରହିଥିବା ବିକାଶ ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଶିକ୍ଷାନୁଷ୍ଠାନର ଏହି ସଫଳତାରେ ଅନୁଷ୍ଠାନର ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଏକାଡେମିକ୍ସ) ଭି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଶିକ୍ଷାନୁଷ୍ଠାନକୁ ବିଶ୍ୱାସ କରିଥିବା ସମସ୍ତ ଅଭିଭାବକ ତଥା କଠୋର ପରିଶ୍ରମ କରିଥିବା ଛାତ୍ରୀଛାତ୍ର, ବିକାଶ ପଲିଟେକନିକ୍ ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, କୋ ଅର୍ଡ଼ିନେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର, ସମସ୍ତ ବିଭାଗୀୟ ମୁଖ୍ୟ, ଏକାଡ଼େମିକ କୋ ଅର୍ଡ଼ିନେଟର ଏବଂ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ପ୍ରଶଂସା କରିଛନ୍ତି ।

## ଗ୍ରାମାଞ୍ଚଳ ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଓରମାସ୍ ପକ୍ଷରୁ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାର ତାଲିମ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ କାର୍ଯ୍ୟରତ ଥିବା ଯୁବତୀ ଯୁବକମାନଙ୍କୁ ନେଇ ଦିନିକିଆ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଉଦ୍‌ଘାଟନ କରିବା ସହିତ ଯୁବତୀଯୁବକଙ୍କୁ ସେମାନଙ୍କ କର୍ମସଂସ୍ଥାନ ଉପରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ସଂସ୍ଥାରେ ଡିଡିୟୁ-ଜିକେୱାଇ ମାଧ୍ୟମରେ ତାଲିମ ନେଇ ଚାକିରି ପାଇଥିବା ବରଗଡ଼ ଜିଲା ଅଧୀନ ବିଭିନ୍ନ ବ୍ଲକର ଯୁବତୀ ଯୁବକ ଯୋଗଦେଇ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ସେମାନେ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କ ଏହି ଯୋଜନାର ଉଦ୍ଦେଶ୍ୟ ଏବଂ ଏହାର ସଫଳ ରୂପାୟନ ଉପରେ ଅବଗତ କରାଇଥିଲେ । ଗ୍ରାମାଞ୍ଚଳର ଯୁବତୀ ଯୁବକଙ୍କୁ ଏହି ଯୋଜନା ସହିତ ସଂଶ୍ଳିଷ୍ଟ ହୋଇ ନିଜର ଭବିଷ୍ୟତ ଗଢ଼ି ତୋଳିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ଜିଲାରେ ଏହି ଯୋଜନାର ଆବଶ୍ୟକତା ଉପରେ କହିଥିଲେ । ଓରମାସର ସହନିର୍ଦ୍ଦେଶକ ରାଜଗୋପାଳ ଦାଶ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ସମସ୍ତ ୧୮ରୁ ୩୫ବର୍ଷ ମଧ୍ୟରେ ରହିଥିବା ବେରୋଜଗାର ଯୁବତୀ ଯୁବକମାନେ ସାମିଲ ହୋଇ କିଭଳି ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

### ସୁପ୍ରିୟା ସ୍ମାରକୀ ଫୁଟବଲ ଧୀରପୁର, ସାହାଜବାହାଲ ବିଜୟୀ

ବରଗଡ଼ ଅଫିସ୍,୧୨।୧୦

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଧୀରପୁର ଓ ସାହାଜବାହାଲ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଧୀରପୁର ଓ କମଗାଁ ଜୁନିୟର କଲେଜ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଧୀରପୁର ୫-୪ ଗୋଲରେ ବିଜୟୀ ହୋଇଥିଲା। ସେହିପରି ବରଡ଼ୋଲ ଏବଂ ସାହାଜବାହାଲ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ବରାବର ରହିଥିଲା। ବରଡ଼ୋଲର ଗୌରବ ପ୍ରଧାନ ଏବଂ ସାହାଜବାହାଲର ବିଶ୍ୱ ଜୁଏଡ଼ ପରସ୍ପର ଦଳକୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ସାହାଜବାହାଲ ୭-୬ ଗୋଲରେ ବିଜୟୀ ହୋଇଥିଲା । ସୁରେଶ ଦାଶ, ଗୋପାଳ ନାୟକ, ନିରଞ୍ଜନ ମହାକୁର, ଉମେଶ ଭୋଇ, ଚିତ୍ତ ପାଣ୍ଡେ, ମନୋଜ ଭୂୟାଁ, ଅନିଳ ବାଗ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ନାଗେନପାଲି ଓ ବରପାଲି ଏବଂ କାଇଁଶିର ଓ ସୟାଁ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

# ପ୍ରତିଭା ବିକାଶର ମାଧ୍ୟମ ହେଉଛି ସୁରଭି

ଭଟଲି/ଅତାବିରା/ଜାମଟିକ୍ରା, ୧୨।୧୦(ଡି.ଏନ.ଏ)

ଭଟଲି ବ୍ଲକ ଚଢ଼େଇ ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ ସମାରୋହରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଫରୋଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବିଇଓ ଛତ୍ରପତି ସାହୁ, ଏବିଇଓ ଅରୁଣ କୁମାର ବେହେରା, କେନ୍ଦ୍ର ସଂଯୋଜକ ନେତ୍ରାନନ୍ଦ ମେହେର, ଡୁମାଲପାଲି କେନ୍ଦ୍ର ସଂଯୋଜକ ରକ୍ଷପାଲ ମୁଗ୍ରୀ, ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ମାହାଣା, ଜନାର୍ଦ୍ଦନ ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ଉନ୍ନତ ମାଧ୍ୟମ ବୋଲି ପ୍ରକାଶ କରିଥିଲେ । ଏଥିପାଇଁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ, ନିମାଇଁ ଭୋଇ, ସୁଶାନ୍ତ ସା, ସୁଶାନ୍ତ ଦାଶ, ମହରଗୁ ଦେହେରୀ, ପୂର୍ଣ୍ଣିମା ସାହୁ ଏବଂ ବଳଦେବ ଅଣ୍ଡିଲ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଏବିଇଓ ପ୍ରଫୁଲ୍ଲ କୁମାର ନନ୍ଦ, ବ୍ଲକ ଉପାଧ୍ୟକ୍ଷ ମଦନ ସାହୁ, ଝାଙ୍କରପାଲି କେନ୍ଦ୍ର ସଂଯୋଜକ କୁଳମଣି ଭୋଇ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ବିଆର୍‌ଟି ହରିବନ୍ଧୁ ଭୋଇ ଏବଂ ହିସାବ ରକ୍ଷକ ଚନ୍ଦ୍ରଭାନୁ ଦୁଆନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ସମ୍ମାନୀତ କରିଥିଲେ । ନେତ୍ରାନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

**ଅତାବିରା, (ଡି.ଏନ.ଏ):** ଅତାବିରା ବ୍ଲକ ଛନ୍ଦପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ସୁରଭି ଅନୁଷ୍ଠିତ ହୋଇଛି । ସିଆରସିସି ଅକ୍ଷୟ କୁମାର ତ୍ରିପାଠୀ, କେନ୍ଦ୍ର ପଣ୍ଡିତ ବିବସ୍ୱ ଦାଶ, ସତ୍ୟନାରାୟଣ ପୁରୋହିତ, ପ୍ରଧାନଶିକ୍ଷକ ଅଶ୍ୱିନୀ ପ୍ରଧାନ, ଡ. ଅଜିତ କୁମାର ନାଥ ପ୍ରମୁଖ ମଞ୍ଚାସୀନ ଥିଲେ । କୈଳାସ ସେଠ, ବାହାଦୁର ସାହୁ, ରାଜେଶ ମହାକୁର, ଦିଲୀପ ରଣା ପ୍ରମୁଖ ବିଚାରକ ଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । କେଶବ ଛନ୍ଦ, ତ୍ରିବିକ୍ରମ ସେଠ, ଉପେନ୍ଦ୍ର କର୍ଣ୍ଣ, ସୁଶୀଳା ନାଏକ, ଶୈଳବାଳା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଭେଡେନ ବ୍ଲକ ଡାଲବ ଉଚ୍ଚ ବିଦ୍ୟାଳୟର କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଛି । ଦେଶଭଟିଲି ସାଧନକେନ୍ଦ୍ର ଆନୁକୂଲ୍ୟରେ ସରପଞ୍ଚ ଶେଲେଶ୍ରୀ ଡନସନା ଏହାକୁ ଉଦ୍‌ଘାଟନ କରିଥିଲେ। ୧୧ଟି ସ୍କୁଲର ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ । ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଡୋଲାମଣି କ୍ଷେତୀ, ଜିଲା ପରିଷଦ ସୁବାଷ ହୋତା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଷ୍ଣୁ କଲ୍ୟାଣ କ୍ଷୀତିଭୂଷଣ ବେହେରା, ସିଆରସିସି ଅନ୍ତର୍ଯାମୀ ଦୋରା, ରାଜେଶ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ମୋଟ ୮୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ଜଣ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ । ଶେଷରେ ଦେବକୀନନ୍ଦନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

**ଜାମଟିକ୍ରା, (ଡି.ଏନ.ଏ):** ଗରିଆଟିକ୍ରା ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଗବୁଗା କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା । ପିଲାମାନଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ସାଧନ ପାଇଁ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଠ ମୁଖ୍ୟଅତିଥି ଏବଂ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶ ପଧାନ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ମଧୁସୂଦନ ନାଏକ ଏବଂ ସିଆରସିସି କଂସମଣି ଶତପଥି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏଥିରେ ଶିକ୍ଷକ ନନ୍ଦିଘୋଷ ଭୁଏ, ଧରମ ନାଏକ, ଜଗମୋହନ ଭୁଏ, ଦିନେଶ ମହାକୁର, ମୁକେଶ ଭୁସାଗର, ମାନସ, ସନ୍ତୋଷ ଭୁଏ ଏବଂ ନିରଞ୍ଜନ ବୁଡେକ ପୂର୍ଣ୍ଣ ସହଯୋଗ କରିଥିଲେ । ଏଥିରେ ୮ଜଣ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ ।

## ସଂକ୍ଷେପରେ

### ଭୂମିକା ପକ୍ଷରୁ ନାଟ୍ୟ କର୍ମଶାଳା

**ବଲାଙ୍ଗୀର ଅଫିସ, ୧୨।୧୦:** ଅଗ୍ରଣୀ ସାଂସ୍କୃତିକ, ସାମାଜିକ ସଂଗଠନ ଭୂମିକା ପକ୍ଷରୁ ନାଟ୍ୟ କର୍ମଶାଳା ଆରମ୍ଭ ହୋଇଛି। ଏହି ନାଟ୍ୟକର୍ମଶାଳା ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ପରିସରରେ ଆଗାମୀ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବଲାଙ୍ଗୀରର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ୨୦ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି । କର୍ମଶାଳାର ପ୍ରଶିକ୍ଷକଭାବେ ବିଶିଷ୍ଟ ମଞ୍ଚନାଟକ ବିଶେଷଜ୍ଞ, ଏନ୍ଏସ୍ଡିଆନ୍ ବିଶ୍ୱଜିତ ବିଶ୍ୱାସ ଯୋଗ ଦେଇଛନ୍ତି । କର୍ମଶାଳାର ଉଦ୍ଘାଟନ ପରେ ଭୂମିକା ସଭାପତି ରୁଦ୍ରଦେବ ପ୍ରଧାନ କର୍ମଶାଳା ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ବିଶ୍ୱାସଙ୍କ ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟଶିଳ୍ପୀ ବ୍ରଜ ମୋହନ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଅବଦୁଲ ଜମାଲ ଖାନ୍, ସନାତନ ଠାକୁର ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ ଓ ଆତ୍ମପରିଚୟ ଓ ଆତ୍ମପ୍ରକାଶ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି । ଶିବିରରେ ନାଟକ ବ୍ୟତୀତ ଅନେକ ଉପାଦେୟ ପ୍ରସଙ୍ଗ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ପିଲାମାନେ ଜୀବନର ବହୁ ଗୁରୁତ୍ୱପୂର୍ଣ୍ଣ କଥା ଏଠାରେ ଶିଖିବାକୁ ପାଇବେ ବୋଲି ବିଶ୍ୱାସ କହିଛନ୍ତି । ଭୂମିକାର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟନ ମହାନ୍ତି, ବ୍ୟାସଦେବ ନନ୍ଦ, ଶକ୍ତି ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷଙ୍କ ସଇଁତଲା ଗସ୍ତ

**ସଇଁତଲା, ୧୨।୧୦(ଡି.ଏନ.ଏ.):** ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଶୁକ୍ରବାର ପୂର୍ବାହ୍ନରେ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗସ୍ତରେ ଆସିଥିଲେ। ବ୍ଲକ ରାଜୀବ ଗାନ୍ଧୀ ସଭା କକ୍ଷରେ ବ୍ଲକ ବିଜୁ ଯୁବ ବାହିନୀର ପଞ୍ଚାୟତସ୍ତରୀୟ ସମ୍ପାଦକ, କୋଷାଧକ୍ଷଙ୍କୁ ସେ ଦିଗଦର୍ଶନ ଦେଇଥିଲେ। ଯୁବ ବାହିନୀର କାର୍ଯ୍ୟ ତଥା ଗଠନ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ବିଡିଓ ଚିତ୍ତରଞ୍ଜନ ବନଗୁଲା, ଥାନା ଅଧିକାରୀ ଅବନୀ ସାହୁ, କ୍ଲଷ୍ଟର ଏଫର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ନାଏକ, ଜିଲା ସଂଯୋଜକ ଆର୍ତ୍ତତ୍ରାଣ ପାଢ଼ୀ, ରାଜେନ୍ଦ୍ର ଝାଙ୍କର, ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ ପଣ୍ଡା, ସୁରେଶ ପାତ୍ର, ଥବିର କାଲସାଏ, ବଂଶୀଧର ମେହେର, ଗ୍ରାମ ପଞ୍ଚାୟତ ଅଧିକାରୀ କିଶୋର ଚନ୍ଦ୍ର ମାନସିଂ, ଡ଼ବ୍ଲୁଇଓ ଗୌରୀ ଶଙ୍କର ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଅଶୋକ କୁମାର ରାଏ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

**ଆଜି କ'ଣ କେଉଁଠି** ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରୋଗପୋକରେ ଉଜୁଡ଼ି ଯାଉଛି ଫସଲ

**ଅମରପାଲି, ୧୨।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଅଞ୍ଚଳର ଚାଷ ଜମିରେ ଏବେ ରୋଗପୋକ ଲାଗିଛି। ଧାନ ଫସଲରେ ପତ୍ରପୋଡା, ମହିସା (ବ୍ଲାଷ୍ଟ), ପତ୍ରଛାଦା ସଡାରୋଗ, ପାନରୀ(ପତ୍ରକଟା) ଆଦି ରୋଗ ବ୍ୟାପକ ଭାବରେ ଲାଗିଥିବା ଦେଖାଯାଉଛି। ଶତାଧିକ ହେକ୍ଟର ଚାଷ ଜମିରେ ରୋଗପୋକ ମାଡିଯାଇ ଫସଲ ନଷ୍ଟ କରି ଦେଉଛନ୍ତି। ତେଣୁ ଚାଷୀ ହତାଶ ହୋଇ ପଡିଛି। ବୀରମହାରାଜପୁର ଅଞ୍ଚଳର ଅଧିକାଂଶ ଜମି ଅଣ ଜଳସେଚିତ । ତେଣୁ ଉକ୍ତ ଅଞ୍ଚଳର ଚାଷୀ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିର୍ଭର କରନ୍ତି। ଚଳିତ ବର୍ଷ ଠିକ ସମୟରେ ଆବଶ୍ୟକ ବର୍ଷା ହୋଇଥିବାରୁ ଉକ୍ତ ଅଞ୍ଚଳରେ ଭଲ ଫସଲ ହୋଇଥିଲା। ତେଣୁ ଚାଷୀ ଋଣ କରି ଭଲରେ ଧାନ ଫସଲର ଯତ୍ନ ନେବା ସହିତ ସାର ପ୍ରୟୋଗ କରିଥିଲା। ବର୍ତ୍ତମାନ ଖଣ୍ଡଗିରି, ହଜାରେଦେଶ, ଲଲାଟ ଭଳି ଛୋଟ ଧାନଗୁଡିକ ଅମଳ ହେବାର ସମୟ ହେଲାଣି । ବଡ ଧାନ ଯଥା ପୂଜା, ହଜାରେ ଏକ, ତପସ୍ୱିନୀ, ମନସ୍ୱିନୀ, ଆଉଜିଏଲ ଭଳି ଧାନଗୁଡିକ ଆଉ କିଛିଦିନ ଭିତରେ କ୍ଷୀର ଢୋକିବା ଆରମ୍ଭ କରିବାର ସମୟ ହେଲାଣି । ମାତ୍ର ରୋଗପୋକ ଯୋଗୁଁ ଫସଲରେ ନା କ୍ଷୀର ଢୋକି ପାରୁଛି ନା ଧାନ ଫୁଲୁଚି । ଚାଷୀଙ୍କ ଅଭିଯୋଗ ମୁତାବକ ପତ୍ରପୋଡା ରୋଗ ଯୋଗୁଁ ଫସଲରେ ପତ୍ରର ଟିପି ପୋଡି ଯିବା ସହିତ ପତ୍ରର ଉଭୟ ପାର୍ଶ୍ୱ ଶୁଖି ଯାଉଛି। ମହିଷା (ବ୍ଲାଷ୍ଟ) ରୋଗ ଯୋଗୁଁ ପତ୍ରରେ ଆଖି ଭଳିଆ ଦାଗ ଦେଖାଯାଉଛି। ପତ୍ରକଟା ରୋଗ ଯୋଗୁଁ ଗଛ ଧଳା ହୋଇ ଯାଉଛି ଓ କେଣ୍ଡା ଧରି ପାରୁନାହିଁ। ଏପରିକି କିଛି ଧାନ ଗଛ ଶଢ଼ି ଯାଉଛି। ତେଣୁ ଆଉ ଅମଳ ହେବାର ସମ୍ଭାବନା ଦେଖାଯାଉ ନାହିଁ।



ବୀରମହାରାଜପୁର ଅଞ୍ଚଳର ମେଣ୍ଡିଲିପାଲି ଗ୍ରାମର ଏକ ଚାଷ ଜମିରେ ରୋଗପୋକ ଲାଗି ଫସଲ ନଷ୍ଟ ହୋଇଛି।

**ରୋଗପୋକ ପାଇଁ କୀଟନାଶକ**

ଔଷଧ ମିଳୁ ନାହିଁ । ସରକାରଙ୍କ ତରଫରୁ କୀଟନାଶକ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳରେ ବିଭିନ୍ନ ସ୍ଥାନରେ କଳାବଜାରୀମାନେ ଏହାର ଫାଇଦା ନେଇ ଚଢ଼ାଦରରେ କୀଟନାଶକ ବିକ୍ରି କରୁଛନ୍ତି। ଏପରିକି ସେମାନେ ଏକ୍ସପ୍ୟାରି ଔଷଧ ଓ ନିମ୍ନମାନର କୀଟନାଶକ ଔଷଧ ବିକ୍ରି କରୁଛନ୍ତି। ମାତ୍ର ବିଭାଗ ପକ୍ଷରୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏ ନେଇ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ରୋଗର କୀଟନାଶକ ଅଛି ବୋଲି କହିଛନ୍ତି । ମାତ୍ର ଚାଷୀଙ୍କ ଅଭିଯୋଗ ମୁତାବକ କୀଟନାଶକ ସମସ୍ତ ଚାଷୀଙ୍କୁ ଦିଆଯାଉ ନାହିଁ। ଯେଉଁ ଚାଷୀମାନେ ପଞ୍ଜିକୃତ ହୋଇଛନ୍ତି କେବଳ ସେମାନଙ୍କୁ ୫୦ପ୍ରତିଶତ ରିହାତିରେ ଦିଆଯାଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ସହିତ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯାଉଛି ବୋଲି ପ୍ରଚାର କରୁଛନ୍ତି। ମାତ୍ର ସାଧାରଣ ଚାଷୀଙ୍କ ପାଖରେ କୌଣସି ସୁବିଧା ଠିକରେ ମିଳୁ ନ ଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ରୋଗପୋକ ପାଇଁ କେବଳ ପଞ୍ଜୀକୃତ ଚାଷୀଙ୍କୁ କୀଟନାଶକ ଦିଆଯାଉଥିବା ବେଳେ ବୀରମହାରାଜପୁର ଅଞ୍ଚଳରେ ହାତଗଣତି କେତେକ ଚାଷୀ ଏହି ସୁବିଧା ପାଇବେ। ଅଧିକାଂଶ ଚାଷୀ କେବେ ପଞ୍ଜିକୃତ ହୋଇଥିଲା ତାହା ଜାଣି ନଥିବା ଅଭିଯୋଗ କରିଛନ୍ତି। ତେଣୁ ଧାନ ଫସଲରେ ରୋଗପୋକ ବ୍ୟାପିଥିବାର ଅବସ୍ଥା ଦେଖି ସମସ୍ତ ଚାଷୀଙ୍କୁ ମାଗଣାରେ କୀଟନାଶକ ବଣ୍ଟନ କରିବାକୁ ଦାବି ହେଉଛି ।

**ବୀରମହାରାଜପୁର ବ୍ଲକ**

- ଶତାଧିକ ହେକ୍ଟର ଜମିର ଧାନ ଫସଲ ପ୍ରଭାବିତ
- କେବଳ ପଞ୍ଜୀକୃତ ଚାଷୀଙ୍କୁ ମିଳୁଛି କୀଟନାଶକ
- ସାଧାରଣ ଚାଷୀ ହତାଶ
- ସମସ୍ତ ଚାଷୀଙ୍କୁ ମାଗଣା କୀଟନାଶକ ଯୋଗାଣ ଦାବି

### ଉପଖଣ୍ଡ ଡାକ୍ତରଖାନାରେ ଯୋଗଦେଲେ ୨ବିଶେଷଜ୍ଞ ଡାକ୍ତର

**ବୀରମହାରାଜପୁର, ୧୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଖାଲି ପଡିଥିବା ବିଶେଷଜ୍ଞ ପଦବୀ ମଧ୍ୟରୁ ଶୁକ୍ରବାର ଦୁଇଟି ପୂରଣ ହୋଇଛି। ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଭାଗର ଡା. ସତ୍ୟନାରାୟଣ ପାଣିଗ୍ରାହୀ ଏବଂ ଶିଶୁରୋଗ ବିଭାଗର ଡା. ରବିନ୍ଦ୍ର ନାଥପଣ୍ଡା କାର୍ଯ୍ୟରେ ଯୋଗଦେଇଛନ୍ତି। ଦୀର୍ଘଦିନରୁ ଉଭୟ ବିଶେଷଜ୍ଞ ପଦ ଖାଲି ରହିବା ଫଳରେ ଜନ ଅସନ୍ତୋଷ ଦେଖାଦେଇଥିଲା। ଏହି ପ୍ରସଙ୍ଗକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ତେବେ ଏଠାରେ ସୂଚନାଯୋଗ୍ୟ ଯେ, ଉକ୍ତ ଉପଖଣ୍ଡ ଡାକ୍ତରଖାନାରେ ମେଡିସିନ ଓ ସର୍ଜରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କେହି ବିଶେଷଜ୍ଞ ନଥିବାରୁ ଅଞ୍ଚଳବାସୀ ପ୍ରମୁଖ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାର ଦେଖିବାକୁ ମିଳୁଛି।

## ଶିକ୍ଷା ଅଧିକାର ସଂଘର୍ଷ ମହାସଂଘର ପଦଯାତ୍ରା

**ସୋନପୁର,୧୨।୧୦(ନି.ପ୍ର.)**

ଶିକ୍ଷା ଅଧିକାର ସଂଘର୍ଷ ମହାସଂଘ ପକ୍ଷରୁ ଶିକ୍ଷାରେ ସଂସ୍କାର ଦାବିରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ପଦଯାତ୍ରା ଆରମ୍ଭ ହୋଇଛି। ନୂଆପଡା ଜିଲା ସିନାପାଲିରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଦୀର୍ଘ ୧୬୦୦କିଲୋମିଟର ଅତିକ୍ରମ କରି ଭୁବନେଶ୍ୱରରେ ସରିବ। ସାମାଜିକକର୍ମୀ ତଥା ରାଜ୍ୟ ସଂଯୋଜକ ଶିକ୍ଷା ଅଧିକାର ମହାସଂଘର ସୁରଥ ବେହେରାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ସଚେତନତା ପଦଯାତ୍ରା ଶୁକ୍ରବାର ସୁବର୍ଣ୍ଣପୁରରେ ପହଞ୍ଚିଛି। ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ଶିଶୁଙ୍କୁ ସରକାରୀ ବିଦ୍ୟାଳୟରେ ପାଠ ପଢାଇବା ବାଧ୍ୟତାମୂଳକ କରିବା, ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟରତ ସ୍ଥାନରେ ସରକାରୀ ବାସଗୃହ ଓ ଏହାର ଖିଲାପକାରୀଙ୍କୁ ସରକାରୀ ଚାକିରି କ୍ଷେତ୍ରରେ ପ୍ରାଥମିକତା ନ ଦେବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି । ଏ ସମ୍ପର୍କିତ ଏକ ଦାବିପତ୍ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ମଧ୍ୟ ଆଲୋଚନା କରାଯିବ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଅଶୋକ ଭୋଇ, ତ୍ରେତୟା ଆଡଜୁଆଡ, ସୁବାଷ ଘିବେଲା, କ୍ଷିରସିନ୍ଧୁ ସାଗରିଆ, ଲକ୍ଷ୍ମଣ ସୁନା ଓ ସତ୍ୟ ସାହୁ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି। ଶନିବାର ଏହି ପଦଯାତ୍ରା ବୌଦ୍ଧ ଜିଲା ଅଭିମୁଖେ ଯିବ ବୋଲି ଜଣାପଡିଛି।




ସୋନପୁରରେ ଅନୁଷ୍ଠିତ ପଦଯାତ୍ରା।

## ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ସୁବର୍ଣ୍ଣପୁର ଜିଲା

**ସୋନପୁର,୧୨।୧୦(ନି.ପ୍ର.)**

ଅଣ୍ଡା ଏକ ଶୁଦ୍ଧ ଏବଂ ସ୍ୱଳ୍ପ ମୂଲ୍ୟ ଯୁକ୍ତ ଖାଦ୍ୟ। ଯାହାକୁ କି ମହଙ୍ଗା ଯୁଗରେ ସାଧାରଣ ଲୋକେ ସହଜରେ କିଣି ପାରିବେ। ଅଣ୍ଡାରେ ପ୍ରୋଟିନ୍, ଭିଟାମିନ୍ ଏ, ଡି, ଇ, ବି୬, ବି୧୨, ବି୧, କାଲସିୟମ, ମାଗନେସିୟମ, ଆଇରନ, ଫ୍ୟାଟ୍ ଓ କାର୍ବୋହାଇଡ୍ରେଟସ୍ ଭଳି ସବୁ ପ୍ରକାର ଭିଟାମିନ୍, ଖଣିଜ ପଦାର୍ଥ ଏବଂ ପୁଷ୍ଟିସାର ଭରପୁର ରହିଛି। ତେଣୁ ସୁବର୍ଣ୍ଣପୁର ଜିଲାକୁ ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏ କ୍ଷେତ୍ରରେ ସଫଳତା ମିଳୁଛି ବୋଲି ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ମଧୁସୂଦନ ମିଶ୍ର ମତପ୍ରକାଶ କରିଛନ୍ତି। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସ୍ଥାନୀୟ ଏନଜିଓସିସି ସଭାଗୃହଠାରେ ଅନୁଷ୍ଠିତ ସଚେତନତା ସଭାରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିନୟ ଭୂଷଣ ପାତ୍ର ଅଧକ୍ଷତା କରିଥିଲେ। ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ହାଇଦ୍ରାବାଦସ୍ଥିତ ଜାତୀୟ ପୁଷ୍ଟିକର ସଂସ୍ଥାର ତଥ୍ୟ ଅନୁଯାୟୀ ଜଣେ ବ୍ୟକ୍ତିର ସନ୍ତୁଳିତ ଖାଦ୍ୟରେ ବର୍ଷକୁ ୧୮୦ଟି ଅଣ୍ଡା ରହିବା ଉଚିତ୍ । ମାତ୍ର ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚି ପାରୁନି। ଆମ ରାଜ୍ୟରେ ଜଣେ ବ୍ୟକ୍ତି ବର୍ଷକୁ ମାତ୍ର ୫୬ଟି ଅଣ୍ଡା ଖାଉଛି। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁନିଲ କୁମାର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଅଣ୍ଡା ଖାଇବା ସକାଶେ ସଚେତନତା ସୃଷ୍ଟି ପାଇଁ ଅକ୍ଟୋବର ମାସର ଦ୍ୱିତୀୟ ଶୁକ୍ରବାରକୁ ବିଶ୍ୱ ଅଣ୍ଡା ଦିବସ ଭାବେ ପାଳନ କରାଯାଉଛି। କୁକୁଡା ପାଳନ, ଅଣ୍ଡା ଉତ୍ପାଦନରେ ଗତ କିଛି ବର୍ଷ ମଧ୍ୟରେ ସୁବର୍ଣ୍ଣପୁର ଜିଲା ଯଥେଷ୍ଟ ଅଗ୍ରଗତି କରିଛି । ବର୍ତ୍ତମାନ ଦିନକୁ ୨ ଲକ୍ଷ ଅଣ୍ଡା ଜିଲାରେ ଉତ୍ପାଦନ ହେଉଛି। ଏହିପ୍ରକ୍ରିୟା ଜାରି ରହିଲେ ଅଣ୍ଡା ଉତ୍ପାଦନରେ ଆମେ ଆତ୍ମନିର୍ଭରଶୀଳ ହୋଇପାରିବା ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡିସି ଡାକ୍ତର ପ୍ରମୋଦ ପଧାନ ଅନ୍ୟତମ ସମ୍ମାନିତ ଅତିଥିଭାବେ ତାଙ୍କ ବକ୍ତବ୍ୟରେ କହିଥିଲେ ମଧ୍ୟାହ୍ନଭୋଜନରେ ପିଲାଙ୍କୁ ଓ ଗର୍ଭବତୀ ମହିଳାଙ୍କୁ ବାହାର ରାଜ୍ୟର ଅଣ୍ଡା ଦିଆଯାଉଛି। ପଶ୍ଚିମ ଓଡିଶାରେ ଅଣ୍ଡା ଉତ୍ପାଦନରେ ବଲାଙ୍ଗୀର ତଳକୁ ସୁବର୍ଣ୍ଣପୁର ଜିଲା ରହିଛି। ବର୍ତ୍ତମାନ ଜିଲାରେ ୫ଟି ଲେୟାର ୟୁନିଟ୍ କାର୍ଯ୍ୟକ୍ଷମ ଅଛି। ଅଣ୍ଡା ବାହାର ଜିଲାକୁ ରପ୍ତାନି ହେଉଛି। ଆଉ ୨ଟି ୟୁନିଟ୍ର ଏବେ କାର୍ଯ୍ୟ ଚାଲିଛି। କୁକୁଡା ଅଣ୍ଡା ଫାର୍ମ ପାଇଁ ସରକାର ସବ୍ସିଡି ପ୍ରଦାନ କରୁଛନ୍ତି। ଆଗ୍ରହୀ ଲୋକେ ଏହାର ଲାଭ ଉଠାଇ ପାରିବେ। ଏଥିପାଇଁ ଭଲ ବଜାର ସୁବିଧା ଥିବାରୁ ଲୋକେ କୁକୁଡା ପାଳନ କରି ମାଂସ ଓ ଅଣ୍ଡା ବିକି ବେଶ ଦି ପଇସା ରୋଜଗାର କରି ପାରୁଛନ୍ତି ବୋଲି ଡାକ୍ତର ପଧାନ କହିଥିଲେ। ଜିଲା ପ୍ରଶିକ୍ଷଣ ସଂଯୋଜକ ବୁବନାନନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କୁକୁଡା ଚାଷୀ ଓ ମହିଳା ଯୋଗ ଦେଇଥିଲେ ।



ଅଣ୍ଡା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ସୋନପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର ସଫଳତା

**ସୋନପୁର,୧୨।୧୦(ନି.ପ୍ର.)**

ଗୋଆର ଇସଲାମ କମ୍ୟୁନିଟି ହଲଠାରେ ଗତ ୬ ଓ ୭ ତାରିଖରେ ଆୟୋଜିତ ଜାତୀୟ ଓପନ କରାଟେ ଚାମ୍ପିୟନଶିପ୍‌ରେ ସୋନପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର ଖେଳାଳିଙ୍କୁ ସଫଳତା ମିଳିଛି। ସୋନପୁରର ଦୁଇ ଜଣଙ୍କୁ ସ୍ୱର୍ଣ୍ଣ, ଦୁଇ ଜଣଙ୍କୁ ରୌପ୍ୟ ଓ ତିନି ଜଣ ଖେଳାଳିଙ୍କୁ କାଂସ୍ୟ ପଦକ ମିଳିଛି। ବିଦ୍ୟାଳୟର କୋଚ୍ ସୁରଜ ପୁଝାରୀଙ୍କ ନେତୃତ୍ୱରେ ୭ ଜଣ ଖେଳାଳି ଏହି ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ରୋସନ ଦାସ ଓ ଅଜିତ ଗିରିଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା ବେଳେ ଦେବଦତ୍ତ ନାଏକ ଓ ଆକାଶ କ୍ଷେତି ରୌପ୍ୟ, ରୋସନ ସାହୁ, ଶକ୍ତିମାନ ମହାରଣା ଓ କନ୍ଦର୍ପ ଭାଇନା କାଂସ୍ୟ ପଦକ ଅର୍ଜନ କରି ଜିଲାକୁ ଗୌରବାନ୍ୱିତ କରିଛନ୍ତି।




କରାଟେ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ଖେଳାଳିମାନେ।

### ବିନିକାରେ ଶାରଦୀୟ ଦୁର୍ଗାପୂଜା

## ଉଚ୍ଚଶବ୍ଦକାରୀ ବାଦ୍ୟ ଉପରେ ରୋକ

**ସିଂଘିଯୁବା,୧୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ପୂଜା କମିଟିଗୁଡିକ ନାନାବିଧ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ପୂଜାରମ୍ଭରୁ ଭସାଣୀ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରଶାସନ ମଧ୍ୟ ଅଣ୍ଟା ଭିଡିଛି। ଚଳିତ ବର୍ଷ ଭସାଣୀରେ ଉଚ୍ଚଶବ୍ଦ କରୁଥିବା ଡିଜେ ସାଉଣ୍ଡ ଉପରେ ରୋକ୍ ଲଗାଇଛି ପ୍ରଶାସନ। ଏ ନେଇ ବିନିକା ଥାନାରେ ବୁଧବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଉର୍ଲେ ଛକ, ବିଶାଳପାଲି ଛକ, କଲେଜ୍ ଛକ, ବସ୍ଷ୍ଟାଣ୍ଡ ଟ୍ରାଫିକ ଛକ୍, ଦୈନିକ ବଜାର ପ୍ରାଙ୍ଗଣ ପ୍ରଭୃତି ବ୍ୟସ୍ତବହୁଳ ଛକମାନଙ୍କରେ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରିବା ଉପରେ ଆଲୋଚନା କରାଯାଇଥିଲା। ଭସାଣି ଶୋଭାଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୂଜା କମିଟି କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ । ବିନିକା ଥାନା ଅଧିକାରିଣୀ କଲ୍ୟାଣୀ ବେହେରା କହିଛନ୍ତି ଏଥର ଦଶହରାରେ ୬୫ଡିସ୍‌ବିଲର କେବଳ ମାଇକ୍ (ଲାଉଡସ୍ପିକର) ବଜା ହେବ। ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ବୈଠକରେ ବିଶ୍ୱ ନାୟକ, ପ୍ରଶାନ୍ତ ଦଣ୍ଡସେନା, ପବିତ୍ର ନାୟକ, ପର୍ଶୁରାମ ମହାଲିଙ୍ଗ, ମିତ୍ରସେନ ଶର୍ମା, ଦିଲ୍ଲୀପ ବେହେରା, ବବଲୁ ମହାନନ୍ଦ, ସନ୍ତୋଷ ପଣ୍ଡା, ରାଜେଶ ସାହୁ, ପ୍ରତାପ ଭୋଇଙ୍କ ସହ ବିନିକା ସହରର ଶତାଧିକ ନାଗରିକ ଉପସ୍ଥିତ ଥିଲେ।

# କାମରେ ଆସୁନି ପ୍ରାଣୀଧନ ଚିକିତ୍ସାଳୟ

■ ଖାଲି ପଡିଛି ଏଲ୍ଆଇ ପଦବୀ ■ ସଙ୍କଟରେ ପ୍ରାଣୀ ସମ୍ପଦ

**ସିଘିଯୁବା,୧୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଙ୍କିଘିର୍ଡି ପ୍ରାଣୀଧନ ଚିକିତ୍ସାଳୟଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ୨୦୧୭-୧୮ଆର୍ଥିକ ବର୍ଷରେ ଏହି ଚିକିତ୍ସାଳୟ ଖୋଲିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ ଦାୟିତ୍ୱ ନେଇଥିଲା। ହେଲେ ଦେଢବର୍ଷ ନ ବିତୁଣୁ ଏହି ନବନିର୍ମିତ କେନ୍ଦ୍ରର ଅବସ୍ଥା ଏବେ ଅତି ଦୟନୀୟ ହୋଇଗଲାଣି । ନିମ୍ନମାନର କାମ ଯୋଗ ଏପରି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେନ୍ଦ୍ରର ସିମେଣ୍ଟ ବାଡା ଧସି ଗଲାଣି। ୨ଟି ଗୃହର ଆଜବେଷ୍ଟସ ଛାତ ଭାଙ୍ଗିରୁଜି ଗଲାଣି। ଏଥିସହିତ କେନ୍ଦ୍ର ଚତୁଃପାର୍ଶ୍ୱରେ ବିଭିନ୍ନ ଗୁଳ୍ମଲତା, ଅଳିଆ ଆବର୍ଜନା ମାଡିଗଲାଣି। କହିବାକୁ ଗଲେ ବର୍ତ୍ତମାନ ଚିକିତ୍ସାଳୟର ଭୂତକୋଠିପାଲଟିଯାଇଛି। ଏସବୁମୌଳିକ ଭିତ୍ତିଭୂମି ଅଭାବ ସାଙ୍ଗକୁ ଚିକିତ୍ସା କେନ୍ଦ୍ରରେ ବହୁମାସ ହେଲା ଏଲ୍.ଆଇ(ଲାଇଭଷ୍ଟକ ଇନ୍ସପେକ୍ଟର) ନାହାନ୍ତି। ଏହି ପଦବୀ ପୂରଣ ପାଇଁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ ମଧ୍ୟ ଅଦ୍ୟାବଧି ଏହା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଏସବୁ ସମସ୍ୟା ମଧ୍ୟରେ ବଳି ପଡୁଛି ପ୍ରାଣୀ ସମ୍ପଦ । କିଛିଦିନ ତଳେ ବାଙ୍କିଘିର୍ଡି ପଞ୍ଚାୟତର ସଦର ଗାଁ ବାଙ୍କିଘିର୍ଡି, ସାରଙ୍ଗପାଲି, କୁକୁଡାଝୋଳି ଓ ହୁଡୁମା ଆଦି ଗାଁରେ ଫାଟୁଆ ରୋଗ ବ୍ୟାପିଥିଲା । ମାତ୍ର ଏହି କେନ୍ଦ୍ରରେ ପଶୁ ଚିକିତ୍ସକ ନଥିବା ହେତୁ ଲୋକମାନେ କ୍ୱାକ୍ମାନଙ୍କଦ୍ୱାରା ଗୃହପାଳିତ ପଶୁମାନଙ୍କର ଚିକିତ୍ସା କରାଇ ଅଯଥା ଖର୍ଚ୍ଚାନ୍ତ ହୋଇଥିଲେ। ଏଥିସହିତ ଭେକ୍ସିନ ମଧ୍ୟ ଗୃହପାଳିତ ପଶୁଙ୍କୁ ଦିଆଯାଇ ପାରୁନାହିଁ । ଏହି ପରିସ୍ଥିତିରେ ଯଥାଶୀଘ୍ର ଏହି କେନ୍ଦ୍ରରେ ଖାଲି ପଡିଥିବା ଏଲ୍ଆଇ ପଦବୀ ପୂରଣ କରିବା ସହ ନିମ୍ନମାନର ଗୃହ ନିର୍ମାଣରେ ହୋଇଥିବା ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ବିନିକା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ବିଜୟ ପାତ୍ରଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।



ଅବହେଳିତ ହୋଇ ପଡିଥିବା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର।

**ଏମାନେ ଯାହା କୁହନ୍ତି...**



"ଗୋପାଳନ କରି ପରିବାର ପୋଷଣ କରେ। ହେଲେ ଗୋରୁଙ୍କ ଚିକିତ୍ସା ପାଇଁ ବାଙ୍କିଘିର୍ଡି ପଶୁ ଚିକିତ୍ସାଳୟ ଆମର କୌଣସି କାମରେ ଆସୁନାହିଁ। ଦୀର୍ଘମାସ ହେଲା ଏଠାରେ ଡାକ୍ତର ନାହାନ୍ତି। ପୁନଶ୍ଚ ରକ୍ଷଣାବେକ୍ଷଣ ଅଭାବରୁ ନବନିର୍ମିତ କେନ୍ଦ୍ର ମଧ୍ୟ ଭାଙ୍ଗିରୁଜି ଗଲାଣି।

**-ଆନନ୍ଦ ରାଉତ, ବାଙ୍କିଘିର୍ଡି**



"ଚଳିତ ବର୍ଷ ଫାଟୁଆ ରୋଗରେ ମୋର ୨ଟି ଛେଳି ମରିଗଲେ। ପ୍ରାଣୀଧନ ଚିକିତ୍ସକ ନ ଥିବାରୁ ଠିକ୍ଣା ସମୟରେ ଚିକିତ୍ସା ମିଳିଲାନି। କ୍ଷତି ସହିଲି। ଏଭଳି ସମସ୍ୟା ଅନ୍ୟମାନଙ୍କୁ ବି ହେଉଥିବ। ଅବିଳମ୍ବେ ପଦକ୍ଷେପ ନେବା ଜରୁରୀ।

**-ନାରାୟଣ ଭୁଏ,ବାଙ୍କିଘିର୍ଡି**



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



**ସଂକ୍ଷେପରେ**



## ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସିଲା ବସ୍

**ବଲାଙ୍ଗୀର ଅଫିସ, ୧୨।୧୦:** ବଲାଙ୍ଗୀରରୁ ପାଟଣାଗଡ ଯାଉଥିବା ଘରୋଇ ବସ୍ ପଦ୍ମା ଟ୍ରାଭେଲ୍ସ(ଓଆର୦୩ଏଚ୍ ୯୮୫୫)ର ଶୁକ୍ରବାର ଅପରାହ୍ଣରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଖସି ଯାଇଥିଲା। ତେବେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ନ ହୋଇ ରହିଯିବାରେ ଏକ ବଡ ଧରଣର ବିପଦ ଟଳିଥିଲା । ଅଳ୍ପକେ ଯାତ୍ରୀମାନେ ବର୍ତ୍ତିଥିଲେ । ପାଟଣାଗଡ ଯାଉଥିବା ବସ୍ ହର୍ଡାଟାଲ ନିକଟରେ ଷ୍ଟିଅରିଂ ଫେଲ ହୋଇଯାଇଥିବା ଗାଡିର ଡ୍ରାଇଭର ଓ ଯାତ୍ରୀମାନେ କହିଛନ୍ତି। ତେବେ ଗତି ବେଶି ନ ଥିବାରୁ କୌଣସି ସମସ୍ୟା ହୋଇ ନ ଥିଲା। ବସ୍‌ରେ ଥିବା ଯାତ୍ରୀମାନେ ତଳକୁ ଓହ୍ଲାଇ ପଡିଥିଲେ ।

### ନୂଆଁବନ୍ଧଆଡି ଦୁର୍ଗା ମନ୍ଦିର

# ନବଦିନାତ୍ମକ ପୂଜା ମୁଖ୍ୟ ଆକର୍ଷଣ

**ବଲାଙ୍ଗୀର ଅଫିସ, ୧୨।୧୦**





ନୂଆଁବନ୍ଧଆଡି ଦୁର୍ଗା ମନ୍ଦିରରେ ଦୁର୍ଗାଙ୍କ ଚନ୍ଦ୍ରଘଣ୍ଟା ବେଶ (ବାମ) । ମନ୍ଦିରରେ ନବଦିନାତ୍ମକ ପୂଜା ଚାଲିଛି ।

- ସକାଳେ ତୁଳସୀ ରାମାୟଣ ପାରାୟଣ
- ସନ୍ଧ୍ୟାରେ ଭାଗବତ ଜ୍ଞାନଯଜ୍ଞ

ବଲାଙ୍ଗୀର ନୂଆଁବନ୍ଧଆଡି ମା' ଦୁର୍ଗା ମନ୍ଦିରରେ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି । ଦୁର୍ଗା ପୂଜା କମିଟି ପକ୍ଷରୁ ପରିଚାଳିତ ଏହି ପୂଜାରେ ଦେଉଳପଦର ଗ୍ରାମର ପ୍ରଭୁଦତ୍ତ ମିଶ୍ର ମୁଖ୍ୟ ପୂଜକ ଭାବେ ପୂଜା ସମ୍ପାଦନ କରୁଛନ୍ତି । ନୀତି ଭୂଜକ ଭାବେ ବଲାଙ୍ଗୀରର ପ୍ରକାଶ ଚନ୍ଦ୍ର ଷଡଙ୍ଗୀ ଓ ଚଣ୍ଡିପାଠକ ତଥା ସହପୂଜକ ଭାବେ ମିର୍ଦ୍ଧାପାଲିର ବିଶ୍ୱଜିତ୍ ମିଶ୍ର ପୂଜା ସମ୍ପାଦନରେ ସହଯୋଗ କରୁଛନ୍ତି । ଗତ ୯ ତାରିଖଠାରୁ ବିଲ୍ୱବରଣ ପରେ ଧବଳମୁଖୀ ବେଶରେ ଦେବୀ ଦୁର୍ଗାଙ୍କ ପୂଜାର୍ଚ୍ଚନା ହୋଇଥିଲା । ବୁଧବାର କଳସ ସ୍ଥାପନ ଓ ଅଖଣ୍ଡ ଦୀପ ପ୍ରଜ୍ୱଳନ ତଥା ଶୈଳପୁତ୍ରୀ ପୂଜା, ଗୁରୁବାର ବ୍ରହ୍ମଚାରିଣୀ ପୂଜା, ଶୁକ୍ରବାର ଚନ୍ଦ୍ରଘଣ୍ଟା ବେଶରେ ଦେବୀ ଦର୍ଶନ ଦେଇଛନ୍ତି । ଶନିବାର କୁଷ୍ମାଣ୍ଡା, ରବିବାର ସ୍କନ୍ଦମାତା, ସୋମବାର କତ୍ୟାୟନୀ, ମଙ୍ଗଳବାର ମହାସପ୍ତମୀ ତିଥିରେ କାଳରାତ୍ରୀ ପୂଜା ଅନୁଷ୍ଠିତ ହେବ। ଏହିଦିନ ଭାଇଜୀଉଁଟିଆ ପୂଜା କରାଯିବ। ବୁଧବାର ମହାଗୌରୀ ଓ ସନ୍ଧିପୂଜା, ଗୁରୁବାର ମହାନବମୀ ତିଥିରେ ସିଦ୍ଧିଦାତ୍ରୀ ପୂଜା, ଶୁକ୍ରବାର ଦଶମୀ ତିଥିରେ ପୂର୍ଣ୍ଣାହୁତି ଓ ଅପରାଜିତା ପୂଜା ସମ୍ପନ୍ନ ହେବ । ଦୁର୍ଗାପୂଜା ଅବସରରେ ଚଳିତବର୍ଷ ପ୍ରତ୍ୟହ ସକାଳ ୯ଟାରୁ ମନ୍ଦିର ପରିସରରେ ତୁଳସୀ ରାମାୟଣ ପାରାୟଣ କରାଯାଉଛି। ବ୍ୟାସ ପ୍ରକାଶ ଚନ୍ଦ୍ର ଷଡଙ୍ଗୀ ରାମାୟଣ ପାରାୟଣ କରୁଛନ୍ତି । ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ଏଠାରେ ଭାଗବତ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି । ଶ୍ୟାମାନନ୍ଦଜୀ ମହାରାଜ ପ୍ରବଚନ ଦେଉଛନ୍ତି । ପୂଜା କାର୍ଯ୍ୟରେ ମୁଖ୍ୟକର୍ତ୍ତାଭାବେ ରୁଦ୍ରାଶିଷ ପୁରୋହିତ ଓ ରୀତାରାଣୀ ପୁରୋହିତ ଦାୟିତ୍ୱ ନିର୍ବାହ କରୁଛନ୍ତି। ନୂଆଁବନ୍ଧଆଡି ଦୁର୍ଗାପୂଜା କମିଟି ସଭାପତି ବାଳମକୁନ୍ଦ ବେହେରା, ସମ୍ପାଦକ ଶଙ୍କରଲାଲ ବରାଇ ଓ କୋଷାଧ୍ୟକ୍ଷ ପ୍ରେମାନନ୍ଦ ନାଏକ ସମସ୍ତ କାର୍ଯ୍ୟକୁ ପରିଚାଳନା କରୁଛନ୍ତି । ଆଧ୍ୟାତ୍ମିକ ପରିବେଶ ଭିତରେ ନବଦିନାତ୍ମକ ପୂଜା ସମ୍ପନ୍ନ ହେଉଥିବାରୁ ପ୍ରତ୍ୟହ ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ ଲାଗିରହିଛି । ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମରେ ବିଶେଷ ଭିଡ ପରିଲକ୍ଷିତ ହେଉଛି । ଏହାବାଦ୍ ତୁଳସୀ ରାମାୟଣ ଓ ଭାଗବତ ଜ୍ଞାନଯଜ୍ଞରେ ଶତାଧିକ ଲୋକ ଯୋଗ ଦେଉଛନ୍ତି । ଗତ ଦୁଇଦିନ ଧରି ସାମୁଦ୍ରିକ ଝଡ ତିତ୍‌ଲି ପ୍ରଭାବରେ ବର୍ଷା ଓ ପବନ ସତ୍ତ୍ୱେ ପୂଜାସ୍ଥଳୀରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ଅଖଣ୍ଡ ଦୀପଦର୍ଶନ ସହ ପ୍ରତ୍ୟହ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିବାରୁ ଶ୍ରଦ୍ଧାଳୁମାନେ ବିଶେଶ ସଂଖ୍ୟାରେ ଏଠାକୁ ଆସୁଛନ୍ତି। ପୂଜା କମିଟି ସଦସ୍ୟ ପ୍ରଭାତ ଗୁରୁ, ପ୍ରହଲ୍ଲାଦ ଦର୍ଜୀ, ସଞ୍ଜୀବ ସାହାଣୀ, ସୁଶାନ୍ତ ଚୋପଦାର, ସୁଧୀର ପଣ୍ଡା, ଗୌର ପୃଷେଠ୍, ପ୍ରିୟରଞ୍ଜନ ବହିଦାର, ସମୀର ସାହାଣୀ ଓ ଅନ୍ୟମାନେ ସକ୍ରିୟ ସହଯୋଗ ଜାରି ରଖିଛନ୍ତି ।

## ପାଟଣାଗଡ଼ ପଞ୍ଚାୟତ ସମିତିର ବୈଠକ

**ପାଟଣାଗଡ, ୧୨।୧୦(ଡି.ଏନ.ଏ.)**

ପାଟଣାଗଡ ପଞ୍ଚାୟତ ସମିତିର ବୈଠକ ରାଜୀବ ଗାନ୍ଧୀ ସେବା ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଖାଉଟି କଲ୍ୟାଣ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ, ଶିଶୁ ବିକାଶ ଏବଂ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ରାଶନ କାର୍ଡ ପାଇବାରୁ ବହୁ ହିତାଧିକାରୀ ବଞ୍ଚିତ ହୋଇଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ବିଡିଓ ସଞ୍ଜୀବ କୁମାର ମେହେର ରାଶନ କାର୍ଡ କିପରି ହିତାଧିକାରୀମାନେ ସହଜରେ ପାଇପାରିବେ ତାହା ଉପରେ କହିଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧୀନ ୩୦ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରେ ନୂତନ ଭାବେ ଖୋଳା ଯାଇଥିବା ନଳକୂପଗୁଡିକ ଅବିଳମ୍ବେ ସମ୍ପୂର୍ଣ୍ଣ କରିବା, ଗ୍ରାମର ଆଲୋକୀକରଣ, ଓଭରହେଡ ଟ୍ୟାଙ୍କ ନିର୍ମାଣ, ଚାଷୀମାନଙ୍କୁ କୃଷି ବିଭାଗ ପକ୍ଷରୁ ଦିଆଯାଉଥିବା କୃଷି ଯନ୍ତ୍ରପାତି ଠିକ୍ ଭାବରେ ଦିଆଯିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ଜିପିଓ ପ୍ରମୋଦ ଦାଶ ଧନ୍ୟବାଦ ଦେଇଥିଲେ।

# ଠିକା କର୍ମଚାରୀଙ୍କୁ ମିଳିନି ୫ ମାସର ଦରମା

## ସିଡିଏମ୍ଓ-ଅଧୀକ୍ଷକଙ୍କ ଭିତରେ ପେଷି ହେଉଛନ୍ତି

**ବଲାଙ୍ଗୀର ଅଫିସ, ୧୨।୧୦**

ବଲାଙ୍ଗୀରର ସନ୍ଥ ଭୀମଭୋଇ ସରକାରୀ ଭେଷଜ ମହାବିଦ୍ୟାଳୟର ୩୦ଜଣ ଠିକା କର୍ମଚାରୀଙ୍କୁ ଗତ ୫ମାସ ହେଲା ଦରମା ମିଳିନାହିଁ । ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏ ଦିଗରେ କେହି ନ ଶୁଣିବାରୁ ଠିକା କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଠିକା କର୍ମଚାରୀ ସଂଘ ସଭାପତି ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ଠିକା କର୍ମଚାରୀମାନେ ଶୁକ୍ରବାର ବଲାଙ୍ଗୀରର ମେଡିକାଲ କଲେଜକୁ ଯାଇ ତିନ୍‌ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଗତ ମେ ମାସରେ ୧୫ ଜଣ ଠିକା କର୍ମଚାରୀ ମେଡିକାଲ କଲେଜରେ ଆଟେଣ୍ଡାଣ୍ଟ ଏବଂ ହେଲପର ଭାବେ ଏକ ଠିକା ସଂସ୍ଥା ଜରିଆରେ ନିଯୁକ୍ତ ହୋଇଥିଲେ । ଗତ ଜୁଲାଇ ମାସରେ ପୁଣି ୧୫ ଜଣ ଠିକା କର୍ମଚାରୀଙ୍କୁ ମେଡିକାଲ କଲେଜରେ ନିଯୁକ୍ତ କରାଯାଇଥିଲା। କେୟାର ସିକ୍ୟୁରିଟି ଏବଂ ଏଲାଇଡ୍ ଲିମିଟେଡ କମ୍ପାନୀ ଜରିଆରେ ଏହି ଠିକା କର୍ମଚାରୀମାନେ ନିଯୁକ୍ତ ହୋଇଥିଲେ। ନିଯୁକ୍ତ ହେବାଠାରୁ ସେମାନଙ୍କ କାର୍ଯ୍ୟ ସମ୍ପାଦନା କରିଆସୁଛନ୍ତି । ତେବେ ନିଯୁକ୍ତ ହେବା ଦିନଠାରୁ କୌଣସି ଠିକା କର୍ମଚାରୀ ଉଚିତ୍ ଦରମା ପାଇ ନ ଥିବା ଅଭିଯୋଗ କରିଛନ୍ତି । ୧୫ଜଣ କର୍ମଚାରୀ ଗତ ୫ମାସ ହେଲା ଦରମା ପାଇ ନ ଥିବାବେଳେ ଅନ୍ୟ ୧୫ଜଣ ୩ ମାସ ହେଲା ଦରମା ପାଇନାହାନ୍ତି । ଏ ଦିଗରେ ବଲାଙ୍ଗୀରର ସିଡିଏମ୍ଓ ଏବଂ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବାରମ୍ବାର ପଚରା ଯାଇଥିଲେ ମଧ୍ୟ ସେମାନେ କିଛି ପଦକ୍ଷେପ ନେଇନାହାନ୍ତି । ଆଗକୁ ଦଶହରା ପୂଜା ଆସୁଥିବାବେଳେ ଦରମା ନ ପାଇଁ ଠିକା କର୍ମଚାରୀମାନେ ଚିନ୍ତାରେ ପଡିଛନ୍ତି । ସିଡିଏମ୍ଓ ଡା ସୁଜ୍ଞାନେନ୍ଦ୍ର ମିଶ୍ର ଏକ ଚିଠି ଯୋଗେ ବଲାଙ୍ଗୀର ମେଡିକାଲ କଲେଜର ସମସ୍ତ କର୍ମଚାରୀ ଏବେ କଲେଜ ଅଧିକ୍ଷକଙ୍କ ଜରିଆରେ ରହିବେ ବୋଲି ସୂଚନା ଦେଇଥିଲେ । ଏହାପରେ ଠିକା କର୍ମଚାରୀମାନେ ମେଡିକାଲ କଲେଜ ଅଧିକ୍ଷକ ଡା ନାରାୟଣ ଆଚାର୍ଯ୍ୟଙ୍କୁ ଭେଟି ସେମାନଙ୍କ ଦରମା ସମ୍ପର୍କରେ ଜଣାଇଥିଲେ । ତେବେ ଅଧିକ୍ଷକ ଆଚାର୍ଯ୍ୟ ତାଙ୍କ ଦରମା ସମ୍ପର୍କରେ ତାଙ୍କୁ କିଛି ଜଣାନାହିଁ ଓ ଏନେଇ ସିଡିଏମ୍ଓଙ୍କୁ ଯୋଗାଯୋଗ କରିବାକୁ କହିଥିଲେ । ସିଡିଏମ୍ଓ ଓ ଅଧିକ୍ଷକ ଠିକା କର୍ମଚାରୀଙ୍କୁ ଏଭଳି ଉତ୍ତର ଦେବାପରେ ଠିକା କର୍ମଚାରୀ ସଂଘ ସଭାପତି ନାୟକଙ୍କ ନେତୃତ୍ୱରେ ଠିକା କର୍ମଚାରୀମାନେ ଶୁକ୍ରବାର ମେଡିକାଲ କଲେଜକୁ ଯାଇଥିଲେ । ତେବେ ସେଠାରେ କଲେଜ କର୍ତ୍ତୃପକ୍ଷଙ୍କ ତରଫରୁ ଡା ମାନସୀ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ । ଠିକା କର୍ମଚାରୀଙ୍କ ଦରମା ବାବଦକୁ କ'ଣ ପଦକ୍ଷେପ ନିଆଯାଇପାରିବ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ଡା ପଣ୍ଡା କହିବା ପରେ ସେଠାରୁ ସେମାନେ ଫେରିଥିବା ଜଣାପଡିଛି । ଏ ନେଇ ଶୁକ୍ରବାର ଶ୍ରମିକ ଭବନଠାରେ ସଂଘ ସଭାପତି ନାୟକ ଏକ ଖବରଦାତା ସମ୍ମିଳନୀ ଡାକି ଘଟଣା ସମ୍ପର୍କରେ ଅବଗତ କରିବା ସହ ଦଶହରା ପୂର୍ବରୁ ଠିକା କର୍ମଚାରୀଙ୍କ ଦରମା ଦିଆ ନ ଗଲେ ବିକଳ୍ପ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟହେବେ ବୋଲି ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ଗତ ୫ ମାସ ଧରି ସେମାନେ ବିନା ଦରମାରେ କିଭଳି କଷ୍ଟଭୋଗୀ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି କହିଥିଲେ ।

### ବଡବନ୍ଧରେ ନବରାତ୍ର ଦୁର୍ଗାପୂଜା

# ରାମଲୀଳା ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ

**ଦେଓଗାଁ,୧୨।୧୦(ଡି.ଏନ.ଏ.)**



ରାମଲୀଳା ପ୍ରତିଯୋଗିତାରେ ପର୍ଣ୍ଣ କୁଟୀରରେ ସୀତା ଏକାକୀ ଥିବାର ଦୃଶ୍ୟ ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧରେ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି । ଏହି ଅବସରରେ ପ୍ରତ୍ୟହ ରାମଲୀଳା ପ୍ରତିଯୋଗିତା ଓ ରାମ ଚରିତ ମାନସ ପାରାୟଣ ମୁଖ୍ୟ ଆକର୍ଷଣ ପାଲଟିଛି । ସୋମବାର ଅଧିବାସ ପୂଜା ଆରମ୍ଭ ହୋଇଥିଲା ଆସନ୍ତା ୨୦ତାରିଖ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ । ପାରାୟଣରେ ବ୍ୟାସଭାବେ ବଲାଙ୍ଗୀରର ରାଜେଶ ବେଦବାଗ ଦାୟିତ୍ୱ ତୁଲାଉଛନ୍ତି। ପାରାୟଣ କର୍ତ୍ତା ଭାବେ ମହାଦେବ ଗଡତ୍ୟା ଓ ନିରୂପମା ଗଡତ୍ୟା,ନବରାତ୍ର ଦୁର୍ଗାପୂଜା କର୍ତ୍ତାଭାବେ ସୁଶୀଲ କୁମାର ଚାନ୍ଦ ଓ ରଶ୍ମିତା ଚାନ୍ଦ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ଆଚାର୍ଯ୍ୟଭାବେ ସୁଦର୍ଶନ ପୁରୋହିତ ଓ ଚଣ୍ଡୀପାଠରେ ପାଠକଭାବେ ସନ୍ତୋଷ କୁମାର ନନ୍ଦ ରହିଛନ୍ତି । ରାମଲୀଳା ପ୍ରତିଯୋଗିତାର ପ୍ରଥମ ଦିନରେ ମାକ୍ରି ରାମଜୀ କଳାପରିଷଦ ନାଟକ ମଞ୍ଚସ୍ଥ କରିଥିଲା । ପ୍ରତିଯୋଗୀତା ଚୟନ କମିଟି ସଭାପତି ସୁଶୀଲ କୁମାର ଚାନ୍ଦ ଓ ସମ୍ପାଦକ ରାଘବ ଗଡତ୍ୟା ଉପସ୍ଥିତ ଥିଲେ । ନାଟକ ପରିଚାଳନାରେ ଲିଙ୍ଗରାଜ ପଧାନ, ସନାତନ ମେହେର, ସନ୍ତୋଷ ପଧାନ, ବାଞ୍ଛାନିଧି ଗଡତ୍ୟା, ମାନଭଞ୍ଜନ ଗଡତ୍ୟା, ଗୌରାଙ୍ଗ ବେମାଲ, ବିଶ୍ୱନାଥ ପୁରୋହିତ, ଛବିଳ ବାଗ, ଓଁକାର ପଧାନ ପ୍ରମୁଖ ସହଯୋଗ କରୁଛନ୍ତି ।

## ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ଖପ୍ରାଖୋଲ, ୧୨।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ସଭାପତି ଭୁଜ ସାହୁ, ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା, ସିଆରସିସି ସନ୍ତୋଷ କୁମାର ବାଗ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କୁମର ମାଝି, ସାମାଜିକ କର୍ମୀ ମାୟାଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ନାଚଗୀତ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃଷ୍ଣଧର ପାତ୍ର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩୦ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

**ଖପ୍ରାଖୋଲ, ୧୨।୧୦(ଡି.ଏନ.ଏ.)**



ମନ୍ତ୍ରୀ ସୁଶାନ୍ତ ସିଂ ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଖାଉଟୀ କାର୍ଡ ବଣ୍ଟନ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ଶ୍ରମ, ଶକ୍ତି ଓ ଇଏସଆଇ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଯୋଗାଣ ଅଧିକାରୀ ଅଭିରାମ ପଧାନ, ଖପ୍ରାଖୋଲ ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବରିହା, ଉପଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମେହେର, ଏମପି ପ୍ରତିନିଧି ଗୋବିନ୍ଦ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ଖାଉଟି ସୁରକ୍ଷା ଯୋଜନା ୨୦୧୮ରେ ଚିହ୍ନଟ ହିତାଧିକାରୀଙ୍କୁ ମୁଖ୍ୟଅତିଥି ସିଂ ଖାଉଟି କାର୍ଡ ବଣ୍ଟନ କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ଯୋଗ୍ୟ ପରିବାରକୁ ଏଥିରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହାକୁ ଅନାହାରରେ ରହିବାକୁ ଦିଆଯିବ ନାହିଁ ବୋଲି ନେଇଥିବା ସଂକଳ୍ପ ଏହାଦ୍ୱାରା ସାକାର ହୋଇପାରିବ ବୋଲି ସେ କହିଥିଲେ। ଖପ୍ରାଖୋଲ ବ୍ଲକରେ ୫୯୮୩ଙ୍କୁ ନୂତନ ରାଶନ କାର୍ଡ ଦିଆଯିବାର ବ୍ୟବସ୍ଥା ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୯୯୦ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ପାଇଁ ଆସିଥିବା ବେଳେ ସମାରୋହରେ ୧୩୦ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଯୋଜନାରୁ ବାଦ ପଡିଥିବା ନେଇ ବହୁ ହିତାଧିକାରୀ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାମୟୀ ସାହୁ ,ବିପ୍ର ବିଶି, ଜିପିଇଓ ସୁଶାନ୍ତ ପାଣି, ଯୋଗାଣ ନିରୀକ୍ଷକ ରାଜାରାମ ହୋତା, ସହକାରୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ, ଖପ୍ରାଖୋଲ ସରପଞ୍ଚ ଉପେନ୍ଦ୍ର ଭୋଇ, ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପିଇଓ, ଯୋଗାଣ ସହାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପିଇଓ ପ୍ରଦୀପ ଶତପଥୀ ପରିଚାଳନା କରିଥିବା ବେଳେ ଯୋଗାଣ ନିରୀକ୍ଷକ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଇରିଗେସନ ଛକଠାରୁ ଖପ୍ରାଖୋଲ ବ୍ଲକ ବିଜେଡି ତରଫରୁ ମନ୍ତ୍ରୀ ସିଂଙ୍କୁ ଭବ୍ୟ ସ୍ୱାଗତ ଓ ଶୋଭାଯାତ୍ରା ସହ ବ୍ଲକ କାର୍ଯ୍ୟାଳୟ ଯାଏଁ ପାଛୋଟି ଆଣିଥିଲେ।ଏଥିରେ ଯୁବନେତା ସରୋଜ ମେହେର, ରାଜକୁମାର ପାଣିଗ୍ରାହୀ, ବନମାଳୀ ଖମାରୀ, ଇନ୍ଦୁଭୂଷଣ ଠାକୁର, ପଞ୍ଚୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡିପଡ଼ିଲା

**ବଲାଙ୍ଗୀର ଅଫିସ, ୧୨।୧୦**

**ଘୁଷୁରୀ ମୃତ, ବର୍ତ୍ତିଲେ ପଥଚାରୀ**



ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ଗେଟ୍ ସମ୍ମୁଖ ଦେଇ ଯାଇଥିବା ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା । ଏଥିଯୋଗୁଁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁଇଟି ଘୁଷୁରୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ସମ୍ପୃକ୍ତ ବାଟରେ ଯାଉଥିବା ପଥାଚାରୀ ବର୍ତ୍ତି ଯାଇଛନ୍ତି। ଗୁରୁବାର ରାତିରେ ବର୍ଷା ହେବା ପରେ ରିଜର୍ଭ ପୋଲିସ ଗେଟ୍ ସମ୍ମୁଖ ବିଦ୍ୟୁତ୍ ତାର ଛିଣ୍ଡି ରାସ୍ତା କଡରେ ପଡିଥିଲା । ସକାଳୁ ଘୁଷୁରୀମାନେ ସେହି ବାଟ ଦେଇ ଯାଇଥିବାବେଳେ ଦୁଇ ଘୁଷୁରୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ମରି ଯାଇଥିଲେ । ରାସ୍ତାକଡରେ ଜୀବନ୍ତ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲେ ମଧ୍ୟ ପଥଚାରା ଓ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ରାତିରୁ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଫଳରେ ଏଭଳି ଘଟିଥିବା କୁହାଯାଇଛି । ସମ୍ପ୍ରତି ପୂଜା ସମୟରେ ଏହି ରାସ୍ତାଟି ବ୍ୟସ୍ତବହୁଳ ହୋଇପଡିଛି । ତେବେ ବିଭାଗ ପକ୍ଷରୁ କୌଣସି ସତର୍କତା ଅବଲମ୍ବନ କରାଯାଇନାହିଁ। ପ୍ରତିବର୍ଷ ଏହି ଅଞ୍ଚଳରେ ତାର ଛିଣ୍ଡୁଥିବା ଲୋକେ ଅଭିଯୋଗ କଲେ ମଧ୍ୟ ବିଭାଗ ଉଚିତ୍ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।



ବଲାଙ୍ଗୀର ତୁଳସୀନଗରର ନବରାତ୍ର ପୂଜାରେ ମା' ଦୁର୍ଗା ପୂଜା ପାଉଛନ୍ତି । (ଫଟୋ-ସୁନୀଲ) ।

# ସରକାରୀ ସାହାଯ୍ୟ ଅପେକ୍ଷାରେ ଉଷାକାନ୍ତି

**ଲୋଇସିଂହା,୧୨।୧୦(ଡି.ଏନ.ଏ.)**



ପୁଓର ସଂଗେ ଚନ୍ଦ୍ରକାନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍‌ର ବାଦିବାହାଲ ଗାଁ। ଇ ଗାଁର ଶୁଭଙ୍କର ମେହେର(୩୨)କଁର ଗଲା ଜୁନ ମାସେ ମୁରତ୍ତୁ ହେଇଯାଇଛେ। ଏନ୍‌ତାଥି ପରିବାରରେ ଥିବାର ତାକର ମା'ବାପ୍, ମାଏଝି ଆର୍ ଦେଢ଼ବଛରର ପୁଓ ଅସାହା ହେଇଯାଇଛନ୍। ଆପ୍‌ନେକେ ହରେଇ ଉଷାକାନ୍ତି ପୂରାପୂରି ଭାଂଗି ପଡିଛନ୍। କେନ୍‌ଥେଇ ଛୁଆର ଅଭିଷତ୍ ଗଢ଼ବେ, ଭରନପୋଷନ୍ କରବେ ସେ ଚିନ୍‌ତାରେ ହରମେଶା ଘାରି ହେଉଛନ୍ ଉଷାକାନ୍ତି। ଲୋଇସିଂହା ବ୍ଲକ୍ ବାଦିବାହାଲ ପଁନ୍‌ଚେତ ସଦର ଗାଁର ମେହେର ପଡାର ସଖୀ ମେହେର ଆର କଷ୍ଟ ମେହେରକଁର ଗୁଟେ ବଲି ପୁଓ ଶୁଭଙ୍କର। ଦୁଇବଛର ତଲେ ସେ ଉଷାକାନ୍ତିକେ ବିହା ହେଇଥିଲେ। ହେଲେ ଗଲା ୫ ମାସ୍ ତଲେ କେହେନ୍‌ସି କାରନ୍‌ରୁ ଶୁଭଙ୍କର ଜୀବନହାରି ଦେଇଥିଲେ। ଏହେଦେ ତାକର ଦେଢ଼ବଛର୍‌ର ପୁଓ ଆର ମାଏକିନା ଚନ୍ଦ୍ରକାନ୍ତି ଅଛନ୍। ବୁରୁଧି କଷ୍ଟକଁର ଅଲପ୍ ଜମି ଅଛେ, ଯେନ୍‌ଥିରେ ପରିବାର ଚଲାବାର ସମ୍ଭବ ନୁହେ। ସେଥିଲାଗି ସେ ରାକ୍ଷୀ, ବର୍‌ତ ତିଆର କରି ଗାଁ ଗାଁ ବୁଲି ବିକୁଥିଲେ ଆର ସେଥିରୁ ଯାହା ପାଉଥିଲେ ପରିବାର ଚଳୁଥିଲା। କଷ୍ଟ ଏହେଦେ ବୁଢ଼ା ହେଲାରୁ ଅପାରବାର ହେଇ ବଛର କେତେ ହେଲା ଖଟେ ପଡିଛନ୍। ପରିବାର୍‌ର ଅଭାବ୍ ଅନାଟନ, ଦୁଖ୍‌ଦୁର୍‌ଦଶା ସହି ନାଇଁପାରି କରି ଶୁଭଙ୍କର ଗଲା ଜୁନ ମାସେ ଜୀବନ୍ ହାରିଦେବାର ଲେଖେଁ ଚରମ ପଦକ୍ଷେପ ନେଇଥିବାର ଗାଁବାସୀ କହିଛନ୍। ପରିବାର୍‌ର ଝନେ ବଲି ରୁଜ୍‌ଗାରିଆ ଲୋକ୍ ଚାଲିଗଲା ଉତାରୁ ଏହେଦେ ୪ ପରାନୀ କୁଟୁମ୍ ପୂରାପୂରି ଅସାହା ହେଇଯାଇଛନ୍। ଉଷାକାନ୍ତିକଁର ଶାଶ୍ ଶଶୁରକଁର ରାଶନ କାର୍ଡ ଅଛେ। ହେଲେ ସେଥିରେ ସେମାନେ ୧୦ କେ.ଜି. ଚାଉଲ ପାଉଛନ୍। ବୁରୁଧି କଷ୍ଟ ଖାଲି ବୁଢ଼ାବୁଢ଼ୀ ଭତା ପାଉଥିଲା ବେଲେ ସଖୀକୁଁ ୬୦ ବଛର ଡେଗିଥିଲେ ବି ଭତା ନାଇଁ ପାଏବାର। ଏନ୍‌ତାଥି ପରିବାର ଚଲାବାର ସଂଗେ ଛୁଆର ଚିକିତ୍ସା ଖରଚ ତୁଲାବାର ବହୁତ୍ ଭିଡ୍ ପଡୁଛେ ବଲି ଉଷାକାନ୍ତି କହିଛନ୍। ଜିଲା ପରଶାସନ ଅତି କମ୍‌ରେ ମତେ ଅନ୍ତ୍ୟୋଦୟ କାର୍ଡ ଆର୍ ବିଧବା ଭତା ଯୁଗେଇ ଦେଲେ ଏହେଦ୍‌କାର ପରିସ୍ଥିତିରେ ପୁଓର ଉଷୋକସା ଖରଚ୍ କରିପାରତି ବଲି କଁଦ୍‌କଁଦ୍‌ନିଆଁ ହେଇ ସେ କହିଛନ୍।

## ସଂକ୍ଷେପରେ

### ବ୍ଲକ କ୍ୟାମ୍ପସ ଦୋକାନରୁ ଚୋରି

ନୂଆପଡା ଅଫିସ,୧୨।୧୦

ସ୍ଥାନୀୟ ସଦର ବ୍ଲକ କ୍ୟାମ୍ପସରୁ ଏକ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗୁରୁବାର ବିଳମ୍ବିତ ରାତିରେ ଚୋରମାନେ ତାଲା ଭାଙ୍ଗି ବହୁ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ପତ୍ର ଚୋରି କରି ନେଇଥିବା ପ୍ରକାଶ । ଦୋକାନୀ ଲୋକନାଥ ନାଏକ ସବୁ ଦିନ ଭଳି ରାତି ୯ଟା ସମୟରେ ଦୋକାନ ତାଲା ବନ୍ଦ କରି ଘରକୁ ଯାଇଥିଲେ । ସକାଳ ୪ଟା ବେଳେ ଆସି ଦେଖିଲାବେଳକୁ ତାଲା ଭାଙ୍ଗି ଚୋରି ହୋଇଯାଇଛି । ଏହା ଉପରେ ପୋଲିସରେ ସୂଚନା ଦେବା ପରେ ନୂଆପଡା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



### ଦାଣ୍ଡିଆନୃତ୍ୟ ଉଦ୍‌ଘାଟିତ

ନୂଆପଡା ଅଫିସ,୧୨।୧୦

ସ୍ଥାନୀୟ ତେଲିପଡା ଦୁର୍ଗାପୂଜା ମଣ୍ଡପ ପରିସରରେ ପୂଜା କମିଟି ତରଫରୁ ନବରାତ୍ରି ଅବସରରେ ହେଉଥିବା ଦାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହାକୁ ପୂଜା କମିଟି ସଭାପତି ମହେଶ କୁମାର ନିଆଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ ପୂଜା କମିଟି ବିଷ୍ଣୁ ଚରଣ ଭୁୟାଁ, ମୂରଲୀଧର ସୁନା, କ୍ରିଷ୍ଣାର୍ଜୁନ ସିଂ, ଟଙ୍କଧର ସାହୁ, ସରୋଜ କୁମାର ସାହୁ, ଘାସିରାମ ବାଗ ପ୍ରମୁଖ ଯୋଗଦେଇଥିଲେ। ଏହି ଦାଣ୍ଡିଆ ନୃତ୍ୟ ରାତି ୮ଟାରୁ ଆରମ୍ଭ ହୋଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିବାକୁ ଥିବା କମିଟି ସୂତ୍ରରୁ ପ୍ରକାଶ । କାର୍ଯ୍ୟକ୍ରମରେ ସହରର ତେଲିପଡାର ବହୁ ଭଦ୍ରବ୍ୟକ୍ତି ଯୋଗଦେଇଥିଲେ ।

### ଅଖିଳ ଭାରତୀୟ ସଂସ୍କାର ଭାରତୀ ଜାତୀୟ କାର୍ଯ୍ୟକ୍ରମ

ଭବାନୀପାଟଣା,୧୨।୧୦(ଡି.ଏନ.ଏ.)

କଳା ଓ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟରତ ଅଖିଳ ଭାରତୀୟ ସଙ୍ଗଠନ ସଂସ୍କାର ଭାରତୀର ବାର୍ଷିକ ସାଧାରଣ ସଭାରେ କଳାହାଣ୍ଡି ଜିଲାର ୪ ବରିଷ୍ଠ ସଂସ୍କାର ଭାରତୀ କର୍ମକର୍ତ୍ତା ଯୋଗଦେବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଦିଲ୍ଲୀସ୍ଥିତ ମହାତ୍ମାଗାନ୍ଧି ସ୍ମୃତି ଓ ଦର୍ଶନ ସମିତି ରାଜଘାଟ ସଭା ଗୃହରେ ଅନୁଷ୍ଠିତ ଏହି ବାର୍ଷିକ ସାଧାରଣ ସଭାରେ ପଶ୍ଚିମ ଓଡିଶା ପ୍ରାନ୍ତ ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରେକୃଷ୍ଣ ଭୋଇ, କୋଷାଧ୍ୟକ୍ଷ ଉମେଶଚନ୍ଦ୍ର ପଣ୍ଡା, ମହିଳା ପ୍ରମୁଖ ଜ୍ୟୋତିରାଣୀ ଦାସ ଯୋଗଦେଇଥିଲେ। ଏହି ସଭାରେ ସମଗ୍ର ଭାରତ ବର୍ଷର ସଂସ୍କାର ଭାରତୀ ଦ୍ୱାରା ଗଠିତ ୪୭ଟି ପ୍ରାନ୍ତର ସଭାପତି, ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ମହିଳା ପ୍ରମୁଖ ସହିତ ଅଖିଳ ଭାରତୀୟ କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

# କିଶୋରୀ ନୀରୋଗ ହେଲେ ସୁସ୍ଥ ସମାଜ ଗଠନ ହେବ

- ବିଶ୍ୱ ଶିଶୁ କନ୍ୟା ଦିବସରେ ଶିଶୁମେଳା
- କିଶୋରୀଙ୍କ ଦ୍ୱାରା ସଚେତନତା ବାର୍ତ୍ତା

ନୂଆପଡା ଅଫିସ,୧୨।୧୦

ଶିଶୁ କନ୍ୟା ବା କିଶୋରୀମାନେ ସୁସ୍ଥ ହେବା ଦରକାର । ମାନସିକ ଏବଂ ଶାରିରୀକ ସ୍ତରରେ ସୁସ୍ଥ ହେଲେ ଏକ ସୁସ୍ଥ ଶିଶୁଙ୍କୁ ଜନ୍ମ ଦେବେ । ତେବେ ସୁସ୍ଥ କିଶୋରୀ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ ପାଇଛି । ବିଶ୍ୱ ଶିଶୁ କନ୍ୟା ଦିବସ ଅବସରରେ ଆୟୋଜିତ କିଶୋରୀ ମେଳାରେ ଅତିଥିମାନେ ଯୋଗଦେଇ ଏହି ମତ ରଖିଥିଲେ । ସ୍ଥାନୀୟ ଭରଦ୍ୱାଜ ମଣ୍ଡପଠାରେ ସାମାଜିକ ସଂଗଠନ ସେଭ ଦି ଚିଲଡ୍ରେନ ଏବଂ ଆଶା ଓଡିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ କିଶୋରୀ ମେଳାରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଛନ୍ତି । ପୂର୍ବାହ୍ନ ୧୧ଟା ସମୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶା ଓଡିଶାର ସଭାପତି ସରସ୍ୱତୀ ମହନ୍ତ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ଯୋଗଦେଇଥିଲେ। ସେହିପରି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପି.କେ.ଭି. ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ, ଡିପିଏମ ବିଶ୍ୱମ୍ଭର ବେହେରା, ନୂଆପଡା ବ୍ଲକ ଗାର୍ଲ ଚାଇଲ୍ଡ ଫେଡେରେସନ ସଭାପତି ମମତା ସାହୁ, ସେଭ ଦି ଚିଲଡ୍ରେନର ଜିଲା ଅଧିକାରୀ ବିଦ୍ୟାଧର ମେହେର,




କିଶୋରୀ ମେଳାରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ଡିପିଏମୟୁର ତାଲିମ ଅଧିକାରୀ ନିବେଦିତା ସାମଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗାର୍ଲ ଚାଇଲ୍ଡ ଫେଡେରେଶନର ସମ୍ପାଦକ ଶାଳିନୀ ସାହୁ, ଅଞ୍ଜଳୀ ରଥ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଏଥିରେ କିଶୁ, କିଶୋରୀମାନଙ୍କର ଅଧିକାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ବକ୍ତାମାନେ କିଶୋରୀ ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କରେ ଗୁରୁତ୍ୱ ଦେଇଥିବାବେଳେ ସେମାନଙ୍କ ସଚେତନତା ଉପରେ ସାମାଜିକ ଅବସ୍ଥା ନିର୍ଭର କରିଥାଏ ସେ ଉପରେ ଆଲୋକପାତ କରିଥିଲେ । ଯୁବକମାନଙ୍କର ବିବାହ ବୟସ ଯେଭଳି ୨୧ରହିଛି । ସେହିଭଳି ଭାରତୀୟ ଆଇନ ବ୍ୟବସ୍ଥାରେ ଯୁବତୀମାନଙ୍କର ବିବାହ ବୟସ ୧୮ରହିଛି । କିନ୍ତୁ ଏହାକୁ ଆମେ ଯୁବକମାନଙ୍କ ସହ ତାଳ ଦେଇ ୨୧ବର୍ଷ ବୟସକୁ ନେବା ଉଚିତ ବୋଲି ବକ୍ତାମାନେ ମତ ରଖିଥିଲେ । ଏହା ହେଲେ ଉଭୟ ଯୁବତୀଯୁବକମାନଙ୍କ ମଧ୍ୟରେ ମାନସିକ ଏବଂ ଶାରିରୀକ ପରିପକ୍ୱତା ଆସିବ ବୋଲି କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଶିଶୁକଳାକାରମାନେ ଦାଦନ, ବାଲ୍ୟବିବାହ, କିଶୋରି ମାତୃତ୍ୱ, ଲିଙ୍ଗଗତ ଭେଦବାବ, ପରିମଳ ଉପରେ ବିଭିନ୍ନ ସଚେତନତା ଧର୍ମୀ ନାଟକ ପରିବେଷଣ କରି ସଚେତନତା ସୃଷ୍ଟି କରିଥିଲେ । ଏଥିରେ ବ୍ଲକର କିଶୋରୀ ଫାଉଣ୍ଡେଶନ ଜାଗୃତୀ, ମଦର ଟେରେସା, ଅନନ୍ୟା, ତୁଳସୀ, ସାଇପଲେନ, ଶିବାନୀ, ରାଣୀ ଲକ୍ଷ୍ମୀବାଇର ବହୁ କିଶୋରୀମାନେ ଯୋଗଦେଇ ସେମାନଙ୍କର ବିଭିନ୍ନ କ୍ଷେତ୍ରରେ ଥିବା କୃତିତ୍ୱ ଦେଖାଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆଶା ଓଡିଶାର ସଂଯୋଜକ ସଞ୍ଜୀବ ନାୟକ, ରଶ୍ମୀତା ବେହେରା, ହସିନା ଅଖତରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଖୋଲା ଆକାଶ ତଳେ ୩ ପରିବାର

**ତିତ୍‌ଲି ପ୍ରଭାବ: ଘର ଭାଙ୍ଗିଲା**

ଲାଞ୍ଜିଗଡ଼,୧୨।୧୦(ଡି.ଏନ.ଏ.)

ବାତ୍ୟା ତିତ୍‌ଲିର ପ୍ରଭାବରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଓ ଲାଞ୍ଜିଗଡରେ ୩ଟି ମାଟିଘର ଭାଙ୍ଗିଯାଇଛି। ଫଳରେ ସମ୍ପୃକ୍ତ ୩ ପରିବାର ଏବେ ବେଘର ହୋଇ ଖୋଲା ଆକାଶ ତଳେ ଥିବା ଜଣାପଡିଛି । ସୂଚନା ଅନୁଯାୟୀ, ବିଶ୍ୱନାଥପୁର ବସ୍ତିପଡ଼ାର ନାରାୟଣ ପ୍ରଧାନୀଙ୍କ ମାଟିଘର ଗୁରୁବାର ସନ୍ଧ୍ୟାର ବର୍ଷା ପବନରେ ଭାଙ୍ଗି ଯାଇଥିବାବେଳେ ଅଳ୍ପକେ ଶିଶୁ ପୁତ୍ରଙ୍କ ସମେତ ସ୍ତ୍ରୀସ୍ୱାମୀ ବର୍ତ୍ତି ଯାଇଛନ୍ତି । ଘରେ ଥିବା ଚାଉଳ, ଧାନ, ଲୁଗାପଟା ତଥା ଆସବାବ ପତ୍ର ସବୁ ନଷ୍ଟ ହୋଇଯାଇଛି। ସେହିପରି ବିଶ୍ୱନାଥପୁର କଲୋନୀ ପଡାର ଜଣେ ନିରାଶ୍ରୟ ବିଧବା ମହିଳାଙ୍କ ମାଟିଘର ମଧ୍ୟ ଭାଙ୍ଗି ଯାଇଛି । ଲାଞ୍ଜିଗଡ କଲୋନୀପଡାରେ ବବଲୁ ନାଏକ ନାମକ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଯାଇଥିବା ବେଳେ ତାଙ୍କ ପରିବାର ମଧ୍ୟ ଏବେ ଖୋଲା ଆକାଶ ତଳେ ରହୁଥିବା ଦେଖିବାକୁ ମିଳିଛି । କ୍ଷତିଗ୍ରସ୍ତ ନାରାୟଣଙ୍କ ଘରକୁ ବ୍ଲକ ଅଧ୍ୟକ୍ଷ ଇଂ ଫକୀର ମୋହନ ମାଝି ଗସ୍ତ କରିବା ସହ କିଛି ଅକାର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ସେହିପରି ଲାଞ୍ଜିଗଡ ଅତିରିକ୍ତ ତହସିଲଦାର ଦିବାକର ବାଗଙ୍କ ନିର୍ଦ୍ଦେଶରେ ବିଶ୍ୱନାଥପୁର ରାଜସ୍ୱ ନିରୀକ୍ଷକ ବେଘର ନାରାୟଣଙ୍କୁ ଏକ ପଲିଥିନ ପ୍ରଦାନ କରିଥିବା ବେଳେ ବିଶ୍ୱନାଥପୁର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗ୍ରାମ ରୋଜଗାର ସେବକ ମୀନକେତନ ଦଳେଇ ମଧ୍ୟ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କ୍ଷତିଗ୍ରସ୍ତ ବିଧବା ମହିଳା ଓ ଲାଞ୍ଜିଗଡର କ୍ଷତିଗ୍ରସ୍ତ ବବଲୁଙ୍କ ପାଖରେ ଏଯାଏଁ କୌଣସି ସହାୟତା ପହଞ୍ଚି ନ ଥିବା ଜଣାପଡିଛି । ସେମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଦାବି ହେଉଛି ।



ବାତ୍ୟା ତିତ୍‌ଲି ପ୍ରଭାବ ବର୍ଷାରେ ଘର ଭାଙ୍ଗିପଡ଼ିଛି ।

### କେସିଙ୍ଗା ବ୍ଲକର ବିଭିନ୍ନ ସମସ୍ୟା, ଘରଡିହ ପଟ୍ଟା ପ୍ରଦାନ ଦାବି

# ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ସ୍ମାରକପତ୍ର

କେସିଙ୍ଗା, ୧୨।୧୦ (ଡି.ଏନ.ଏ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବୋରିଆ ଗ୍ରାମପଞ୍ଚାୟତ ନାଗୁପଲା କଲୋନୀ ପଡାବାସୀଙ୍କୁ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ କରିବା ପାଇଁ ଗ୍ରାମବାସୀ ତଥା ବିଜେଡି ଜିଲା ସମ୍ପାଦକ ଭବାନୀଶଙ୍କର ନିଆଲ ଦାବି କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ନିକଟକୁ ସ୍ମାରକପତ୍ର ପଠାଇଛନ୍ତି। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ୨୬ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଅଧୀନରେ ୧୭ଟି ପଞ୍ଚାୟତ ଓ ନର୍ଲା ନିର୍ବାଚନ ମଣ୍ଡଳୀ ଅଧୀନରେ ୯ଟି ପଞ୍ଚାୟତ ଅବସ୍ଥିତ। ଏହି ବ୍ଲକ ୩ଟି ଜିଲା ପରିଷଦ ଜୋନରେ ବିଭକ୍ତ ହୋଇ ସର୍ବମୋଟ ୧ ଲକ୍ଷ ୩୫ ହଜାର ୬୭ ଲୋକ ବାସ କରନ୍ତି। କେସିଙ୍ଗା ବ୍ଲକ ବୋରିଆ ଗ୍ରାମପଞ୍ଚାୟତ ୪ ହଜାର ୨୩୬ ଜନସଂଖ୍ୟା। ଗତ ୧୯୭୫-୭୬ରେ କେସିଙ୍ଗା ବ୍ଲକ ପଥର୍ଲା ଗ୍ରାମରେ ଲଗାତର ବନ୍ୟା ଓ ବାତ୍ୟା ହେବା ଯୋଗୁ ୪୦୦ଟି ପରିବାରକୁ କେସିଙ୍ଗା ଏନଏସି ଅନ୍ତର୍ଗତ ବୋରିଙ୍ଗପଦର ପଲକାପଡା ୱାର୍ଡ ନଂ. ୮ରେ କିଛି କଲୋନୀ ଘର ନିର୍ମାଣ କରାଯାଇ ପ୍ରାୟ ୧୫୦ ପରିବାରକୁ ସ୍ଥାପିତ କରାଯାଇଥିଲା। ବୋରିଆ ଗ୍ରାମପଞ୍ଚାୟତ ନାଗୁପଲା କଲୋନୀଠାରେ ୨୫୦ଟି ପରିବାରକୁ ରଖାଯାଇଥିଲା। ପରିବାର ପ୍ରତି ୪ ଡିସିମିଲ ଲେଖାଏଁ ଜମି ଆବଣ୍ଟନ କରାଯାଇ ଲିଜ ପଟ୍ଟା ପ୍ରଦାନ କରିଥିଲେ। କିନ୍ତୁ ସେହି ଲିଜ୍ ପଟ୍ଟାକୁ ରାଜସ୍ୱ ବିଭାଗ ପକ୍ଷରୁ ୧୯୮୮ରେ ବାତିଲ କରାଯାଇ ଖଜଣା ନେବା ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବରେ ବର୍ତ୍ତମାନ ସୁଧା ବନ୍ଦ କରି ଦିଆଯାଇଛି। ଯାହା ଦ୍ୱାରା ନାନା ସମସ୍ୟା ଦେଖାଯାଇଛି। ଗତ ୧୯୭୫ରୁ ଜମି ପଟ୍ଟା ପ୍ରଦାନ କରାଯାଇ ନ ଥିବାରୁ କଲୋନୀ ପଡାବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀଙ୍କୁ ପଚାରିବାରୁ ମୁଁ ତ ଜାଣି ନାହିଁ, ତଦନ୍ତ କରି ଉପଜିଲାପାଳଙ୍କ ସହିତ କଥା ହେବି ବୋଲି ପ୍ରକାଶ କରିଥିଲେ।

# ଜିଲାସ୍ତରୀୟ ସୂଚନା ଅଧିକାର ସମାବେଶ

ଭବାନୀପାଟଣା,୧୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବାଜଗତ, କଳାହାଣ୍ଡି ଜିଲା ଆରଟିଆଇ ଫୋରମ୍, ଅଗ୍ରଗାମୀ, ୟୁରୋପିୟନ୍ ୟୁନିୟନ୍ ମିଳିତ ଉଦ୍ୟମରେ ଭବାନୀପାଟଣା ଅର୍ବାନ୍ ପିଏଚ୍‌ସି ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସୂଚନା ଅଧିକାର ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ସାମାଜିକ ସମୀକ୍ଷକ, ଅଗ୍ରଗାମୀର ନିର୍ଦ୍ଦେଶକ ଅଚ୍ୟୁତ ଦାସ, ସେବାଜଗତ ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ, ଜିଲା ସୂଚନା ଅଧିକାର ଫୋରମ୍‌ର ଆବାହକ ଅଜୟ ମିଶ୍ରଙ୍କ ସହ ଜିଲାର ପ୍ରାୟ ୬୦ ଜଣରୁ ଊର୍ଦ୍ଧ୍ୱ ସୂଚନା କର୍ମୀ ଯୋଗଦେଇଥିଲେ। ୟୁରୋପିୟନ୍ ୟୁନିୟନ୍ ଏହି ପ୍ରକଳ୍ପର ୫ ବର୍ଷର ରାଜ୍ୟସ୍ତରୀୟ ସଫଳତା ବିଷୟରେ ଅଗ୍ରଗାମୀର ଦାସ ବର୍ଣ୍ଣନା କରିଥିବା ବେଳେ ସେବା ଜଗତର ପ୍ରକଳ୍ପ ସଂଯୋଜିକା ରୋଶନାରା ମହାନ୍ତି, ପ୍ରେମ




ଜିଲାସ୍ତରୀୟ ସୂଚନା ଅଧିକାର ସମାବେଶରେ ମଞ୍ଚାସୀନ ଅତିଥି ।

ଶେମିଲି କଳାହାଣ୍ଡି ଜିଲା କାର୍ଯ୍ୟକ୍ରମର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଥୁଆମୂଳ ରାମପୁର, ମଦନପୁର ରାମପୁର ତଥା ଭବାନୀପାଟଣାରୁ ଆସିଥିବା ଆରଟିଆଇ କର୍ମୀ, ବିଭିନ୍ନ ସଙ୍ଗଠନ ସୂଚନା ଅଧିକାର ଆଇନକୁ ନେଇ ବିଭିନ୍ନ ସଫଳତା ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଟଙ୍କଧର ବର୍ଗତ୍ତି, ଗୌରଚନ୍ଦ୍ର ନାୟକ, ଚନ୍ଦ୍ରଶେଖର ବାବୁ, ସରୋଜ ଦାସ, ସଂଗ୍ରାମ କେଶରୀ ବାବୁ ପ୍ରମୁଖ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ । ଜିଲା ସାମାଜିକ ସମୀକ୍ଷକ ଶଶାଙ୍କ ଶେଖର ଭୋଇ ସୂଚନା ଅଧିକାର ଆଇନକୁ ବ୍ୟବହାର କରି ଏହି ପ୍ରକଳ୍ପ କଳାହାଣ୍ଡିର ୧୦୦ଟି ଗ୍ରାମରେ ହୋଇଥିବା ସଫଳତା ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜ ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା ସୂଚନା ଅଧିକାର ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନାକୁ ଗୁରୁତ୍ୱ ଦେଇଥିଲେ। ଆବାହକ ଅଜୟ ମିଶ୍ର ରାଜ୍ୟସ୍ତରୀୟ ଆରଟିଆ ମତାମତ ତଥା ଏହାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିବା ଦିଗରେ ମତାମତ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସେବାଜଗତ ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ ପରିଚାଳନା କରିଥିଲେ।

### ଡାକ୍ତରଙ୍କ ଧାରଣା ୧୧ଦିନରେ

# ଦାବି ପୂରଣ ନ କଲେ ଉଠିବୁ ନାହିଁ : ଓମ୍‌ସା

ନୂଆପଡା ଅଫିସ,୧୨।୧୦

ସରକାର ରାଜ୍ୟରେ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କ ପାଇଁ ବହୁ ସୁବିଧା କରୁଥିବାବେଳେ ରାଜ୍ୟର ଉପାନ୍ତ ଅଞ୍ଚଳମାନଙ୍କରେ ଡାକ୍ତରମାନେ ଦିନ ରାତି ସେବା କରୁଥିବା ବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । ତେଣୁ ଭିନ୍ନ ଭିନ୍ନ ୮ଦଫା ଦାବି ନେଇ ଓଡିଶା ମେଡିକାଲ ସର୍ଭିସେସ ଆସୋସିଏଶନ(ଓମସା) ଡାକରାରେ ନୂଆପଡା ଜିଲା ଶାଖା ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସରେ ଧାରଣା ଦିଆଯାଇଥିବାବେଳେ ଦାବି ପୂରଣ ନ ହେଲେ ଆଗକୁ ଉଠିବେ ନାହିଁ ବୋଲି ଓମସାର ନୂଆପଡା ଶାଖା ତରଫରୁ ଚେତାଇ ଦିଆଯାଇଛି । ଶାନ୍ତିପୂର୍ଣ୍ଣ ଭାବେ ରୋଗୀ ସେବାରେ କୌଣସି ବ୍ୟାଘାତ ନ କରି ଧାରଣାରେ ବସିଛନ୍ତି ବରିଷ୍ଠ ଡାକ୍ତରମାନେ ।

ଗାନ୍ଧୀଜୟନ୍ତୀ ଦିନ ଠାରୁ ବସିଥିବା ଧାରଣା ଆଜିକୁ ୧୧ଦିନରେ ପହଞ୍ଚିଥିଲେ ହେଁ ସରକାର ନିଦା ବିଷ୍ଣୁ ହୋଇ ଚାହିଁ ରହିଥିବାରୁ ଡାକ୍ତରଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଦାବି ଗୁଡିକ ମଧ୍ୟରେ ଓଏମ ଏବଂ ଏଚଏସ କ୍ୟାଡର ଡାକ୍ତରମାନଙ୍କ ପାଇଁ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ, ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରି ଡାକ୍ତରଙ୍କୁ ନିର୍ଭୟରେ କାର୍ଯ୍ୟକରିବାକୁ ସୁଯୋଗ ଦେବା, ଠିକା ଓ ଅସ୍ଥାୟୀ ଡାକ୍ତରଙ୍କ ସ୍ଥାନୀୟ ନିଯୁକ୍ତି, ଅବସର ବୟସ ସୀମା ୬୨କୁ ବୃଦ୍ଧିକୁ ବିରୋଧ କରାଯିବା ଭଳି ୮ଦଫା ଦାବି ରଖାଯାଇଛି । ଏହା ଉପରେ ଓମ୍‌ସା ବିଭିନ୍ନ ସମୟରେ ଦାବି କରି ଅସିଥିଲେ ହେଁ ସରକାର କାର୍ଯ୍ୟକାରୀ କରୁ ନାହାଁନ୍ତି। ତେଣୁ କରି ବାଧ୍ୟ ହୋଇ ସଂଘ ଧାରଣା ଦେଉଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଏହି ଧାରଣାରେ ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ଲଳିତ ମୋହନ ବିଶି, ଡା.ବିଜୟ ପାଣିଗ୍ରାହୀ, ଡା. ମନୋଜ ସାହୁ, ଡା. ସଚ୍ଚିଦାନନ୍ଦ ତ୍ରିପାଠୀ, ଡା. ଜ୍ୟୋସ୍ନା ପଟ୍ଟନାୟକ, ଡା. ଅମନ ମିଶ୍ର, ଡା.ଅନୁଜ ମିଶ୍ର, ଡା.ଅବିନାଶ ଦଣ୍ଡସେନା, ଡ. ଧନଞ୍ଜୟ ଭୁଏ, ଡା. ସୌମ୍ୟରଞ୍ଜନ ମେହେର ପ୍ରମୁଖ ସାମିଲ ରହିଛନ୍ତି । ଡାକ୍ତରମାନେ ଚବିଶଘଣ୍ଟିଆ ସେବା କରି ଶାନ୍ତି ପୂର୍ଣ୍ଣ ଢଙ୍ଗରେ ଆନ୍ଦୋଳନ କରୁଛନ୍ତି । ଏଥିରେ ଜନସାଧାରଣ ମଧ୍ୟ ଆଗକୁ ଆସି ସମର୍ଥନ ଜଣାଇବାକୁ ସଂଘ ତରଫରୁ ଡା. ବିଜୟ ପାଣଗ୍ରାହୀ ଆହ୍ୱାନ କରିଛନ୍ତି ।




ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡାକ୍ତରମାନେ ଧାରଣାରେ ବସିଛନ୍ତି ।

# ଯୁବସମାଜ ରାଜନୀତି କ୍ଷେତ୍ରକୁ ଆସିବା ଆବଶ୍ୟକ

ନୂଆପଡା ଅଫିସ/ଖରିଆରରୋଡ, ୧୨।୧୦(ଡି.ଏନ୍.ଏ.)

ଅଗ୍ରୱାଲ ସମାଜର ଯୁବ ବର୍ଗ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ରଖୁଛନ୍ତି। ଯୁବ ସମାଜ ବିଶେଷ କରି ଚିକିତ୍ସାକ୍ଷେତ୍ର, ବୈଷୟିକ କ୍ଷେତ୍ରକୁ ଆସୁଛନ୍ତି । ହେଲେ ଦେଶ ଗଠନ କ୍ଷେତ୍ରରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ କରି ଅଗ୍ରୱାଲ ସମାଜର ଯୁବବର୍ଗ ଆଗକୁ ଆସି ରାଜନୀତି କ୍ଷେତ୍ରକୁ ଆସିବା ଦରକାର ବୋଲି ରାୟପୁରରୁ ସାମାଜିକକର୍ମୀ ସୁନୀଲ ଅବତାର ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଅଗ୍ରସେନ ଭବନଠାରେ ଆୟୋଜିତ ଅଗ୍ରସେନ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅବତାର କହିଛନ୍ତି । ଏହି ଅବସରରେ ସ୍ଥାନୀୟ ଅଗ୍ରୱାଲ ସଭା ସଭାପତି ମହାବୀର ଲଖମନିଆ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଅବତାର, ରାୟପୁରରୁ ସ୍ୱର୍ଣ୍ଣ ପଦକଧାରୀ ଭରତ ସିଂଘାନିଆ, ଖରିଆରରୋଡ ଏନଏସି ଅଧ୍ୟକ୍ଷା ସୁନୀତା ଶେଖର ଜୈନ, ଉତ୍କଳ ପ୍ରଦେଶ ନବଯୁବକ ମଣ୍ଡଳର ସନ୍ଦୀପ ଅଗ୍ରୱାଲ, ଅଗ୍ରୱାଲ ମହିଳା ମଣ୍ଡଳ ସଭାପତି ପ୍ରୀତି ଅଗ୍ରୱାଲ, ସମ୍ପାଦକ ଲଳିତ ଲଖମନିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଉଦାହରଣ ଦେଇ କହିଥିଲେ ଯେ, ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପ୍ଳବ ଆଣାଯାଇପାରିଛି । ଏହିଭଳି ଜମୁନାଲାଲ ବଜାଜ, କିରୋଦମଲ ଅଗ୍ରୱାଲ, ରତନ ଟାଟାଙ୍କ ଉତ୍ସର୍ଗୀକୃତ କାର୍ଯ୍ୟଶୈଳୀକୁ ଆମେ ଅନୁସରଣ କରିବା ଦରକାର ବୋଲି କହିଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିବାବେଳେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଧ୍ୱଜାରୋହଣ ହୋଇଥିଲା । ଛାତ୍ରୀଛାତ୍ର, ମହିଳା, ଯୁବବର୍ଗଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେସବୁର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଗ୍ରୱାଲ ନବଯୁବକ ମଣ୍ଡଳର ପୂର୍ବତନ ସଭାପତି ରମେଶ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ସଭାର ସଭାପତି ମହାବୀର ଲଖମନିଆ ଧନ୍ୟବାଦ ଜ୍ଞାପନ କରିଥିଲେ ।



କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି ।

- ଖରିଆରରୋଡ୍‌ରେ ଅଗ୍ରସେନ ଜୟନ୍ତୀ
- ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

ନର୍ଲା ସରପଞ୍ଚ ସଂଘର ନୂଆଁଖାଇ ଭେଟ୍‌ଘାଟ୍
କଳାହାଣ୍ଡି ଜିଲା ନର୍ଲା ସରପଞ୍ଚ ସଂଘ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଶୁକ୍ରବାର ବଡଧାରପୁର ପଞ୍ଚାୟତ ଅଧୀନ କୁଚେଇଯୋର୍‌ଠାରେ ଅନୁଷ୍ଠିତ ହୋଇଯାଇଛି ।



## ସଂକ୍ଷେପରେ



### ତିତ୍‌ଲି ପ୍ରଭାବ, ଚାଷ ପ୍ରଭାବିତ

**କର୍ଲାମୁଣ୍ଡା,୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗୁରୁବାର ତିତ୍‌ଲିର ପ୍ରଭାବରେ ପ୍ରବଳ ବର୍ଷା ହୋଇଛି । ଫଳରେ ଚାଷୀଙ୍କ ଚାଷ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବ୍ଲକର ରିଞ୍ଜା, ସ.ମାଲପଡା, କର୍ଲାମୁଣ୍ଡା, ତେରେସିଂହା, ରେଗେଡା, ଯୋରାଡବ୍ରା, ସାପଲହରା, ରିଷିଡା, ବୋରପଦର, ପୌରକେଲା, ଗଜବାହାଲ ପଞ୍ଚାୟତ ଚାଷୀମାନେ କରିଥିବା ଧାନଚାଷକୁ ତିତ୍‌ଲି ପ୍ରଭାବରେ ପ୍ରବଳ ପବନ ଯୋଗୁ ପାଚିବା ଅବସ୍ଥାରେ ଥିବା ଧାନ ଗୁଡିକ ଭାଙ୍ଗି ପଡି ମାଟିରେ ମିଶିଯାଇଛି। ଅନ୍ୟପଟେ ଗୁରୁବାର ସକାଳଠାରୁ ଶୁକ୍ରବାର ଅପରାହ୍ନ ୧ଟା ସୁଦ୍ଧା ବିଦ୍ୟୁତ୍ ସେବା ଠପ୍ ହୋଇଯାଇଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି।

### ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା ପାଇବେ ମହୁରି ସମ୍ମାନ-୨୦୧୮

**ଭବାନୀପାଟଣା,୧୨।୧୦(ଡି.ଏନ.ଏ.)**

ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା ପାଇବେ ଚଳିତ ୨୦୧୮ ବର୍ଷର ସମ୍ମାନଜନକ ମହୁରି ସମ୍ମାନ ଏହି ଘୋଷଣା କରିଛନ୍ତି ମହୁରିର ମୁଖ୍ୟ ସମ୍ପାଦକ ଭବାନୀ ଶଙ୍କର ନିଆଲ। ୨୦୦୮ରୁ ନିୟମିତ ପ୍ରକାଶ ପାଉଥିବା ଷାଣ୍ମାସିକ ଓଡ଼ିଆ ସାହିତ୍ୟ ପତ୍ରିକା ମହୁରିର ବାର୍ଷିକ ଉତ୍ସବ ଅବସରରେ ମହୁରିରେ ଲେଖାଲେଖି କରୁଥିବା ଜଣେ ଲେଖକଙ୍କୁ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଏଥି ପୂର୍ବରୁ ଲେଖକ ବିଷ୍ଣୁପଦ ସେଠୀ, ଗାଳ୍ପିକ ଓ ଔପନ୍ୟାସିକ ସତ୍ୟପ୍ରିୟ ମହାଲିକ, କବି ସୁଚେତା ମିଶ୍ର, ଗଦ୍ୟ ସାହିତ୍ୟର ବିଶିଷ୍ଟ ବିନ୍ଧାଣୀ ପ୍ରଫେସର ଆଦିକନ୍ଦ ସାହୁ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତାଙ୍କ ଅନେକ ଅନେକ ପ୍ରବନ୍ଧ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ତାଙ୍କର ପ୍ରବନ୍ଧ ସଂକଳନ୍ 'କଳ୍ପନା, ଅନୁଭବ ଓ ସାହିତ୍ୟ' ୨୦୧୭ରେ ପ୍ରକାଶ ପାଇ ବହୁ ପାଠକୀୟ ଆଦୃତି ଲାଭ କରିଛି। ହୋତା ଜବାହାର ଲାଲ ନେହେରୁ ବିଶ୍ୱ ବିଦ୍ୟାଳୟରୁ ରାଜନୈତିକ ଦର୍ଶନରେ ଏମ୍.ଫିଲ୍. ଡ଼ିଗ୍ରୀ ହାସଲ କରିଛନ୍ତି। ସମ୍ପ୍ରତି ସେ ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭାବେ ଅବସ୍ଥାପିତ। ସେ ବଲାଙ୍ଗୀର ଜିଲା ଗୁର୍‌ଜୀଭଟ୍ଟାଠାରେ ୧୯୮୫ରେ ଜନ୍ମଗ୍ରହଣ କରିଛନ୍ତି। ପ୍ରବନ୍ଧ ରଚନା ବ୍ୟତୀତ ସେ ଜଣେ ରୁଚିଶୀଳ ପାଠକ ଅଟନ୍ତି। ପ୍ରବନ୍ଧରେ ତାଙ୍କର ଦୃଷ୍ଟିଭଙ୍ଗୀ ବ୍ୟାପକ ଓ ନିଆରା। ବିଶ୍ୱସ୍ତରୀୟ ବହୁ ପୁସ୍ତକର ସେ ସଂଗ୍ରାହକ ଅଟନ୍ତି। ତାଙ୍କୁ ଏହି ସମ୍ମାନ ଆସନ୍ତା ୨୮ ଅକ୍ଟୋବର ୨୦୧୮ରେ ଯାଜପୁରଠାରେ ଆୟୋଜିତ ହେବାକୁ ଯାଉଥିବା ମହୁରି ମହୋତ୍ସବ ୨୦୧୮ରେ ପ୍ରଦାନ କରାଯିବ।

ଭବାନୀପାଟଣା ଶ୍ରୀ ଶ୍ରୀ ଦୁର୍ଗାପୂଜା କମିଟି

# ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ

**ଭବାନୀପାଟଣା,୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଶାରଦୀୟ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି । କେଉଁଠି ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଥିବା ବେଳେ ଆଉ କେଉଁଠି ପୂଜା ପାଇଁ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତୋରଣ, ମେଢ, ମଣ୍ଡପ ନିର୍ମାଣ ପାଇଁ ପୂଜା କମିଟିଗୁଡ଼ିକ ଦିନରାତି ଲାଗିପଡ଼ିଛନ୍ତି। କେଉଁ ପୂଜା କମିଟି କେତେ ପ୍ରକାର ସାଜସଜ୍ଜା କଲେ ଆକର୍ଷଣୀୟ ହୋଇପାରିବ ସେଥିପାଇଁ ସମସ୍ତେ ଲାଗି ପଡିଛନ୍ତି । ଜିଲାର ଭବାନୀପାଟଣା ସହର ସର୍ବପୁରାତନ ଦୁର୍ଗାପୂଜା କମିଟି ବା ଏଥିରୁ ବାଦ ପଡନ୍ତା କିପରି । ଭବାନୀପାଟଣା ଗାନ୍ଧୀଛକସ୍ଥିତ ଶ୍ରୀ ଶ୍ରୀ ଦୁର୍ଗା ପୂଜା କମିଟି ଚଳିତବର୍ଷ ୬୧ ବର୍ଷରେ ପଦାର୍ପଣ କରିଛି । ୬୧ ବର୍ଷ ତଳେ ଭବାନୀପାଟଣା ସହର ଗାନ୍ଧୀ ଛକଠାରେ ଏକ ଚାଳଘରେ ଆରମ୍ଭ ହୋଇଥିବା ଏହି ଦୁର୍ଗାପୂଜା ଗତ କିଛି ବର୍ଷ ତଳେ ଏକ ବିରାଟ ମନ୍ଦିରରେ ପରିଣତ କରିବା ସହ କଲିକତାରୁ ମା'ଙ୍କ ମୂର୍ତ୍ତି ଆଣି ପ୍ରତିଷ୍ଠା କରି ପୂଜା ଚାଲିଛି । ପ୍ରତିବର୍ଷ ନବରାତ୍ର ମହାଧୁମଧାମରେ ପାଳିତ ହେଉଛି । ଭବାନୀପାଟଣା ଶ୍ରୀ ଶ୍ରୀ ଦୁର୍ଗାପୂଜା କମିଟି ପକ୍ଷରୁ ନବରାତ୍ର ଦୁର୍ଗାପୂଜା ଗତ ୯ ତାରିଖରୁ ଆରମ୍ଭ ହୋଇଯାଇଛି । ଭବାନୀପାଟଣା ସହର ମୁଖ୍ୟସ୍ଥଳ ଗାନ୍ଧୀଛକଠାରେ ଭବ୍ୟ ଦୁର୍ଗା ମନ୍ଦିରଠାରେ ଏହି ପୂଜା ଆରମ୍ଭ ହେବା ଦିନଠାରୁ ଦିବାରାତି ଭକ୍ତଙ୍କ ପ୍ରବଳ ଭିଡ ଲାଗି ରହିଛି । ଦୀର୍ଘ ୬୧ ବର୍ଷ ପୂର୍ବେ ଘମଣ୍ଡି ପରିବାର ଦ୍ୱାରା ଆରମ୍ଭ ହୋଇଥିବା ଏହି ଦୁର୍ଗାପୂଜାର କଳେବର ବୃଦ୍ଧି ପାଇ ଗତ ୨୦୦୮ରେ ପୂଜା ମଣ୍ଡପଠାରେ ମା' ଦୁର୍ଗାଙ୍କ ମାର୍ବେଲ ମୂର୍ତ୍ତି ସ୍ଥାପନ କରାଯାଇ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ଚଳିତବର୍ଷ ନବରାତ୍ର ପୂଜା ଆରମ୍ଭ ହେବା ସହିତ ସୁସଜ୍ଜିତ ଆଲୋକ ମାଳାରେ ସମଗ୍ର ଅଞ୍ଚଳ ଝଲସି ଉଠୁଛି । ଏଥିସହିତ ଲୁପ୍ତ ପାଉଥିବା ଲୋକକଳା, ସଂସ୍କୃତି, ନାଟକ, ଭଜନ ସନ୍ଧ୍ୟା ସମେତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟାରେ ଆୟୋଜନ ହେଉଛି। ଦୀର୍ଘ ୩୬ ବର୍ଷ ଧରି ଏହି ପୂଜା କମିଟି ଅଧକ୍ଷ ଭାବେ ଜିଲାର ବିଶିଷ୍ଟ ନାଗରିକ ଦୁର୍ଗା ଶଙ୍କର କର ଦାୟିତ୍ୱ ତୁଲାଇ ଆସୁଛନ୍ତି । ଭବାନୀପାଟଣା ସହରରେ ଏହା ବ୍ୟତିତ ପରଦେଶୀପଡା, ପୁରୁଣା ବସଷ୍ଟାଣ୍ଡ, ଗୋସାଳପଡା, ମନ୍ଦାର ବଗିଚାପଡା, ହାଟପଦା (ସାପ୍ତାହିକ ହାଟ) ରିର୍ଜଭ ପୋଲିସ ବ୍ୟାରେକ, ବାହାଦୁରବଗିଚାପଡା, ନକଟିଗୁଡା, ହଲିଆପଡା, ଚଳିତବର୍ଷ ପ୍ରଥମ କରି ସ୍ଥାନୀୟ ଇରିଗେସନ କଲୋନୀପଡାରେ ମୋଟ ୧୧ଟି ସ୍ଥାନରେ ମା'ଙ୍କ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇ ନବରାତ୍ର ଦୁର୍ଗାପୂଜ ଆରମ୍ଭ ହୋଇଛି।



ଗାନ୍ଧୀଛକ ଦୁର୍ଗାପୂଜା ମେଢ଼ ।

## ନବରାତ୍ର ଦୁର୍ଗାପୂଜା ଆରମ୍ଭ

- ସୁସଜ୍ଜିତ ଆଲୋକ ମାଳାରେ ସମଗ୍ର ଅଞ୍ଚଳ ଝଲସି ଉଠୁଛି
- ୬୧ ବର୍ଷରେ ପଦାର୍ପଣ କରିଛି ଶ୍ରୀ ଶ୍ରୀ ଦୁର୍ଗାପୂଜା କମିଟି

## ଦୁର୍ଗାପୂଜା କମିଟି ସଦସ୍ୟ ଯାହା କୁହନ୍ତି..



ଦୀର୍ଘ ୬୧ ବର୍ଷ ହେଲା ଆମ ଶ୍ରୀ ଶ୍ରୀ ଦୁର୍ଗାପୂଜା କମିଟି ପକ୍ଷରୁ ନିରବଚ୍ଛିନ୍ନ ଓ ରିତୀନିତୀରେ ପୂଜା କରି ଆସୁଅଛି। ପୂଜା ପାଇଁ ସହରବାସୀ ସମ୍ପୂର୍ଣ୍ଣ ସାହାଯ୍ୟ ସହଯୋଗ କରୁଥିବାରୁ ସେହି ସମସ୍ତଙ୍କୁ ମୋ ତରଫରୁ ଓ ଆମ କମିଟି ତରଫରୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ମଧ ସେମାନଙ୍କ ସାହାଯ୍ୟ ଓ ସହଯୋଗ ଆମ ପ୍ରତି ରହିଥାଉ ବୋଲି ଅନୁରୋଧ କରିଛନ୍ତି ।

-ଦୁର୍ଗାଶଙ୍କର କର, ସଭାପତି



ଏହି ପର୍ବ ଏକତା ଓ ଭାଇଚାରାର ପ୍ରତିକ । ସହରବାସୀଙ୍କ ମିଳିତ ଉଦ୍ୟମ ଓ ସହଯୋଗରେ ମା'ଙ୍କ ଏହି ନବରାତ୍ର ଦୁର୍ଗାପୂଜା ସଫଳତାର ସହିତ ପାଳିତ ହୋଇଆସୁଛି ।

- ସନ୍ତୋଷ କୁମାର ପଣ୍ଡା, ଉପସଭାପତି



ଚଳିତବର୍ଷ ଏହି ପୂଜା ୬୧ ବର୍ଷରେ ପହଞ୍ଚିଛି । ଆଗେ ଆମ ବୟୋଜ୍ୟେଷ୍ଠମାନେ ଏହି ପୂଜା ଆରମ୍ଭ କରିଥିଲେ। ଏବେ ଆମେ କରି ଆସୁଅଛୁଁ । ଏଠାରେ ସଦ୍‌ଭାବନା, ଭାଇଚାର ପୂର୍ବକ ମିଳିତ ଭାବରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି ।

- ଶାନ୍ତନୁ କୁମାର ବେହେରା, ସମ୍ପାଦକ



ଚଳିତବର୍ଷ ପୂଜା ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁ ଏବଂ ଭକ୍ତମାନେ ଶାନ୍ତିଶୃଙ୍ଖଳା ଓ ନିରାପଦରେ ମା'ଙ୍କ ଦର୍ଶନ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

- ନନ୍ଦ କିଶୋର ଭୌଶାଳି, ଉପଦେଷ୍ଟା





ମାଓବାଦୀ ସମର୍ଥକଙ୍କ ନିକଟରୁ ଜବତ ବିସ୍ଫୋରକ ସାମଗ୍ରୀ ।

### ମାଓବାଦୀ ସମର୍ଥକଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ

**ଭବାନୀପାଟଣା,୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ଉର୍ଲାଦାନୀ ଅଞ୍ଚଳରେ ଗତ ଗୁରୁବାର ସିଆର୍‌ପିଏଫ୍ ଯବାନମାନେ ଗୋଇନ୍ଦା ସୂତ୍ରରୁ ଖବର ପାଇ ଧରପଗଡ କରିଥିଲେ। ସିଆର୍‌ପିଏଫ୍ ୬୪ ବଟାଲିୟନର ଯବାନମାନେ ମ.ରାମପୁର ଥାନା ଅନ୍ତର୍ଗତ ଉର୍ଲାଦାନୀ ପଞ୍ଚାୟତର ନୂଆମୁଣ୍ଡା ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସିଆର୍‌ପିଏଫ୍ ଯବାନମାନଙ୍କୁ କୌଣସି ସଫଳତା ମିଳି ନ ଥିଲା । ତେବେ ଗୋଇନ୍ଦା ପକ୍ଷରୁ ନିର୍ଦ୍ଦିଷ୍ଟ ପ୍ରମାଣ ମିଳିବା ପରେ ସିଆର୍‌ପିଏଫ୍ ଯବାନମାନେ ନୂଆମୁଣ୍ଡା ଅଞ୍ଚଳରେ ବିଭିନ୍ନ ମାଓବାସୀ ସମର୍ଥକଙ୍କ ଘର ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ମାଓବାଦୀ ସମର୍ଥକଙ୍କ ନିକଟରୁ ୨୭୨ଟି ଇଲେକ୍ଟ୍ରିକ୍ ଡିଟୋନେଟର, ୪୧୦ଟି ଜିଲେଟିନ୍ ଟ୍ୟୁବ୍ ଏବଂ ଗୋଟିଏ ଏକ୍ସପ୍ଲୋସିଭ୍ ପ୍ଲାଷ୍ଟର ସୁଇଚ୍ ଜବତ କରିଥିଲେ। ସିଆର୍‌ପିଏଫ୍ ପକ୍ଷରୁ ଏହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ବର୍ତ୍ତମାନ ମଧ୍ୟ ଜାରି ରହିଥିବା ଖବର ମିଳିଛି ।

## ଧର୍ମଗଡ ବୈଷ୍ଣୋଦେବୀ ମନ୍ଦିରଠାରେ ଶାରଦୀୟ ନବରାତ୍ର ମହୋତ୍ସବ ଆରମ୍ଭ

**ଧର୍ମଗଡ,୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଇନ୍ଦ୍ରାବତୀ କଲୋନୀସ୍ଥିତ ବୈଷ୍ଣୋଦେବୀ ମନ୍ଦିରଠାରେ ଶାରଦୀୟ ନବରାତ୍ର ପୂଜା ମହୋତ୍ସବ ଆରମ୍ଭ ହୋଇଯାଇଛି । ଏହି ଅବସରରେ ବୁଧବାର ସକାଳ ୧୦ଟାରେ ମହିଳାମାନଙ୍କ ଦ୍ୱାରା ଏକ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ କଳସ ସ୍ଥାପନ ପୂର୍ବକ ସଂକଳ୍ପ କରାଯାଇଥିଲା । ଏଥିରେ ଭକ୍ତମାନେ ନିଜର ମାନସିକ ପାଇଁ ମା'ଙ୍କ ପାଖରେ ସଂକଳ୍ପ କରିଥିଲେ । ପରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ମା' ଶୈଳପୁତ୍ରୀ ପୂଜନ, ଧ୍ୱଜାରୋହଣ, ଦୁର୍ଗା ପାଠ ଆଦି କରାଯାଇଥିଲା । ଏହି ମହୋତ୍ସବ ୯ ଦିନ ଧରି ଚାଲିବାକୁ ଥିବା ବେଳେ ପ୍ରତ୍ୟହ ସକାଳେ ପୂଜା ସହ ସନ୍ଧ୍ୟାରେ ମା'ଙ୍କ ଅଳତୀ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବା ମନ୍ଦିର ମୁଖ୍ୟ ପୂଜକ ଶିବାନନ୍ଦ ପ୍ରସାଦ ତିୱାରୀ ସୂଚନା ଦେଇଛନ୍ତି। ଏହି ଦିବସରେ ମା' ବ୍ରହ୍ମଚାରୀଣୀ ପୂଜନ, ମା' ଚନ୍ଦ୍ରଘଣ୍ଟା ପୂଜନ, ମା' କୁଷ୍ମାଣ୍ଡ ପୂଜନ, ମା' ସ୍କନ୍ଦମାତା ପୂଜନ, ମା' କାତ୍ୟାୟାନୀ ପୂଜନ, ମା' କାଳରାତ୍ରୀ ପୂଜନ, ମା' ଆଦ୍ୟାଶକ୍ତିଙ୍କ ନବମ ପ୍ରତିଷ୍ଠା ମହୋତ୍ସବ, ମହା ଆରତୀ, ମହାନିଶା ପୂଜନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି । ସବୁ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ବିବେକ ବେହେରା, ଅଂଶୁମାନ ପାତ୍ର, ଇଙ୍ଗିତ ପଣ୍ଡା, ଟୁନା ପଟ୍ଟଯୋଷୀ, ସମୀର ପଣ୍ଡା, ଅମୁଲ୍ୟ ପାଢି, ଆଶୁତୋଷ ପାତ୍ର, ଦିଲୀପ କୁମାର ପାଢୀ ପ୍ରମୁଖ ରହିଥିବା ବେଳେ ସମସ୍ତ ଭକ୍ତ ସହେଯାଗ କରୁଥିବା ମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି ।



## ନର୍ଲା ସରପଞ୍ଚ ସଂଘର ନୂଆଁଖାଇ ଭେଟ୍‌ଘାଟ୍

**ନର୍ଲା,୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ସରପଞ୍ଚ ସଂଘ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଶୁକ୍ରବାର ବଡଧାରପୁର ପଞ୍ଚାୟତ ଅଧୀନ କୁଚେଇଯୋର୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ବରିଷ୍ଠ ସଦସ୍ୟ ନିଶାଣପୁର ସରପଞ୍ଚ କ୍ଷମାରାଜ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ୍ ଅଧକ୍ଷା ମନୋରମା ମହାନ୍ତି, ସମ୍ମାନିତ ଅତିଥି ନର୍ଲା ବ୍ଲକ୍ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ନର୍ଲା ବ୍ଲକ୍ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ନର୍ଲା ସରପଞ୍ଚ ସଂଘ ଭେଟ୍‌ଘାଟ୍ କାର୍ଯ୍ୟକ୍ରମକୁ ସଂଘ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରଣା ପରିଚାଳନା କରିଥିବା ବେଳେ ବଡଧାରପୁର ସରପଞ୍ଚ ମିଳି ସାହୁ, ସର୍ଗିଗୁଡା ସରପଞ୍ଚ ନରସିଂହ କୁମାର, ମାଣ୍ଡେଲ ସରପଞ୍ଚ ମନୋରମା ବାରିକ ସହଯୋଗ କରିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ରଣା ଧନ୍ୟବାଦ ଦେଇଥିଲେ।

୩୨ ବର୍ଷରେ ଚିଟୈଗୁଡା ସାର୍ବଜନୀନ ଦୁର୍ଗାପୂଜା

# ତପସ୍ୱିନୀ ଅପେରା ମୁଖ୍ୟ ଆକର୍ଷଣ

**ଜୁନାଗଡ,୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ୩୨ ବର୍ଷରେ ପଦାର୍ପଣ କରିଛି। ୧୯୮୬ରୁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶାନ୍ତି ଶୃଙ୍ଖଳା ସହ ପ୍ରତିବର୍ଷ ଦୁର୍ଗାପୂଜା ହୋଇଆସୁଛି। ପୂଜାକୁ ନେଇ ଚିଟୈଗୁଡା ଗ୍ରାମବାସୀ ଖୁବ ଉତ୍ସାହିତ ଥିବାବେଳେ କମିଟି ପକ୍ଷରୁ ଗତ କିଛିଦିନ ହେଲା ପ୍ରସ୍ତୁତି ଜୋରଦାର ଚାଲିଛି। ଚଳିତବର୍ଷ ପୂଜା ମଣ୍ଡପକୁ ଆକର୍ଷଣୀୟ ସହ ସାଜସଜ୍ଜା କରାଯାଇଥିବା ବେଳେ ବିଭିନ୍ନ ରଙ୍ଗୀନ ଆଲୋକ ମାଳା ଲଗାଯାଇଥିବା ଦେଖିବାକୁ ମିଳିଛି। ଏହି ବର୍ଷ ପୂଜାରେ ପ୍ରାୟ ୬ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ରବିବାର ଏଠାରେ କଳସ ଯାତ୍ରା ଅନୁଷ୍ଠିତ ହେବ। ଏହା ପରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା ପରେ ପୂଜା ଆରମ୍ଭ ହେବ। ଚଳିତବର୍ଷ ପୂଜା କମିଟି ପକ୍ଷରୁ ଲୋକଙ୍କ ମନୋରଞ୍ଜନ ପାଇଁ ଶନିବାର, ରବିବାର ଓ ସୋମବାର କଟକସ୍ଥିତ ଆର୍ଶିବାଦ ମହାରାଜଙ୍କ ପ୍ରବଚନ ଓ ଶେଷ ତିନିଦିନ ଅର୍ଥାତ୍ ମଙ୍ଗଳବାର, ବୁଧବାର ଓ ଗୁରୁବାର ଭଦ୍ରକ ସ୍ଥିତ ତପସ୍ୱିନୀ ଅପେରା ଅନୁଷ୍ଠିତ ହେବ। ଯାହାକି ଏଥର ପୂଜାରେ ମୁଖ୍ୟ ଆକର୍ଷଣ ହେବ ବୋଲି ଜଣାପଡିଛି। ପୂଜା କର୍ତ୍ତା ଭାବେ ବିଶ୍ୱାମିତ୍ର ମେହେର ଓ ଅର୍ଣ୍ଣପୂର୍ଣ୍ଣା ମେହେର ଦାୟିତ୍ୱ ତୁଲାଉଛନ୍ତି। ସେହିପରି ପୂଜା କମିଟି ସଭାପତି ଭାବେ ବନମାଳି ମେହେର, ଉପସଭାପତି ପ୍ରଦ୍ୟୁମ୍ନ ମେହେର, ସମ୍ପାଦକ କପିଲେନ୍ଦ୍ର ମେହେର, କୋଷାଧକ୍ଷ ଶେଷଦେବ ମେହେର, ସହସମ୍ପାଦକ ବିଭାଂଶୁ ମେହେର, ସକ୍ରିୟ ସଦସ୍ୟ ରାଜେନ୍ଦ୍ର ମେହେର, ଚାଣକ୍ୟ ମେହେର, ଜନ୍ମେଜୟ ମେହେର, ସାଧୁ ମେହେର, ନିରଦ ମେହେର, ମହେନ୍ଦ୍ର ମେହେର, ବିକାଶ ମେହେର ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି।



ଚିଟୈଗୁଡା ଦୁର୍ଗାପୂଜାରେ ଲଗାଯାଇଥିବା ତୋରଣ।

## ଇଚ୍ଛାପୁର ବିଦ୍ୟାଳୟରେ ମାତୃ, ଶିକ୍ଷକ ସମ୍ମିଳନୀ

**ଭବାନୀପାଟଣା,୧୨।୧୦(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ଶତାଧିକ ମହିଳା ସାମିଲ ହୋଇଥିବା ଦେଖିବାକୁ ମିଳିଛି। ସେମାନଙ୍କ କହିବା କଥା ହେଲା ଅନ୍ୟମାନଙ୍କ ପରି ଆମମାନଙ୍କ ମଧ୍ୟ ଏହି ଅନୁଷ୍ଠାନ ପ୍ରତି କର୍ତ୍ତବ୍ୟ ରହିଛି। ଆମେ ଅନ୍ୟମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହଁ। କେବଳ କଥାରେ ନୁହେଁ କାମରେ ମଧ୍ୟ ସେମାନେ କିଛି ଭଲ କାମ କରି ଦେଖାଇଛନ୍ତି। ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ମାତୃ ଶିକ୍ଷକ ସମ୍ମିଳନୀରେ ଯୋଗଦେବା ଅବସରରେ ସେମାନେ ସାଙ୍ଗରେ ବିଦ୍ୟାଳୟ ପାଇଁ ୨ଟି ଷ୍ଟାଣ୍ଡ ଫ୍ୟାନ୍, ଗୋଲାପ ଗଛ ଚାରା ସହିତ ୧୨ଟି ଫୁଲ କୁଣ୍ଡ ଓ କିଛି ଟଙ୍କା ମଧ ବିଦ୍ୟାଳୟକୁ ଦାନ କରି ତାଙ୍କ ମହତପଣିଆ ନିଦର୍ଶନ ଦେଖାଇଛନ୍ତି। ମହିଳାମାନଙ୍କ ଏଭଳି ପ୍ରଶଂସନୀୟ କାର୍ଯ୍ୟରେ ଅନ୍ୟ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, ବିଭାଗୀୟ କର୍ମକର୍ତ୍ତା, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ମଧ୍ୟ ବେଶ ଖୁସିଥିବା ଜଣାପଡିଛି। କେବଳ ସେତିକି ନୁହେଁ ସେମାନଙ୍କ ମଧ୍ୟରୁ କିଛି ମହିଳା ଅନ୍ୟ ଦିନରେ ଆସି ପିଲାମାନଙ୍କ ଶିକ୍ଷା ଦାନରେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଆଉ କେତେଜଣ ମା' ଆସି ବିଦ୍ୟାଳୟରେ ସିଲାଇ ଶିକ୍ଷା ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ମହିଳାମାନଙ୍କୁ ନେଇ ଅନୁଷ୍ଠିତ ମାତୃ ଶିକ୍ଷକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଡିଏସ୍‌ଡବ୍ଲୁଓ ସଂଘମିତ୍ରା କାନୁନଗୋ, ସମ୍ମାନିତ ଅତିଥି ଭାବେ ଗଣନାଥପୁର କ୍ଲଷ୍ଟର ସିଆର୍‌ସିସି ଜଗନ୍ନାଥ ଦାଶ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପୁଷ୍ପମିତ୍ରା କାନୁନଗୋ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶୂନ୍ୟ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତିଙ୍କ ସ୍ୱାଗତ ଭାଷଣ ପରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥିମାନେ ବିଦ୍ୟାଳୟ ପ୍ରତି ଅଭିଭାବକ ବିଶେଷ କରି ମା'ମାନଙ୍କ ଅଭୁତପୂର୍ବ ଆକର୍ଷଣ ଉଚ୍ଚପ୍ରଶଂସା କରିବା ସହ ଏଭଳି ସମସ୍ତଙ୍କ ସହଯୋଗ ରହିଲେ ଏହା ଏକ ଆଦର୍ଶ ଶିକ୍ଷା ମନ୍ଦିରରେ ପରିଣତ ହେବ ବୋଲି କହିଥିଲେ। ଅତିଥିମାନେ ସମାଜରେ ଶିଶୁ ଶ୍ରମିକ ପ୍ରଥା, ବାଲ୍ୟ ବିବାହ, ପାରିବାରିକ ହିଂସା ଦୂର କରିବାରେ ମା' ଏବଂ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତ ରଖିଥିଲେ। ମାତୃ ମଣ୍ଡଳୀର ମହିଳାଙ୍କ ମଧ୍ୟରୁ ସଞ୍ଜୁକ୍ତା ମିଶ୍ର, ଶକୁନ୍ତଳା ସୁନାନୀ, ପୂର୍ଣ୍ଣମୀ ବାଗ, ଜସ୍ମିନ୍ ରାଉତ୍, ସୁଶିଳା ଗଉଡ, ଆଶାକର୍ମୀ ମମତା ମଙ୍ଗରାଜ ପ୍ରମୁଖ ମା'ମାନେ ବିଦ୍ୟାଳୟ ପ୍ରତି କାର୍ଯ୍ୟକ୍ରମରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ତ୍ରିପାଠୀ, ଅନୁପମା ଶିଶୁ, ବସୁମତୀ ସାହୁ, ସୁବାସିନୀ ପଟ୍ଟନାୟକ ଓ ମାନସୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ସ୍କୁଲକୁ ୨ ଷ୍ଟାଣ୍ଡ ଫ୍ୟାନ୍, ଗୋଲାପ ଗଛ ଚାରା ଏବଂ ୧୨ଟି ଫୁଲ କୁଣ୍ଡ ପ୍ରଦାନ କରାଯାଉଛି ।

# ତିତ୍‌ଲି ପ୍ରଭାବ: କଳାହାଣ୍ଡିରେ ଲଗାଣ ବର୍ଷା

**ଭବାନୀପାଟଣା,୧୨।୧୦(ଡି.ଏନ.ଏ.)**

ବାତ୍ୟା ତିତ୍‌ଲି ପ୍ରଭାବରେ କଳାହାଣ୍ଡି ଜିଲାରେ ଗତ ୨୪ ଘଣ୍ଟା ମଧରେ ଲଗାଣ ବର୍ଷା ହୋଇଛି । ମ.ରାମପୁରରେ ସର୍ବାଧିକ ୧୦୫ ମି.ମି. ବର୍ଷା ହୋଇଥିବା ବେଳେ ଗୋଲାମୁଣ୍ଡା ବ୍ଲକରେ ସର୍ବନିମ୍ନ ୦୧ ମି.ମି. ବର୍ଷା ହୋଇଛି । ଭବାନୀପାଟଣାରେ ୬୮.୪ ମି.ମି., କେସିଙ୍ଗାରେ ୫୩ ମି.ମି., କର୍ଲାମୁଣ୍ଡାରେ ୮୩ ମି.ମି., ନର୍ଲାରେ ୭୪ ମି.ମି., ଲାଞ୍ଜିଗଡରେ ୧୦୪ ମି.ମି., ଥ.ରାମପୁରରେ ୧୦୦ ମି.ମି., ଧର୍ମଗଡରେ ୭.୬ ମି.ମି., ଜୁନାଗଡରେ ୩୨ ମି.ମି., କଲମପୁରରେ ୭୭ ମି.ମି., ଜୟପାଟଣାରେ ୩୦ ମି.ମି. ଓ କୋକସରାରେ ୮.୨ ମି.ମି. ଏପରି ମୋଟ ଜିଲାରେ ୭୪୩.୨୦ ମି.ମି. ବର୍ଷା ରେକର୍ଡ କରାଯାଇଛି । ତେବେ ପାଣିପାଗ ବିଭାଗର ବିଭିନ୍ନ ପୂର୍ବାନୁମାନ ଅନୁଯାୟୀ ତିତ୍‌ଲି ଏତେଟା କ୍ଷୟ କ୍ଷତି ଘଟାଇ ନ ଥିବା ବେଳେ ଓଡିଶାରୁ ବିପଦ ଆଶଙ୍କା ଟଳି ଯାଇଛି । ତିତ୍‌ଲି ପ୍ରଭାବରେ ଗୁରୁବାର ଭୋର୍‌ରୁ କଳାହାଣ୍ଡି ଜିଲାରେ ଲଗାଣ ବର୍ଷା ଲାଗି ରହିଛି । ଯଦିଓ ବର୍ଷା ମୁଶଳଧାରାରେ ହୋଇନାହିଁ କିମ୍ବା ଜୋର୍‌ରେ ପବନ ବହିନାହିଁ ତେବେ ସମଗ୍ର ଜିଲାରେ ଗୁରୁବାର ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗି ରହିଥିଲା । ତିତ୍‌ଲି ବାତ୍ୟା ଯୋଗୁ ରାୟଗଡା ଜିଲା ଥେରୁବାଲିଠାରୁ ଆସୁଥିବା ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଛି । ଫଳରେ କଳାହାଣ୍ଡି ଜିଲାରେ ଶୁକ୍ରବାର ଅପରାହ୍ନ ୪ଟାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି । ଗୁରୁବାର ଦୀର୍ଘ ଘଣ୍ଟା ଧରି କଳାହାଣ୍ଡି ଜିଲା ସାରା ଅନ୍ଧାରରେ ରହିଥିଲା । ବାତ୍ୟା ତିତ୍‌ଲିର ମୁକାବିଲା ପାଇଁ କଳାହାଣ୍ଡି ଜିଲାକୁ ୨ଟି ଓଡ୍ରାଫ୍ଟ ଟିମ୍ ପହଞ୍ଚିଛି। ଗୋଟିଏ ଓଡ୍ରାଫ୍ଟ ଟିମ୍ କେସିଙ୍ଗାଠାରେ ଓ ଆଉ ଗୋଟିଏ ଜୁନାଗଡଠାରେ ମୃତାୟନ କରାଯାଇଛି ବୋଲି ଜିଲା ଜରୁରୀ ଅଧିକାରୀ ସୁରେନ୍ଦ୍ର ନାଥ ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଜିଲା ଜରୁରୀ ଶାଖାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି ଏବଂ ଜିଲାର ସମସ୍ତ ତହସିଲଦାର, ବିଡିଓମାନଙ୍କୁ ଏଲର୍ଟ କରାଯିବା ସହ ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସଜାଗ କରାଯାଇଛି । ସମ୍ଭାବ୍ୟ ବାତ୍ୟ ତିତ୍‌ଲିର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି ବୋଲି ଜିଲା ଜରୁରୀ ଅଧିକାରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ତେବେ ତିତ୍‌ଲି ବାତ୍ୟା ପ୍ରଭାବ କଳାହାଣ୍ଡିରେ ସେତେଟା ଅନୁଭବ ହୋଇ ନାହିଁ। କେବଳ ଶୁକ୍ରବାର ସକାଳୁ ଜିଲାର ସମସ୍ତ ଅଞ୍ଚଳରେ ଲଗାଣ ବର୍ଷା ଲାଗିରହିଲା। ରାୟଗଡା ଅଞ୍ଚଳରେ ବିଦ୍ୟୁତ୍ ତାରରେ ଗଛ ପଡିଯିବାରୁ ଥେରୁବାଲିରୁ ଆସୁଥିବା ବିଦ୍ୟୁତ୍ ସଂଯୋଗ ବ୍ୟାହତ ହୋଇଛି । ଫଳରେ କଳାହାଣ୍ଡି ଜିଲାରେ ଅପରାହ୍ନ ୪ଟାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଅପରପକ୍ଷେ ତିତ୍‌ଲି ଯୋଗୁ ଲଗାଣ ବର୍ଷା କଳାହାଣ୍ଡି ଜିଲା ଧାନ ଚାଷୀମାନଙ୍କୁ ବେଶ୍ ସୁହାଇଛି। ଅଣଜଳସେଚିତ ଅଞ୍ଚଳଗୁଡିକରେ ଧାନ ଫସଲ ନିମନ୍ତେ ବର୍ଷା ନିହାତି ଆବଶ୍ୟକ କରୁଥିବା ବେଳେ ତିତ୍‌ଲି ବାତ୍ୟା ଯୋଗୁ ଗୁରୁବାର ଲଗାଣ ବର୍ଷା ଧାନ ଫସଲକୁ ବେଶ୍ ସହାୟକ ହୋଇଛି । ଅପରପକ୍ଷେ ଏହି ଲଗାଣ ବର୍ଷା କଳାହାଣ୍ଡିର କପା ଫସଲକୁ ବିଶେଷ କ୍ଷତି ପହଞ୍ଚାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି ।

## ବିଦ୍ୟୁତ୍ ସରବରାହ ବ୍ୟାହତ

- ତିତ୍‌ଲି ମୁକାବିଲା ପାଇଁ ୨ ଓଡ୍ରାଫ୍ଟ ଟିମ୍ ମୁତୟନ
- ମ.ରାମପୁରରେ ସର୍ବାଧିକ ୧୦୫ ମି.ମି. ବର୍ଷା
- ଗୋଲାମୁଣ୍ଡା ବ୍ଲକରେ ସର୍ବନିମ୍ନ ୦୧ ମି.ମି. ବର୍ଷା





ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ

## ସଂକ୍ଷେପରେ

### ଭୂମିକା ପକ୍ଷରୁ ନାଟ୍ୟ କର୍ମଶାଳା

**ବଲାଙ୍ଗୀର ଅଫିସ, ୧୨।୧୦:** ଅଗ୍ରଣୀ ସାଂସ୍କୃତିକ, ସାମାଜିକ ସଂଗଠନ ଭୂମିକା ପକ୍ଷରୁ ନାଟ୍ୟ କର୍ମଶାଳା ଆରମ୍ଭ ହୋଇଛି। ଏହି ନାଟ୍ୟକର୍ମଶାଳା ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ପରିସରରେ ଆଗାମୀ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବଲାଙ୍ଗୀରର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ୨୦ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। କର୍ମଶାଳାର ପ୍ରଶିକ୍ଷକଭାବେ ବିଶିଷ୍ଟ ମଞ୍ଚନାଟକ ବିଶେଷଜ୍ଞ, ଏନ୍ଏସ୍ଡିଆନ୍ ବିଶ୍ୱଜିତ ବିଶ୍ୱାସ ଯୋଗ ଦେଇଛନ୍ତି। କର୍ମଶାଳାର ଉଦ୍‌ଘାଟନ ପରେ ଭୂମିକା ସଭାପତି ରୁଦ୍ରଦେବ ପ୍ରଧାନ କର୍ମଶାଳା ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ବିଶ୍ୱାସଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟଶିଳ୍ପୀ ବ୍ରଜ ମୋହନ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଅବଦୁଲ ଜମାଲ ଖାନ୍, ସନାତନ ଠାକୁର ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ ଓ ଆତ୍ମପରିଚୟ ଓ ଆତ୍ମପ୍ରକାଶ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ଶିବିରରେ ନାଟକ ବ୍ୟତୀତ ଅନେକ ଉପାଦେୟ ପ୍ରସଙ୍ଗ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ପିଲାମାନେ ଜୀବନର ବହୁ ଗୁରୁତ୍ୱପୂର୍ଣ୍ଣ କଥା ଏଠାରେ ଶିଖିବାକୁ ପାଇବେ ବୋଲି ବିଶ୍ୱାସ କହିଛନ୍ତି। ଭୂମିକାର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟନ ମହାନ୍ତି, ବ୍ୟାସଦେବ ନନ୍ଦ, ଶକ୍ତି ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷଙ୍କ ସଇଁତଲା ଗସ୍ତ

**ସଇଁତଲା, ୧୨।୧୦(ଡି.ଏନ.ଏ.):** ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଶୁକ୍ରବାର ପୂର୍ବାହ୍ନରେ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗସ୍ତରେ ଆସିଥିଲେ। ବ୍ଲକ ରାଜୀବ ଗାନ୍ଧୀ ସଭା କକ୍ଷରେ ବ୍ଲକ ବିଜୁ ଯୁବ ବାହିନୀର ପଞ୍ଚାୟତସ୍ତରୀୟ ସମ୍ପାଦକ, କୋଷାଧ୍ୟକ୍ଷଙ୍କୁ ସେ ଦିଗଦର୍ଶନ ଦେଇଥିଲେ। ଯୁବ ବାହିନୀର କାର୍ଯ୍ୟ ତଥା ଗଠନ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ବିଡିଓ ଚିତ୍ତରଞ୍ଜନ ବନଗୁଲା, ଥାନା ଅଧିକାରୀ ଅବନୀ ସାହୁ, କ୍ଲଷ୍ଟର ଏଫର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ନାଏକ, ଜିଲା ସଂଯୋଜକ ଆର୍ତ୍ତତ୍ରାଣ ପାଢ଼ୀ, ରାଜେନ୍ଦ୍ର ଝାଙ୍କର, ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ ପଣ୍ଡା, ସୁରେଶ ପାତ୍ର, ଥବିର କାଲସାଏ, ବଂଶୀଧର ମେହେର, ଗ୍ରାମ ପଞ୍ଚାୟତ ଅଧିକାରୀ କିଶୋର ଚନ୍ଦ୍ର ମାନସିଂ, ଡ଼ବ୍ଲୁଇଓ ଗୌରୀ ଶଙ୍କର ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଅଶୋକ କୁମାର ରାଏ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

**ଆଜି କ'ଣ କେଉଁଠି** ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରୋଗପୋକରେ ଉଜୁଡ଼ି ଯାଉଛି ଫସଲ

**ବୀରମହାରାଜପୁର ବ୍ଲକ**
- ଶତାଧିକ ହେକ୍ଟର ଜମିର ଧାନ ଫସଲ ପ୍ରଭାବିତ
- କେବଳ ପଞ୍ଜୀକୃତ ଚାଷୀଙ୍କୁ ମିଳୁଛି କୀଟନାଶକ
- ସାଧାରଣ ଚାଷୀ ହତାଶ
- ସମସ୍ତ ଚାଷୀଙ୍କୁ ମାଗଣା କୀଟନାଶକ ଯୋଗାଣ ଦାବି

**ଅମରପାଲି, ୧୨।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଅଞ୍ଚଳର ଚାଷ ଜମିରେ ଏବେ ରୋଗପୋକ ଲାଗିଛି। ଧାନ ଫସଲରେ ପତ୍ରପୋଡା, ମହିସା (ବ୍ଲାଷ୍ଟ), ପତ୍ରଛାଦା ସଡାରୋଗ, ପାନରୀ(ପତ୍ରକଟା) ଆଦି ରୋଗ ବ୍ୟାପକ ଭାବରେ ଲାଗିଥିବା ଦେଖାଯାଉଛି। ଶତାଧିକ ହେକ୍ଟର ଚାଷ ଜମିରେ ରୋଗପୋକ ମାଡିଯାଇ ଫସଲ ନଷ୍ଟ କରି ଦେଉଛନ୍ତି। ତେଣୁ ଚାଷୀ ହତାଶ ହୋଇ ପଡିଛି। ବୀରମହାରାଜପୁର ଅଞ୍ଚଳର ଅଧିକାଂଶ ଜମି ଅଣ ଜଳସେଚିତ। ତେଣୁ ଉକ୍ତ ଅଞ୍ଚଳର ଚାଷୀ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିର୍ଭର କରନ୍ତି। ଚଳିତ ବର୍ଷ ଠିକ ସମୟରେ ଆବଶ୍ୟକ ବର୍ଷା ହୋଇଥିବାରୁ ଉକ୍ତ ଅଞ୍ଚଳରେ ଭଲ ଫସଲ ହୋଇଥିଲା। ତେଣୁ ଚାଷୀ ଋଣ କରି ଭଲରେ ଧାନ ଫସଲର ଯତ୍ନ ନେବା ସହିତ ସାର ପ୍ରୟୋଗ କରିଥିଲା। ବର୍ତ୍ତମାନ ଖଣ୍ଡଗିରି, ହଜାରେଦଶ, ଲଲାଟ ଭଳି ଛୋଟ ଧାନଗୁଡିକ ଅମଳ ହେବାର ସମୟ ହେଲାଣି। ବଡ ଧାନ ଯଥା ପୂଜା, ହଜାରେ ଏକ, ତପସ୍ୱିନୀ, ମନସ୍ୱିନୀ, ଆଡଜିଏଲ ଭଳି ଧାନଗୁଡିକ ଆଉ କିଛିଦିନ ଭିତରେ କ୍ଷୀର ଢୋକିବା ଆରମ୍ଭ କରିବାର ସମୟ ହେଲାଣି। ମାତ୍ର ରୋଗପୋକ ଯୋଗୁଁ ଫସଲରେ ନା କ୍ଷୀର ଢୋକି ପାରୁଛି ନା ଧାନ ଫୁଲୁଚି। ଚାଷୀଙ୍କ ଅଭିଯୋଗ ମୁତାବକ ପତ୍ରପୋଡା ରୋଗ ଯୋଗୁଁ ଫସଲରେ ପତ୍ରର ଟିପି ପୋଡି ଯିବା ସହିତ ପତ୍ରର ଉଭୟ ପାର୍ଶ୍ୱ ଶୁଖି ଯାଉଛି। ମହିଷା (ବ୍ଲାଷ୍ଟ) ରୋଗ ଯୋଗୁଁ ପତ୍ରରେ ଆଖି ଭଳିଆ ଦାଗ ଦେଖାଯାଉଛି। ପତ୍ରକଟା ରୋଗ ଯୋଗୁଁ ଗଛ ଧଳା ହୋଇ ଯାଉଛି ଓ କେଣ୍ଡା ଧରି ପାରୁନାହିଁ। ଏପରିକି କିଛି ଧାନ ଗଛ ଶଢ଼ି ଯାଉଛି। ତେଣୁ ଆଉ ଅମଳ ହେବାର ସମ୍ଭାବନା ଦେଖାଯାଉ ନାହିଁ।

ରୋଗପୋକ ପାଇଁ କୀଟନାଶକ ଔଷଧ ମିଳୁ ନାହିଁ। ସରକାରଙ୍କ ତରଫରୁ କୀଟନାଶକ ଦେବାର ବ୍ୟବସ୍ଥା ଥିଲେ ମଧ ତାହା ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳରେ ବିଭିନ୍ନ ସ୍ଥାନରେ କଳାବଜାରୀମାନେ ଏହାର ଫାଇଦା ନେଇ ଚଢ଼ାଦରରେ କୀଟନାଶକ ବିକ୍ରି କରୁଛନ୍ତି। ଏପରିକି ସେମାନେ ଏକ୍ସପ୍ୟାରି ଔଷଧ ଓ ନିମ୍ନମାନର କୀଟନାଶକ ଔଷଧ ବିକ୍ରି କରୁଛନ୍ତି। ମାତ୍ର ବିଭାଗ ପକ୍ଷରୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏ ନେଇ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ରୋଗର କୀଟନାଶକ ଅଛି ବୋଲି କହିଛନ୍ତି। ମାତ୍ର ଚାଷୀଙ୍କ ଅଭିଯୋଗ ମୁତାବକ କୀଟନାଶକ ସମସ୍ତ ଚାଷୀଙ୍କୁ ଦିଆଯାଉ ନାହିଁ। ଯେଉଁ ଚାଷୀମାନେ ପଞ୍ଜିକୃତ ହୋଇଛନ୍ତି କେବଳ ସେମାନଙ୍କୁ ୫୦ପ୍ରତିଶତ ରିହାତିରେ ଦିଆଯାଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ସହିତ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯାଉଛି ବୋଲି ପ୍ରଚାର କରୁଛନ୍ତି। ମାତ୍ର ସାଧାରଣ ଚାଷୀଙ୍କ ପାଖରେ କୌଣସି ସୁବିଧା ଠିକରେ ମିଳୁ ନ ଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ରୋଗପୋକ ପାଇଁ କେବଳ ପଞ୍ଜୀକୃତ ଚାଷୀଙ୍କୁ କୀଟନାଶକ ଦିଆଯାଉଥିବା ବେଳେ ବୀରମହାରାଜପୁର ଅଞ୍ଚଳରେ ହାତଗଣତି କେତେକ ଚାଷୀ ଏହି ସୁବିଧା ପାଇବେ। ଅଧିକାଂଶ ଚାଷୀ କେବେ ପଞ୍ଜିକୃତ ହୋଇଥିଲା ତାହା ଜାଣି ନଥିବା ଅଭିଯୋଗ କରିଛନ୍ତି। ତେଣୁ ଧାନ ଫସଲରେ ରୋଗପୋକ ବ୍ୟାପିଥିବାର ଅବସ୍ଥା ଦେଖି ସମସ୍ତ ଚାଷୀଙ୍କୁ ମାଗଣାରେ କୀଟନାଶକ ବଣ୍ଟନ କରିବାକୁ ଦାବି ହେଉଛି।



ବୀରମହାରାଜପୁର ଅଞ୍ଚଳର ମେଣ୍ଡିଲିପାଲି ଗ୍ରାମର ଏକ ଚାଷ ଜମିରେ ରୋଗପୋକ ଲାଗି ଫସଲ ନଷ୍ଟ ହୋଇଛି।

### ଉପଖଣ୍ଡ ଡାକ୍ତରଖାନାରେ ଯୋଗଦେଲେ ୨ବିଶେଷଜ୍ଞ ଡାକ୍ତର

**ବୀରମହାରାଜପୁର, ୧୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଖାଲି ପଡିଥିବା ବିଶେଷଜ୍ଞ ପଦବୀ ମଧ୍ୟରୁ ଶୁକ୍ରବାର ଦୁଇଟି ପୂରଣ ହୋଇଛି। ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଭାଗର ଡା. ସତ୍ୟନାରାୟଣ ପାଣିଗ୍ରାହୀ ଏବଂ ଶିଶୁରୋଗ ବିଭାଗର ଡା. ରବିନ୍ଦ୍ର ନାଥପଣ୍ଡା କାର୍ଯ୍ୟରେ ଯୋଗଦେଇଛନ୍ତି। ଦୀର୍ଘଦିନରୁ ଉଭୟ ବିଶେଷଜ୍ଞ ପଦ ଖାଲି ରହିବା ଫଳରେ ଜନ ଅସନ୍ତୋଷ ଦେଖାଦେଇଥିଲା। ଏହି ପ୍ରସଙ୍ଗକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ତେବେ ଏଠାରେ ସୂଚନାଯୋଗ୍ୟ ଯେ, ଉକ୍ତ ଉପଖଣ୍ଡ ଡାକ୍ତରଖାନାରେ ମେଡିସିନ ଓ ସର୍ଜରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କେହି ବିଶେଷଜ୍ଞ ନଥିବାରୁ ଅଞ୍ଚଳବାସୀ ପ୍ରମୁଖ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାର ଦେଖିବାକୁ ମିଳୁଛି।

## ଶିକ୍ଷା ଅଧିକାର ସଂଘର୍ଷ ମହାସଂଘର ପଦଯାତ୍ରା

**ସୋନପୁର,୧୨।୧୦(ନି.ପ୍ର.)**

ଶିକ୍ଷା ଅଧିକାର ସଂଘର୍ଷ ମହାସଂଘ ପକ୍ଷରୁ ଶିକ୍ଷାରେ ସଂସ୍କାର ଦାବିରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ପଦଯାତ୍ରା ଆରମ୍ଭ ହୋଇଛି। ନୂଆପଡା ଜିଲା ସିନାପାଲିରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଦୀର୍ଘ ୧୬୦୦କିଲୋମିଟର ଅତିକ୍ରମ କରି ଭୁବନେଶ୍ୱରରେ ସରିବ। ସାମାଜିକକର୍ମୀ ତଥା ରାଜ୍ୟ ସଂଯୋଜକ ଶିକ୍ଷା ଅଧିକାର ମହାସଂଘର ସୁରଥ ବେହେରାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ସଚେତନତା ପଦଯାତ୍ରା ଶୁକ୍ରବାର ସୁବର୍ଣ୍ଣପୁରରେ ପହଞ୍ଚିଛି। ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ଶିଶୁଙ୍କୁ ସରକାରୀ ବିଦ୍ୟାଳୟରେ ପାଠ ପଢାଇବା ବାଧ୍ୟତାମୂଳକ କରିବା, ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟରତ ସ୍ଥାନରେ ସରକାରୀ ବାସଗୃହ ଓ ଏହାର ଖିଲାପକାରୀଙ୍କୁ ସରକାରୀ ଚାକିରି କ୍ଷେତ୍ରରେ ପ୍ରାଥମିକତା ନ ଦେବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ମଧ ଆଲୋଚନା କରାଯିବ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଅଶୋକ ଭୋଇ, ତ୍ରେତୟା ଆଡକୁଆଡ, ସୁବାଷ ଘିବେଲା, କ୍ଷିରସିନ୍ଧୁ ସାଗରିଆ, ଲକ୍ଷ୍ମଣ ସୁନା ଓ ସତ୍ୟ ସାହୁ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି। ଶନିବାର ଏହି ପଦଯାତ୍ରା ବୌଦ୍ଧ ଜିଲା ଅଭିମୁଖେ ଯିବ ବୋଲି ଜଣାପଡିଛି।




ସୋନପୁରରେ ଅନୁଷ୍ଠିତ ପଦଯାତ୍ରା।

## ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ସୁବର୍ଣ୍ଣପୁର ଜିଲା

**ସୋନପୁର,୧୨।୧୦(ନି.ପ୍ର.)**

ଅଣ୍ଡା ଏକ ଶୁଦ୍ଧ ଏବଂ ସ୍ୱଳ୍ପ ମୂଲ୍ୟ ଯୁକ୍ତ ଖାଦ୍ୟ। ଯାହାକୁ କି ମହଙ୍ଗା ଯୁଗରେ ସାଧାରଣ ଲୋକେ ସହଜରେ କିଣି ପାରିବେ। ଅଣ୍ଡାରେ ପ୍ରୋଟିନ୍, ଭିଟାମିନ୍ ଏ, ଡି, ଇ, ବି୬, ବି୧୨, ବି୧, କାଲସିୟମ, ମାଗନେସିୟମ, ଆଇରନ, ଫ୍ୟାଟ୍ ଓ କାର୍ବୋହାଇଡ୍ରେଟସ୍ ଭଳି ସବୁ ପ୍ରକାର ଭିଟାମିନ୍, ଖଣିଜ ପଦାର୍ଥ ଏବଂ ପୁଷ୍ଟିସାର ଭରପୁର ରହିଛି। ତେଣୁ ସୁବର୍ଣ୍ଣପୁର ଜିଲାକୁ ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏ କ୍ଷେତ୍ରରେ ସଫଳତା ମିଳୁଛି ବୋଲି ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ମଧୁସୂଦନ ମିଶ୍ର ମତପ୍ରକାଶ କରିଛନ୍ତି। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସ୍ଥାନୀୟ ଏନଜିଓସିସି ସଭାଗୃହଠାରେ ଅନୁଷ୍ଠିତ ସଚେତନତା ସଭାରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିନୟ ଭୂଷଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ହାଇଦ୍ରାବାଦସ୍ଥିତ ଜାତୀୟ ପୁଷ୍ଟିକର ସଂସ୍ଥାର ତଥ୍ୟ ଅନୁଯାୟୀ ଜଣେ ବ୍ୟକ୍ତିର ସନ୍ତୁଳିତ ଖାଦ୍ୟରେ ବର୍ଷକୁ ୧୮୦ଟି ଅଣ୍ଡା ରହିବା ଉଚିତ୍। ମାତ୍ର ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚି ପାରୁନି। ଆମ ରାଜ୍ୟରେ ଜଣେ ବ୍ୟକ୍ତି ବର୍ଷକୁ ମାତ୍ର ୫୬ଟି ଅଣ୍ଡା ଖାଉଛି। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁନିଲ କୁମାର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଅଣ୍ଡା ଖାଇବା ସକାଶେ ସଚେତନତା ସୃଷ୍ଟି ପାଇଁ ଅକ୍ଟୋବର ମାସର ଦ୍ୱିତୀୟ ଶୁକ୍ରବାରକୁ ବିଶ୍ୱ ଅଣ୍ଡା ଦିବସ ଭାବେ ପାଳନ କରାଯାଉଛି। କୁକୁଡା ପାଳନ, ଅଣ୍ଡା ଉତ୍ପାଦନରେ ଗତ କିଛି ବର୍ଷ ମଧ୍ୟରେ ସୁବର୍ଣ୍ଣପୁର ଜିଲା ଯଥେଷ୍ଟ ଅଗ୍ରଗତି କରିଛି। ବର୍ତ୍ତମାନ ଦିନକୁ ୨ ଲକ୍ଷ ଅଣ୍ଡା ଜିଲାରେ ଉତ୍ପାଦନ ହେଉଛି। ଏହିପ୍ରକ୍ରିୟା ଜାରିରହିଲେ ଅଣ୍ଡା ଉତ୍ପାଦନରେ ଆମେ ଆତ୍ମନିର୍ଭରଶୀଳ ହୋଇପାରିବା ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡିସି ଡାକ୍ତର ପ୍ରମୋଦ ପଧାନ ଅନ୍ୟତମ ସମ୍ମାନିତ ଅତିଥିଭାବେ ତାଙ୍କ ବକ୍ତବ୍ୟରେ କହିଥିଲେ ମଧ୍ୟାହ୍ନଭୋଜନରେ ପିଲାଙ୍କୁ ଓ ଗର୍ଭବତୀ ମହିଳାଙ୍କୁ ବାହାର ରାଜ୍ୟର ଅଣ୍ଡା ଦିଆଯାଉଛି। ପଶ୍ଚିମ ଓଡିଶାରେ ଅଣ୍ଡା ଉତ୍ପାଦନରେ ବଲାଙ୍ଗୀର ତଳକୁ ସୁବର୍ଣ୍ଣପୁର ଜିଲା ରହିଛି। ବର୍ତ୍ତମାନ ଜିଲାରେ ୫ଟି ଲେୟାର ୟୁନିଟ୍ କାର୍ଯ୍ୟକ୍ଷମ ଅଛି। ଅଣ୍ଡା ବାହାର ଜିଲାକୁ ରପ୍ତାନି ହେଉଛି। ଆଉ ୨ଟି ୟୁନିଟ୍ର ଏବେ କାର୍ଯ୍ୟ ଚାଲିଛି। କୁକୁଡା ଅଣ୍ଡା ଫାର୍ମ ପାଇଁ ସରକାର ସବ୍‌ସିଡି ପ୍ରଦାନ କରୁଛନ୍ତି। ଆଗ୍ରହୀ ଲୋକେ ଏହାର ଲାଭ ଉଠାଇ ପାରିବେ। ଏଥିପାଇଁ ଭଲ ବଜାର ସୁବିଧା ଥିବାରୁ ଲୋକେ କୁକୁଡା ପାଳନ କରି ମାଂସ ଓ ଅଣ୍ଡା ବିକି ବେଶ ଦି ପଇସା ରୋଜଗାର କରି ପାରୁଛନ୍ତି ବୋଲି ଡାକ୍ତର ପଧାନ କହିଥିଲେ। ଜିଲା ପ୍ରଶିକ୍ଷଣ ସଂଯୋଜକ ବୁଦ୍ଧନାନନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କୁକୁଡା ଚାଷୀ ଓ ମହିଳା ଯୋଗ ଦେଇଥିଲେ।



ଅଣ୍ଡା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

## ସୋନପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର ସଫଳତା

**ସୋନପୁର,୧୨।୧୦(ନି.ପ୍ର.)**

ଗୋଆର ଇସଲାମ କମ୍ୟୁନିଟି ହଲଠାରେ ଗତ ୬ ଓ ୭ ତାରିଖରେ ଆୟୋଜିତ ଜାତୀୟ ଓପନ କରାଟେ ଚାମ୍ପିୟନଶିପ୍‌ରେ ସୋନପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର ଖେଳାଳିଙ୍କୁ ସଫଳତା ମିଳିଛି। ସୋନପୁରର ଦୁଇ ଜଣଙ୍କୁ ସ୍ୱର୍ଣ୍ଣ, ଦୁଇ ଜଣଙ୍କୁ ରୌପ୍ୟ ଓ ତିନି ଜଣ ଖେଳାଳିଙ୍କୁ କାଂସ୍ୟ ପଦକ ମିଳିଛି। ବିଦ୍ୟାଳୟର କୋଚ୍ ସୁରଜ ପୁଝାରୀଙ୍କ ନେତୃତ୍ୱରେ ୭ ଜଣ ଖେଳାଳି ଏହି ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ରୋସନ ଦାସ ଓ ଅଜିତ ଗିରିଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା ବେଳେ ଦେବଦତ୍ତ ନାଏକ ଓ ଆକାଶ କ୍ଷେତି ରୌପ୍ୟ, ରୋସନ ସାହୁ, ଶକ୍ତିମାନ ମହାରଣା ଓ କନ୍ଦର୍ପ ଭାଇନା କାଂସ୍ୟ ପଦକ ଅର୍ଜନ କରି ଜିଲାକୁ ଗୌରବାନ୍ୱିତ କରିଛନ୍ତି।




କରାଟେ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ଖେଳାଳିମାନେ।

### ବିନିକାରେ ଶାରଦୀୟ ଦୁର୍ଗାପୂଜା
## ଉଚ୍ଚଶବ୍ଦକାରୀ ବାଦ୍ୟ ଉପରେ ରୋକ

**ସିଂଘିଯୁବା,୧୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ପୂଜା କମିଟିଗୁଡିକ ନାନାବିଧ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ପୂଜାରମ୍ଭରୁ ଭସାଣୀ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରଶାସନ ମଧ ଅଣ୍ଟା ଭିଡିଛି। ଚଳିତ ବର୍ଷ ଭସାଣୀରେ ଉଚ୍ଚଶବ୍ଦ କରୁଥିବା ଡିଜେ ସାଉଣ୍ଡ ଉପରେ ରୋକ୍ ଲଗାଇଛି ପ୍ରଶାସନ। ଏ ନେଇ ବିନିକା ଥାନାରେ ବୁଧବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଉର୍ଲେ ଛକ, ବିଶାଳପାଲି ଛକ, କଲେଜ୍ ଛକ, ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ୍, ଦୈନିକ ବଜାର ପ୍ରାଙ୍ଗଣ ପ୍ରଭୃତି ବ୍ୟସ୍ତବହୁଳ ଛକମାନଙ୍କରେ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରିବା ଉପରେ ଆଲୋଚନା କରାଯାଇଥିଲା। ଭସାଣି ଶୋଭାଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୂଜା କମିଟି କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ବିନିକା ଥାନା ଅଧିକାରିଣୀ କଲ୍ୟାଣୀ ବେହେରା କହିଛନ୍ତି ଏଥର ଦଶହରାରେ ୬୫ଡିସିବିଲର କେବଳ ମାଇକ୍ (ଲାଉଡସ୍ପିକର) ବଜା ହେବ। ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ବୈଠକରେ ବିଶ୍ୱ ନାୟକ, ପ୍ରଶାନ୍ତ ଦଣ୍ଡସେନା, ପବିତ୍ର ନାୟକ, ପର୍ଶୁରାମ ମହାଲିଙ୍ଗ, ମିତ୍ରସେନ ଶର୍ମା, ଦିଲ୍ଲୀପ ବେହେରା, ବବଲୁ ମହାନନ୍ଦ, ସନ୍ତୋଷ ପଣ୍ଡା, ରାଜେଶ ସାହୁ, ପ୍ରତାପ ଭୋଇଙ୍କ ସହ ବିନିକା ସହରର ଶତାଧିକ ନାଗରିକ ଉପସ୍ଥିତ ଥିଲେ।

# କାମରେ ଆସୁନି ପ୍ରାଣୀଧନ ଚିକିତ୍ସାଳୟ

- ଖାଲି ପଡିଛି ଏଲ୍ଆଇ ପଦବୀ
- ସଙ୍କଟରେ ପ୍ରାଣୀ ସମ୍ପଦ

**ସିଙ୍ଘିଯୁବା,୧୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଙ୍କିଘିର୍ଡି ପ୍ରାଣୀଧନ ଚିକିତ୍ସାଳୟଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ୨୦୧୭-୧୮ଆର୍ଥିକ ବର୍ଷରେ ଏହି ଚିକିତ୍ସାଳୟ ଖୋଲିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ ଦାୟିତ୍ୱ ନେଇଥିଲା। ହେଲେ ଦେଢବର୍ଷ ନ ବିତୁଣୁ ଏହି ନବନିର୍ମିତ କେନ୍ଦ୍ରର ଅବସ୍ଥା ଏବେ ଅତି ଦୟନୀୟ ହୋଇଗଲାଣି। ନିମ୍ନମାନର କାମ ଯୋଗ ଏପରି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେନ୍ଦ୍ରର ସିମେଣ୍ଟ ବାଡା ଧସି ଗଲାଣି। ୨ଟି ଗୃହର ଆଜବେଷ୍ଟସ ଛାତ ଭାଙ୍ଗିରୁଜି ଗଲାଣି। ଏଥିସହିତ କେନ୍ଦ୍ର ଚତୁଃପାର୍ଶ୍ୱରେ ବିଭିନ୍ନ ଗୁଳ୍ମଲତା, ଅଳିଆ ଆବର୍ଜନା ମାଡିଗଲାଣି। କହିବାକୁ ଗଲେ ବର୍ତ୍ତମାନ ଚିକିତ୍ସାଳୟର ଭୂତକୋଠିପାଲଟିଯାଇଛି। ଏସବୁ ମୌଳିକ ଭିତ୍ତିଭୂମି ଅଭାବ ସାଙ୍ଗକୁ ଚିକିତ୍ସା କେନ୍ଦ୍ରରେ ବହୁମାସ ହେଲା ଏଲ୍.ଆଇ(ଲାଇଭଷ୍ଟକ ଇନ୍ସପେକ୍ଟର) ନାହାନ୍ତି। ଏହି ପଦବୀ ପୂରଣ ପାଇଁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ ମଧ ଅଦ୍ୟାବଧି ଏହା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏସବୁ ସମସ୍ୟା ମଧ୍ୟରେ ବଳି ପଡୁଛି ପ୍ରାଣୀ ସମ୍ପଦ। କିଛିଦିନ ତଳେ ବାଙ୍କିଘିର୍ଡି ପଞ୍ଚାୟତର ସଦର ଗାଁ ବାଙ୍କିଘିର୍ଡି, ସାରଙ୍ଗପାଲି, କୁକୁଡାଝୋଲି ଓ ହୁଡୁମା ଆଦି ଗାଁରେ ଫାଟୁଆ ରୋଗ ବ୍ୟାପିଥିଲା। ମାତ୍ର ଏହି କେନ୍ଦ୍ରରେ ପଶୁ ଚିକିତ୍ସକ ନଥିବା ହେତୁ ଲୋକମାନେ କ୍ୱାକ୍‌ମାନଙ୍କଦ୍ୱାରା ଗୃହପାଳିତ ପଶୁମାନଙ୍କର ଚିକିତ୍ସା କରାଇ ଅଯଥା ଖର୍ଚ୍ଚାନ୍ତ ହୋଇଥିଲେ। ଏଥିସହିତ ଭେକ୍ସିନ ମଧ ଗୃହପାଳିତ ପଶୁଙ୍କୁ ଦିଆଯାଇ ପାରୁନାହିଁ। ଏହି ପରିସ୍ଥିତିରେ ଯଥାଶୀଘ୍ର ଏହି କେନ୍ଦ୍ରରେ ଖାଲି ପଡିଥିବା ଏଲ୍ଆଇ ପଦବୀ ପୂରଣ କରିବା ସହ ନିମ୍ନମାନର ଗୃହ ନିର୍ମାଣରେ ହୋଇଥିବା ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ଅବହେଳିତ ହୋଇ ପଡିଥିବା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର।

**ଏମାନେ ଯାହା କୁହନ୍ତି...**



"ଗୋପାଳନ କରି ପରିବାର ପୋଷଣ କରେ। ହେଲେ ଗୋରୁଙ୍କ ଚିକିତ୍ସା ପାଇଁ ବାଙ୍କିଘିର୍ଡି ପଶୁ ଚିକିତ୍ସାଳୟ ଆମର କୌଣସି କାମରେ ଆସୁନାହିଁ। ଦୀର୍ଘମାସ ହେଲା ଏଠାରେ ଡାକ୍ତର ନାହାନ୍ତି। ପୁନଶ୍ଚ ରକ୍ଷଣାବେକ୍ଷଣ ଅଭାବରୁ ନବନିର୍ମିତ କେନ୍ଦ୍ର ମଧ ଭାଙ୍ଗିରୁଜି ଗଲାଣି।
**-ଆନନ୍ଦ ରାଉତ, ବାଙ୍କିଘିର୍ଡି**



"ଚଳିତ ବର୍ଷ ଫାଟୁଆ ରୋଗରେ ମୋର ୨ଟି ଛେଳି ମରିଗଲେ। ପ୍ରାଣୀଧନ ଚିକିତ୍ସକ ନ ଥିବାରୁ ଠିକ୍‌ଣା ସମୟରେ ଚିକିତ୍ସା ମିଳିଲାନି। କ୍ଷତି ସହିଲି। ଏଭଳି ସମସ୍ୟା ଅନ୍ୟମାନଙ୍କୁ ବି ହେଉଥିବ। ଅବିଳମ୍ବେ ପଦକ୍ଷେପ ନେବା ଜରୁରୀ।
**-ନାରାୟଣ ଭୁଏ,ବାଙ୍କିଘିର୍ଡି**



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ସ୍କ୍ରାପ୍ ବୋଝେଇ ଗାଡ଼ି ଜବତ : ଚାଳକ ଗିରଫ

**ବେଦବ୍ୟାସ, ୧୨।୧୦ (ଡି.ଏନ.ଏ.)-** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକ ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରୁ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ଟାରେ ବେଆଇନ ସ୍କ୍ରାପ କାରବାର ଅଭିଯୋଗରେ ଗାଡି ଜବତ ହୋଇଛି। ଚାଳକଙ୍କୁ ଗିରଫ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ରାଉରକେଲା ପାର୍ଶ୍ୱରୁ ବେଦବ୍ୟାସ ଆଡକୁ ଆସୁଥିବା ସ୍କ୍ରାପ ବୋଝେଇ ବୋଲେରୋ ପିକଅପ୍ ଗାଡି (ନଂ. ଓଆର୍ ୧୪ ଟି- ୫୮୫୦)କୁ ବ୍ରାହ୍ମଣୀତରଙ୍ଗ ପୋଲିସ ପୂର୍ବରୁ ବିଶେଷ ସୂତ୍ରରୁ ଖବରପାଇ ଅଟକାଇଥିଲା। କାଗଜପତ୍ର ମାଗିବାରୁ ଦେଖାଇ ପାରି ନ ଥିଲେ। ନିକଟସ୍ଥ କଣ୍ଟାରେ ଓଜନ କରିବାରୁ ପ୍ରାୟ ୧ଟନ ବେଆଇନ ସ୍କ୍ରାପ ଥିବା ଜଣାପଡିଛି। ଗାଡି ଚାଳକ କେନ୍ଦ୍ରାକେଲା ନିବାସୀ ବିକ୍ରମ ଜାନେ (୨୨)କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ.୨୩୦/୧୮) ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି। ସ୍ଥାନୀୟ ଅଞ୍ଚଳରେ ସ୍କ୍ରାପ ବେପାରୀଙ୍କ ମଧ୍ୟରେ ପୋଲିସର ଅତର୍କିତ ଚଢ଼ାଉକୁ ନେଇ କୋକୁଆଭୟ ସୃଷ୍ଟି ହୋଇଛି।

# ଆର୍‌ଜିଏଚ୍ ସମସ୍ୟା ନେଇ ସିପିଆଇର ବିକ୍ଷୋଭ

**ରାଉରକେଲା ଅଫିସ,୧୨।୧୦**

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ସମସ୍ୟା ନେଇ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ ନାନା ଆଲୋଚନା ସମାଲୋଚା କରାଯାଉଥିବା ବେଳେ ଶୁକ୍ରବାର ସିପିଆଇ ପକ୍ଷରୁ ଏନେଇ ବିକ୍ଷୋଭ କରାଯିବା ସହ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଯୋଗଦେଇ ପାର୍ଟି କର୍ମକର୍ତ୍ତା କହିଥିଲେ, ଆର୍‌ଜିଏଚ୍‌ର କ୍ୟାପିଟାଲ ହସ୍ପିଟାଲ ସମତୁଲ ବିକାଶ ନେଇ ବାରମ୍ବାର ସହରବାସୀ ଦାବି କରି ଆସୁଛନ୍ତି। ଏ ଦିଗରେ ସରକାର ନିଦାବିଷ୍ଟୁ ସାଜିଥିବା ବେଳେ ସମ୍ପ୍ରତି ଏଠି ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ, କର୍ମଚାରୀ ଓ ଅନ୍ୟ ଆନୁଷଙ୍ଗିକ ସୁବିଧା ନାହିଁ।

ଆତ୍ୟାବଶ୍ୟକ ମେଶିନ ଯଥା ସିଟି ସ୍କାନ, ଅଲଟ୍ରା ସାଉଣ୍ଡ, ଆଇସିୟୁ ନେଇ କର୍ତ୍ତୃପକ୍ଷଙ୍କ ଉଦାସୀନତା ଏହି ଡାକ୍ତରଖାନାକୁ ଗୌଣ କରିଦେଇଛି। ଶଯ୍ୟା ସଂଖ୍ୟା ୧୨୮ରେ ସୀମିତ ଥିବାବେଳେ ୫ଶହ ଶଯ୍ୟା ବ୍ୟବସ୍ଥା ସ୍ୱପ୍ନରେ ରହିଯାଇଛି ବୋଲି ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏଥିରେ ଯୋଗଦେଇ ପାର୍ଟିର ଶାଖା ସମ୍ପାଦକ ଅରୁଣ ଦାସ, ଯୁବ ସଂଘ ରାଜ୍ୟ ସଭାପତି ସଦାନନ୍ଦ ସାହୁ ପ୍ରମୁଖ ବକ୍ତବ୍ୟ ରଖି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ରାଉରକେଲା ସହର ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ କରିଥିଲେ। ଆର୍‌ଜିଏଚ୍ ଉପରେ ଭରସା କରୁଥିବା ୮ଲକ୍ଷ ଲୋକଙ୍କ ଆଶା ଆକାଂକ୍ଷାକୁ ସରକାର ଲଗାତର ଅଣଦେଖା କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଅଭିଯୋଗ କରିଥିଲେ। ତୁରନ୍ତ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ପଦ ପୂରଣ ସହ ଖାଲି ପଦ ପୂରଣ ନେଇ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ମହାନଗର ତଥା ସ୍ମାର୍ଟ ସିଟି ରାଉରକେଲାରେ ଯଦି ସରକାର ଏଭଳି ନିମ୍ନମାନର ଚିକିତ୍ସା ସେବା ଯୋଗାଉଛନ୍ତି ତେବେ ଗାଁଗଣ୍ଡାର ଅବସ୍ଥା କିପରି ଥିବ ଏଥିରୁ ଅନୁମାନ କରାଯାଇ ପାରେ ବୋଲି କହିଥିଲେ ନେତୃମଣ୍ଡଳୀ। ସୁନ୍ଦରଗଡ଼ ଜିଲ୍ଲା ସମେତ ପଡ଼ୋଶୀ ରାଜ୍ୟରୁ ଅନେକ ରୋଗୀ ଏହି ଡାକ୍ତରଖାନାକୁ ଭରସା କରି ଆସୁଥିବା ବେଳେ ଶଯ୍ୟା ଅଭାବରୁ ଅନେକ ସମୟରେ ସେମାନେ ନିରାଶ ହୋଇ ଫେରୁଛନ୍ତି। କେତେକ ବିଭାଗରେ ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀ ଅଭାବ ଏହି ଡାକ୍ତରଖାନାକୁ ସ୍ଥାଣୁ କରିଦେଇଛି ବୋଲି ଅଭିଯୋଗ କରାଯାଇଥିଲା। ପରେ ଏନେଇ ଏକ ପ୍ରତିନିଧି ମଣ୍ଡଳୀ ଆର୍‌ଜିଏଚ୍ ମୁଖ୍ୟଙ୍କୁ ଭେଟି ଆଲୋଚନା କରିବା ସହ ଏହି ମର୍ମରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ପଞ୍ଚାନନ ସୁନା, ପୁଷ୍ପଲତା ସ, କୁନ୍ଦୁଲ ବେହେରା, କାର୍ତ୍ତିକ ନାୟକ, ଅରୁଣ ଭୋଇ ଓ ଅପର୍ଣ୍ଣା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବିଭିନ୍ନ ଦାବି ନେଇ ସିପିଆଇ ପକ୍ଷରୁ ଆର୍‌ଜିଏଚ୍ ସମ୍ମୁଖରେ ବିକ୍ଷୋଭ।

## ମୋ ରାଉରକେଲା

### ସମ୍ପର୍କର ଡୋର ଏଠି ବେଶ୍ ମଜଭୁତ

ମୋ ପ୍ରିୟ ସହର ଇସ୍ପାତନଗରୀ ରାଉରକେଲା। ଏହା ମୋର ଜନ୍ମ ଓ କର୍ମଭୂମି। ଏହାର ମାଟି, ପାଣି, ପବନରେ ଏ ମନପ୍ରାଣ ଆଚ୍ଛାଦିତ। ଜୀବନ ଜିଇଁବାର କଳା ଏହି ସହରରୁ ଲାଭ କରିଛି। ଲୁହାର ହୃଦୟରେ ଲୁହର ଦରଦ ପରି ଅଭୁଲା ଅନୁଭୂତିକୁ ଏଠି ସାଉଁଟିଛି। ମୋ ଚତୁଃପାର୍ଶ୍ୱର ସବୁଜ ବନାନୀ, କୁଳୁକୁଳୁ ବହିଯାଉଥିବା ବ୍ରହ୍ମଣୀ ଓ ଷ୍ଟିଲ ସିଟିର ଗୋଲେଇ ରିଂ ରୋଡ୍ ସତରେ ବେଶ୍ ଅପାଶୋରା ଅନୁଭୂତି। ସାହିତ୍ୟ ସଙ୍ଗୀତ ଗୀତିନାଟ୍ୟର ଫେଣ୍ଟାଫେଣ୍ଟି ମହକ ମୋତେ ଉନ୍ମାଦ କରିଛି। ଏ ସହରରେ ମୁଁ ଅଭିନେତା ସାଜି କେତେବେଳେ ମଞ୍ଚରେ ଠିଆ ହୋଇଛି ତ ଆଉ କେତେବେଳେ ନିର୍ଦ୍ଦେଶକ ରୂପେ ନାଟ୍ୟଶାଳାରେ ନିଜକୁ ହଜେଇ ଦେଇଛି। ଏପରି ଆତ୍ମୀୟତା ସତରେ ଆଉ କେଉଁଠି ଅଛି କି ନା ମୁଁ ଜାଣେନା। କିନ୍ତୁ ନିଃସଂକୋଚରେ କହିବି ଯେ ମୋ ସହର ରାଉରକେଲାର ଭାବ ମୋତେ ବନ୍ଧୁ ପଣିଆରେ ବାନ୍ଧି ଦେଇଛି। ଏମିତି ଆତ୍ମୀୟତା ଭିତରେ ଗାଁ ମାଟିର ସାଂସ୍କୃତିକ ମହକ, ଯାନିଯାତ୍ରାର ନିଚ୍ଛକ ଦୃଶ୍ୟ ବେଳେ ବେଳେ ମୋତେ ମୋହାନ୍ଧ କରେ। ଛାତ୍ର ଜୀବନର ୨୦ ଓ ଚାକିରି ଜୀବନର ଦୀର୍ଘ ୨୫ ବର୍ଷ କାଟିଛି ଏଇ ମାଟିରେ। ଅନେକ ନୂଆ ପୁରୁଣା ଜାଗାକୁ ବୁଲି ଯାଇଛି। ହେଲେ ଫେରିବାକୁ ମନ ବ୍ୟାକୁଳ ହୁଏ। ଏହା ହିଁ ତ ଆପଣା ପଣିଆର ଭାବ। ବାସ୍ତବରେ ସମ୍ପର୍କର ଡୋର ଏଠି ବେଶ୍ ମଜବୁତ। ଏଠି ପୁରୁଣା ସାଙ୍ଗସାଥୀଙ୍କୁ ନେଇ ସନ୍ଧ୍ୟା ଆସର ଜମେ। ଖୋଲାହୁଏ ଇତିହାସର ପୁରୁଣା ପୃଷ୍ଠା। ମନ ରୋମାଞ୍ଚିତ ହୁଏ। ରାଉରକେଲାକୁ ନେଇ ଥମେନି ଚର୍ଚ୍ଚା। ମନ ପ୍ରାଣରେ ପୁଣି ସୃଷ୍ଟି ହୁଏ ନୂଆ ରୋମାଞ୍ଚ। ଏଣୁ ରାଉରକେଲାକୁ ମୋର ଲକ୍ଷେ ପ୍ରଣାମ।



-ଡା. ସଞ୍ଜୟ ହାତୀ


ସ୍କ୍ରାପ୍ ଡିଲର ସଂଘ ପକ୍ଷରୁ ଅତିରିକ୍ତ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

# ସ୍କ୍ରାପ୍ ଡିଲର ସିଣ୍ଡିକେଟ ପକ୍ଷରୁ ଅତିରିକ୍ତ ଏସ୍‌ପିଙ୍କୁ ସାକ୍ଷାତ

**ରାଉରକେଲା ଅଫିସ,୧୨।୧୦**

ସହରରେ ସ୍କ୍ରାପ୍ ବ୍ୟବସାୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନେଇ ଗଠିତ ସ୍କ୍ରାପ୍ ଡିଲର ଆସୋସିଏଶନର ଏକ ପ୍ରତିନିଧି ଦଳ ଶୁକ୍ରବାର ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ସୁରେଶ ପାଠୀଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ କହିଥିଲେ ଯେ ବିଭିନ୍ନ ଥାନା ଅଞ୍ଚଳରେ ସ୍କ୍ରାପ୍ କାରବାରରେ ଲିପ୍ତ ବ୍ୟବସାୟୀଙ୍କୁ ଅଯଥା ହଇରାଣ କରାଯାଉଛି। ପୁରୁଣା ବର୍ଜ୍ୟ ଲୁହା, ଜରି କାଗଜ ଆଦିକୁ ନେଇ ବେପାର କରୁଥିବା ବ୍ୟକ୍ତିଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗାଡ଼ି କାଗଜପତ୍ର, ଜିଏସ୍‌ଟି, ଚାଲାଣ ଥିବା ସତ୍ତ୍ୱେ ଏମାନଙ୍କୁ ଟାର୍ଗେଟ କରାଯାଉଛି। ଏଣୁ ଏହି ବ୍ୟବସାୟୀଙ୍କ ଉପରେ ପୋଲିସ ଜୁଲମ ବନ୍ଦ ନେଇ ଅତିରିକ୍ତ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଏନେଇ ଏସ୍‌ପିଙ୍କ ସହ ଆଲୋଚନା କରିବାକୁ ପାଠୀ ପରାମର୍ଶ ଦେଇଥିଲେ। ଏଥିରେ ଉପଦେଷ୍ଟା ରମେଶ ବଳ, ସଭାପତି ଟେଙ୍ଗେ ବାହାଦୁର, ମନୁ ପାଶ୍ୱାନ, ଶଙ୍କର ବିହାରୀ, ରାମ ବେହେରା, ମୁନା ସାହୁ ଓ ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହିନ୍ଦ୍ ମଜଦୁର ସଭା ପକ୍ଷରୁ ଜୟପ୍ରକାଶ ଜୟନ୍ତୀ

**ରାଉରକେଲା ଅଫିସ,୧୨।୧୦**

ହିନ୍ଦ୍ ମଜଦୁର ସଭା ରାଉରକେଲା ଶାଖା ପକ୍ଷରୁ ଏହାର ପ୍ରତିଷ୍ଠାତା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୬ତମ ଜୟନ୍ତୀ ଗୁରୁବାର ସେକ୍ଟର-୬ ମଜଦୁର ସଭା ସହର ଶାଖା କାର୍ଯ୍ୟାଳୟରେ ପାଳିତ ହୋଇଛି। ଏହି ଅବସରରେ ମଜଦୁର ସଭାର ସାଧାରଣ ସମ୍ପାଦକ ଶଶଧର ନାୟକ, ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ସମେତ ହିନ୍ଦ୍ ମଜଦୁର ସଭା ସହବନ୍ଧିତ ସମସ୍ତ ଶ୍ରମ ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରାରମ୍ଭରେ ଜୟପ୍ରକାଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରଯାଇଥିଲା। ଜୟପ୍ରକାଶ କେବେ ଉଚ୍ଚ ପଦବୀରେ ରହିବାକୁ ଲାଳସା ପ୍ରକାଶ କରୁ ନ ଥିବାବେଳେ ସମାଜର ସବୁ ବର୍ଗର ହିତ ପାଇଁ ମନୋନିବେଶ କରିଥିଲେ ବୋଲି ଏଥିରେ କୁହାଯାଇଥିଲା। ଜରୁରିକାଳୀନ ପରିସ୍ଥିତି ବେଳେ ସେ ନିଜେ ପ୍ରଧାନମନ୍ତ୍ରୀ ପଦ ପ୍ରତ୍ୟାଖାନ କରି ମୋରାର୍ଜୀ ଦେଶାଇଙ୍କୁ ଏଥିରେ ଆସୀନ କରାଇଥିଲେ। ତାଙ୍କ ପରି ଜଣେ ସ୍ୱାଭିମାନୀ, ନିଷ୍କଳଙ୍କ ରାଜନେତା ବିରଳ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମଜଦୁର ସଭାର ବରିଷ୍ଠ ନେତା ଦେବେନ୍ଦ୍ରନାଥ ଆଚାର୍ଯ୍ୟ, କିଶୋର ପାଣିଗ୍ରାହୀ, ଏଲ୍.ସି. ତରାଇ, ଯୁବ ନେତା ନିରଞ୍ଜନ ସାମଲ, ସତ୍ୟାନନ୍ଦ ବେହେରା, ଯୁଧିଷ୍ଠିର ସାହୁ, ସମୀର ମହାନ୍ତି, ବସନ୍ତ ପାତ୍ର, ଅଭୟ ଦାସ, ଜୟନ୍ତ ଧର, ପ୍ରଶାନ୍ତ ସାହୁ ଓ ରାଜକିଶୋର ଦାସ ପ୍ରମୁଖ ଯୋଗଦେଇ ଜୟପ୍ରକାଶଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭିଲାଇ ଇସ୍ପାତ କାରଖାନାରେ ଘଟିଥିବା ଦୁର୍ଘଟଣାରେ ମୃତାହତଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାର ତୁରନ୍ତ ତଦନ୍ତ କରାଯାଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ହିନ୍ଦ୍ ମଜଦୁର ସଭା ପକ୍ଷରୁ ଦାବି କରାଯାଇଥିଲା।

# ଆର୍‌ଏସ୍‌ପି ମହିଳା କର୍ମଚାରୀଙ୍କୁ ନେଇ କୁଇଜ ପ୍ରତିଯୋଗିତା

**ରାଉରକେଲା ଅଫିସ,୧୨।୧୦**

ମହିଳା କର୍ମଚାରୀଙ୍କୁ ନେଇ ରାଉରକେଲା ଇସ୍ପାତ କାରଖାନାସ୍ତରୀୟ ଚୂଡ଼ାନ୍ତ ପର୍ଯ୍ୟାୟ ସମୃଦ୍ଧି କୁଇଜ ଏଚ୍‌ଆରଡି ସେଣ୍ଟରଠାରେ ଗତ ୬ ତାରିଖରେ ଆୟୋଜନ କରାଯାଇଥିଲା। ଏଥିରେ ଜିଏମ୍ (ଷ୍ଟିଲ) ଡି.କେ. ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଲିଖିତ ପର୍ଯ୍ୟାୟରେ ଯୋଗ୍ୟତା ଅର୍ଜନ କରିଥିବା ୬ଟି ଦଳର ୧୨ କର୍ମଚାରୀ ଭାଗ ନେଇଥିଲେ। କାର୍ମିକ ବିଭାଗ ସହକାରୀ ମ୍ୟାନେଜର ସଙ୍ଗୀତା ମାରିଆ ସିନ୍ଦୂର ଓ ଜ୍ୟୋତି ଓରେୟା ପ୍ରତିଯୋଗିତାରେ ବିଜେତା ଘୋଷିତ ହୋଇଥିଲେ। ନୂତନ ପ୍ଲେଟ ମିଲ ବିଭାଗ ସହକାରୀ ମ୍ୟାନେଜର ଜ୍ୟୋତିର୍ମୟୀ ରାଉତିଆ ଓ ନିବେଦିତା ବେହେରା ଉପବିଜେତା ହୋଇ ପୁରସ୍କାର ଗ୍ରହଣ କରିଥିଲେ। ବିଜେତା ଓ ଉପବିଜେତା ଦଳଙ୍କୁ ଯଥାକ୍ରମେ ୪ହଜାର ଓ ଅଢ଼େଇ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ୩ୟ ସ୍ଥାନ ଅଧିକାର କରିଥିବା ଦଳଙ୍କୁ ୧୫ଶହ, ୪ର୍ଥ, ୫ମ ଓ ୬ଷ୍ଠ ସ୍ଥାନରେ ଥିବା ଦଳକୁ ହଜାରେ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ନୂତନ ପ୍ଲେଟ ମିଲ ବିଭାଗ ସିନିୟର ମ୍ୟାନେଜର ଅନିନ୍ଦିତା ମହାପାତ୍ର ଓ କଣ୍ଟ୍ରାକ୍ଟ ସେଲ୍ ୱାର୍କ୍ସ ବିଭାଗ ଡେପୁଟି ମ୍ୟାନେଜର ଦିବ୍ୟା ଦାସ ପ୍ରତିଯୋଗିତାରେ କୁଇଜ ମାଷ୍ଟର ଭୂମିକା ନିର୍ବାହ କରିଥିଲେ। ସୂଚନାଯୋଗ୍ୟ, ସେଲ୍ ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ପର୍ଯ୍ୟାୟରେ ବିଜେତା ଓ ପଉବିଜେତା ଦଳ ଆର୍‌ଏସ୍‌ପି ପକ୍ଷରୁ ପ୍ରତିନିଧିତ୍ୱ କରିବେ।


ଆର୍‌ଏସ୍‌ପି ମହିଳା କର୍ମଚାରୀଙ୍କୁ ନେଇ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ।

# ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ ଦୁର୍ଘଟଣା ଦୁର୍ଭାଗ୍ୟଜନକ

**ରାଉରକେଲା ଅଫିସ,୧୨।୧୦**

ଭିଲାଇ ଷ୍ଟିଲ ପ୍ଲାଣ୍ଟ ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ ନେଇ ରାଉରକେଲା ୱାର୍କର୍ସ ୟୁନିୟନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ମୃତକଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ୟୁନିୟନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ୟୁନିୟନ ନେତା ଅଭିଯୋଗ କରି କହିଥିଲେ ଯେ ସେଲ୍ ଅଧୀନ ବିଭିନ୍ନ ୟୁନିଟରେ ବାରମ୍ବାର ଦୁର୍ଘଟଣା ଘଟି ନିରୀହ ଶ୍ରମିକ ପ୍ରାଣ ହରାଉଛନ୍ତି। ଏହା ସତ୍ତ୍ୱେ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିଛନ୍ତି। ଅକାଳରେ ଏତେଗୁଡ଼ିଏ ଜୀବନ ଚାଲିଯିବା ପରେ ମଧ୍ୟ କର୍ତ୍ତୃପକ୍ଷଙ୍କ ଚେତନା ଉଦୟ ହେଲା ପରି ଲାଗୁ ନାହିଁ। ଏହା ଦୁର୍ଭାଗ୍ୟଜନକ ଘଟଣା। ଅତ୍ୟଧିକ ମୁନାଫା ଲକ୍ଷ୍ୟ ନେଇ ବିନା ସୁରକ୍ଷାରେ ଶ୍ରମିକଙ୍କୁ ବିପଦପୂର୍ଣ୍ଣ କାମରେ ଲଗାଯାଉଛି। ଏନେଇ ଆର୍‌ଡବ୍ଲ୍ୟୁୟୁ ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ଓ ୟୁନିୟନ ସହ ସାଧାରଣ ସମ୍ପାଦକ ଅଜିତ ନାୟକ କହିଥିଲେ, ଆଗାମୀ ଦିନରେ କର୍ତ୍ତୃପକ୍ଷ ସଚେତନ ନ ହେଲେ ଏଭଳି ଘଟଣାର ପୁନରାବୃତ୍ତି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଣୁ ସେଲ୍ କର୍ତ୍ତୃପକ୍ଷ ସମସ୍ତ ୟୁନିଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କଲେ ଏହା ମୃତକଙ୍କ ପ୍ରତି ବାସ୍ତବ ଶ୍ରଦ୍ଧାଞ୍ଜଳି ହେବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଜି.ଏନ୍ ତ୍ରିପାଠୀ, ଶ୍ରୀନିବାସ ସେଠୀ, ସୁବାସ ଦଣ୍ଡପାଟ, ଶେଖ ଇସଲାମ, ଗଣେସ ବେହେରା, ଶଙ୍କର ପାତ୍ର, ଆଲୋକ ବେହେରା ଓ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ସେଲ୍ ଅଧୀନ ଭିଲାଇ ଇସ୍ପାତ କାରଖାନା କୋକ୍ ଓଭେନ ବିଭାଗ ଗ୍ୟାସ୍ ଲାଇନ ମରାମତି ସମୟରେ ଏଭଳି ଭୟାବହ ଦୁର୍ଘଟଣା ଘଟିଥିଲା।

# ଭାରତ ଏ ମହିଳା କ୍ରିକେଟ ଦଳରେ ଆର୍‌ଏସ୍‌ପି କର୍ମଚାରୀଙ୍କ ଝିଅ

**ରାଉରକେଲା ଅଫିସ,୧୨।୧୦**

ଆର୍‌ଏସ୍‌ପି ଓର ବେଡିଂ ଓ ବ୍ଲେଣ୍ଡିଂ ପ୍ଲାଣ୍ଟ ବିଭାଗ କର୍ମଚାରୀ ଜିନ୍ଦା ଏକ୍କାଙ୍କ ଝିଅ ରୀମା ଲକ୍ଷ୍ମୀ ଏକ୍କା ଅକ୍ଟୋବର ୧୨ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟ୍ରେଲିଆ ଏ ବିରୋଧରେ ଏକଦିବସୀୟ କ୍ରିକେଟ ସିରିଜ୍ ଖେଳିବା ପାଇଁ ଭାରତ ଏ ଦଳରେ ସ୍ଥାନ ପାଇଛନ୍ତି। ଏହି ସିରିଜରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବ। ସୂଚନାଯୋଗ୍ୟ, ବିସିସିଆଇ ସିନିୟର ମହିଳା ଟି-ଟ୍ୱେଣ୍ଟି ଚାଲେଞ୍ଜର୍ସ ଟ୍ରଫିରେ ଉନ୍ନତ ପ୍ରଦର୍ଶନ ଆଧାରରେ ରୀମାଙ୍କୁ ଭାରତୀୟ ଦଳରେ ଚୟନ କରାଯାଇଛି। ସେ ଏହି ଟୁର୍ନାମେଣ୍ଟରେ ଇଣ୍ଡିଆ ରେଡ୍ ଟିମ୍‌ର ପ୍ରତିନିଧିତ୍ୱ କରିଥିଲେ। ଏହା ଗତ ଅଗଷ୍ଟ ୧୪ରୁ ୨୧ ଯାଏ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଥିଲା। ରୀମା ଜଣେ ଡାହାଣ ହାତୀ ମଧ୍ୟମ ଗତି ବୋଲର। ଆର୍‌ଏସ୍‌ପି କ୍ରିକେଟ କୋଚ୍ ଅଲେଖ ବାରିକଙ୍କଠାରୁ ସେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ସେ ଇସ୍ପାତ ଅଟୋନମସ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ। ୨୦୧୪-୧୫ରୁ ରୀମା ନିଜ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ୫ଟି ଆନ୍ତଃପ୍ରଦେଶ ୧୯ବର୍ଷରୁ କମ୍ ମହିଳା ବର୍ଗରେ ଏକଦିବସୀୟ ଟୁର୍ନାମେଣ୍ଟ, ୩ଟି ଆନ୍ତଃଜୋନାଲ ୧୯ ବର୍ଷରୁ କମ୍ ମହିଳା ଦୁଇଦିବସୀୟ ଟୁର୍ନାମେଣ୍ଟ, ୪ଟି ଆନ୍ତଃଜୋନାଲ ୧୯ବର୍ଷରୁ କମ୍ ମହିଳା ଏନ୍‌ସିଏ ଟୁର୍ନାମେଣ୍ଟ, ୫ଟି ଆନ୍ତଃପ୍ରଦେଶ ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ ଟୁର୍ନାମେଣ୍ଟ ସହ ୫ଟି ସିନିୟର ମହିଳା ଏକଦିବସୀୟ ମ୍ୟାଚ୍, ୧୧ଟି ମହିଳା ଟି-ଟ୍ୱେଣ୍ଟି ମ୍ୟାଚ ଏବଂ ୧୭ଟି ଅନ୍ୟାନ୍ୟ ମ୍ୟାଚ୍ ଖେଳି ସାରିଛନ୍ତି। ନିକଟରେ ପ୍ରତିଭାବାନ ବୋଲର ଓ ବ୍ୟାଟ୍ସମ୍ୟାନଙ୍କ ପାଇଁ ଜାତୀୟ କ୍ରିକେଟ ଏକାଡେମୀ ବେଙ୍ଗାଲୁରୁଠାରେ ଜୁଲାଇ ୬ରୁ ୧୧ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ରୀମା ଓଡ଼ିଶାରୁ ମନୋନୀତ ହୋଇଥିଲେ।


ଅଷ୍ଟ୍ରେଲିଆ ବିରୋଧରେ ଏକଦିବସୀୟ କ୍ରିକେଟ ସିରିଜ୍ ଖେଳିବାକୁ ମନୋନୀତ ହୋଇଥିବା ରୀମା।

# ପୂର୍ବତନ ସୈନିକଙ୍କ କଳାପତାକା ପ୍ରଦର୍ଶନ ୪୦ ଦିନରେ

**ରାଉରକେଲା ଅଫିସ,୧୨।୧୦**

ଆର୍‌ଏସ୍‌ପିରେ ନିଯୁକ୍ତି ଦାବି ନେଇ ଅବସରପ୍ରାପ୍ତ ସୈନିକଙ୍କ ଆନ୍ଦୋଳନ ଶୁକ୍ରବାର ୪୦ ଦିନରେ ପହଞ୍ଚିଛି। ଏନେଇ ବିର୍ସା ଛକରେ କଳାପତାକା ଦେଖାଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ଜାରି ରହିଛି। ଏହି ଅବସରରେ ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତାଙ୍କ ସମେତ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଆନ୍ଦୋଳନସ୍ଥଳରେ ପହଞ୍ଚି ପୂର୍ବ ସୈନିକଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ନିୟମ ଦୃଷ୍ଟିରୁ ଦେଶ ପାଇଁ ସେବା ପ୍ରଦାନ କରିଥିବା ପୂର୍ବ ସୈନିକଙ୍କ ନିଯୁକ୍ତିକୁ ଯଥାର୍ଥ ବୋଲି ଏମାନେ ଦର୍ଶାଇଛନ୍ତି। ଜାଣିଶୁଣି ପୂର୍ବ ସୈନିକଙ୍କ କୋଟାକୁ ଅଣଦେଖା କରାଯିବା ଦୁଃଖଦାୟକ ବୋଲି କହିଛନ୍ତି କଂଗ୍ରେସ ନେତା ମହାପାତ୍ର। ସୂଚନାଯୋଗ୍ୟ, ୧୯୯୭ ପରଠାରୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ କୌଣସି ଅବସରପ୍ରାପ୍ତ ସୈନିକଙ୍କୁ ନିଯୁକ୍ତି ଦେଇନାହାନ୍ତି। ଏହା ଦ୍ୱାରା ସରକାରୀ ନିୟମର ଉଲ୍ଲଂଘନ କରାଯାଉଛି। ତୁରନ୍ତ ଏହାର ସମାଧାନ କରିବାକୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଯତ୍ନବାନ ହେବା ଆବଶ୍ୟକ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଏହି ବିକ୍ଷୋଭରେ ମେଜର ଅକ୍ଷୟ ସାମଲ, ସଂଘ ସାଧାରଣ ସମ୍ପାଦକ ଇଂ. ନିର୍ମଳ ଦାସ, ଡି.ଏନ୍. ପଣ୍ଡା, କେ.କେ. ମହାପାତ୍ର, ମୁରଲୀଧର ମହାନ୍ତ, ବିନୋଦ ପଡ଼ିହାରୀ, ପ୍ରକାଶ ମିଶ୍ର, ଏସ୍. ମହନ୍ତ, ସରୋଜ ପରିଡ଼ା, ଜୟନ୍ତ ବେରିଆ, ସୁରଥ ସେନାପତି, ଚକ୍ରାନ୍ତ ଜେନା ଓ ବିଧାନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ଏସ୍‌ପିରେ ନିଯୁକ୍ତି ଦାବିରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପକ୍ଷରୁ ବିର୍ସା ଛକରେ କଳାପତାକା ପ୍ରଦର୍ଶନ ଓ ବିକ୍ଷୋଭ।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା
ହେଉଚି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**ରାଜଗାଙ୍ଗପୁର, ୧୨।୧୦ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ କାଂଶବାହାଲ ଫାଣ୍ଡି ଅଧିନ ବିଲେଇଗଡ ବସଷ୍ଟାଣ୍ଡ ପାଖରେ ଶୁକ୍ରବାର ଅପରାହ୍ନ ୪ଟାରେ ଏକ ଗାଡି ଧକ୍କାରେ ଅରବିନ୍ଦ କୁଲ୍ଲୁ (୧୯) ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। କାଂଶବାହାଲ ଫାଣ୍ଡି ଅଧିକାରୀଙ୍କ ଠାରୁ ଜାଣିବାକୁ ମିଳିଛି ଯେ, ଏହି ଫାଣ୍ଡି ଅଧିନ ଥୋପାବେର୍ଣ୍ଣା ଗ୍ରାମର ଅରବିନ୍ଦ କୁଲ୍ଲୁ ଏକ ପଲସର ବାଇକ (ନଂ. ଓଡି ୩୩ ଏସ- ୩୬୬୮)ରେ ରାଉରକେଲା ଆଡକୁ ଯାଉଥିଲେ। ବିଲେଇଗଡ ବସଷ୍ଟାଣ୍ଡ ପାଖରେ ଏକ ଗାଡି ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଅରବିନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ପାଇଁ ପ୍ରୟାସ କରୁଛି।

### ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର

**ଲହୁଣୀପଡା, ୧୨।୧୦ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ଲହୁଣୀପଡା ଯୁଜିୟୁପି ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡା ବ୍ଲକ ଅଧକ୍ଷ ପଣ୍ଡିତ ଚରଣ ମୁଣ୍ଡା ଯୋଗଦେଇ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଲହୁଣୀପଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ସିଡିପିଓ ଛବି ମହାନ୍ତି, ଏବିଇଓ ନରହରି କିଷାନ, ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମିରା ସାସମଲ, ଯୋଗାଣ ଅଧିକାରୀ ବୁଦ୍ଧରାୟ ସରେନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ପାଞ୍ଚଟି କାଉଣ୍ଟର କରାଯାଇ ଭିନ୍ନକ୍ଷମମାନଙ୍କର ନାମ ପଞ୍ଜିକରଣ କରାଯାଇଥିଲା। ମୋଟ ୨୭୯ ରୁ ୨୫୦ ଜଣ ଯୋଗ୍ୟ ଚିହ୍ନଟ ହୋଇଥିବା ଜଣାଯାଇଛି। ଏଥିରେ ଡା. ମନୋଜ ପାଣିଗ୍ରାହୀ, ଡା. ସମୀର ପାତ୍ର, ଡା. ଡି. ସଏ, ଡା. କବି ଶତପଥି ପ୍ରମୁଖ ଯୋଗଦେଇ ବିଭିନ୍ନ ବର୍ଗର ଭିନ୍ନକ୍ଷମ ଚିହ୍ନଟ କରିବା ସହିତ ପରାମର୍ଶ ଦେଇଥିଲେ । ବିଏସଏସଓ ଜାହ୍ନବୀ ମାହାନ୍ତ, ଶ୍ରୀକାନ୍ତ ସାହୁ, ବିଆରଟି ମମତା ରାଉତରାୟ, ସୁପରଭାଇଜର ପୁଷ୍ପମଞ୍ଜରୀ ବେହେରା, ଅରୁଣା ସାହୁ, ମାନସି ନାଏକ, ରେବତୀ ବେହେରା ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଙ୍ଗନୱାଡି କର୍ମୀ, ସହାୟିକା, ପଞ୍ଚାୟତ କାର୍ଯ୍ୟନିର୍ବାହୀ, ବ୍ଲକ କର୍ମଚାରୀ, ଲହୁଣୀପଡା ବାଳିକା ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ ଛାତ୍ରୀ ସହଯୋଗ କରିଥିଲେ।

# ମରୁଡ଼ି ଘୋଷଣା ଦାବିରେ ଧାରଣା

**ବାଲିଶଙ୍କରା, ୧୨।୧୦ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକର ସମସ୍ତ ଗ୍ରାମଗୁଡିକୁ ମରୁଡି ଘୋଷଣା ପାଇଁ ଦାବି ହୋଇଛି। ଏନେଇ ଭାଜପା ପକ୍ଷରୁ ଶୁକ୍ରବାର

**ବାଲିଶଙ୍କରା ବ୍ଲକ**
- ଭାଜପା ପକ୍ଷରୁ ଆନ୍ଦୋଳନ
- ସବୁ ଗ୍ରାମରେ ମରୁଡ଼ି ପରିସ୍ଥିତି
- ତହସିଲଦାର, ବିଡିଓଙ୍କୁ ସ୍ମାରକପତ୍ର
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ



ବାଲିଶଙ୍କରା ବିଡିଓ ଅର୍ଜୁନ ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଧାରଣା ସହ ଦାବିପତ୍ର ଦିଆଯାଇଛି। ବ୍ଲକ ଭାଜପା ପକ୍ଷରୁ ଏମ୍‌ପି ପ୍ରତିନିଧି ପର୍ଶୁରାମ ପଟେଲ, ଓଡ଼ିଶା ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଭବାନୀ ଭୋଇଙ୍କ ନେତୃତ୍ୱରେ କର୍ମୀମାନେ ଆସି ବ୍ଲକ ଅଫିସରେ ପହଞ୍ଚିଥିଲେ। ସେଠାରେ ଧାରଣା ଦେବା ସହ ସଭା କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବାଲିଶଙ୍କରା ବିଡିଓ ଅର୍ଜୁନ ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପରେ ବ୍ଲକ କାର୍ଯ୍ୟାଳୟରୁ ରାଲି ବାହାରି ତହସିଲ କାର୍ଯ୍ୟାଳୟକୁ ଯାଇଥିଲା। ସେଠାରେ ତହସିଲଦାର ବାସନ୍ତୀ ଲାକ୍ରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବାଲିଶଙ୍କରା ଭାଜପା ମଣ୍ଡଳ ସଭାପତି ରବିଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଧାରଣା, ସଭା ଚାଲିଥିଲା। ଧାରଣାରେ ଭାଜପା କର୍ମକର୍ତ୍ତାଙ୍କ ସହ ବ୍ଲକର ୧୯ଟି ପଞ୍ଚାୟତର କୃଷକ ପ୍ରତିନିଧିମାନେ ଯୋଗଦେଇଥିଲେ।

ଚଳିତବର୍ଷ ମୌସୁମୀ ଆସିଲା ପରେ ବି ଚାଷ କାର୍ଯ୍ୟ ବିଳମ୍ବରେ ହୋଇଥିବାରୁ ଚାଷୀ ବହୁ କଷ୍ଟରେ ଚାଷ କରିଥିଲେ। ଅଗଷ୍ଟ ଦ୍ୱିତୀୟ ସପ୍ତାହ ପରେ ଆଉ ବର୍ଷା ନ ହେବାରୁ ଅଞ୍ଚଳରେ ନାହିଁ ନ ଥିବା ମରୁଡି ସ୍ଥିତି ଉପୁଜିଛି। ଯାହାକି ଚାଷୀକୁଳରେ ଚିନ୍ତାର ବିଷୟ ପାଲଟିଛି। ଏଥିପାଇଁ ଚଳିତବର୍ଷ କୃଷି ଋଣ ଛାଡ କରିବା ସହିତ ଠିକ ଭାବେ ତଦନ୍ତ କରି ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଚାଷୀଙ୍କୁ ବୀମା ପ୍ରଦାନ ପାଇଁ ଦାବି କରାଯାଇଛି। ଏବେଠାରୁ ସର୍ଭେ ଆରମ୍ଭ କରି କ୍ଷତିଗ୍ରସ୍ତ ଚାଷୀଙ୍କର ଭବିଷ୍ୟତ ପାଇଁ ମରୁଡି ବ୍ଲକ ଘୋଷଣା କରି ଆବଶ୍ୟକ କ୍ଷତିପ୍ରଦାନ କରିବାକୁ ତଥା ଧାନର ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ୫୦୦ ଟଙ୍କା ବୋନସ ଦେବାକୁ ଭାଜପା ତରଫରୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ (କ) ସଞ୍ଜୁଲତା ମାଝି, ଜିଲାପରିଷଦ (ଖ) ଶ୍ରଦ୍ଧାକର ସାନୁଏନ, ଧ୍ରୁବ କାଲୋ, ଦୁର୍ଗାଚରଣ ପଟେଲ, ଅନ୍ୟନ୍ୟା ଦାସ, ସବ୍ୟସାଚୀ ସା, ବୈରାଗୀ ତନ୍ତୀ, ମହେନ୍ଦ୍ର କୁମାର ପଟେଲ, ବପୋଲିବାର ସତିଆ, ବୁଦ୍ଧରାମ ଓରାମ ପ୍ରମୁଖ ଶତାଧିକ ଭାଜପା କର୍ମୀ ଅଂଶଗ୍ରହଣ କରିଥିଲେ।

# ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ବଣ୍ଟନ ମେଳା

- ୪୨ ନୂତନ ହିତାଧିକାରୀ ପାଇଲେ ୪ମାସର ଭତ୍ତା

**କୁଆଁରମୁଣ୍ଡା, ୧୨।୧୦ (ଡି.ଏନ.ଏ.)**

ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିମାନଙ୍କୁ ବ୍ଲକସ୍ତରରେ ଚିହ୍ନଟ କରାଯାଇ ଭତ୍ତା କାର୍ଡ ପ୍ରଦାନ କରାଯାଉଛି। ଏହା ପରେ ନୂତନ ହିତାଧିକାରୀମାନଙ୍କୁ ଗ୍ରାମ ପଞ୍ଚାୟତ ଜରିଆରେ ଭତ୍ତା କାର୍ଡ ମାଧ୍ୟମରେ ଭତ୍ତା ବଣ୍ଟନ କରାଯାଉଛି। ଏହି କ୍ରମରେ କୁଆଁରମୁଣ୍ଡା ବ୍ଲକର ପଦ୍ମପୁର ଗ୍ରାମ ପଞ୍ଚାୟତରେ ଭତ୍ତା ବଣ୍ଟନ ମେଳାର ଆୟୋଜନ କରାଯାଇଥିଲା। ଏଥିରେ କୁଆଁରମୁଣ୍ଡା ବିଡିଓ ପୀୟୂଷ ଲୋହାର ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଡିଓ ଭବାନୀଶଙ୍କର ପାଢୀ, ସରପଞ୍ଚ ବିଜୟାଲକ୍ଷ୍ମୀ କାଲୋ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଯୋଜନାରେ ନୂତନଭାବେ ସାମିଲ ହୋଇଥିବା ୪୨ ଜଣ ହିତାଧିକାରୀଙ୍କୁ ଗତ ଜୁଲାଇଠାରୁ ଅକ୍ଟୋବର ପର୍ଯ୍ୟନ୍ତ ୪ ମାସର ଭତ୍ତା ଏକାଥରକେ ପ୍ରଦାନ କରାଯାଇଛି। ଏହି ୪୨ ଜଣଙ୍କ ମଧ୍ୟରୁ ୪ ଜଣ ଦିବ୍ୟାଙ୍ଗ ହିତାଧିକାରୀ ବୋଲି ପଦ୍ମପୁର ପିଇଓ ଦେବବ୍ରତ ଦାସ ସୂଚନା ଦେଇଛନ୍ତି। ୪୨ ଜଣ ହିତାଧିକାରୀଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗଙ୍କୁ ୫ଶହ ଟଙ୍କା ହିସାବରେ ୪ ମାସର ୨ ହଜାର ମିଳିଥିବା ବେଳେ ଅନ୍ୟମାନଙ୍କୁ ୩ଶହ ଟଙ୍କା ହିସାବରେ ୧୨ଶହ ଲେଖାଏଁ ଟଙ୍କା ମିଳିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମ ପିଇଓ ଦେବବ୍ରତ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମ ରୋଜଗାର ସାଥୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।



ବିଡିଓ ପୀୟୂଷ ଲୋହାର ପଦ୍ମପୁରରେ ଜଣେ ବାଳିକା ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

# ଇସ୍ତଫା ଦେବାକୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ ପଦକ୍ଷେପ

**ସୁନ୍ଦରଗଡ଼, ୧୨।୧୦ (ଡି.ଏନ୍.ଏ)**

- ହାଇକମାଣ୍ଡଙ୍କ ନିକଟକୁ ଚିଠି ଲେଖିଲେ
- ଜିଲା ବିଜେଡିରେ ନୂତନ ସମୀକରଣ ନେଇ ଚର୍ଚ୍ଚା

ରାଜ୍ୟର ଆଦିବାସୀ ବହୁଳ ଜିଲାଗୁଡିକର ବିକାଶ ସହ ଆଦିବାସୀମାନଙ୍କର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ପାଇଁ ରାଜ୍ୟର ସୁନ୍ଦରଗଡ ସମେତ ୪ଟି ଜିଲାରେ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ କରାଯାଇଛି। ସେହି ଜିଲାର ଛାମୁଆ ବିଜେଡି ନେତାମାନଙ୍କ ମଧ୍ୟରୁ ଜଣକୁ ସେହି ଜିଲାର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଥିବା ସନ୍ତୋଷ କୁମାର ଅମାତ ନିଜ ପଦବୀରୁ ଇସ୍ତଫା ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଚିଠି ଲେଖିବା ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଅମାତଙ୍କର ଏଭଳି ନିଷ୍ପତ୍ତି ନେଇ ଜିଲା ବିଜେଡିରେ ନୂତନ ସମୀକରଣର ସମ୍ଭାବନା ହେବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଚତୁର ଗୋଟି ଚାଳନା ନୀତି ନା ଆଉ କିଛି, ସେନେଇ ସୁନ୍ଦରଗଡ ରାଜନୀତି ପାଣିପାଗ ସରଗରମ ହେଲାଣି।

ଗତ ସାଧାରଣ ନିର୍ବାଚନରେ ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦିତା କରି ପରାଜିତ ହେବା ପରେ ପରବର୍ତ୍ତୀ ସମୟରେ ବିଜେଡିରେ ଯୋଗଦାନ କରି ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ। ଏ ସମ୍ପର୍କରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅମାତଙ୍କୁ ଯୋଗାଯୋଗ କରିବାରେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏହି ପଦବୀରେ ଥାଇ ଦଳୀୟ ସାଙ୍ଗଠନିକ କାର୍ଯ୍ୟ ତୁଲେଇବା ପାଇଁ ସମ୍ଭବ ହେଉ ନ ଥିବାରୁ ଉନ୍ନୟନ ପରିଷଦର ଅଧ୍ୟକ୍ଷ ପଦବୀରୁ ସେ ଇସ୍ତଫା ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିବା କହିଛନ୍ତି। ଅପରପକ୍ଷେ ଅମାତ ଏମ୍‌ପି କିମ୍ବା ବିଧାୟକ ପ୍ରାର୍ଥ ପାଇଁ ଆଗ୍ରହୀ ଥିବାବେଳେ ଜିଲାର ଜଣେ କଂଗ୍ରେସ ବିଧାୟକ ଖୁବ୍ ଶୀଘ୍ର ବିଜେଡିରେ ଯୋଗଦେବା ପାଇଁ କୁଆଡେ ଭୁବନେଶ୍ୱର ସଚିବାଳୟର ତୃତୀୟ ମହଲାରେ ଆଲୋଚନା ହୋଇ ଚୂଡାନ୍ତ ପ୍ରସ୍ତୁତି ସରିଥିବା କୁହାଯାଉଛି।



ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ ଅବସରରେ ତଳସରା ବିଧାୟକଙ୍କ ସମେତ ଅନ୍ୟମାନେ।

# ଓରାମପଡ଼ା ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

**ବାଲିଶଙ୍କରା, ୧୨।୧୦ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ ତୁଡି ନୂଆଗାଁ ଓରାମପଡା ଅଙ୍ଗନୱାଡି କେନ୍ଦ୍ରକୁ ଶୁକ୍ରବାର ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି ନଡିଆ ବାଡ଼େଇ ଫିତାକାଟି ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବାଲିଶଙ୍କରା ବ୍ଲକ ଅଧକ୍ଷା ତ୍ରିବେଣୀ ମାଝି, ଦିବ୍ୟଶଙ୍କର ସା, ଅନୁପ ସା, ମନୋଜ ସା, ଦିଲୀପ ବାରିକ, ସବିତା ଆପଟ୍ଟ, ସୁଜିତ କେରକେଟା ପ୍ରମୁଖ ଯୋଗଦେଇଥିଲେ। ଏହି ନୂଆଗାଁ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ଉଦଘାଟନ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ବିଷପିଇ ଯୁବତୀଙ୍କ ଆତ୍ମହତ୍ୟା

**ହେମଗିର, ୧୨।୧୦ (ଡି.ଏନ.ଏ)**

ହେମଗିର ଥାନା ଚକ୍ରା ଗ୍ରାମର ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ସକାଳେ ଚକ୍ରା ଗ୍ରାମର ପଦ୍ମିନୀ ପଧାନ (୨୨) ଘରେ କେହି ନ ଥିବା ଅବସ୍ଥାରେ ସୁପରଭସମଲ ପିଇ ଅଚେତ ହୋଇପଡିଥିଲେ। ପରେ ବାରମ୍ବାର ବାନ୍ତି ହେବା ଦେଖି ପାଖ ପଡୋଶୀ ଲୋକେ ଆସି ପଦ୍ମିନୀଙ୍କୁ ପ୍ରଥମେ ବିଲେଇମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେ ଗୁରୁତର ଥିବାରୁ ପରେ ହେମଗିର ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ହେମଗିର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୬/୧୮) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଆଇଆଇପିଏମ୍‌ରେ ଏଡିଏମ୍‌ଙ୍କୁ ସଭାପତି ଦାୟିତ୍ୱ

## ଏହି ପଦକ୍ଷେପକୁ ସ୍ୱାଗତ କଲେ ଆଇଆଇପିଏମର ଛାତ୍ରୀଛାତ୍ର ଓ ଅଭିଭାବକ

**ରାଜଗାଙ୍ଗପୁର, ୧୨।୧୦ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକର କାଂଶବାହାଲସ୍ଥିତ ଇଣ୍ଡିଆନ ଇନ୍‌ସଷ୍ଟିଚ୍ୟୁଟ ଫର ପ୍ରୋଡକସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍)ରେ ମାସେ ଧରି ଦେଖାଦେଇଥିବା ଛାତ୍ର ଅଶାନ୍ତି ଥମିଛି। ଛାତ୍ରୀଛାତ୍ରମାନେ ଏହି ଇନ୍‌ସଷ୍ଟିଚ୍ୟୁଟର ଡାଇରେକ୍ଟରଙ୍କ ବିରୋଧରେ ଅଭିଯୋଗ ସହ ତାଙ୍କ ବହିଷ୍କାର ଦାବି କରି ଆନ୍ଦୋଳନ ଚଳାଇଆସୁଥିଲେ। ଶେଷରେ ଆଇଆଇପିଏମର ଅଧକ୍ଷ (ସଭାପତି) ଭାବେ ଏଡିଏମ୍ ବି.ସି ତୁର୍କଙ୍କୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ଡାଇରେକ୍ଟରଙ୍କ ପକ୍ଷରୁ ଦାୟୀତ୍ୱ ଦିଆଯାଇଥିବା ଜଣାପଡିଛି। ଦୀର୍ଘ ଦିନ ହେବ ଆଇଆଇପିଏମରେ ଡାଇରେକ୍ଟର ନିରଞ୍ଜନ ନାଏକଙ୍କ ବିରୋଧରେ ଛାତ୍ରୀଛାତ୍ରଙ୍କୁ ଧମକ, ଦୁର୍ବ୍ୟବହାର ପ୍ରଦର୍ଶନ, ଆଦିବାସୀ ଛାତ୍ରୀଛାତ୍ରଙ୍କ ପ୍ରତି ଦୁର୍ବ୍ୟବହାର କରିବା ଭଳି ବିଭିନ୍ନ ଅଭିଯୋଗ ହୋଇଆସୁଥିଲା। ଡାଇରେକ୍ଟର ନିରଞ୍ଜନ ନାଏକଙ୍କ ବହିଷ୍କାର ଦାବିନେଇ ଅନୁଷ୍ଠାନରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିଲେ। ଏହା ଛଡା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଛତ୍ରଛାୟା ତଳେ ରହି ଡାଇରେକ୍ଟର ନିରଞ୍ଜନ ନାୟକ ଅବସର ନେବା ପରେ ପୁଣି ନିଜ ସ୍ଥାନକୁ ବଜାୟ ରଖି ଅନୁଷ୍ଠାନକୁ ଲୁଟି ଚାଲିଥିବା ଅଭିଯୋଗ ହୋଇଥିଲା। ବହୁ ଅଭିଯୋଗ ସତ୍ତ୍ୱେ ତଥା ନିରଞ୍ଜନ ନାୟକଙ୍କ ନାମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କାଂଶବାହାଲ ଫାଣ୍ଡିରେ ଲିଖିତ ଅଭିଯୋଗ ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ଛାତ୍ରୀଛାତ୍ରମାନେ ଦୀର୍ଘ ଦିନ ଧରି ଧାରଣାରେ ବସି ରହିଥିଲେ। ଆଇଆଇପିଏମର ଗଭର୍ଣ୍ଣିଙ୍ଗ ବୋର୍ଡର ଅଧକ୍ଷ ଭାବେ ବିଧାୟକ ମଙ୍ଗଳା କିଷାନଙ୍କ ସ୍ଥାନରେ ସରକାରଙ୍କ ପକ୍ଷରୁ ଏଡିଏମଙ୍କୁ ନିଯୁକ୍ତି ଦିଆଯାଇଛି। ଅବଶ୍ୟ ଏହା ଆଗରୁ ବିଧାୟକ ନିଜ ଇସ୍ତାଫା ଦେଇଥିଲେ। ସରକାରଙ୍କ ଏହି ପଦକ୍ଷେପକୁ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକ ପକ୍ଷରୁ ସ୍ୱାଗତ କରାଯାଇଛି।



DIRECTORATE OF HIGHER EDUCATION, ODISHA, BHUBANESWAR.

Memo No. 32336 /Dt. 12-10-18

Director, Higher Education, Odisha, Bhubaneswar.

Memo No. 32337 /Dt. 12-10-18

Deputy Director(Sch).

Memo No. 32338 /Dt. 12-10-18

Copy forwarded to Sri Mangala Kisan, Hon'ble MLA, Rajgangpur for information & necessary action.

Deputy Director(Sch).

Memo No. 32339 /Dt. 12-10-18

Deputy Director(Sch).

Memo No. 32330 /Dt. 12-10-18

Deputy Director(Sch).

Contd...P.2.

ଉଚ୍ଚ ଶିକ୍ଷା ବିଭାଗର ଡାଇରେକ୍ଟରଙ୍କ ଚିଠି।

# ବ୍ୟାଙ୍କ ଜମାଖାତାରୁ ଟଙ୍କା ଗାଏବ

**ହେମଗିର, ୧୨।୧୦ (ଡି.ଏନ.ଏ)**

ହେମଗିର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଜମାଖାତାରୁ ଟଙ୍କା ଗାଏବ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ହେମଗିର ବ୍ଲକ ଅନ୍ତର୍ଗତ ବଳବସପୁର ଗ୍ରାମର ଶିକ୍ଷକ ଲୋକନାଥ ସେଟ ତାଙ୍କର ଏକ ଜମାଖାତା ସୁନ୍ଦରଗଡ଼ ଷ୍ଟେଟ ବ୍ୟାଙ୍କ ଶାଖାରେ ଖୋଲିଥିଲେ। ଗତ ୯ ତାରିଖ ସକାଳ ସୁଦ୍ଧା ଆକାଉଣ୍ଟରେ ୧,୭୧,୬୩୮ ଟଙ୍କା ଥିଲା। କିନ୍ତୁ ୧୦ ତାରିଖ ଗଏକନପାଲି ଗ୍ରାମର କୁଶ ବିଶ୍ୱାଳଙ୍କ ଲୁଆବାହାଲ ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ଆକାଉଣ୍ଟ ନମ୍ବରକୁ ସେଟଙ୍କ ଖାତାରୁ ୮୦ ହଜାର ଟଙ୍କା ସ୍ଥାନାନ୍ତରଣ କରାଯାଇଛି। ଯାହାକି ବିଶ୍ୱାଳ କିମ୍ବା ସେଟ ମଧ ଜାଣି ପାରି ନ ଥିଲେ। ପୁଣି ସେହି ୧୦ ଓ ୧୧ ତାରିଖରେ ସେଟଙ୍କ ଖାତାରୁ ସବୁ ଟଙ୍କା ଗାଏବ ହୋଇଯାଇଛି। ପ୍ରତିଦିନ ଏତେ ଟଙ୍କା ସ୍ଥାନାନ୍ତର ହୋଇ ଉଠାଣ ହୋଇଥିଲେ ମଧ ସେଟଙ୍କ ରେଜିଷ୍ଟର ମୋବାଇଲକୁ ଥରେ ମାତ୍ର ମେସେଜ ଆସି ନ ଥିଲା। କିନ୍ତୁ ଏଠି ଆଶ୍ଚର୍ଯ୍ୟର ବିଷୟ ଷ୍ଟେଟ ବ୍ୟାଙ୍କ ନିୟମ ଅନୁସାରେ ଦୈନିକ ଚାଳିଶ ହଜାର ଟଙ୍କା ଏଟିଏମରୁ ଉଠାଣ ଥିବାବେଳେ ଏତେ ପରିମାଣର ଟଙ୍କା ଦୁର୍ବୃତ୍ତମାନେ କିପରି ଉଠାଇଥିଲେ। କାରଣ ଆକାଉଣ୍ଟର ସବୁ କାଗଜପତ୍ର ଓ ଏଟିଏମ କାର୍ଡ ସେଟଙ୍କ ପାଖରେ ମହଜୁଦ ଅଛି। ଏନେଇ ହେମଗିର ଥାନାରେ ଏକ ମାମଲା (ନଂ.୧୨୩/୧୮) ରୁଜୁ ହୋଇଛି। ପୋଲିସ ଏଦିଗରେ ତଦନ୍ତ ଜାରି ରଖିଛି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଡ଼ଗାଁ, ୧୨।୧୦ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅଫିସ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ, ଶ୍ରବଣ ବାଧିତ, ଶାରୀରିକ ଅକ୍ଷମମାନଙ୍କୁ ଡାକ୍ତରୀ ପରୀକ୍ଷା କରି ପ୍ରମାଣପତ୍ର ଦିଆଯାଇଥିଲା। ସୁନ୍ଦରଗଡ଼ ଡାକ୍ତରଖାନାର ଡାକ୍ତର ପ୍ରଫୁଲ୍ଲ କୁମାର ନାଏକ, ଡା. ଦୀପକ ପ୍ରଧାନ, ଡା. ରଶ୍ମି ପାଲଟାସିଂ, ଡା. ଶଶି ଶେଖର ସେଠ ଦିବ୍ୟାଙ୍ଗ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରମାଣପତ୍ର ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସପନ କୁମାର ଢ଼ାଲି, ବୈଷ୍ଣବ ଭୈସାଲ, ଦୈତାରୀ ନାଏକ ଲିଲିମା ରାଣୀ ଧମେଲ, ଗ୍ରାମ ରୋଜଗାର ସେବକ ଅନୁ ନାୟକ, ବିଆରଟି ଜଗତପାଲ ସିଂ ନିନା, ଅଙ୍ଗନୱାଡି କର୍ମୀ ଗୌରୀ ପଟେଲ, ଜ୍ୟୋସ୍ନାଲତା ଭୈସାଲ, ସସ୍ମିତା ନେଗୀ, ଲିଲି ହେମ୍ବ୍ରମ, ରାଜ କୁମାରୀ ବଘାର, ତୁଲେଶ୍ୱରୀ ସା, ଯଶୋବନ୍ତି ଭିତ୍ରିଆ, କରୁଣା ଛତ୍ରିଆ, କାଉଣ୍ଟରରେ ରେଜିଷ୍ଟ୍ରେସନ କାର୍ଯ୍ୟ ତୁଲାଇଥିଲେ। ବଡଗାଁ ସ୍କାଉଟ ଗାଇଡର ପିଲାମାନେ ଦିବ୍ୟାଙ୍ଗମାନଙ୍କୁ ସେବା ଯୋଗାଇଥିଲେ। ପୂର୍ବାହ୍ନରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ଶିବିରକୁ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏବିଡିଓ ଚୋକା ଓରାମ, ଜିପିଓ ମୁକ୍ତେଶ୍ୱର ସା, ଡବ୍ଲୁଇଓ ଅମୂଲ୍ୟ କୁମାର ବେହେରା ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଅମ୍ବିକା ନାଏକଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।



ଜଣେ ଦିବ୍ୟାଙ୍ଗଙ୍କୁ ସ୍କାଉଟ ଗାଇଡ ପିଲା ଡାକ୍ତରଙ୍କ ପାଖକୁ ନେଉଛନ୍ତି।

# ଅନ୍ତର୍ଜାତୀୟ କନ୍ୟା ଦିବସ ପାଳିତ

- ୧୦ଜଣ କୃତୀ ପ୍ରତିଯୋଗୀ ପୁରସ୍କୃତ

**ସୁନ୍ଦରଗଡ଼, ୧୨।୧୦ (ଡି.ଏନ୍.ଏ)**

ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। କନ୍ୟା ସନ୍ତାନର ସୁରକ୍ଷା, ଶିକ୍ଷା ଏବଂ ସଶକ୍ତିକରଣକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖରେ ଏହି ଦିବସ ଜାତିସଂଘର ଅନୁମୋଦନ ଲାଭ କରି ୨୦୧୨ ମସିହରୁ ପାଳନ କରାଯାଇ ଆସୁଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷଠାରେ ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଛାତ୍ରୀ, ଛାତ୍ରଙ୍କ ମଧ୍ୟରେ ତର୍କ, କୁଇଜ୍ ଆଦି ପ୍ରତିଯୋଗିତାର ୧୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିସିଆଣ୍ଡ ପିଏନ୍‌ଡିଟି ଆକ୍ଟର ନୋଡାଲ ଅଫିସର ଡା. ଶଶାଙ୍କ ଶେଖର ଚୌଧୁରୀ ଏହି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜାତୀୟସ୍ୱାସ୍ଥ୍ୟ ମିଶନର ପରିଚାଳକ ଦୀପକ ମହାନ୍ତି, ଡିଡିଏମ୍ ବିନୟ ବନଛୋର, ଅଶ୍ୱିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହପରିଚାଳକ ବୁଧ ରଞ୍ଜନ ଭୋଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବବୁଲ କୁମାର ଲାକ୍ରା ଧନ୍ୟବାଦ ଦେଇଥିଲେ।




ସୁନ୍ଦରଗଡ଼ରେ ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ ଅବସରରେ ମଞ୍ଚାସୀନ ମୁଖ୍ୟଚିକିତ୍ସାଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ କର୍ମଚାରୀ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୩ ଅକ୍ଟୋବର, ୨୦୧୮



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### କୈବର୍ତ୍ତ ସମାଜ ବୈଠକ

କିର୍ମିରା,୧୨।୧୦(ଡି.ଏନ୍.ଏ.)- କିର୍ମିରା ବ୍ଲକ ଅର୍ଡା ଗ୍ରାମରେ କୈବର୍ତ୍ତ ସମାଜର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଲଇକେରା, କିର୍ମିରା, କୋଲାବିରାର ପ୍ରତିନିଧି ଯୋଗଦେଇଥିଲେ। ଅର୍ଡା ଆଞ୍ଚଳିକ କମିଟି ସଭାପତି ଶୁକ୍ରୁ ସେଟ ସଭାପତିତ୍ୱ କରିଥିଲେ। ଟେକଚାନ୍ଦ ବଢ଼େଇ, ଯୁଧିଷ୍ଠିର ବାରିକ, ଆଲୋକ ସେଟ, କ୍ଷୀରୋଦ୍ର ସେଟ, ଚୌରାହର ସା, କରୁଣାକର ସେଟ, ବସନ୍ତ ବାହୁକ, ଚିନ୍ତାମଣି ନାୟକ, ଗୁରୁ ତନସେନା, ସୁଦର୍ଶନ ତନସେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ରାଶନ ବଣ୍ଟନ

କିର୍ମିରା,୧୨।୧୦ (ଡି.ଏନ୍.ଏ.) ବନ୍ଧପାଲି ପଞ୍ଚାୟତରେ ନୂତନ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସରପଞ୍ଚ ମଞ୍ଜୁଳତା ପଟେଲ, ସାମାଜିକ କର୍ମୀ ସଞ୍ଜୟ ପଟେଲ ଏବଂ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ରହି ହିତାଧିକାରୀଙ୍କୁ ଚାଉଳ ଓ ଗହମ ବଣ୍ଟନ କରିଥିଲେ।

# ବର୍ଷାକୁ ଚାହିଁ ବସିଥିଲେ, ଧୋକାଦେଲା ତିତ୍ଲି

ଝାରସୁଗୁଡ଼ା ଅଫିସ,୧୨।୧୦

ତିତ୍ଲି ପ୍ରଭାବରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା। ହେଲେ ଝାରସୁଗୁଡ଼ା ଜିଲାରେ ବୁନ୍ଦାଏ ବି ବର୍ଷିଲାନି। ଜିଲା ମରୁଡ଼ି ଦିଗକୁ ଗତି କରୁଥିବା ବେଳେ ତିତ୍ଲିର ପୂର୍ବାନୁମାନରୁ ଜିଲାବାସୀ ଅସରାଏ ଭଲ ବର୍ଷା ଆଶା କରୁଥିଲେ। ତିତ୍ଲି ଆସି ଫେରିଯିବାକୁ ବସିଲାଣି, ଅଥଚ ଜିଲାରେ ବୁନ୍ଦାଏ ହେଲେ ବର୍ଷା ନ ହେବା ଚାଷୀଙ୍କୁ ନିରାଶ କରିଛି। ତିତଲି ଧୋକା ଦେଲା ବୋଲି ଚାଷୀମାନେ କହିବା ଆରମ୍ଭ କଲେଣି। ତିତ୍ଲି ପ୍ରଭାବରେ ଓଡ଼ିଶାର ଅଧିକାଂଶ ଜିଲାରେ ଉଣା ଅଧିକେ ବର୍ଷା ହୋଇଛି। ଏବେ ଏହା ଦୁର୍ବଳ ହୋଇ ଅବପାତ ରୂପ ନେବା ପରେ ୧୫ ଜିଲାରେ ପ୍ରବଳ ବର୍ଷା ଆକଳନ କରାଯାଇଛି। ହେଲେ ଏଥିରେ ଝାରସୁଗୁଡ଼ାର ନାଁ ନାହିଁ। ଏଭଳି ସ୍ଥିତିରେ ତିତ୍ଲି ଆଗମନରେ ବର୍ଷା ପାଇଁ ଆଶା ରଖିଥିବା ଚାଷୀଙ୍କୁ ପୁଣି ମୁଣ୍ଡରେ ହାତ ଦେଲେଣି। କେବଳ ଚାଷୀଙ୍କୁ ନୁହେଁ, ସାଧାରଣ ଲୋକ ଏବଂ ପ୍ରଶାସନ ମଧ୍ୟ ବର୍ଷା ଆଶା ରଖିଥିଲେ। ହେଲେ ତିତଲି ସମସ୍ତଙ୍କୁ ନିରାଶ କରିଛି ବୋଲି କୁହାଯାଉଛି। ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା ଧାନ ଚାଷ ପାଇଁ ବିପଦ ସାଜିଛି।

### ୧୫ରେ ମରୁଡ଼ି ସ୍ଥିତି ନେଇ ଜରୁରୀ ବୈଠକ



ବର୍ଷାଭାବରୁ ଧାନ କ୍ଷେତ ସବୁ ଶୁଖିଯାଇଛି।

ସେପ୍ଟେମ୍ବର ମାସର ସ୍ୱାଭାବିକ ବର୍ଷା ୨୧୦.୭ ମି.ମି ରେକର୍ଡ ଥିବାବେଳେ ଚଳିତବର୍ଷ ମାତ୍ର ୧୨୨.୨୬ ମି.ମି ବର୍ଷା ହୋଇଛି, ଯାହା ଧାନ ଫସଲକୁ ପ୍ରଭାବିତ କରିଛି। ବର୍ଷା ଅଭାବ ଏବଂ ଚକଡ଼ା ଭଳି ରୋଗପୋକ ଆକ୍ରମଣରେ ଝାରସୁଗୁଡ଼ା ଜିଲାର ଧାନ ଫସଲ ନଷ୍ଟ ହୋଇଯାଇଛି। ତିତଲି ପାଇଁ ଚାଷୀ ଯାହା ଆଶା ରଖିଥିଲେ ତାହା ବି ଧୂଳିସାତ ହୋଇଯାଇଛି। ଏବେ କେବଳ ମରୁଡ଼ି ଆକଳନ ଏବଂ କ୍ଷତିପୂରଣ ପ୍ରଦାନକୁ ଚାଷୀଙ୍କ ଅପେକ୍ଷା। ଜିଲାରେ ପ୍ରାୟ ୪୦ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥିଲା। ଏବେସୁଦ୍ଧା ଜିଲାର ୧୨ ହଜାରରୁ ଅଧିକ ହେକ୍ଟର ଚାଷଜମି ମରୁଡ଼ି କବଳିତ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାଯାଇଛି। ଆଗକୁ ଏହି ପରିମାଣ ଆହୁରି ବୃଦ୍ଧି ପାଇବ ବୋଲି ମଧ୍ୟ କୃଷି ବିଭାଗ ଅନୁମାନ କରୁଛି।

ଜିଲାର ମରୁଡ଼ି ସ୍ଥିତି ନେଇ ସବୁ ସ୍ତରର ଲୋକ ଚିନ୍ତିତ ହୋଇପଡ଼ିଛନ୍ତି। ଚାଷୀଙ୍କୁ ଉଦ୍ଧାର କରିବା ପାଇଁ କୃଷି ବିଭାଗ ନିଜ ପକ୍ଷରୁ ତତ୍ପରତା ପ୍ରକାଶ କରିଛି। ଜିଲାରେ ସମ୍ଭାବ୍ୟ ମରୁଡ଼ି ସ୍ଥିତି ନେଇ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି, ଗତ ସେପ୍ଟେମ୍ବର ମାସରେ ଆଶାଜନକ ବର୍ଷା ହୋଇନାହିଁ। ସେଥିପାଇଁ ଡିପ ଜମି ପ୍ରଭାବିତ ହୋଇଛି। ସାମୁଦ୍ରିକ ଝଡ଼ ତିତଲି ପ୍ରଭାବରେ ଜିଲାରେ ବର୍ଷା ହେବ ବୋଲି ଆଶା କରାଯାଉଥିଲା। ହେଲେ ବର୍ଷା ହେଲାନାହିଁ। ତେଣୁ କ୍ଷୟକ୍ଷତି ଆକଳନ ପାଇଁ ରାଜସ୍ୱ ଓ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସୋମବାର ମରୁଡ଼ି ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ନବ କିଶୋର ଦାସ କହିଲେ, ଜିଲାରେ ସାଂଘାତିକ ମରୁଡ଼ି ସ୍ଥିତି ଉପୁଜିଥିବା ସୂଚନା ମିଳିଛି। ତୁରନ୍ତ ଏହାର ଆକଳନ ପାଇଁ ସମସ୍ତ ତହସିଲଦାରଙ୍କୁ ଅବଗତ କରାଯିବା ସହ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ମରୁଡ଼ି ସହାୟତା ପ୍ରଦାନ ପାଇଁ ଦାବି କରିବି।

## ମାଓବାଦୀ ସମର୍ଥକଙ୍କଠାରୁ ବିସ୍ଫୋରକ ସାମଗ୍ରୀ ଜବତ

ଭବାନୀପାଟଣା,୧୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ଉର୍ଲାଦାନୀ ଅଞ୍ଚଳରେ ଗତ ଗୁରୁବାର ସିଆର୍ପିଏଫ୍ ଯବାନମାନେ ଗୋଇନ୍ଦା ସୂତ୍ରରୁ ଖବର ପାଇ ଧରପଗଡ କରିଥିଲେ। ସିଆର୍ପିଏଫ୍ ୬୪ ବଟାଲିୟନର ଯବାନମାନେ ମ.ରାମପୁର ଥାନା ଅନ୍ତର୍ଗତ ଉର୍ଲାଦାନୀ ପଞ୍ଚାୟତର ନୂଆମୁଣ୍ଡା ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସିଆର୍ପିଏଫ୍ ଯବାନମାନଙ୍କୁ କୌଣସି ସଫଳତା ମିଳି ନ ଥିଲା । ତେବେ ଗୋଇନ୍ଦା ପକ୍ଷରୁ ନିର୍ଦ୍ଦିଷ୍ଟ ପ୍ରମାଣ ମିଳିବା ପରେ ସିଆର୍ପିଏଫ୍ ଯବାନମାନେ ନୂଆମୁଣ୍ଡା ଅଞ୍ଚଳରେ ବିଭିନ୍ନ ମାଓବାସୀ ସମର୍ଥକଙ୍କ ଘର ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ମାଓବାଦୀ ସମର୍ଥକଙ୍କ ନିକଟରୁ ୨୭୨ଟି ଇଲେକ୍ଟ୍ରିକ୍ ଡିଟୋନେଟର, ୪୧୦ଟି ଜିଲେଟିନ୍ ଟ୍ୟୁବ୍ ଏବଂ ଗୋଟିଏ ଏକ୍ସପ୍ଲୋସିଭ୍ ପ୍ଲାଷ୍ଟର ସୁଇଚ୍ ଜବତ କରିଥିଲେ। ସିଆର୍ପିଏଫ୍ ପକ୍ଷରୁ ଏହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ବର୍ତ୍ତମାନ ମଧ୍ୟ ଜାରି ରହିଥିବା ଖବର ମିଳିଛି ।

### ନବରାତ୍ରରେ ବାଟମଙ୍ଗଳା ଓ ନବଦୁର୍ଗା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

## ସାର୍ବଜନୀନ ପୂଜା ପାଇଁ ୪ ମଣ୍ଡପରେ ପ୍ରସ୍ତୁତି

ବେଲପାହାଡ଼,୧୨।୧୦(ଡି.ଏନ୍.ଏ.)

ଗତ ୩ଧରି ଧରି ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବାଟମଙ୍ଗଳା ଓ ନବଦୁର୍ଗା ମନ୍ଦିରରେ ଦେବୀ ଦୁର୍ଗାଙ୍କ ନବରାତ୍ର ପୂଜା ଚାଲିଛି। ଏଥିପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟ ମନ୍ଦିର ଘଣ୍ଟ ବାଦ୍ୟ ଓ ମନ୍ତ୍ରପାଠରେ ପ୍ରକମ୍ପିତ ହେଉଛି। ବିଶେଷକରି ସନ୍ଧ୍ୟା ଆଳତି ସମୟରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଅଧିକ ଭିଡ଼ ଜମୁଛି। ମଙ୍ଗଳବାରଠାରୁ ବାଟମଙ୍ଗଳା ମନ୍ଦିର ଏବଂ ବୁଧବାରରୁ ନବଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଉଭୟ ମନ୍ଦିରରେ ମା' ଶୈଳପୁତ୍ରୀ, ମା' ବ୍ରହ୍ମଚାରିଣୀ, ମା' ଚନ୍ଦ୍ରଘଣ୍ଟା ଓ ମା' କୁଷ୍ମାଣ୍ଡାଙ୍କ ପୂଜା ସମ୍ପନ୍ନ ହୋଇସାରିଛି। ଶନିବାରଠାରୁ ବୁଧବାର ପର୍ଯ୍ୟନ୍ତ ମା' ସ୍କନ୍ଦମାତା, ମା' କାତ୍ୟାୟନୀ, ମା' କାଳରାତ୍ରୀ, ମା' ମହାଗୌରୀ ଓ ମା' ସିଦ୍ଧିଦାତ୍ରୀଙ୍କ ପୂଜା ଅନୁଷ୍ଠିତ ହେବ। ମନ୍ଦିରଗୁଡ଼ିକରେ ନବରାତ୍ର ପୂଜା ଚାଲିଥିବା ବେଳେ ଅଞ୍ଚଳର ବିଭିନ୍ନ ପୂଜା ଅନୁଷ୍ଠାନ ମଣ୍ଡପରେ ସାର୍ବଜନୀନ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ବେଲପାହାଡ଼ ଫାଟକ, ଷ୍ଟେଶନ, ଗୁମାଡେରା ବଜାର ଓ ଟିଆର୍ଏଲ୍ ପୂଜା କମିଟି ପକ୍ଷରୁ ମଣ୍ଡପ ଓ ତୋରଣ ନିର୍ମାଣ କାର୍ଯ୍ୟ ଜାରି ରହିଛି। କାରିଗରମାନେ ରାତିଦିନ କାମରେ ଲାଗିଛନ୍ତି। ପୂର୍ବବର୍ଷ ଭଳି ଚଳିତବର୍ଷ ୫ଦିନ ଧରି ଷ୍ଟେଶନ ପୂଜା କମିଟି ପକ୍ଷରୁ ବାଣିଜ୍ୟମେଳା ଆୟୋଜିତ ହେବ। ଟିଆର୍ଏଲ୍ ଏମ୍ପ୍ଲଇଜ ପୂଜା କମିଟି ପକ୍ଷରୁ ଷ୍ଟାଡିୟମରେ ଏବଂ ଫାଟକ ପୂଜା କମିଟି ପକ୍ଷରୁ ଶନିବାର ସାପ୍ତାହିକ ହାଟ ନିକଟରେ ଦଶମୀ ଦିନ ରାବଣପୋଡ଼ି ଉତ୍ସବ ଆୟୋଜନ କରାଯିବ। ଏଥିସହିତ ତିନୋଟି ପୂଜା କମିଟି ଷ୍ଟେଶନ, ଫାଟକ ଓ ଟିଆର୍ଏଲ୍ ପକ୍ଷରୁ ୫ ଦିନ ଧରି ଓଡ଼ିଆ ଅପେରା ଆୟୋଜିତ ହେବ। ଅନ୍ୟପକ୍ଷରେ ନବରାତ୍ର ପୂଜା ଚାଲିଥିବା ସମୟରେ ପ୍ରତ୍ୟେକ ଦିନ ରାତି ସାଢ଼େ ୯ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଏକ ଘଣ୍ଟା ଧରି ଅଞ୍ଚଳରେ ବିଦ୍ୟୁତ କାଟ କରାଯାଉଛି। ଆଗକୁ ରାତି ସମୟରେ ବିଦ୍ୟୁତ କାଟ ଜାରି ରହିଲେ ବିଭିନ୍ନ ସମସ୍ୟା ସୃଷ୍ଟି ହେବାର ଆଶଙ୍କା କରାଯାଉଛି।



ବେଲପାହାଡ଼ ଷ୍ଟେଶନ ପୂଜା କମିଟି ପକ୍ଷରୁ ମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲିଛି।

### କୋଲାବିରାଠାରେ ସ୍ୱାଭିମାନ ସମାବେଶ

## 'ପରମ୍ପରା ଭଙ୍ଗକୁ ବରଦାସ୍ତ କରାଯିବ ନାହିଁ'

କୋଲାବିରା,୧୨।୧୦ (ଡି.ଏନ୍.ଏ.)

ଜୟପୁର ଇଷ୍ଟେଟର ପାରମ୍ପରିକ ତଥା ପ୍ରସିଦ୍ଧ ବଏଲ ଯାତ୍ରାରେ ଦେଖାଦେଇଥିବା ବିଭ୍ରାଟକୁ ବରଦାସ୍ତ କରାଯିବ ନାହିଁ। ଦରକାର ହେଲେ ତୀବ୍ର ଆନ୍ଦୋଳନ କରାଯାଇ ହକ୍ ପାଇଁ ଲଢ଼େଇ କରାଯିବ ବୋଲି ସମ୍ମିଳିତ ଆଦିବାସୀ ସମାଜ ଏବଂ ଗୋଁଣ୍ଡୱାନା ଗୋଁଣ୍ଡ ସମଜ ପକ୍ଷରୁ ଚରମ ଚେତାବନୀ ଦିଆଯାଇଛି। କୋଲାବିରା ବୀର କରୁଣାକର ସିଂହ ନାଏକ ସ୍ମୃତି କମିଟି, ଝାରସୁଗୁଡ଼ା ସମ୍ମିଳିତ ଆଦିବାସୀ ସମାଜ ଏବଂ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ମିଳିତ ଆୟୋଜନରେ କୋଲାବିରା ଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ସ୍ୱାଭିମାନ ସମାବେଶରେ ଅତିଥିମାନେ ଏଭଳି ମତ ପ୍ରକାଶ କରିଥିଲେ। ଆଦି କାଳରୁ ଚଳିଆସୁଥିବା ପରମ୍ପରାକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଭାଙ୍ଗିବାକୁ ବସିଛନ୍ତି। ତାହା କେବେହେଲେ ସମ୍ଭବ ହେବ ନାହିଁ। ଆଜିପର୍ଯ୍ୟନ୍ତ କୋଲାବିରା ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ଯାନିଯାତ୍ରା, କାଳିଶୀ ଯାତ୍ରା ସାର୍ବଜନୀନ ଭାବେ ହୋଇ ଆସୁଥିବାବେଳେ ଚଳିତବର୍ଷ ଗୋଟିଏ ପରିବାର ମଧ୍ୟରେ ବଏଲଯାତ୍ରାକୁ ସୀମିତ ରଖିବାକୁ ଉଦ୍ୟମ କରାଯାଇ କର୍ତ୍ତା, ରାଜ ପୁରୋହିତ ତଥା ଅନ୍ୟ ସେବାୟତଙ୍କୁ ଅବହେଳା କରାଯାଉଛି। ଏପରି କାର୍ଯ୍ୟକୁ କଦାପି ବରଦାସ୍ତ କରାଯିବ ନାହିଁ। କୋଲାବିରା ଜମିଦାର ଗୋଁଣ୍ଡ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ବଂଶଜଙ୍କୁ ନ୍ୟୁନ ଭାବିବା ଅପରାଧ। ଏପରି ଆଚରଣ ଯୋଗୁ ପୂରା ସମାଜ ମର୍ମାହତ। ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସମାଜ ପ୍ରସ୍ତୁତ ବୋଲି ସଭାରେ ଯୋଗ ଦେଇଥିବା ଅତିଥିମାନେ କହିଥିଲେ। ଏପରିକି ଚଳିତବର୍ଷ ବଏଲଯାତ୍ରାରେ କର୍ତ୍ତା ଭାବରେ ଜମିଦାର ବଂଶଜଙ୍କୁ ଗ୍ରହଣ କରା ନ ଗଲେ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଓଡ଼ିଶା ପ୍ରଦେଶ ସଭାପତି ମହେନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ମିଳିତ ଆଦିବାସୀ ସମାଜ ଓ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଝାରସୁଗୁଡ଼ା ଜିଲା ସମ୍ପାଦକ ପ୍ରଭାକର ଓରାମ, କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ବରିଷ୍ଠ ନାଗରିକ ବୀରେନ୍ଦ୍ର ମହାପାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେୱାର ସମ୍ପାଦକ ସୁଶିଲ କୁମାର ଦାସ, ଜୟପୁର ଇଷ୍ଟେଟ କମିଟି ଉପସଭାପତି ନବୀନ ଚନ୍ଦ୍ର ନାଏକ, ସଭ୍ୟ ନରେନ୍ଦ୍ର ଭୋଇ, ଗୋବିନ୍ଦ ଚନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ବଏଲଯାତ୍ରାକୁ ନେଇ ସେବାୟତ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘଦିନରୁ ମତାନ୍ତର ଲାଗିରହିଛି। ତେବେ ଚଳିତବର୍ଷ ସେବାୟତମାନେ ନିଜସ୍ୱ ଉଦ୍ୟମରେ କାଳିଶୀ ବାହାର କରି ବଏଲଯାତ୍ରା କରିବାକୁ ପ୍ରଶାସନ ନିକଟରେ ଦାବି ରଖିଥିଲେ। ଏଥିରେ ପ୍ରଶାସନ ରାଜି ହେବା ସହ ତାଙ୍କୁ ନୀତି ଅନୁଯାୟୀ ବଏଲଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଗତ ୮ ତାରିଖ ବଏଲଯାତ୍ରାର ଆଦ୍ୟ ପର୍ବ ଅମାବାସ୍ୟା ବଏଲରେ ସେବାୟତଙ୍କ ପକ୍ଷରୁ ବ୍ୟାପକ ବ୍ୟତିକ୍ରମ ହୋଇଥିବା ପରିଲକ୍ଷିତ ହୋଇଥିଲା। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।




ସ୍ୱାଭିମାନ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ।

## ବିଦ୍ୟୁତ୍ କାଟ ବିରୋଧରେ ଦାବିପତ୍ର

ଝାରସୁଗୁଡ଼ା ଅଫିସ,୧୨।୧୦

ବିଦ୍ୟୁତ କାଟ ବିରୋଧରେ ଝାରସୁଗୁଡ଼ା ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଆଡ଼ମ୍ବରରେ ଦୁର୍ଗାପୂଜା ପାଳନ କରାଯାଉଥିବା ବେଳେ ବିଦ୍ୟୁତ କାଟ ନ କରିବାକୁ ଦାବି କରାଯାଇଛି। ସେହିପରି ପୂଜା ଭିଡ଼ ସମୟରେ ବିଦ୍ୟୁତ କାଟ ଚୋରି ଏବଂ ଲୁଟ୍ ପାଇଁ ସୁବିଧା ହେବ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଛିନତାଇରେ ମାତିବେ। ତେଣୁ ବିଦ୍ୟୁତ କାଟ ନ କରିବାକୁ ଜିଲାପାଳଙ୍କୁ ପିଣ୍ଟୁ ପାଢ଼ୀ, ନରେଶ ଶତପଥୀ, ସତୀଶ ନନ୍ଦ, ଲଳିତ ପଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ନଭେଲି ଲିଗ୍ନାଇଟ୍କୁ ବିରୋଧ : ଉଦ୍ଘାଟନୀ କାର୍ଯ୍ୟକ୍ରମରୁ ଉଠାଇନେଲେ ଚଉକି

ଝାରସୁଗୁଡ଼ା ଅଫିସ,୧୨।୧୦

ନଭେଲି ଲିଗ୍ନାଇଟ୍ କର୍ପୋରେଶନ (ଏନ୍ଏଲ୍ସି) ସ୍ଥାପନ ପୂର୍ବରୁ ବିରୋଧାଭାସ ଦେଖିବାକୁ ମିଳିଛି। ଶୁକ୍ରବାର ପାରିପାର୍ଶ୍ୱିକ ଉନ୍ନୟନ ଯୋଜନା ଅନ୍ତର୍ଗତ ରାପମୁର ଗାଁରେ ଏକ ଜଳ ବିଶୋଧନାଗାର ଉଦ୍ଘାଟନକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ବରଗଡ଼ ଏମ୍ପି ଡା. ପ୍ରଭାସ ସିଂ, ବିଧାୟକ ନବକିଶୋର ଦାସ, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ପାରିନାହାନ୍ତି। ସୂଚନାଯୋଗ୍ୟ, ତଲାବିରା କୋଇଲା ଖଣିକୁ ଭିତ୍ତିକରି ଖିଣ୍ଡା ଅଞ୍ଚଳରେ ନିର୍ମାଣ ହେବାକୁ ଯାଉଛି ଏନ୍ଏଲ୍ସି। ୩୨ଶହ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ତାପଜ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ହେବ। ଏଥିରେ ଖିଣ୍ଡା, ପତ୍ରାପାଲି, ରାମପୁର ଆଦି ଅଞ୍ଚଳର ଗାଁ ଏବଂ ଜମି ଅଧିଗ୍ରହଣ ହେବ। ଅଧିଗ୍ରହଣ ପୂର୍ବରୁ ୧୨ ଲକ୍ଷ ଟଙ୍କା ବ୍ୟୟରେ କମ୍ପାନୀ ପକ୍ଷରୁ ରାମପୁର ଗାଁରେ ଏକ ଜଳ ବିଶୋଧନ ପ୍ରକଳ୍ପ କରାଯାଇଥିଲା, ଯାହାର ଉଦ୍ଘାଟନ ଶୁକ୍ରବାର ହେବାର ଥିଲା। କିନ୍ତୁ ଜମି ଅଧିଗ୍ରହଣ ବଦଳରେ କ୍ଷତିପୂରଣ ସ୍ୱଷ୍ଟ ହୋଇ ନ ଥିବାରୁ ଗାଁ ଲୋକେ ଏହାକୁ ବିରୋଧ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ଉଦ୍ଘାଟନୀ କାର୍ଯ୍ୟକ୍ରମକୁ ଗାଁ ଲୋକଙ୍କୁ ଡକାଯାଇ ନ ଥିବାରୁ ଗାଁ ଲୋକେ ବିରୋଧ କରିଥିଲେ ବୋଲି ମଧ୍ୟ କୁହାଯାଉଛି। ତେବେ ଅତିଥିଙ୍କ ପାଇଁ ପକାଯାଇଥିବା ଚଉକି ଗାଁ ଲୋକେ ଉଠାଇ ନେଇଥିଲେ। ଶେଷରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ସେଠାରୁ ହଟାଇବା ପରେ ପ୍ରକଳ୍ପ ଉଦ୍ଘାଟନ କରାଯାଇଥିଲା।

## ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ଲଇକେରା,୧୨।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବାବୁଛିପିଡିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବୁଧବାର ୬ଷ୍ଠ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଆର୍ସିସି ବିଦେଶୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଲୋକେନ୍ଦ୍ର ରାଉତ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ସ୍ୱପ୍ନେଶ୍ୱର ନାଏକ ମୁଖ୍ୟବକ୍ତା, ସ୍କୁଲ ସଭାପତି ରତ୍ନସାଗର ନାଏକ, ପୂର୍ବତନ ସମ୍ପାଦକ ରୋହିତ କୁମାର ଭୋଇ, ସରପଞ୍ଚ ବୀଣାପାଣି ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଏବିଇଓ ଜନ୍ମେଜୟ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ବ୍ରଜକିଶୋର ସୁନାନୀ ମୁଖ୍ୟଅତିଥି, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଡିଳେଶ୍ୱର ବର୍ଗର୍ତ୍ତି ମୁଖ୍ୟବକ୍ତା, ସ୍କୁଲ ସଭାପତି ଏବଂ ସରପଞ୍ଚ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ବସନ୍ତ କୁମାର କଉଡ଼ିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ଯୁଗଳ କିଶୋର ପଟେଲ ସଂଯୋଜନା କରିଥିଲେ। କୁବେର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଛନ୍ତି।

### ଅଢ଼ାପଡ଼ା ପୀଠସ୍ତରୀୟ କୁଳତା ସମାଜ ନୂଆଁଖାଇ ଭେଟଘାଟ

## ସଙ୍ଗଠନ ସୁଦୃଢ଼ ହେଲେ ସଂସ୍କୃତି ବଞ୍ଚିବ

ଲଖନପୁର,୧୨।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଢ଼ାପଡ଼ା ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅଢ଼ାପଡ଼ା ପୀଠସ୍ତରୀୟ ବାବା ବିଶାଶହେ କୁଳତା ସମାଜ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ଏଥିରେ ଅଢ଼ାପଡ଼ା ପୀଠ ସଭାପତି ରଘୁମଣି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ମୁରାପୀଠ ସଭାପତି ରତନ ସାହୁ, ମୁଖ୍ୟବକ୍ତା ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଗୌତମ ପ୍ରଧାନ, ସମ୍ମାନିତ ଅତିଥି ସମ୍ବଲପୁର ଠେମେରା ପୀଠ କାର୍ଯ୍ୟକାରୀ ସଭାପତି ଯୋଗେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ ମହାଦେବ ପ୍ରଧାନ, କଦେଲପିଟା ପୀଠ ପୂର୍ବତନ ସଭାପତି କିଶୋର ପ୍ରଧାନ, ପୂର୍ବତନ ଜିଲା ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ଅଢ଼ାପଡ଼ାଗୁଡ଼ି ସଭାପତି ଉପେନ୍ଦ୍ର ଭୋଇ, ଉପସଭାପତି ଜୀବର୍ଦ୍ଧନ ପ୍ରଧାନ, ବାଗମୁଣ୍ଡା ବାରପାଲିଗୁଡ଼ି ସଭାପତି ଗିରୀଶ ଚନ୍ଦ୍ର ସାହୁ, ପଣ୍ଡରୀଗୁଡ଼ି ସମ୍ପାଦକ ସଞ୍ଜୀବ ସାହୁ, ପିପିଲିକାନୀ ସାତପାଲିଗୁଡ଼ି ସମ୍ପାଦକ ଭାଗବତ ସା, ବନ୍ଧବାହାଲ ରାମଚଣ୍ଡୀ ସଂଗଠନ ସଭାପତି ଭାଗୀରଥି ପ୍ରଧାନ, ରେମଣ୍ଡା ଉପଗୁଡ଼ି ସଭାପତି ନାରାୟଣ ପ୍ରଧାନ, କୁଡ଼ାଲୋଇ ଉପଗୁଡ଼ି ସଭାପତି କପିଳ ଭୋଇ, ବ୍ରଜରାଜନଗର ବିକାଶ ମଞ୍ଚ ସାଧାରଣ ସମ୍ପାଦକ ଦଶରଥ ପ୍ରଧାନ, ସାମାଜିକ କର୍ମୀ ଡା. ରାମଶରଣ ପ୍ରଧାନ, ଦେବାର୍ଚ୍ଚନ ସାହୁ, ଆନନ୍ଦ ବିଶି ପ୍ରମୁଖ ଯୋଗଦେଇଥିଲେ। ସନ୍ତୋଷ ପ୍ରଧାନ ଓ ବିଶ୍ୱନାଥ ଭୋଇ ମଞ୍ଚ ପରିଚାଳନା କରିଥିଲେ। ନବୀନ ଭୋଇ ସ୍ୱାଗତ ସଙ୍ଗୀତ ଗାନ ଓ ଦେବୀବନ୍ଦନା ପାଠ କରିଥିଲେ। ପ୍ରାରମ୍ଭରେ ସମାଜର ଇଷ୍ଟଦେବୀ ମା' ରାମଚଣ୍ଡୀଙ୍କ ନିକଟରେ ଶାନ୍ତିପାଠ ସହ ସମାଜର ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ବାବାଜୀ ପ୍ରଧାନ, ମୁକ୍ତେଶ୍ୱର ପ୍ରଧାନ ଓ ଗଙ୍ଗାଧର ପ୍ରଧାନ ପୂଜାକାର୍ଯ୍ୟ ତୁଲାଇଥିଲେ। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥିମାନେ ବକ୍ତବ୍ୟରେ କହିଥିଲେ, ସଂଗଠନ ସୁଦୃଢ଼ ହେଲେ ସମାଜର କଳା, ସଂସ୍କୃତି ଓ ଐତିହ୍ୟ ପରମ୍ପରା ଆଦି ବଞ୍ଚି ରହିବ। ଏଥିପାଇଁ ସାମୂହିକ ଉଦ୍ୟମ ଦରକାର। ନୂଆଁଖାଇ ପର୍ବ କୃଷିଭିତ୍ତିକ ଗଣପର୍ବ ହୋଇଥିଲେ ମଧ୍ୟ ସମସ୍ତଙ୍କୁ ଏକସୂତ୍ରରେ ବାନ୍ଧିରଖିବା ଏହାର ପରମ୍ପରା, ଐତିହ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାଜର ବରିଷ୍ଠ ସଦସ୍ୟ ଦାଶରଥି ପ୍ରଧାନ, କ୍ଷେତ୍ରୀ ଭୋଇ ଓ ଭାଗବତ ସାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସାମାଜିକ ସଂଗଠନ କାର୍ଯ୍ୟରେ ନାରୀଶକ୍ତିର ସହଭାଗିତା ରହିଛି। ଏନେଇ ସମାଜର ମହିଳା ସଦସ୍ୟା ମମତା ପ୍ରଧାନ, କଲ୍ୟାଣୀ ସା ଓ ବାସନ୍ତୀ ଭୋଇ ପ୍ରମୁଖ ନୂଆଁଖାଇ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀ ଭାବନା ଭୋଇ ଓ ଚେତନା ଭୋଇ ନୃତ୍ୟ ପ୍ରଦର୍ଶନ କରିଥିଲେ। ରୂପଧର ସାହୁ, ଗଜପତି ପ୍ରଧାନ, ବେଦବ୍ୟାସ ଭୋଇ, ଦୟାସାଗର ବଢ଼େଇ, ଯଦୁମଣି ବାରିକ, ଗଜପତି ନାୟକ, ଭୂତେଶ ପ୍ରଧାନ, ଆନନ୍ଦ ପ୍ରଧାନ, ରଞ୍ଜନ ଭୋଇ, ରବୀନ୍ଦ୍ର ପ୍ରଧାନ, ହୃଷୀକେଶ ଭୋଇ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୁରେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ସଂକ୍ଷେପରେ

### ଭୂମିକା ପକ୍ଷରୁ ନାଟ୍ୟ କର୍ମଶାଳା

**ବଲାଙ୍ଗୀର ଅଫିସ, ୧୨।୧୦:** ଅଗ୍ରଣୀ ସାଂସ୍କୃତିକ, ସାମାଜିକ ସଂଗଠନ ଭୂମିକା ପକ୍ଷରୁ ନାଟ୍ୟ କର୍ମଶାଳା ଆରମ୍ଭ ହୋଇଛି। ଏହି ନାଟ୍ୟକର୍ମଶାଳା ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ପରିସରରେ ଆଗାମୀ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବଲାଙ୍ଗୀରର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ୨୦ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। କର୍ମଶାଳାର ପ୍ରଶିକ୍ଷକଭାବେ ବିଶିଷ୍ଟ ମଞ୍ଚନାଟକ ବିଶେଷଜ୍ଞ, ଏନ୍ଏସ୍ଡିଆନ୍ ବିଶ୍ୱଜିତ ବିଶ୍ୱାସ ଯୋଗ ଦେଇଛନ୍ତି। କର୍ମଶାଳାର ଉଦ୍ଘାଟନ ପରେ ଭୂମିକା ସଭାପତି ରୁଦ୍ରଦେବ ପ୍ରଧାନ କର୍ମଶାଳା ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ବିଶ୍ୱାସଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟଶିଳ୍ପୀ ବ୍ରଜ ମୋହନ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଅବଦୁଲ ଜମାଲ ଖାନ୍, ସନାତନ ଠାକୁର ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ ଓ ଆତ୍ମପରିଚୟ ଓ ଆତ୍ମପ୍ରକାଶ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଶିବିରରେ ନାଟକ ବ୍ୟତୀତ ଅନେକ ଉପାଦେୟ ପ୍ରସଙ୍ଗ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ପିଲାମାନେ ଜୀବନର ବହୁ ଗୁରୁତ୍ୱପୂର୍ଣ୍ଣ କଥା ଏଠାରେ ଶିଖିବାକୁ ପାଇବେ ବୋଲି ବିଶ୍ୱାସ କହିଛନ୍ତି। ଭୂମିକାର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷଙ୍କ ସଇଁତଲା ଗସ୍ତ

**ସଇଁତଲା, ୧୨।୧୦(ଡି.ଏନ.ଏ.):** ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଶୁକ୍ରବାର ପୂର୍ବାହ୍ନରେ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗସ୍ତରେ ଆସିଥିଲେ। ବ୍ଲକ ରାଜୀବ ଗାନ୍ଧୀ ସଭା କକ୍ଷରେ ବ୍ଲକ ବିଜୁ ଯୁବ ବାହିନୀର ପଞ୍ଚାୟତସ୍ତରୀୟ ସମ୍ପାଦକ, କୋଷାଧ୍ୟକ୍ଷଙ୍କୁ ସେ ଦିଗଦର୍ଶନ ଦେଇଥିଲେ। ଯୁବ ବାହିନୀର କାର୍ଯ୍ୟ ତଥା ଗଠନ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ, ବିଡିଓ ଚିତ୍ତରଞ୍ଜନ ବନଗୁଲା, ଥାନା ଅଧିକାରୀ ଅବନୀ ସାହୁ, କ୍ଲଷ୍ଟର ଏଫଂର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ନାଏକ, ଜିଲା ସଂଯୋଜକ ଆର୍ତ୍ତତ୍ରାଣ ପାଢ଼ୀ, ରାଜେନ୍ଦ୍ର ଝାଙ୍କର, ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ ପଣ୍ଡା, ସୁରେଶ ପାତ୍ର, ଥବିର କାଲସାଏ, ବଂଶୀଧର ମେହେର, ଗ୍ରାମ ପଞ୍ଚାୟତ ଅଧିକାରୀ କିଶୋର ଚନ୍ଦ୍ର ମାନସିଂ, ଡ଼ବ୍ଲୁଇଓ ଗୌରୀ ଶଙ୍କର ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଗପୋକରେ ଉଜୁଡ଼ି ଯାଉଛି ଫସଲ

**ଅମରପାଲି, ୧୨।୧୦ (ଡି.ଏନ.ଏ.)**



ବୀରମହାରାଜପୁର ଅଞ୍ଚଳର ମେଣ୍ଡିଲିପାଲି ଗ୍ରାମର ଏକ ଚାଷ ଜମିରେ ରୋଗପୋକ ଲାଗି ଫସଲ ନଷ୍ଟ ହୋଇଛି।

**ବୀରମହାରାଜପୁର ବ୍ଲକ**

- ଶତାଧିକ ହେକ୍ଟର ଜମିର ଧାନ ଫସଲ ପ୍ରଭାବିତ
- କେବଳ ପଞ୍ଜୀକୃତ ଚାଷୀଙ୍କୁ ମିଳୁଛି କୀଟନାଶକ
- ସାଧାରଣ ଚାଷୀ ହତାଶ
- ସମସ୍ତ ଚାଷୀଙ୍କୁ ମାଗଣା କୀଟନାଶକ ଯୋଗାଣ ଦାବି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଅଞ୍ଚଳର ଚାଷ ଜମିରେ ଏବେ ରୋଗପୋକ ଲାଗିଛି। ଧାନ ଫସଲରେ ପତ୍ରପୋଡା, ମହିସା (ବ୍ଲାଷ୍ଟ), ପତ୍ରଛାଦା ସଡାରୋଗ, ପାନରୀ(ପତ୍ରକଟା) ଆଦି ରୋଗ ବ୍ୟାପକ ଭାବରେ ଲାଗିଥିବା ଦେଖାଯାଉଛି। ଶତାଧିକ ହେକ୍ଟର ଚାଷ ଜମିରେ ରୋଗପୋକ ମାଡିଯାଇ ଫସଲ ନଷ୍ଟ କରି ଦେଉଛନ୍ତି। ତେଣୁ ଚାଷୀ ହତାଶ ହୋଇ ପଡିଛି। ବୀରମହାରାଜପୁର ଅଞ୍ଚଳର ଅଧିକାଂଶ ଜମି ଅଣ ଜଳସେଚିତ। ତେଣୁ ଉକ୍ତ ଅଞ୍ଚଳର ଚାଷୀ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିଭର କରନ୍ତି। ଚଳିତ ବର୍ଷ ଠିକ ସମୟରେ ଆବଶ୍ୟକ ବର୍ଷା ହୋଇଥିବାରୁ ଉକ୍ତ ଅଞ୍ଚଳରେ ଭଲ ଫସଲ ହୋଇଥିଲା। ତେଣୁ ଚାଷୀ ଋଣ କରି ଭଲରେ ଧାନ ଫସଲର ଯତ୍ନ ନେବା ସହିତ ସାର ପ୍ରୟୋଗ କରିଥିଲା। ବର୍ତ୍ତମାନ ଖଣ୍ଡଗିରି, ହଜାରେଦଶ, ଲଲାଟ ଭଳି ଛୋଟ ଧାନଗୁଡିକ ଅମଳ ହେବାର ସମୟ ହେଲାଣି। ବଡ ଧାନ ଯଥା ପୂଜା, ହଜାରେ ଏକ, ତପସ୍ୱିନୀ, ମନସ୍ୱିନୀ, ଆଡଜିଏଲ ଭଳି ଧାନଗୁଡିକ ଆଉ କିଛିଦିନ ଭିତରେ କ୍ଷୀର ଢୋକିବା ଆରମ୍ଭ କରିବାର ସମୟ ହେଲାଣି। ମାତ୍ର ରୋଗପୋକ ଯୋଗୁଁ ଫସଲରେ ନା କ୍ଷୀର ଢୋକି ପାରୁଛି ନା ଧାନ ଫୁଲୁଚି। ଚାଷୀଙ୍କ ଅଭିଯୋଗ ମୁତାବକ ପତ୍ରପୋଡା ରୋଗ ଯୋଗୁଁ ଫସଲରେ ପତ୍ରର ଟିପି ପୋଡି ଯିବା ସହିତ ପତ୍ରର ଉଭୟ ପାର୍ଶ୍ୱ ଶୁଖି ଯାଉଛି। ମହିଷା (ବ୍ଲାଷ୍ଟ) ରୋଗ ଯୋଗୁଁ ପତ୍ରରେ ଆଖି ଭଳିଆ ଦାଗ ଦେଖାଯାଉଛି। ପତ୍ରକଟା ରୋଗ ଯୋଗୁଁ ଗଛ ଧଳା ହୋଇ ଯାଉଛି ଓ କେଣ୍ଡା ଧରି ପାରୁନାହିଁ। ଏପରିକି କିଛି ଧାନ ଗଛ ଶଢ଼ି ଯାଉଛି। ତେଣୁ ଆଉ ଅମଳ ହେବାର ସମ୍ଭାବନା ଦେଖାଯାଉ ନାହିଁ।

ରୋଗପୋକ ପାଇଁ କୀଟନାଶକ ଔଷଧ ମିଳୁ ନାହିଁ। ସରକାରଙ୍କ ତରଫରୁ କୀଟନାଶକ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳରେ ବିଭିନ୍ନ ସ୍ଥାନରେ କଳାବଜାରୀମାନେ ଏହାର ଫାଇଦା ନେଇ ଚଢ଼ାଦରରେ କୀଟନାଶକ ବିକ୍ରି କରୁଛନ୍ତି। ଏପରିକି ସେମାନେ ଏକ୍ସପ୍ୟାରି ଔଷଧ ଓ ନିମ୍ନମାନର କୀଟନାଶକ ଔଷଧ ବିକ୍ରି କରୁଛନ୍ତି। ମାତ୍ର ବିଭାଗ ପକ୍ଷରୁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏ ନେଇ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ରୋଗର କୀଟନାଶକ ଅଛି ବୋଲି କହିଛନ୍ତି। ମାତ୍ର ଚାଷୀଙ୍କ ଅଭିଯୋଗ ମୁତାବକ କୀଟନାଶକ ସମସ୍ତ ଚାଷୀଙ୍କୁ ଦିଆଯାଉ ନାହିଁ। ଯେଉଁ ଚାଷୀମାନେ ପଞ୍ଜିକୃତ ହୋଇଛନ୍ତି କେବଳ ସେମାନଙ୍କୁ ୫୦ପ୍ରତିଶତ ରିହାତିରେ ଦିଆଯାଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ସହିତ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯାଉଛି ବୋଲି ପ୍ରଚାର କରୁଛନ୍ତି। ମାତ୍ର ସାଧାରଣ ଚାଷୀଙ୍କ ପାଖରେ କୌଣସି ସୁବିଧା ଠିକରେ ମିଳୁ ନ ଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ରୋଗପୋକ ପାଇଁ କେବଳ ପଞ୍ଜୀକୃତ ଚାଷୀଙ୍କୁ କୀଟନାଶକ ଦିଆଯାଉଥିବା ବେଳେ ବୀରମହାରାଜପୁର ଅଞ୍ଚଳରେ ହାତଗଣତି କେତେକ ଚାଷୀ ଏହି ସୁବିଧା ପାଇବେ। ଅଧିକାଂଶ ଚାଷୀ କେବେ ପଞ୍ଜିକୃତ ହୋଇଥିଲା ତାହା ଜାଣି ନଥିବା ଅଭିଯୋଗ କରିଛନ୍ତି। ତେଣୁ ଧାନ ଫସଲରେ ରୋଗପୋକ ବ୍ୟାପିଥିବାର ଅବସ୍ଥା ଦେଖି ସମସ୍ତ ଚାଷୀଙ୍କୁ ମାଗଣାରେ କୀଟନାଶକ ବଣ୍ଟନ କରିବାକୁ ଦାବି ହେଉଛି।

### ଉପଖଣ୍ଡ ଡାକ୍ତରଖାନାରେ ଯୋଗଦେଲେ ୨ବିଶେଷଜ୍ଞ ଡାକ୍ତର

**ବୀରମହାରାଜପୁର, ୧୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଖାଲି ପଡିଥିବା ବିଶେଷଜ୍ଞ ପଦବୀ ମଧ୍ୟରୁ ଶୁକ୍ରବାର ଦୁଇଟି ପୂରଣ ହୋଇଛି। ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଭାଗର ଡା. ସତ୍ୟନାରାୟଣ ପାଣିଗ୍ରାହୀ ଏବଂ ଶିଶୁରୋଗ ବିଭାଗର ଡା. ରବିନ୍ଦ୍ର ନାଥପଣ୍ଡା କାର୍ଯ୍ୟରେ ଯୋଗଦେଇଛନ୍ତି। ଦୀର୍ଘଦିନରୁ ଉଭୟ ବିଶେଷଜ୍ଞ ପଦ ଖାଲି ରହିବା ଫଳରେ ଜନ ଅସନ୍ତୋଷ ଦେଖାଦେଇଥିଲା। ଏହି ପ୍ରସଙ୍ଗକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ତେବେ ଏଠାରେ ସୂଚନାଯୋଗ୍ୟ ଯେ, ଉକ୍ତ ଉପଖଣ୍ଡ ଡାକ୍ତରଖାନାରେ ମେଡିସିନ ଓ ସର୍ଜରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କେହି ବିଶେଷଜ୍ଞ ନଥିବାରୁ ଅଞ୍ଚଳବାସୀ ପ୍ରମୁଖ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାର ଦେଖିବାକୁ ମିଳୁଛି।

## ୧୦୮ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ବେଲପାହାଡ଼,୧୨।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ ଭତ୍ତା ତାଲିକାରେ ୧୦୮ ଜଣ ନୂଆ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଏହି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଓ ଉପାଧ୍ୟକ୍ଷା ଅନୁପମା ଭଇଁଷା ଭତ୍ତା ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ୨ ଜଣ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ। ପରେ ପୌର କର୍ମଚାରୀମାନେ ଅନ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁର୍ଗା ପୂଜା ପୂର୍ବରୁ ସମସ୍ତ ନୂତନ ଓ ପୁରୁଣା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ପୌରାଧ୍ୟକ୍ଷ ସାହୁ ପ୍ରକାଶ କରିଛନ୍ତି।



ବେଲପାହାଡ଼ ପୌରାଧ୍ୟକ୍ଷ ଓ ଉପାଧ୍ୟକ୍ଷା ଜଣେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

## ୧୪ରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଆଞ୍ଚଳିକ ସମ୍ମିଳନୀ

**ରାଉରକେଲା ଅଫିସ,୧୨।୧୦**



ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ସେକ୍ଟର-୫ ପାନ୍ଥନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଅକ୍ଟୋବର ୧୪ରେ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାକୁ ନେଇ ସେକ୍ଟର-୧୮ ସୋସିଆଲ ହୋମଠାରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ଅପରାହ୍ନରେ ପାନ୍ଥନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାମ୍ମୁଖ୍ୟର ରାଜ୍ୟ ସାଧାରଣ ସମ୍ପାଦକ ସୁବାସ ସିଂ, ରାଜ୍ୟ ଉପସଭାପତି ବୈଦ୍ୟନାଥ ଦାସ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସେଠୀ ଓ ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ସମାବେଶ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ନିର୍ମାଣ ଶ୍ରମିକ, ଘରୋଇ ଶ୍ରମିକ, ଅଟୋରିକ୍ସା ଚାଳକ, ଅଙ୍ଗନୱାଡି, ଆଶା କର୍ମୀ, ପାଚିକା, କୌଳିକ ବୃତ୍ତିଧାରୀ, ପଥପାର୍ଶ୍ୱ ବିକ୍ରେତାଙ୍କୁ ନେଇ ପ୍ରାୟ ୨ ହଜାର ପ୍ରତିନିଧି ଏଥିରେ ଯୋଗଦେବେ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ସୁବାସ ସିଂ କହିଥିଲେ ଯେ ନିର୍ମାଣ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା କରିଛନ୍ତି। ଏଥିରେ ୨୪ଲକ୍ଷ ୩୪ ହଜାର ହିତାଧିକାରୀଙ୍କୁ ପଞ୍ଜୀକୃତ କରାଯାଇଛି। ଏଯାବତ ୧୫ଲକ୍ଷ ଶ୍ରମିକଙ୍କୁ ୧୦୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏନେଇ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇପାରିଛି। ସେହିଭଳି ଅନ୍ୟ ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ନେଇ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ଏମାନଙ୍କୁ ପ୍ରାଥମିକ ସ୍ତରରେ ଦୁର୍ଘଟଣା, ଚିକିତ୍ସା, ଦିବ୍ୟାଙ୍ଗଙ୍କୁ ସ୍ୱତନ୍ତ୍ର ସହାୟତା ଆଦି ପ୍ରଦାନ କରିବାକୁ ସରକାର ଘୋଷଣା କରିଛନ୍ତି। ଏମାନଙ୍କ ନାମ ପଞ୍ଜୀକରଣ ନେଇ ଏବେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରେ କେନ୍ଦ୍ର ସରକାର ସହାୟତା କଲେ ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ସମସ୍ତ ସୁରକ୍ଷା ପାଇପାରନ୍ତେ ବୋଲି ସିଂ କହିଥିଲେ। ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଶିଳ୍ପ ସମୃଦ୍ଧ ଜିଲ୍ଲା ହୋଇଥିବା ବେଳେ ଏହି ଦୁଇ ଜିଲାର ଶ୍ରମିକଙ୍କ ସୁରକ୍ଷା ଓ କଲ୍ୟାଣ ନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଏଭଳି ସମାବେଶ କରାଯାଉଛି। ଏହାର ସଫଳତା ନେଇ ସିଂ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି।

## ମଉସାଙ୍କ ଫାର୍ସା ଚୋଟରେ ପୁତୁରା ମୃତ
### ଗାଁ ଲୋକଙ୍କ ପାଲଟା ଆକ୍ରମଣରେ ମଉସା ଗୁରୁତର

**ଲହୁଣୀପଡା, ୧୨।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁର୍ଡା ପଞ୍ଚାୟତ ହାତୀବାହାଲ ଗ୍ରାମରେ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାବେଳେ ତୁମୁଳକାଣ୍ଡ ଘଟିଛି। ମଉସାଙ୍କ ଫାର୍ସା ଚୋଟରେ ପୁତୁରା ଶିବ କିଷାନ (୨୮)ଙ୍କ ମୃତ୍ୟୁ ଘଟିଛି। ପାଲଟା ଆକ୍ରମଣରେ ହତ୍ୟାକାରୀ ମଉସା ମହରୀ କିଷାନ (୫୫) ଗୁରୁତର ହୋଇଛନ୍ତି। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ପୋଲିସ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାର ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

ହାତୀବାହାଲ ଗ୍ରାମର ଶିବଙ୍କ ମଉସା ମହରୀ ସହିତ ଝଗଡା ହୋଇଥିଲା। ଉଭୟଙ୍କ ମଧ୍ୟରେ ସମାଧାନ ନ ହେବାରୁ ଗୁରୁବାର ସନ୍ଧ୍ୟାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମସଭା ମାଧ୍ୟମରେ ସମାଧାନ ହୋଇଥିବାରୁ ଗ୍ରାମବାସୀ ଅର୍ଥଦଣ୍ଡ ଦେଇଥିଲେ। କିନ୍ତୁ ମହରୀ ଅର୍ଥ ଦଣ୍ଡକୁ ଗ୍ରହଣ କରି ନ ଥିଲେ। କହିଥିଲେ ଯେ, ଯଦି ମୋତେ ଅର୍ଥଦଣ୍ଡ କରାଗଲା ତେବେ ଶିବଙ୍କ ଭଉଣୀ ଅନ୍ୟ ଜାତିରେ ବାହା ହୋଇଛି ତାକୁ କେତେ ଜରିମାନା କରାଯାଇଛି। ଏହି ପ୍ରଶ୍ନ କରିବାକୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶିବଙ୍କ ଭାଇ ଯୁକ୍ତିତର୍କ କରୁଥିବାରୁ ଶିବ ବାରଣ କରିଥିଲେ। ଏଥିରେ ମହୁରୀ ଉତ୍କ୍ଷିପ୍ତ ହୋଇ ଏକ ଫାର୍ସାରେ ଶିବଙ୍କ ଭାଇକୁ ହାଣିବାକୁ ଯାଉଥିଲେ। ମାତ୍ର ଶିବଙ୍କ ଭାଇ ଖସି ପଳାଇବାବେଳେ ଶିବଙ୍କ ଗୋଡରେ ଫାର୍ସା ଚୋଟ ବାଜିଥିଲା। ଫଳରେ ଶିବଙ୍କୁ ମୁମୂର୍ଷୁ ଅବସ୍ଥାରେ ବଣାଇ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ମହରୀଙ୍କ ଏଭଳି ଅମାନୁଷିକ କାଣ୍ଡ ଦେଖି ଅନ୍ୟମାନେ ମହରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ, ପିଠିରେ ଶକ୍ତ ଆଘାତ ଲାଗିଥିବାବେଳେ ଡାହାଣ ଗୋଡକୁ ମଧ୍ୟ ହାଣି ଦେଇଛନ୍ତି। ଫଳରେ ଗୋଡ ଭାଙ୍ଗି ଯାଇଛି। ମହରୀଙ୍କ ଅବସ୍ଥା ଗୁରୁତର ରହିଛି। ଲହୁଣୀପଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



ଗୁରୁତର ମହରୀ କିଷାନ।

### ସୋନପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର ସଫଳତା

**ସୋନପୁର,୧୨।୧୦(ନି.ପ୍ର.)**

ଗୋଆର ଇସଲାମ କମ୍ୟୁନିଟି ହଲଠାରେ ଗତ ୬ ଓ ୭ ତାରିଖରେ ଆୟୋଜିତ ଜାତୀୟ ଓପନ କରାଟେ ଚାମ୍ପିୟନଶିପ୍‌ରେ ସୋନପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର ଖେଳାଳିଙ୍କୁ ସଫଳତା ମିଳିଛି। ସୋନପୁରର ଦୁଇ ଜଣଙ୍କୁ ସ୍ୱର୍ଣ୍ଣ, ଦୁଇ ଜଣଙ୍କୁ ରୌପ୍ୟ ଓ ତିନି ଜଣ ଖେଳାଳିଙ୍କୁ କାଂସ୍ୟ ପଦକ ମିଳିଛି। ବିଦ୍ୟାଳୟର କୋଚ୍ ସୁରଜ ପୁଝାରୀଙ୍କ ନେତୃତ୍ୱରେ ୭ ଜଣ ଖେଳାଳି ଏହି ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ରୋସନ ଦାସ ଓ ଅଜିତ ଗିରିଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା ବେଳେ ଦେବଦତ୍ତ ନାଏକ ଓ ଆକାଶ କ୍ଷେତି ରୌପ୍ୟ, ରୋସନ ସାହୁ, ଶକ୍ତିମାନ ମହାରଣା ଓ କନ୍ଦର୍ପ ଭାଇନା କାଂସ୍ୟ ପଦକ ଅର୍ଜନ କରି ଜିଲାକୁ ଗୌରବାନ୍ୱିତ କରିଛନ୍ତି।

## ଝାରସୁଗୁଡ଼ାରେ ସ୍ଥାପନ ହେଉ ହାଇକୋର୍ଟ ସ୍ଥାୟୀ ବେଞ୍ଚ

**ଝାରସୁଗୁଡ଼ା ଅଫିସ,୧୨।୧୦**



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପଶ୍ଚିମ ଓଡ଼ିଶାରେ ପ୍ରସ୍ତାବିତ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଝାରସୁଗୁଡ଼ାରେ ସ୍ଥାପନ କରିବାକୁ ଝାରସୁଗୁଡ଼ା ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଦାବି କରିଛି। ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗମନାଗମନ, ଯୋଗାଯୋଗ ଦୃଷ୍ଟିରୁ ଝାରସୁଗୁଡ଼ା ପ୍ରମୁଖ ସ୍ଥାନ ହୋଇଥିବାରୁ ହାଇକୋର୍ଟ ବେଞ୍ଚ ଏଠାରେ ସ୍ଥାପନ କରିବାକୁ ଦାବି ହୋଇଛି। ରେଳ ସଂଯୋଗ ଦୃଷ୍ଟିରୁ ଝାରସୁଗୁଡ଼ା ଜଙ୍କଶନ୍ ରାଜ୍ୟର ପ୍ରମୁଖ ସ୍ଥାନ ଅଟେ। ସେହିପରି ରାଜ୍ୟର ଦ୍ୱିତୀୟ ବିମାନବନ୍ଦର ଏଠାରେ ସ୍ଥାପନ ହୋଇସାରିଛି। ସଡ଼କ ପଥରେ ମଧ୍ୟ ଜିଲାକୁ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ରହିଛି। ତେଣୁ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଝାରସୁଗୁଡ଼ା ପ୍ରକୃଷ୍ଟ ସ୍ଥାନ ବୋଲି ଚାମ୍ବର ଅଫ କମର୍ସ ଦାବି କରିଛି। ଦାବିପତ୍ର ପ୍ରଦାନ ପାଇଁ ହୀରାଲାଲ ଲୋକଚନ୍ଦାନୀ, ବାଦଲ ଦାସ, ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋର, ଗୋପଳ ରାୟ ଅଗ୍ରୱାଲ, ଶୈଳେଶ ଗିଦୱାନୀ, ପୱନ ସୁଲତାନିଆ, ଶୁଭମ କେଜ୍ରିୱାଲ, ତରୁଣ ଜୈନ, ଗିରିଧାରୀ ଲାଲ ଭଟ୍ଟର ପ୍ରମୁଖ ଯାଇଥିଲେ।

### ଫଟୋରେ ଖବର





ସୁନ୍ଦରଗଡ଼ ଜିଲା ଲହୁଣୀପଡା ୟୁଜିୟୁପି ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିରକୁ ମୁଖ୍ୟ ଅତିଥି ଲହୁଣୀପଡା ବ୍ଲକ ଅଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। (ବାମ)। ଲହୁଣୀପଡା ବାଳିକା ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ ଛାତ୍ରୀମାନେ ଜଣେ ଦିବ୍ୟାଙ୍ଗଙ୍କୁ ଶିବିରକୁ ନେଉଛନ୍ତି।

## ସମଲେଶ୍ୱରୀ ଦୁଗ୍ଧ ସଂଘ ବୈଠକ ବାତିଲ

**ଅତାବିରା, ୧୨।୧୦ (ଡି.ଏନ.ଏ)**

ଗୋଶାଳା ସ୍ଥିତ ଓମଫେଡ ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ରଠାରେ ଶୁକ୍ରବାର ସମଲେଶ୍ୱରୀ ଦୁଗ୍ଧ ସଂଘର ୯୨ତମ ପରିଚାଳନା ପରିଷଦ ବୈଠକ ଆରମ୍ଭରୁ ହୋହଲ୍ଲା, ପାଟିତୁଣ୍ଡ ହେବାରୁ ବୈଠକକୁ ବାତିଲ କରାଯାଇଛି। ବୈଠକ ଆରମ୍ଭ ହେବା ମାତ୍ରେ ମାଲିଡିହି ସମିତି ସଭାନେତ୍ରୀ ପଦ୍ମାବତୀ ପଟେଲ ନିଜର ଲିଖିତ ଅଭିଯୋଗ ପଢ଼ିବା ଆରମ୍ଭ କରିଥିଲେ। ସଂଘ ସଭାପତି ଶତ୍ରୁଘନ ସାହୁ ହସ୍ତକ୍ଷେପ କରି ପରିଷଦର ନିୟମ ଅନୁସାରେ ସଭାକାର୍ଯ୍ୟ ଚାଲିବ ବୋଲି କହିଥିଲେ। କିନ୍ତୁ ଏହାକୁ ବିରୋଧ କରି କେତେକ ଡାଇରେକ୍ଟର ପାଟିତୁଣ୍ଡ ଆରମ୍ଭ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ସଂଘ ସଭାପତି ବୈଠକକୁ ବାତିଲ କରିଦେଇଥିଲେ। ଓମଫେଡ ଡିଜିଏମ ମାର୍କେଟିଂ ଶ୍ରମିତ କର ଭୁବନେଶ୍ୱରୀ, ଅରୁଣ ସିଂ କାରଖାନା ପରିଚାଳକ, ସମ୍ବଲପୁର ଡେରୀ ସାଧାରଣ ପରିଚାଳକ କେ. ନାରାୟଣ ମୂର୍ତ୍ତି, ଦୁଗ୍ଧ ଚାଷୀ ଅମ୍ବିକା ପ୍ରସାଦ ତ୍ରିପାଠୀ, ରବୀନ୍ଦ୍ର ଡୋରା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବୈଠକରେ ହୋହଲ୍ଲା କରିଥିବା ୫ଜଣ ପରିଚାଳନା ପରିଷଦ ସଭ୍ୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡିଛି।